
ମାର୍ଚ୍ଚ ୨୦୧୯ • ୩୦ ଟଙ୍କା
ଆମ ମାଟିର ସ୍ୱର



New Product
HDPE Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
Agriculture / Irrigation / Industries / Domestic
SAVE WATER!
WATER IS LIFE.
Ohm PVC Pipes
HDPE Pipes
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# ରେବତୀ
## ଆମ ମାଟିର ସ୍ୱର

# REBATI AMA MATIRA SWARA

*(a family feature monthly odia magazine on life & literature)*

ପ୍ରଥମ ବର୍ଷ : ୬ଷ୍ଠ ସଂଖ୍ୟା, ମାର୍ଚ୍ଚ, ୨୦୧୯ ■ Vol-1, Issue-6, March, 2019



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

■

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

■

ଅଳଂକରଣ ବିଭାଗ

- ଚିତ୍ରକଳା : ଡକ୍ଟର ରଂଜନ ମଲ୍ଲିକ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

■

ସମ୍ପାଦକୀୟ କାର୍ଯ୍ୟାଳୟ | **Editorial Office**
ସମ୍ପାଦିକା : ରେବତୀ | Editor : **Rebati Ama Matira Swara**
ଓ.ଟି. ରୋଡ୍, ବାଲେଶ୍ୱର | O.T. Road, Balasore
ପିନ୍- ୭୫୬୦୦୧ | Pin - 756001, Odisha
ଫୋନ୍ : ୯୪୩୭୦୮୦୦୦୩ | Phone : 9437080003
୭୦୦୮୮୪୫୯୨୦ | 7008845920
E-mail : rebati.rebati2018@gmail.com

ମତ-ଅମତ




## ପରିବାର ଉପଯୋଗୀ ପତ୍ରିକା

● ଆପଣଙ୍କ 'ରେବତୀ' ପରି ସମକକ୍ଷ ଓଡ଼ିଶାରେ କୌଣସି ପତ୍ରିକା ନାହିଁ । ଅତି ମସୃଣ କାଗଜ ସାଙ୍ଗକୁ ଉପାଦେୟ ଆଲେଖ ଆଉ ଆକର୍ଷଣୀୟ ଛବି, ପତ୍ରିକାଟିକୁ ପରିବାର ଉପଯୋଗୀ କରିପାରିଛି । ଆପଣ ପାଠକଙ୍କ ମନଜାଣି ପତ୍ରିକାର ମୂଲ୍ୟ ମାତ୍ର ତିରିଶ୍ ଟଙ୍କା ରଖିଛନ୍ତି । ଏ ଅବଦାନ କେବଳ ହୃଦୟବାନ ବ୍ୟକ୍ତି ହିଁ କରିପାରେ ଆଉ ହୃଦୟଥିବା ମମତାମୟୀ, ସ୍ନେହମୟୀ ନାରୀଟିଏ ହିଁ କରିପାରେ । ମୁଁ ଆପଣଙ୍କ ପରିବାର ପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ମଙ୍ଗଳ କାମନା କରୁଛି । 'ରେବତୀ' ଏହି ଅବସ୍ଥାରେ ଉଚ୍ଚକୋଟୀର ହେଉ ଓ ଚିରଦିନ ପାଇଁ ଆମେ ଏମିତି ପରିବାରରେ ପହୁଞ୍ଚାଉ ।

**ଦେବ ପ୍ରସାଦ ଦାଶ**
ଗୋପାଳସାଗର, ଜଗତସିଂହପୁର

## 'ରେବତୀ'ର ଲେ-ଆଉଟ୍ ଅନନ୍ୟ

● 'ରେବତୀ' ଭଲ ଲାଗୁଚି । ଭଲ ଲାଗୁଛି ଏଇଥିପାଇଁ ଯେ ଏଥିରେ ଭିନ୍ନ ଭିନ୍ନ ପ୍ରକାର ସ୍ୱାଦର ଉପସ୍ଥାପନା, ସୁଚିନ୍ତିତ ସମ୍ପାଦକୀୟ, ଭଲ ଭଲ ଆଲେଖ୍ୟ, ଅନନ୍ୟ ଲେ-ଆଉଟ୍ ଏବଂ ଭାବପୂର୍ଣ୍ଣ ପ୍ରଚ୍ଛଦ ସହ ନିର୍ଭୁଲ୍ ମୁଦ୍ରଣ ଆମେ ପାଇ ପାରୁଛୁ । କୃଷ୍ଣଙ୍କ ସଂସ୍ପର୍ଶରେ 'ରେବତୀ' ଶୀର୍ଷଶ୍ରେଣୀୟ ପତ୍ରିକାଟିଏ ହେବ- ଏ ବିଶ୍ୱାସ ଅଛି ।

**ପ୍ରବାସିନୀ ମହାକୁଡ଼**
ଷ୍ଟେସନ ବଜାର, ଢେଙ୍କାନାଳ

## ପ୍ରତିଟି ଲେଖା ମନମୁଗ୍ଧକର

● ଓଡ଼ିଶାରୁ ଫେରିଲା ବେଳେ 'ରେବତୀ' ମିଳିଲା ଭୁବନେଶ୍ୱର ଷ୍ଟେସନ୍‌ରୁ । ପ୍ରଥମ ଦେଖାରେ ଦାମ୍ ସହ ପତ୍ରିକାର କ୍ୱାଲିଟି ମନକୁ ଛୁଇଁଗଲା । ତା'ପରେ ଗୋଟେ ପରେ ଗୋଟେ ପୃଷ୍ଠା ଓଲଟାଇ ଚାଲିଲି ଟ୍ରେନ୍‌ରେ ବସି । ପ୍ରତ୍ୟେକଟି ଲେଖାର ମୋହରେ ମୋହାଚ୍ଛନ୍ନ ହେଇ ପଡ଼ିଲି । ପ୍ରାୟ ସବୁ ଲେଖାରେ ଲେଖକଙ୍କର ସୁନ୍ଦର ସାହିତ୍ୟିକ ଭାଷାଚାତୁରୀ, ଲେଖା ଉପରେ ସମ୍ପୂର୍ଣ୍ଣ ତଥ୍ୟଭିତ୍ତିକ ଗବେଷଣା ମୋତେ ଅନେକ ଜ୍ଞାନ ଦେବା ସହ ଭାବାଚ୍ଛନ୍ନ ବି କରିଦେଲା । ଓଡ଼ିଆରେ ଫକୀରମୋହନଙ୍କ କାଳଜୟୀ 'ରେବତୀ' ଗଳ୍ପ ପରି ଆମ ପତ୍ରିକା 'ରେବତୀ' ଏକ ମାଇଲଖୁଣ୍ଟ ପ୍ରମାଣିତ ହେବ ବୋଲି ମୋର ଆଶା ।

**ଲକ୍ଷ୍ମୀପ୍ରିୟା ଓଝା**
ବରୋଦା, ଗୁଜୁରାଟ

## ରାଧାକୃଷ୍ଣ ଭଂଜଙ୍କ ଉପରେ ଲେଖାଟି ଉପାଦେୟ

● 'ରେବତୀ' ଜାନୁଆରୀ ସଂଖ୍ୟାରେ ମୋର 'ସୁନାଝିଅ କିଏ ?' ଶୀର୍ଷକ ଲେଖା ସହ କିବତାଟିକୁ ସ୍ଥାନିତ କରିଥିବାରୁ ମୁଁ 'ରେବତୀ' ପରିବାର ନିକଟରେ କୃତଜ୍ଞ । ଏହାର ପ୍ରତିଟି ସଂଖ୍ୟା ଉପାଦେୟ । ସ୍ଥାନୀୟ ପ୍ରସଙ୍ଗଗୁଡ଼ିକ ନିଶ୍ଚୟ ଅନନ୍ୟ ଓ ହୃଦୟସ୍ପର୍ଶୀ । ଏଥର ସମସ୍ତ ଲେଖା ପ୍ରାୟ ଭଲ ଲାଗିଲା । ବ୍ୟାସକବିଙ୍କ ଠାରୁ ଆରମ୍ଭ କରି ରେଭେନ୍ସାର ଇତିହାସ ମୋତେ ଭାବବିହ୍ୱଳ କରିଛି । ହଁ ଗୀତିକାର ନିମାଇଁ ମହାନ୍ତି ଜଣେ ପ୍ରବୀଣ ଓ ପ୍ରାତଃସ୍ମରଣୀୟ ପ୍ରତିଭା । ବିଗତ ପ୍ରଥମ ସଂଖ୍ୟାରେ ମଧ୍ୟ ତାଙ୍କ ଉପରେ ବେଶ୍ କିଛି ଜାଣି ଖୁସି ହୋଇଥିଲି । ଏଥର ସେ ନିଜେ ରାଧାକୃଷ୍ଣ ଭଞ୍ଜଙ୍କ ଉପରେ ଲେଖାଟି ଲେଖି ଆମମାନଙ୍କୁ ଅନେକ କଥା ଜାଣିବାର ସୁଯୋଗ ଦେଇଥିବାରୁ ସାର୍‌ଙ୍କୁ ମୋର ଖୁବ୍ ସମ୍ମାନ ଓ ଆନ୍ତରିକତା ଜଣେଇ ଦେବେ । ମାତ୍ର 'ସୁରସଂଗୀତର ସଞ୍ଜସକାଳ' ଶୀର୍ଷକ ଖଟ୍‌କା ଲାଗିଲା । ଏଠାରେ 'ସଞ୍ଜସକାଳ'ର ଅର୍ଥ ବୁଝି ହେଲାନି ।

କବିତା ବାରିକଙ୍କ ଆଲେଖ୍ୟ 'ମାଟିର ମଣିଷ ନନ୍ଦିନୀ ଶତପଥୀ' ପଢ଼ି ବୁଝି ପାରିଲିନି ଏଠାରେ 'ମାଟିର ମଣିଷ' ଜଣକ କିଏ ? ନିଜେ ନନ୍ଦିନୀ ଶତପଥୀ, ନା କାଳିନ୍ଦୀ ଚରଣଙ୍କ ଉପନ୍ୟାସ 'ମାଟିର ମଣିଷ'ର ଚରିତ୍ରମାନେ । ନନ୍ଦିନୀ ଶତପଥୀ ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ । ରାଜନୀତି, ସାହିତ୍ୟ ତଥା ସଂସ୍କୃତି ଠାରୁ ଆରମ୍ଭ କରି ଅନ୍ୟାନ୍ୟ ଅନେକ ଦିଗ ରହିଛି । ମାତ୍ର ଡକ୍ଟର ବାରିକ୍ ଏଠାରେ କେବଳ ନନ୍ଦିନୀ ଶତପଥୀଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସମ୍ବନ୍ଧ କଥା ବାରମ୍ବାର ଉଲ୍ଲେଖ କରିଛନ୍ତି । ଫଳରେ ଡକ୍ଟର ବାରିକ ନନ୍ଦିନୀ ଶତପଥୀଙ୍କ ବ୍ୟକ୍ତିତ୍ୱକୁ ଗୌଣ କରି ନିଜକଥା ବେଶି କହିଥିବା ପରି ମୋତେ ହୃଦ୍‌ବୋଧ ହେଲା । ତାଛଡ଼ା ଡକ୍ଟର ବାରିକ ଗୋଟିଏ ଜାଗାରେ (ପୃଷ୍ଠା ୭୦) ଲେଖିଛନ୍ତି ସେ କେମିତି ଚଣ୍ଡୀ ଥିଲେ । କେମିତି ରେଭେନ୍ସାରେ ପଢୁଥିଲା ବେଳେ ସଭାପତି ପଦ ପାଇଁ ଲଢ଼ିଥିଲେ । ଉପର କ୍ଲାସ୍‌ରେ ଥିଲେ ବିଜୁ ପଟ୍ଟନାୟକ । ସ୍ୱର୍ଗତଃ ବିଜୁ ପଟ୍ଟନାୟକ ୧୯୧୬ ମାର୍ଚ୍ଚ ୫ରେ ଜନ୍ମ ହୋଇଥିଲେ । ନନ୍ଦିନୀ ଶତପଥୀଙ୍କ ଜନ୍ମ ୧୯୩୧ ମସିହାରେ । ପନ୍ଦର ବର୍ଷ ବୟସର ବଡ଼ ପିଲାଟିଏ କ'ଣ ତାଙ୍କ ଉପର କ୍ଲାସ୍‌ରେ ପଢ଼ିପାରେ ? ପୁନଶ୍ଚ ସେ ମଧ୍ୟ ଗୋଟିଏ ଜାଗାରେ ଲେଖିଛନ୍ତି (ପୃଷ୍ଠା ୭୦) ନନ୍ଦିନୀ ମ୍ୟାଡାମ୍ ଅଫିସ୍ ଆସିଲେ ମୋତେ ଥଟ୍ଟା କରି କହନ୍ତି 'ଚାଲିଲେ ଦ୍ୱିତୀୟ ନନ୍ଦିନୀ ଶତପଥୀ' । କ୍ଷମା ଚାହୁଁଛି ମୋତେ ଆଲେଖ୍ୟଟି କପୋଳକଳ୍ପିତ ଓ ଅପ୍ରାସଙ୍ଗିକ ମନେହେଲା । ସହୃଦୟତାର ସହ ବିଚାର କରିବାକୁ ଅନୁରୋଧ ।

**ସାବିତ୍ରୀ କବି,** ରାହାଞ୍ଜା, ଭଦ୍ରକ

'ମନେପଡ଼େ' ବିଭାଗରେ ଆମେ ଜଣେ ସମକାଳ ଲେଖକଙ୍କ ସ୍ମରଣରେ ଥିବା କିଛି ମଧୁର ସ୍ମୃତିକୁ ରୋମନ୍ଥନ କରିବାକୁ ଚେଷ୍ଟା କରୁଛୁ । ତେବେ ଏଠାରେ ଉପସ୍ଥାପିକା ଡକ୍ଟର ବାରିକ ତାଙ୍କ ସ୍ମୃତିରେ ନନ୍ଦିନା ଶତପଥୀ ଯେମିତି ଅଛନ୍ତି ସେମିତି ଲେଖିଛନ୍ତି । ତେବେ ଆମେ କାହା ବିଷୟରେ ଲେଖିବା ବେଳେ ନିଜକଥାକୁ ଯେତେବେଶି ସଂକ୍ଷିପ୍ତ କରିପାରିବୁ ସେତେ ଭଲ । କବିତା ବାରିକ ଏ ଦିଗରେ ଯେ ଅଜ୍ଞ ସେକଥା ଆମେ ଭାବୁନା ।

## ରେବତୀ' ସାଇତି ରଖିଲା ଭଳି ସୁନ୍ଦର ଫିଚର୍‌ଧର୍ମୀ ପତ୍ରିକାଟିଏ

● 'ରେବତୀ'ର ଜାନୁଆରୀ ସଂଖ୍ୟାର ପରିପାଟୀ, ବିଷୟ ଚୟନ ସତରେ ବେଶ୍ ନିଆରା । ସୃଜନ ସମ୍ରାଟ ଫକୀରମୋହନ ସେନାପତିଙ୍କ ବ୍ୟକ୍ତିତ୍ୱର ଗାଥା, ତାଙ୍କ ସୃଷ୍ଟି, ନିଚୟନ, ତର୍ଜମା, ତାଙ୍କ ଜନ୍ମମାଟିର ଇତିବୃତ୍ତ, ଫିଚର୍‌ଧର୍ମୀ ପତ୍ରିକା 'ରେବତୀ'କୁ କିନ୍ତୁ ଏଥର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ନାରୟତି ଇତି ଧର୍ମ- ନାରୀ । ଅର୍ଥାତ୍ ଯେ ପାଳନ ପୋଷଣ ଗଠନରେ ସହାୟକ ହୁଏ, ସେ ନାରୀ । ଅଥଚ ପରିବାରକୁ ଦେଉଳ କରି ତୋଳୁଥିବା ସେ ଗୃହଲକ୍ଷ୍ମୀମାନଙ୍କ ପ୍ରତି ଥିବା କର୍ତ୍ତବ୍ୟ ଓ ସମ୍ମାନବୋଧକୁ ଆମେ ବେଳେବେଳେ ଅଣଦେଖା କରୁ, ଯାହା ଆଦୌ ଉଚିତ୍ ନୁହେଁ ବୋଲି ସମ୍ପାଦିକା ମହୋଦୟା ଖୁବ୍ ସୁନ୍ଦର ଦୃଷ୍ଟାନ୍ତ ଦେଇ ପ୍ରତିପାଦିତ କରିଛନ୍ତି ତାଙ୍କ ଉଚ୍ଚକୋଟୀର ସମ୍ପାଦକୀୟରେ । କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ବର୍ଣ୍ଣନାରେ ବହୁଚର୍ଚ୍ଚିତ ଚମ୍ପା ଚରିତ୍ରଟି କିନ୍ତୁ ବେଶ୍ ମହନୀୟ ହୋଇ ଉଠିଛି । ଚମ୍ପା ଚରିତ ପଢ଼ି ସାରିବା ବେଳକୁ ସେହି ଗୋଟାଏ ଧାଡ଼ି ବାରମ୍ବାର ପ୍ରତିଧ୍ୱନିତ ହୁଏ ଏ ପାଠକର ହୃଦୟରେ- ଯେଉଁଠି ପୁରୁଷ ହୁଏ ପରାସ୍ତ, ମୁଁ ସେଠାରେ ବିଜୟ ଟୀକା ପିନ୍ଧେ । କବି ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ 'ପୂତନା' କବିତାର ଅବଶିଷ୍ଟାଂଶ ପଢ଼ି ଆତ୍ମସନ୍ତୋଷ ଭରିଗଲା ଏ ମନରେ । ସାବିତ୍ରୀ କବିଙ୍କ 'ସୁନାଝିଅ' ବାସ୍ତବତାରେ ଏକ ନିଆରା ପ୍ରତିଫଳନ । କବିତା ବାରିକଙ୍କ 'ମାଟିର ମଣିଷ ନନ୍ଦିନୀ ଶତପଥୀ' ଲେଖାରୁ ଅନେକ କିଛି ଶିଖିବାର ସୁଯୋଗ ପାଇଲି । ଗାଳ୍ପିକା ପ୍ରବୀଣା ମହାନ୍ତିଙ୍କ ଗଳ୍ପ ମଧ୍ୟ ସ୍ପର୍ଶ କଲା ।

**ସୁବ୍ରତ କୁମାର ସେନାପତି**
ଗବେଷଣାରତ ଛାତ୍ର, ଫୁଲ ଓ ଦୃଶ୍ୟ ଉଦ୍ୟାନ ବିଭାଗ, କୃଷି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ସଂଜୟ ଭଟ୍ଟଙ୍କ 'ରେବତୀ' ଗଳ୍ପଟି ଭଲ ଲାଗିଲା

● ବାରିପଟ ଦରଜା ସେପଟେ କିଏ ଜଣେ ଡାକିଲା ରେବତୀ ବୋଲି । ଚମକି ପଡ଼ିଲି ଅନେକ ଦିନ ପରେ ଏ ନାଁଟି ଶୁଣି । ରେବତୀ ମୋର ଅତି ନିଜର । ନିଜ ଛାଇକୁ କେହି କଣ ପର କରିପାରେ । ଏଇ ତ କାଲି ପରି ଲାଗେ ସେଦିନ ଗୁଡ଼ିକ । ଆମେ ସାଥୀ ହୋଇ ଖପରାଡିଆଁ ଖେଳୁଥିଲୁ । ତେଲ ପଚପଚ ଚୁଟିରେ ନାଲି ରିବନ୍ ଫିତା ବାନ୍ଧି ରଜଦୋଳି ଝୁଲୁଥିଲୁ । ଖାତିର ନଥିଲା ଜେଜେମା'ର ଲୋ ରେବ ଲୋ ଚୁଲି ଲୋ ନିଆଁ ଡାକକୁ । ଆମେ ମସ୍‌ଗୁଲ୍ ଥିଲୁ ଆମ ଭିତରେ । ହେଲେ....ସମୟର ସୁଅରେ ମୁଁ ତା ଠାରୁ ଦୂରେଇ ଯାଇ ନିଜ ସଂସାରରେ ବ୍ୟସ୍ତ ରହିଗଲି ସିନା କିନ୍ତୁ ସେ ମୋତେ ଭୁଲିବାକୁ ଦେଇନି । ମନ ଭିତରେ ଉଙ୍କିମାରି ଥରେ ଥରେ ହାତ ଠାରି ଡାକେ ଆ' ପୁନେଇଁ ଜହ୍ନକୁ ବଉଳଫୁଲରେ ବାନ୍ଧିବା । ମୁଁ ଚୁପ୍ କହି ଅଟକେଇ ଦିଏ ତାକୁ । ଏତେଦିନେ ପୁଣିଥରେ ରେବତୀକୁ ଦେଖି ଖୁବ୍ ଖୁସି ହୋଇଗଲି । ରେବତୀ ଆଗ ଠୁ ଅନେକ ବଦଳି ଯାଇଚି । ଶିକ୍ଷିତ ହୋଇଚି । ଆଧୁନିକ ପରିପାଟିରେ ନିଜକୁ ସଜେଇଚି । ମାତ୍ର ତା ଭିତରେ ଥିବା ସେ ନିପଟ ମଫସଲର ଝିଅ ରେବତୀର କଳକଳ ଛଳଛଳ ହୃଦୟଟି ଅଛି । ହଁ ସତରେ ମୋ ରେବତୀ ରେବତୀ ହିଁ ହେଇକି ଅଛି । ଧନ୍ୟବାଦ ସାର୍ ଆପଣ 'ରେବତୀ'କୁ ମୋ ଜୀବନକୁ ଆଣିଥିବାରୁ ।

ଏଥର ଫେବୃଆରୀ ମାସରେ ସଞ୍ଜୟ ଭଟ୍ଟଙ୍କ 'ରେବତୀ' ଗଳ୍ପଟି ଖୁବ୍ ଉଚ୍ଚକୋଟୀର ହୋଇଚି । ସମସ୍ତ କବିତା ଖୁବ୍ ମନଛୁଆଁ । ଧଣିଆଁପତ୍ର ଚଟଣି ଭଲ ଲାଗିଲା । ପଶ୍ଚିମବଙ୍ଗ ଖାଦ୍ୟ ଖାଇ ହସଖୁସିର ପରିବାର ସହ ଭାଟିକାନ୍ ସିଟି ବୁଲି ଆସିଲି । ଏଥରର ରେବତୀ ସ୍ୱୟଂସଂପୂର୍ଣ୍ଣା । ଅନେକ ଅନେକ ଧନ୍ୟବାଦ ସମ୍ପାଦିକାଙ୍କୁ ଏବଂ ସମ୍ପାଦନା ମଣ୍ଡଳିଙ୍କୁ ।

**ସ୍ନେହଲତା ଦାସଲେଙ୍କା**
ଝାରପଡ଼ା, ଭୁବନେଶ୍ୱର

## 'ଶେଷପୃଷ୍ଠା' ବେଶ୍ ସମୟୋପଯୋଗୀ

● 'ରେବତୀ'ରେ ଜାନୁଆରୀ ସଂଖ୍ୟାରେ ପୁରସ୍କାର ଉପରେ କୃଷ୍ଣ କୁମାର ମହାନ୍ତିଙ୍କ ଶେଷପୃଷ୍ଠା ପଢ଼ି ମୋର ବ୍ୟକ୍ତିଗତ ମତାମତ ନଦେଇ ରହି ପାରିଲିନି । ମୁଁ ଜଣେ ନୂଆପିଢ଼ିର ଲେଖକ । ଆପଣଙ୍କ ଯୁକ୍ତିକୁ ମୁଁ ଶତକଡ଼ା ୧୦୦ ଭାଗ ସମର୍ଥନ କରିବି । ଆପଣଙ୍କ ପରି ପରିଣତ ଲେଖକମାନଙ୍କ କଲମରେ ଏହି ସାର୍ବଜନୀନ ସତ୍ୟତାର ପରିପ୍ରକାଶ ହିଁ ଶୋଭାପାଏ । ଆମେ ଏହି କଥା ଲେଖିଲେ ହୁଏତ ଅନେକ ପୁରସ୍କାରମନସ୍କ ଲେଖକଙ୍କର ଚକ୍ଷୁଶୂଳ ହୋଇ ସମାଲୋଚିତ ହୋଇପାରୁ । କାରଣ ଅନେକ ସମ୍ମାନ/ମାନପତ୍ର ଗ୍ରହଣ କରୁଥିବା ବ୍ୟକ୍ତି ସେଥିପାଇଁ ଯୋଗ୍ୟ ନୁହଁନ୍ତି । ସାରସ୍ୱତ ସମ୍ମିଳନୀରେ ପୁରସ୍କାର ନପାଇ ରିକ୍ତ ହସ୍ତରେ ଫେରୁଥିବା ସମସ୍ତ ଅବଶିଷ୍ଟ ବ୍ୟକ୍ତି ମଧ୍ୟ ଅଯୋଗ୍ୟ ନୁହଁନ୍ତି । ଆପଣ ଆମ ଭଳି ନୂଆ ସ୍ରଷ୍ଟାଙ୍କୁ ଏଭଳି ତିକ୍ତ ସତ୍ୟ କହି ବାଟ ଦେଖାଇଥିବାରୁ ଅନେକାନେକ ଧନ୍ୟବାଦ । ଏଭଳି ନିଆରା ପଦକ୍ଷେପ ଜାରି ରଖନ୍ତୁ ।

**ଯଶବନ୍ତ ସେଠୀ**
ଏସିପି, କମିଶନରେଟ୍ ପୋଲିସ, ଭୁବନେଶ୍ୱର

## ସବୁଦିନ ରେବତୀ ବଞ୍ଚି ରହୁ

● ଶିଶୁ 'ରେବତୀ' ଏବେ କିଶୋରୀ 'ରେବତୀ' । ଏହାର ଏହି 'ବାସ୍ତବଧର୍ମୀ' ସ୍ୱାତନ୍ତ୍ର୍ୟ ସବୁଦିନ ପାଇଁ ବଜାୟ ରହୁ । ସାହିତ୍ୟ ଓ ସଂସ୍କୃତିର ଗନ୍ତାଘର ବାଲେଶ୍ୱର ମାଟିର ସେହି 'ରେବତୀ'ର ସ୍ୱର ତାର ଯୌବନାବସ୍ଥାରେ ମଧ୍ୟ ଆମେ ଶୁଣିବାକୁ ଚାହୁଁ ଏବଂ ରେବତୀ ଚିରହରିତ୍ ରହି ତାର ପ୍ରତିଟି ପୃଷ୍ଠାରେ ଓଡ଼ିଆ ସାହିତ୍ୟପ୍ରେମୀଙ୍କୁ ମୁଗ୍ଧ କରୁଥାଉ । ରାଜ୍ୟର ସମସ୍ତ ଜିଲ୍ଲାର କୋଣ ଅନୁକୋଣରେ ପାଠକ ମହଲରେ ମୃଦୁ ଗୁଞ୍ଜରଣ ସୃଷ୍ଟି କରିପାରିଥିବା ଏହି ସୁନ୍ଦର, ସୌଖୀନ୍, ଉପାଦେୟ ତଥା ପାଠକରୁ ନୂତନ ଲେଖକ ସୃଷ୍ଟିକାରୀ ଏହି ନିଆରା ସାରସ୍ୱତ ସୃଷ୍ଟିର ପରିକଳ୍ପନାକାରୀ, ସ୍ରଷ୍ଟା ତଥା ପ୍ରକାଶନା ମଣ୍ଡଳୀର ଅନୁସୃଜନତାର ସାହସିକ ପଦକ୍ଷେପ ଏବଂ ସଫଳ ପ୍ରୟାସ ବାସ୍ତବିକ ଧନ୍ୟବାଦାର୍ହ । ଏଥିରେ ସ୍ଥାନିତ ଲେଖାଗୁଡ଼ିକ ଅନେକ କିଛି ସନ୍ଦେଶରେ ପରିପୂର୍ଣ୍ଣ । ଆମର ଅତି ନିକଟରେ ଏତେ କିଛି ଥାଇ ମଧ୍ୟ ଆମେ ଜାଣିପାରି ନଥାଉ, ଅଥଚ ଜଣେ ଲେଖକ ତାର ତୃତୀୟ ନୟନ ପ୍ରୟୋଗ କରି ସେସବୁକୁ ସାଉଁଟି ଆଣି ଆମ ପାଖରେ ଏତେ ସୁନ୍ଦର ଭେଟି ଦେଇ ପାରେ ! ଏହିପରି ସୁନ୍ଦର ସୁନ୍ଦର ତଥା ସାହିତ୍ୟର ସମସ୍ତ କ୍ଷେତ୍ରକୁ ସ୍ପର୍ଶ କରୁଥିବା ଲେଖାଗୁଡ଼ିକୁ ସ୍ଥାନ ଦେଇଥିବାରୁ ଧନ୍ୟବାଦ ।

**ଯଶୋବନ୍ତ ସେଠୀ**
ଏସିପି (ନିରାପତ୍ତା), ପୋଲିସ
କମିଶନରେଟ୍, ଭୁବନେଶ୍ୱର

## ତିନୋଟି ଉଦାହରଣ ମାଧ୍ୟମରେ ନାରୀର ଭୂମିକା ସଂପାଦକୀୟରେ ସ୍ପଷ୍ଟ

● ଜାନୁଆରୀ ମାସର 'ରେବତୀ' ପଢ଼ିଲି । କଭର୍ ଖୁବ୍ ସୁନ୍ଦର, ଆଖିରେ ପଡ଼ିଲେ କିଣି ଆଣିବାକୁ ଇଚ୍ଛା ହେବ । ସମ୍ପାଦକୀୟରେ ୩ଟି ମିନି ଗଳ୍ପ ମାଧ୍ୟମରେ ପରିବାରରେ ନାରୀର ଭୂମିକାକୁ ସମ୍ପାଦିକା ଅତି ଚମତ୍କାର ଭାବରେ ବୁଝେଇଛନ୍ତି । 'ମାନଚିତ୍ରର ମୁହଁ ମଲ୍ଲିକାଶପୁର' ଆଲେଖ୍ୟର ଆରମ୍ଭରେ ଥିବା ଚିତ୍ରଟି ଫ୍ରେମ୍ କରି ରଖିବା ଭଳି । ଫକୀରମୋହନଙ୍କ ପାଦପଦ୍ମରେ ମନୋଜ ଦାସ ପୁଷ୍ପ ଅର୍ପଣ କରୁଥିବା ବେଳର ଏହା ଏକ ମହାର୍ଘ୍ୟ ଦୃଶ୍ୟ । ଆଲେଖ୍ୟଟି ପଢ଼ି ମଲ୍ଲିକାଶପୁର ବାବଦରେ ଅନେକ ନୂତନ ତଥ୍ୟ ଜାଣିବାକୁ ମିଳିଲା । ଯାହାକି ମୁଁ ବାଲେଶ୍ୱରିଆ ହୋଇ ମଧ୍ୟ ଜାଣି ନଥିଲି । ଯେପରିକି ମଲ୍ଲିକାଶପୁର ସହ ରାଧାନାଥ ରାୟ, ଗଙ୍ଗାଧର ମେହେର, ମନୋଜ ଦାସ, ମନ୍ମଥ ଦାସ ଆଦିଙ୍କର ଅନେକ ନିଆରା ସ୍ମୃତି ରହିଛି ମଲ୍ଲିକାଶପୁର ଓ ଶାନ୍ତିକାନନ ସହିତ । ଫକୀରମୋହନଙ୍କ ଚମ୍ପା ଚରିତ୍ରକୁ ନେଇ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ଆଲୋଚନାତ୍ମକ ଲେଖାଟି ପଢ଼ିଲି, ଲେଖକ ନିଜକୁ ଚମ୍ପା ଜାଗାରେ ରଖି ଚମ୍ପାର ଦୁଃଖ, କ୍ରୋଧ, ଦୟା, ବିବଶତାକୁ ଅତି ସୁନ୍ଦର ଭାବରେ ବ୍ୟାଖ୍ୟା କରିଛନ୍ତି । ଚମ୍ପା ପ୍ରଶ୍ନ କରୁଛି ନାରୀ କ'ଣ ପୁରୁଷର ମନୋରଞ୍ଜନ ସାମଗ୍ରୀ ? ନିଜେ ପୁଣି ଉତ୍ତର ଦେଉଛି 'କ୍ଷମା କରିବେ ମୁଁ ସେ ନାରୀ ନୁହେଁ' 'ମୁଁ ସେ ନଦୀ ନୁହଁ, କଳକଳ ଛଳଛଳ ବହିଯିବା ପାଇଁ ।' ଫକୀରମୋହନଙ୍କ 'ରେବତୀ' ଆଉଥରେ ପଢ଼ିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଖୁବ୍ ଭଲ ଲାଗିଲା ବରିଷ୍ଠ ଗାଳ୍ପିକା ପ୍ରବୀଣା ମହାନ୍ତିଙ୍କ ଗଳ୍ପ 'ରେବତୀ-ରେବା-ରୁବି' । ଗାଁରେ ମଲ୍ଲିଖୋସା କରି ବୁଲୁଥିବା ସେ ରେବତୀ ଯେତେବେଳେ ସେ ସହରର ରୁବି ପାଲଟି ଯାଏ, ସେ କେତେ ଭୟଙ୍କର ସତେ । ରୁବିର ମେକ୍‌ଅପ୍ ଲଗା ଚେହେରା ଭିତରେ କେତେ କେତେ କଳୁଷିତ ଇତିହାସ । ଗାଳ୍ପିକାଙ୍କ ଭାଷାରେ ଏଠି ସବୁ ମିଛ-ପ୍ରତିମା ମିଛ-ସୌନ୍ଦର୍ଯ୍ୟ ମିଛ-ସବୁ ମିଛ ।

ନିମାଇଁ ମହାନ୍ତି ସାର୍‌ଙ୍କ ଲିଖିତ ରାଧାକୃଷ୍ଣ ଭଞ୍ଜଙ୍କ ଜୀବନାଲେଖ୍ୟ ଓ ତାଙ୍କ ସହିତ ବିତେଇଥିବା ସମୟର ଅଭିଜ୍ଞତା ଖୁବ୍ ସୁନ୍ଦର ହୋଇଛି । ତେବେ କାଳିଆକୁ ନେଇ ଓଡ଼ିଶାରେ ହଇଚଇ । ଏହି ସମୟରେ ନେତାଜୀ ଅଭିନନ୍ଦନ ଭାଇଙ୍କ 'କାଳିଆ ଓ କଳାପାହାଡ଼' ପ୍ରବନ୍ଧଟି ଖୁବ୍ ଚମତ୍କାର । ଜଗନ୍ନାଥଙ୍କ ଉପରେ ହୋଇଥିବା ବାରମ୍ବାର ଆକ୍ରମଣ ଓ ଏହାଦ୍ୱାରା ଓଡ଼ିଶାର ହୋଇଥିବା ଧର୍ମୀୟ କ୍ଷତି ଉପରେ ଆଲୋକପାତ କରିଛନ୍ତି । ଏହି ଲେଖାଟି ପଢ଼ି ମୁଁ ଯାହା ଶିଖିଲି କି ସେ ଆଫ୍‌ଗାନ ସେନାପତି କେବେବି ଏତେ କ୍ଷତି କରିପାରି ନଥାନ୍ତା ଯଦି ଆମର ନିଜର କିଛି ରାଜା ତାକୁ ସାହାଯ୍ୟ କରିନଥାନ୍ତେ । ଗୃହ ଶତ୍ରୁ ବେଶୀ ଭୟଙ୍କର ।

**କ୍ଷୀରୋଦ ବିହାରୀ ବିଶ୍ୱାଳ**
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁର

ସୂ ଚୀ ପ ତ୍ର

୧ମ ବର୍ଷ ୬ଷ୍ଠ ସଂଖ୍ୟା । ମାର୍ଚ୍ଚ ୨୦୧୯ ।

ଆମ ମାଟିର ସ୍ୱର


୯ ସମ୍ପାଦକୀୟ : ଆମ ନାରୀ .... : ସୁବାସିନୀ ଜେନା









୧୦ ଘଟଣା ଚରିତ୍ର : ସାଥୀ ସତ୍ୟବାଦୀ
: ଅଜୟ ସ୍ୱାଇଁ

୧୪ ମାନନୀୟେଷୁ : ଯୁଗଳ ଜୀବନ
: ମହାଶ୍ୱେତା ସାହୁ

୨୦ ମନେପଡ଼େ-୧ : ମଲ୍ଲିକାର ମହାନାୟକ
: ସୃଷ୍ଟିଶ୍ରୀ ନାଏକ

୨୪ ପ୍ରସଙ୍ଗ : ପଖାଳର ପରିଚୟ
: ସଂଗ୍ରାମ କେଶରୀ ପୃଷ୍ଟି

୨୯ ଆଳାପ : ବିଭୋର ବାସ୍ନାର ନାଁ ବିଭୂତି
: ସ୍ୱାଗତିକା ସ୍ୱାଇଁ

୩୭ ଜୀବନ-ଜୀବିକା : ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି
୪୦ ନଦନଦୀ : ରଂଜନ ପ୍ରଧାନ
୪୫ ଦେବାଳୟ : କନ୍ଦର୍ପ ବେହେରା
୪୯ ଚିତ୍ରଶାଳା : ଦୀନବନ୍ଧୁ ସାହୁ
୫୦ ଏଇ ପାଠାଗାର କହେ : ଅଜିତ ପାତ୍ର
୫୪ କବି-କବିତା : ପ୍ରଶାନ୍ତ ଦାସ
୫୬ ସମକାଳ କବିତା : ମୁକୁଳ୍ ମିଶ୍ର
: ରଂଜିତା ପଣ୍ଡା
୫୭ : ସୌଭାଗ୍ୟବନ୍ତ ମହାରଣା
: ରତ୍ନମାଳା ସ୍ୱାଇଁ
୫୮ : ବାସୁଦେବ ସୁନାନୀ
: ଦୁର୍ଗାପ୍ରସାଦ ପଣ୍ଡା
୫୯ : ଉମା ଶଙ୍କର ପାଳ
: ନୀଳମାଧବ କର
: ସୁଜିତ୍ କୁମାର ସତପଥି
୬୦ ଭ୍ରମଣ କାହାଣୀ : ଲକ୍ଷ୍ମୀପ୍ରିୟା ଓଝା
୬୪ କଥା-କାହାଣୀ-୧ : ଇନ୍ଦୁଲତା ମହାନ୍ତି

















୬୯ କଥା-କାହାଣୀ-୨ : ମହାଶ୍ୱେତା ସାହୁ

୭୪ ଏଇ ଓଡ଼ିଶା : ମୀନା ସ୍ୱାଇଁ

୮୩ ମନେପଡ଼େ-୨ : ପ୍ରବାସିନୀ ମହାକୁଡ଼

୮୬ ପଞ୍ଚତନ୍ତ୍ର କାହାଣୀ : ଡକ୍ଟର ବିବୁଧରଂଜନ

୮୮ ମୋ ବାପା : ପ୍ରାଚୀତାରା

୯୨ ପଛ-ୱର୍କ୍ : ନେତାଜୀ ଅଭିନନ୍ଦନ


## ନିୟମିତ ବିଭାଗ


୯୬ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ

୧୦୦ ସ୍ୱାସ୍ଥ୍ୟ-ଚର୍ଚ୍ଚା : ଡାକ୍ତର ସରୋଜିନୀ ଷଡ଼ଙ୍ଗୀ

୧୦୩ ରୋଷେଇଶାଳ : ସ୍ନିଗ୍ଧା ତ୍ରିପାଠୀ

୧୦୫ ମୁଦ୍ରା : ପ୍ରତିଭା ରାୟ : ଆଦିତ୍ୟ ରାଉତ









୧୦୬ ଶେଷପୃଷ୍ଠା : ସାହିତ୍ୟରେ.... : କୃଷ୍ଣ କୁମାର ମହାନ୍ତି





ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ଦୃଶ୍ୟାଙ୍କନ : ସଂଜୟ
ପ୍ରଚ୍ଛଦ ଫଟୋଗ୍ରାଫି : ଆଦିତ୍ୟ ନାରାୟଣ ରାଉତ
ପ୍ରଚ୍ଛଦ ମଡେଲ୍ : ନମ୍ରତା ସିଂହଦେଓ
ଉଚ୍ଚତା : ୫ ଫୁଟ୍ ୬ ଇଞ୍ଚ
ଶିକ୍ଷା : ଏମ୍.ବି.ଏ.
ବୃତ୍ତି : ଅଭିନେତ୍ରୀ
କଷ୍ଟ୍ୟୁମ୍ ଓ ମେକ୍ଅପ୍ : ଡା. ସୁରଭି ଭଟ୍ଟ
ସ୍ଥାନ : କ୍ରିଏଟିଭ୍ ଆଇ କଲଚର୍ ସେଣ୍ଟର, ଭୁବନେଶ୍ୱର

**ମଲାଟ କଥା :** ରଙ୍ଗ ଜୀବନରେ ଭରେ ଆନନ୍ଦ ଓ ଉଲ୍ଲାସ । ରଙ୍ଗ ହିଁ ଆଣେ ଗୋଟେ ନାରୀର ନିୟତିରେ ସୌଭାଗ୍ୟବତୀ ହେବାର ପରିଚୟ । ଋତୁ ବଦଳିବା ପରି ଜୀବନର ପ୍ରତିକ୍ଷଣକୁ ବଦଳାଉ ଥାଏ ରଙ୍ଗ । ରଙ୍ଗ ପ୍ରତି ଥାଏ ଏକ ଅହେତୁକ ଦୁର୍ବଳତା ଆମର । ଯେମିତି ନାରୀଟିଏ ବଦଳାଇ ପାରେ ଜୀବନର ରଙ୍ଗ, ଯେମିତି ନାରୀଟେ ନିଜେ ପାଲଟିଯାଏ ରଙ୍ଗର ରାଗିଣୀ, ଠିକ୍ ସେମିତି ରଙ୍ଗ ଗଢିପାରେ ନାରୀକୁ ଇନ୍ଦ୍ରଧନୁର ସାତରଙ୍ଗରେ । ଆଉ ସେଇ ରଙ୍ଗମଖା ନାରୀର 'ପ୍ରେମପ୍ରୀତି' ହିଁ ଆମର ପ୍ରଚ୍ଛଦ ଭାବନା ।

# ରେବତୀ ର ନିୟମାବଳୀ

ଆମ ମାଟିର ସ୍ୱର

- ‘ରେବତୀ ଆମ ମାଟିର ସ୍ୱର’ ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ‘ରେବତୀ’ କହିରଖୁଛି ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ ‘ରେବତୀ’ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ ‘ରେବତୀ’ ପକ୍ଷରୁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ‘ରେବତୀ’ ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- ‘ବହି-ବିଚାର’ ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।
- ‘ରୋଷେଇ’, ‘ଘରକରଣା’, ‘ବାଡ଼ିବଗିଚା’ ଓ ‘ସୌନ୍ଦର୍ଯ୍ୟ’ ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ /ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- ‘ରେବତୀ’ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ ‘ରେବତୀ’ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା ‘ରେବତୀ’ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ ‘ରେବତୀ’ ଦାୟୀ ରହିବ ନାହିଁ ।
- ‘ରେବତୀ’ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । ‘ରେବତୀ’ ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- ‘ରେବତୀ’ ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।


ସମ୍ପର୍କ : ସମ୍ପାଦିକା, ‘ରେବତୀ’, ରେବତୀ ମିଡିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧

ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦

ଇ-ମେଲ୍ : rebati.rebati2018@gmail.com

# ଆମ ନାରୀ ସର୍ବଂସହା !

କୁହାଯାଏ, ନ ଅଇରି ନାରୀ । ଅର୍ଥାତ୍ ନାରୀର ନାହିଁ ଶତ୍ରୁ । ନାରୀ ନଥାଇ ଆମେ ଏକ ସମାଜ କଥା ଚିନ୍ତା କରି ପାରିବାନି । ନାରୀ ନଥିବା ସଂସାର ହେଉଛି ବାସ୍ନା ନଥିବା ଫୁଲ ପରି । ଜଳ ନଥିବା ଶୁଷ୍କ ପୁଷ୍କରିଣୀ ପରି । ଜୋଛନା ନଥିବା ରାତି ପରି । ନାରୀ ମମତାର ପ୍ରତୀକ । ସେ ସମୟାନୁସାରେ ବଦଳେଇ ପାରେ ନିଜକୁ । କେବେ ଅହଲ୍ୟା ପରି ସହନଶୀଳ ତ କେବେ ପୁଣି ସାବିତ୍ରୀ ପରି ପବିତ୍ର । କେବେ ଦୁର୍ଗାଙ୍କ ପରି ସଂହାରକାମୀ ତ କେବେ ପୁଣି ସୀତାଙ୍କ ପରି ଶୁଦ୍ଧ । ନାରୀ ହିଁ ମାତୃଶକ୍ତି । ସେ ଜଗତ୍‌ଜନୀନ । ସୃଷ୍ଟି, ସ୍ଥିତି ଓ ପ୍ରଳୟ- ସବୁ ସେ । ଏତେ ସତ୍ତ୍ୱେ ନାରୀକୁ କାହିଁକି କୁହାଯାଏ ଦୁର୍ବଳା, ଅବଳା ! କାହିଁକି ନାରୀ ପ୍ରତି ହୁଏ ଅତ୍ୟାଚାର ! କାହିଁକି ନାରୀ ପାଇଁ ପଡ଼େ ହାହାକାର ! କାହିଁକି ନାରୀକୁ ନେଇ ସମାଜରେ ଏତେ ଏତେ ଗୁଞ୍ଜରଣ । ଏତେ ବେଶୀ ଚିନ୍ତା ! ଏତେ ଭ୍ରୂକୁଞ୍ଚନ !

ସମୟକ୍ରମେ ଆଜି ନାରୀର ସଂଜ୍ଞାରେ ଆସିଛି ପରିବର୍ତ୍ତନ । ବଦଳିଛି ନାରୀ । ନାରୀର ନିୟତିରେ ଆସିଛି ପରିବର୍ତ୍ତନ । ନାରୀ ହୋଇଛି ସଶକ୍ତ । ନାରୀ ହୋଇଛି ଉଚ୍ଚଶିକ୍ଷିତ । ନାରୀର ଚଳଣିରେ ଆସିଛି ଅତ୍ୟାଧୁନିକତାର ଛାପ । ଆଚାର ବ୍ୟବହାର, ସ୍ୱଭାବ ଓ ଚରିତ୍ର ସବୁକିଛିରେ ନାରୀ ଆଜି ସର୍ବୋତ୍ତମା କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ଏତେସବୁ ପରିବର୍ତ୍ତନ ଭିତରେ ବି ନାରୀ କ'ଣ 'ଦେବୀ' ରୂପେ ବନ୍ଦନୀୟା ? ଘରେ, ପରିବାରରେ ଅବା ସମାଜରେ ? କେଉଁଠି ସେ ମାତୃରୂପେ ପୂଜିତା ଆଜି ? କେଉଁଠି ସେ ସମ୍ମାନାସ୍ପଦା ପଦବୀରେ ଅଧିଷ୍ଠାତ୍ରୀ ? ଅନେକତ୍ର ଆଜି ମଧ୍ୟ ନାରୀଟିଏ ଲାଞ୍ଛିତା । ଅତ୍ୟାଚାରିତା । ନିର୍ଯ୍ୟାତିତା । ଦଳିତ, ନିଷ୍ପେଷିତ ଜାତିଗୋତ୍ର ଠାରୁ ଆରମ୍ଭ କରି ଅଶିକ୍ଷା ଓ ଅନ୍ଧବିଶ୍ୱାସର ଅନ୍ଧାରୀ କୂପରେ ନାରୀଟିଏ ଗୁମୁରି ଗୁମୁରି କାନ୍ଦେ ଆଜି ବି । ଭୋଗେ । ମରେ । କିଏ ବୁଝେ ତା କଥା ! କିଏ ବା ଶୁଣେ ତା' କଷଣର କାହାଣୀ ? ହଁ, ଇଏ ହିଁ ନାରୀ !

ତେବେ ନାରୀ ଆଜି ଯାହା କିଛି ଭୋଗୁଛି ଅବା ଯାହାକିଛି ହରେଇଛି, ସେଥିପାଇଁ କ'ଣ ସେ ନିଜେ ଦାୟୀ ! ନିଜର ଆଦର୍ଶ, ରୀତିନୀତି ଏବଂ ଧର୍ମକୁ ଜଳାଞ୍ଜଳି ଦେଇ କେହି ଜଣେ ବି ନାରୀ ଯେତେ ସଫଳ ହେଲେ ମଧ୍ୟ, ସେ ସୁଖ ଓ ଶାନ୍ତିରେ ବଞ୍ଚୁଛି- ଏ କଥା କହି ହେବନି । ସେ ଲାଞ୍ଛନା ଭୋଗେ । ସେ ଶୋଷଣର ଶିକାର ହୁଏ । ସେ ଯାତନାରେ ଜିଏଁ । ସେ ଅବିଶ୍ୱାସର ନିଷ୍କରୁଣ ମରୁଭୂମିରେ ମରେ । କିଏ ତାକୁ ଭଲପାଇବାର ଭୁରୁ ଭୁରୁ ବାସ୍ନାରେ ଭିଜାଏ ! କିଏ ପୁଣି ସ୍ନେହ ଓ ମମତାର ମିଠା ଡୋରିରେ ବାନ୍ଧିରଖେ ! କିଏ ତା' ତୁଣ୍ଡରେ ଆଙ୍କିଦିଏ ମୁକ୍ତବିହଙ୍ଗୀର ମନ୍ତ୍ରାକ୍ଷର ! ଜଣେ ପୁରୁଷ ନା ଜଣେ ନାରୀ ? କିଏ ସେ ? ବୋଧହୁଏ ବାପାଟିଏ, ବୋଧହୁଏ ସ୍ୱାମୀଟିଏ, ବୋଧହୁଏ ଭାଇଟିଏ, ବୋଧହୁଏ ମିତ୍ରଟିଏ । ଏଇମାନେ ହିଁ ତ ନାରୀର ବିପରୀତରେ ଠିଆ ହୋଇଥିବା ପୁରୁଷ । କିନ୍ତୁ ଏମାନେ ନାରୀର ସାଥୀ, ସହୋଦର ।

ନାରୀର ଶତ୍ରୁ ନାହିଁ । ନାରୀ ସର୍ବଂସହା । ସବୁ ସତ୍ତ୍ୱେ ସେ ସହେ । ସେ ସହନଶୀଳା । ଆଜିର ସମୟରେ ନାରୀଟିଏ ହିଁ ଘରପରିବାର ଭିତରେ ନିଜକୁ ଖାପଖୁଆଇ ଚଳେ । କେବେ କେବେ ବିଦ୍ରୋହ ବି କରେ । କିନ୍ତୁ ସହେ ତ ସେ ହିଁ । ସୁତରାଂ ନାରୀର ଭୂମିକା କିଛି କମ୍ ନୁହେଁ ।

**ଦୃଶ୍ୟ ନମ୍ବର ଏକ:** ଆଶାପ୍ରଭା ଦେବୀ ସହରରେ ରହୁଥିବା ଜଣେ ସମ୍ମାନନୀୟା ମହିଳା । ନାରୀ ସୁରକ୍ଷା ଆନ୍ଦୋଳନର ସେ ପ୍ରବକ୍ତା । ଦିନକର ଏକ ସଭାରେ, ନାରୀ ସଂସାରର ଅମୂଲ୍ୟ ସମ୍ପଦ । ଦେଶର ପ୍ରଗତିରେ ନାରୀର ଭୂମିକା ଅନସ୍ୱୀକାର୍ଯ୍ୟ । ନାରୀ ମହାନ...ବୋଲି ଖୁବ୍ ଭାଷଣ ଦେଲେ । ଶ୍ରୋତା ମଣ୍ଡଳୀ କରତାଳି ଦେଇ ଉତ୍ସାହିତ କଲେ ତାଙ୍କୁ । ସନ୍ଧ୍ୟାରେ ଆଶାପ୍ରଭା ଦେବୀ ନିଜ ବୋହୂ ଉର୍ମିଳାଙ୍କୁ ସହରର ଏକ କ୍ଲିନିକ୍‌କୁ ଚେକ୍‌ଅପ୍ ପାଇଁ ନେଲେ । ଚେକ୍‌ଅପ୍ ପରେ ବୋହୂକୁ ବାହାରେ ବସେଇ ନିଜେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଚ୍ୟାମ୍ବର ଭିତରକୁ ଗଲେ । ପଚାରିଲେ: ମୋ ବୋହୂ ପେଟରେ ଥିବା ପିଲାଟି ପୁଅ ନା ଝିଅ ? ଚେକ୍‌ଅପ୍ କରିଥିବା ଡାକ୍ତର କହିଲେ, ଝିଅ ଅଛି ଆଉ ଝିଅର ସ୍ୱାସ୍ଥ୍ୟ ବି ପରଫେକ୍ଟ ଅଛି । ଚିନ୍ତାର କିଛି କାରଣ ନାହିଁ । ଆଶାପ୍ରଭା ଦେବୀଙ୍କ ମୁଖମଣ୍ଡଳରେ ଏଥର ଝଲସି ଉଠିଲା ଆଶାର କିରଣ । ଗଦ୍‌ଗଦ୍ ହୋଇ ସେ ଡାକ୍ତରଙ୍କୁ କହିଲେ, ଝିଅ ହେଲେ ମିଠା ଖୁଏଇବି ।

**ଦୃଶ୍ୟ ନମ୍ବର ଦୁଇ:** ନୂଆ ବାହାହୋଇ ଶୁଭଙ୍କର ଓ ନୀଲମ୍ ରାଉରକେଲାର ସେକ୍ଟର ୧୯ରେ ରହନ୍ତି । ଶୁଭଙ୍କର ଷ୍ଟିଲ୍ ପ୍ଲାଣ୍ଟ୍‌ରେ ଚାକିରି କରନ୍ତି । ଶୁଭଙ୍କର ଅନେକ ସମୟରେ ଗାଁରେ ଥିବା ନିଜ ବୃଦ୍ଧା ମାଆଙ୍କୁ ଆଣି ନିଜ ପାଖରେ ରଖିବାକୁ ଇଚ୍ଛା ପ୍ରକାଶ କରିଥାନ୍ତି ନୀଲମ ପାଖରେ । ନୀଲମର କିନ୍ତୁ ଏକା ଜିଦ୍, ମାଆକୁ ଆଣିଲେ ମୁଁ ବାପଘର ପଳେଇବି । ଏ ପ୍ରକାର ଧମକରେ ବିଚରା ମାଆକୁ ଆଣି ପାରୁ ନଥିବା ଶୁଭଙ୍କର ମନସ୍ତାପରେ ଥାଆନ୍ତି । ଦିନେ ଅଫିସ୍‌ରେ ଥିବା ବେଳେ ଶୁଭଙ୍କର ପାଖକୁ ଶାଶୁଙ୍କର ଫୋନ୍ ଆସିଲା: "ଆରେ ପୁଅ, ମୋତେ ଆସି ନେଇଯାଅ । ମୁଁ ଏଠି ଏକୁଟିଆ ବୋର୍ ହେଉଛି । ନୀଲମର ବି ପିଲା ହେବ । ସେତେବେଳେ ମୁଁ ପାଖରେ ରହିଲେ ସାହାଯ୍ୟ ହେବ ।" ଶୁଭଙ୍କର ଶାଶୁଙ୍କୁ ନେଇ ନିଜ କ୍ୱାର୍ଟରରେ ପହଞ୍ଚିଲେ । ଶାଶୁ ପଛରେ ଥାଆନ୍ତି । ସେ ଆଗ ଯାଇ କହିଲେ, "ନୀଲମ୍ ମୁଁ ତମକୁ ନପଚାରି ମାଆଙ୍କୁ ନେଇ ଆସିଲି ।" ଏତିକି କହିବା ବେଳକୁ ଚିହିଁକି ଉଠିଲା ନୀଲମ ଓ ବଡ଼ପାଟିରେ ଚିତ୍କାର କରି କହିଲା, "ତମକୁ ପରା ବାର୍ ବାର୍ ମନା କରିଥିଲି ମାଆଙ୍କୁ ଆଣିବିନି ବୋଲି ! ମୋତେ ଅସୁବିଧା ହେବ ଚଳିବାରେ ।" ଏତିକି କହି ନୀଲମ ବୁଲି ପଡ଼ିବା ବେଳକୁ ସାମ୍ନାରେ ନିଜ ମାଆକୁ ଦେଖି ଖୁସିରେ ଗଦ୍‌ଗଦ୍ ହୋଇ କହିଲା, "ତମେ ସିନା କହିଥାନ୍ତ ମୋ ମାଆକୁ ଆଣିଲ ବୋଲି । ଭଲ ହେଲା । ଥ୍ୟାଙ୍କ୍‌ସ୍ ।"

ଏ ଦୁଇ ପ୍ରକାର ଦୃଶ୍ୟରୁ ବେଶ୍ ସ୍ପଷ୍ଟ ନାରୀର ଭିନ୍ନ ଭିନ୍ନ ଭୂମିକା । ଏ ଭୂମିକାମାନଙ୍କରୁ ତଥାପି ଆମ ନାରୀର ସର୍ବଂସହା ରୂପଟି ଜଳଜଳ ହୋଇ ଦିଶେ ।


ତେଣୁ ଆଜି ସମୟ ଆସିଛି ଆମେ ନାରୀମାନେ ଏ ଦିଗରେ ଗଭୀର ଭାବେ ଭାବିବାର । ସହିବା ଓ ଭଲପାଇବା ଭିତରେ ଆମେ ବି ଗଢ଼ିଦେଇ ପାରିବା ଗୋଟେ ହସଖୁସିର ପ୍ରୀତିଭରା ପରିବାର ଓ ସମାଜ । ହୋଲି ଓ ଦୋଳ ପୂର୍ଣ୍ଣିମାର ଶୁଭେଚ୍ଛା ।



ସମ୍ପାଦିକା

ଘଟଣା-ଚରିତ୍ର

# ସାଥୀ ସତ୍ୟବାଦୀ



▼ କବି ସତ୍ୟବାଦୀ ରାଉତ

# ହୋ ! ସତ୍ୟବାଦୀ ରାଉତେ !

**ଅଜୟ ସ୍ୱାଇଁ**

ଫଟୋ ସୌଜନ୍ୟ : ବାଦଲ ମହାନ୍ତି ଓ ସୁଶାନ୍ତ କୁମାର ରାଉତ

ରଣନଈରେ 'ବ୍ରା'ପରି ଜହ୍ନ ।
ବିଲର ହିଡ଼େ ହିଡ଼େ କାଦୁଅ ଗେଣ୍ଡା ।
ବିଲର ହିଡ଼େ ହିଡ଼େ କାଉଚିଆ, ଗଈଶ, ନାଁ ଅଜଣା ଘାସଫୁଲ ।

ତୁମ ଗାଁ ମୁଣ୍ଡେ ମହାନଦୀ, ଠାକୁରାଣୀ ଗାଦୀ, ତୁମ ଗାଁ ମୁଣ୍ଡେ କୃଷକ ହାଇସ୍କୁଲ୍ । ସେଠି ବେଳେବେଳେ ଆମର ଖଟି ହୁଏ । ଦେବ୍ରାଜ୍ ଲେଙ୍କା, କୌଶିକ ନାୟକ, ବଂଶୀଧର ରାଉତ, ହରି ସ୍ୱାଇଁ, ଛନ୍ଦା ଆଚାର୍ଯ୍ୟ... ।

ମନେ ଅଛି ?

ତୁମେ ସେତେବେଳେ ପାଞ୍ଚଫୁଟ୍ ଆଠଇଞ୍ଚର ସୁସ୍ଥ ସବଳ ମଣିଷ । ସବୁବେଳେ ମୁହଁରେ ହସ, ଥଟ୍ଟା, ମଜା, ପହିଜ । ତୁମ ବ୍ରାଣ୍ଡ୍ ଗୋଲ୍ଡ୍ ଫ୍ଲେକ୍ କିଙ୍ଗ୍ । ସବୁବେଳେ କବିତା । ସବୁବେଳେ ଭୋଜିଭାତ, ଗମାତ୍ । ସେତେବେଳକୁ ତୁମର କବିତା ବହିଟିଏ ବାହାରି ସାରିଥାଏ ।

"ନଈରେ ନଈଏ ପାଣି...ମାଛ ପରି ପହଁରୁଛି ଜହ୍ନ । ଛନ୍ଦା ଆଚାର୍ଯ୍ୟ ଆଙ୍କିଥାଏ ତା' କଭର୍ ପେଜ୍ । ଅଙ୍କାବଙ୍କା ନଈ । ତା' ଭିତରେ ଗୋଟେ ଝିଅର ମୁହଁ ବୋଧେ ? ମନେନାହିଁ । ସେ କବିତା ବହି ଉପରେ ଆମର ଚର୍ଚ୍ଚା । ବୋଧେ ସେଇ ବହିରେ ଭେଟିଥିଲି ବୀଣା ଅପାକୁ । କିଏ ଏଇ ବୀଣା ଅପା ? ଯିଏ ସବୁବେଳେ ଛାତ ଉପରେ ତାଙ୍କର ଓଦାବାଳ ଶୁଖାଉଥାନ୍ତି । ଓ କ୍ରୁଶ୍‌ରେ ବୁଣୁଥାନ୍ତି ସ୍ୱେଟର୍ । ବେଳେବେଳେ ଅନ୍ୟମନସ୍କ ହୋଇ ଟିପ ଫୁଟେଇ ଦିଅନ୍ତି କ୍ରୁଶ୍‌ରେ । ସେଇ ରକ୍ତରେ ଲେଖିଦିଅନ୍ତି କାହା ନାଁ । କାହାର ? ତୁମର ? ସତ୍ୟବାଦୀ... ।

ତୁମେ ଏଥିରେ ହସିଦିଅ । ମୁଁ କେବେ ବୀଣା ଅପାକୁ ଦେଖିନୁ କି ପାଖ କୋଉ କଲେଜ୍‌ରେ ସେ ଅଧ୍ୟାପିକା ଥିଲେ ଜାଣିନି । ହୋଇପାରେ, ଏମିତି ଗୋଟେ କାଳ୍ପନିକ ପ୍ରେମ ପଛରେ ତୁମେ ବୋଧେ



କବି ସତ୍ୟବାଦୀ ରାଉତ



ଲେଖକ ଅଜୟ ସ୍ୱାଇଁ

ଧାଇଁଚ ସାରା ଜୀବନ ।

(ଆମେ ଜାଣୁ, ତୁମେ ମହାନ୍ ପ୍ରେମିକ)

ଭୁବନେଶ୍ୱର ଏଫ୍.ସି.ଆଇ.ରେ ଚାକିରି କରୁଥାଅ । କେବେକେବେ ଆମର ଦେଖାହୁଏ 'ନବପ୍ରଭାତ'ରେ ନହେଲେ ପୁରୁଣା ବସ୍‌ଷ୍ଟାଣ୍ଡରେ । ସେତେବେଳେ କୈଳାସ ତ୍ରିପାଠୀ ଥା'ନ୍ତି, ତ୍ରିଲୋଚନ ମହାନ୍ତି ଥା'ନ୍ତି । ତୁମ ଗାଁ ପାଖର ନକୁଳ ସାହୁ ବି ଥାଆନ୍ତି । ଆମେ ସେଠୁ ହୋଟେଲ୍‌କୁ ଯାଉ । ପେଟପୂରା ନଖୁଆଇଲେ ତୁମ ମନ ବୁଝେନି । ତୁମେ ପୁଣି ବସ୍‌ରେ ବାଙ୍କି ଫେର । ସେତେବେଳେ ତ୍ରିଶୂଳିଆ ରାସ୍ତା ଦେଇ ବସ୍ ଯାଉଥିଲା କି ନା ଏବେ ମନେ ପଡୁନି ।

ବହୁତ ଖର୍ଚ୍ଚୀ ଲୋକ ତୁମେ । ମୁଁ ଦେଖିଚି ଏକାଥରେ କୋଡ଼ିଏଟା ଲକ୍ସ ସାବୁନ୍, ପାଂଚଟା କେଓ କାର୍ପିନ୍ ତୁମେ କିଣିଚ । ପଚାରିଲେ କୁହ: ପିଲାଙ୍କ ପାଇଁ ।

ଏମିତି ଏକାଥରେ ପଚାଶ ପ୍ୟାକେଟ୍ ସିଗ୍ରେଟ୍ ବଂଶୀଧର ରାଉତ ବି କିଣନ୍ତି ।

ତୁମର ଦୁଇ ପୁଅ, ଗୋଟେ ଝିଅ ମୁଁ ଜାଣେ । କେବେ ଦେଖିନଥାଏ । ଦେବ୍ରାଜ୍ ସାର୍‌ଙ୍କ ସହ ତୁମେ ଥଟ୍ଟାମଜା କର । ଆମ ସହ ତ ବହୁତ୍ ।

ବାଙ୍କୀ କଲେଜ୍‌ରେ କବିତା ପାଠ ହେଲେ, ମତେ ଖୋଜା । ଥରେ ମୁଁ ଯାଇ ପାରିଲିନି । ସେଥର ସୁନୀଲ୍ ପୃଷ୍ଟି କାଳେ ସଂଯୋଜନା କଲେ । ଦେବ୍ରାଜ୍ ଲେଙ୍କା କହିଲେ : ତୁ ହୀରୋ ହେଇଥାନ୍ତୁ...ସୁନୀଲ୍ ହୀରୋ ହେଇଗଲା ।

ହଁ କ'ଣ କହୁଥିଲି ?

ତା'ପରେ ତୁମର ଦ୍ୱିତୀୟ କବିତା ବହି ବାହାରିଲା ।

"ସହି ! ତୋ ଗାଁ ମୋ ଗାଁ ଦୋ ସୀମାଳିରେ ନଈ ।" ଲମ୍ବା ନାଁ ଦିଅ ତୁମେ । ଭଲ ଲାଗେ । କବିତାର ଧାଡ଼ି ପରି ମନୋରମ... କଅଁଳ । ଯେମିତି ଗୋଟେ କନିଅର ଗଛରେ ବଡ଼ି ଭୋରରୁ ଗୋଟିଏ ମାତ୍ର ହଳଦିଆ କନିଅର ଫୁଲ...

ଯେମିତି ସଂଜ ଆକାଶରେ ଆକାଶର ନାରଙ୍ଗୀ ସିଲ୍‌ହଟ୍ ଉପରେ ଉଡ଼ି ଯାଉଥିବା ଦଳେ ଅଜଣା ପକ୍ଷୀ ।

ଯେମିତି ଧାପେ ପବନର ଆହୁଲାରେ ହୁଲୁରୁ ହୁଲୁରୁ ସଂଜବତୀର ମ୍ଳାନ ଶିଖା...

ସେମିତି ତୁମ କବିତା ।

ସତରେ ତୁମେ କବିତା ଲେଖ ନାହିଁ, କବିତା ବୋଧେ ତୁମକୁ ଲେଖେ, ତା' ଇଚ୍ଛାରେ... ତା' ବରାଦରେ ।

ତା'ପରେ ତୁମର ବଦଳି ରାୟଗଡ଼ା ।

ଆମର ଦେଖା ରାୟଗଡ଼ା ଠି । ଫୋନ୍ କଲି । ହାଜର୍ । ସେମିତି ହସ, ସେମିତି ଥଟ୍ଟା ମଜା । ସେଠି ଯେଉଁ ଘରେ ଭଡ଼ା ଥିଲ, ତୃତୀୟ ମହଲାରେ ବୋଧେ, ମନେପଡୁନି । ସେଠି ଖିଆପିଆ ହେଲା । ଗମାତ୍ ହେଲା । କବିତା ପଢ଼ା ହେଲା ।

ହଁ ! ସେଥର ମୁଁ ରାୟଗଡ଼ା ମୋର ଆଉଜଣେ ବନ୍ଧୁଙ୍କ ଡାକରାରେ ଯାଇଥିଲି । ପୂର୍ବରୁ ତୁମେ ମତେ ଥରେ ଡାକିଥିଲ ରାୟଗଡ଼ା । କ'ଣ ଗୋଟେ ସାହିତ୍ୟ କାର୍ଯ୍ୟକ୍ରମକୁ । ମୁଁ 'ହଁ' କହି ଯାଇ ପାରିଲିନି । ଯାଇଥିଲେ ଅନ୍ୟମାନେ ଓ ଦେବ୍ରାଜ୍ ଲେଙ୍କା । ତୁମେ ସେଇଠୁ ମୋ ପାଖକୁ ଦୁଇଟା ଇନ୍‌ଲ୍ୟାଣ୍ଡ୍ ଲେଟର୍‌ରେ ଚିଠି ଲେଖି ପଠେଇଥିଲ । ତୁମ ଅକ୍ଷର ବହୁତ ବଡ଼ ଓ ସୁନ୍ଦର । ତୁମ ସହ ଦେବ୍ରାଜ୍ ସାର୍‌ଙ୍କ ଚିଠି ।


ମୁଁ ପସ୍ତେଇଲି ନଯାଇଥିବାରୁ । ସାହିତ୍ୟ ସଭା ମୋର ଆକର୍ଷଣ ନୁହେଁ । ମୋର ଆକର୍ଷଣ ତୁମେ ଓ ଦେବ୍ରାଜ୍ ସାର୍ ।

ରାୟଗଡ଼ାରେ ଆମେ ବହୁତ ବୁଲିଥିଲେ ସେଦିନ । ମୁଁ ଦୁଇଦିନ ରହି ଚାଲି ଆସିଲି । ଆସିବା ବେଳେ ରାତି ଥିଲା । ଚମତ୍କାର ଜହ୍ନରାତି । ତୁମେ ମତେ ବିଦାୟ ଦେବା ପାଇଁ ଷ୍ଟେସନ୍ ଆସିନଥିଲ । କ'ଣ ଜରୁରୀ କାମରେ ଫସିଗଲ । ମୁଁ ଚାଲି ଆସିଲି । ତୁମେ ରହିଗଲେ ରାୟଗଡ଼ାରେ । ପୁଣି ବାଙ୍କୀ ଆସିଥିବ । ଘରକଥା, ପିଲାମାନଙ୍କ କଥା ଜମିବାଡ଼ି କଥା । ଫସଲ ଅମଳ କଥା ବୁଝାବୁଝି କରି ଫେରି ଯାଇଥିବ ।

ମୁଁ ସେ ଖବର ରଖିନାହିଁ ।

ମୁଁ ଏମିତି । ଅଖଣ୍ଡ, ଅନାହତ କାଳ ଉପରେ ମୋର ବହୁତ ଭରସା । ଯେତିକି ଭରସା ଜୀବନ ଉପରେ । ସମୟ ସହ ଜୀବନ ଚାଲିଥିବ । କେତେବେଳେ ସମୟ ପୁରୁଣା ହେଉଥିବ, କେତେବେଳେ ଜୀବନ । ଏମିତିରେ ମୁଁ ଗୋଟେ ଫୁଲାଫାଙ୍କିଆ ମଣିଷ । କୌଣସି କଥାରେ ସିରିୟସ୍ ହେବା ମୋ ଜାତକରେ ନାହିଁ । ଏବେ ମୋ ଠୁ ତିନିବର୍ଷ ସାନ ଜଣେ ଗାଳ୍ପିକ (ଯିଏ ଏବେ ବହୁ ସରକାରୀ, ବେସରକାରୀ ପୁରସ୍କାରରେ ବିଭୂଷିତ) ମୋର ଜଣେ ବନ୍ଧୁକୁ କହିଲେ, ଅଜୟ ଭଲ ଲେଖିପାରନ୍ତା, ହେଲେ କୋଉଥିରେ ସେ ସିରିୟସ୍ ହୋଇ ପାରେନା । ବସ୍‌ଷ୍ଟାଣ୍ଡ ଖଟିରେ ତା କ୍ରିଏଟିଭିଟି ନଷ୍ଟ ହୋଇଗଲା । (ହାଃ...ହାଃ...ହସିବ ଛଡ଼ା ମୋ ପାଖେ ଆଉ କଣ ଅଛି ?) ଯଦି ଭଗବାନ ସିରିୟସ୍ ହୋଇ ଏ ସୃଷ୍ଟି ତିଆରି କରିଥାନ୍ତେ, ତେବେ ଏ ଶଳା ମଣିଷକୁ ମୋଟେ ତିଆରି କରିନଥାନ୍ତେ !

ତୁମେ ବି ମୋ ପରି କୋଉ କଥାରେ ସିରିୟସ୍ ନୁହଁ, ସେଇଠୁ... ?



ସେଇଠୁ, ଯାହା ହେଲା, ମୁଁ ପଥର ହେଇଗଲି ଶୁଣିକି । କିଏ ମତେ ଆଗେ ଏ ଖରାପ ଖବର ଦେଲା, ମନେନାହିଁ, ତୁମେ ଆଉ ଚାଲିପାରୁନ, ବସି ପାରୁନ । ପଂଗୁ ହେଇ ଯାଇଚ । ପାରାଲିସିସ୍ ଆଟାକ୍ କରିଛ ତୁମକୁ ।

ଏତେ ବଡ଼ ମଣିଷ ! ଏତେ ବଳ, ଏତେ ହସ, ଏତେ ଥଟ୍ଟା ତାମସାର ମଣିଷ...

ମୁଁ ତୁମକୁ ଜାଣିଶୁଣି ଭେଟିଲି ନାହିଁ । ଏ ନୂଆ ସତ୍ୟବାଦୀ ରାଉତକୁ ମୁଁ କେମିତି ଭେଟି ପାରିଥାନ୍ତି ? କେମିତି ଆରମ୍ଭ କରିଥାନ୍ତି ? ପୁଣି ଆରମ୍ଭରୁ ?

ଏମିତି ଅନେକଗୁଡ଼ାଏ ଦିନ ବହିଗଲା, ମହାନଦୀର ପାଣି ପରି । ସେ ପାଣିରେ ଭାସିଗଲେ ଅନେକ ସ୍ମୃତିର ଛାଇ । ମାଛ ପରି ପହଁରୁଥିବା ଜହ୍ନ ।

ହେଲେ, ତୁମେ ସେମିତି ଝଲ୍‌ମଲ୍ ଥିଲ, ତୁମକୁ ଭେଟିବା ବେଳକୁ । ଗୋଟେ ବାଡ଼ି ଧରି ଚାଲୁଥିଲ । ମତେ ଦେଖି ତୁମ ମୁହଁରେ ସକାଳ । ସେମିତି ହସ । ସେମିତି ଥଟ୍ଟାମଜା । ମୁଁ ପଚାରିଲି: ବୀଣା ଅପାଙ୍କ ଖବର କ'ଣ ?

ତୁମେ ହସିଲ ଓ କହିଲ: ଶଳା, ମୁଁ ପଛେ ବୁଢ଼ା ହେଇଗଲି, ହେଲେ ବୀଣା ଅପାର ବୟସ ବଢୁନି । (ହସିଲେ)

ମୁଁ ଚାହିଁଲି । ତାଙ୍କ ଗାଁର ସବୁ ଛାତ ଉପରେ ଜଣେ ଜଣେ ବୀଣା ଅପା ସ୍ୱେଟର୍ ବୁଣୁଛନ୍ତି କ୍ରୁଶରେ । (ଏତେ ସ୍ୱେଟର୍ ତୁମେ କ'ଣ କରିବ ସତ୍ୟବାଦୀ ?)

ଏଇ ବୀଣା ଅପା ତୁମର କଳ୍ପନା । ତୁମର କବିତା । ଯିଏ ସଦା କିଶୋରୀ । କଳ୍ପନା କ'ଣ କେବେ ବୁଢ଼ା ହୁଏ ? ଏଣୁ ତୁମେ ବି ବୁଢ଼ା ହେଉନ ।

ଏ ଭିତରେ ତୁମ ଝିଅ ବାହା ହେଇଛି । ପୁଅ ବାହା ହେଇଛି । ନାତି ନାତୁଣୀରେ ପୂରି ଉଠିଛି ଘର । ତୁମେ ପୁରୁଣା ଶିଶୁକାଠର ଖଟ ଉପରେ ବସିଛ । ଗଦାଗଦା କାଗଜରେ ପଡ଼ିଛି ଅଧାଲେଖା କବିତା । ସିଲିଂ ଫ୍ୟାନ୍‌ର ପବନରେ ଉଡୁଛି । ଯେମିତି ବୀଣା ଅପାଙ୍କ କାନି ।

ଆମର ଆଲୋଚନା ହେଲା, କବିତା ଉପରେ । ତୁମେ କବିତା ପଢ଼ିଲ । କଣ୍ଠ ସେମିତି ଅଛି । ଅବିକଳ ।

ମନେପଡ଼ିଲା, ଦେବଦାସ ଛୋଟରାୟ, ବିଶିଷ୍ଟ ବଙ୍ଗଳା ଚିତ୍ର ତାରକା ସୌମିତ୍ର ଚାଟାର୍ଜୀଙ୍କ ସହ ସାକ୍ଷାତକାର । ଦେବଦାସ ପଚାରିଲେ, ଯଦି ଆପଣଙ୍କୁ କୋଉ ମନ୍ଦ ଦେବତା ଆପଣଙ୍କର କୌଣସି ଅଙ୍ଗ ଦାନସୂତ୍ରରେ ମାଗନ୍ତି, ଆପଣ ତାଙ୍କୁ କ'ଣ ଦେଇ ସନ୍ତୁଷ୍ଟ କରିବେ ?

ସୌମିତ୍ର କହିଲେ, ମୁଁ ମୋ ଶରୀରର ସବୁକିଛି ଦେଇ ପାରିବି । କେବଳ ମୋ 'ଜିଭ' ଛଡ଼ା । କାରଣ, ମୋ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ I want to communicate.

ସତ୍ୟବାଦୀଙ୍କ ଜିଭ ଠିକ୍ ଥିଲା । କବିତାରେ ସେ ନିଜକୁ ଚିହ୍ନେଇ ପାରୁଥିଲେ । (ଭଗବାନଙ୍କୁ ଅସଂଖ୍ୟ ଧନ୍ୟବାଦ ।)

ସଙ୍ଗେ ସଙ୍ଗେ ରନ୍ଧା ହେଲା ଚିକେନ୍, ଅରୁଆ ଭାତ, ଡାଲି, ପାମ୍ପଡ଼ । ପଢ଼ା ହେଲା କବିତା ।

"ଯାଯାବର ଋତୁମାନେ ଫେରନ୍ତି ଘରକୁ / ଆକାଶୁ ଓହ୍ଲାଏ ଜହ୍ନ ପାହାଡ଼ ଶିଖକୁ.../ ଶୁଏନି ମୁଁ ନିରାପଦ ନିଦ / ଛନକା ଛନକା ଲାଗେ ଆକାଶ ପରି ଚେଇଁଥାଏ ରାତିଯାକ / ତାରା ପରି ଚେଇଁ ଚେଇଁ କଟିଯାଏ ମୋର ସମଗ୍ର ଆୟୁଷ ।"

ଗେଣ୍ଡାଳିଆମାନେ ଡେଣା ଝାଡ଼ି ଫେରୁଥାନ୍ତି ଜାତମୁଣ୍ଡିଆ ଆଡ଼େ । କୌଶିକ ନାୟକ୍‌ର ଗାଁ ଆଡ଼େ ଦିଶୁଥାଏ ଗୋଠ ଫେରନ୍ତା ଖୁରା ଧୂଳିର ପଟଳ, ଚର୍ଚ୍ଚିକେଇଙ୍କ ବେଢ଼ାରୁ ଶୁଭୁଥାଏ ସଂଜ ଆଳତିର ଘଣ୍ଟଘଣ୍ଟା କାହାଳୀ । ତଥାପି ବଳିଥାଏ କିଛି ସୂର୍ଯ୍ୟାସ୍ତ ।

ମୁଁ ପଚାରିଲି: ଆଉ ନୂଆ ବହି ଖବର ?

- ହେଇନି ଏଯାଏଁ । ଦେଖାଯାଉ କେବେ ହେଉଛି ? ଏବେ ଦୁଇଟା ବହି ହେବା ଯାଏଁ କବିତା ଷ୍ଟକ୍ ଅଛି । ଆଉ ଦୁଇଟା ବହିର ଅଛି ଛାତିତଳେ ।

ମୁଁ ଚାହିଁଲି ବିରାଟ ଛାତିର (ହୃଦୟର ?) ମଣିଷ ସତ୍ୟବାଦୀଙ୍କୁ ।

ଦେବ୍ରାଜ୍ ସାର୍ କହନ୍ତି: ନାଁଟା ସତ୍ୟବାଦୀ । ହେଲେ, ସବୁ ମିଛ ତା' ପାଖେ ।

ସତ୍ୟବାଦୀ: ଦେବଭାଇ ! କବି ଯେ ସତମିଛ କରି କହନ୍ତି...କବିତା ଚାତୁରୀରେ ମନ ମୋହନ୍ତି ।

ଏବେ ଏବେ ବର୍ଷା ପବ୍ଲିକେଶନ୍ ଛାପିଛି ତାଙ୍କର ନୂଆ କବିତା ବହି । 'ଗେଣ୍ଡାଳିଆ ଡେଣା ତଳେ ବଳକା ସୂର୍ଯ୍ୟାସ୍ତ' ଓ 'ସହି ! ତୋ ଗାଁ ମୋ ଗାଁ ଦୋ ସୀମାଳିରେ ନଈ'ର ଦ୍ୱିତୀୟ ସଂସ୍କରଣ । ଧନ୍ୟବାଦ କବି ବାଦଲ (ମହାନ୍ତି) । ସେ କେମିତି ଠାବ କଲା ତୁମକୁ ? ଏତେ ଖରାରେ ସିଝି ଏତେ ବନ୍ୟାରେ ବତୁରି, ଏତେ ଶୀତରେ କୁଙ୍କୁରିକାଙ୍କୁରି ତଥାପି ସତ୍ୟବାଦୀଙ୍କ କବିତା ଫୁଟିଛି ଓ ବାସ ଚହଟଉଛି । ବାଦଲ୍ ସେଇ ବାସ୍ନା ଖୋଜି ଖୋଜି ବୋଧେ ପହଁଚିଗଲା ସତ୍ୟବାଦୀଙ୍କ ପାଖରେ ।

ଫେସ୍‌ବୁକ୍‌ରେ ଦେଖିଲି, ଏ ବର୍ଷର 'କାଦମ୍ବିନୀ କବିତା ପୁରସ୍କାର' ପାଇଛନ୍ତି ସତ୍ୟବାଦୀ । ଏତେ ବଡ଼ ବଡ଼ ନାମକରା ଅଫିସର୍ ପ୍ରଫେସର୍ କବି ଥାଉଥାଉ ସତ୍ୟବାଦୀ ରାଉତ କେମିତି ପାଇଲେ ପୁରସ୍କାର ? ସତ୍ୟବାଦୀଙ୍କର ବି ଲବି ଅଛି ? ନା ଭୁଲ୍‌ରେ ବିଚାରକମାନେ ତାଙ୍କୁ ଦେଇଦେଲେ ପୁରସ୍କାର ? ନହେଲେ, ସତ୍ୟବାଦୀ କେବେ ବି କୌଣସି ପୁରସ୍କାର ଲବିରେ ନଥା'ନ୍ତି । ମତେ କହିଥିଲେ, ଆସିବାକୁ । ମୁଁ ତ ଯାଇ ପାରିଲି ନାହିଁ । ସେ ବି ଆସି ପାରିଲେ ନାହିଁ ।

ସେ ଏବେ ବାହାରକୁ ବାହାରି ପାରୁନାହାନ୍ତି । ଦେହ, ଠିକ୍ ରହୁନି । ଘରୁ ଗୋଡ଼ କାଢ଼ିଲେ ବିପଦ । ତଥାପି ଫୋନ୍ କଲାମାତ୍ରେ କହିବେ, "କେବେ ଆସିବ ? ଶୀତ ଟିକେ ଥିବାବେଳେ ଆସ । ମଜା କରିବା । ଚିକେନ୍ ନା ମଟନ୍ ନା ମାଛ ?"

ଏ ଆଗ୍ରହ ଆଗରେ ନିଜକୁ କେମିତି ଦରିଦ୍ର ଲାଗେ । ଏତେ ସ୍ନେହ ଆଗରେ କେହି ତିଷ୍ଠି ରହିବା ସମ୍ଭବ ନୁହେଁ । ମହାନଈରେ, ରଣନଈରେ ଆଉ ପାଣି ନାହିଁ । ନଈପଠା ଶୁଖି ଆସିଲାଣି । ଆଉ ରଣନଈ ପାଣିରେ ଖେଳୁନାହିଁ ଜହ୍ନ ଆଲୁଅର ରୂପା ମାଛ ।


ସତ୍ୟବାଦୀ ରାଉତେ, ପୁରୁଣା ଶିଶୁକାଠର ଖଟ ଉପରେ ବସି ଶୁଣୁଛନ୍ତି ଆକାଶବାଣୀ କଟକ । ଲେଖୁଛନ୍ତି କବିତା । କିଛି କବିତା ସରୁଛି, କିଛି ଅଧାଲେଖା ହୋଇ ଉଡ଼ୁଛି ପବନରେ । ଉଡୁ ।

ଶବ୍ଦକୁ ଶବ୍ଦରେ ଖଞ୍ଜି ସୁବର୍ଣ୍ଣ ହାର ଗଢ଼ିବା ବେଳେ କିଛି ଶବ୍ଦ ତାରା ହୋଇ ଝଟକୁଛନ୍ତି ଆକାଶରେ । ଆହା ଝଟକନ୍ତୁ ।

ରାଉତେ ! ତୁମ କଲମର ମୂନ ଶାଣ ହୋଇ ରହିଥାଉ । ଲେଖା ଚାଲିଥାଉ, ଅସଂଖ୍ୟ କବିତା । ବଢ଼ି ଚାଲିଥାଉ ପ୍ରେମର ପାରାବାର ।

ସତ୍ୟବାଦୀ ରାଉତ, ହଜାରେ ବର୍ଷ ବଂଚନ୍ତୁ । ଆମ ଆୟୁଷ ନେଇ ଆମ ପୁଣ୍ୟ ନେଇ (ଯଦି କିଛି ପୁଣ୍ୟ ଥାଏ), ଆମ ପ୍ରେମ ନେଇ । ସେ ଉର୍ବର ହୁଅନ୍ତୁ ।

ଲେଖନ୍ତୁ ଓ ଥଟ୍ଟାମଜା କରନ୍ତୁ ଆମ ପରି କ୍ଷଣିକ ଦୁଃଖରେ ଭାଂଗି ପଡୁଥିବା ମଣିଷମାନଙ୍କ ସହ । ଓ ଆମକୁ ଶୁଣାଉଥାନ୍ତୁ ସେଇ କବିତା ।




"ନଈ ପଠାରେ ବୁଲୁଥିବ ଜହ୍ନ,
ସୂର୍ଯ୍ୟ ଫେରି ଯାଉଥିବ ପିଇ ପେଟେ ପାଣି ଏ ନଈରୁ
ସୁନା ଫରୁଆରୁ ଢାଳି ଯାଇଚି ସିନ୍ଦୂର ମେଂଚାଏ ।
ଏ ପାଣିରେ ଏତେ ମହୁ କିଏ ଦେଲା ଢାଳି ?
ତୁମ ଚିଠିର ଲମ୍ବାଧାଡ଼ି ପରି
ମତେ ଲାଗେ ପ୍ରୀତିମୟ
ତମ ଗାଁ ନଈ... ।"

ଜୟପୁର, ଇଟିପୁର, ଭୁବନେଶ୍ୱର-୨
ଫୋନ :୮୨୪୯୩୧୮୦୮୮

ମାନନୀୟେଷୁ

# ଯୁଗଳ ଜୀବନ



# ନିଷ୍କପଟ ମଣିଷର ନାମ
# ଯୁଗଳ କିଶୋର ଦତ୍ତ

**ମହାଶ୍ୱେତା ସାହୁ**

ଫଟୋ ସୌଜନ୍ୟ : ଲେଖିକା ଓ ରଶ୍ମିରଂଜନ ମହାନ୍ତି




ଲେଖିକା ମହାଶ୍ୱେତା ସାହୁ▼



ମୋ ପାଇଁ ସେ ଅକୃତ୍ରିମ ସ୍ନେହୀ ମଣିଷଟିଏ । ଯେବେ ମୁଁ ଭେଟିବାକୁ ଯାଏ ସେ ଖୁସିରେ ଗଦ୍‌ଗଦ୍ ହୋଇପଡ଼ନ୍ତି । ଅମାପ ସ୍ନେହରେ ମୋତେ ଆଦର କରି ପଚାରନ୍ତି: "କେମିତି ଅଛ ?" ସ୍ନେହ ଛଳଛଳ ମଣିଷ ସେ । ଯେତେଥର ଯାଏ ସେ ଆସନ୍ତି ଛାଡ଼ିବା ବେଳେ ତାଙ୍କ ଦ୍ୱାର ପାଖ ଗେଟ୍ ପର୍ଯ୍ୟନ୍ତ । ମାତ୍ର ଏଥର ଆଉ ଉଠି ପାରୁ ନଥିଲେ ସେ । ଚାଲିବାକୁ ପ୍ରାୟ ଅକ୍ଷମ ହୋଇ ପଡ଼ିଥିଲେ । ସେଇ ସୋଫାରେ ଜାକି ହୋଇ ବସିଥିଲେ । ଘର ଭିତରେ ପଡ଼ିଯାଇ ତାଙ୍କ ଜଙ୍ଘରେ ମାଡ଼ ହୋଇଥିଲା । ସେଇ କାରଣରୁ ସେ ଚାଲିପାରୁ ନଥିବା କହୁଥିଲେ ବାରମ୍ବାର ।

ଆଜିକୁ ଠିକ୍ କୋଡ଼ିଏ ବର୍ଷ ତଳେ ତାଙ୍କର ସେଇ ଭୁବନେଶ୍ୱର ଆଚାର୍ଯ୍ୟବିହାର ସ୍ଥିତ ଘରେ ତାଙ୍କ ସହ ଭେଟ ହୋଇଥିଲା । ଯୁଗଳ ସାର୍‌ଙ୍କ ସହ ପରିଚୟ ସାହିତ୍ୟରୁ । ୧୯୯୯ ମସିହାରେ କାରଗିଲ୍ ଯୁଦ୍ଧ ପରେ ସେ ଏକ ସଂକଳନ କରୁଥିଲେ ଲେଖକ ସାମ୍ମୁଖ୍ୟ ତରଫରୁ । ତାଙ୍କ ଦ୍ୱାରା ସଂକଳିତ ଏହି ଗଳ୍ପ ପୁସ୍ତକ ପାଇଁ ବିଜ୍ଞାପନ ବାହାରିଥିଲା ଖବରକାଗଜରେ । ସେତେବେଳ ମୁଁ ନୂଆ କରି ଗଳ୍ପ ଲେଖୁଥାଏ । ଖବରକାଗଜ ମାନଙ୍କରେ ଦୁଇ ବର୍ଷ ଆଗରୁ ମୋ ଗଳ୍ପମାନ ପ୍ରକାଶ ପାଉଥାଏ । ମୁଁ ଆଗ୍ରହର ସହ ଗପଟେ ପଠାଇ ଦେଲି ଡାକରେ । ମୋର ସେଇ ଗଳ୍ପଟି ତାଙ୍କ ସଂକଳନରେ ସ୍ଥାନିତ ହେଲା । ସେଇଠୁ ଆରମ୍ଭ ଏଇ ପରିଚୟ ।

ତା' ପୂର୍ବରୁ ତାଙ୍କୁ ଭେଟିଥିଲି କେବେ । ମାତ୍ର ମୁଁ ରମାଦେବୀ କଲେଜ୍‌ରେ ପଢ଼ିବା ସମୟରୁ ତାଙ୍କୁ ଭେଟି ସାରିଥିଲି ବହିରୁ । ତାଙ୍କର 'ଆସାମୀ ହାଜିର୍' ବହି ଠାରୁ ଶରତଚନ୍ଦ୍ର, ରବୀନ୍ଦ୍ରନାଥ, ଶଙ୍କରଙ୍କର ବହୁ ବଙ୍ଗଳା ଅନୁବାଦ ବହି ସବୁ ପଢ଼ି ସାରିଥିଲି ପାଠାଗାରରେ । ମାତ୍ର ଏଇ ସେଇ ଅକୃତ୍ରିମ ସରଳ ମଣିଷ ମୋତେ ଜଣା ନଥିଲା ।

ଜଣେ ଅନୁବାଦକ, ସୁସାହିତ୍ୟିକ ଅପେକ୍ଷା ସେ ମୋ ପାଇଁ ଜଣେ ନିଷ୍ଠାପର, ନିରହଙ୍କାରୀ, ନିଷ୍କପଟ, ସରଳ ସ୍ୱାଭିମାନୀ ମଣିଷ । ଯେ ବିନା ସ୍ୱାର୍ଥରେ ବିନା ଅହଂକାରରେ ସାହିତ୍ୟକୁ ସାଧନା ଭାବେ ଜୀବନର ବ୍ରତ କରିଛନ୍ତି । ମୁଁ ଯେବେ ତାଙ୍କୁ ଭେଟିଛି ସେ ତାଙ୍କର ସେଇ ଟେବୁଲ୍ ଓ ଟୁଲ୍ ଉପରେ ବସି ଲେଖୁଥିବେ । ଯେମିତି ତାଙ୍କ ସାଧନାରେ କାହାକୁ ଅପେକ୍ଷା ନାହିଁ ବରଂ ନିଷ୍ଠା ଅଛି । ସରଳ ଚଳଚଞ୍ଚଳ । ସଦା ବ୍ୟସ୍ତ ମଣିଷ ପରି ମୁଁ ଦେଖିଛି ପୁସ୍ତକମେଳାରେ । କିଏ କହିବ ସେ ଜଣେ ଏତେବଡ଼ ଲେଖକ ! ଯାହା ପାଖରେ କୃତ୍ରିମତା ବୋଲି ଶବ୍ଦଟେ ନାହିଁ । ମୋତେ ସଦା ସ୍ନେହ କରନ୍ତି କୁନି ଝିଅଟେ ପରି । ମୁଁ ପ୍ରଣାମ କରିବା ମାତ୍ରେ ମୁଣ୍ଡରେ ହାତ ରଖନ୍ତି । "ଖୁବ୍ ଲେଖ, କାହାକୁ ଅପେକ୍ଷା କରନି, ମୁଁ ଥାଏ କି ନଥାଏ, ତୁମେ ଖୁବ୍ ଉପରକୁ ଯାଅ...." ଏଇ ଆଶୀର୍ବଚନ ଖୁବ୍ ମୂଲ୍ୟବାନ ମୋ ପାଇଁ ।

କିଛି ମଣିଷ ଏପରି ଅଛନ୍ତି ଜୀବନରେ ବିନା ସ୍ୱାର୍ଥ ଓ ଆଶାରେ ସ୍ନେହଶ୍ରଦ୍ଧାରେ ପୋତି ପକାନ୍ତି । ଯେବେବି ସମୟ ମିଳେ କର୍ମମୟ ଜୀବନର ବ୍ୟସ୍ତତାରୁ ବର୍ଷରେ ଥରେ ଅନ୍ତତଃ ମୁଁ ଦେଖା କରେ ତାଙ୍କୁ । ସ୍ୱାଭିମାନୀ ମଣିଷ ସେ । ଅନୁବାଦ ସାହିତ୍ୟକୁ

ସମୃଦ୍ଧ କରିଥିବା ଏଇ ବିରଳ ମଣିଷଟି ଏକଦା ପ୍ରଶ୍ନ କରିଥିଲେ ମୋତେ ସାହିତ୍ୟ ରଚନା କରିବାର ବା ସାହିତ୍ୟିକ ହେବାର ବିଦ୍ୟାଳୟ ଅଛି କି ? ମୁଁ କହିଥିଲି, "ନା ସାର୍ ।" କହିଲେ, "ସବୁ କଳାଶିକ୍ଷାର ବିଦ୍ୟାଳୟ ଅଛି ମାତ୍ର ସାହିତ୍ୟିକ ବନିବାର ବିଦ୍ୟାଳୟ ନାହିଁ । ନିଜର କଲମକୁ ସଳଖି ଧରି ଆପଣା ସାଧନା ବଳରେ ଜଣେ ହୁଏ ସାହିତ୍ୟିକ । ଯିଏ ଯେତେ ନିଷ୍ଠାପର ଭାବେ ସାଧନା କରେ ସେ ସେତେ କଲମକୁ ତୀକ୍ଷ୍ଣ କରିପାରେ । ଜଣେ ଲେଖକର କାମ ତ ଲେଖିବା, କିନ୍ତୁ ତା ସହ ପଢ଼ିବା ଏକାନ୍ତ ଜରୁରୀ । ଅନ୍ୟ କଥା ନୁହେଁ ।"

ତେଣୁ ତ ସେ ପଢ଼ନ୍ତି ଖୁଉବ୍ । ମୁଁ ଦେଖେ ପତ୍ରିକାମାନଙ୍କରୁ ନୂଆ ଲେଖକଙ୍କ ଠୁ ଆରମ୍ଭ କରି ପ୍ରତିଷ୍ଠିତ ପର୍ଯ୍ୟନ୍ତ ସବୁ ଲେଖକଙ୍କ ଲେଖା ପଢ଼ନ୍ତି ସେ । କେବେକେବେ ଗଲେ ଆଲୋଚନା ହୁଏ ସାହିତ୍ୟକୁ ନେଇ ନାନାକଥା । ସରଳ ସ୍ନେହୀ ମଣିଷଟେ ସେ । ଗଲେ ଖୁସିରେ ଗଦ୍ ଗଦ୍ ହୋଇପଡ଼ନ୍ତି । କହନ୍ତି, "ହେ କୁନିଝିଅଟେ ଥିଲ ଆଜି ତୁମେ ମା' ହୋଇ ସାରିଲଣି । ସମୟ କେତେ ଗଲାଣି କୁହ...ତୁମେ ଆସ ଖୁବ୍ ଖୁସି ଲାଗେ । କିଏ ଆଉ ଆସେ ବିନା ସ୍ୱାର୍ଥରେ...ଖୁବ୍ କମ ମଣିଷ ଫେରନ୍ତି ପଛକୁ ବୁଲି ।" ମୁଁ ଜାଣେନି କାହିଁକି ମୁଁ ତାଙ୍କୁ ଏତେ ସମ୍ମାନ କରେ । ଯେବେ ଫେରେ ତାଙ୍କ ଘରୁ, ସେ ବାଟୋଇ ଦେବାକୁ ଆସି ଠିଆ ହୋଇଥିବେ ଗେଟ୍ ପାଖରେ ମୁଁ ତାଙ୍କ ନଜରରୁ ଅଦୃଶ୍ୟ ହୋଇଯିବା ଯାଏଁ । କିଛି ଆଶା କି କିଛି ପ୍ରତ୍ୟାଶା ନାହିଁ ଏ ସମ୍ପର୍କର । କେବଳ ଟିକିଏ ସମ୍ମାନ ଓ ଶ୍ରଦ୍ଧା ଛଡ଼ା । କେବେ ମଧ୍ୟ ତାଙ୍କ ସହ କଥା ହେଲେ ଲାଗେ ନାହିଁ ସେ ଏତେ ବଡ଼ ସାହିତ୍ୟିକ ବୋଲି । ଈର୍ଷା ଠାରୁ ଦୂରରେ, ଅନ୍ୟମାନଙ୍କ ଗହଳି ଠାରୁ ଦୂରରେ ଠିଆ ହୋଇଥିବା ନିରଳସ ସାଧକ ଜଣେ ।

ପ୍ରାୟ ଦୁଇ ଶତାଧିକ ବହିର ରଚୟିତା ସେ । ତା ମଧ୍ୟରୁ ପ୍ରାୟ ୧୬୩ ଟି ଅନୁବାଦ । ଏହାବ୍ୟତୀତ ତାଙ୍କର ମୌଳିକ ପୁସ୍ତକ ରହିଛି ୩୭ ଖଣ୍ଡ । ବଙ୍ଗଳାର ପ୍ରାୟ ସମସ୍ତ ବଡ଼ ଲେଖକଙ୍କର ପୁସ୍ତକକୁ ସେ ଅନୁବାଦ କରି ଓଡ଼ିଆ ଅନୁବାଦ ସାହିତ୍ୟରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି ।

୧୯୨୮ ମସିହା ଡିସେମ୍ବର ମାସ ୨୪ ତାରିଖରେ ପୁରୀରେ ଜନ୍ମ । ତାଙ୍କ ପିତାଙ୍କ ନାମ ୰ ନଦିଆଚାନ୍ଦ ଦତ୍ତ ଓ ମାତାଙ୍କ ନାମ କିରଣବାଳା । ସେ ନବମ ପର୍ଯ୍ୟନ୍ତ ପୁରୀ ଜିଲ୍ଲା ସ୍କୁଲ୍‌ରେ ପାଠ ପଢ଼ିଛନ୍ତି । ଦଶମ ଓ ଏକାଦଶ ଭଦ୍ରକରେ ପଢ଼ି ୧୯୪୬ରେ ସେ ମାଟ୍ରିକ୍ ପାସ୍ କଲେ । ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରୁ ସେ ତାଙ୍କ କଲେଜ ପଢା ଶେଷ କରି କୋଅପରେଟିଭ୍ ଇନ୍ସପେକ୍ଟର୍ ଭବେ ସମ୍ବଲପୁରରୁ ଚାକିରୀ ଜୀବନ ଆରମ୍ଭ କଲେ ୧୯୫୨ ମସିହାରେ ।

▼ ବିଖ୍ୟାତ ବାଂଲାଦେଶୀ ଲେଖିକା ତସ୍‌ଲିମା ନାସ୍‌ରିନ୍‌ଙ୍କ ସହିତ





▲ ସହଧର୍ମିଣୀଙ୍କ ସହ ଯୁଗଳ କିଶୋର ଦତ୍ତ

ତାଙ୍କ ସାହିତ୍ୟ ଯାତ୍ରାର ଖଡ଼ିପାଠ ହୁଏ ୧୯୪୭ରେ । ମୌଳିକ ରଚନାରୁ ଆରମ୍ଭ କରିଥିଲେ ସେ ତାଙ୍କର ସାହିତ୍ୟ ଯାତ୍ରା । ପ୍ରାୟ ତାଙ୍କ ଲେଖା ବ୍ରହ୍ମପୁରରୁ ପ୍ରକାଶ ପାଉଥିବା 'ନବୀନ' ପତ୍ରିକା ଓ 'ଆସନ୍ତାକାଲି' ପତ୍ରିକାର ପୃଷ୍ଠା ମଣ୍ଡନ କରୁଥିଲା ସେ ସମୟରେ ।

୧୯୭୦ରେ ସେ ଆରମ୍ଭ କଲେ ଅନୁବାଦ । ଅନୁବାଦକୁ କାହିଁକି ଗଲେ ପ୍ରଶ୍ନର ଉତ୍ତରରେ ସେ କହନ୍ତି, "ଯେବେ ମୁଁ ବଙ୍ଗଳାରେ କିଛି ପୁସ୍ତକ ପଢ଼ିଲି ଅଭିଭୂତ ହେଲି । ମୋ ଭିତରେ ଯେଉଁ ଅପାର ଆନନ୍ଦ ମୁଁ ଉପଭୋଗ କଲି ମୁଁ ଭାବିଲି ଯଦି ଏହିଭଳି ପୁସ୍ତକମାନଙ୍କୁ ମୁଁ ଓଡ଼ିଆ ଭାଷାରେ ଅନୁବାଦ କରିବି ତାହା ହେଲେ ଅନ୍ୟମାନେ ମଧ୍ୟ (ଯେଉଁମାନେ ବଙ୍ଗଳା ପଢ଼ନ୍ତି ନାହିଁ) ପଢ଼ି ପାରିବେ ଓ ମୋ ପରି ପାଠକୀୟ ଆନନ୍ଦ ପାଇପାରିବେ ।" ଏହା ଥିଲା ତାଙ୍କ ଅନୁବାଦ କ୍ଷେତ୍ରକୁ ପ୍ରବେଶର ମୂଳ ଲକ୍ଷ୍ୟ ।

ତାଙ୍କର ଏହି ଅନୁବାଦର ଯାତ୍ରା ୧୯୭୦ରେ 'ଜୀବନରଂଗ' ପତ୍ରିକାରୁ ଆରମ୍ଭ ହେଲା । ପ୍ରଥମେ ବିମଳ ମିତ୍ରଙ୍କ 'ଆମେରିକା' ଗଳ୍ପକୁ ଅନୁବାଦ କରି ପଠାଇଲେ 'ଜୀବନରଂଗ'କୁ । ସେଇଠୁ ସେଇଯାତ୍ରା ଏକ ଦୀର୍ଘ ଯାତ୍ରା ପାଲଟିଗଲା ଅନୁବାଦ ସାହିତ୍ୟ ପାଇଁ । ୧୯୯୭ରେ ସେ ବିମଳ ମିତ୍ରଙ୍କ 'ଆସାମୀ ହାଜିର୍' ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଓ ସେଇ ବିମଳ ମିତ୍ରଙ୍କ 'ଜନ-ଗଣ-ମନ' ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଲେ । ସବୁଠାରୁ ବଡ଼ କଥା ହେଲା ଯେଉଁ ଲେଖକଙ୍କ ଅନୁବାଦ ପୁସ୍ତକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଲା ସେ କିନ୍ତୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇନାହାନ୍ତି । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କୃତ ବିମଳ ମିତ୍ରଙ୍କ ଅନୁବାଦ ପୁସ୍ତକ ପୁରସ୍କୃତ ହେବା ଏକ ଚମତ୍କାର କଥା ଥିଲା । ଓଡ଼ିଆରେ ସେହି ପୁସ୍ତକର କଭର୍ ଡିଜାଇନ୍ କରିଥିଲେ ଅସୀତ ମୁଖାର୍ଜୀ । ତାଙ୍କର ପ୍ରାୟ ପୁସ୍ତକର କଭର୍ ଅସୀତ ଦା' କରିଥାନ୍ତି ।

ତାଙ୍କ ସହ ବିଜୟକୃଷ୍ଣ ମହାନ୍ତିଙ୍କ ସଂପର୍କ କଥା ପଦେ ଏଇଠାରେ ଲେଖିବି । ୧୯୪୦ରୁ ବିଜୟକୃଷ୍ଣ ମହାନ୍ତିଙ୍କ ସହ ତାଙ୍କ ବନ୍ଧୁତା । ପ୍ରାୟ ୫୫ବର୍ଷର ସମ୍ପର୍କ । ପିଲାଦିନର ସାଙ୍ଗ । ଅନାବିଳ ସଂପର୍କର ନାଁ ତାଙ୍କର ସେ ବନ୍ଧୁତ୍ୱ । କହୁ କହୁ କାନ୍ଦି ପକାଇଲେ : "ତା' ଭଳି ସାଙ୍ଗ ଆଉ କାହିଁ ? କିଛି କୃତ୍ରିମତା ନଥିଲା । ବିନା ଦ୍ୱିଧାରେ ବିନା ସଂକୋଚରେ ପହଞ୍ଚି ଯାଉଥିଲୁ ଯେଝା ଯେଝା ଘରେ । ପୁରୀରେ ପାଠ ପଢ଼ିବା ବେଳ ଠାରୁ ସପ୍ତମ ଶ୍ରେଣୀରୁ ଏକାବେଞ୍ଚରେ ବସି ପଢୁଥିଲୁ....ଠକି ଦେଇ ଆଗ ଚାଲିଗଲା ।" ସଦାବେଳେ 'ଆପଣ'ରେ ସମ୍ବୋଧନ କରୁଥିଲେ ଦୁହେଁ ଦୁହିଁଙ୍କୁ ? ଦେଖିଲେ ପଚାରି ବସନ୍ତି, "ଗପ ଧରି ଆସିଛୁ ?" ଏଇ ଥିଲା ସେମାନଙ୍କ ବନ୍ଧୁତା କଥା ।

ମୁଁ ଏଠି ୰ ବିଜୟକୃଷ୍ଣ ମହାନ୍ତିଙ୍କ ସହ ମୋର ପରିଚୟ କଥା ଟିକେ କହିବି ଏଇ କ୍ରମରେ । ସେ ତ ଆଉ ନାହାନ୍ତି । କିନ୍ତୁ ତାଙ୍କ ସ୍ନେହ ମୋର ପୁରସ୍କାର

## ଯୁଗଳ କିଶୋର ଦତ୍ତ: ଅନୁଦିତ ବହିର ତାଲିକା

**ବିମଳ ମିତ୍ର**

| | |
|---|---|
| ୧. ସ୍ତ୍ରୀ... | ୧୯୭୮ |
| ୨. ସ୍ତ୍ରୀଲୋକ | ୧୯୯୬ |
| ୩. ଶେଷଶୂନ୍ୟ | ୨୦୦୧ |
| ୪. ହିସାବ ଅମେଳ | ୧୯୯୦ |
| ୫. ବିମଳ ମିତ୍ରଙ୍କର ଶ୍ରେଷ୍ଠ ଗଳ୍ପ | ୧୯୯୩ |
| ୬. ମୋର ପ୍ରିୟଗଳ୍ପ | ୧୯୯୬ |
| ୭. ରାତିର କଲିକତା | ୧୯୮୭ |
| ୮. ଏଥର କାହାର ପାଳି | ୧୯୯୨ |
| ୯. ରାଜାବଦଳ | ୧୯୯୫ |
| ୧୦. ଆସାମୀ ହାଜିର | ୧୯୯୧ |
| ୧୧. ଗୁଲମୋହର | ୧୯୯୨ |
| ୧୨. ସରବତୀ ବାଈ | ୧୯୯୪ |
| ୧୩. ଏକକ ଦଶକ ଶତକ | ୧୯୯୯ |
| ୧୪. କଳିଯୁଗର କାହାଣୀ | ୧୯୯୬ |
| ୧୫. ଜନଗଣମନ | ୧୯୯୬ |
| ୧୬. ନିବେଦନ ଇତି | ୧୯୯୬ |
| ୧୭. ସତସ୍ୱତୀୟା | ୧୯୯୯ |
| ୧୮. ପତି ପରମଗୁରୁ | ୨୦୦୦ |
| ୧୯. ଏଇ ନର ଦେହ | ୨୦୦୪ |
| ୨୦. ସବ୍ ଝୁଟ୍ ହାୟ | ୨୦୦୪ |
| ୨୧. କଥାଥିଲା | ୨୦୦୪ |
| ୨୨. ଭଗବାନ କାନ୍ଦୁଛନ୍ତି | ୨୦୦୩ |
| ୨୩. ଉପନ୍ୟାସ ତ୍ରୟୀ | ୨୦୦୨ |
| ୨୪. ପଞ୍ଚନାୟିକା | ୨୦୦୩ |
| ୨୫. ଚାଲ କଲିକତା | ୨୦୦୫ |
| ୨୬. ଯେଉଁମାନଙ୍କର କେହିନାହିଁ | ୨୦୦୬ |
| ୨୭. କଉଡ଼ି ଦେଇ କିଣିଲି (୧ମ ଭାଗ) | ୨୦୦୬ |
| ୨୭. କଉଡ଼ିଦେଇ କିଣିଲି (୨ୟ ଭାଗ) | ୨୦୦୬ |
| ୨୮. କଉଡ଼ି ଦେଇ କିଣିଲି (୩ୟ ଭାଗ) | ୨୦୦୯ |
| ୨୯. ଆଉ ଜଣେ ଦେବଦାସ | ୨୦୦୮ |
| ୩୦ ଯାତ୍ରା ଚାଲିଛି | ୨୦୧୫ |
| ୩୧. ଯାତ୍ରା ଇତିହାସରେ ନାହିଁ | ୨୦୦୭ |
| ୩୨. ବିମଳ ମିତ୍ରଙ୍କ ଶ୍ରେଷ୍ଠ ଗଳ୍ପ | ୨୦୧୫ |



ଥିଲା । ରବି ପଟ୍ଟନାୟକ ସ୍ମୃତି ଗଳ୍ପ ପୁରସ୍କାର ୨୦୦୦ ମସିହାର ଘୋଷଣା ବେଳକୁ ମୁଁ ଯୁଗଳ ସାର୍‌ଙ୍କ ସହ ଏତେ ପରିଚିତ ନଥିଲି । ଯେବେ ଘୋଷଣା ହେଲା ମୋତେ ଯୁଗଳ ସାର୍ ଫୋନ୍ କଲେ, "ଟିକେ ପୁସ୍ତକମେଳା ଅଫିସ୍‌କୁ ଆସିବ । ତୁମକୁ କିଏ ଡାକିଛନ୍ତି ଦେଖିବାକୁ ।" ମୁଁ ଗଲାବେଳକୁ ଯେଉଁ ବୃଦ୍ଧ ଗୌରବର୍ଣ୍ଣ ଅମାୟିକ ସ୍ନେହୀ ମଣିଷଟେ ଲୁହପୂର୍ଣ୍ଣ ଆଖିରେ ଉଠି ଆସିଲେ ଚେୟାର୍‌ରୁ ସେ ଥିଲେ ବିଜୟକୃଷ୍ଣ ମହାନ୍ତି । ଉଠି ଆସିଲେ ଧିରେ ପଦପାତରେ, ମୋ ହାତ ଧରି ପଚାରିଲେ, "ସତରେ କ'ଣ ରୀନା ଫେରି ଆସିବ କଲମଟି ଫେରାଇ ନେବାକୁ...ଜାଣ ତୁମ ଗପ ପଢ଼ି ଏତେ କାନ୍ଦିଛି ମର୍ମ ବେଦନାରେ । ମୁଁ ତୁମକୁ ଚିହ୍ନିନାହିଁ କିନ୍ତୁ ତୁମ ଗପ ମୋତେ ଓ ବ୍ରହ୍ମୋତ୍ରୀଙ୍କୁ ଏତେ କନ୍ଦାଇଛି... ।" ସେଇ ଅପରାହ୍ନରେ ଦୁଇ ସ୍ନେହ-ସ୍ୱଚ୍ଛଳ ଅମାୟିକ ସାହିତ୍ୟିକଙ୍କ ସାନ୍ନିଧ୍ୟ ଥିଲା ମୋ ପାଇଁ ବଡ଼ ପୁରସ୍କାର । ପାଖରେ ଯୁଗଳ ଦତ୍ତ ଆସି ଠିଆ ହେଲେ । ମୁଣ୍ଡ ଆଉଁସେଇ ଦେଇ କହିଲେ, "ମା'ରେ ଲେଖି ଚାଲେ... ।" ବାସ୍ ସେଇ ପରିଚୟ ଆଜିଯାଏଁ ଅଛି ।

୧୯୪୮-୪୯ ଠାରୁ ବିଭିନ୍ନ ପତ୍ରପତ୍ରିକାରେ ଗଳ୍ପ ଓ କବିତା ଲେଖାରୁ ଆରମ୍ଭ ଯୁଗଳଙ୍କ ଯାତ୍ରା ୧୯୭୦ରେ ହେଲା ଅନୁବାଦକୁ ପରିବର୍ତ୍ତିତ । ଛଅ ଶହରୁ ଅଧିକ ଅନୁବାଦ ଗଳ୍ପ ସହ ୧୬୩ ଖଣ୍ଡ ଅନୁବାଦ ପୁସ୍ତକ ଓଡ଼ିଆ ଅନୁବାଦ ସାହିତ୍ୟ ପାଇଁ ଶ୍ରେଷ୍ଠ ଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବିମଳ ମିତ୍ରଙ୍କର ପ୍ରାୟ ୩୩ ଖଣ୍ଡ ପୁସ୍ତକ ଅନୁବାଦ କରିବା ସହ ସମରେଶ ମଜୁମ୍‌ଦାରଙ୍କ ୧୩ ଖଣ୍ଡ, ଶଙ୍କରଙ୍କର ୭ ଖଣ୍ଡ, ଶରତଚନ୍ଦ୍ରଙ୍କର ପ୍ରାୟ ୧୭ ଖଣ୍ଡ, ତସ୍‌ଲିମାଙ୍କର ୧୮ଖଣ୍ଡ, ସୁନୀଲ୍ ଗଙ୍ଗୋପାଧ୍ୟାୟ, ବଙ୍କିମ ଚନ୍ଦ୍ର, ରବୀନ୍ଦ୍ରନାଥଙ୍କ ୨୨ ଖଣ୍ଡ, ଦୀପକ ଚନ୍ଦ୍ରଙ୍କ ଠାରୁ ନିମାଇଁ ଭଟ୍ଟାଚାର୍ଯ୍ୟ ପର୍ଯ୍ୟନ୍ତ ପ୍ରାୟ ୧୬୩ ଖଣ୍ଡ ବଙ୍ଗଳା ପୁସ୍ତକକୁ ସେ ଓଡ଼ିଆରେ ଅନୁବାଦ କରିଛନ୍ତି । ତାଙ୍କ ପୁସ୍ତକର ତାଲିକା ଏହି ଆଲେଖ୍ୟର



## ଯୁଗଳ କିଶୋର ଦତ୍ତ : ମୌଳିକ ରଚନା

**କବିତା**

| | |
|---|---|
| ୧. ଶତାବ୍ଦୀର ପ୍ରେମ | ୧୯୫୦ |
| ୨. ମାନସୀ | ୧୯୫୧ |

**ଗଳ୍ପ**

| | |
|---|---|
| ୧. ଅନେକ ସନ୍ଧ୍ୟାର ଆକାଶ | ୧୯୭୨ |
| ୨. ନିଶୀ ବିହଙ୍ଗୀ(ଗଳ୍ପ) | ୧୯୭୭ |
| ୩. ଦୁଇ ପୃଥିବୀ (ଗଳ୍ପ) | ୧୯୮୬ |
| ୪. କ୍ଲିଓପେଟ୍ରାର ବଂଶଧର(ଗଳ୍ପ) | ୧୯୮୯ |
| ୫. ଏକାନ୍ତ ସତ୍ୟ(ଗଳ୍ପ) | ୧୯୮୬ |
| ୬. ଗାଁ ହସେ (ଗଳ୍ପ) | ୧୯୬୩ |
| ୭. ସହଯୋଗୀର କାହାଣୀ(ଗଳ୍ପ) | ୧୯୭୩ |
| ୮. ଭାରେମ୍ (ଐତିହାସିକ କାହାଣୀ) | ୧୯୮୪ |
| ୯. ଏହି ସମୟର ପ୍ରେମଗଳ୍ପ (ଗଳ୍ପ ସଂକଳନ) | ୧୯୯୦ |
| ୧୦.ରବି ପଟ୍ଟନାୟକଙ୍କର ଶ୍ରେଷ୍ଠଗଳ୍ପ(ଗଳ୍ପ ସଂକଳନ) | ୧୯୯୨ |
| ୧୧. ରବି ପଟ୍ଟନାୟକ ପୁରସ୍କୃତ ଗଳ୍ପ(ଗଳ୍ପ ସଂକଳନ) | ୨୦୦୨ |
| ୧୨. ସହଜ ବଙ୍ଗଳା ଶିକ୍ଷା (ବର୍ଣ୍ଣ ପରିଚୟ) | ୨୦୦୧ |
| ୧୩. ବିଶ୍ୱର ଶ୍ରେଷ୍ଠ ଭୂତଗଳ୍ପ | ୨୦୦୨ |
| ୧୪. ବିଶ୍ୱର ଶ୍ରେଷ୍ଠ ହତ୍ୟା ରହସ୍ୟ | ୨୦୦୨ |
| ୧୫. ଶତସୁନ୍ଦରୀ ଓ ଜଣେ ପାଇଲଟ | ୨୦୦୨ |
| ୧୬. ବିଜୟାନ୍ତ (କାରଗିଲ୍ ଗଳ୍ପମାଳା) | ୨୦୦୦ |
| ୧୭. ବିଜୟ କୃଷ୍ଣ ମହାନ୍ତି ଗଳ୍ପ ସମଗ୍ର(୧ମ ଭାଗ) | ୨୦୦୬ |
| ୧୮. ଭାରତର ସିଦ୍ଧଯୋଗୀ (୧ମଭାଗ) | ୨୦୦୬ |
| ୧୯. ଭାରତର ସିଦ୍ଧଯୋଗୀ(୨ୟ ଭାଗ) | ୨୦୦୭ |
| ୨୦. ଭାରତର ସିଦ୍ଧଯୋଗୀ(୩ୟ ଭାଗ) | ୨୦୦୮ |
| ୨୧. ଅମର ପ୍ରେମ କାହାଣୀ | ୨୦୦୮ |
| ୨୨. ଭାରତର ସିଦ୍ଧ ସାଧିକା | ୨୦୦୮ |
| ୨୩. ଭାରତର ସିଦ୍ଧଯୋଗୀ (୪ର୍ଥ ଭାଗ) | ୨୦୧୦ |
| ୨୪. ନିର୍ବାଚିତ ଓଡ଼ିଆ ପ୍ରେମଗଳ୍ପ (୧୩ଜଣ ଦିବଂଗତ ଲେଖକର ପ୍ରେମଗଳ୍ପ ସଂକଳନ)ସମ୍ପାଦନା | ୨୦୦୯ |
| ୨୫. କିଛି ସ୍ମୃତି-କଛିକଥା (ନିଜର ଜୀବନର ସ୍ମୃତିକଥା) | ୨୦୧୧ |
| ୨୬. ବିଜୟକୃଷ୍ଣ ମହାନ୍ତି ଗଳ୍ପ ସମଗ୍ର(୨ୟ ଭାଗ) | ୨୦୧୦ |
| ୨୭. ବିଶ୍ୱର ରହସ୍ୟ ରୋମାଞ୍ଚ | ୨୦୧୦ |
| ୨୮. ରୋମାଞ୍ଚକର ଭୂତ କାହାଣୀ | ୨୦୧୧ |
| ୨୯. କିଛି ସୂଚନା କିଛି ଝଲକ | ୨୦୧୩ |
| ୩୦. ଯୁଗଳ କିଶୋର ଦତ୍ତ(ଗଳ୍ପ ସମଗ୍ର) | ୨୦୧୨ |
| ୩୧. ବଙ୍ଗଳା ଶିଖିବାର ସହଜ ଉପାୟ | ୨୦୧୪ |
| ୩୨. ଭାରତର ବରପୁତ୍ର, ୧ମ ଭାଗ (ଶିଶୁ ସାହିତ୍ୟ) | ୨୦୧୪ |
| ୩୩. ଭାରତର ବରପୁତ୍ର, ୨ୟ ଭାଗ (ଶିଶୁ ସାହିତ୍ୟ) | ୨୦୧୪ |
| ୩୪. ନୋବେଲ ବିଜୟୀଙ୍କର ପିଲାଦିନ (ଶିଶୁ ସାହିତ୍ୟ) | ୨୦୧୪ |
| ୩୫. ୧୦୧ ଭୂତକଥା (ସଂଗ୍ରାହକ ଓ ଅନୁବାଦ) | |
| ୩୬. ୫୧ ରୂପକଥା | |
| ୩୭. ଭାରତର ବରପୁତ୍ର ୫ଖଣ୍ଡ (ସିଙ୍ଗଲ) | ୨୦୧୩ |
| ୩୮. ଜାତିସ୍ମର (ପୂର୍ବ ଜନ୍ମର କାହାଣୀ) | ୨୦୧୫ |
| ୩୯. ପିଲାଙ୍କର ରୂପକଥା | ୨୦୧୫ |
| ୪୦. ଇତିହାସର ହସଲୁହ | ୨୦୧୫ |

## ଯୁଗଳ କିଶୋର ଦତ୍ତ : ଅନୁଦିତ ବହି

| | |
|---|---|
| ୧. ଇଛାମତୀ(ବିଭୂତି ଭୂଷଣ ବନ୍ଦୋପାଧ୍ୟାୟ) | ୧୯୯୨ |
| ୨. ଆମ କାରେନିନା (ଲିଓ ଟଲଷ୍ଟୟ) | ୧୯୯୮ |
| ୩. ଲାଡ଼ଲୀ ବେଗମ୍ (ନାରାୟଣ ସାନ୍ୟାଲ) | ୧୯୯୫ |
| ୪. ହଂସବଳାକା(ନିହାର ରଞ୍ଜନ ଗୁପ୍ତ) | ୧୯୯୬ |
| ୫. ଦୁଃଖକଥା (ତସ୍‌ଲିମା ନାସରିନ୍) | ୧୯୯୫ |
| ୬. ଚଷମା ବଦଳିଯାଏ (ଆଶାପୂର୍ଣ୍ଣା ଦେବୀ) | ୧୯୯୭ |
| ୭. ମେମ୍ ସାହେବ (ନିମାଇ ଭଟ୍ଟାଚାର୍ଯ୍ୟ) | ୨୦୦୦ |
| ୮. ବାଙ୍ଗିରିପୋଷିର ଦୁଇଟି ରାତି (ବୁଦ୍ଧଦେବ ଗୁହ) | ୧୯୯୯ |
| ୯. ବିଲ୍‌କିସ୍ ବେଗମ୍ (ତରୁଣ କୁମାର ଭାଦୁଡ଼ୀ) | ୨୦୦୧ |
| ୧୦. ମୁଁ ଏବଂ ଘୋଡ଼ାକର ଭଗବାନ(ଆନନ୍ଦ ଗୋପାଳ ଭଟ୍ଟାଚାର୍ଯ୍ୟ) | ୨୦୦୨ |
| ୧୧. ତୁର୍କୀ ହାରେମର ବନ୍ଦିନୀ (ପୃଥୀରାଜ୍ ସେନ୍) | ୨୦୦୨ |
| ୧୨. ନେତାଜୀର ରହସ୍ୟ ସନ୍ଧାନେ (ନାରାୟଣ ସାନ୍ୟାଲ) | ୨୦୦୪ |
| ୧୩. ଓଡ଼ିଶାର ନିର୍ବାଚିତ ଗଳ୍ପ (ଓଡ଼ିଆରୁ ବଙ୍ଗଳା ଅନୁବାଦ) | ୧୯୯୪ |
| ୧୪. ଜୀବନର ପାନ୍ଥଶାଳାରେ (ସମୀରଣ ଗୁହ) | ୨୦୦୪ |
| ୧୫. ଏଗାରଟି ଅନୁବାଦ ଗଳ୍ପ | ୧୯୯୦-୯୧ |
| ୧୬. ଚଉଦଟି ବଙ୍ଗଳା ଗଳ୍ପ (ଅନୁବାଦ ଗଳ୍ପ) | ୨୦୦୧ |
| ୧୭. ଗଳ୍ପ ଦେଶ ଓ ବିଦେଶର (ଅନୁବାଦ ଗଳ୍ପ) | ୧୯୯୬ |
| ୧୮. ରବି କାହାଣୀ (ଅମିତାଭ ଚୌଧୁରୀ) | ୨୦୦୫ |
| ୧୯. ଶିଉଳି ଘର (ସୁବୋଧ ଘୋଷ) | ୨୦୦୬ |
| ୨୦. ନୀଳ ନାଗୁଣୀ କିଓପେଟ୍ରା (ପୃଥ୍ୱିରାଜ୍ ସେନ୍) | ୨୦୦୬ |
| ୨୧. ନୋବେଲ ପୁରସ୍କୃତ ଲେଖକଙ୍କ ଗଳ୍ପ(ଅନୁବାଦ) | ୨୦୦୭ |
| ୨୨. ଛଅ ଡିସେମ୍ବର ପରେ (ମହାଶ୍ୱେତା ଦେବୀ)(ଅନଦିତ) | ୨୦୦୭ |
| ୨୩. ଭିନ୍ନଦେଶ ଅନେକ ଗଳ୍ପ (ବିଦେଶୀ ଗଳ୍ପ)(ଅନୁବାଦ) | ୨୦୧୦ |
| ୨୪. ସୁଭାଷ ଚନ୍ଦ୍ର ନେତାଜୀ ହେଲେ (ସଂଗ୍ରାହକ) | ୨୦୧୦ |
| ୨୫. ପ୍ରତିବେଶୀ କାହାଣୀ (୧୫ଗୋଟି ବଙ୍ଗଳା ଗଳ୍ପ) | ୨୦୧୧ |
| ୨୬. ଦରିଆ ପାରିର କାହାଣୀ (ବିଦେଶୀ ଗଳ୍ପ) | ୨୦୧୩ |
| ୨୭. ଭିଲା ମାଧବୀ (ସୁବୋଧ ଘୋଷ) | ୨୦୧୨ |
| ୨୮. ଚନ୍ଦନ ଗଛ ଓ ସାପ (ଦେବାଞ୍ଜନ ଚକ୍ରବର୍ତ୍ତୀଙ୍କର ବଙ୍ଗଳା କବିତାର ଓଡ଼ିଆ ଭାଷାନ୍ତର) | ୨୦୧୨ |
| ୨୯. ମଧ୍ୟରାତ୍ରିର ଜଳପରୀ (ପୃଥ୍ୱିରାଜ ସେନ୍) | ୨୦୧୪ |
| ୩୦. ପବନ ଧ୍ୱବର ଏବଂ ଅନ୍ୟାନ୍ୟ ଗଳ୍ପ (ଦେବାଶିଷ ଚକ୍ରବର୍ତ୍ତୀଙ୍କର ଗଳ୍ପର ଅନୁବାଦ) | ୨୦୧୩ |
| ୩୧. ତିନି ଅପରୂପାର କାହାଣୀ (ବୀରେନ ଚଟ୍ଟୋପାଧ୍ୟାୟ) | ୨୦୧୩ |
| ୩୨. ଚର୍ଯ୍ୟାପଥ (ଦେବାଞ୍ଜନ ଚକ୍ରବର୍ତ୍ତୀ) | ୨୦୧୪ |
| ୩୩. ଦୁଇ ବାଈଜୀର ପ୍ରେମ କାହାଣୀ (ହୀରେନ୍ ଚଟ୍ଟୋପାଧ୍ୟାୟ) | ୨୦୧୫ |
| ୩୪. ଜହ୍ନର ପାହାଡ଼ (ବିଭୂତି ଭୂଷଣ ମୁଖୋପାଧ୍ୟାୟ) | ୨୦୧୬ |
| ୩୫. ଧ୍ରୁବପୁତ୍ର (ଅମର ମିତ୍ର) | ୨୦୧୫ |
| ୩୬. ଦୁଇ ଜଙ୍ଗଲର ବାଘ (ଶିଶୁ ସାହିତ୍ୟ) | |
| ୩୭. ଦୁଇ ପ୍ରେୟସୀର ପ୍ରେମକାହାଣୀ (ବୀରେନ୍ ଚଟ୍ଟୋପାଧ୍ୟାୟ) | ୨୦୧୫ |
| ୩୮. କାଳଦଣ୍ଡ (ଦେବାଞ୍ଜନ ଚକ୍ରବର୍ତ୍ତୀ) | ୨୦୧୬ |
| ୩୯. ରଣକୁର୍ମି ନିର୍ମଳ ବ୍ରହ୍ମଚାର୍ଯ୍ୟ | ୨୦୧୬ |
| ୪୦. ସମରେଶ ମଜୁମଦାର ନିର୍ବାଚିତ ଗଳ୍ପ | |
| ୪୧. ନିମା ଭଟ୍ଟାଚାର୍ଯ୍ୟ (ନର୍ବାଚିତ ଗଳ୍ପ) | |
| ୪୨. ଉପନ୍ୟାସ ଓ ଉପନ୍ୟାସ (୫ଗୋଟି ଉପନ୍ୟାସ) | |
| ୪୩. ପଞ୍ଚମୀ (ପାଞ୍ଚଗୋଟି ଭିନ୍ନ ସ୍ଥାନର ଗଳ୍ପ) | |
| ୪୪. ପ୍ରତିବେଶୀର ଝଙ୍କା (୧୨ଗୋଟି ବିଭିନ୍ନ ଭାଷାର ଗଳ୍ପ) | |
| ୪୫. ମୀନା କୁମାରୀର ଶାୟେରୀ | |
| ୪୬. ଦୁଇ ଅଭିଶପ୍ତା ନାରୀର କାହାଣୀ(ବୀରେନ୍ ଚଟ୍ଟୋପାଧ୍ୟାୟ) | ୨୦୧୬ |
| ୪୭. ଗୁପ୍ତଧନର ରହସ୍ୟ(ଶାନ୍ତିପ୍ରିୟ ବନ୍ଦୋପାଧ୍ୟାୟ) | |
| ୪୮. ଦୂରଦେଶର ଦୁଇ ନାରୀ (ସମରେଶ ମଜୁମଦାର) | ୨୦୧୬ |
| ୪୯. ଷୋହଳ ବଙ୍ଗଳା ଲେଖିକାମାନଙ୍କର ଗଳ୍ପ | |
| ୫୦. ନିମାଇ ଭଟ୍ଟାଚାର୍ଯ୍ୟ ଶ୍ରେଷ୍ଠଗଳ୍ପ (ନିମାଇ ଭଟ୍ଟାଚାର୍ଯ୍ୟ) | |

অନ୍ୟତ୍ର ପ୍ରଦତ୍ତ । ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ଶ୍ରୀଯୁକ୍ତ ଦତ୍ତ ବର୍ତ୍ତମାନ ବୟସର ଅପରାହ୍ନରେ ତଥାପି ସଚଳ । ରୋଗ, ଯନ୍ତ୍ରଣା ଭିତରେ ଆଜି ବି ଚଞ୍ଚଳ ତାଙ୍କ ହାତ । ଶବ୍ଦର ଚିତ୍ରକର ସେ । ଶବ୍ଦରେ ଆଙ୍କନ୍ତି ଅନେକ ସମ୍ଭାବନା, ସମୟର ମୁଦ୍ରାଙ୍କନରେ । ସେ ଚଳନ୍ତି କିମ୍ବଦନ୍ତୀ ସତରେ । ତାଙ୍କ ଅନୁବାଦ ଯେତିକି ସରଳ, ସେତିକି ସାବଲୀଳ । ମୌଳିକ ରଚନା ପରି ପଠନର ମାଧୁର୍ଯ୍ୟ ଦିଏ । ଯାହା ଅନ୍ୟ ଅନୁବାଦ ଠାରୁ ଟିକେ ଭିନ୍ନ ଓ ନିଆରା । ଅନୁବାଦ ସାହିତ୍ୟ ପାଇଁ ଏକାଡ଼େମୀ ପୁରସ୍କାର ପାଇବା ପରେ ତାଙ୍କର ମୌଳିକ ସୃଷ୍ଟି ଅନ୍ତରାଳରେ ରହିଗଲା । ତାଙ୍କର ମୌଳିକ ଗଳ୍ପର ଏକ ମନୋଜ୍ଞ ସଙ୍କଳନ ଚର୍ଚ୍ଚାର ପରିଧିକୁ ଆସିଲା ନାହିଁ । ସହୃଦୟ, ମିଷ୍ଟଭାଷୀ, ନିରହଂକାରୀ ଏହି ଭଗ୍ନସ୍ୱାସ୍ଥ୍ୟ ମଣିଷ ଯୁଗଳ କିଶୋର ଦତ୍ତ ଯୁଗଳ ଜୀବନ ବଞ୍ଚନ୍ତି : ଗୋଟେ ଅନୁବାଦ ତ ଆରଟି ମୌଳିକ । ତେବେ ଅନୁବାଦକ ଭାବେ ତାଙ୍କ ଅବଦାନ ଅବିସ୍ମରଣୀୟ । ଅନେକ ଉଚ୍ଚକୋଟୀର ବଙ୍ଗଳା ବହି ଓଡ଼ିଆ ଭାଷୀ ପାଠକ ତ ପାଇପାରିଲେ !

ସଦା ସ୍ମୃତିରେ ବିଭୋର, ସଦା କିଶୋର ସୁଲଭ ଯୁଗଳ ସାର୍ ମନେପକାନ୍ତି ଆଦ୍ୟ ଯୌବନରେ ବନ୍ଧୁ ବିଜୟକୃଷ୍ଣ ମହାନ୍ତିଙ୍କୁ, ପୁରୀର ସ୍କୁଲ୍ ଦିନର କଥାକୁ, ଭଦ୍ରକ ଓ ବାଲେଶ୍ୱରରେ ଅଖିଳମୋହନ ପଟ୍ଟନାୟକଙ୍କ ସହ ଗଧ ପିଠିରେ ବସି କାଟିଥିବା ଖରାବେଳର ସ୍ମୃତିକୁ । ପୁଣି ମନୋଜ ଦାସ ଓ ମାୟାଧର ମାନସିଂହଙ୍କ ସହ ପ୍ରଥମ ସାକ୍ଷାତକାରକୁ । ଯାହା ତାଙ୍କ ଜୀବନର ପ୍ରେରଣା ।





'ଜୀବନରଙ୍ଗ' ପତ୍ରିକାରେ ପ୍ରକାଶିତ ତାଙ୍କ ସର୍ବପ୍ରଥମ ଅନୁବାଦ ଥିଲା ବିମଳ ମିତ୍ରଙ୍କ 'ଆମେରିକା' ଗଳ୍ପ । ଏ ଗଳ୍ପକୁ ସେ ଯେଉଁଦିନ ପଢ଼ିଥିଲେ ରୋମାଞ୍ଚରେ ଶିହରିତ ହୋଇ ଉଠିଥିଲା ତାଙ୍କ ହୃଦୟ । ସେ ଯେଉଁ ପାଠକୀୟ ଆନନ୍ଦ ପାଇଥିଲେ 'ଆମେରିକା' ଗଳ୍ପରୁ ତାହା ତାଙ୍କ ହୃଦୟରେ ଅନୁବାଦ ପ୍ରତି ଏକ ପ୍ରେମାସକ୍ତ ଭାବ ତିଆରି କଲା । ତାର ଦୀର୍ଘତମ ଯାତ୍ରାର ଫଳଶ୍ରୁତି ଆଜିର ବିପୁଳାୟତନ ପୁସ୍ତକ ସୂଚୀ । ତାଙ୍କର ନିଷ୍ଠାପର ଉଦ୍ୟମର ପଟାନ୍ତର ନାହିଁ । ତାଙ୍କର ବିଶାଳ ଅନୁବାଦ ପୁସ୍ତକ ଭଣ୍ଡାରକୁ ଦେଖିଲେ ମନରେ ଆସେ ବିସ୍ମୟ ଓ ଉଲ୍ଲାସ ।


ବଙ୍ଗଳା ଭାଷାର ଲେଖକଙ୍କ ପାଇଁ ଏକ ବିଶ୍ୱସ୍ତ ଓ ବିଶ୍ୱସନୀୟ ନାମ ଯୁଗଳ କିଶୋର ଦତ୍ତ । ଯାହାଙ୍କୁ ତାଙ୍କ କୃତିତ୍ୱ ପାଇଁ କଲିକତା ପୁସ୍ତକ ମେଳା ସମ୍ମାନିତ କରିବା ସହ ତାଙ୍କ ସାମଗ୍ରିକ କୃତିତ୍ୱ ଉପରେ ଆଲୋଚନା କରିଛି ।

ତାଙ୍କ ଜୀବନରେ ୧୯୯୭ ଥିଲା ଏକ ସ୍ୱର୍ଣ୍ଣାଭ ବର୍ଷ । ସେଇ ଏକାବର୍ଷରେ ବିମଳ ମିତ୍ରଙ୍କର ଦୁଇଟି ପୁସ୍ତକ ପାଇଁ ଏକା ସମୟ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର 'ଆସାମୀ ହାଜିର୍' ପାଇଁ ଏବଂ 'ଜନଗଣମନ' ପାଇଁ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର । ଖାଲି ସେତିକି ନୁହେଁ ତାଙ୍କୁ ରାଜ୍ୟ ଓ ରାଜ୍ୟ ବାହାରୁ ଶତାଧିକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ କରାଯାଇଛି । ସବୁଠାରୁ ତାଙ୍କ ଶ୍ରେଷ୍ଠତ୍ୱ ତାଙ୍କ ପାଠକୀୟତା । ସେ ଜଣେ ଭଲ ସାହିତ୍ୟିକ ଠାରୁ ଜଣେ ଭଲ ସାହିତ୍ୟ ସଙ୍ଗଠକ, ଜଣେ କର୍ମଚଞ୍ଚଳ ଅନାବିଳ ମଣିଷ । ବହୁ ସାହିତ୍ୟିକଙ୍କୁ ଲୋକଲୋଚନକୁ ଆଣିବା ଓ ସାହିତ୍ୟରେ ରୁଚି ରଖୁଥିବା ମଣିଷଙ୍କୁ ଆଦରରେ ଆପଣେଇ ନେବା ତାଙ୍କ ଠାରୁ ଶିଖିବା ଆବଶ୍ୟକ । ସେ ଉତ୍ସାହିତ କରନ୍ତି । ବୟୋଜ୍ୟେଷ୍ଠ ହେତୁ ଉପଦେଶ ମାଧ୍ୟମରେ ରାସ୍ତା ଦେଖାନ୍ତି ମଧ୍ୟ । ତାଙ୍କ ଆଦର ଓ ଶ୍ରଦ୍ଧାରେ ନା ଥାଏ କିଛି ଆବିଳତା ନା କିଛି କୃତ୍ରିମତା । ଜଣେ ସ୍ନେହୀ ମଣିଷ ସହ ମୁଁ କରିଛି ସ୍ଥାପନା ଏକ ମଧୁର ସଂପର୍କ । ମୋ ଅଜା କିମ୍ବା ଜେଜେଙ୍କ ବୟସର ସେ । ଯାହାଙ୍କୁ ସମ୍ମାନ କରି ସେ ଏକମାତ୍ର ବ୍ୟକ୍ତି ଯାହାଙ୍କ ଘରକୁ ବିନା ଦ୍ୱିଧାରେ ମୁଁ ଯାଏ ଓ ସାକ୍ଷାତ କରେ ।

ଏବେ କେଇବର୍ଷ ହେଲା ଖୁବ୍ ଯନ୍ତ୍ରଣା ପାଉଛନ୍ତି ଆଜୀବନ ଆନନ୍ଦ ବିତରିଥିବା ଏଇ ନିର୍ମାୟା ମଣିଷ ଜଣକ । ରୋଗ ଓ ବୟସାଧିକ୍ୟ ତାଙ୍କୁ ଜୀର୍ଣ୍ଣ କରି ସାରିଛି । ତଥାପି ତେଜପତ୍ରର ବାସ୍ନା ଅଛି । ଅଛି ବି ଭାଙ୍ଗି ନପଡ଼ିବାର ତେଜ ଓ ମନୋବଳ । ସେ ଆଜି ବି ଚଳଚଞ୍ଚଳ । ଏଥର ଗଲାବେଳକୁ ଖୁବ୍ କଷ୍ଟ ଲାଗିଲା । ଉଠି ପାରୁନଥିଲେ । ସୋଫାରେ ଜାକି ହୋଇ ବସିଥିଲେ । କହିଲେ : "ମା'ରେ ଆଉ ଚାଲି ପାରୁନି...ବୟସ ସରିଲା । କେତେବେଳେ ଖସିବି ଜାଣେନା... । ଆଜିବି ଅନେକ ବହି ପ୍ରକାଶ ଅପେକ୍ଷାରେ ଅଛି... ।"

ଆପଣ ଏମିତି ସକ୍ରିୟ ଥାଆନ୍ତୁ ଯୁଗଳ ସାର୍ । ନିରାମୟ ରୁହନ୍ତୁ...ସାହିତ୍ୟ ଯାତ୍ରାର ଅନନ୍ତ ପଥରେ ଆପଣାର ଏଇ ଅନୁଗମ ଯାତ୍ରାର ସ୍ତମ୍ଭ ସଦା ଉଜ୍ଜ୍ୱଳ ରହୁ । ଏତିକି ଆଶା କରିବା ଛଡ଼ା କ'ଣ ବା ମୁଁ ଆଉ ଦେଇ ପାରିବି । ପ୍ରଣାମ ।

**ଅଧ୍ୟାପିକା: ଓଡ଼ିଆ ବିଭାଗ, ସୁଶୀଳାବତୀ ସରକାରୀ କନିଷ୍ଠ ମହିଳା ମହାବିଦ୍ୟାଳୟ, ସେକ୍ଟର-୦୨, ରାଉରକେଲା**
**ଫୋନ : ୮୩୨୭୭୫୭୬୧୯**


ମଲ୍ଲିକାର ମହାନାୟକ

# ଦେବଦାସ ଛୋଟରାୟ

## ସେ ବିଶାଳ ଆକାଶ, ମୁଁ ତାରାଟେ

**ସୃଷ୍ଟିଶ୍ରୀ ନାଏକ**

ଫଟୋ ସୌଜନ୍ୟ : ଲେଖିକା

ଲେଖିକା ସୃଷ୍ଟିଶ୍ରୀ ନାଏକ ▼



କେଉଁଠୁ ତାଙ୍କ ପାଇଁ ଲେଖା ଆରମ୍ଭ କରିବି ? ସେଦିନ ଯେବେ ତାଙ୍କ ସହ ମୋର ପ୍ରଥମ ଦେଖା ହେଲା, ନା ଯେବେଠୁ ମୁଁ ତାଙ୍କୁ ପଢ଼ିଛି, ତାଙ୍କ ଗୀତ ଶୁଣିଛି ! ଯେବେ ମୁଁ ପ୍ରଥମଥର ପାଇଁ ତାଙ୍କ ଫଟୋ ଦେଖିଲି 'ପ୍ରତିବେଶୀ' ପତ୍ରିକାରେ ନା, ଯେବେ ସେ ମତେ ପ୍ରଥମେ ତାଙ୍କ ଆଡୁ ଟେଲିଫୋନ୍ କଲେ !

କେବେଠୁ ସତରେ କେବେଠୁ ସେ ମୋ ହୃଦୟରେ ଏତେ ବଡ଼ ଗୋଟିଏ ଅଂଶ ଦଖଲ କରିନେଲେ ଜାଣେନା । କେବେଠୁ ତାଙ୍କ ସହ ମୋର ଏପରି ସମ୍ପର୍କ ଗଢ଼ି ଉଠିଲା ଯେ ମୁଁ ମୋ ମନର ସବୁକଥା ନିଃସଂକୋଚରେ ତାଙ୍କ ପାଖରେ କହିପାରିଲି, ତାଙ୍କ ସହ ଯେକୌଣସି ବିଷୟରେ ନିର୍ଦ୍ୱନ୍ଦ୍ୱରେ ଗପି ପାରିଲି ଆଉ ତାଙ୍କ ପାଖରେ ବିନା ଭୟରେ ନିଜର ମତ ବି ରଖିପାରି । ସତରେ କେବେଠୁ ?

ତେଣୁ ଏ ଲେଖାଟି କବି, ଗୀତିକାର, ଗାଳ୍ପିକ, ପ୍ରଶାସକ ଦେବଦାସ ଛୋଟରାୟଙ୍କ ବିଷୟରେ ଯେତେ ନୁହେଁ, ସେତେ ବେଶୀ ଜଣେ ଦରଦୀ, ନମ୍ର ଆଉ ମଧୁର କଥା କହି ମୁହୂର୍ତ୍ତକରେ ମନ ମୋହି ନେଇ ପାରୁଥିବା ମୋର ଜଣେ ଅନ୍ତରଙ୍ଗ ମଣିଷଙ୍କ ବିଷୟରେ ।

ମୋର ସେଇ ବୟସ ଯେତେବେଳେ ସାହିତ୍ୟ ପତ୍ରିକାରେ ଖୋଜି ଖୋଜି ପ୍ରେମ କବିତା ପଢ଼େ ଆଉ ପଢ଼ିବାର ଏକମାତ୍ର ଉଦ୍ଦେଶ୍ୟ, କାବ୍ୟନାୟିକା ଭିତରେ ନିଜର କିଛି ସାମଞ୍ଜସ୍ୟ ଖୋଜି ପାଇବା । ସେତେବେଳେ ମୁଁ ତାଙ୍କୁ 'ମଲ୍ଲିକା'ର କବି ଭାବେ ଚିହ୍ନି ସାରିଥିଲି । ହେଲେ ତାହାର ବହୁତ ଆଗରୁ 'ନୂଆବର୍ଷ' ଗପଟି କେଜାଣି କେତେଥର ପଢ଼ିଥିବି । ପ୍ରତି ନୂଆବର୍ଷ ବେଳକୁ ନୂଆବର୍ଷ ଗପଟି କୌଣସି ନା କୌଣସି ଖବର କାଗଜରେ ପ୍ରକାଶିତ ହୁଏ ଆଉ ତାହା ଆଖିରେ ପଡ଼ିବା ମାତ୍ରେ ମୁଁ ପଢ଼ି ପକାଏ । ସେତେବେଳେ ପତ୍ରପତ୍ରିକାରେ ମୁଁ ପଢୁଥିବା ଗପମାନଙ୍କ ଠାରୁ ମତେ ଏ ଗପର ଲେଖିବା ଶୈଳୀ ଟିକେ ଅଲଗା ଅଥଚ ଭଲ ଲାଗେ । କିନ୍ତୁ ସେତେବେଳେ ବି ମୁଁ ଜାଣିନଥିଲି ଯେ ମୁଁ ପିଲାଦିନେ ରେଡିଓରେ ଶୁଣିଥିବା 'ଏ ଚୁମ୍‌କି ତୁ ତ ନିଆଁରେ ପୋଡ଼ିବୁ ନାହିଁକି' ଆଉ 'ଘଣ୍ଟା କଣ୍ଟା ମିନିଟି' ଗୀତର ଗୀତିକାର ଆଉ 'ନୂଆବର୍ଷ' ଗଳ୍ପର ଗାଳ୍ପିକ ସେଇ ଜଣେ ହିଁ, ଦେବଦାସ ଛୋଟରାୟ । ଆଉ ଯେବେ ଏକଥା ଜାଣିଲି, ମୁଁ 'ଲାଲ୍‌ମାଛ' ପଢ଼ି ସାରିଥିଲି । 'ଲାଲ୍‌ମାଛ' ପଢିବା ପରେ ଲାଲ୍ ଶାଢି ମୋର ବେଶୀ ପ୍ରିୟ ହୋଇ ଯାଇଥିଲା । ଲେଖାଲେଖିର ଦୁନିଆରେ ସେବେ ମୁଁ ପ୍ରବେଶ କରି ସାରିଥିଲା । ବୋଧହୁଏ ସେଇ ସମୟରେ ତାଙ୍କର ଫଟୋ ଦେଖିଲି 'ପ୍ରତିବେଶୀ'ରେ ତାଙ୍କର ଅଧାଲେଖା ଗପ 'ଚୁମ୍ବନ' ସହ, ଯାହାର ଶୀର୍ଷକ ବିଷୟରେ ତତ୍କାଳୀନ ସମ୍ପାଦକ ଶ୍ୟାମା ପ୍ରସାଦ ଚୌଧୁରୀ ଲେଖିଥିଲେ: ଏଇ ଅଧାଲେଖା ଗପଟିକୁ ସୁନ୍ଦର ଭାବରେ ଶେଷ କରି ପାରିବାର ପ୍ରତିଯୋଗିତାର ଯୋଗ୍ୟତମ ପ୍ରତିଯୋଗୀଙ୍କୁ ଦେବଦାସ ଛୋଟରାୟ ନିଜେ ଚୁମ୍ବନ ଦେବେ ।

ସେତେବେଳେ ମୁଁ ମନେମନେ ତାଙ୍କର ଫ୍ୟାନ୍ ହୋଇ ସାରିଲିଣି । 'ସନ୍ଦେହୀ ପ୍ରିୟତମା' ଆଉ 'ହେ ମୋର ଜୀବନ' ଗୀତ ଶୁଣିଶୁଣି ପ୍ରାୟ ମୁଖସ୍ଥ ରହିଗଲାଣି । କିନ୍ତୁ ତାଙ୍କୁ ଭେଟିବା କଥା ସେତେବେଳେ ବି ମୁଁ ସ୍ୱପ୍ନରେ ସୁଦ୍ଧା ଭାବିନଥିଲି (ସେତେବେଳେ ମୁଁ ସୁନ୍ଦରଗଡ଼ରେ ଓ ଦେବଦାସ୍ ସାର୍ ଦିଲ୍ଲୀରେ ରହୁଥିଲେ) କିନ୍ତୁ ଆମର ସାକ୍ଷାତ ତ ବିଧିନିର୍ଦ୍ଦିଷ୍ଟ ଥିଲା ।

ଅନୁଭବର ପରିପକ୍ୱତା ଦୃଷ୍ଟିକୋଣରୁ ମୁଁ ସେତେବେଳେ ପିଲା ଥିଲି । କିନ୍ତୁ ମୋ ମନ ଆବେଗରେ ଭରପୂର ଥିଲା । ଏବେଠୁ ଆହୁରି ବେଶୀ କୋମଳ ଥିଲା ମୋର ଅନ୍ତର । ଆଉ ସେଇ ସମୟରେ ସାର୍‌ଙ୍କ ସହ ମୋର ସାକ୍ଷାତ କେବଳ ମାତ୍ର ସଂଯୋଗ ନଥିଲା ।

ହଁ, ତାହା ଥିଲା ୨୦୦୮ ମସିହା ଫେବୃଆରୀ ମାସ । ଶୀତ ପ୍ରାୟ ଛାଡ଼ି ଆସିଥାଏ । ରାଜଧାନୀ ଭୁବନେଶ୍ୱରରେ ଚାଲିଥାଏ ବହିର ଋତୁ : ପୁସ୍ତକମେଳା ।



◀ ବିଖ୍ୟାତ କଥାକାର ଦେବଦାସ ଛୋଟରାୟଙ୍କ ସହ ସୃଷ୍ଟିଶ୍ରୀ

ଆଉ ଠିକ୍ ସେଇ ବର୍ଷ ସେଇ ସମୟରେ ସାର୍କ ୟୁଥ୍ ପଏଟ୍ରି ଫେଷ୍ଟିଭାଲ୍ ଅନୁଷ୍ଠିତ ହେଉଥାଏ ଓଡ଼ିଶାରେ । ଏଇ ତିନିଦିନିଆ ଉତ୍ସବକୁ ସାର୍କଦେଶମାନଙ୍କରୁ ଆଉ ଭାରତର ପ୍ରାୟ ସବୁ ରାଜ୍ୟର ଯୁବଲେଖକ ଲେଖିକାମାନେ ଭାଗ ନେବା ପାଇଁ ଆସିଥାନ୍ତି । ଭୁବନେଶ୍ୱର, ପୁରୀ ଆଉ କଟକରେ ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ସବୁ ହେବାର ଥାଏ । ଏଇ ଉତ୍ସବରେ ଯୋଗ ଦେଇ କବିତା ପଢ଼ିବା ପାଇଁ ମତେ ବି ନିମନ୍ତ୍ରଣ ମିଳିଥାଏ । ହଁ, ସେଇ ଉତ୍ସବର ପ୍ରଥମଦିନର କାର୍ଯ୍ୟକ୍ରମ, ଭୁବନେଶ୍ୱରର କେଉଁ ଏକ ତାରକା ହୋଟେଲ୍‌ରେ ହେଉଥିଲା, ଆଜି ଆଉ ମନେ ପଡୁନାହିଁ । ହେଲେ ବହୁତ ବଡ଼ ହଲ୍ ଥିଲା । ଖୁବ୍ ସୁନ୍ଦର ମଞ୍ଚ ଥିଲା । ଅନେକ ଲାଇଟ୍ ଥିଲା । ଶହ ଶହ ଲୋକ ଥିଲେ । ଷ୍ଟେଜ୍ ଉପରେ ଆଉ ଷ୍ଟେଜ୍ ସାମ୍ନାରେ ଖ୍ୟାତନାମା ବହୁତ ଅତିଥି ବସିଥିଲେ । ଅଥଚ ମତେ କେବଳ ଜଣକର ଚେହେରା ଦିଶି ଯାଉଥିଲା । ଘିଅ ରଙ୍ଗର ସୁଟ୍ ଆଉ ମେରୁନ୍ ରଙ୍ଗର ଟାଇ ପିନ୍ଧିଥିବା, ଦେବଦାସ୍ ଛୋଟରାୟ ଥିଲେ ସେ ।

ସେ ଥିଲେ ଅତିଥିମାନଙ୍କ ସହ, ଷ୍ଟେଜ୍ ଉପରେ । ଆଉ ମୁଁ ଷ୍ଟେଜ୍ ତଳେ ପ୍ରଥମ ଧାଡ଼ିରେ ବସିଥାଏ । ସେତେବେଳେ ହଠାତ୍ ମୋର ମନେହେଲା, ଷ୍ଟେଜ୍ ଉପରେ ଥାଇ ସେ ମଝିରେ ମଝିରେ ମୋ ଆଡ଼କୁ ଚାହୁଁଛନ୍ତି ମୋ ଆଖି ସହ ତାଙ୍କ ଆଖି ଥରକୁ ଥର ମିଶି ଯାଉଛି । ପୁଣି ମୁଁ ଭାବିଲି ତାହା ହୁଏତ ମୋ ମନର ଭ୍ରମ । ତା ନହେଲେ ଷ୍ଟେଜ୍ ଉପରେ ଥାଇ ସେ ଅଚିହ୍ନା ଅଜଣା ଝିଅଟିକୁ କାହିଁକି ଏମିତି ଚାହିଁବେ ! ଯାହାବି ହେଉ ସେଦିନର ସେ ପ୍ରଥମ ଅଧିବେଶନ ପରେ ଲଞ୍ଚ୍ ସମୟରେ ଯେତେବେଳେ ଅନ୍ୟ ଲେଖିକାମାନେ ତାଙ୍କୁ ଭେଟିବା ପାଇଁ ଗଲେ ମୁଁ ବି ସେମାନଙ୍କ ସହ ସାର୍‌ଙ୍କ ପାଖକୁ ଗଲି । ପାଖରୁ ତାଙ୍କ ମୁହଁର ଔଜଲ୍ୟ ଓ ଓଠର ବିଲୋଳ ହସ ଦେଖି ମନେହେଲା, ହଁ ଏଭଳି ଜଣେ ରୋମାଣ୍ଟିକ୍ ମଣିଷ ହିଁ 'ବେବି ତୋର ଫ୍ରକ୍ ତଳେ କେତେ ମହୁମାଛି' ଗୀତ ଲେଖିପାରନ୍ତି । ମୁଁ ତାଙ୍କୁ ମୋର ପରିଚୟ ଦେଲାବେଳେ ସେ ତତ୍‌କ୍ଷଣାତ୍ ତାଙ୍କର ଭିଜିଟିଂ କାର୍ଡ ମୋ ହାତକୁ ବଢ଼ାଇ ଦେଇ କହିଲେ, "ମତେ ଟେଲିଫୋନ୍ କରିବ ।" ସେତେବେଳେ ଶୁଣିଲି କେତେ ମଧୁର ଆଉ ରିଣିଝିଣି ତାଙ୍କ ସ୍ୱର । ଏତେ ଦୀର୍ଘକାଳ ପ୍ରଶାସନିକ ସେବାରେ ରହି ବି ବ୍ୟୁରୋକେସୀର ସାମାନ୍ୟ ତମ ଛାପ ନାହିଁ ସେ ସ୍ୱରରେ । ଏବେବି ଅଠର ଛୁଇଁ ନଥିବା କୌଣସି ଚପଳ କିଶୋରର ଛଳଛଳ ବିଭୋରପଣ ସେ ସ୍ୱରରେ ପାଇଥିଲି ମୁଁ ।

ମୁଁ ଟେଲିଫୋନ୍ କରିବା କଥାଟି ଆଦୌ ସିରିୟସ୍‌ଲି ନେଇନଥିଲି । କିନ୍ତୁ ସେ ମୋ ମୋବାଇଲ୍ ନମ୍ବର ତାଙ୍କ ମୋବାଇଲ ଫୋନ୍‌ରେ ସେଭ୍ କରି ନେଇଥିଲେ । ତାପର ଠୁ ତାଙ୍କର ଟେଲିଫୋନ୍ ନମ୍ବର ସେଇ ଅଛି ହେଲେ କେଜାଣି କେତେ କେତେଥର ମୋ ନମ୍ବର ବଦଳିଛି । କିନ୍ତୁ ସେ ପ୍ରତିଥର ମୋ ନମ୍ବର ସଂଗ୍ରହ କରିବାକୁ ଭୁଲନ୍ତି ନାହିଁ ।

ତା' ପରଦିନ କାର୍ଯ୍ୟକ୍ରମ ପୁରୀରେ ଥିଲା । ଆଉ ସାର୍ ସେଠିକି ଯାଇ ନଥିଲେ । ସେଦିନ ମୋର ଦେଶବିଦେଶର ଅନେକ ଲେଖକ ବନ୍ଧୁଙ୍କ ସହ ପରିଚୟ ହେଲା । ତୃତୀୟ ଦିନର ଫଙ୍କ୍‌ସନ୍ ଥିଲା ରେଭେନ୍ସା ବିଶ୍ୱବିଦ୍ୟାଳୟରେ । ସେଠି ପୁଣି ତାଙ୍କ ସହ ଦେଖା ହେଲା । କବିତା ପାଠୋତ୍ସବର କାର୍ଯ୍ୟକ୍ରମ ପରେ ଲଞ୍ଚର ଆୟୋଜନ ହୋଇଥିଲା । ପ୍ରାଣକୃଷ୍ଣ ପରିଜା ବଟାନିକାଲ୍ ଗାର୍ଡ଼େନ୍‌ରେ ଆମେମାନେ ଖାଇସାରି ନିଜ ନିଜ ଭିତରେ ଗପସପ କରୁଥାଉ । ସାର୍ ଆସି କହିଲେ, "ଲଣ୍ଡନରେ ରହୁଥିବା ଆମର ଓଡ଼ିଆ ପେଣ୍ଟର୍ ପ୍ରଫୁଲ୍ଲ ମହାନ୍ତି ଆମ ଗହଣରେ ଅଛନ୍ତି । ତୁମେମାନେ ତାଙ୍କ ସହ ଯାଇ କଥା ହେଉନ କାହିଁକି ?" ତାପରେ ଆମ ଗ୍ରୁପ୍‌ରେ ଥିବା ଲେଖିକାମାନେ ଯାଇ ତାଙ୍କ ସହ କଥା ହେଲୁ କିଛି ସମୟ । ସେଇ ଭିତରେ ସମସ୍ତେ ନିଜ ନିଜ କ୍ୟାମେରାରେ ନିଜ ନିଜ ଭିତରେ ଫଟୋ ଉଠାଉଥାନ୍ତି । ଏ ଭିତରେ ମୁଁ ଲକ୍ଷ୍ୟ କଲି ଆମମାନଙ୍କ ଭିତରୁ କେତେଜଣ ସାର୍‌ଙ୍କ ସହ ଯାଇ ଫଟୋ ଉଠାଉଛନ୍ତି । ମୁଁ ବି ମୋ କ୍ୟାମେରା ନେଇ ପହଂଚିଲି ସେଠି । ତାଙ୍କ ସହ ଗୋଟିଏ ଫଟୋ ଉଠାଇବା ପାଇଁ । କିଏ ଜଣେ ସମସ୍ତଙ୍କର କ୍ୟାମେରା ନେଇ ଫଟୋ ଉଠାଉଥିଲେ, ମୁଁ ତାଙ୍କୁ ମୋ କ୍ୟାମେରାଟି ଦେଲି (କିଏ ଫଟୋ ନେଉଥିଲେ ଆଜି ଆଉ ମନେ ନାହିଁ) । ସାର୍ ସେତେବେଳେ ମୋ ଆଡ଼କୁ ଚାହିଁ କହିଲେ, "ଏ ଅଲଂପସ୍ କ୍ୟାମେରାଟି ତୁମର ?" ମୁଁ ମୁଣ୍ଡ ଟୁଙ୍ଗାରି କହିଲି 'ହଁ ।' ସେ ଟିକେ ହସିଦେଇ କହିଲେ, "ଭଲ କ୍ୟାମେରା ।" ପରେ ସେ ମତେ କହିଥିଲେ କ୍ୟାମେରା ପ୍ରସଙ୍ଗ ଉଠାଇବା କାଳେ ମୋ ସହ କଥା କହିବାର ବାହାନା ଥିଲା ।

ତା ପରେପରେ ତାଙ୍କ ସହ କଥା କହିବା ପାଇଁ ମୋର ବେଶ୍ ସାହସ ହୋଇଯାଇଥିଲା । କିନ୍ତୁ ତାହା ଥିଲା ଉତ୍ସବର ଶେଷଦିନ । ସମସ୍ତେ ସମସ୍ତଙ୍କ ଠାରୁ ବିଦାୟ ନେଉଥିଲେ । ଗେଟ୍ ଆଡ଼କୁ ଫେରିବା ବାଟରେ ସେ ଯେତେବେଳେ ମୋ ପାଖାପାଖି ଆସି ଚାଲିବାକୁ ଲାଗିଲେ, ମୁଁ ବି ଏମିତି ତାଙ୍କୁ ପଚାରି ଦେଲି, "ସାର୍ ଏବେ ଆପଣଙ୍କର ମଲ୍ଲିକା କେଉଁଠି ?" ତାଙ୍କର ଉତ୍ତର ମତେ ସ୍ତବ୍ଧ କରିଦେଲା କିଛି ସମୟ ପାଇଁ । ତାଙ୍କର ଚିରାଚରିତ ଦୁଷ୍ଟାମୀପୂର୍ଣ୍ଣ ଚାହାଣୀ ସହ ସେଇ ଚପଳ କିଶୋରର ସ୍ୱରରେ ସେ ମତେ ଶୁଣାଇଲେ ହୋସ୍ ଉଡ଼ିଯିବା ପରି କଥା : ଏଇଠି ପରା, ଏଇଠି ମୋ ଆଗରେ.... ।





▲ ମଲ୍ଲିକାର ମହାନାୟକ ଦେବଦାସ ଛୋଟରାୟଙ୍କ ସହ ସୃଷ୍ଟିଶ୍ରୀ ନାଏକ

ଏ ଇଙ୍ଗିତ ଯେ ସେ ମୋ ଉଦ୍ଦେଶ୍ୟରେ ଦେଉଥିଲେ ଆଉ ମୋର ଆବେଗପ୍ରବଣ ମନକୁ ଚହଲାଇ ଦେବା ପାଇଁ ଏତକ ପ୍ରଶଂସା କରୁଥିଲେ, ମୋତେ ଆଉ ବୁଝିବାକୁ ବାକି ରହିଲା ନାହିଁ । କିଛି କମ୍ ନଥିଲା । କିନ୍ତୁ ମୋ ବୁଦ୍ଧିର ସ୍ଥିରତା ମତେ ତାହା ମାନି ନେବାକୁ ଦେଇନଥିଲା । ତା' ପରଦିନ ସନ୍ଧ୍ୟାରେ ପୁସ୍ତକମେଳାରେ ବୁଲି ବୁଲି ବହି କିଣୁଥିବା ବେଳେ ତାଙ୍କ ସହ ପୁଣି ଥରେ ଦେଖା ହେବା ଥିଲା କାକତାଳୀୟ ଓ ଆକସ୍ମିକ । ମୋ ହାତରେ ଥାଏ ସେତେବେଳେ ବହିମେଳାରୁ କିଣିଥିବା ତାଙ୍କର ସଦ୍ୟ ପ୍ରକାଶିତ (ମାର୍କେଟ୍‌ରେ ୭୫ବର୍ଷ ନଥିବା ପରେ 'ନୀଳସରସ୍ୱତୀ'ର ଦ୍ୱିତୀୟ ସଂସ୍କରଣ) 'ନୀଳ ସରସ୍ୱତୀ' ଓ 'ହାତୀ ସଜ କର' ବହି ଦୁଇଟି । ସାର୍‌ଙ୍କୁ ଦେଖି ବହି ଦୁଇଟି ତାଙ୍କ ହାତକୁ ବଢ଼ାଇ ଦେଇ କହିଲି, "ମୋ ପାଇଁ କିଛି ଲେଖି ଦିଅନ୍ତୁ ।" ସେ ପୁଣି ସେଇଭଳି ହସ ହସ ତରଳ ଚାହାଣୀରେ ମୋ ଆଡ଼କୁ ଚାହିଁ ମୋ ହାତରୁ ବହି ଦୁଇଟି ନେଲେ, ଲେଖିଲେ ଆଉ ତାରିଖ ଦେବା ବେଳେ ଏତେ ଅନ୍ୟମନସ୍କ ଯେ ଗୋଟିଏ ବହିରେ '୦୮' ଲେଖିବା ଜାଗାରେ '୮୦' ଲେଖିଦେଲେ । ଯାହା ଏଯାଏଁ ବି ସଂଶୋଧିତ ହୋଇନାହିଁ । ଏବେ ମଧ୍ୟ ମୁଁ 'ହାତୀ ସଜକର' ବହିଟି ଓଲଟାଇଲେ ପ୍ରଥମେ ସେଇ ଭୁଲ୍ ମସିହା ଲେଖିଥିବା ଅଟୋଗ୍ରାଫ୍‌ଟି ଦେଖେ ଆଉ ତାଙ୍କର ଅନ୍ୟମନସ୍କତାକୁ ମନେ ପକାଇ କୁରୁଳେ ।

ସେଇଥର ଭୁବନେଶ୍ୱରରୁ ଘରକୁ ଫେରିବା ବେଳେ ଦେଶବିଦେଶର କେତେ ଲେଖକଙ୍କର କଣ୍ଟାକ୍ଟ ନମ୍ବର ଓ ଇ-ମେଲ୍ ଆଇଡି ଥିଲା ମୋ ପାଖରେ । କିନ୍ତୁ ଆଉ କାହା ସହ ସେଭଳି ମୋର ଘନିଷ୍ଠତା ଗଢ଼ି ଉଠିନାହିଁ ଯେପରି ସାର୍‌ଙ୍କ ସହ । ଆଜିବି ମୋର ମନେପଡ଼େ ପ୍ରଥମଥର ସେ ଯେତେବେଳେ ମତେ ଟେଲିଫୋନ୍ କଲେ ମୁଁ ଫୋନ୍ ଉଠାଇ ନଥିଲି । ମୁଁ ତାଙ୍କୁ ଖୋଜିବା ଆଉ ନପାଇବା, ସେ ମତେ ଫୋନ୍‌ରେ ଖୋଜିବା ଆଉ ନପାଇବା– ଏଇଭଳି ଚାରିପାଞ୍ଚ ଥର ଖୋଜିବା ଡାକିବା ଭିତରେ ସେ ଯେତେବେଳେ ଫୋନ୍ ଉଠାଇଲେ, 'ହ୍ୟାଲୋ' ନକହି କହିଥିଲେ 'ପାଇଗଲି, ପାଇଗଲି, ପାଇଗଲି ।'

'ଡିଅର୍ ଜିନ୍ଦେଗୀ'ରେ କାଇରା (ଆଲିଆ ଭଟ୍ଟ) ଡକ୍ଟର ଜାହାଙ୍ଗୀର୍ ଖାନ୍ (ଶାହାରୁଖ୍)କୁ ଭେଟିବା ପରେ ତାର ଜୀବନ ଯେପରି ବଦଳି ଯାଇଥିଲା, ସେ ନିଜକୁ ଏତେ ବେଶୀ ଭଲ ପାଇଥିଲା, ସାର୍‌ଙ୍କୁ ଭେଟିବା ପରେ ମୁଁ ବି ନିଜକୁ ଏତେ ବେଶୀ ଭଲ ପାଇଲି । ଦୁନିଆରେ ସବୁ ଭଲ, ସବୁ ସୁନ୍ଦର ଶବ୍ଦ ବୋଧେ ତାଙ୍କ ପାଖରେ ଅଛି । ତାଙ୍କ ପାଖରୁ ନିଜ ବିଷୟରେ ଶୁଣି ଜାଣିଲି ଦେହର ରଙ୍ଗ 'ମୁହଁସଞ୍ଜ' ପରି ହୋଇପାରେ, ଓଠର ରଙ୍ଗ 'ଗେରୁଆ' ହୋଇପାରେ । ତାଙ୍କ ଭାଷାରେ ଝିଅମାନଙ୍କର ରୂପବର୍ଣ୍ଣନା କିଭଳି କମନୀୟ ହୋଇପାରେ ତାର ଗୋଟିଏ ଛୋଟ ଉଦାହରଣ ଦେବି ତାଙ୍କର ଉପନ୍ୟାସ 'ଚୁମ୍ବନ'ର ନାୟିକା ସୁକେଶୀ ବିଷୟରେ : "ଏ ଝିଅର ରଙ୍ଗ ବଡ଼ ଅନିର୍ଦ୍ଦିଷ୍ଟ ଧରଣର, ଯେମିତି ଲାଇବ୍ରେରୀ ଭିତରେ ଏଲ୍.ଇ.ଡି. ଆଲୁଅରେ ସେ ଝିଅ ବାବୁକୁ ଜହ୍ନରାତି ପରି ଦିଶିଲା । ଆଉ ଦିନେ ସୂର୍ଯ୍ୟାସ୍ତରେ ଫିଜିକ୍ସ କ୍ଲବ୍ ପାଖ ଦୁଇପ୍ରସ୍ଥ ଦେବଦାରୁଙ୍କ ଭିତର ଦେଇ ଗଲାବେଳେ ଝିଅଟିର କ୍ଳାନ୍ତ ମୁହଁଟି ଦେଖାଗଲା ଯେମିତି ମଳିନ ସୁନାରେ ତିଆରି । ଆଉ ଦିନେ ମେଘଢଙ୍କା ଆକାଶର ସହିଷ୍ଣୁ ଆଲୁଅରେ ଝିଅଟି ଯେତେବେଳେ ଗୋଟିଏ ତୋରିଆ ଶାଢ଼ି ପିନ୍ଧି ଦୁଇ ହସହସ ସଖୀଙ୍କ ଗହଣରେ ଆର୍ଟସ୍ ବ୍ଲକ୍ ଉପର ମହଲାରୁ ସିଡ଼ିରେ ଓହ୍ଲାଇଥିଲା, ସେ ପୁଣିଥରେ ସାବ୍‌ନା ଦିଶିଲା ।" ଆଉ ଆଜି ଯଦି ମୋ ସହିତ କିଛି ତିକ୍ତ, ଅପ୍ରୀତିକର ଅନୁଭୂତି ଘଟେ, ତ ମୁଁ ପ୍ରଥମେ ଯାଇ ତାଙ୍କ ପାଖରେ କୁହେ । ସେ ମତେ ଏମିତି ବୁଝାଇ ଦିଅନ୍ତି, ମତେ ବହୁତ ସାନ୍ତ୍ୱନା ମିଳେ । ଲାଗେ ଯେପରି ଦେହର ଜ୍ୱଳନ୍ତ କ୍ଷତ ସ୍ଥାନଗୁଡ଼ିକରେ କେହିଜଣେ କୋମଳ ନରମ ଔଷଧପଟି ଲଗାଇ ଦେଇଛି ।

ତାଙ୍କର ଫ୍ୟାନ୍‌ମାନଙ୍କର ଲମ୍ବା ଲାଇନ । ପ୍ରଶଂସକ ତ ବହୁତ । ପ୍ରଶଂସିକା ତାଠୁ ଅଧିକା । ବିଶିଷ୍ଟ ଗାୟିକା ସୁସ୍ମିତା ଦାସ ତାଙ୍କର ଏକ ସାକ୍ଷାତକାରରେ କହିଛନ୍ତି, "ସମସ୍ତେ ଦେବଦାସ ଛୋଟରାୟଙ୍କ ସହିତ ଜଡ଼ିତ ହେବା ପାଇଁ ଚାହାନ୍ତି ।" ଏହା ପ୍ରକୃତରେ ଯଥାର୍ଥ । ଦେବଦାସଙ୍କ ବ୍ୟକ୍ତିତ୍ୱ ହିଁ ଏହିପରି । ସେ ଅନ୍ୟକୁ ଅତି ସହଜରେ ନିଜ ଆଡ଼କୁ ଆକର୍ଷିତ କରିପାରନ୍ତି । କାଳେ ଜଣକର ନାଁ କହିଦେଲେ ଅନ୍ୟମାନଙ୍କର ମନ ଖରାପ ହୋଇଯିବ, ସେଥିପାଇଁ ସେ ଆଜିଯାଏଁ 'ମଲ୍ଲିକା କିଏ' ପ୍ରଶ୍ନର ଉତ୍ତରକୁ ଆଡ଼େଇ ଚାଲିଛନ୍ତି । ତାଙ୍କୁ ଭେଟିବା ପରେ ମୋ ମନରେ ଏପରି ଏକ ଭାବନା ଆସିଥିଲା । ଆକାଶ ତାର କୋଟି କୋଟି ତାରାମାନଙ୍କର ଖବର ରଖିଥାଏ ଯାହାକୁ ମୁଁ ମୋର ଏକ ଉପନ୍ୟାସିକାର ସଂଳାପ ଭାବେ ବ୍ୟବହାର କରିଛି । ହଁ, ଦେବଦାସ ଛୋଟରାୟ ସେମିତି ଏକ ବିଶାଳ ଆକାଶ, ଯାହାଙ୍କ ହୃଦୟରେ କେତେ କେତେ ତାରା ଖଚିତ । ସେଇ ତାରାମାନଙ୍କ ଭିତରୁ ମୁଁ କ୍ଷୁଦ୍ରାତିକ୍ଷୁଦ୍ର । ଏତେ ଟିକେ ମୋର ଆଲୁଅ ।

**ଫ୍ଲାଟ୍ ନଂ-୩୦୫, ବି - ୧, ଶ୍ରୀକ୍ଷେତ୍ର ରେସିଡେନ୍ସି, ପାତ୍ରପଡ଼ା, ଭୁବନେଶ୍ୱର**
**ଫୋନ : ୭୦୭୭୯୬୫୨୧୨**



# ପଖାଳର ପରିଚୟ



## ଜୀବନଧନ

# ମୋ ପଖାଳ କଂସା

**ସଂଗ୍ରାମ କେଶରୀ ପୃଷ୍ଟି**

ଶିକ୍ଷକ, କିଶୋରନଗର ହାଇସ୍କୁଲ, ରାଜକିଶୋର ନଗର, ଅନୁଗୋଳ-୭୫୯୧୨୬
ଫୋନ : ୯୪୩୭୫୪୭୧୪୬

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍



ବାହାରେ ଟାଇଁ ଟାଇଁ ଖରା । ପେଟରେ ଆଉଟୁ ପାଉଟୁ ଭୋକ । ଆଉ ଠିକ୍ ଏତିକିବେଳେ ଗଣ୍ଡେ ପଖାଳ ପେଟରେ ପଡ଼ିଗଲେ ଆଃ...କି ଶାନ୍ତି ! ତାକୁ ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ । ସେମିତି ବାସି ପଖାଳର ମହମହ ବାସ୍ନାରେ ଏମିତି କି ମାଦକତା ଭରି ରହିଥାଏ କେଜାଣି କିଣିନିଏ ସବୁରିମନ । ପେଟ ଓ ମନ ଉଭୟକୁ ଶାନ୍ତି ଦିଏ । ସେଥିପାଇଁ ତ ଗରିବ ଠୁ ଧନୀ ଯାଏଁ ସଭିଙ୍କର ପ୍ରିୟ ପାଲଟିଛି ଏହି ପଖାଳଭାତ । ଓଡ଼ିଆଙ୍କ ଜନଜୀବନ ସହିତ ଜଡ଼ିତ ପଖାଳର ମହାତ୍ମ୍ୟକୁ ନେଇ ଲେଖା ଯାଇଥିବା ସେହି କାଳଜୟୀ ଗୀତ ସ୍ୱତଃପ୍ରବୃତ୍ତ ଭାବରେ ମୁହଁରୁ ଝରି ଆସେ: "ଆସ ଜୀବନଧନ ମୋର ପଖାଳ କଂସା / ସଜନୀରେ ତୋ ବିହୁନେ ଉଡ଼ିଲା ହଂସା ।"

ଏହାକୁ ଲେଖିଥିଲେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଓ ଗାଇଥିଲେ ପ୍ରଖ୍ୟାତ କଣ୍ଠଶିଳ୍ପୀ ବାଳକୃଷ୍ଣ ଦାଶ । ଏଥିରୁ ହିଁ ଓଡ଼ିଶାର ସାଂସ୍କୃତିକ, ସାମାଜିକ ଚଳଣି ସହିତ ପଖାଳର କେତେ ନିବିଡ଼ ସମ୍ପର୍କ ରହିଛି ଜଣାପଡ଼େ ।

ପଖାଳ ଓଡ଼ିଆଙ୍କ ନିତିଦିନିଆ ଖାଦ୍ୟ ହୋଇଥିଲେ ମଧ୍ୟ ମୁଖ୍ୟତଃ ଖରାଦିନେ ତାକୁ ବେଶୀ ମନେପଡ଼େ । ମଣିଷର ଜୀବନଶୈଳୀରେ କ୍ରମଶଃ ପରିବର୍ତ୍ତନ ଆସୁଛି । କିନ୍ତୁ ପଖାଳର ମହକ ଅଛି ଅତୁଟ । ପଖାଳ ହରାଇ ନାହିଁ ତା ସତ୍ତା । ଓଡ଼ିଆଙ୍କ ଏହି ପାରମ୍ପରିକ ଖାଦ୍ୟକୁ ଲୋକପ୍ରିୟ କରିବା ପାଇଁ ତଥା ଗ୍ରୀଷ୍ମକୁ ସ୍ୱାଗତ କରିବା ପାଇଁ ମାର୍ଚ୍ଚ ମାସ ୨୦ ତାରିଖ ଦିନଟିକୁ 'ପଖାଳ ଦିବସ' ଭାବରେ ପାଳନ କରାଯାଏ ।

ପାହାନ୍ତିଆ ପହରୁ ହଳବଳଦ ଧରି ଚାଷୀଭାଇ ଯାଇଥିବ ବିଲକୁ । ସୂର୍ଯ୍ୟ ଉଇଁଲା ବେଳକୁ ଗୁଡ଼ାଏ କାମ ସରିଯାଇଥିବ । ଦେହରୁ ଗମ୍ ଗମ୍ ହୋଇ ନିଗିଡ଼ି ପଡୁଥିବ ଝାଳ । ପେଟବି ଭୋକରେ କଁ କଁ ଡାକୁଥିବ । ଏତିକି ବେଳକୁ ଘରଣୀ ପଖାଳକଂସା ସହିତ ସେଇଠି ଆସି ପହଞ୍ଚିଯିବ । ପଖାଳ ଦେଖି ଚାଷୀ ଭାଇର ବଢ଼ିଯିବ ଭୋକ । ହଳବଳଦକୁ ବିଶ୍ରାମ ଦେଇ ସେ ଉଠିଆସିବ କ୍ଷେତ ହିଡ଼କୁ । ଦାନ୍ତକାଠିରେ ଦାନ୍ତ ଘଷିବ । ଦାନ୍ତଘଷା ସରିଲା ବେଳକୁ ଘରଣୀ ପରଷିଦେଇଥିବ କଂସାଏ ବାସିପଖାଳ । ତା ସହିତ ଗିନାରେ କେଇଫଡ଼ା ଆମ୍ବୁଲ, ଗୋଟେ ଦିଇଟା ପିଆଜ, କଞ୍ଚାଲଙ୍କା ପୁଣି ଚିମୁଟାଏ ଲୁଣ । କଦବା କେମିତି ଶାଗଭଜା ନହେଲେ ବାସି ତରକାରୀ । ଘାସ ସାଲୁବାଲୁ ହିଡ଼ ଉପରେ ବସି ପଖାଳ ଖାଇବାର ଏହି ନିଆରା ଆନନ୍ଦ କେବଳ ଅନୁଭବୀ ହିଁ ଜାଣେ । ତାକୁ ସତରେ କ'ଣ କିଏ ଭୁଲିପାରିବ ।

ସେମିତି ଗାଈଆଳ ପିଲା ସକାଳ ହେଲା କ୍ଷଣି ବାହାରି ପଡୁଥିବ ଗୋଠକୁ । ଗାଁ ଦାଣ୍ଡ ଦେଇ ଗଲାବେଳକୁ 'ଗାଈ ଫିଟାଅ ହୋ' ଡାକଛାଡ଼ି ଗାଈପଲକୁ ଏକାଠି କରି ଜଙ୍ଗଲ ଆଡ଼କୁ ମୁହେଁଇବ । ସାଥିରେ ଧରିଥିବ ପଖାଳ । ଗାଈ-ଗୋରୁ ଖୁସିମନରେ ଚରୁଥିବେ ପାସପତ୍ର । ତା ପଛେପଛେ ଗାଈଆଳ । ଖରା ମୁଣ୍ଡ ଉପରକୁ ଆସିଲାକ୍ଷଣି ଆଉ କି ସମ୍ଭଳାପଡ଼େ । ଡିକ୍‌ଚି ଫିଟାଇ ଖିଆହେବ ପଖାଳ । ମୁଠାଏ ପଖାଳ ଓ ମୁଦିଏ ତୋରାଣୀରେ ଭରିଯିବ ପେଟ । ମନ ସନ୍ତୋଷରେ ଭରିଯିବ । ଦେହରେ ପୁଣି ଆସିଯିବ ଗଦାଏ ବଳ । ସଞ୍ଜବେଳକୁ ଗାଈଗୋଠ ଧରି ଗାଁକୁ ଫେରିଆସିଲା ବେଳକୁ ତଥାପି ଭୋକ ଜାଗିନଥିବ । ଦିନଯାକର ଏ କାମ ପଛରେ ପଖାଳର ମହାତ୍ମ୍ୟକୁ କିଏ ଭଲା ଅସ୍ୱୀକାର କରିପାରିବ ଯେ !

ମଣିଷର କ୍ଳାନ୍ତି, ଅବସାଦକୁ ହରଣ କରି ମଧୁର ଆନନ୍ଦ ଦେଉଥିବା, କ୍ଷୁଧା-ତୃଷା ନିବାରଣ କରୁଥିବା ଶୀତଳ-ତରଳ ଆହାର ପଖାଳକୁ କବିଶେଖର ଚିନ୍ତାମଣି ମହାନ୍ତି 'ଉତ୍କଳର ମୃତ ସଞ୍ଜିବନୀ' କହିବାକୁ



ଭୁଲିନାହାନ୍ତି । ତାଙ୍କ ଭାଷାରେ:-

"ପଖାଳ ଉତ୍କଳେ ସଞ୍ଜିବନୀ ସୁଧା
ହରେ ଏକକାଳେ କ୍ଳାନ୍ତି ତୃଷା, କ୍ଷୁଧା ।
ମଧୁର ଶୀତଳ ପରି ପୁଷ୍ଟକର
ଯଥା ବିଜ୍ଞଜନ ଲଘୁ ତିରସ୍କାର ।
ତୋହରି ପ୍ରସାଦେ ଦରିଦ୍ର ମାନବ
ଭୁଞ୍ଜେ ଶାନ୍ତି, ପ୍ରୀତି, ସାଫଲ୍ୟ ଗୌରବ ।"

ଅସୁସ୍ଥତା ପରେ ଅରୁଚି ଦୂର କରିବା ପାଇଁ ଲୋଡ଼ାଯାଏ ପଖାଳକୁ । ମୁଠାଏ ପଖାଳ ହିଁ ସବୁ ଅରୁଚିକୁ ଦୂର କରିବାର ସାମର୍ଥ୍ୟ ରଖେ । ସେ ପୁଣି ଆଣେ ଶରୀରରେ ସତେଜତା । ଘର ଛାଡ଼ି ବାହାରେ କାମଧନ୍ଦା କରୁଥିବା ବା ପାଠ ପଢୁଥିବା ପିଲାମାନେ ଘରକୁ ଆସିଲେ ଆଗ ଖୋଜିବସନ୍ତି ପଖାଳକୁ । ଏଥିରେ ଜଳୀୟ ଅଂଶ (ତୋରାଣୀ) ଅଧିକ ରହୁଥିବା କାରଣରୁ ଏହା ଶୋଷ ବି ମେଣ୍ଟାଇଥାଏ । ସେଇଥିପାଇଁ ତ ଡାକ୍ତରମାନେ ଅଂଶୁଘାତରୁ ଏହା ଶୋଷ ବି ମେଣ୍ଟାଇଥାଏ । ସେଇଥିପାଇଁ ତ ଡାକ୍ତରମାନେ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ପଖାଳ ଖାଇବାକୁ ପରାମର୍ଶ ଦେଇଥାନ୍ତି ।

## ସାମାଜିକ ଜୀବନଧାରାରେ ପଖାଳର ସ୍ଥାନ

ସହର ହେଉ ବା ଗାଁ, ଆଧୁନିକତା ହେଉ ଅବା ପ୍ରାଚୀନ ପରମ୍ପରା ହେଉ ମଣିଷର ସାମାଜିକ ଜୀବନଧାରାରେ ପଖାଳର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ । ତା ମହକ ଆବୋରି ବସିଛି ପ୍ରତିଟି ଓଡ଼ିଆର ଆତ୍ମାକୁ । ପୁନଶ୍ଚ ଯୌଥ ପରିବାରକୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ପଖାଳର ବିଶେଷ ଭୂମିକା ରହିଛି । ଆନନ୍ଦର କଥା, ପଖାଳ କେବଳ ଓଡ଼ିଆଙ୍କ ଖାଦ୍ୟ ହୋଇ ରହିନାହିଁ । ଏହାକୁ ଅନ୍ୟରାଜ୍ୟ ଓ ଦେଶର ଲୋକମାନେ ମଧ୍ୟ ଖୁସିରେ ଗ୍ରହଣ କଲେଣି । ଓଡ଼ିଆଙ୍କ ହାଣ୍ଡିଶାଳର ପଖାଳ ରେଷ୍ଟୁରାଣ୍ଟ ଓ ଫାଇଭ୍‌ଷ୍ଟାର୍ ହୋଟେଲ୍‌ରେ ଆସ୍ଥାନ ଜମେଇବା କିଛି କମ୍ ଗୌରବର କଥା ନୁହେଁ । ଯା ଭିତରେ ଓଡ଼ିଶା ପରି ବାଂଲାଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆସାମରାଜ୍ୟ ଲୋକମାନଙ୍କର ମଧ୍ୟ ପଖାଳ ଅତିପ୍ରିୟ ଖାଦ୍ୟ ପାଲଟି ଗଲାଣି ।

ପଖାଳକୁ ଇଂରାଜୀରେ 'ଟୁ ଓ୍ୱାଶ୍', ବାଂଲାଦେଶରେ 'ପନ୍ତାଭାତ୍', ଛତିଶଗଡ଼ରେ 'ବୋରେଭାତ', ଆସାମରେ 'ପୋତାଭାତ୍ ବା ପୋଇତା ଭାତ', ଝାଡ଼ଖଣ୍ଡରେ 'ପଖାଳ ବା ପାନିଭାତ' କୁହାଯାଏ । ପଖାଳ ମୁଖ୍ୟତଃ ଦୁଇପ୍ରକାରର : ସଜ ପଖାଳ ଓ ବାସି ପଖାଳ । ଭାତ ରାନ୍ଧି ସାରିଲା ପରେ ତୁରନ୍ତ ଓଥିରେ ପାଣି ଦେଇ ପଖାଳି ଖାଇଲେ ତାକୁ 'ସଜପଖାଳ' କୁହାଯାଏ । ସେହିପରି ଗରମ ଭାତ ଖାଇଲା ପରେ ଯାହା ବଳିଯାଏ, ସେଥିରେ ପାଣିପୂରାଇ ପଖଳା ଯାଏ । ଗୋଟିଏ ରାତି ରହିଲା ପରେ ତାହା 'ବାସିପଖାଳ' ପାଲଟି ଯାଏ । ଏହାର ସ୍ୱାଦ ଖଟାଳିଆ ହୋଇଥିବା କରଣରୁ ପାଟିକୁ ସୁସ୍ୱାଦୁ ଲାଗିଥାଏ । ତେଣୁ ବାସିପଖାଳକୁ ମୁଖ୍ୟତଃ ଝିଅ-ବୋହୂମାନେ ବେଶ୍ ପସନ୍ଦ କରୁଥିବାର ଜଣାଯାଏ । ପଖାଳକୁ ନେଇ ଦହିପଖାଳ, ପଖାଳ ମିକ୍ସଚର, ପଖାଳ କଡ଼ି, ଅରୁଆ ପଖାଳ ଆଦି ସ୍ୱାଦିଷ୍ଟ ପଖାଳ ପ୍ରସ୍ତୁତ କରି ଖିଆଯାଏ ।

## ପଖାଳର ଭୂମିକା ଓ ଉପକାରିତା

ପଖାଳକୁ ଖଟାଳିଆ ସ୍ୱାଦ କରିବାରେ ଲାକ୍ଟୋବାସିଲସ୍ ନାମକ ଏକ ବ୍ୟାକ୍ଟେରିଆର ବିଶେଷ ଭୂମିକା ଥାଏ, ଯିଏକି କ୍ଷୀରକୁ ଦହିରେ ରୂପାନ୍ତରିତ କରିଥାଏ । ସେଥିପାଇଁ ବାସିପଖାଳ ଖଟା ଲାଗେ । ଏଥିରେ ମଧ୍ୟ ଲାକ୍ଟିକ ଏସିଡ଼ ବିଶେଷ ମହଜୁଦ୍ ଥାଏ । ପୁଷ୍ଟିକର ଖାଦ୍ୟସାରରେ ଭରପୂର ପଖାଳରେ ଲାକ୍ଟିକ ଏସିଡ଼ ସମେତ ଲୌହ, ପଟାସିୟମ୍, ସୋଡ଼ିୟମ୍ ଓ କ୍ୟାଲ୍‌ସିୟମ୍ ମଧ୍ୟ ଥାଏ । ୧୦୦ ଗ୍ରାମ ରନ୍ଧା ଭାତରେ ୩.୪ ମିଲିଗ୍ରାମ୍ ଲୌହ ଥିବା ବେଳେ ତାକୁ ପଖାଳି ୧୨ ଘଣ୍ଟା ରଖିଦେଲେ ଲୌହ ପରିମାଣ ୭୩.୯୧ ମିଲିଗ୍ରାମ୍‌କୁ ବଢ଼ିଯାଏ । ପଖାଳ ଭାତରେ ଭିଟାମିନ୍ ବି୬ ଓ ବି୧୨ ପ୍ରଚୁର ପରିମାଣରେ ଥାଏ, ଯାହାକି ଅନ୍ୟକୌଣସି ଖାଦ୍ୟରୁ ସହଜରେ ମିଳେ ନାହିଁ । ଏଥିରେ ବହୁ ରୋଗପ୍ରତିରୋଧକ ଶକ୍ତି ଓ ଉଚ୍ଚ ହଜମକାରୀ ଶକ୍ତି ମଧ୍ୟ ଥାଏ । ତା'ଛଡ଼ା ଅସ୍ଥି ଓ ମାଂସପେଶୀ ଯନ୍ତ୍ରଣା ଉପଶମରେ ଏହା ବିଶେଷ ଲାଭପ୍ରଦ ହୋଇଥାଏ ।

ଆମେରିକା ନ୍ୟୁଟ୍ରିସନ୍ ଆସୋସିଏସନ୍‌ଙ୍କ ମତରେ, ପଖାଳ ଶରୀରକୁ ସକ୍ରିୟ ଓ ହାଲୁକା ରଖିଥାଏ । ଏଥିରୁ ପ୍ରଚୁର ପରିମାଣରେ ଉପକାରୀ ଜୀବାଣୁ ଉତ୍ପନ୍ନ ହୋଇଥାନ୍ତି । ଏହା ଶରୀରର ତାପମାତ୍ରାକୁ ମଧ୍ୟ ନିୟନ୍ତ୍ରଣ କରିଥାଏ । କୋଷ୍ଠକାଠିନ୍ୟ ଦୂର କରିବା ସହିତ ଶରୀରର ନିଷ୍କ୍ରିୟତାକୁ ଦୂର କରିବାରେ ପଖାଳର ବିଶେଷ ଭୂମିକା ରହିଛି । କର୍ମଜନିତ ରୋଗ, କ୍ଷତବିକ୍ଷତ, ଘା, ଖଣ୍ଡିଆଖାବରା ଉପଶମରେ ମଧ୍ୟ ପଖାଳର ଭୂମିକା ଥିବା ଗବେଷଣାରୁ ଜଣା



ପଡ଼ିଛି । କେବଳ ସେତିକି ନୁହେଁ, ଏହା ହଠାତ୍ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ ।

ପଖାଳ ସହିତ ଶାଗର ସୁନ୍ଦର ସମନ୍ୱୟ ରହିଛି । ଶାଗଭଜା ଟିକେ ହୋଇଗଲେ ପଖାଳ ବେଶ୍ ଜମେ । ସେଇଥିପାଇଁ ତ ଓଡ଼ିଆ ଘରର ବାଡ଼ିପଟେ ବର୍ଷତମାମ୍ ଶୋଭା ପାଉଥାଏ ପଟାଳି ପଟାଳି ଶାଗକିଆରୀ । ଖଡ଼ା, ଲେଉଟିଆ, କୋଶଳା, ସଜନା, ଶୁନ୍‌ଶୁନିଆ ଆଦି ଜାତିଜାତିର ଶାଗ ବ୍ୟଞ୍ଜନ ପଖାଳର ଶୋଭାବର୍ଦ୍ଧନ କରିଥାନ୍ତି । ସବୁଠୁ ଶସ୍ତାସୁନ୍ଦର ଓ ମଜବୁତ ଖାଦ୍ୟର ସ୍ଥାନ ନେଇଛି ଓଡ଼ିଆଙ୍କ ଶାଗପଖାଳ । ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ପଲ୍ଲୀଚିତ୍ରରେ ପେଜପଖାଳରେ ଶାଗପୋଡ଼ା-ସିଝାର ବର୍ଣ୍ଣନା ରହିଛି । ପଖାଳଭାତ ସହିତ ଶୁଖୁଆପୋଡ଼ା, ଲୁଣ, କଞ୍ଚାଲଙ୍କା, ରସୁଣ ପୁଣି ଆମ୍ବକଷିର ଅପୂର୍ବମିଳନ କଥା ସେ ବଖାଣିଛନ୍ତି । ସେହିପରି ନାରୀକବି ବିଦ୍ୟୁତପ୍ରଭା ଦେବୀ ତାଙ୍କ 'ଘର ପଖାଳ' କବିତାରେ ଲେଖିଛନ୍ତି:

"ସେଦିନ ପଖାଳ ଭାତ, ସେଇ ଶାଗ ଭାଜି
ଝୁରଇ ଅନ୍ତର ମୋର ଭାଳି ଯାହା ଆଜି ।"

'ନିଆଁଖୁଣ୍ଟା'ର କବି ଗୋଦାବରୀଶ ମହାପାତ୍ରଙ୍କ ବ୍ୟଙ୍ଗ ରଚନାରେ ତଥା ଗଣକବି ବୈଷ୍ଣବ ପାଣିଙ୍କ 'ପଖାଳ' ସହିତ 'ମିରିକାଳି ମାଛ ମହୁର'ର ଉପଲକ୍ଷ୍ୟ ବେଶ୍ ରୋଚକ ଅଟେ ।

ପ୍ରଚଣ୍ଡ ରୌଦ୍ରତାପରୁ ମୁକ୍ତି ପାଇଁ କାଞ୍ଜିତୋରାଣୀ, ଦହିପାଣି, ଲେମ୍ବୁ-ସରବତ ପିଆଯାଏ । ପେଟ ଓ ମଗଜକୁ ଥଣ୍ଡା ରଖିବା ପାଇଁ ପଖାଳ ଓ ତୋରାଣୀ ଓଡ଼ିଆଙ୍କ ଏକ ସଫଳ ଆବିଷ୍କାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଣୁ ଓଡ଼ିଆ ସାହିତ୍ୟରେ, ଓଡ଼ିଆ ଲୋକକଥା-ଲୋକଗୀତରେ, ଢଗଢମାଳିରେ, ପ୍ରବଚନିକାରେ ସେ କାଳର ମାଟିହାଣ୍ଡି ପଖାଳ ଆମକୁ ଆଜି ପର୍ଯ୍ୟନ୍ତ ଅକ୍ଷବହୁଟେ ବାନ୍ଧିରଖି ପାରିଛି । ପଖାଳ ଭାତ ସହିତ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସ୍ୱାଦିଷ୍ଟ ଲାଗିଥାଏ । ଏହିପରି ରୁଚିକର ଖାଦ୍ୟ ଖାଇବା ନେଇ ମନରେ ଜାତ ହେଉଥିବା ଲାଳସାକୁ ଦୃଷ୍ଟିରେ ରଖି ଆମ ଢଗଢମାଳିରେ ଲେଖା ଯାଇଛି:

"ସକାଳ ପଖାଳ ଦହିକି
ଚିଙ୍ଗୁଡ଼ି ଶୁଖୁଆ ପୋଇକି ।"

ଚାରଣ ଦନାଇ ଦାସ ପଖାଳର ମହାତ୍ମ୍ୟ ଦର୍ଶାଇବାକୁ ଯାଇ ଲେଖିଛନ୍ତି:

"ଅଖାଇନାନୀର ବାର ବରତ
ସକାଳୁ ଖାଇଲା ପଖାଳ ଭାତ ।
ଅଗାଧୁଆ ଯେଉଁ ଘରଣୀ, ପଖାଳ ଭାତ ଖାଏ
ହାତରେ କିଛି ନଧରି, ସେ ଭଉଣୀ ଘରକୁ ଯାଏ ।"

## ପଖାଳ ଓ ଶ୍ରୀଜଗନ୍ନାଥଙ୍କ ସମ୍ପର୍କ

ବଡ଼ଦେଉଳରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଲାଗୁଥିବା ଛପନ ଭୋଗରେ ସନ୍ଧ୍ୟା ଧୂପ (ତୃତୀୟ ଧୂର୍ପ)ରେ ପଖାଳ ଲାଗି କରାଯାଏ । ସନ୍ଧ୍ୟା ଆଳତି ପରେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହା ସମର୍ପଣ କରାଯାଏ । ଶ୍ରୀମନ୍ଦିର ରୀତିନୀତିରେ ପାଣି ପଖାଳ, ରାଇ ପଖାଳ, ସୁବାସ ପଖାଳ ଓ ଚିପୁଡ଼ା ପଖାଳ ଭୋଗ ଭାବରେ ସମର୍ପଣ କରିବାର ବିଧି ରହିଛି । ସତରେ ଝାଟିମାଟିର କୁଡ଼ିଆ ଠାରୁ ଶ୍ରୀମନ୍ଦିର ଯାଏଁ ପରିବ୍ୟାପ୍ତ ଏ ପଖାଳ ପରମ୍ପରା ।

ଶ୍ରୀମନ୍ଦିରରେ ପ୍ରତିଦିନ ବଳକା ଅଭଡ଼ାକୁ 'ଦହିପଖାଳ' କରି ଭକ୍ତଙ୍କୁ ପ୍ରସାଦ ଭାବରେ ବିତରଣ କରାଯାଏ । ଏହାର ଅନ୍ୟନାମ ହେଉଛି- ଅବଢ଼ା ପଖାଳ । ବାସି ଅବଢ଼ା ପଖାଳରେ ଲେମ୍ବୁ, ଅଦା, ଭୁର୍ସଙ୍ଗପତ୍ର ପକାଇଲେ ବଢ଼ିଯାଏ ତା ସ୍ୱାଦ । ଅବଢ଼ା ତୋରାଣିରେ ଦହି, ଜିରାଭଜା ଓ ଲଙ୍କାଗୁଣ୍ଡ ମିଶାଇ ପ୍ରସ୍ତୁତ କରା ଯାଉଥିବା ପାନୀୟ ଖୁବ୍ ସ୍ୱାଦିଷ୍ଟ ଓ ରୁଚିକର ମଧ୍ୟ । ଏହା ଭୋକ ଶୋଷ ମେଣ୍ଟାଇବା ସହିତ ତୃପ୍ତି ପ୍ରଦାନ କରିଥାଏ । ଶ୍ରୀଜଗନ୍ନାଥ ସଂସ୍କୃତିରେ ଟଙ୍କ ତୋରାଣିର ବେଶ୍ ମହତ୍ତ୍ୱ ଥିବା କାରଣରୁ ଭକ୍ତ ସାଲବେଗ କ୍ଷୀରି, ଖେଚୁଡ଼ି ଛାଡ଼ି ଏହି ଟଙ୍କ ତୋରାଣି ପାଇଁ ପ୍ରଭୁଙ୍କ ପାଖରେ ଅଳି କରିଛନ୍ତି । ମହିମାଧର୍ମର ଭକ୍ତମାନେ ମଧ୍ୟ ସକାଳେ ଥରି ତୋରାଣି ପାନ କରିଥାନ୍ତି । ଶ୍ରୀକୃଷ୍ଣଙ୍କ ଦହିପଖାଳ ଖାଇବା ଉପାଖ୍ୟାନ ଆମ ପୁରାଣକୁ କରିଛି ସମୃଦ୍ଧ ।

ସାଧାରଣ ମଣିଷର ଭୋକ ଠାରୁ ଈଶ୍ୱରଙ୍କ ଭୋଗ ଯାଏଁ କାଳେ କାଳେ ପଖାଳ ତା ଆସ୍ଥାନ ଜମେଇ ବସିଛି । ପଖାଳ ସହିତ ମଣିଷର ଏ ନିବିଡ଼ତା କାରଣରୁ ଭକ୍ତ ପଖାଳକଂସାରେ ଶାଗଭଜା ଖାଇଲା ବେଳେ ତା ମଧ୍ୟରେ ଅନୁଭବ କରିପାରିଛି କାଳିଆ ଠାକୁରଙ୍କ ଚକାଆଖି । ସେଇଥିପାଇଁ ଭକ୍ତ ଦାସିଆବାଉରୀଙ୍କ ଭକ୍ତିରେ ଆମେ ବି ଭାବବିହ୍ୱଳ ହୋଇ ଉଠୁ । ମାର୍ଗଶୀର ମାସ ମାଣବସା ଗୁରୁବାର ବ୍ରତରେ ମା' ମହାଲକ୍ଷ୍ମୀଙ୍କ ପାଖରେ ପଖାଳ ଓ କଳମ ଶାଗ ଭୋଗ ଦେବାର ପରମ୍ପରା ରହିଛି । ପଶ୍ଚିମ ଓଡ଼ିଶାରେ ଭାଇ ଜୀଉନ୍ତିଆ ଓଷା ପରଦିନ ଭଉଣୀମାନେ ପଖାଳ ଖାଇବାର ପରମ୍ପରା ରହିଛି । ବର ସହିତ କନ୍ୟାଘରର ପାରସ୍ପରିକ ମଧୁର ସମ୍ପର୍କ ଆରମ୍ଭ ହୋଇଥାଏ ଏହି ପଖାଳ ପର୍ବରୁ । ବାହାଘର ପରେ କନ୍ୟାଘରେ ବର ଗାଧୁଆପାଧୁଆ ସାରି, ନୂଆପୋଷାକ ପିନ୍ଧି ଶାଶୁ ବା ଭାଉଜଙ୍କ ଦ୍ୱାରା ଶାଳୀ ବା କନ୍ୟାର ସାଙ୍ଗସାଥିମାନଙ୍କ ଗହଣରେ ଦହିପଖାଳ ଖାଇଥାଏ । ସେହିପରି ଝିଅଟିଏ ବାହାଘର ପରେ ଶାଶୁଘରକୁ ଯିବା ପୂର୍ବରୁ ତାକୁ ପାଖ ପଡ଼ୋଶୀମାନେ ସ୍ନେହରେ ଘରକୁ ଡାକି ଖୁଆଇବାର ଯେଉଁ ପରମ୍ପରା ରହିଛି, ତାହା 'ତୋରାଣିଖିଆ' ଭାବେ ବେଶ୍ ଜଣାଶୁଣା । ସୁତରାଂ ଆମ ପ୍ରାଚୀନ ପରମ୍ପରାରେ ପଖାଳ ବେଶ୍ ମହତ୍ତ୍ୱ ରଖେ ।

## ଓଡ଼ିଆଙ୍କ ଧର୍ମୀୟ ଧାରା ଓ ପଖାଳ ଭୋଗ

ଓଡ଼ିଆଙ୍କ ଧର୍ମୀୟ ଧାରାରେ ଓତଃପ୍ରୋତ ଭାବେ ଯୋଡ଼ି ହୋଇଯାଇଛି ପଖାଳ । ଶୈବ, ଶାକ୍ତ ଓ ବୈଷ୍ଣବ ଧର୍ମରେ ପଖାଳକୁ ଭୋଗ ଭାବରେ ସମର୍ପଣ କରିବାର ବିଧି ଚଳିଆସିଛି କାହିଁ କେଉଁକାଳରୁ । ଅନେକ ମଠରେ ରାତ୍ରୀ ଧୂପରେ ଦହିପଖାଳ ଲାଗି କରିବାର ନିୟମ ପ୍ରଚଳିତ । କୃଷ୍ଣ ମନ୍ଦିରରେ ମଧ୍ୟ ମଧ୍ୟରାତ୍ରୀ ପରେ ପଖାଳକଂସା ଲାଗି କରିବାର ପରମ୍ପରା ରହିଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଓ ଭୋଗରାଇର ଚନ୍ଦନେଶ୍ୱର ମନ୍ଦିରରେ ମଧ୍ୟ ରାତ୍ରି ବଡ଼ସିଂହାର ବେଶ ସମୟରେ ଦହିପଖାଳ ଭୋଗ ଲାଗି ହେବାର ଏକ ଅନନ୍ୟ ପରମ୍ପରା କାହିଁ କେଉଁକାଳରୁ ଚଳି ଆସିଛି । କେନ୍ଦ୍ରାପଡ଼ା ବଳଦେବ ଜୀଉଙ୍କ ପୀଠରେ ମଧ୍ୟ ବର୍ଷର କେତୋଟି ନିର୍ଦ୍ଦିଷ୍ଟ ପର୍ବରେ ପଖାଳଭୋଗ ଲାଗି କରାଯାଏ ।

## ଇତିହାସ, ପଖାଳ ଗାନ୍ଧିଜୀ

ଐତିହାସିକ ପୃଷ୍ଠଭୂମିରେ ମଧ୍ୟ ପଖାଳ ବିଶେଷ ମହତ୍ତ୍ୱ ରଖେ । ୧୯୨୧ ମସିହାରେ ଜାତିର ପିତା ମହାତ୍ମା ଗାନ୍ଧୀ ପ୍ରଥମଥର ପାଇଁ ଓଡ଼ିଶା ଆସିଥିଲେ । ଏହି ଅବସରରେ ପୁରୀ ଜିଲ୍ଲାର ଡେଲାଙ୍ଗ ଠାରେ ସେ ରାତ୍ରୀ ଯାପନ କରିଥିଲେ । ସେଠାରେ ସେ ଲକ୍ଷ୍ୟ କଲେ ଯେ, ଓଡ଼ିଆମାନେ ଭାତ ନଷ୍ଟ





ନକରି ସେଥିରେ ପାଣି ପୂରେଇ ପଖାଳ ତିଆରି କରୁଛନ୍ତି ଏବଂ ଖୁସିରେ ଖାଉଛନ୍ତି । ଏହା ଦେଖି ଗାନ୍ଧିଜୀଙ୍କର ମଧ୍ୟ ପଖାଳ ଖାଇବାକୁ ମନ ବଳିଲା । ସେ ପଖାଳ ଖାଇଲେ । ଏହାର ସ୍ୱାଦ ତାଙ୍କୁ ମଧ୍ୟ ବେଶ୍ ଭଲ ଲାଗିଲା । ଏହାପରେ ସେ ଗୁଜୁରାଟ ଫେରିଯାଇ କିଛି ଲୋକଙ୍କୁ ପଖାଳ ତିଆରି ଶିଖିବା ପାଇଁ ଓଡ଼ିଶା ପଠାଇଥିଲେ । ଗୁଜୁରାଟରୁ ଆସିଥିବା ଲୋକମାନେ ଓଡ଼ିଶାକୁ ଆସି ପଖାଳ ତିଆରି କରିବା ତ ଶିଖିଗଲେ ଏବଂ ତା ସହିତ ମିକ୍ସଚର୍ ମଧ୍ୟ ତିଆରି କଲେ । ପଖାଳ ସହିତ ମିକ୍ସଚର୍ (ବାରମଜା) ଓଡ଼ିଆଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସିଥିଲା । ଫଳରେ ଏଠାରେ ଗୁଜୁରାଟୀ ମିକ୍ସଚର୍‌ର ଚାହିଦା ବଢ଼ିଲା । ବିକ୍ରୀ ଭଲ ହେଲା । ତେଣୁ ଗୁଜୁରାଟୀମାନେ ଏଠାରୁ ଆଉ ଫେରିନଯାଇ ଓଡ଼ିଶାରେ ରହିଗଲେ । ସେମାନେ ତିଆରି କରୁଥିବା ବାରମଜା ଗୁଜୁରାଟୀ ମିକ୍ସଚର୍ ବା କଟକୀ ମିକ୍ସଚର୍ ଭାବରେ ବେଶ୍ ଖ୍ୟାତି ଲାଭ କଲା ।

ଉତ୍କଳର ବରପୁତ୍ର ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଥିଲେ ପଖାଳପ୍ରିୟ । ସରକାରୀ ବା ବେସରକାରୀ ଯାତ୍ରା କାଳରେ ପ୍ରାୟ ପ୍ରତ୍ୟେକ ସ୍ଥାନରେ ତାଙ୍କ ଖାଦ୍ୟ ମେନୁରେ ପଖାଳ ସ୍ଥାନ ପାଉଥିଲା । ଓଡ଼ିଆଙ୍କ ସ୍ୱାଭିମାନ ସହିତ ଜଡ଼ିତ ପଖାଳକୁ ନେଇ ମଧୁବାବୁ ଲେଖିଥିଲେ- "ଓଡ଼ିଶାର ସ୍ୱତନ୍ତ୍ର ପରିଚୟ ତା ପଖାଳକଂସାରେ ।" ସେହିପରି ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ପିଲାଦିନେ ପଖାଳ ଖାଇବେ ବୋଲି ଘରୁ ଲୁଚି ପଳାଇଥିଲେ । ପଖାଳ ସମ୍ପର୍କରେ ସେ ମତ ଦେଇଥିଲେ- "ଓଡ଼ିଆଙ୍କ ପ୍ରାଣ ହିଁ ପଖାଳ । ତାକୁ କେହି କ'ଣ ଭୁଲିପାରେ !"

## ଓଡ଼ିଆ ଭାଷାସାହିତ୍ୟରେ ପଖାଳ

ସତରେ ଓଡ଼ିଆ ଜାତିର ଧର୍ମ, ସଂସ୍କୃତି ଓ ପରମ୍ପରା ସହିତ କେତେ ନିବିଡ଼ ଭାବରେ ଜଡ଼ିତ ଏ ପଖାଳ । ଏହାକୁ ନେଇ ସମୃଦ୍ଧ ହୋଇଛି ଆମ ଭାଷା ସାହିତ୍ୟ । କବି ଅର୍ଜୁନ ଦାସଙ୍କ 'କଳ୍ପଲତା' କାବ୍ୟରେ ପଖାଳର ବର୍ଣ୍ଣନା ରହିଛି । ପ୍ରଥମ ଓଡ଼ିଆ କାଳ୍ପନିକ କାବ୍ୟ କୁହା ଯାଉଥିବା ଏହି କାବ୍ୟରେ ନାୟିକା ରାଜଜେମା କଳ୍ପଲତା ରାତ୍ରିଭୋଜନରେ ସୁନାଖୁରି (କଂସା)ରେ ପଖାଳ ଖାଇବାର ବର୍ଣ୍ଣନା ରହିଛି । ଏହାର ପଞ୍ଚମ ଛାନ୍ଦରେ ଲେଖାଯାଇଛି:

"ମାଜଣା ସାରିଣ କଳ୍ପଲତା ବିବିଧ ବେଶନ୍ତ ହୋଇ / ରତ୍ନ ଯୋଗାଡ଼ ବଢ଼ାଇଣ ଆଡ଼ଖୁରମାନନ୍ତ ଫେଇ । / ବାଟଳ ଭରିଆ ପଖାଳ ଭାତ ସୁବର୍ଣ୍ଣ ଖୋରିରେ ଲାଇଂ / ପିଠା ପଇଡ଼ ଶ୍ରୀ କର୍ପୂର ଚୂରି ଆମ୍ବ ପଣୁସ ଦେଇଂ । / ବୋଲଇ କଳ୍ପଲତା ଦେଇ ମଦନମଞ୍ଜାକୁ ଚାହିଁ / ଲମ୍ୱାଉ ପୁଞ୍ଜିଏ ଆଣ ସହି ଭାତେ ଆମ୍ବିଳ ନାହିଁ ।"

ଦଣ୍ଡନାଚ ଠୁ ଆରମ୍ଭ କରି ପଲ୍ଲୀ ସଙ୍ଗୀତ ପୁଣି କାବ୍ୟକବିତା ମଧ୍ୟ ବେଶ୍ ଚଳଚଞ୍ଚଳ ଏହି ପଖାଳକୁ ନେଇ ।

କେତେକ କହନ୍ତି, ସେଦିନର ପଖାଳ ଏବେ ଆଉ ନାହିଁ । କୁଆଡ଼େ ଗଲା ସେ ମାଟିହାଣ୍ଡିରେ ରନ୍ଧା ଢେଙ୍କିକୁଟା ଚାଉଳର ଭାତ ! ଭାତ ଫୁଟିବା ବେଳର ବାସ୍ନା ଆଉ କାଇଁ ଯେ ! ବିନା ରାସାୟନିକ ସାରରେ ଉତୁରିଥିବା ଗଛର ଚାଉଳର ଭାତରେ କି ସ୍ୱାଦ ଥିଲା ସତେ ! ସେଇ ଭାତରୁ ତାଟିଆଏ ପେଜ ପିଇ ଦେଲେ ଜର କୁଆଡ଼େ ଚାଲି ଯାଉଥିଲା । କମି ଯାଉଥିଲା ଦେହ-ହାତର ଦରଜ । ଓହ୍ଲେଇ ଯାଉଥିଲା ଥକ୍କାପଣ । ସେଦିନର ପଖାଳର ମହିମାକୁ ବର୍ଣ୍ଣନା କରିବାକୁ ଯାଇ ଲୋକମୁଖରେ ଚଳି ଆସିଛି ରୁଢ଼ିଟିଏ:

"ସେକାଳ ପଖାଳ ଏକାଳକୁ ନାହିଁ
ହଜିଲା ବଳଦ ମିଳଇ ନାହିଁ ।"


ଯାହାର ଅର୍ଥ ହେଉଛି, ଅତୀତର ସ୍ମୃତି ସବୁବେଳେ ସୁଖଦ ଓ ପ୍ରୀତିକର ମନେ ହୋଇଥାଏ । ପୂର୍ବ ସୁଖ ଯେତେ ଚେଷ୍ଟା କଲେ ମଧ୍ୟ ମିଳିପାରି ନଥାଏ । କେବଳ ଝୁରି ହେବା ହିଁ ସାର ହୋଇଥାଏ । ହଜିଲାବଳଦକୁ ଠାବ କରିବା ବି କଷ୍ଟକର ହୋଇଥାଏ ।

## କମିନି ପଖାଳର ଆଦର

ସେଇ ଢେଙ୍କିକୁଟା ଚାଉଳ, ମାଟିହାଣ୍ଡି ଓ କାଠଚୁଲି ନହେଉ ପଛକେ ତଥାପି କମିନି ପଖାଳର ଆଦର । ହାଣ୍ଡିଶାଳରେ ନିଜର ଅସ୍ତିତ୍ୱ ଜାହିର କରିବସିଛି ସେ । ପରିବାର ଜନଙ୍କ କ୍ଷୁଧାତୃଷା ମେଣ୍ଟାଇବା ସହିତ ଅତିଥି ଅଭ୍ୟାଗତଙ୍କୁ ସତ୍କାର କରିବାରେ ପଖାଳର ଅବଦାନକୁ ସ୍ୱୀକାର କରିବାକୁ ହିଁ ପଡ଼ିବ । ଭାରତ ବାହାରେ ପାକିସ୍ଥାନ ଓ ଚୀନର କେତେକ ଅଂଶ, ଶ୍ରୀଲଙ୍କା, ଭୁଟାନ, ଆମେରିକା ଓ ରୁଷିଆରେ ପ୍ରବାସୀ ଓଡ଼ିଆମାନେ ଆମ ପଖାଳକୁ ବିଦେଶରେ ଲୋକପ୍ରିୟ କରାଇସାରିଲେଣି । ପଶ୍ଚିମ ଓଡ଼ିଶାକୁ କେବେ କେବେ ଯାଉଥିବା ଲୋକ ସେଠି ଖୋଜି ବୁଲୁଛନ୍ତି ପଖାଳ ସହିତ ପାତାଳଘଣ୍ଟା, ହେଣ୍ଡୁଆ ଚଟଣି ଓ ପୋଡ଼ା ଝୁରି । ଉତ୍ତର ଓଡ଼ିଶାରେ ପଖାଳ ସହିତ ଆଳୁ, ବାଇଗଣ ଭର୍ତ୍ତା ପୁଣି ଉପକୂଳ ଓଡ଼ିଶାରେ ପଖାଳ ସହିତ ଶୁଖୁଆ ପୋଡ଼ା ଖାଇବାର ଥାଏ ଅଲଗା ଅନୁଭୂତି । ପଖାଳର ଏତେ ଲୋକପ୍ରିୟତା ଦେଖି ଖରାଦିନେ ତାରକା ହୋଟେଲ ମାନଙ୍କରେ ପଖାଳକଂସା ସହିତ ନାନାଦି ବ୍ୟଞ୍ଜନର ବ୍ୟବସ୍ଥା ମଧ୍ୟ କରାଗଲାଣି । ଓଡ଼ିଆଙ୍କ ପାଇଁ ଏହା କିଛି କମ୍ ଗର୍ବ ଓ ଗୌରବର କଥା ନୁହେଁ । ପଖାଳ ମାଧ୍ୟମରେ ସୁନ୍ଦର-ସୁଖଦ ନିଦକୁ ନିମନ୍ତ୍ରଣ କରିବାର ସ୍ୱତଃପ୍ରବୃତ୍ତ ପ୍ରକ୍ରିୟା କାରଣରୁ ପଖାଳକଂସା ଜିଣି ପାରିଛି ଆଜି କୋଟି କୋଟି ଓଡ଼ିଆଙ୍କ ମନ ଓ ପ୍ରାଣ । ସୁତରାଂ ପଖାଳକଂସା ଭିତରେ ଥିବା ଜୀବନକୁ କିଏ ଭଲା ଅସ୍ୱୀକାର କରିପାରିବ ଯେ !

ଗୋଟିଏ ପଖାଳକଂସାରେ ଏକାଠି ଦୁଇଜଣ ଖାଇବା ଓ ଆମ୍ବିଳା ତୋରାଣିରେ ମୁଡ଼ିଗୋଳାଇ ଖାଇବାର ନିଆରା ଆନନ୍ଦ ଆଉ କେଉଁ ଖାଦ୍ୟରେ ମିଳିବ ନାହିଁ । ତୋରାଣିରୁ ପ୍ରସ୍ତୁତ ସ୍ୱାଦିଷ୍ଟ କାଞ୍ଜି (ଖଟା) ଯେମିତି ଲୋକପ୍ରିୟ, ଠିକ୍ ସେମିତି ଏଥିରୁ ପ୍ରସ୍ତୁତ ହେଉଥିବା ନିଶାଯୁକ୍ତ ପାନୀୟ (ହାଣ୍ଡିଆ / କୁସୁନା) ଆଦିବାସୀ ସମ୍ପ୍ରଦାୟରେ ବେଶ୍ ଲୋକପ୍ରିୟ । ବିଭିନ୍ନ ପର୍ବପର୍ବାଣୀ ଅବସରରେ ଏହି ସଂପ୍ରଦାୟର ଲୋକମାନେ ଏଥିରେ ହିଁ ଅତିଥି ସତ୍କାର କରିଥାନ୍ତି । ଶ୍ୱଶୁର ଘରେ ଶାଳୀ ସହିତ ଥଟ୍ଟାମଜାର ଆନନ୍ଦ ସହିତ ସକାଳୁ ଗାଧୋଇ ପଖାଳ ଖାଇବାର ଆନନ୍ଦକୁ ନେଇ ଆମ ଲୋକକଥା କହେ:

"ସକାଳ ଗାଧୁଆ ପଖାଳଖିଆ ଦେହରେ ଯଦି ଯାଏ
ବାହା ହୋଇଥିଲେ ଶ୍ୱଶୁରଘରେ ପାଖେ ଶାଳୀ ଯଦି ଥାଏ ।"



# ବିଭୋର୍ ବାସ୍ନାର ନାଁ
# ବିଭୁତି

# ବିଭୂତିଙ୍କ ବିବିଧତା

## ସ୍ୱାଗତିକା ସ୍ୱାଇଁ

ଫଟୋ ସୌଜନ୍ୟ : ଲେଖିକା ଓ ସରୋଜ ବଳ

ସେଇଟି ଥିଲା ଆଶ୍ୱିନ ମାସର ଉତ୍ସବ ମୁଖର ପବିତ୍ର ସମୟ । ଗାଁ ସାରା ଦଶହରାର ଆନନ୍ଦ ଉଲ୍ଲାସ । ସେଦିନ ପୁଣି ସପ୍ତମୀ । ଘରେ ଘରେ ବନ୍ଧୁବାନ୍ଧବ ହସଖୁସି । ସମସ୍ତଙ୍କ ମନରେ ଅପୂର୍ବ ଉତ୍ସାହ, ଉନ୍ମାଦନା । ହେଲେ ଉତ୍ସବର ଏଇ ଆନନ୍ଦ ଉଲ୍ଲାସକୁ ଆତଙ୍କରେ ପରିଣତ କରି ହଠାତ୍ ମାଡ଼ି ଆସିଥିଲା ପ୍ରବଳ ଝଡ଼ତୋଫାନ୍ ଏବଂ ବର୍ଷା । ସଞ୍ଜ ଗଡ଼ି ରାତି ଆସିବା ବେଳକୁ ଝଡ଼ ବର୍ଷାର ପ୍ରକୋପ ଆହୁରି ପ୍ରବଳ ହେବାକୁ ଲାଗିଲା । ବଢ଼ିଥିଲା ପବନର ବେଗ । ତା ସହିତ ବିଜୁଳି, ଘଡ଼ଘଡ଼ି । ରାତି ଗାଢ଼ ହେବାକୁ ଲାଗିଲା ତ କ୍ରମେ ଆହୁରି ପ୍ରଗାଢ଼ ଏବଂ ଭୟଙ୍କର ହବାକୁ ଲାଗିଥିଲା ପ୍ରକୃତିର ଏଇ କରାଳ ତାଣ୍ଡବ । କୋଉଠି ଚାଳ ଛପର ଉଡ଼ି ଯାଇଥିଲା ତ' କୋଉଠି ଭୂଇଁରେ ଲୋଟି ପଡ଼ିଥିଲେ ବିରାଟ ଗଛମାନ ।

ଆତଙ୍କର ଏଇ ଭୟଙ୍କର ଝଡ଼ବର୍ଷା ରାତିରେ କିନ୍ତୁ ଏ ଧରାପୃଷ୍ଠରେ ଭୂମିଷ୍ଠ ହେଇଥିଲା ଗୋଟିଏ ଦେବଶିଶୁ । ନିଜ କଲମର ଅବିଶ୍ୱସନୀୟ ଯାଦୁକରୀ କିମିଆରେ ଲକ୍ଷ ଲକ୍ଷ ଓଡ଼ିଆଙ୍କ ହୃଦୟକୁ କିଣି ନେଇଥିବା ଅପ୍ରତିଦନ୍ଦ୍ୱୀ ଶବ୍ଦ ସମ୍ରାଟ-ବିଭୂତି ପଟ୍ଟନାୟକ !

ହଁ ବିଭୂତି ପଟ୍ଟନାୟକ ! ଇଏ ଏମିତି ଏକ ନାଁ ଯାହା ଓଡ଼ିଆ କଥାସାହିତ୍ୟର ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତକୁ ଗୋଟିଏ ବିନ୍ଦୁରେ ଧରି ରଖିବାକୁ ଯଥେଷ୍ଟ । କାରଣ ବିଗତ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଲେଖି ଆସୁଥିବା, ବର୍ତ୍ତମାନ ତଦନୁରୂପ ସକ୍ରିୟ ଥିବା ଜଣେ ଯଶସ୍ୱୀ କଥାକାର ଆମ ଭବିଷ୍ୟତ ପିଢ଼ିଙ୍କ ପାଇଁ ଯେ ସମାନ ମହତ୍ତ୍ୱ ରଖନ୍ତି ଏକଥା କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ । ବାସ୍ତବରେ, ତାଙ୍କ ଲେଖନୀ ସହିତ ଗଡ଼ି ଆସିଥିବା ଓଡ଼ିଆ ସାହିତ୍ୟର କ୍ରମବିକାଶ ପାଇଁ ସେ ଜଣେ ଦିଗବାରେଣୀ ମାଇଲଖୁଣ୍ଟ ।

ଗୋଟିଏ ସହରରେ ରହୁଥିବା ବେଳେ ମଝିରେ ମଝିରେ ସଭାସମିତିରେ ତାଙ୍କ ସହିତ ଦେଖାହୁଏ । ଓଡ଼ିଆ କଥାସାହିତ୍ୟର ପିତାମହ ସିଏ । ତାଙ୍କୁ ଦେଖିଦେଲେ ଅନେକ କଥା ପଚାରି ଦବାକୁ ମନ କହେ । ମାତ୍ର ଜାଣିନି କ'ଣ ସେ କାରଣ ପ୍ରତ୍ୟେକ ଥର ନିଜ ଭିତରେ କେମିତି ଟିକିଏ ସଂକୁଚିତ ହେଇଯାଏ । ସଂଯୋଗକୁ ଏତେଦିନ ପରେ ତାଙ୍କ ସହିତ ବସି କଥା ହବାର ସୁଯୋଗଟିଏ ଆଣିଦେଲା 'ରେବତୀ' ପତ୍ରିକା ।

ଆଗରୁ କଥା ହେଇଥିଲି, ସେଦିନ ଯାଇ ପହଞ୍ଚିବି ବୋଲି । କହିଥିଲେ, "ଦେଖ ସ୍ୱାଗତିକା ! ମୁଁ ରବିବାର ଦିନ ଟିକେ ହାଟକୁ ଯାଏ । ମାଛ କିଣିବା ପାଇଁ । ତେଣୁ ତମେ ସାଢ଼େ ଦଶଟା ବେଳକୁ ଆସ ।"

ବଡ଼ ନିରହଙ୍କାର ସେ କଣ୍ଠସ୍ୱର । ଖୁବ୍ ସାଧାରଣ, ଅଥଚ ଦାୟିତ୍ୱସମ୍ପନ୍ନ । ଠିକ୍ ସମୟରେ ଯାଇ ପହଞ୍ଚିଲି । ଭୁବନେଶ୍ୱର ରବି ଟକିଜ୍ ପାଖରେ ବିଶାଳ ଏକ କ୍ୟାମ୍ପସ୍ । ମଝିରେ ଦୋତାଲା କୋଠା । ମୁଖ୍ୟ ଫାଟକ ବାମ ପାଖକୁ କଳା ଗ୍ରାନାଇଟ୍‌ରେ ଲେଖା ଅଛି ବିଭୂତି ଭୂଷଣ ପଟ୍ଟନାୟକ । ଭିତରକୁ ଗଲି । ଦରଜା ଖୋଲି ବଡ଼ ଆଗ୍ରହରେ ଭିତରକୁ ପାଛୋଟି ନେଲେ ସେ । ତାଙ୍କ ପଢ଼ା ଟେବୁଲ୍ ପାଖ ଚଉକିରେ ବସିଲି ।

କଥା ଆରମ୍ଭ କରିବା ପୂର୍ବରୁ ପ୍ରଥମେ କହିଲେ, "ତମେ ସ୍ୱାଗତିକା ! ଯୋଉ ସବୁ ପ୍ରଶ୍ନ କରିଚ ତା' ବଡ଼ ଜଟିଳ । ଯାକୁ ଉତ୍ତର କଲେ ଗୋଟାଏ ବଡ଼ ବହି ହବ । ହଉ ଚାଲ । କଥା ଆରମ୍ଭ କରିବା ।"

ନୋଟ୍‌ପ୍ୟାଡ୍, କଲମ, ରେକର୍ଡ଼ର ସଜାଡ଼ି ଧରି ବସି ମୁଁ ଟିକିଏ ଦୀର୍ଘଶ୍ୱାସ ନେଲି । ଯା ପୂର୍ବରୁ ନିଜ କାମ ପାଇଁ ଓଡ଼ିଶାର ବହୁ ବିଶିଷ୍ଟ କବି, କଥାକାରଙ୍କ ସାକ୍ଷାତକାର ନେଇଛି । ଅଭିଜ୍ଞତା ଅଛି । ମାତ୍ର ଏଥରକ କଥା ଥିଲା ପୁରାପୁରି ଭିନ୍ନ । ଅନନ୍ୟ । ଯାହାକୁ ଶବ୍ଦରେ କହିବା ବୋଧହୁଏ ଅସମ୍ଭବ । ନିଜ ଭିତରର ଉତ୍ସାହକୁ ଆୟତ୍ତ କରି ମୁଁ ପ୍ରଥମେ ପ୍ରଶ୍ନ କଲି ତାଙ୍କ ସଫଳତା ସମ୍ପର୍କରେ ।

**ଆପଣଙ୍କର ବିପୁଳ ସଫଳତା ପଛରେ ଥିବା ପ୍ରକୃତ ରହସ୍ୟଟି କ'ଣ ବୋଲି ମୋ ପ୍ରଶ୍ନର ଉତ୍ତରରେ ସେ କହିଲେ,** "ଲେଖୁଲେଖୁ ମୁଁ ହଠାତ୍ ଜଣେ ଲୋକପ୍ରିୟ ଲେଖକ ହେଇ ନାହିଁ । ବରଂ ମୁଁ ପଢ଼ି ପଢ଼ି ଜଣେ ଲେଖକ ହେବାର ପ୍ରେରଣା ନିଜ ଭିତରେ ଖୋଜି ପାଇଛି, ପାଇଥିଲି । ହାଇସ୍କୁଲ୍ ପଢ଼ା ଶେଷ କରି କଲେଜରେ ପଢ଼ିବା ଲାଗି କଟକ ଆସିବା ଆଗରୁ ମୁଁ ପ୍ରାୟ ସେତେବେଳେ ପ୍ରକାଶିତ ହୋଇଥିବା ସବୁ ଉପନ୍ୟାସ ପଢ଼ି ଶେଷ କରି ସାରିଥିଲି । ଅବଶ୍ୟ ମୋ ପଠିତ ପୁସ୍ତକମାନଙ୍କ ମଧ୍ୟରେ ଫକୀରମୋହନଙ୍କ କୌଣସି ଉପନ୍ୟାସ ନଥିଲା । ସେତେବେଳେ ତାଙ୍କର କୌଣସି ବହି ଜଗତ୍‌ସିଂହପୁର ସ୍କୁଲ୍ କିମ୍ବା ଗ୍ରାମ୍ୟ ପାଠାଗାରରେ ନଥିଲା । କଲେଜ୍‌କୁ ଆସି ଫକୀରମୋହନଙ୍କ କେତୋଟି ଗଳ୍ପ ଏବଂ 'ଛଅ ମାଣ ଆଠଗୁଣ୍ଠ' ଉପନ୍ୟାସ ପାଠ୍ୟ ପୁସ୍ତକ ଭାବରେ ପ୍ରଥମେ ପଢ଼ିଲି ।

ଷଷ୍ଠ ଶ୍ରେଣୀରେ ପଢ଼ିଲା ବେଳେ ଯେଉଁ ବହିଟି ପଢ଼ି ରାତିସାରା ବାପା ବୋଉଙ୍କୁ ଲୁଚେଇ କାନ୍ଦିଥିଲି, ସେ ବହିଟି ଥିଲା ଉଦୟନାଥ ଷଡ଼ଙ୍ଗୀଙ୍କର 'ଟମକକାଙ୍କ କୁଟୀର' । ସେ ଉପନ୍ୟାସଟି ଯେ 'ଅଙ୍କଲ୍ ଟମ୍‌ସ୍ କ୍ୟାବିନ୍' ଇଂରାଜୀ ବହିର ଅନୁବାଦ ସେକଥା ପଢ଼ିଲା ବେଳେ ଜାଣିନଥିଲି ।



▶ ଲେଖିକା ସ୍ୱାଗତିକା ସ୍ୱାଇଁ

ଆଉ କଲେଜ୍‌କୁ ଆସି ସେ ଇଂରାଜୀ ବହିଟି ପଢ଼ିଲା ବେଳେ ଜାଣିନଥିଲି । ଆଉ କଲେଜକୁ ଆସି ସେ ଇଂରାଜୀ ବହିଟି ପଢ଼ିଲା ବେଳେ କାନ୍ଦ ବଦଳରେ କ୍ରୋଧ ମୋ ଚେତନାକୁ ଚିଆଁଇ ଦେଇଥିଲା । ନିର୍ଯାତିତ କୃଷ୍ଣାଙ୍ଗ କ୍ରୀତଦାସମାନଙ୍କର ଜୀବନଯନ୍ତ୍ରଣା 'ଟମକକାଙ୍କ କୁଟୀର' ପଢ଼ିଲା ବେଳେ ମୋ' ଆଖିକୁ ଅଶ୍ରୁଜଳରେ ପ୍ଳାବିତ କରି ନେଇଥିଲା । କିନ୍ତୁ ମୂଳ ଇଂରାଜୀ ଉପନ୍ୟାସଟି ପଢ଼ିବା ବେଳେ ଆବେଗ ବଦଳରେ ଆକ୍ରୋଶ, ଶ୍ୱେତାଙ୍ଗ ମାଲିକମାନଙ୍କର କୃଷ୍ଣାଙ୍ଗ ନିଗ୍ରୋମାନଙ୍କୁ ଶୋଷଣ ବିରୁଦ୍ଧରେ ମୋ ମନକୁ ବିଦ୍ରୋହୀ କରି ଦେଇଥିଲା ।

ଜୀବନରେ ଏଇଭଳି ଏକ ଉପନ୍ୟାସ ଲେଖିବାର ଇଚ୍ଛା ମୋ ଭିତରେ ଆଲୋଡନ ସୃଷ୍ଟି କରିଥିଲା । କିନ୍ତୁ ସେତେବେଳେ ଉପନ୍ୟାସ ଲେଖିବା ଲାଗି ସାହସ କିମ୍ବା ସାମର୍ଥ୍ୟ ମୋର ନଥିଲା । ଯଦିଓ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଗଳ୍ପ, କବିତା ପାଇଁ ମତେ ଲେଖକୀୟ ସ୍ୱୀକୃତି ମିଳି ସାରିଥିଲା ।

୧୯୫୬ ମସିହାରେ କଟକ 'କୃଷକ' ପ୍ରେସ୍‌ର ମ୍ୟାନେଜର୍ ବଂଶୀଧର ଭୂୟାଁ ତାଙ୍କ ମାସିକ ଉପନ୍ୟାସ ପତ୍ରିକା 'ଜନସାହିତ୍ୟ' ପାଇଁ ଜୋର୍ କରି ମୋ' ଠାରୁ ଗୋଟିଏ ଛୋଟ ଉପନ୍ୟାସ 'ଶେଷ ବସନ୍ତ' ଲେଖାଇ ନେଇଥିଲେ । ଦାୟରେ ପଡ଼ି ସେ' ଉପନ୍ୟାସ ମତେ ଦୁଇ ସପ୍ତାହ ମଧ୍ୟରେ ଲେଖିଦବାକୁ ହୋଇଥିଲା । ତାକୁ ଉପନ୍ୟାସ ଅପେକ୍ଷା ବଡ଼ ଗଳ୍ପ କହିଲେ ଠିକ୍ ହେବ । କିନ୍ତୁ ମୋର ସେଇ ପ୍ରଥମ ଉପନ୍ୟାସୋପମ ବଡ଼ ଗଳ୍ପ 'ଜନସାହିତ୍ୟ'ର ପାଠକମାନଙ୍କ ମନକୁ ଛୁଇଁ ଯାଇଥିଲା । ଅନେକ ପ୍ରଶସ୍ତିମୂଳକ ଚିଠି ଆସି 'କୃଷକ ପ୍ରେସ୍'ରେ ଜମା ହୋଇଥିଲା । ସେସବୁ ଚିଠି ମତେ ଦେଖାଇ ବଂଶୀଧର ଭୂୟାଁ ୧୯୫୭ ମସିହା 'ଜନସାହିତ୍ୟ'ର ଶାରଦୀୟ ବିଶେଷାଙ୍କ ପାଇଁ ଗୋଟିଏ ବଡ଼ ଉପନ୍ୟାସ ଲେଖିବାକୁ ଏକ ପ୍ରକାର ବାଧ୍ୟ କଲେ । ସେତେବେଳକୁ ମୁଁ ଓଡ଼ିଶା ସମାଜବାଦୀ ଆନ୍ଦୋଳନରେ ଯୋଗ ଦେଇ ସାରିଥିଲି । ଏବଂ ପାର୍ଟିର ସାପ୍ତାହିକ ମୁଖପତ୍ର 'କୃଷକ' ସମ୍ପାଦନା ନେଇ ଗଙ୍ଗାମନ୍ଦିର କୃଷକ ପ୍ରେସ୍‌ରେ ରହୁଥିଲି । ପାର୍ଲିଆମେଣ୍ଟ୍ ଅଧିବେଶନ ଶେଷରେ ପାର୍ଟିର ସାଂସଦ ଓଡ଼ିଶା ଗଡ଼ଜାତ ଆନ୍ଦୋଳନର ଗାନ୍ଧୀ ସାରଙ୍ଗଧର ଦାସ ମୋ ସହିତ 'କୃଷକ ପ୍ରେସ୍'ରେ ରହୁଥିଲେ । ସାପ୍ତାହିକ 'କୃଷକ' ପ୍ରତି ଶୁକ୍ରବାର ଦିନ ପ୍ରକାଶିତ ହୁଏ । ଶନିବାର, ରବିବାର  ମୋ ହାତ ଖାଲି ଥାଏ । ସେହି ଶନିବାର, ରବିବାର 'ଜନ ସାହିତ୍ୟ' ପୂଜାସଂଖ୍ୟା ଲାଗି ନୂଆ ଉପନ୍ୟାସ ଲେଖା ଆରମ୍ଭ କରିଥାଏ । ଦିନେ ପ୍ରାତଃ ଭ୍ରମଣରୁ ଫେରି ଆମ ସମସ୍ତଙ୍କର ଅଜା ସାରଙ୍ଗଧର ଦାସ ମତେ ପଚାରିଲେ, 'କ'ଣ ଲେଖୁଛ ?'

ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ଗ୍ରାମ୍ୟଜୀବନ ଉପରେ ଆଧାରିତ ଏକ ଉପନ୍ୟାସ ଲେଖୁଛି ବୋଲି କହିବା ମାତ୍ରେ ସେ ପରାମର୍ଶ ଦେଲେ ସହରରେ ବସି ଗ୍ରାମ୍ୟଜୀବନ କିମ୍ବା 'କୃଷକ' ପ୍ରେସ୍‌ରେ ରହି କୃଷକମାନଙ୍କ ଜୀବନ ଓ ଜୀବିକାକୁ ନେଇ ଉପନ୍ୟାସ ଲେଖାଯାଏ ନାହିଁ । ସେଥିପାଇଁ କଲମଧାରୀଙ୍କୁ ଲଙ୍ଗଳଧାରୀଙ୍କ ପାଖକୁ ଯିବାକୁ ହୁଏ । ମୁଁ ଏ ସପ୍ତାହରେ 'କୃଷକ' ଦାୟିତ୍ୱ ସମ୍ଭାଳୁଛି । ତମେ ମୋ ଜିପ୍ ନେଇ ଜଗତ୍‌ସିଂହପୁର ଗ୍ରାମାଞ୍ଚଳ ବୁଲି ଆସ । ତା' ପରେ ଉପନ୍ୟାସ ଲେଖିବ ।


ହଁ, ଗୋଟିଏ ସପ୍ତାହ ଜଗତ୍‌ସିଂହପୁର-ବାଲିକୁଦା-ତିର୍ତ୍ତୋଲର ବିଭିନ୍ନ ଗ୍ରାମ, ଚାଷୀ, ମଠ, ମନ୍ଦିର, ବିଡ଼ିଓ ଅଫିସ୍ ବୁଲି ସେଠାକାର ଲୋକମାନଙ୍କ ସମସ୍ୟା ସମ୍ପର୍କରେ ବୁଝାସୁଝା କରି ଫେରିବା ପରେ ଯେଉଁ ଉପନ୍ୟାସଟି ଲେଖିଥିଲି । 'ଜନସାହିତ୍ୟ'ର ପୂଜା ସଂଖ୍ୟାରେ ପ୍ରକାଶିତ ସେଇ ଉପନ୍ୟାସ 'ଏଇ ଗାଁ ଏଇ ମାଟି' ବିପୁଳ ପାଠକୀୟ ଆଦୃତି ଲାଭ କରିଥିଲା । ପାରଳାଖେମୁଣ୍ଡି କଲେଜ୍‌ର ତତ୍‌କାଳୀନ ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପକ ମହାପାତ୍ର ନୀଳମଣି ସାହୁ ସେ ଉପନ୍ୟାସ ପଢ଼ି ମୋତେ ଗୋପୀନାଥ ମହାନ୍ତିଙ୍କ ଯୋଗ୍ୟ ଉତ୍ତରାଧିକାରୀ ଭାବରେ ଚିହ୍ନିତ କରି ଯେଉଁ ଚିଠି ଲେଖିଥିଲେ (ସେ ଚିଠି ପୁସ୍ତକ ଆକାରରେ ପ୍ରକାଶିତ 'ଏଇ ଗାଁ ଏଇ ମାଟି' ଉପନ୍ୟାସରେ ଭୂମିକା ଭାବରେ ସ୍ଥାନିତ ହୋଇଛି) ପଢ଼ିବା ପରେ ମୁଁ ଆଉ ପଛକୁ ଫେରି ଚାହିଁନାହିଁ ।

୧୯୫୯-୬୦ ମସିହାରେ 'ଏଇ ଗାଁ ଏଇ ମାଟି' ଉପନ୍ୟାସଟି ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା । ତାପରେ ୧୯୬୧ରେ ପ୍ରକାଶିତ ହେଲା ଗଡ଼ଜାତ ପ୍ରଜାମଣ୍ଡଳ ଆନ୍ଦୋଳନ ଉପରେ ଆଧାରିତ ଉପନ୍ୟାସ 'ଚପଳଛନ୍ଦା' । ୧୯୬୩ ମସିହାରେ କଟକ ସହର ବସ୍ତିବାସୀ ଶ୍ରେଣୀର ନରନାରୀମାନଙ୍କ ସମସ୍ୟା ଓ କଣ୍ଟକିତ ଜୀବନଚର୍ଯ୍ୟାକୁ ନେଇ ଲିଖିତ ଉପନ୍ୟାସ 'ନାୟିକାର ନାମ ଶ୍ରାବଣୀ' ପ୍ରକାଶିତ ହୋଇ ପାଠକ ମହଲରେ ଆଲୋଡ଼ନ ସୃଷ୍ଟି କରିଥିଲା । ୧୯୬୫ ମସିହାରେ ପ୍ରକାଶିତ 'ବଧୂ ନିରୂପମା' ପ୍ରଥମ ସଂସ୍କରଣର ଏଗାର ଶହ କପି ଛଅ ମାସ ମଧ୍ୟରେ ନିଃଶେଷିତ ହୋଇଯିବା ପରେ ପରବର୍ତ୍ତୀ ସଂସ୍କରଣରେ ଦୁଇ ହଜାର ଲେଖାଏଁ କପି ଛପା ହେଇଥିଲା ଏବଂ ହେଇଆସୁଛି । ୨୦୧୪ ମସିହାରେ ପ୍ରକାଶିତ ହୋଇଛି ଏହି ଉପନ୍ୟାସର ଷୋଡ଼ଶ ସଂସ୍କରଣ । ମଝିରେ 'ବଧୂ ନିରୂପମା'ର ଲୋକପ୍ରିୟତାର ସୁଯୋଗ ନେଇ ଜଣେ ଅସାଧୁ ପୁସ୍ତକ ବ୍ୟବସାୟୀ ଏହାର ଏକ ଜାଲି, ନକଲି ସଂସ୍କରଣ ଛାପି ଧରା ପଡ଼ିଥିଲେ । କୌଣସି ଓଡ଼ିଆ ଉପନ୍ୟାସର ନକଲି ସଂସ୍କରଣ ଛାପା ହେବା ଓଡ଼ିଆ ପୁସ୍ତକ ପ୍ରକାଶନରେ ଏହା ଥିଲା ପ୍ରଥମ ।

୧୯୬୦ରୁ ୧୯୬୫ ମସିହା ମଧ୍ୟରେ ପ୍ରକାଶିତ ମୋର ପ୍ରଥମ ଚାରୋଟି ଉପନ୍ୟାସ ପାଠକମାନଙ୍କୁ ଯେପରି ଆକର୍ଷିତ କରିଛି, ନୂତନ ପାଠକ ସୃଷ୍ଟି କରିବାରେ ସହାୟତା କରିଛି, ସେହିପରି ସାହିତ୍ୟ ସମାଲୋଚକମାନଙ୍କୁ ମଧ୍ୟ ପ୍ରଭାବିତ କରିଛି । ସାମାଜିକ ଅଙ୍ଗୀକାର ବଦ୍ଧତା, ସାମାଜିକ ବାସ୍ତବତା ଏବଂ ପ୍ରତିକୂଳ ପରିବେଶରେ ବଞ୍ଚି ରହିବା ପାଇଁ ଭାଗ୍ୟ ବିଡ଼ମ୍ବିତ ନରନାରୀମାନଙ୍କ ସଂଗ୍ରାମ-ମୁଖୀନତା ମୋ ଉପନ୍ୟାସର ପ୍ରାଣସ୍ପନ୍ଦନ ।

: ଆପଣଙ୍କର ଏଇ ଲମ୍ବା ଲେଖକୀୟ ଜୀବନ ଭିତରେ ଓଡ଼ିଆ ସାହିତ୍ୟରେ ରେନେସାଁ କେବେ ଆଉ କେମିତି ଆସିଛି ବୋଲି ଆପଣ ଅନୁଭବ କରନ୍ତି ?

: ରେନେସାଁ ହେଉଛି ସଂସ୍କୃତିର ନବଜନ୍ମ । ସାହିତ୍ୟର ପାଗ ପରିବର୍ତ୍ତନ ନୁହେଁ । ସେ ଦୃଷ୍ଟିରୁ ଓଡ଼ିଆସାହିତ୍ୟରେ ରେନେସାଁ ଆସିଛି ବୋଲି କୁହା ଯାଇପାରିବ ନାହିଁ । କିନ୍ତୁ ସୀମିତ ଅର୍ଥରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ପରିବର୍ତ୍ତନ ଦ୍ୱାରା ଜୀବନ ଓ ଜଗତରେ ଯେଉଁ ସବୁ ପରିବର୍ତ୍ତନ ଘଟେ, ତାକୁ ସଠିକ୍ ଭାବରେ ସାହିତ୍ୟରେ ରୂପାୟିତ କଲେ ନୂତନ ଭାବେ ଜଗତ ତିଆରି ହୋଇପାରେ । ନୂତନ ଭାବନା ସାହିତ୍ୟ ସଂସ୍କୃତିକୁ ମଧ୍ୟ ପ୍ରଭାବିତ



କରିପାରେ । ଏହା ହୋଇପାରେ ରେନେସାଁର ପୂର୍ବାଭାସ ।

ସ୍ୱାଧୀନତା ପ୍ରାପ୍ତି ପରେ ନାରୀ ଶିକ୍ଷାର ପ୍ରସାର ସବୁକ୍ଷେତ୍ରରେ ପୁରୁଷ ସହିତ ନାରୀର ସମାନ ଅଧିକାର । ଶାରୀରିକ ସତୀତ୍ୱ ଅପେକ୍ଷା ନାରୀର ବ୍ୟକ୍ତିତ୍ୱ ପ୍ରତି ସମ୍ମାନ, ଆମ ପୁରାଣ ଓ ପ୍ରାଚୀନ ଭାରତୀୟ ସଂସ୍କୃତିରେ ନାରୀର ବର୍ଣ୍ଣିତ ଅବଳା ଭାବମୂର୍ତ୍ତିକୁ ଭାଙ୍ଗି ନୂତନ ଶକ୍ତିମୟୀ ନାରୀର ଅଲଗା ଭାବମୂର୍ତ୍ତି ଗଢ଼ି ଦେଇଥିଲା । ଗତ ଶତାବ୍ଦୀର ସତୁରୀ ଦଶକ ପରେ ଏହି ଶକ୍ତିମୟୀ ନୂତନ ନାରୀ, ହାତରେ କଲମ ଧରିବା ଫଳରେ ଓଡ଼ିଆ ସାହିତ୍ୟରେ ଏକ ନୂତନ ଭାବଜଗତ ଦୃଶ୍ୟମାନ ହେଲା । ଏଥିପୂର୍ବରୁ ମୁଖ୍ୟତଃ ପୁରୁଷ କଲମଧାରୀମାନେ ନାରୀର ସମସ୍ୟା, ସଂକଟ ଏବଂ ତାର ହୃଦୟ କାଳ୍ପନିକ କାହାଣୀକୁ ନେଇ ଗଳ୍ପ, ଉପନ୍ୟାସ, କାବ୍ୟ କବିତା ଲେଖୁଥିଲେ । ସତୁରୀ ଦଶକ ପରେ ନାରୀ ଲେଖିକାମାନେ ହିଁ ନିଜକଥା ନିଜେ ଲେଖି ଓଡ଼ିଆ ସାହିତ୍ୟର ଦିଗନ୍ତ ରେଖାକୁ ସଂପ୍ରସାରିତ କରିଛନ୍ତି । ନାରୀ କଲମରୁ ସୃଷ୍ଟି– ସାହିତ୍ୟର ଏହି ନୂତନ ଭାବ ଜଗତକୁ ଓଡ଼ିଆ ସାହିତ୍ୟର ରେନେସାଁର ପୂର୍ବାଭାସ ବୋଲି କୁହାଯାଇପାରେ ।

: ଆପଣ ଅନୁଧ୍ୟାନ କରିଥିବା ବିଶ୍ୱ ସାହିତ୍ୟରେ ଏମିତି କୌଣସି ସାହିତ୍ୟ ଅଛି କି ଯାହା କୌଣସି ବାଦ ବା ଇଜିମ୍ ଠୁଁ ଉର୍ଦ୍ଧ୍ୱରେ ?

: ଜଣେ ଲେଖକ ଲେଖିବା ବେଳେ କୌଣସି Stream of cousciousnessକୁ ନେଇ ଲେଖୁଚି ବୋଲି ଭାବେନି । ଯଦିଓ ବିଶ୍ୱସାହିତ୍ୟରେ ଏଇ ଇଜିମ୍‌ର ଅସ୍ତିତ୍ୱ ରହିଛି ମାତ୍ର ଭାରତୀୟ ଲେଖକ ମାନେ ନିଜ ଲେଖା ଲେଖିବା ବେଳେ ପ୍ରାୟତଃ ସେଥିପ୍ରତି ସଚେତନ କିମ୍ବା ତାକୁ ମନରେ ରଖି ଲେଖିନଥାନ୍ତି ବୋଲି ମୋର ମତ । ପରବର୍ତ୍ତୀ ସମୟରେ ଆଗେ ସେଇ ଲେଖାଗୁଡ଼ିକୁ ହୁଏତ ଇଜିମ୍ ଅନୁସାରେ ଶ୍ରେଣୀଭୁକ୍ତ କରିଥାଇପାରୁ । ଅବଶ୍ୟ ମାର୍କସବାଦୀ ଏବଂ ଗାନ୍ଧୀବାଦୀ ଚିନ୍ତାଧାରା ଦ୍ୱାରା ସିଧା ସଳଖ ପ୍ରଭାବିତ ହେଇଥିବା ଆମେ କିଛି ଓଡ଼ିଆ ଲେଖକଙ୍କୁ ଜାଣିଛୁ ଏବଂ ପଢ଼ିବାକୁ ପାଇଛୁ । ମତବାଦଟା ପ୍ରତି ଲେଖକର ଜୀବନ ଦର୍ଶନ ତା ସାହିତ୍ୟରେ ପରିସ୍ଫୁଟ ହୁଏ ।




▲'ହାକିମବାବୁ' (୧୯୮୫)ର କାହାଣୀ ଲେଖିଥିଲେ ବିଭୂତି ପଟ୍ଟନାୟକ

କିନ୍ତୁ ସେ ଜୀବନ ଦର୍ଶନଟା ଯେ ସେ ଆଉ କାହାରି ଠୁଁ ଉଧାର ଆଣିଥାଏ ଏଇଟା ସଂପୂର୍ଣ୍ଣ ଠିକ୍ ନୁହେଁ ।

: ପ୍ରଥମ ବିଶ୍ୱଯୁଦ୍ଧ, ଦ୍ୱିତୀୟ ବିଶ୍ୱଯୁଦ୍ଧ, ଶିଳ୍ପ ବିପ୍ଳବ, ଜଗତୀକରଣ– ଏସବୁ ମଧ୍ୟ ଦେଇ ଗତି କରି କରି ସମୟ ଏବଂ ସମାଜ ଆଜି ଆସି ଯୋଉଠି ପହଞ୍ଚିଛି, ସେଠି ଆମେ ଲକ୍ଷ୍ୟ କରୁ ଏ ଭିତରେ ସାହିତ୍ୟିକ ଚିନ୍ତାଧାରାରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଯାଇଛି । ତେବେ ଏ ପରିବର୍ତ୍ତନ ଆମକୁ ଗୋଟିଏ ସାମୂହିକ ସାମାଜିକ ଏକତା ଦେଇଛି ନା ବରଂ ବିଭାଜନ ଆଡ଼କୁ ଟାଣି ନେଇଛି ଆପଣ କ'ଣ କହିବେ ?

: ବିଶ୍ୱଯୁଦ୍ଧ ଗୁଡ଼ିକର ପ୍ରଭାବ ଆମ ଉପରେ ନିଶ୍ଚିତ ଭାବରେ ପଡ଼ିଛି । କିନ୍ତୁ ସେଗୁଡ଼ିକ ଯେ ଆମକୁ ଐକ୍ୟବଦ୍ଧ କରିଛନ୍ତି ସେମିତି କହି ହବ ନାହିଁ । ବରଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଘଟିତ ହେବାବେଳେ କେତେଗୁଡ଼ିଏ ଦେଶ ଏହାକୁ ସମର୍ଥନ କଲାବେଳେ ଆଉ କେତେକ ଯାକୁ ବିରୋଧ କଲେ । ସେଇଟାକୁ ବିଭାଜନ କହି ହବ । ସାହିତ୍ୟ ପରିପ୍ରେକ୍ଷୀରେ ଆଲୋଚନା କଲେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଭାବ ସାହିତ୍ୟିକମାନଙ୍କୁ ଅବଶ୍ୟ ପ୍ରଭାବିତ କରିଥିଲା । ସେତେବେଳେ ପରମାଣୁ ବୋମା ବ୍ୟବହାର କରି ନିରୀହ ଲୋକମାନଙ୍କୁ ଯେଉଁଭଳି ହତ୍ୟା କରାଯାଇଥିଲା ସେଇଟା ଭାରତୀୟଙ୍କ ମଧ୍ୟରେ ଗାନ୍ଧୀବାଦୀ ଚିନ୍ତାଧାରା, ଅହିଂସାର ଭାବନାକୁ ଜାଗ୍ରତ କରିଥିଲା । ଏପରିକି ପାଶ୍ଚାତ୍ୟ ସାହିତ୍ୟିକ T.S.Eliot ତାଙ୍କର 'ୱେଷ୍ଟଲାଣ୍ଡ୍'ରେ ଲେଖିଥିଲେ ଯେ ବର୍ତ୍ତମାନର ମଣିଷ ଜୀବନ ଆଉ ଆମ ହାତରେ ନାହିଁ ।



: Capitalism in mind, socialism in heart- ସାହିତ୍ୟ ସନ୍ଦର୍ଭରେ ଆପଣ ଏଇ ଉକ୍ତିଟିକୁ କେମିତି ଦେଖନ୍ତି ?

: କାର୍ଲମାକ୍ସ ଯେତେବେଳେ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ସଂପର୍କରେ ଚିନ୍ତା କରୁଥିଲେ ସେତେବେଳେ ସେ କୌଣସି ଭଙ୍ଗା ଦଦରା ଚାଳଛପର ଘରେ ନୁହେଁ ବରଂ ବ୍ରିଟିଶ୍ ମ୍ୟୁଜିୟମ୍‌ରେ ବସି ଏସବୁ ଚିନ୍ତା କରୁଥିଲେ । ତେଣୁ ମୋର କହିବାର କଥା, ନିଃସନ୍ଦେହରେ ଆମ ପାଖରେ ପୁଞ୍ଜି ଅଛି । ମନରେ କିନ୍ତୁ ସମାଜବାଦୀ ଭାବନାଟିଏ ରହିଛି । ଆମ ଆଗରେ ଏମିତି ଅନେକ ଲେଖକ ଅଛନ୍ତି ଯୋଉମାନେ କି ସମ୍ଭ୍ରାନ୍ତ ପରିବାରରୁ ଆସି ମଧ୍ୟ ଦଳିତ, ନିର୍ଯାତିତଙ୍କ ପାଇଁ ରଚନା ସୃଷ୍ଟି କରି ଯାଇଛନ୍ତି । ଭଗବତୀ ଚରଣ ପାଣିଗ୍ରାହୀଙ୍କ ଗପ

'ଶିକାର' ଏହାର ବଳିଷ୍ଠ ଉଦାହରଣ । ଯଦିଓ ଏକଥା ସତ ଯୋଉମାନଙ୍କ ପାଇଁ ଆମେ ଏପରି ଲେଖା ଲେଖୁଛୁ ଯେମିତି କି ଘିନୁଆ ବା ଘିନୁଆ ଭଳି ବ୍ୟକ୍ତିଟିଏ 'ଶିକାର' ଗପଟିକୁ କେବେ ପଢ଼ିବ ନାହିଁ, କିନ୍ତୁ ଅନ୍ୟମାନେ ତାହାକୁ ପଢ଼ି ସେମାନଙ୍କ ଦୁଃଖଦୁର୍ଦ୍ଦଶାକୁ ବୁଝି ପାରିବେ । ଚାଲିଚଳଣ, ଆଚାର ବ୍ୟବହାରରେ ଯେତେ ସମ୍ଭ୍ରାନ୍ତ ହେଲେ ହେଁ ଯଦି ଜଣେ ସାହିତ୍ୟିକଙ୍କ ହୃଦୟରେ ଏଇ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ପ୍ରକୃତ ବେଦନା ଅଛି ତାହେଲେ ସାହିତ୍ୟ ପାଇଁ ସେତିକି ଯଥେଷ୍ଟ ।

: ବାସ୍ତବରେ ଦେଖିଲେ, ସାହିତ୍ୟର ଦର୍ଶନ କ'ଣ ଜଣେ ବୁଭୁକ୍ଷୁ ମଣିଷର ଭୋକକୁ, ମୁଠାଏ ଆହାର ପାଇଁ ଆର୍ତ୍ତଚିତ୍କାରକୁ ଉପଶମ କରିପାରେ କି ?

: ବୁଭୁକ୍ଷୁ ମଣିଷର ଉଦରର କ୍ଷୁଧା ନିବାରଣ ସାହିତ୍ୟର ଦର୍ଶନ କରିପାରେ ନାହିଁ । କିନ୍ତୁ ମନର କ୍ଷୁଧା ସାହିତ୍ୟର ଦର୍ଶନ ନୁହେଁ, ସାହିତ୍ୟ ହିଁ ମେଣ୍ଟାଇପାରେ । ଏମିତି ଅନେକ ସାହିତ୍ୟ ରସିକ ପାଠକ ଅଛନ୍ତି ଯେଉଁମାନେ ନିଜର ମନଲାଖି ବହି ପଢୁଥିବା ବେଳେ ଭୋକଶୋଷ ଭୁଲି ଯାଆନ୍ତି । ସାମୟିକ ଭାବରେ ହେଲେ ମଧ୍ୟ ସାହିତ୍ୟ ଅନେକ ପାଠକମାନଙ୍କର କ୍ଷୁଧାର ଜ୍ୱାଳାକୁ ଉପଶମ କରିଥାଏ ।

ମୋ ନିଜ ଅନୁଭବର ଗୋଟିଏ ଘଟଣା ଏ ସମ୍ପର୍କରେ ମୁଁ ଉଦାହରଣ ସ୍ୱରୂପ ଉପସ୍ଥାପିତ କରିବାକୁ ଚାହେଁ ।

ଭୂତପୂର୍ବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପତ୍ନୀ ନନ୍ଦିନୀ ଦେବୀ ମୋ ଉପନ୍ୟାସର ଜଣେ ଅନୁରାଗୀ ପାଠିକା ଥିଲେ । ମୋ 'ଚପଳଛନ୍ଦା' ଉପନ୍ୟାସ ଥିଲା ତାଙ୍କର ଅତ୍ୟନ୍ତ ପ୍ରିୟ ପୁସ୍ତକ ।

କଟକ ମେଡ଼ିକାଲ୍‌ରେ ସ୍ୱତନ୍ତ୍ର କ୍ୟାବିନ୍‌ରେ ରହି ଚିକିତ୍ସିତ ହେଉଥିବା ବେଳେ ତାଙ୍କ ପୁଅର ଗୃହ ଶିକ୍ଷକ ବ୍ରଜବାବୁଙ୍କ ହାତରେ ମୋର ନୂଆ ଉପନ୍ୟାସ ନେଇ ତାଙ୍କୁ ଦେଖା କରିବାକୁ ଖବର ପଠେଇଥିଲେ । କି ପ୍ରକାର ରୋଗରେ ଆକ୍ରାନ୍ତ ହେଇ ନନ୍ଦିନୀ ଦେବୀ ଚିକିତ୍ସିତ ହେଉଛନ୍ତି ସେକଥା ମତେ ବ୍ରଜବାବୁ କହି ନଥିଲେ କି ମୁଁ ପଚାରି ପାରିନଥିଲି । ତା' ଆରଦିନ ମୋ ପାଖରେ ଥିବା କେତେଖଣ୍ଡ ଉପନ୍ୟାସ ଧରି ମୁଁ ବସ୍‌ରେ ଭୁବନେଶ୍ୱରରୁ ଯାଇ କଟକ ମେଡ଼ିକାଲ୍‌ରେ ପହଞ୍ଚିଥିଲି । ଦେଖା କରିବାକୁ ଆସିଛି ବୋଲି ଖବର ପାଇ ନର୍ସ ସାଙ୍ଗରେ ସେ ଯେତେବେଳେ କ୍ୟାବିନ୍ ଦୁଆର ମୁହଁ ପର୍ଯ୍ୟନ୍ତ ଆସିଲେ ତାଙ୍କୁ ଦେଖି ମୁଁ ଆଉ ଲୁହ ସମ୍ଭାଳି ପାରିଲି ନାହିଁ । ତାଙ୍କ ପାଟି ଉପରେ ଧଳା କନାର ପଟି ବନ୍ଧା ଯାଇଥିଲା ଏବଂ ମୁଁ ତାଙ୍କ ପାଖକୁ ଯିବା ପାଇଁ ଏରୁଣ୍ଡି ବନ୍ଧ ଅତିକ୍ରମ କରିବାକୁ ବସିଲା ବେଳେ ସେ ହାତ ହଲାଇ ମନା କଲେ ।

ତାଙ୍କର ସେ ଅବସ୍ଥା ଦେଖି ମୋ ଆଖିରୁ ଟୋପା ଟୋପା ଲୁହ ସିମେଣ୍ଟ ଚଟାଣ ଉପରେ ପଡୁଥିବା ଲକ୍ଷ୍ୟ କରି ସେ ନର୍ସର ବାରଣ ସତ୍ତ୍ୱେ ମୁହଁ ଖୋଲିଲେ । କହିଲେ, "ମୋ ପାଖରେ ଗୀତା ଅଛି, 'ଗୀତାଞ୍ଜଳି' ମଧ୍ୟ ଅଛି । ରବୀନ୍ଦ୍ରନାଥ ଅଛନ୍ତି, ମୋର ପ୍ରିୟ କବି ନଜରୁଲ୍ ବି ଅଛନ୍ତି । କିନ୍ତୁ କାହାରି କବିତାରେ ମୁଁ ମନଯୋଗ କରିପାରୁ ନାହିଁ । ଆପଣଙ୍କ ଉପନ୍ୟାସ ଆସିଗଲା । ପଢ଼ିଲେ ରୋଗର ଯନ୍ତ୍ରଣା ଭୁଲିଯିବି । ଦୁଇଦିନ ପରେ ଚିକିତ୍ସା ପାଇଁ ବମ୍ବେ ଯାଉଛି । ଭଲ ହୋଇ ଫେରି ଆସିଲେ ପୁଣି 'ମରୁତୀର୍ଥ' ବାହାର କରିବା ।

ନର୍ସ ତାଙ୍କୁ ଆଉ କଥା କହିବାକୁ ନଦେଇ ହାତ ଧରି କ୍ୟାବିନ୍ ଭିତରକୁ ନେଇଗଲା । ଆସିଲାବେଳେ ନନ୍ଦିନୀ ଦେବୀଙ୍କ ମୁହଁରେ ଯେଉଁ ବିଷାଦର କାଳିମା ଲେପି ହେଇ ରହିଥିଲା, ମୋ ହାତରୁ ଉପନ୍ୟାସ କେତେ ଖଣ୍ଡ ନେଲା ପରେ ତାଙ୍କ ମୁହଁରେ ଏକ ସ୍ନିଗ୍ଧ ଆନନ୍ଦର ଔଜ୍ଜଲ୍ୟ ଲକ୍ଷ୍ୟ କରି ମୁଁ ମୋ ଆଖିରୁ ଲୁହ ପୋଛି ଦେଇଥିଲି ।

ସ୍ୱାଗତିକା, ଯେତେ କମ୍ ସମୟ ପାଇଁ ହେଉ ପଛେ ମୋ' ଉପନ୍ୟାସ ପଢ଼ି ସେ ଦୁରାରୋଗ୍ୟ କର୍କଟ ବ୍ୟାଧିର ଯନ୍ତ୍ରଣା ଭୁଲିଯିବେ ଏ ଆତ୍ମପ୍ରତ୍ୟୟ ନନ୍ଦିନୀ ଦେବୀ ରାଉତରାୟଙ୍କ ଠାରେ ଲକ୍ଷ୍ୟ କରି ସେଦିନ ନିଜକୁ ଧନ୍ୟ ମନେ କରିଥିଲି । ଏ ମୁମୂର୍ଷୁ ସମସ୍ୟା କଣ୍ଟକିତ, ଯନ୍ତ୍ରଣା ଜର୍ଜରିତ ପୃଥିବୀରେ ପ୍ରତିକୂଳ ପରିବେଶ ସହିତ ଲଢ଼େଇ କରି ବଞ୍ଚି ରହିବାର ସ୍ୱପ୍ନ ମଣିଷ ମନରେ ଜିଆଁଇ ରଖିବାରେ ସାହିତ୍ୟର ସାର୍ଥକତା ତାହା ହିଁ ମୋ ଭଳି ଜଣେ ସାମାନ୍ୟ ଗଳ୍ପ-ଉପନ୍ୟାସ ଲେଖକର ଚରମ ଏବଂ ପରମ ପ୍ରାପ୍ତି ।

ଗୋଟେ ଧ୍ୟାନସ୍ଥ ପାଠିକା ପରି ତାଙ୍କର କଥାଗୁଡ଼ିକ ଶୁଣୁଥିବା ବେଳେ ମୁଁ ଭୁଲି ସାରିଥିଲା ମୁଁ କିଏ । ହଠାତ୍ ତାଙ୍କ ଡାକରେ ପ୍ରକୃତିସ୍ଥ ହେଲି ଓ ପଚାରିଦେଲି, "ଅତି ନିବିଡ଼ ଭାବେ ନିରୀକ୍ଷଣ କରାଯାଇଥିବା ଚରିତ୍ର ଏବଂ ଦୃଶ୍ୟପଟକୁ ଯେତେବେଳେ ଶବ୍ଦରେ ରୂପାନ୍ତରିତ କରାଯାଏ, ଆପଣ କ'ଣ ଭାବନ୍ତି ମୁହୂର୍ତ୍ତ ମୁହୂର୍ତ୍ତ ବଦଳି ଚାଲିଥିବା ଜୀବନର ପୃଷ୍ଠଭୂମିରେ ସେଇ ରୂପାନ୍ତର ଅବିକଳ ହୁଏ ବା' ହେଇପାରେ ?"

ସେ ଉତ୍ତର ରଖିଲେ, "କୌଣସି ଚରିତ୍ର ଅବିକଳ ଭାବରେ ଆସେ ନାହିଁ । ବାସ୍ତବତା ସହିତ କଳ୍ପନାର କିଛି ଭେଜାଲ୍ ମିଶିଲେ ଯାଇ ସେଇଟା ଗଳ୍ପ ବା ଉପନ୍ୟାସ ହୁଏ । ମୁଁ ଯଦି ଘଟଣା ବା ଚରିତ୍ରକୁ ଅବିକଳ ଲେଖେ ତାହାଲେ ସେଇଟା ଇତିହାସ କିମ୍ବା ଆତ୍ମଜୀବନୀ ହୋଇପାରେ । କିନ୍ତୁ ଉପନ୍ୟାସ ହବ ନାହିଁ । ଯଦିଓ ସେଇ ଚରିତ୍ରମାନେ ଅହରହ ଆମକୁ ଆନ୍ଦୋଳିତ କରୁଥାନ୍ତି । କିନ୍ତୁ ତାଙ୍କର ସୁଗୁଣ, ଅବିଗୁଣକୁ ନେଇ ଅବିକଳ ଲେଖିଲେ ସେମାନେ ଲିଭିଂ

▼ କଥାସାହିତ୍ୟର ମହାନାୟକ ବିଭୂତି ପଟ୍ଟନାୟକଙ୍କ ସହିତ ଲେଖିକା ସ୍ୱାଗତିକା



କ୍ୟାରେକ୍ଟର୍ ହେଇଯିବେ, ଫିକ୍ସନାଲ୍ ଚରିତ୍ର ନୁହେଁ । କାରଣ ଯାହା ଅଛି ସେଇଟା Creation । ଲେଖକ ସେଥିରେ ନିଜସ୍ବ ଜୀବନ-ଦର୍ଶନ ମିଶେଇ ତାକୁ re-creat କରେ । Fiction ମାନେ ହିଁ ହେଉଛି ବାସ୍ତବତା ସହ କଳ୍ପନାର ମିଶ୍ରଣ । ଯେମିତି ସୁନାରେ ଖାଦ ନମିଶିଲେ, ସୁନାଗହଣା ଗଢ଼ା ଯାଇପାରେ ନାହିଁ, ଠିକ୍ ସେମିତି ଲେଖକକୁ ତା'ର ଗଳ୍ପ ଉପନ୍ୟାସର ଚରିତ୍ର ଚିତ୍ରଣ ସମୟରେ ବାସ୍ତବତା ସହିତ କଳ୍ପନାକୁ ମିଶେଇବାକୁ ହବ । ଏଇଟା ତାର କର୍ତ୍ତବ୍ୟ ।"

: ଛ ମାଣ ଆଠଗୁଣ୍ଠ (୧୮୯୮), ମାଟିର ମଣିଷ (୧୯୩୧), ବଧୂ ନିରୁପମା (୧୯୬୫)- ଓଡ଼ିଆ ସାହିତ୍ୟରେ ଇଏ ହେଲା ତିନୋଟି ଅତ୍ୟନ୍ତ ଲୋକପ୍ରିୟ ସୃଷ୍ଟି । ଏଇ ସୃଷ୍ଟି / ଲେଖାଗୁଡ଼ିକ ବିପୁଳ ପାଠକୀୟ ଆଦୃତି ପାଇବାର ଆଧାର କ'ଣ ? ଲମ୍ବା ସମୟର ବ୍ୟବଧାନ, ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡ ନା ଆଉ କିଛି ?

: ଗଳ୍ପ ଆକାରରେ ପରିକଳ୍ପିତ 'ଛ ମାଣ ଆଠଗୁଣ୍ଠ' ଧାରାବାହିକ ଭାବରେ 'ଉତ୍କଳ ସାହିତ୍ୟ' ମାସିକ ସାହିତ୍ୟ ପତ୍ରିକାରେ ପ୍ରକାଶିତ ହୋଇ ଶେଷରେ ଏକ ଉପନ୍ୟାସରେ ରୂପାନ୍ତରିତ ହୋଇ ଯାଇଥିଲା । ଉପନ୍ୟାସଟି ଧାରାବାହିକ ଭାବରେ ପ୍ରକାଶିତ ହେଲା ବେଳେ ଏହାର କାହାଣୀ ଅପୂର୍ବ ଲୋକପ୍ରିୟତା ଅର୍ଜନ କରିଥିଲା । ପ୍ରତାରଣା କରି ଜମିଦାର ରାମଚନ୍ଦ୍ର ମଙ୍ଗରାଜ ନିରୀହ ନିଃସନ୍ତାନ ଶାରିଆ-ଭଗିଆଙ୍କ ଛମାଣ ଆଠଗୁଣ୍ଠ ଚାଷଜମି ଏବଂ ନେତ ଗାଈକୁ ଛଡ଼ାଇ ନେଇଥିବାରୁ ପାଠକମାନଙ୍କର କ୍ରୋଧ ମଙ୍ଗରାଜଙ୍କ ଉପରେ ଠୁଳ ହୋଇଥିଲା । ଉପନ୍ୟାସର କାଳ୍ପନିକ କାହାଣୀ ପାଠକମାନଙ୍କ ମନରେ ସତ ଘଟଣାର ପ୍ରତ୍ୟୟ ସୃଷ୍ଟି କରିଥିବାରୁ ହତ୍ୟା ଅପରାଧରେ ମଙ୍ଗରାଜଙ୍କ କଟକ ଅଦାଲତରେ ବିଚାର ଚାଲିଥିବା ପଢ଼ି ଗାଁଗହଳରୁ ଅନେକ ପାଠକ କଟକ ଅଦାଲତରେ ଭିଡ଼ ଜମାଇଥିଲେ ବୋଲି ଶୁଣା ଯାଇଥିଲା । ଉପନ୍ୟାସରେ ବର୍ଣ୍ଣିତ କାଳ୍ପନିକ କାହାଣୀ ପାଠକମାନଙ୍କ ମନରେ ବାସ୍ତବ ଘଟଣାର ପ୍ରତ୍ୟୟ ସୃଷ୍ଟି କରି ପାରିବାର କଳା କୌଶଳ ଫକୀରମୋହନଙ୍କୁ ଜଣା ଥିଲା । ଚରିତ୍ର ଚିତ୍ରଣ ଓ ଘଟଣା ବିନ୍ୟାସରେ ତାଙ୍କର ଅପୂର୍ବ ଦକ୍ଷତା ଯୋଗୁଁ ଉପନ୍ୟାସଟି ବିପୁଳ ଲୋକପ୍ରିୟତା ଅର୍ଜନ କରିବାରେ ସମର୍ଥ ହେଇଥିଲା । ଯୋଉ ଲୋକପ୍ରିୟତା ଶହେ ବର୍ଷ ପରେ ଆଜି ମଧ୍ୟ ଅମଳିନ ରହିଛି ।

ସେହିପରି ୧୯୩୧ ମସିହାରେ ବାଳକୃଷ୍ଣ କରଙ୍କ ସମ୍ପାଦିତ ଆନନ୍ଦ ଲହରୀ ଉପନ୍ୟାସ ମାଳାରେ ସ୍ଥାନିତ ହୋଇଥିଲା କାଳନ୍ଦୀଚରଣ ପାଣିଗ୍ରାହୀଙ୍କର 'ମାଟିର ମଣିଷ' । ବିଂଶ ଶତାବ୍ଦୀର ୩ୟ ଦଶକ ହେଉଛି ସ୍ୱାଧୀନତା ପାଇଁ ଅହିଂସା ଗାନ୍ଧୀ ଆନ୍ଦୋଳନର ଯୁଗ । ହିଂସା ଅପେକ୍ଷା ଅହିଂସା, ଭୋଗ ବଦଳରେ ତ୍ୟାଗ ଥିଲା ଗତ ଶତାବ୍ଦୀର ୩ୟ ଦଶକର ଯୁଗଧର୍ମ । 'ମାଟିର ମଣିଷ' ଉପନ୍ୟାସରେ ସାନଭାଇ ଛକଡ଼ିର ଭିନ୍ନେ ହେବା ପ୍ରସ୍ତାବକୁ ହସରେ ଉଡ଼ାଇ ଦେଇ ବଡ଼ଭାଇ ବରଜୁ ଚାଷଜମି ଆଉ ବାସ ଭୂମିକୁ ଦୁଇଭାଗ ନକରିବା ପାଇଁ ନିଜ ଭାଗ ସାନଭାଇକୁ ଛାଡ଼ିଦେଇ ନିଜ ସ୍ତ୍ରୀ ପିଲାଙ୍କୁ ଧରି ଅନ୍ୟତ୍ର ଚାଲି ଯାଇଥିଲା । ଭୋଗ ଅପେକ୍ଷା ତ୍ୟାଗର ମହିମା ଉପରେ ଏ ଉପନ୍ୟାସର କଥାବସ୍ତୁ ଗଢ଼ି ଉଠିଥିବାରୁ ଆଜି ସୁଦ୍ଧା 'ମାଟିର ମଣିଷ' ଉପନ୍ୟାସ ଲୋକପ୍ରିୟତା ଅକ୍ଷୁର୍ଣ୍ଣ ରହିଛି ।

ପୁସ୍ତକ ଆକାରରେ ପ୍ରକାଶ କରିବା ପାଇଁ ମୁଁ 'ବଧୂ ନିରୁପମା' ଉପନ୍ୟାସ ଲେଖିନଥିଲି । ବରଂ ଏହା ପ୍ରଥମେ ଚଳଚ୍ଚିତ୍ରର କାହାଣୀ ଭାବରେ ଲେଖା ହୋଇଥିଲା । କିନ୍ତୁ ଆର୍ଥିକ ସଙ୍କଟ ଯୋଗୁଁ ପ୍ରଯୋଜକ ଏହାକୁ ଚଳଚ୍ଚିତ୍ରରେ ରୂପାୟିତ କରିବା ଲାଗି ଅସମର୍ଥ ହେବା ପରେ ଏହା ୧୯୬୫ ମସିହାରେ ଉପନ୍ୟାସ ଆକାରରେ ପ୍ରକାଶ ପାଇଥିଲା ।

ସେତେବେଳକୁ ନାରୀଶିକ୍ଷାର ବ୍ୟାପକ ପ୍ରସାର ଘଟି ସାରିଥିଲା । ଏବଂ ଶିକ୍ଷିତା ନାରୀ, ସମାଜରୁ ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ଜାତିଭେଦ ଦୂର କରିବାରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା । 'ବଧୂ ନିରୁପମା' ଉପନ୍ୟାସରେ ମୁଁ ସେଇ ଶିକ୍ଷିତା, ବ୍ୟକ୍ତିତ୍ୱମୟୀ ନାରୀ ନିରୂପମାକୁ ସେବା ଓ ସହିଷ୍ଣୁତା ବଳରେ ନିଜର ଅପାଠୋଇ ଶାଶୁଙ୍କ ମନରୁ ଅନ୍ଧବିଶ୍ୱାସ ଦୂର କରି କିପରି ତାର ଉଜୁଡ଼ି ଯିବାକୁ ବସିଥିବା ସଂସାରକୁ ସଜାଡ଼ି ଦେଇଥିଲା ତାର ବାସ୍ତବ ଚିତ୍ର ଅଙ୍କନ କରିଛି ।

ମୋର ଧାରଣା 'ଛମାଣ ଆଠଗୁଣ୍ଠ', 'ମାଟିର ମଣିଷ' ଏବଂ 'ବଧୂ ନିରୁପମା'- ସେହି ସମୟର ସାମାଜିକ ପରିବର୍ତ୍ତନର ଭାବମୂର୍ତ୍ତିକୁ ସଠିକ୍ ଭାବରେ ଉପନ୍ୟାସରେ ପ୍ରତିବିମ୍ବିତ କରିପାରି ଥିବାରୁ ତାହା ପାଠକମାନଙ୍କ ହୃଦୟକୁ ନିବିଡ଼ ଭାବରେ ସ୍ପର୍ଶ କରିପାରିଛି ।

: ଉପନ୍ୟାସକୁ ଚଳଚ୍ଚିତ୍ରରେ ରୂପାନ୍ତର କଲାବେଳେ ମୂଳ ଲେଖାରେ କିଛି ବିକୃତି ଘଟେ ବୋଲି ଆପଣ ଥରେ ଅସନ୍ତୋଷ ପ୍ରକଟ କରିଥିଲେ । କିନ୍ତୁ 'ହାକିମବାବୁ', ଆପଣଙ୍କ ଉପନ୍ୟାସ ଆଧାରିତ ଏଇ ଛବିଟିକୁ ମୁଁ ବ୍ୟକ୍ତିଗତ ଭାବରେ ବାରମ୍ବାର ଗୋଟିଏ ନୂଆ ଆଗ୍ରହ, ଶ୍ରଦ୍ଧା ଏବଂ ଭଲପାଇବା ସହିତ ଦେଖିଛି ଏବଂ ଅଭିଭୂତ ହୋଇଛି । ତେଣୁ ମୋର ବିଶ୍ୱାସ ଲେଖକୀୟ ଅସନ୍ତୋଷକୁ ଟିକିଏ ଅଲଗା ରଖି ଦେଖିଲେ, ଗୋଟେ ଉପନ୍ୟାସକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚେଇବାର ବହି ଅପେକ୍ଷା ଚଳଚ୍ଚିତ୍ରର ଭୂମିକା ବେଶୀ ! କ'ଣ କହିବେ ? ଏହା ଥିଲା ମୋର ପରବର୍ତ୍ତୀ ଜିଜ୍ଞାସା ।







: ମାର୍କ୍ସବାଦୀ ସାହିତ୍ୟ-ସମାଲୋଚକ 'Novel and the people' ବହିରେ ଗୋଟିଏ ଜାଗାରେ କହିଛନ୍ତି- ଉପନ୍ୟାସ ଏବଂ ଚଳଚ୍ଚିତ୍ର ହେଉଛି ବୁର୍ଜୁୟା ସଂସ୍କୃତିକୁ ବିଂଶ ଶତାବ୍ଦୀର ବିଶେଷ ଅବଦାନ । ଫକ୍ସ, ସିନେମା ଭଳି ଉପନ୍ୟାସକୁ ବୁର୍ଜୁୟା ସଂସ୍କୃତିର ଅଙ୍ଗ ବୋଲି କହିବାର ତାତ୍ପର୍ଯ୍ୟ ହେଉଛି- ଉଭୟ ପାଠକ ଓ ଦର୍ଶକମାନଙ୍କ ମନୋରଞ୍ଜନ କରିବା ଲାଗି ଉଦ୍ଦିଷ୍ଟ । ଜଣେ ଶିକ୍ଷିତ ରସବୋଧ ଥିବା ପାଠକ ଉପନ୍ୟାସ ପଢ଼ି ତା'ର ରସ ଗ୍ରହଣ କରିପାରେ । କିନ୍ତୁ ଉପନ୍ୟାସ କାହାଣୀର ଚିତ୍ରରୂପ ଦେଖି ଆନନ୍ଦ ଉପଭୋଗ କରିବା ଲାଗି ଦର୍ଶକର ଶିକ୍ଷାଗତ ଯୋଗ୍ୟତାର ପ୍ରୟୋଜନ ହୁଏ ନାହିଁ । ଉଚ୍ଚ ଶିକ୍ଷିତ, ସ୍ୱଳ୍ପ ଶିକ୍ଷିତ ଏବଂ ନିରକ୍ଷର- ସବୁ ଶ୍ରେଣୀର ଦର୍ଶକ ଚଳଚ୍ଚିତ୍ର ଦେଖି ସ୍ଥୁଳ ଆନନ୍ଦ ଉପଭୋଗ କରିପାରନ୍ତି ।

ଚଳଚ୍ଚିତ୍ର ମୂଳଲକ୍ଷ୍ୟ ହେଉଛି, ଦର୍ଶକମାନଙ୍କର ମନୋରଞ୍ଜନ । କିନ୍ତୁ ମନୋରଞ୍ଜନ ମାଧ୍ୟମରେ ଜୀବନ ଦର୍ଶନର ବାର୍ତ୍ତା ପାଠକ ମନରେ ସଂଚାରିତ କରିବା ହେଉଛି ଉପନ୍ୟାସର ଅସଲି ଉଦ୍ଦେଶ୍ୟ । ସେଥିପାଇଁ ଉପନ୍ୟାସର କଥାବସ୍ତୁ ମଧ୍ୟରେ ଭାବବସ୍ତୁ ନିହିତ ଥାଏ । ଚଳଚ୍ଚିତ୍ର ନିର୍ଦ୍ଦେଶକ ଅନେକ ସମୟରେ ଦର୍ଶକମାନଙ୍କୁ ସ୍ଥୁଳ ଆନନ୍ଦ ପରିବେଷଣ କରି 'ହଲ୍‌ଫୁଲ୍' ଉଦ୍ଦେଶ୍ୟରେ ଉପନ୍ୟାସର ଭାବବସ୍ତୁକୁ ବାଦ୍ ଦେଇ କଥାବସ୍ତୁକୁ ବିଭିନ୍ନ ରଙ୍ଗରେ ରଙ୍ଗାଇ ଦେଇଥାନ୍ତି । ଚଳଚ୍ଚିତ୍ରର ଆବଶ୍ୟକତା ଦୃଷ୍ଟିରୁ ନିର୍ଦ୍ଦେଶକଙ୍କୁ ଉପନ୍ୟାସର କାହାଣୀରେ ଅଦଳବଦଳ କରିବାରେ ଅଧିକାର ଚୁକ୍ତିପତ୍ରରେ ଲିପିବଦ୍ଧ ହୋଇଥାଏ । ତା'ର ସୁଯୋଗ ନେଇ ଚିତ୍ର ନିର୍ଦ୍ଦେଶକ 'ବଧୂ ନିରୁପମା' ଚଳଚ୍ଚିତ୍ରରେ ବୋହୂ ବଦଳରେ ଶାଶୁର ତ୍ୟାଗ ଏବଂ 'ମାଟିର ମଣିଷ' ଛବିରେ ସାନଭାଇ ଛକଡ଼ି ଭିନ୍ନେ ହେବା ପ୍ରସଙ୍ଗ ଉତ୍ଥାପନ କରିବା ମାତ୍ରେ ବଡ଼ ଭାଇ ବରଜୁ ତା' ଗାଲରେ ଏକ ଶକ୍ତ ଚଟକଣା ପକାଇବା ଫଳରେ ଏ ଦୁଇଟି ଯାକ ସର୍ବାଧିକ ଲୋକପ୍ରିୟ ଉପନ୍ୟାସର ଚିତ୍ର ରୂପ ଦର୍ଶକମାନଙ୍କ ଦ୍ୱାରା ଉପେକ୍ଷିତ ହୋଇଥିଲା ।

ଜାତୀୟସ୍ତରରେ ରଜତ କମଳ ପୁରସ୍କାର ପାଇଥିବା 'ମାୟା ମିରିଗ' ଏବଂ ସଫଳ ଚଳଚ୍ଚିତ୍ର 'ହାକିମ ବାବୁ' ମୋର କୌଣସି ପୂର୍ବ ପ୍ରକାଶିତ ଉପନ୍ୟାସର ଚିତ୍ର ରୂପ ନୁହେଁ । ଏ ଦୁଇଟି ଚଳଚ୍ଚିତ୍ରର କାହାଣୀ ଓ ସଂଳାପ ସ୍ୱତନ୍ତ୍ର ଭାବରେ ମତେ ଲେଖିବାକୁ ହୋଇଥିଲା । 'ହାକିମବାବୁ'ର ପ୍ରଯୋଜକ ଅମୀୟ ପଟ୍ଟନାୟକ କେନ୍ଦୁଝରର ଆଦିବାସୀମାନଙ୍କ ଜୀବନ ଓ ଜୀବିକା ଉପରେ ଆଧାରିତ ଏକ ଚଳଚ୍ଚିତ୍ରର କାହାଣୀ ଲେଖିଦବାକୁ ମତେ ଅନୁରୋଧ କରିଥିଲେ । ଏହା ମଧ୍ୟ ସେ ମତେ କହି ରଖିଥିଲେ ଯେ ଏହା ଏକ କଳାତ୍ମକ ଡକୁମେଣ୍ଟାରୀ ଛବି ନୁହେଁ । ବରଂ ଏହା ହଲ୍ ଭର୍ତ୍ତି କମର୍‌ସିଆଲ୍ ଲୋକପ୍ରିୟ ଛବି ହେବା ଦରକାର । କେନ୍ଦୁଝରର ଆଦିବାସୀମାନଙ୍କ ଜୀବନଚର୍ଯ୍ୟା ଅନୁଧ୍ୟାନ ଓ ସୁଟିଂ ଲୋକେସନ୍ ଖୋଜି ଦେଖିବା ପାଇଁ ପ୍ରଯୋଜକ ଅମୀୟ ପଟ୍ଟନାୟକ ଏବଂ ଚିତ୍ର ନିର୍ଦ୍ଦେଶକ, ମୋର ବିଜେବି କଲେଜର ଛାତ୍ର ପ୍ରଣବ ଦାସ ସହିତ ମୁଁ ଦୁଇଦିନ କେନ୍ଦୁଝର ଆଦିବାସୀ ପଲ୍ଲୀ ଏବଂ ଆଦିବାସୀ ଅଧ୍ୟୁଷିତ ବଣ, ପାହାଡ଼, ସୋରିଷ କିଆରୀ ବୁଲି ଦେଖିଥିଲୁ । ସେଇ ଅଭିଜ୍ଞତା ଆଧାରରେ ମୁଁ ହାକିମବାବୁର କାହାଣୀ ଲେଖିଥିଲି । ମୂଳ କାହାଣୀର ଶୀର୍ଷକ ଥିଲା 'ବନବାସୀ' । ସିନେମାରେ 'ବନବାସୀ' ନାମଟା ଲୋକଙ୍କ ମନରେ ତଥ୍ୟ ଚିତ୍ରର ଭ୍ରମ ସୃଷ୍ଟି କରିବ ବୋଲି ଏହାର ନାମ ରଖା ଯାଇଥିଲା 'ହାକିମ ବାବୁ' । ମୂଳ କାହାଣୀରେ ନିର୍ଦ୍ଦେଶକ ଅନାବଶ୍ୟକ ଅଦଳ ବଦଳ କରି ନଥିବାରୁ 'ମାୟାମିରିଗ' ଓ 'ହାକିମ ବାବୁ' ସଫଳ ଚଳଚ୍ଚିତ୍ର ଭାବରେ ସମ୍ମାନିତ ହୋଇଥିଲା ।




: ସାହିତ୍ୟ ଏବଂ ଦର୍ଶନରେ ଆଧୁନିକତାବାଦ ଯାହା ଏକ ନୂଆ ଅର୍ନ୍ତଦୃଷ୍ଟି ଭାବରେ ଦେଖାଦେଇଛି, ଅନ୍ୟପକ୍ଷରେ metaphysics ବା ଆଧିଭୌତିକତା ଯାହା ହୁଏତ ବହୁ ପୂର୍ବରୁ ରହିଛି- ଏ ଯୋଡ଼ିକ ଯାକକୁ ଆପଣ କେମିତି ଦେଖନ୍ତି ?

: ଆଧିଭୌତିକତାରେ ମୁଁ ବିଶ୍ୱାସ କରେନାହିଁ । 'ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବ କାହା ଘେନି'- ମୂଳ କଥାଟି ହେଲା ଯଦି ପେଟରେ ଅନ୍ନ ନାହିଁ, ଯୋଗ ସାଧନ କିଏ କେମିତି କରିପାରିବ ? ଯେ ପର୍ଯ୍ୟନ୍ତ ମାନବିକ ସମସ୍ୟାର ସମାଧାନ ନ ହେଉଛି, ପେଟକୁ ଦି'ମୁଠା ଭାତ ରହିବାକୁ ଗୋଟିଏ ଘର ଏବଂ ଦେହକୁ ଖଣ୍ଡେ ଲୁଗା ଆମେ ଲୋକଙ୍କୁ ଦେଇ ପାରିନାହୁଁ ଏବଂ ଯୋଉ ପର୍ଯ୍ୟନ୍ତ ମଣିଷର ସାଧାରଣ ଆବଶ୍ୟକତା ପୁରା ହେଇ ପାରିନି ସେଠି ଆଧିଭୌତିକତାରେ ମୁଁ ବିଶ୍ୱାସ କରେନାହିଁ । ଅନ୍ୟ ଯିଏ ବିଶ୍ୱାସ କରୁଥାଇ ପାରନ୍ତି । କିନ୍ତୁ କେବଳ ଆଧ୍ୟାତ୍ମିକ ଚେତନା ବା ଅତିମାନସ ସ୍ତରକୁ ଧରି ମଣିଷକୁ ଅତିନ୍ଦ୍ରିୟ ଜଗତରେ ପହଞ୍ଚେଇବା ପ୍ରୟାସ କରିବା, ସେଇଟା କେବଳ ମୁନିଋଷିଙ୍କର ପରିକଳ୍ପନା ହେଇପାରେ, କିନ୍ତୁ ଇଏ ବାସ୍ତବବାଦୀ ସାହିତ୍ୟର କଥା ନୁହେଁ ।

ଏଥର ଟିକିଏ ହାଲ୍‌କା ହେବାକୁ ମୁଁ ବସିଥିବା ରୁମ୍‌ର ବହି ଆଲମାରୀ ଭିତରେ ଥିବା ବହିଗୁଡ଼ିକ ଉପରୁ ଆଖି ପହଁରେଇ ଆଣିଲି । ଏତେ ଏତେ ବହିର ସ୍ରଷ୍ଟା ସାମ୍ନାରେ ବସିଛି ମୁଁ! ବସିଛି କି? ନିଜକୁ ଚିହ୍ନିବାକୁ ଚେଷ୍ଟା କରୁଥିଲି । ପଚାରିଲି, ଏତେ ଉପନ୍ୟାସର ସ୍ରଷ୍ଟା ଆପଣ । ଉପନ୍ୟାସ ଲେଖିବା ସମୟରେ ଆପଣଙ୍କ ଜୀବନର ଗୋଟିଏ ସିଂହଭାଗ ସମୟ ସାହିତ୍ୟ ରଚନା ଭିତରେ ହିଁ ଯାଇଛି । ମୋର ପ୍ରଶ୍ନ, ସାହିତ୍ୟ ବ୍ୟତିରେକ ସାଧାରଣ ବ୍ୟକ୍ତିଗତ ଜୀବନରେ ଘରକରଣା କାମ କ'ଣ କେମିତି କରନ୍ତି ? କେବେ ବଜାର ସଉଦା କରନ୍ତି, ହାଟରୁ ମାଛ ପରିବା କିଣନ୍ତି ? ହସିଲେ ସେ, ଯାହାର ଅର୍ଥ ଥିଲା ମୁଁ ଏ କଥା ବି ଜାଣିବାକୁ ଯାଇଛି !

କହିଲେ, ହଁ ଏଇଟା ମୁଁ ପିଲାଦିନୁ କରି ଆସୁଛି । କଥା ହଉଛି ଆଜି ପୁଅକୁ ଯଦି ମାଛ ଆଣିବାକୁ ପଠାଏ ସେ' ନଇପୋହଳା ବଦଳରେ ସମୁଦ୍ର ପୋହଳା ନେଇ ଆସେ । କାହିଁକି ନା ସେ ମାଛ ଚିହ୍ନେ ନାହିଁ । ତେଣୁ ମୁଁ ନିୟମିତ ଭାବରେ ବଜାର ସଉଦା କରେ । ଏବଂ ସେଇଠୁ ଅନେକ ଚରିତ୍ରମାନଙ୍କୁ ପାଇଥାଏ । ମୁଁ ଯେତେବେଳେ ମୋ ଶ୍ୱଶୁର ଘର ବାରିପଦାକୁ ଯାଏ, ସେଠାକାର ହାଟକୁ ମୁଁ ବେଶୀ ଯାଏ । ସେଠି ଆଦିବାସୀମାନଙ୍କୁ ବଣଛତୁ, ଖମ୍ବଆଳୁ ଏସବୁକୁ

ଦେଖିବାକୁ ପାଏ, ଯାହା ଆମର ଏଠି ଦେଖିବାକୁ ମିଳେ ନାହିଁ । ତେଣୁ ମୁଁ ନିୟମିତ ଭାବରେ ହାଟ ବଜାର ସଉଦା କରିବାକୁ ଯାଏ । ସେଠୁ ବିଭିନ୍ନ ସ୍ତରରେ ଲୋକଙ୍କ ଜୀବନ ସଂପର୍କରେ ବହୁତ କିଛି ଜାଣିବାକୁ ପାଏ ।

: ବାସ୍ତବରେ ଆପଣଙ୍କର ଲେଖକୀୟ ଜୀବନ ଖୁବ୍ ଲମ୍ବା । କେବେ ମନରେ ଏଭଳି ଭାବନା ଆସିଛି କି, ଏତେ ତ ଲେଖିଲି ଏବେ କଲମ ଛାଡ଼ି ଦବାର ସମୟ । ବରଂ ବିଶ୍ରାମ ନବାର ବେଳ ?


: ମୋର ଆତ୍ମଜୀବନୀ 'ଜୀବନ ପାତ୍ର ମୋ ଭରିଛ କେତେମତେ' ଲେଖିବା ବେଳକୁ ମୁଁ ଅଶୀ ବର୍ଷର ବୟସ ସୀମା ଭିତରକୁ ଗଲିଣି । ସେତେବେଳେ ଭାବିଥିଲି ଯାହା ଯେତିକି ଲେଖିଲି, ଏଥର ଆଉ ଲେଖିବି ନାହିଁ । ହଁ, ଯଦି ମୋର ଦୁଇଟି ଅସମାପ୍ତ ଉପନ୍ୟାସ 'କାଳ, ଅକାଳ, ମହାକାଳ' ଏବଂ 'ଉତ୍ତାଳ ସମୟର ଇତିକଥା' ଏଇ ଯୋଡ଼ିକୁ ସାରିଦେବି ତ ସେତିକି ଯଥେଷ୍ଟ । କିନ୍ତୁ ବାସ୍ତବରେ ଦେଖିବା ବେଳକୁ ମୁଁ ଯା' ଭିତରେ ଆହୁରି ଦୁଇଟି ନୂଆ ଉପନ୍ୟାସ ଲେଖି ସାରିଲିଣି । ତେଣୁ ଅନେକ ସମୟରେ ଏମିତି ହୁଏ ଯେ ମୁଁ ଲେଖେ ନାହିଁ ମୋତେ ଲେଖାଇ ନିଆଯାଏ । ସୁତରାଂ ଦେଖାଯାଉ ଆଗକୁ କ'ଣ ଘଟୁଛି ।

**'ବଧୂ ନିରୂପମା'ର ଲୋକପ୍ରିୟତାର ସୁଯୋଗ ନେଇ ଜଣେ ଅସାଧୁ ପୁସ୍ତକ ବ୍ୟବସାୟୀ ଏହାର ଏକ ଜାଲି, ନକଲି ସଂସ୍କରଣ ଛାପି ଧରା ପଡ଼ିଥିଲେ । କୌଣସି ଓଡ଼ିଆ ଉପନ୍ୟାସର ନକଲି ସଂସ୍କରଣ ଛାପା ହେବା ଓଡ଼ିଆ ପୁସ୍ତକ ପ୍ରକାଶନରେ ଏହା ଥିଲା ପ୍ରଥମ ।**

ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସରେ ଆମେ ବିସ୍ତୃତ ରୋମାଣ୍ଟିସିଜିମ୍‌ର ପ୍ରତିଫଳନ ଦେଖି ଆସିଛୁ । ତେଣୁ ଏଇଠି ତାଙ୍କୁ ମୋର ସେଇ ପ୍ରସଙ୍ଗରେ ଶେଷ ପ୍ରଶ୍ନ ପଚାରି ଦେଲି, ଗଛରୁ ଖସି ପଡୁଥିବା ନିରୋଳା ପତ୍ରର ଆବେଗ ଏବଂ ଆପଣଙ୍କ ଉପନ୍ୟାସମାନଙ୍କରେ ବର୍ଣ୍ଣିତ ରୋମାଣ୍ଟିସିଜିମ୍‌ର ଆବେଗ ମଧ୍ୟରେ କ'ଣ ସାମଞ୍ଜସ୍ୟ ଅବା ଫରକ୍ ରହିଛି ?



: ଚୈତ୍ରର ପତ୍ରଝଡ଼ା, ଥୁଣ୍ଟା ଗଛ ଏବଂ ମୋ ଉପନ୍ୟାସର ରୋମାଣ୍ଟିକ୍ ନିଃସଙ୍ଗ ନାୟକନାୟିକାମାନଙ୍କ ମଧ୍ୟରେ କୌଣସି ରକ୍ତର ମେଳ ନାହିଁ । ଗଛକୁ ଥୁଣ୍ଟା କରି ଖସି ପଡୁଥିବା ପତ୍ରମାନେ ଗଛରେ ନୂଆ ପତ୍ର କଅଁଳିବା ଲାଗି ରାସ୍ତା ତିଆରି କରିଦିଅନ୍ତି । ମୋ ଉପନ୍ୟାସର ରୋମାଣ୍ଟିକ୍ ଚରିତ୍ରମାନେ ହଳଦିଆ ପଡ଼ି ଆସୁଥିବା କ୍ଲାସିକ୍‌ର ଶୃଙ୍ଖଳାର ଶୃଙ୍ଖଳକୁ ଛିନ୍ନ ବିଚ୍ଛିନ୍ନ କରି ଏକ ନୂତନ ସମାଜର ଶିଳାନ୍ୟାସ କରିବା ଲାଗି ବିଦ୍ରୋହ କରି ଉଠନ୍ତି । ଏ ବିଦ୍ରୋହରେ ସ୍ରୋତଛ୍ୱାସମୟ ଭାବପ୍ରବଣତା ଅପେକ୍ଷା ଏକ ନୂତନ ସମାଜ ଗଠନର କଠୋର ବାସ୍ତବତା ବିଶେଷ ଭାବରେ ପ୍ରକଟିତ । ସାମାଜିକ ବାସ୍ତବତା ଠାରୁ ସମାଜବାଦୀ ବାସ୍ତବତା ଆଡ଼କୁ ଯୁଦ୍ଧଯାତ୍ରାରେ ମୋ ରୋମାଣ୍ଟିକ୍ ଉପନ୍ୟାସର ନାୟକ, ନାୟିକାମାନେ ସୈନ୍ୟ, ସେନାପତି । ସାମାଜିକ ଅସମାନତା ଏବଂ ଅର୍ଥନୈତିକ ବୈଷମ୍ୟ ବିରୁଦ୍ଧରେ ସେମାନଙ୍କର ଏ ମହାଯୁଦ୍ଧରେ ଜୟପରାଜୟ ବଡ଼ କଥା ନୁହେଁ । ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ସେମାନଙ୍କର ଲଢୁଆ ମାନସିକତା । ଶେଷ ପର୍ଯ୍ୟନ୍ତ ଲଢ଼ିଯିବାର ଜିଦ୍ । ଗଛରୁ ପତ୍ର ଖସିଲେ ବାୟୁମଣ୍ଡଳ ସ୍ତରରେ କ୍ଷୀଣ କମ୍ପନ ହୁଏ । ସବୁ ପ୍ରକାର ଅନ୍ୟାୟ, ଅବିଚାର ବିରୁଦ୍ଧରେ ରୋମାଣ୍ଟିକ ହିରୋମାନେ ଯୁଦ୍ଧ କରୁଥିବା ସମୟରେ ଯୁଦ୍ଧ ବାଜଣାରେ ରଣଭୂମି ପ୍ରକମ୍ପିତ- ଏହି ଯାହା ଫରକ୍ !




: ସାଂପ୍ରତିକ ପରିସ୍ଥିତିରେ ଆମେ ଯାହା ଦେଖୁଛୁ ଆଜି ପୁଞ୍ଜିବାଦୀ ସମାଜ ତା'ର କାୟା ବିସ୍ତାର କରିବାରେ ଲାଗିଛି । ଏଭଳି ସଂକଟ ସମୟରେ ସାହିତ୍ୟର ସାହାରାରେ ଏକ ସମାଜବାଦୀ ସମାଜ ଗଠନର ସମ୍ଭାବନା ଅଛି କି ?

: କାର୍ଲମାକ୍ସ କହିଥିଲେ ଶିଳ୍ପସମୃଦ୍ଧ ରାଷ୍ଟ୍ରରେ ପୁଞ୍ଜିବାଦ ଯେତେବେଳେ ଚରମ ସୀମାରେ ପହଞ୍ଚିବ, ଅର୍ଥାତ୍ ଶ୍ରମିକମାନଙ୍କୁ ଶୋଷଣ କରି ସେମାନଙ୍କ ଶ୍ରମାର୍ଜିତ ପୁଞ୍ଜି ଯେତେବେଳେ ଶୋଷକ ପୁଞ୍ଜିପତିମାନଙ୍କ ପାଖରେ ଠୁଳିଭୂତ ହେଇ ରହିଥିବ, ଶୋଷିତ ଶ୍ରମିକମାନେ ସେତେବେଳେ ଐକ୍ୟବଦ୍ଧ ଭାବରେ ଲଢ଼େଇ କରି ସେ ପୁଞ୍ଜି, ଶିଳ୍ପପତିମାନଙ୍କ ଠାରୁ ଛଡ଼ାଇ ଆଣି ଶୋଷିତ ସର୍ବହରାମାନଙ୍କ ମଧ୍ୟରେ ବାଣ୍ଟିଦେବେ । ପୁଞ୍ଜିର ଏହି ସମବଣ୍ଟନ ହେବ ସମାଜବାଦୀ ସମାଜ ଗଠନର ମୂଳ ଭିତ୍ତି । ଅର୍ଥାତ୍ ପୁଞ୍ଜିବାଦ ଚରମ ସୀମାରେ ପହଞ୍ଚିଲା ପରେ ହିଁ ସମାଜବାଦର ଅଭ୍ୟୁଦୟ ହେବ ।

ତେବେ ଭାରତବର୍ଷ ଯେହେତୁ ଏକ କୃଷିପ୍ରଧାନ ଦେଶ, ପୁଞ୍ଜିବାଦ ବଦଳରେ ଏଠାରେ ସାମନ୍ତବାଦୀ ଶୋଷଣର ମାତ୍ରା ଅଧିକ । ରାଜା, ଜମିଦାର, ସାହୁକାରମାନଙ୍କ ସାମନ୍ତବାଦୀ ଶୋଷଣ ଅତ୍ୟାଚାର ବିରୁଦ୍ଧରେ ପ୍ରଜା ଓ କୃଷକ ବିଦ୍ରୋହର ଚିତ୍ର ଆମ ଉପନ୍ୟାସରେ ସେଥିପାଇଁ ଅଧିକ ଉଜ୍ଜ୍ୱଳ । ଫକୀରମୋହନଙ୍କ 'ଛ ମାଣ ଆଠଗୁଣ୍ଠ' ପ୍ରେମଚାନ୍ଦଙ୍କ 'ଗୋଦାନ' ଉପନ୍ୟାସ ଏହାର ଉଦାହରଣ ।

ପ୍ରାୟ ସରି ଆସୁଥିଲା ସମୟ । ସରୁନଥିଲା କିନ୍ତୁ ମୋ ଭିତରେ ଥିବା ଜିଜ୍ଞାସାର ପ୍ଲାବନ । ବିଭୂତି ପଟ୍ଟନାୟକ । ବିଶାଳ ମହାଦ୍ରୁମ ସେ । ଏବଂ ମୁଁ ବୈଶାଖର ରୌଦ୍ର ତାପରେ ବହୁଦୂରରୁ ଚାଲିଚାଲି ଆସିଥିବା ଜଣେ ଅକିଞ୍ଚନ ପଥିକ । କ୍ଳାନ୍ତି, ଅବସାଦର ମନଟି ମୋର ଚାହୁଁଥିଲା ଆଉ କିଛି ସମୟ ସେଇ ମହାଦ୍ରୁମର ଛାଇତଳେ ବସି ରହିବି । ମାତ୍ର ସମୟ ଅତିକ୍ରାନ୍ତ । ମତେ ଉଠିବାକୁ ହେବ ।

ଫେରିବା ବେଳକୁ ସାଙ୍ଗରେ ନେଇଆସିଥିଲି ପ୍ରେରଣାର ମହୁଲଫୁଲ, ବିଭୋରପଣର ବାସ୍ନା ଆଉ ଭରିଯିବାର ଅନୁଭବ । ବିଭୂତି ପଟ୍ଟନାୟକ : ମୁଠାଏ ଭଲପାଇବା କେବଳ । ଆଃ !

**ଜଗନ୍ନାଥ ସାହି, ଇନ୍ଦିରାଗାନ୍ଧୀ କଲେଜ ପାଖ**
**ଚାନ୍ଦିନୀଚୌକ, କଟକ-୭୫୩୦୦୨, ଫୋନ: ୯୪୩୭୬୦୪୨୮୦**



# କଂସାବାସନର ବାସ୍ନା



# କଂସାବାସନର ଗାଁ ଲିଭି ଆସିଲାଣି ନାଁ

**ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତି**
'ସମ୍ବାଦ', ଶିକ୍ଷାଞ୍ଚଳ, ବାଲେଶ୍ୱର-୧

ଫଟୋ ସୌଜନ୍ୟ : ଲେଖିକା



ପୂର୍ବେ କଂସାବାସନର ବ୍ୟବହାର ଘରେ ଘରେ ଦେଖିବାକୁ ମିଳୁଥିଲା । ଏମିତିକି କଂସାବାସନରେ ଖାଇଲେ ଏକ ଅଲଗା ସ୍ୱାଦ ମିଳୁଥିବାର ବିଶ୍ୱାସ କରା ଯାଉଥିଲା । ସେଥିପାଇଁ ତ ଘରେ ଥାଳି ଠୁ ଆରମ୍ଭ କରି ଗ୍ଲାସ୍ ପର୍ଯ୍ୟନ୍ତ ସବୁ ବାସନକୁସନ କଂସାରେ ହିଁ ଦେଖିବାକୁ ମିଳୁଥିଲା । ବିଶେଷକରି ପୂଜାପଦ୍ଧତିରେ କଂସାବାସନର ଅଧିକ ବ୍ୟବହାର ଥିଲା । ଝିଅ ବାହାଘରେ ମଧ୍ୟ କଂସାବାସନ ହିଁ ଦିଆ ଯାଉଥିଲା । କିନ୍ତୁ ଏବେ ଧୀରେ ଧୀରେ କଂସାବାସନର ବ୍ୟବହାର ଲୋପ ପାଇବାକୁ ବସିଲାଣି । ତା' ବଦଳରେ କମ୍ ଦାମ୍‌ର ଷ୍ଟିଲ୍ ବାସନ ବ୍ୟବହାର କରାଯାଉଛି । ଫଳରେ କଂସାବାସନର ବ୍ୟବହାର କମିବା ସହ ଚାହିଦା ବି କମି ଯାଉଛି ।

ସମସ୍ତଙ୍କର ନିଜର ଏକ କୌଳିକ ବୃତ୍ତି ଥାଏ । ଅନେକେ ଅଛନ୍ତି ଯେଉଁମାନେ ନିଜ କୌଳିକ ବୃତ୍ତି ପରିବର୍ତ୍ତେ ଅନ୍ୟ ବୃତ୍ତି ମଧ୍ୟ କରୁଛନ୍ତି । ମାତ୍ର ଆଉ କିଛି ଏବେବି ସେମାନଙ୍କ କୌଳିକ ବୃତ୍ତିକୁ ବଞ୍ଚାଇବା ସଂଘର୍ଷରତ । ଏ ଦିଗରେ ସରକାରଙ୍କର କୌଣସି ପ୍ରୋତ୍ସାହନ ନାହିଁ । କଂସାବାସନକୁ ନେଇ ଜୀବନଜୀବିକା ନିର୍ବାହ କରୁଥିବା ଗୋଟେ ଗାଁର ଲୋକେ ନିଜର କୌଳିକ ବୃତ୍ତିକୁ ନେଇ ଚିନ୍ତାରେ ଅଛନ୍ତି । ସେମିତି ଏକ ଗାଁକୁ ଠାବ କରିଛି ରେବତୀ ଟିମ୍ । ବାଲେଶ୍ୱର ସହରରୁ ସାତ କିଲୋମିଟର ଗଲେ ପଡ଼ିବ ରେମୁଣା ବ୍ଲକର ଦୁଇଟି ଗାଁ : ଶାହାଜିପାଟଣା ଓ ବେଗମ୍ପୁର । କଂସାବାସନ ତିଆରି ପାଇଁ ଓଡ଼ିଶା ପ୍ରସିଦ୍ଧ ଏ ଦୁଇ ଗାଁ ଏବେ ସରକାରଙ୍କ ଦୃଷ୍ଟି ଆଢୁଆଳରେ । ରେମୁଣାର ପାଖାପାଖି ଏଇ ଦୁଇଟି ଗାଁର ଲୋକମାନେ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ଯାଇ ଅଭାବଅନଟନରେ କାଳାତିପାତ କରୁଛନ୍ତି ।

## ଶାହାଜିପାଟଣା

ଶାହାଜିପାଟଣା ଗାଁରେ ୪୦ରୁ ୫୦ଘର ରହିଛି । ପୂର୍ବେ ଏ ଗାଁରେ ସମସ୍ତେ ନିଜର କୌଳିକ ବୃତ୍ତି କରି ପରିବାର ଭରଣପୋଷଣ କରୁଥିଲେ । ସେତେବେଳେ ବଜାରରେ କଂସାବାସନର ଚାହିଦା ମଧ୍ୟ ଭଲ ଥିଲା । ତେଣୁ ଗାଁର ସମସ୍ତେ ଅନ୍ୟ କିଛି କାମ ନକରି ନିଜର କୌଳିକ ବୃତ୍ତିକୁ ଆପଣେଇଥିଲେ ଶାହାଜିପାଟଣା ଗାଁକୁ କଂସାରିସାହି ବୋଲି କୁହାଯାଏ । ଦୁଇ ଦଶନ୍ଧି ତଳେ କଂସାବାସନର ଚାହିଦା ସ୍ଥାନୀୟ ବଜାରରେ ଓ ବାହାରେ ବେଶ୍ ଭଲ ଥିବାରୁ କଂସାରୀମାନେ ନିଜର କୌଳିକ ବୃତ୍ତିରେ ଥାଇ ଭଲ ଦି'ପଇସା ରୋଜଗାର କରି ପାରୁଥିଲେ । ମାତ୍ର ଏବେ ଦୃଶ୍ୟପଟ୍ଟ ଭିନ୍ନ । ଏ ଗାଁର କେହି ବି କଂସାବାସନ ତିଆରି କରିବାକୁ ଆଗଭର ହେଉ ନାହାନ୍ତି କି ନିଜ ପିଲାମାନଙ୍କୁ ମଧ୍ୟ ଶିଖାଇବାକୁ ରାଜି ନୁହନ୍ତି । ଏଥିରୁ ମିଳୁଥିବା ମଜୁରୀରେ ତାଙ୍କର ଘର ଚଳୁନାହିଁ । ପେଟ ଅପୋଷା ରହୁଛି । ରୋଜଗାରର ପରିମାଣ ମଧ୍ୟ ଆଶାଜନକ ନୁହେଁ ।

ପୂର୍ବରୁ ଏ ଗାଁରେ ୪୦ଟି କଂସାଶାଳ ଥିଲା । ଏବେ ମାତ୍ର ୭/୮ଟି ରହିଛି । ସେଥିରେ ନୂଆ କଂସାବାସନ ତିଆରି କରିବା ସହିତ ପୁରୁଣା କଂସାବାସନରେ ରଙ୍ଗ ଚଢେଇ ନୂଆ କରି ବିକୁଛନ୍ତି । ଯେହେତୁ ଏ ବୃତ୍ତି ଛଡ଼ା ସେମାନେ ଆଉ କିଛି କରୁନାହାନ୍ତି ତେଣୁ କେବଳ ଏହି ବୃତ୍ତିରୁ ମିଳୁଥିବା ଅର୍ଥରେ ଚଳିବା ସେମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ଏଥିପାଇଁ ବାଧ୍ୟ ହୋଇ ଅନ୍ୟ ବୃତ୍ତିକୁ ଗଲେଣି । ରୋଜଗାର କମ୍ ଯୋଗୁଁ ପିଲାଙ୍କୁ ପଢ଼େଇ ପାରୁନାହାନ୍ତି । ତେଣୁ ନିଜ ବୃତ୍ତିକୁ ଛାଡ଼ି ବାହାରେ ଅନ୍ୟ କାମ କରିବାକୁ ବାଧ୍ୟ ହେଉଛନ୍ତି । "ସତୁରି ବର୍ଷ ବୟସ ପରେ ଆମେ ଆଉ କାମ କରିବାକୁ ସକ୍ଷମ ନୋହୁ । ତା'ପରେ ରୋଜଗାର କରିବାର ଆଉ କିଛି ବାଟ ନାହିଁ । ଆମେ କରିବୁ କଣ ? ଆମ ପିଲାମାନେ ଅଡୁଆରେ ପଡ଼ିବେ", କହନ୍ତି ଛଷଠି ବର୍ଷ ବୟସ୍କ ଶରତ କୁମାର ନାୟକ । ଏ ଗାଁର ଲୋକମାନେ ମିଶି ଚାରି ମାସ ତଳେ ସଂଘ ତରଫରୁ ଏକ ରାଲି କରିଥିଲେ ନିଜ କୌଳିକ ବୃତ୍ତିକୁ ଛାଡ଼ିବା ପରେ ସରକାରଙ୍କ ଠାରୁ ଭତ୍ତା ଦାବି କରି । ମାତ୍ର ଏ ପର୍ଯ୍ୟନ୍ତ ସେମାନଙ୍କର ଦାବି ପୂରଣ ହୋଇପାରି ନାହିଁ ।

## ବେଗମ୍ପୁର

ବେଗମ୍ପୁର ଗାଁରେ ଅଧିକାଂଶ କମାର ଲୋକମାନେ କଂସାବାସନ ତିଆରି



ଲେଖିକା ପ୍ରତ୍ୟାଶା ପ୍ରିୟମ୍ବଦା



କରୁଛନ୍ତି । ସେମାନେ କଂସା କାମ ବହୁ ବର୍ଷରୁ କରି ଆସୁଛନ୍ତି । ଲୁହା କାମରେ ଭଲ ଲାଭ ନହେବାରୁ ସେମାନେ ଏଇ କଂସାବାସନ ତିଆରି କରୁ କରୁ ଏହି ବୃତ୍ତିରେ ରହିଗଲେ । କଂସାବାସନ ତିଆରି ପ୍ରଥମେ ଆରମ୍ଭ କରି ଧିରେ ଧିରେ କାମ ଶିଖିଗଲେ । ସେତେବେଳେ ମଧ୍ୟ ଏହାର ଚାହିଦା ଅଧିକ ଥିଲା । ପ୍ରାୟ ୧୫ବର୍ଷ ପୂର୍ବେ ଘରେ ଓ ବଜାରରେ କଂସାବାସନର ପ୍ରଚଳନ ଥିଲା । ତେଣୁ ମାର୍କେଟ୍‌ରେ ଡିମାଣ୍ଡ୍ ବି ଭଲ ଥିଲା । ସୁତରାଂ ସେତେବେଳେ ଏହି ବୃତ୍ତିକୁ ସେମାନେ ଆଖିବୁଜି ଆପଣେଇ ନେଇଥିଲେ । ମାତ୍ର ଏବେ ଆଉ କଂସାବାସନ ଚାଲୁ ନାହିଁ । ଲୋକେ ଆଉ କଂସାବାସନ କିଣୁନାହାନ୍ତି । ଏହାର କାରଣ ହେଲା, କଂସାବାସନ ବେଶ୍ ଓଜନିଆ ଓ ଏହାର ମୂଲ୍ୟ ମଧ୍ୟ ଚଢ଼ା । ଏତିକିବେଳେ ବଜାରକୁ ପ୍ରବେଶ କରେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ବାସନ । ଚିକ୍ ଚିକ୍ କରୁଥିବା ଷ୍ଟିଲ୍‌ର ଏଇ ହାଲୁକା ବାସନଗୁଡ଼ିକ ସହଜରେ ମାର୍କେଟ୍ ନେଲା ଓ କ୍ରମଶଃ କଂସାବାସନର ବ୍ୟବହାର କମି କମି ଆସି ଆସିଲା । ଚାହିଦା ଓ ବ୍ୟବହାର ନଥିବା ଯୋଗୁଁ ନିର୍ମାଣ କାରିଗରମାନେ ଆଉ ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାରେ ସକ୍ଷମ ହେଲେ ନାହିଁ ।

ଆଜିଯାଏ ସରକାରଙ୍କ ଠୁ କୌଣସି ପ୍ରୋତ୍ସାହନ ସେମାନଙ୍କୁ ମିଳିନାହିଁ । ଏ ବୃତ୍ତିରେ ଅଧିକ ପରିଶ୍ରମ ଓ ଅଧିକ ସମୟ ଆବଶ୍ୟକ ପଡ଼ିଥାଏ । ବେଗମ୍ପୁର ଗାଁରେ ବି ଧିରେ ଧିରେ କଂସା କାରିଗର କମି ଗଲେଣି । "ଅଧିକାଂଶ ଲୋକ ନୂଆ କଂସାବାସନ କିଣିବା ପରିବର୍ତ୍ତେ ପୁରୁଣା କଂସାବାସନରେ ରଙ୍ଗ କରାଉଛନ୍ତି । ଫଳରେ ବଜାରରେ କଂସାବାସନର ବିକ୍ରି ବି କମୁଛି", ବୋଲି ଗୌରମୋହନ ବିନ୍ଧାଣୀ କହନ୍ତି । ସେ ୧୭ ବର୍ଷ ବୟସରୁ କଂସାବାସନ ତିଆରି କାମ ଆରମ୍ଭ କରିଥିଲେ । ସେତେବେଳେ କଂସାବାସନର ଚାହିଦା ଥିଲା । "ଏବେ ମଜୁରୀ ଠିକ୍ ଲାଗୁନି । ଏ କାମର କୌଣସି ଭବିଷ୍ୟତ ବି ନାହିଁ । ପରିଶ୍ରମ ଅନୁସାରେ ଟଙ୍କା ମଧ୍ୟ ଠିକ୍ ମିଳେନାହିଁ । ତେଣୁ ପିଲାଙ୍କୁ ଏଇ କାମ କରେଇବାକୁ ଚାହୁଁନୁ ।"

## କଂସାବାସନର ନିର୍ମାଣକଳା ଓ ବର୍ତ୍ତମାନ ସ୍ଥିତି

ଶାହାଜିପାଟଣା ଓ ବେଗମ୍ପୁର, ଏ ଦୁଇଟି ଗାଁ କଂସାବାସନ ତିଆରି ପାଇଁ ଓଡ଼ିଶା ପ୍ରସିଦ୍ଧ । ଏକଦା ଏ ଦୁଇ ଗାଁର ଲୋକମାନେ ନିଜ କୌଳିକ ବୃତ୍ତି ଛଡ଼ା ଅନ୍ୟକିଛି କାମ କରୁନଥିଲେ । ମାତ୍ର ଏବର ପରିସ୍ଥିତି ବଦଳି ଯାଇଛି । କାରଣ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ କଂସାରୀମାନେ ଆଉ ସକ୍ଷମ ହୋଇପାରୁ ନାହାନ୍ତି । ଏ ପ୍ରକାର ଏକ ବଂଶାନୁକ୍ରମିକ ବୃତ୍ତିର ସୁରକ୍ଷା ନିମନ୍ତେ ସରକାର ଅବିଳମ୍ବେ କୌଣସି ପଦକ୍ଷେପ ନନେଲେ ଏ କୌଳିକ ବୃତ୍ତର ମୃତ୍ୟୁ ସୁନିଶ୍ଚିତ ବୋଲି ନିଜେ କାରିଗରମାନେ କହିଲେଣି । ତମ୍ବା ଓ ଟିନ୍ ବା ଟିଣକୁ ତରଳେଇ ପ୍ରସ୍ତୁତ ହୁଏ କଂସା ବା ବ୍ରୋଞ୍ଜ୍ । କଂସାରେ କେବଳ ବେଲା ଓ ତାଟିଆ ତିଆରି ହୋଇଥାଏ । ଅନ୍ୟାନ୍ୟ ସବୁକୁ ରଙ୍ଗ କରି ନୂଆ କରିଥା'ନ୍ତି । ଭୋର୍ ୬ଟାରୁ ଏଇ କାମ ଆରମ୍ଭ ହୁଏ । ସକାଳ ୬ରୁ ଆଠ ଘଣ୍ଟା ନିଆଁ ପାଖରେ କାରିଗରଙ୍କୁ କାମ କରିବାକୁ ପଡ଼ିଥାଏ । ଗରମ ଦିନରେ ଅଧିକ କଷ୍ଟ ହୁଏ ଏ କାମ ପାଇଁ । ଗୋଟିଏ ଛୋଟ କଂସା ମୁଣ୍ଡାକୁ ହାତୁଡ଼ିରେ ପିଟି ପିଟି ବଡ଼ ବେଲାରେ ପରିଣତ କରାଯାଏ । ଦୁଇପ୍ରକାର ବେଲା ପ୍ରସ୍ତୁତ ହୁଏ- ଗହୀର ବେଲା ଓ ଚଉଡ଼ା ବେଲା । ଏଥିପାଇଁ ପ୍ରଚୁର କୋଇଲା, ଯନ୍ତ୍ରପାତି ଓ ମେସିନ୍ ମଧ୍ୟ ଆବଶ୍ୟକ ପଡ଼ିଥାଏ । ପ୍ରଥମେ କୋଇଲା ମିଳି ଯାଉଥିଲା । ମାତ୍ର ଏବେ କୋଇଲା କିଣିବାକୁ ପଡୁଛି । ଏବେ ଘରର ଜାଳେଣିରୁ ଯାହା କୋଇଲା ମିଳୁଛି । ତା'ବ୍ୟତୀତ କୋଇଲା କିଣୁଛନ୍ତି । ୬ ଟିଣ କୋଇଲାରୁ କେବଳ ୬ଟି କଂସାବେଲା ପ୍ରସ୍ତୁତ ହୋଇ ପାରୁଛି । ଗୋଟିଏ କୋଇଲା ଟିଣର ମୂଲ୍ୟ ୫୦ଟଙ୍କା । ଗୋଟିଏ ଦିନରେ କେବଳ ୩ଟି କଂସାମୁଣ୍ଡାକୁ ତରଳା ଯାଇ ରଙ୍ଗ ଦେଇ ସମ୍ପୂର୍ଣ୍ଣ କରାଯାଇପାରେ । ସକାଳ ୬ରୁ କାମ ଆରମ୍ଭ ହେଲେ ବି ଗୋଟିଏ ଦିନରେ କାମ ଶେଷ ହୋଇ ପାରେ ନାହିଁ । ଦିନକୁ ରୋଜଗାର ୨୦୦ରୁ ୩୦୦ । ଅଧିକ ପରିଶ୍ରମର କାମ । ଖରା ଦିନରେ ନିଆଁ ପାଖରେ କାମ କରିବାକୁ ବହୁତ କଷ୍ଟ ହୁଏ । ଗୋଟିଏ କଂସାମୁଣ୍ଡାକୁ ପିଟି ପିଟି ନିଆଁରେ ତରଳାଇବା ପାଇଁ ୧ଘଣ୍ଟା ୩୦ ମିନିଟ୍ ସମୟ ଲାଗେ । "ସରକାରଙ୍କର କୌଣସି ପ୍ରୋତ୍ସାହନ ନାହିଁ । ଆମର ଏ କୌଳିକ ବୃତ୍ତି ଆଉ ଚାଲିବ କେମିତି ? ଘରେ ଅଭାବ ଯୋଗୁଁ ପାଠ ମଧ୍ୟ ପଢ଼ି ପାରିନି ମୁଁ" ବୋଲି ଯୁବ କାରିଗର ୨୫ ବର୍ଷ ବୟସ୍କ ମାନସ କୁମାର ନାୟକ କହନ୍ତି । ୨୦୦୮ ମସିହାରୁ ସେ ଏ କାମ ଆରମ୍ଭ କରିଥିଲେ । ଶହଜିପାଟଣା ଗାଁର ଲୋକଙ୍କୁ ହସ୍ତଶିଳ୍ପ କେନ୍ଦ୍ର ପକ୍ଷରୁ ସବୁ ପରିବାରକୁ ଗୋଟେ ଗୋଟେ କେବଳ ସୋଲାର୍ ଲାଇଟ୍ ମିଳିଛି । ବଜାରରେ କଂସାର ଦର ମଧ୍ୟ ଅଧିକ ରହିଛି । କଂସା କିଲୋଗ୍ରାମ ପ୍ରତି ୧୩୦୦ଟଙ୍କା । ତେଣୁ ଲୋକମାନେ ଏତେ ଦାମୀ ବାସନ କିଣିବାକୁ ମଧ୍ୟ ଚାହୁଁନାହାନ୍ତି । ବ୍ୟବହାର କରିବା ତ ଦୂରକଥା । କାରିଗରମାନେ ମହାଜନଙ୍କ ଠୁ କଞ୍ଚାମାଲ ଆଣି କଂସାବାସନ ତିଆରି କରି ବେପାରୀମାନଙ୍କୁ ଦେଉଥା'ନ୍ତି ବଜାରରେ ବିକ୍ରି ପାଇଁ । ସ୍ଥାନୀୟ ବଜାର ବ୍ୟତୀତ ଟାଟା, ରାୟରଙ୍ଗପୁର, ବାଙ୍ଗିରିପୋଷି, ବାଉନଘାଟି ଏବଂ ମୟୂରଭଞ୍ଜକୁ ମଧ୍ୟ ରପ୍ତାନି ହୁଏ । ବେଗମ୍ପୁର ଗାଁଲୋକଙ୍କର କୌଣସି ସଂଘ ନାହିଁ ଯେ ସରକାରଙ୍କ ପାଖରେ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାର ଦାବିଟି ସେମାନେ ଉପସ୍ଥାପନ କରିପାରିବେ । ସେମାନଙ୍କ କହିବା କଥା ହେଲା ଯଦି ଏ କାମ ପାଇଁ ସରକାର କଞ୍ଚାମାଲ ଓ କୋଇଲା ଯୋଗାଇ ଦେବେ ତେବେ କିଛିଟା ସହାୟ ହୁଅନ୍ତା କାରିଗାରଙ୍କୁ । ଏ ଦାବି ସେମାନେ 'ରେବତୀ' ମାଧ୍ୟମରେ ସରକାରଙ୍କ ପାଖରେ କରିଛନ୍ତି । ମାସରେ ୧୮ ରୁ ୨୦ଦିନ କାମ କରିବା ସହ ଗୋଟିଏ ସପ୍ତାହରେ କେବଳ ୪ଦିନ କାମ କରୁଛନ୍ତି କାରିଗରମାନେ । କାରଣ ଏ କାମ ପାଇଁ ଅଧିକ ଭଲ ଓ ପୁଷ୍ଟିକର ଖାଦ୍ୟ ଓ ଯଥାର୍ଥ ବଳ ମଧ୍ୟ ଆବଶ୍ୟକ । ନିଆଁରେ ଅଧିକ ସମୟ କାମ ଯୋଗୁଁ ଦୃଷ୍ଟିଶକ୍ତି ମଧ୍ୟ କମି ଯାଉଛି । କାରୀଗରମାନେ କହୁଛନ୍ତି, ଦେହରେ ବଳ ଥିବା ପର୍ଯ୍ୟନ୍ତ ଏ କାମ କରିବୁ । କିନ୍ତୁ ଆମ ପିଲାମାନଙ୍କୁ ଆଉ ଏ କାମ ଶିଖାଇବୁ ନାହିଁ । ଆଉ କୋଳେଇ ରଖି ପାରିବୁନି ଆମ କୌଳିକ ବୃତ୍ତିକୁ । ଆମ ପିଲାମାନେ ବି ଏ କାମ ପ୍ରତି ମନ ବଳାଉ ନାହାନ୍ତି । ମୁମୂର୍ଷୁ ଏ ବୃତ୍ତିକୁ ସାହା କିଏ ହେବ, ଏହା ହିଁ କାରିଗରଙ୍କ ଚିନ୍ତା ।



ନଧନଧା

# ଶ୍ୟାମଳୀ ଶାଳନ୍ଦୀ





# ଓଡ଼ିଶାର ଯମୁନା: ଶାଳନ୍ଦୀ


**ରଂଜନ ପ୍ରଧାନ**

ବରିଷ୍ଠ ସାମ୍ବାଦିକ, 'ସମ୍ବାଦ', ଭୁବନେଶ୍ୱର
ଫୋନ : ୯୪୩୭୨୧୩୮୫୪


ଫଟୋ ସୌଜନ୍ୟ : ଲେଖକ

## ଶାଳନ୍ଦୀରେ ସଞ୍ଜ

୨୦୧୭ ମସିହା ନଭେମ୍ବର ୫ ତାରିଖର ଏକ ଶୀତୋଷ୍ଣ ସନ୍ଧ୍ୟାରେ ଠାକୁରମୁଣ୍ଡାର ଭେଜିଡିହା ନିକଟ ଶାଳନ୍ଦୀ ନଈର ଶୀତଳ ସ୍ପର୍ଶ, ଆଦିବାସୀ ରମଣୀ ପ୍ରଭାତୀ ଓ ମହାଦେଈଙ୍କ ଅନ୍ତରଙ୍ଗ ବନ୍ଧୁତ୍ୱ ଆଉ ଶିମିଳିପାଳରେ କଟିଥିବା ସେହିସବୁ ମଧୁର ଅନୁଭୂତି ମନରୁ ଲିଭିନି ଏଯାଏଁ । ଘଞ୍ଚ ଶାଳ ଜଙ୍ଗଲକୁ ଚିରି ପିନ୍‌ପିନ୍ କରଞ୍ଜିଆ-ଠାକୁରମୁଣ୍ଡା ରାସ୍ତା ଦେଇ ଆମେ ଠାକୁରମୁଣ୍ଡାରେ ପହଂଚିଲା ବେଳକୁ ଅପରାହ୍ନ ୪ଟା ବାଜି ସାରିଥାଏ । ସୁନା ରଙ୍ଗର ଖରା ବିଛେଇ ହୋଇ ପଡ଼ିଥାଏ ଶିମିଳିପାଳ ଆଖପାଖ ବିସ୍ତୀର୍ଣ୍ଣ ଧାନବିଲରେ । ଏହାପରେ ଆମର ଯାତ୍ରା ଠାକୁରମୁଣ୍ଡାରୁ କପ୍ତିପଦା ଥିଲା । ବାଟରେ ପଡ଼େ ଶରତ ଘାଟି; ଯାହାର ଅନ୍ୟ ନାମ **ସିଜୁଆଣି ଘାଟି** । ସିଜୁଆଣି ଘାଟି ଚଢ଼ିବା ପୂର୍ବରୁ ପତଳା ନଈଟିଏ ଅଙ୍କାବଙ୍କା ପଥ ଦେଇ ବହି ଯାଉଥିବାର ଦୃଶ୍ୟ ହୃଦୟକୁ ଚହଲେଇ ଦେଲା । ସଞ୍ଜ ବୁଡ଼ିଯାଉ ପଛେ, ଘଡ଼ିଏ ସେଇ ନଈ କୂଳରେ ନ ବସିଲେ ନଚଳେ । କାହିଁକି କେଜାଣି, ଶାଳନ୍ଦୀ ପ୍ରତି ଏ ଆତୁରତା ! ଏତିକି ବେଳକୁ ଦୁଇ ଜଣ ମଧ୍ୟ ବୟସ୍କ 'ହୋ' ରମଣୀଙ୍କ ସହ ଦେଖାହୁଏ । ଦୁଇ ଆଦିବାସୀ ରମଣୀ ପ୍ରଭାତୀ ହୋ ଓ ମହାଦେଈ ହୋ ଶିମିଳିପାଳ ଜଙ୍ଗଲରୁ ଶାଳପତ୍ର ଓ ଅନ୍ୟାନ୍ୟ ଜଙ୍ଗଲଜାତ ସାମଗ୍ରୀ ଧରି ଫେରୁଥା'ନ୍ତି ନିଜ ଘରକୁ । ଶାଳନ୍ଦୀରେ ସଂଜ ନଉଁଥାଏ । ପକ୍ଷୀମାନେ ଫେରୁଥାନ୍ତି ନୀଡ଼କୁ । ନିରବତା ଭାଙ୍ଗି ମୁଁ ପ୍ରଥମେ ଦୁହିଁଙ୍କୁ ଅଟକାଇ ପ୍ରଶ୍ନଟିଏ ପଚାରିଲି; "ନିନି, ୟେ କୋଉ ନଈ କି ?"

କେଜାଣି କାହିଁକି ପ୍ରଭାତୀ ଓ ମହାଦେଈ ମୋ' ଭଳି ଜଣେ ଅଜଣା ଯୁବକ ପ୍ରତି ପୁଣି ମୁହଁ ସଂଜରେ ଆଉ ଡରିବାକୁ ପ୍ରସ୍ତୁତ ନଥିଲେ । ସେମାନେ ମୁଣ୍ଡରୁ ଶାଳପତ୍ର ବୋଝକୁ ତଳେ ଲଦିଦେଇ ସେଠି ଅଟକିଲେ । ମୁଁ ଶାଳନ୍ଦୀ ନଈର ଏକ ପଥର କଲ୍‌ଭର୍ଟ ଉପରେ ବସିଥାଏ । ସେମାନେ ବି ମୋ' ସହ କଲ୍‌ଭର୍ଟ ଉପରେ ବସିଲେ । ସେତେବେଳକୁ ପ୍ରାୟ ଆମ ଭିତରେ ଆଉ ଦୂରତା ନଥିଲା । ଆମେ ତିନିହେଁ ସାଥୀ ହୋଇ ସାରିଥିଲୁ । ସେମାନେ ମୋ'ର ସବୁ ପ୍ରଶ୍ନର ଗୋଟିଏ ପରେ ଗୋଟିଏ ଉତ୍ତର ଦେଉଥା'ନ୍ତି ।

ସେମାନଙ୍କ ଠାରୁ ଜାଣିଲି, ମୁଁ ଶିମିଳିପାଳ ଘଞ୍ଚ ଜଙ୍ଗଲ ମଧ୍ୟରେ ଯେଉଁଠି ଅଟକିଥିଲି, ସେଇ ଯାଗାର ନାଁ **'ଭେଜିଡିହା'** । ଭେଜିଡ଼ିହାର ସବୁଜିମା ଓ ଶାଳଗଛମାନଙ୍କର ଦୀର୍ଘ ଶୃଙ୍ଖଳରେ ମୁଁ ବନ୍ଦୀ ହୋଇ ସାରିଥିଲି । ଶାଳନ୍ଦୀ ଶିମିଳିପାଳର ମେଘାସନୀ ପର୍ବତରୁ ବାହାରି ଭେଜିଡିହା ଜଙ୍ଗଲ ଦେଇ କେନ୍ଦୁଝର ଜିଲ୍ଲା ଓ ପରେ ଭଦ୍ରକ ଜିଲ୍ଲା ମଧ୍ୟକୁ ପ୍ରବେଶ କରିଛି । କି ଖରା, କି ବର୍ଷା; ଶାଳନ୍ଦୀ ନଈର ପାଣି ସର୍ବଦା ଚମ୍ପା ରଙ୍ଗର ବୋଲି ପ୍ରଭାତୀ ଆଉ ମହାଦେଈ କହିଲାବେଳକୁ ମୋ' ଭିତରେ ଏକ ମୃଦୁ ଶିହରଣ ସୃଷ୍ଟି ହେଉଥିଲା । ସତରେ ତ, ଶାଳନ୍ଦୀ ନଈର ପାଣି ଚମ୍ପାଫୁଲ ରଙ୍ଗର ! ଆଁ, ତା' ହେଲେ ଏଇ ସେଇ ତନୁପାତଳୀ ଶାଳନ୍ଦୀ, ଯିଏ କି ଚାନ୍ଦବାଲିର ତିନିତର ଘାଟ ନିକଟରେ ଏତେ ବିଶାଳ ରୂପ ଧାରଣ କରିଛି ! ଭେଜିଡିହାରୁ ପୂର୍ବମୁଖୀ ହୋଇ ଶାଳନ୍ଦୀ କେନ୍ଦୁଝର ଜିଲ୍ଲାକୁ ପ୍ରବେଶ କରିଛି । ମେଘାସନ ପର୍ବତରୁ ଶାଳନ୍ଦୀ ଉତ୍ପତ୍ତି ଲାଭ କରି ଠାକୁରମୁଣ୍ଡା ବ୍ଲକ ଦେଇ ପ୍ରବାହିତ ହୋଇଛି । ଏହାପରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ହାଟଡିହି ବ୍ଲକ, ଭଦ୍ରକ ଜିଲ୍ଲାର ବନ୍ତ ଓ ଭଦ୍ରକ ଜିଲ୍ଲା ସଦର ମହକୁମା ଦେଇ ପ୍ରବାହିତ ହେବା ପରେ ଚାନ୍ଦବାଲି ନିକଟରେ ତିନିଥର ଘାଟରେ ବୈତରଣୀ ନଦୀ ସହ ମିଳିତ ହୋଇଛି । ଗୋଟିଏ ୧୪୪ କିଲୋମିଟର ଲମ୍ବା ନଈକୁ ଚିହ୍ନିବାକୁ ଆଉ କ'ଣ ବା ବାକି ଥିଲା ?

## ଭଦ୍ରକର ଲାଇଫ୍ ଲାଇନ୍ : ଶାଳନ୍ଦୀ

ଏକଦା ଶାଳନ୍ଦୀ ନଦୀ ଭଦ୍ରକ ଜିଲ୍ଲାର 'ଲାଇଫ୍ ଲାଇନ୍' ଭାବେ ବିବେଚିତ ହେଉଥିଲା । ଶାଳନ୍ଦୀର ଜଳରେ ସମଗ୍ର ଭଦ୍ରକ ଜିଲ୍ଲାର ଚାଷୀର କ୍ଷେତ ହସି ଉଠୁଥିଲା । ଭଦ୍ରକ ସହର ଦେଇ ଶାଳନ୍ଦୀ ବହିଯାଇଥବାରୁ ଶାଳନ୍ଦୀର ଜଳ ପିଇ ଭଦ୍ରକବାସୀ ତୃଷା ମେଣ୍ଟାଉଥିଲେ । ଆଜିର ଦିନରେ ବି ଶାଳନ୍ଦୀର ଜଳ ଭଦ୍ରକବାସୀଙ୍କ ପାନୀୟ ଜଳ ଅଭାବ ମେଣ୍ଟାଇ ଆସୁଛି । ମାତ୍ର କଳକାରଖାନା ପ୍ରତିଷ୍ଠା, ଭଦ୍ରକ ସହରର ବର୍ଜ୍ୟବସ୍ତୁ ଓ କ୍ରୋମାଇଟ୍ ଖଣି ଯୋଗୁଁ ଶାଳନ୍ଦୀ ପ୍ରଦୂଷିତ । ଏହା ଫଳରେ ଭଦ୍ରକ ଜିଲ୍ଲାର 'ଲାଇଫ୍ ଲାଇନ୍' ପ୍ରତି ନାନା



ପ୍ରକାର ବିପଦ ମାଡ଼ି ଆସିଛି । ଶାଳନ୍ଦୀର ଜଳ ଆଉ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ ବୋଲି ଏକ ଗବେଷଣାରୁ ଜଣାପଡ଼ିବା ପରେ ଏହା ଭଦ୍ରକବାସୀଙ୍କ ଚିନ୍ତା ବଢ଼େଇ ଦେଇଛି ।

ବୈତରଣୀ ଓ ଶାଳନ୍ଦୀକୁ ଓଡ଼ିଶାର ଗଙ୍ଗା ଓ ଯମୁନା ସହ ତୁଳନା କରାଯାଇଥାଏ । ପ୍ରକୃତରେ କ'ଣ ଶାଳନ୍ଦୀ, ଯମୁନାର ଅବସ୍ଥା ଭୋଗୁଛି ? ଏହା ହିଁ ଦୁର୍ଭାଗ୍ୟଜନକ ।

## ତିନିତର ଘାଟ: ବୈତରଣୀ ଓ ଶାଳନ୍ଦୀର ମହାମିଳନ

ଓଡ଼ିଶାର ଗଙ୍ଗା ଭାବେ ପରିଚିତ ବୈତରଣୀ ନଦୀର ସବୁଠୁ ବଡ଼ ଉପନଦୀ ହେଉଛି ଶାଳନ୍ଦୀ । ହିମାଳୟର 'ଗଙ୍ଗୋତ୍ରୀ' ଓ 'ଯମୁନୋତ୍ରୀ' ଗ୍ଲାସିୟର୍‌ରୁ ଗଙ୍ଗା ଓ ଯମୁନା ନଦୀ ଉତ୍ପତ୍ତି ଲାଭ କରି ସମାନ୍ତରାଳ ଭାବେ ଅନେକ ପଥ ବହିବା ପରେ ଶେଷରେ ଆହ୍ଲାବାଦ (ପ୍ରୟାଗରାଜ)ଠାରେ ମିଳିତ ହେବା ଭଳି ଶିମିଳିପାଳ ଜୈବମଣ୍ଡଳରୁ ଉଭୟ ବୈତରଣୀ ଓ ଶାଳନ୍ଦୀ ଉତ୍ପତ୍ତି ଲାଭ କରି ସମାନ୍ତରାଳ ଭାବେ ଦୀର୍ଘପଥ ପ୍ରବାହିତ ହୋଇ ଭଦ୍ରକ ଜିଲ୍ଲାର ଚାନ୍ଦବାଲିର କିଛିଦୂର ପୂର୍ବରୁ ଏବଂ ଆରଡ଼ି ଆଖଣ୍ଡଳମଣି ପୀଠ ନିକଟସ୍ଥ 'ତିନିତର ଘାଟ'ରେ ମିଳିତ ହୋଇଛନ୍ତି । ପ୍ରୟାଗରାଜ (ଆହ୍ଲାବାଦ)କୁ ଯେପରି 'ତ୍ରିବେଣୀ ସଂଗମ' କୁହାଯାଉଛି ଅନୁରୂପ 'ତିନିତର ଘାଟ' ମଧ୍ୟ ଓଡ଼ିଶାର 'ତ୍ରିବେଣୀ ସଙ୍ଗମ' ଭାବେ ପରିଚିତ । ଆହ୍ଲାବାଦ ନିକଟରେ ଗଙ୍ଗା, ଯମୁନା ଓ ସରସ୍ୱତୀ ମିଳିତ ହୋଇଛନ୍ତି । ଏଠାରେ ସରସ୍ୱତୀ ଏକ ମୃତ ନଦୀ ପ୍ରାୟ । ଅନୁରୂପ ତିନିତର ଘାଟ ନିକଟରେ ବୈତରଣୀ, ଶାଳନ୍ଦୀ ଓ ପଙ୍କି ନଦୀର ମିଳନ ଘଟିଛି । ପଙ୍କି ନଦୀଟି ଯାଜପୁର ଜିଲ୍ଲାର କୟାଁଗୋଲା ନିକଟରେ ଏକ ବିଶାଳ ତ୍ରିକୋଣଭୂମି ଅଞ୍ଚଳ ସୃଷ୍ଟି କରିଛି ।

ଶାଳନ୍ଦୀ ନଦୀ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ଅନ୍ତର୍ଗତ ମେଘାସନୀ ପର୍ବତର ଦକ୍ଷିଣ ଦିଗରୁ ବାହାରି ଠାକୁରମୁଣ୍ଡା ଦେଇ ପ୍ରବାହିତ ହେବା ପରେ ଚମ୍ପାପାଳ ଗ୍ରାମ ନିକଟରେ କେନ୍ଦୁଝର ଜିଲ୍ଲାକୁ ପ୍ରବେଶ କରିଛି । ଏହାପରେ ଶାଳନ୍ଦୀ ନଦୀଟି ଆନନ୍ଦପୁର ଉପଖଣ୍ଡର ହଦଗଡ଼, ପଢ଼ିୟାରୀପଲ୍ଲୀ ଓ ସୋସୋ ଅଂଚଳରେ ଦକ୍ଷିଣ-ପୂର୍ବ ଦିଗକୁ ପ୍ରାୟ ୧୯ କିଲୋମିଟର ପ୍ରବାହିତ ହେଲା ପରେ ଭଦ୍ରକ ଜିଲ୍ଲାକୁ ପ୍ରବେଶ କରି ଆଗରପଡ଼ା, ରାନ୍ଦିଆ (ଫେକର), ବଉଦପୁର, ରାଜଘାଟ, ସାତଭଉଣୀ, ଧୁଷୁରି ଆଦି ସ୍ଥାନ ଦେଇ ପ୍ରବାହିତ ହେବା ପରେ ଚାନ୍ଦବାଲି ବ୍ଲକ୍‌ର ତିନିତର ଘାଟରେ ବୈତରଣୀ ସହ ମିଳିତ ହୋଇଛି । ବୈତରଣୀ ଓ ଶାଳନ୍ଦୀର ମିଳନସ୍ଥଳ ଏହି ତିନିତର ଘାଟଟି ଭଦ୍ରକ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲା ମଧ୍ୟରେ ସଂଯୋଗ ସ୍ଥାପନ କରିଥିବାରୁ ଏହାକୁ 'ତିନିତର ଘାଟ' କୁହାଯାଉଛି ।



▲ ଭଦ୍ରକ ସହର ମଧ ଦେଇ ପ୍ରବାହିତ ଶାଳନ୍ଦୀ କୂଳରେ ଅବସ୍ଥିତ ଭଦ୍ରକାଳୀ ମନ୍ଦିର

ଶାଳନ୍ଦୀ ନଦୀରେ କେନ୍ଦୁଝର ଜିଲ୍ଲାର ହଦଗଡ଼ ଠାରେ ଏକ ବୃହତ୍ ଜଳଭଣ୍ଡାର ନିର୍ମାଣ କରାଯାଇ ଉଭୟ ଭଦ୍ରକ ଓ ଆନନ୍ଦପୁର ଅଞ୍ଚଳର ଚାଷୀମାନଙ୍କ ଜମିକୁ ଜଳସେଚିତ କରାଯାଇଛି । ଶାଳନ୍ଦୀ ନଦୀକୁ ଭଦ୍ରକ ଜିଲ୍ଲାର 'ଲାଇଫ୍ ଲାଇନ୍' ବୋଲି କୁହାଯାଏ ।

## ହଦଗଡ଼ ଡ୍ୟାମ୍ ଓ ବିଦ୍ୟାଧରପୁର ବ୍ୟାରେଜ୍

ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ହାଟଡିହି ବ୍ଲକ୍‌ର ହଦଗଡ଼ ଠାରେ ଶାଳନ୍ଦୀ ନଦୀ ଉପରେ ଏକ ବୃହତ୍ ଡ୍ୟାମ୍ ନିର୍ମିତ ହୋଇଛି । କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ


ଠାକୁରମୁଣ୍ଡା ନିକଟରେ ପ୍ରବାହିତ ଶାଳନ୍ଦୀ : ଦୁଇ ଆଦିବାସୀ ରମଣୀଙ୍କ ସହ ଆଳାପରତ ଲେଖକ ▼

ପର୍ଯ୍ୟଟନସ୍ଥଳ ଗଡ଼ଚଣ୍ଡୀ ଠାରୁ କିଛି ଦୂରରେ ଏହି ହଦଗଡ଼ ଡ୍ୟାମ୍ ଅବସ୍ଥିତ । ୧୯୬୮ ମସିହାରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ଦ୍ୱାରା ଶାଳନ୍ଦୀ ନଦୀର ଜଳକୁ ହଦଗଡ଼ ଠାରେ ଅଟକାଇ ଏହି ଡ୍ୟାମ୍‌ର ପରିକଳ୍ପନା କରା ଯାଇଥିଲା । ଶାଳନ୍ଦୀ ନଦୀର ଜଳକୁ ସଂରକ୍ଷିତ କରାଯାଇ ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ଚାଷଜମିକୁ ଜଳସେଚିତ କରାଯାଉଛି । ବଣପାହାଡ଼ ଘେରା ହଦଗଡ଼ ହସ୍ତୀ ଅଭୟାରଣ୍ୟ ମଧ୍ୟରେ ଥିବା ଏହି ଜଳଭଣ୍ଡାରଟିର ଶୋଭା ଅତ୍ୟନ୍ତ ମନୋରମ । ସେହିଭଳି ହଦଗଡ଼ ଜଳଭଣ୍ଡାରର ଦଶ କିଲୋମିଟର ଆଗକୁ ଶାଳନ୍ଦୀ ନଦୀରେ ବିଦ୍ୟାଧରପୁର ବ୍ୟାରେଜ୍ ନିର୍ମାଣ କରାଯାଇଛି ।

## ଶାଳନ୍ଦୀ ଓ କାଉପୁର ପ୍ରତ୍ନତାତ୍ତ୍ୱିକ କ୍ଷେତ୍ର

ପ୍ରାଚୀନ ପ୍ରତ୍ନତାତ୍ତ୍ୱିକ କାଉପୁର ଗ୍ରାମଟି ଭଦ୍ରକ ସହର ଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଶାଳନ୍ଦୀ ନଦୀ କୂଳରେ ଅବସ୍ଥିତ । କାଉପୁରରେ ଅନେକ ପ୍ରାଚୀନ ମନ୍ଦିର ଦେଖିବାକୁ ମିଳିଥାଏ । ସେଗୁଡ଼ିକ ମଧ୍ୟରେ ପ୍ରମୁଖ ମନ୍ଦିର ଗୁଡ଼ିକ ହେଲେ :

୧. ବିରଞ୍ଚି ନାରାୟଣ ମନ୍ଦିର, ୨. କଦମ୍ବେଶ୍ୱର ଶିବ ମନ୍ଦିର, ୩. ଚଣ୍ଡୀ ଠାକୁରାଣୀ ମନ୍ଦିର, ୪. ଗଡ଼ଚଣ୍ଡୀ ମନ୍ଦିର, ୫. ଅନିଜ ମହାଦେବ ମନ୍ଦିର, ୬. ଜଗନ୍ନାଥ ମନ୍ଦିର, ୭. ଜାଗୁଳେଶ୍ୱର ମନ୍ଦିର, ୮. ଭଗ୍ନ ଇଷ୍ଟକ ମନ୍ଦିର

ଏସବୁ ମନ୍ଦିରମାନଙ୍କରେ ବହୁ ପ୍ରାଚୀନ ଓ ପ୍ରତ୍ନତାତ୍ତ୍ୱିକ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ କଳା ଦେଖିବାକୁ ମିଳିଥାଏ । ସେଗୁଡ଼ିକ ମଧ୍ୟରେ

୧. ବୌଦ୍ଧ ଦେବୀ ତାରା (ବରଦା ମୁଦ୍ରା), ୨. ଉମା-ମହେଶ୍ୱର (୩ଟି), ୩. ସୂର୍ଯ୍ୟ ମୂର୍ତ୍ତି (୨ଟି), ୪. ଗଣେଶ, ୫. ଗରୁଡ଼, ୬. ନରସିଂହ ବିଷ୍ଣୁ, ୭. ଅଷ୍ଟଭୁଜା ମହିଷାମର୍ଦ୍ଦିନୀ ଦୁର୍ଗା ମୂର୍ତ୍ତି, ୮. ନାରାୟଣ ବିଷ୍ଣୁ ମୂର୍ତ୍ତି, ୯. ଦଣ୍ଡାୟମାନ ଶିବ ମୂର୍ତ୍ତି, ୧୦. ପାର୍ବତୀ ମୂର୍ତ୍ତି (୨ଟି), ୧୧. ସପ୍ତଫେଣୀ ନାଗ, ୧୨. ଏକ ଅଜଣା ମୂର୍ତ୍ତି, ୧୩. ଜୈନ ମୂର୍ତ୍ତି, ୧୪. ଗଣେଶ ମର୍ତ୍ତି, ୧୫. ଧ୍ୟାନୀ ବୁଦ୍ଧ ।

ଏସବୁ ମୂର୍ତ୍ତି ସପ୍ତମ-ଅଷ୍ଟମ ଶତାବ୍ଦୀର ବୋଲି ଗବେଷଣାରୁ ଜଣାପଡ଼ିଛି । ଶାଳନ୍ଦୀ ନଦୀ କୂଳରେ ଅବସ୍ଥିତ କାଉପୁର ଗ୍ରାମର ଇଟା ନିର୍ମିତ ଏକ ପ୍ରାଚୀନ ଗୃହର କାନ୍ଥରେ ଏହିସବୁ ପ୍ରାଚୀନ ମୂର୍ତ୍ତି ଦେଖିବାକୁ ମିଳିଥାଏ । ଏଠାରେ ସୂର୍ଯ୍ୟଙ୍କ ଦୁଇଟି ମୂର୍ତ୍ତି ଗଠନ ଦୃଷ୍ଟିରୁ ସମାନ । ସୂର୍ଯ୍ୟଙ୍କ ମୂର୍ତ୍ତି ସାମ୍ନାରେ ଗରୁଡ଼ଙ୍କ ଏକ ଆକର୍ଷଣୀୟ ମୂର୍ତ୍ତି ରହିଛି । ଏହି ଗରୁଡ଼ ମୂର୍ତ୍ତିଟିର ବିଶେଷତ୍ୱ ହେଉଛି ଏକ ପଦ୍ମଫୁଲ ଉପରେ ଯୋଗାସନ ମୁଦ୍ରାରେ ଉପବେଶନ କରିଛନ୍ତି । କାଉପୁର ଗ୍ରାମର ଏକ ପାର୍ଶ୍ୱରେ ବିଶାଳ ବରଗଛ ମୂଳେ ଦୁଇଟି ପ୍ରାଚୀନ ନରସିଂହ ବିଷ୍ଣୁଙ୍କ ମୂର୍ତ୍ତି ରହିଛି । କାଉପୁର ଗ୍ରାମର ଅନ୍ୟ ଏକ ଗଛମୂଳେ ବୌଦ୍ଧଦେବୀ ତାରାଙ୍କର ମୂର୍ତ୍ତି ଉପାସିତ ହେଉଛନ୍ତି । ମୂର୍ତ୍ତିଟି ପଦ୍ମଫୁଲ ଉପରେ ଦଣ୍ଡାୟମାନ ଅବସ୍ଥାରେ ଶୋଭିତ । ତାରାଙ୍କ ମୂର୍ତ୍ତି ବ୍ୟତୀତ ଏଠାରେ ଆଉ ପାଞ୍ଚଟି ଧ୍ୟାନୀ ବୁଦ୍ଧଙ୍କ ମୂର୍ତ୍ତି ଦେଖିବାକୁ ମିଳିଥାଏ । କାଉପୁର ଗ୍ରାମ ଉପକଣ୍ଠରେ ଶାଳନ୍ଦୀ ନଦୀ ମଧ୍ୟରେ ଏକ ପବିତ୍ର କୁଣ୍ଡ ରହିଛି । ଏହାର ନାମ 'ଦେବର କୁଣ୍ଡ' । ସେହିଭଳି ଶାଳନ୍ଦୀ ନଦୀ କୂଳରେ 'ଭୀମଗଡ଼' ନାମରେ ଏକ ପ୍ରାଚୀନ ଗଡ଼ ରହିଛି ।

## ଦପାନାୟିକା ଦେବୀ ପୀଠ

ଭଦ୍ରକ ଜିଲ୍ଲାର ଧାମନଗର ଓ ତିହିଡ଼ି ବ୍ଲକର ସୀମାରେ ଶାଳନ୍ଦୀ ଓ ଗେଙ୍ଗୁଟିର ସଙ୍ଗମ ସ୍ଥଳରେ ଦପାନାୟିକା ଦେବୀ ପୀଠ ଅବସ୍ଥିତ । ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଠାକୁରାଣୀ ତଥା ବୟାଙ୍ଗ (ଧୋୟା) ଅଞ୍ଚଳର ପ୍ରତ୍ୟେକ୍ଷ ଦେବୀ ମା' ଦପାନାୟିକା ତିହିଡ଼ି ବ୍ଲକର ଆରାଧ୍ୟ ଦେବୀ ଭାବେ ପରିଚିତ । ଏଠାରେ ବସବାସ କରୁଥିବା ମତ୍ସ୍ୟଜୀବୀ ସମ୍ପ୍ରଦାୟର ଲୋକେ ଠାକୁରାଣୀଙ୍କୁ ପୂଜା କରିଥାନ୍ତି । ଏହି ପୀଠର ନିକଟବର୍ତ୍ତୀ ଗାଁ ଈଶ୍ୱରପୁର ଦେଇ ବହିଯାଇଛି ବୈତରଣୀର ଶାଖା ନଦୀ ଗେଙ୍ଗୁଟି । କାମ୍ପଡା ଠାରୁ ଶାଳନ୍ଦୀ ନଦୀର ଏକ ଶାଖା ହୀରାଘାଇ ନାମରେ ବହିଆସି ଠିକ ମନ୍ଦିର ନିକଟରେ ଗେଙ୍ଗୁଟି ସହ ମିଳିତ ହୋଇଛି । ଲୋକେ ଗଭୀର ପାଟବିଲରେ ନୌକା ସାହାଯ୍ୟରେ ଏହି ପୀଠକୁ ଆସିଥାନ୍ତି । ଏଠାରେ ପ୍ରତିବର୍ଷ ମକର ସଂକ୍ରାନ୍ତି ଅବସରରେ ସପ୍ତାହେ ବ୍ୟାପୀ ମକରମେଳା ଅନୁଷ୍ଠିତ ହୋଇଥାଏ ।

## ଶାଳନ୍ଦୀ କୂଳରେ ଭଦ୍ରକ ସହର ଓ ମା' ଭଦ୍ରକାଳୀ ପୀଠ

ଯମୁନା କୂଳରେ ଦିଲ୍ଲୀ ସହର ଗଢ଼ି ଉଠିଥିବା ଭଳି ଶାଳନ୍ଦୀ ନଦୀ କୂଳେ କୂଳେ ସମଗ୍ର ଭଦ୍ରକ ସହର ଦଣ୍ଡାୟମାନ । ଶାଳନ୍ଦୀର ଶୀତଳ ପବନ ଭଦ୍ରକବାସୀଙ୍କ ମନରେ ଭରିଦିଏ ପୁଲକ । ମାତ୍ର, ଆଜିର ଦିନରେ ଶାଳନ୍ଦୀ ଏକ ମୃତ ଡ୍ରେନ୍ ପାଲଟିଛି । ଭଦ୍ରକ ସହର ଠାରୁ ଆଠ କିଲୋମିଟର ଦୂର ଆହାରପଦା ନିକଟସ୍ଥ ଶାଳନ୍ଦୀ ନଦୀ କୂଳରେ ମା' ଭଦ୍ରକାଳୀଙ୍କ ମନ୍ଦିର ଅବସ୍ଥିତ । ମା' ଭଦ୍ରକାଳୀଙ୍କ ନାମାନୁସାରେ 'ଭଦ୍ରକ' ସହରର ନାମକରଣ ହୋଇଛି ବୋଲି କୁହାଯାଏ । ଭଦ୍ରକାଳୀଙ୍କୁ ନେଇ ଏକ କିମ୍ବଦନ୍ତୀ ରହିଛି । ଭଦ୍ରକାଳୀ ପ୍ରଥମେ ମୟୂରଭଞ୍ଜର ମେଘାସନୀ ପାହାଡ଼ ଗୁମ୍ଫାରେ ପୂଜା ପାଉଥିଲେ । ତପସ ନାମରେ ଜଣେ ଋଷି ଠାକୁରାଣୀଙ୍କୁ ମେଘାସନୀ ଗୁମ୍ଫାରେ ଆରାଧନା କରୁଥିଲେ । ଋଷିଙ୍କ ମୃତ୍ୟୁ ପରେ ତାଙ୍କ ଶିଷ୍ୟ ଭଦ୍ରନାଥ ଠାକୁରାଣୀଙ୍କୁ ଆଣି ଭୂୟାଁମହଲ (ଭଦ୍ରକ ସହର)ରେ ପୂଜା କଲେ । ମାତ୍ର, ପରବର୍ତ୍ତୀ କାଳରେ କଳାପାହାଡ଼ର ଆକ୍ରମଣ ଭୟରେ ଠାକୁରାଣୀଙ୍କୁ ଭଦ୍ରକ ସହର ଠାରୁ ୮ କିଲୋମିଟର ଦୂର ଆହାରପଦା ନିକଟସ୍ଥ ଶାଳନ୍ଦୀ କୂଳକୁ ସ୍ଥାନାନ୍ତର କରାଯାଇଥିଲା । ମା' ଭଦ୍ରକାଳୀ ଓଡ଼ିଶାର ଏକ ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ ଏବଂ ମା' ତନ୍ତ୍ର ପରମ୍ପରା ଅନୁସାରେ ଉପାସିତ । ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ରାଜା ମୁକୁନ୍ଦଦେବଙ୍କ ସମୟରୁ ଏଠାରେ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରା ମଧ୍ୟ ଉପାସିତ ହୋଇ ଆସୁଛନ୍ତି ।

## ଚିନ୍ତା ବଢ଼ାଇଛି ଶାଳନ୍ଦୀ ପ୍ରଦୂଷଣ !

ଭଦ୍ରକ ସହରର ଯାବତୀୟ ନର୍ଦ୍ଦମା, ଭଦ୍ରକ ସହରର ଉପକଣ୍ଠରେ ଗଢ଼ି ଉଠିଥିବା କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଏବଂ ବଉଳା, ନୂଆସାହି ଖଣି ଅଂଚଳର ଦୂଷିତ ବର୍ଜ୍ୟ ସିଧାସଳଖ ଶାଳନ୍ଦୀକୁ ଛଡ଼ା ଯାଉଥିବାରୁ ଶାଳନ୍ଦୀ ବ୍ୟାପକ ମାତ୍ରାରେ ପ୍ରଦୂଷିତ । ଶାଳନ୍ଦୀ ନଦୀ କୂଳରେ ଶିଳ୍ପକାରଖାନା ପ୍ରତିଷ୍ଠିତ । ନିକଟରେ ଶାଳନ୍ଦୀ ନଦୀର ବିଭିନ୍ନ ସ୍ଥାନରୁ ଜଳ ନମୂନା ସଂଗ୍ରହ କରାଯାଇ ପରୀକ୍ଷା କରା ଯାଇଥିଲା । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାସୁଦେବପୁର ମହାବିଦ୍ୟାଳୟ ଏବଂ ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜିର ପ୍ରାଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ନେଇ ଗତ ୨୦୧୫ ମସିହାରେ ଶାଳନ୍ଦୀ ନଦୀର ଜଳର ଗୁଣବତ୍ତା ଉପରେ ଗବେଷଣା କରାଯାଇଥିଲା । ଶାଳନ୍ଦୀର ଜଳ ଆଦୌ ବ୍ୟବହାର ଉପଯୋଗୀ ନୁହେଁ ବୋଲି ଏହି ଗବେଷଣାରୁ ସ୍ପଷ୍ଟ ହୋଇଛି । ଶାଳନ୍ଦୀର 'ୱାଟର କ୍ୱାଲିଟି ଇଣ୍ଡେକ୍ସ' (ଡବ୍ଲୁକ୍ୟୁଆଇ) ବେଶ୍ ଚିନ୍ତାଜନକ । ଶାଳନ୍ଦୀ ନଦୀର ହଦଗଡ଼, ସାତଭଉଣୀ, ଧୂଷୁରି, ଆଖଣ୍ଡଳମଣି, ବିଦ୍ୟାଧରପୁର, ତିନିତର ଘାଟ,





ଆଗରପଡ଼ା, ରାନ୍ଧିଆ , ବଉଦପୁର, ରାଜଘାଟ ଆଦି ୧୨ଟି ସ୍ଥାନରୁ ଏବଂ ବର୍ଷର ବିଭିନ୍ନ ସମୟରେ (ବର୍ଷା, ଗ୍ରୀଷ୍ମ ଓ ଶୀତ ଋତୁରେ) ଜଳ ନମୂନା ସଂରକ୍ଷଣ କରାଯାଇ ଏହାର ଫିଜିଓକେମିକାଲ ଓ ବ୍ୟାକ୍‌ଟ୍ରିଓଲୋଜିକାଲ୍ ଷ୍ଟଡ଼ି କରା ଯାଇଥିଲା । ମାତ୍ର ଶାଳନ୍ଦୀ ଜଳ ପାନୀୟ ଅନୁପଯୁକ୍ତ ଏବଂ ଏସବୁ 'ସି' ଶ୍ରେଣୀର ନଦୀ ଜଳ ବୋଲି ଏହି ଗବେଷଣାରୁ ଜଣାପଡ଼ିଛି । ଶାଳନ୍ଦୀ ନଦୀର ଜଳରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ଆଦୌ ନାହିଁ । ତେଣୁ ଶାଳନ୍ଦୀର ବାୟୋ କେମିକାଲ୍ ଅକ୍ସିଜେନ ଡିମାଣ୍ଡ (ବିଓଡ଼ି) ସର୍ବାଧିକ ରହିଥାଏ । ଫଳତଃ ଶାଳନ୍ଦୀ ଜଳରେ କୌଣସି ଜଳଚର ଜୀବ, ମାଛ ବଂଚିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ିଛି ବୋଲି ଗବେଷଣାରୁ ସ୍ପଷ୍ଟ ହୋଇଛି । ସୂଚନାଯୋଗ୍ୟ, ଦିଲ୍ଲୀରେ ଯମୁନା ନଦୀର ଜଳ 'ସି' ଶ୍ରେଣୀର ଓ ବ୍ୟବହାର ଅନୁପଯୋଗୀ ।

▲ଶାଳନ୍ଦୀ ନଦୀ ଶଯ୍ୟାରେ ହଦଗଡ଼ ଡ୍ୟାମ୍

## ଶାଳନ୍ଦୀରେ ବନ୍ୟା ଆସିଲେ


ପ୍ରତିବର୍ଷ ବର୍ଷା ଋତୁରେ ଶାଳନ୍ଦୀ ନଦୀରେ ବନ୍ୟା ଆସି ଭଦ୍ରକ, କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲାର ଲୋକମାନଙ୍କୁ ଥରହର କରେ । ଶାଳନ୍ଦୀ ନଦୀର ଅବବାହିକା ଅଞ୍ଚଳ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ମୋଟ ୨,୦୦୦ ବର୍ଗ କିଲୋମିଟର ଅଂଚଳ ବ୍ୟାପ୍ତ । ଶାଳନ୍ଦୀ ନଦୀର ଜଳ ଉପରେ ଉପରୋକ୍ତ ଜିଲ୍ଲାର ଚାଷୀମାନେ ନିର୍ଭରଶୀଳ । ପ୍ରତିବର୍ଷ ବନ୍ୟାରେ ଭଦ୍ରକ ଜିଲ୍ଲାର ଭଦ୍ରକ ସଦର ବ୍ଲକ ସମେତ ବନ୍ତ, ବାସୁଦେବପୁର, ଚାନ୍ଦବାଲି, ବାଲେଶ୍ୱର ଜିଲ୍ଲାର ଖଇରା, ସୋରୋ, ଶିମୁଳିଆ ବ୍ଲକ ସର୍ବାଧିକ ପ୍ରଭାବିତ ହୋଇଥାଏ । ଅପରପକ୍ଷେ, ବୈତରଣୀ ନଦୀର ବନ୍ୟା ପରୋକ୍ଷରେ ଶାଳନ୍ଦୀ ନଦୀ ଅବବାହିକା ଅଂଚଳକୁ ସର୍ବାଧିକ ପ୍ରଭାବିତ କରିଥାଏ ।

ଓଡ଼ିଶାରେ ଶାଳନ୍ଦୀ ନଦୀ ବର୍ତ୍ତମାନ ସର୍ବାଧିକ ବିପଦଗ୍ରସ୍ତ । ପ୍ରଦୂଷଣ ଶାଳନ୍ଦୀ ପାଇଁ ସବୁଠୁ ବଡ଼ ଆତଙ୍କ ଭାବେ ଉଭା ହୋଇଛି । ଏଭଳି ସମୟରେ ଶାଳନ୍ଦୀର ହୃତ୍‌ଗୌରବ ଫେରାଇ ଆଣିବାକୁ କ'ଣ କରିବାକୁ ହେବ ତାହା ଏବେ ଚିନ୍ତାର ବିଷୟ । ଆସନ୍ତୁ ଆମେ, ଶାଳନ୍ଦୀକୁ ପ୍ରଦୂଷଣମୁକ୍ତ କରିବା ଏବଂ ଏକ ଶୁଷ୍କ ଡ୍ରେନ୍‌ରୁ ତାକୁ ପୁନର୍ବାର ନଦୀର ରୂପ ଦେବା ।

▼ଶାଳନ୍ଦୀ ନଦୀର ତିନିତର ଘାଟ (ମିଳନୀସ୍ଥଳ)



# ବକ୍ର ମନ୍ଦିରର ବିସ୍ମୟ





# ହୁମାର ବକ୍ର ମନ୍ଦିର


**କନ୍ଦର୍ପ ବେହେରା**

କବୀ କୁଟୀର, ଡଇଞ୍ଚା, ରେଢ଼ାଖୋଲ,
ସମ୍ବଲପୁର-୭୬୮୧୦୬
ଫୋନ : ୭୬୫୫୦୨୧୨୮୯


ଫଟୋ ସୌଜନ୍ୟ : ଲେଖକ



କନ୍ଦର୍ପ ବେହେରା

ଓଡିଶାରେ ଅନେକ ଗୁଡିଏ ପର୍ଯ୍ୟଟନ ସ୍ଥଳୀ ରହିଛି । ଓଡିଶାର ସଂସ୍କୃତି, କଳା,ପରମ୍ପରା, ଐତିହ୍ୟ ଓ ଅଲୌକିକତାକୁ ସାଙ୍ଗରେ ଧରି ମୁଣ୍ଡ ଟେକି ଛିଡା ହୋଇଛି ଏଇସବୁ ପର୍ଯ୍ୟଟନ ସ୍ଥଳୀ । । ଏସବୁ ମଧ୍ୟରୁ ହୁମାର ବକ୍ର ମନ୍ଦିର ଭାବେ 'ବିମଳେଶ୍ୱର ମନ୍ଦିର' ଅନ୍ୟତମ ।

ସମ୍ବଲପୁର ସହରରୁ ଦକ୍ଷିଣକୁ ମାତ୍ର ୩୦ କି.ମି. ଗଲେ ହୁମା ଗ୍ରାମ । ସେଇ ଗ୍ରାମ ହିଁ ବିମଳେଶ୍ୱର ମନ୍ଦିର ପାଇଁ ଖ୍ୟାତ । ଏଠାରେ ପୂଜା ପାଆନ୍ତି ବିମଳେଶ୍ୱର ବାବା । ଏକ ପ୍ରସିଦ୍ଧ ପ୍ରାଚୀନ ଶୈବପୀଠ ଭାବେ ଏହା ପରିଚିତ । ଏଠାକାର ବକ୍ର ମନ୍ଦିର ଦେଖି ପର୍ଯ୍ୟଟକ ଆଶ୍ଚର୍ଯ୍ୟ ହୁଅନ୍ତି । ମନ୍ଦିରଟି କେମିତି ଓ କାହିଁକି ବକ୍ର ଏ ନେଇ ନାନା ପ୍ରଶ୍ନ ଥାଏ ପର୍ଯ୍ୟଟକଙ୍କ ମନରେ । ସେମାନେ ନିରିଖେଇ ଦେଖନ୍ତି କିଛି ସମୟ । ମନ୍ଦିରଟି ପର୍ଯ୍ୟଟକଙ୍କୁ ମୋହିତ କରି ପକାଏ କିଛି କ୍ଷଣ । ପର୍ଯ୍ୟଟକମାନେ ମନ୍ଦିରଟିକୁ ଦେଖିଲା ମାତ୍ରକେ ସେଠାରୁ ଘରକୁ ଯିବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । କିଛି କ୍ଷଣ ହଜିଯାଆନ୍ତି ଭକ୍ତି ସାଗରରେ ।

## ମନ୍ଦିରର ଇତିହାସ

ସମ୍ବଲପୁରର ପଂଚମ ରାଜା ବଳୀୟାର ସିଂହଦେବଙ୍କ ରାଜତ୍ୱ କାଳରେ ୧୬୬୦ ଖ୍ରୀଷ୍ଟାବ୍ଦରୁ ୧୬୯୦ ମଧ୍ୟରେ ହିଁ ଏହି ମନ୍ଦରି ନିର୍ମାଣ ହୋଇଥିବା ଅନୁମାନ କରାଯାଏ । ଅନ୍ୟ ଏକ ତଥ୍ୟରୁ ଯାହା ଜଣା ପଡେ ସମ୍ବଲପୁରର ରାଜା ବଳରାମ ଦେବ ୧୫୪୫ ରୁ ୧୫୬୦ ମଧ୍ୟରେ ଏହି ମନ୍ଦିରର ନିର୍ମାଣ ବ୍ରିଟିସ୍ ସମୟରେ ହୋଇଥିବା ବନ୍ଦୋବସ୍ତ ବିଭାଗ ସୂଚନାରୁ ଜଣାଯାଏ । ମନ୍ଦିରର ଗର୍ଭଗୃହଟି ବର୍ଗାକାର ଆକୃତିର । ଠିକ୍ ସେଇ ସ୍ଥାନରେ ବିମଳେଶ୍ୱରଙ୍କ ଲିଙ୍ଗ ରହିଛି । ଗର୍ଭଗୃହକୁ ପଶିବା ପୂର୍ବରୁ ଗଜଲକ୍ଷ୍ମୀଙ୍କର (ପ୍ରସ୍ତରରେ ଖୋଦିତ) ମୂର୍ତ୍ତି ଦେଖିବାକୁ ମିଳିଥାଏ । ମନ୍ଦିରର ଗାତ୍ରରେ ଓ ପାର୍ଶ୍ୱରେ ଗଣେଶ, ପାର୍ବତୀ, କାର୍ତିକେୟ, ଗଜଲକ୍ଷ୍ମୀ ଆଦି ମୂର୍ତ୍ତି ଦେଖିବାକୁ ମିଳେ । ଏହା ବ୍ୟତୀତ ଶିବଙ୍କ ବାହନ ବୃଷଭ ଓ ଭୂଷଣ ସର୍ପମୂର୍ତ୍ତି ମନ୍ଦିର ପରିସରରେ ଦେଖିବାକୁ ମିଳେ । ମନ୍ଦିରର ଚତୁଃପାର୍ଶ୍ୱକୁ ଘେରି ରହିଚି ସୁଉଚ୍ଚ ପ୍ରାଚୀର । ମନ୍ଦିର ଭିତରକୁ ପ୍ରବେଶ ପାଇଁ ରହିଛି ତିନୋଟି ଦ୍ୱାର । ମନ୍ଦିରର ଉଚ୍ଚତା ଦୁଇଶହ ଫୁଟ୍ । ୧୨୦ ପ୍ରସ୍ଥ ବିଶିଷ୍ଟ ଏକ ଆୟତକ୍ଷେତ୍ର ମଧ୍ୟରେ ମନ୍ଦିରଟି ନିର୍ମିତ । ବିମଳେଶ୍ୱର ମନ୍ଦିରଟି ୬୫ ଡିଗ୍ରୀ କୋଣରେ ଢଳି ରହିଛି । ମନ୍ଦିର ପରିସରରେ ଥିବା କପିଳେଶ୍ୱର ମନ୍ଦିର, ଭୈରବୀ ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର, ହନୁମାନ ବିଗ୍ରହ, ଗରୁଡ ସ୍ତମ୍ଭ ଆଦି ମଧ୍ୟ ସାମାନ୍ୟ ଢଳିକି ରହିଥିବା ଦେଖିବାକୁ ମିଳେ ।





ଗାଈଆଳ ପିଲାଜଣଙ୍କ କାଳିଗାଈ ଏମିତି ଆସିବାର ଜାଣି ତା ପଛେପଛେ ଦିନେ ଆସିଲା । ସେ ଦେଖିଲା ଯେ, ଗାଈଟି ଏକ ଲିଙ୍ଗ ପାଖରେ ଠିଆ ହୋଇ ତା ପହ୍ନାରୁ କ୍ଷୀର ଦେଉଛି । ଗାଈଆଳ ପିଲା ଜଣଙ୍କ ଏମିତି ଶିବଙ୍କର ଦର୍ଶନ ପାଇ ଆଶ୍ଚର୍ଯ୍ୟ ହୋଇପଡିଥିଲା । ଚାରିଆଡେ ମଧ୍ୟ ଏହି ଘଟଣାଟି ପ୍ରଚାରିତ ହେବା ମାତ୍ରେ ଚାରିଆଡୁ ଲୋକମାନେ ଦେଖିବାକୁ ଆସିଲେ । ଏହି ଖବର ମଧ୍ୟ ସମ୍ବଲପୁରର ସେତେବେଳର ରାଜା ବଳିୟାର ସିଂହଦେବ ଜାଣିଲେ । ସେ ସେଠାରେ ମନ୍ଦିରଟିଏ ନିର୍ମାଣ କଲେ । ଏହି ମନ୍ଦିରଟି ସପ୍ତଦଶ ଶତାବ୍ଦୀର ଷଷ୍ଠ ଦଶକରେ ନିର୍ମିତ ହୋଇଛି ।

## ମନ୍ଦିର ବକ୍ର ହେବାର ରହସ୍ୟ

ଏହି ମନ୍ଦିରଟି କେମିତି ବକ୍ର ହେଲା ସଭିଙ୍କ ମନରେ ପ୍ରଶ୍ନବାଚୀ । କିମ୍ବଦନ୍ତୀରୁ ଯାହା ଜଣାପଡେ, ସେଇ ସମୟରେ ମନ୍ଦିରର କାର୍ଯ୍ୟ ପ୍ରାୟ ସମାପ୍ତ ହୋଇ ସାରିଥାଏ । କିନ୍ତୁ ମୁଣ୍ଡି ମାରିବାକୁ କେହି ହେଲେ ସାହସ କରୁନଥିଲେ । ରାଜାଙ୍କ ମନରେ ମଧ୍ୟ ଭାଳେଣି ପଡିଲା । ହେଲେ କରିବେ କଣ । ମନ୍ଦିର ତିଆରି ଦାୟିତ୍ୱରେ ଥିଲେ ଦିବାକର ହୋତା ନାମକ ଜଣେ ବ୍ୟକ୍ତି । ହଠାତ୍ ଦିନେ ରାତିରେ ଦିବାକର ଶୋଇଥିବା ସମୟରେ ସ୍ୱପ୍ନ ଦେଖିଲେ ଯେ, ମନ୍ଦିରଟି ବକ୍ର ହୋଇଯାଇଛି ।

ସତକୁ ସତ ମନ୍ଦିରଟି ବକ୍ର ହୋଇ ଯାଇଥିବାର ଦେଖିବାକୁ ପାଇଲେ । ଏହା ଚାରିଆଡେ ପ୍ରଚାରିତ ହୋଇଗଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ପଡିଲେ । ମୁଣ୍ଡି ମଧ୍ୟ ମରାଗଲା । କିନ୍ତୁ ମନ୍ଦିରଟି ବକ୍ର ଅବସ୍ଥାରେ ରହିଲା । ଏହି ମନ୍ଦିରଟି

## କିମ୍ବଦନ୍ତୀ କହେ

ଏହି ମନ୍ଦିର ସଂପର୍କରେ ମଧ୍ୟ ଏକ କିମ୍ବଦନ୍ତୀ ରହିଛି । କିମ୍ବଦନ୍ତୀରୁ ଯାହା ଜଣାପଡେ ମହାନଦୀ ପାର ହୋଇ ନିକଟସ୍ଥ ପପଙ୍ଗା ଗ୍ରାମରୁ ଏକ କାଳିଗାଈ ପ୍ରତେକ ଦିନ ଏହି ମନ୍ଦିରରେ ଥିବା ଲିଙ୍ଗ ପାଖକୁ ଆସୁଥିଲା ଏବଂ ଆପେ ଆପେ ତା ପହ୍ନାରୁ କ୍ଷୀର ଝରୁଥିଲା । ଯେଉଁ କ୍ଷୀର ତା ପହ୍ନାରୁ ପଡୁଥିଲା ବହି ନ ଯାଇ ତାହା ସେଇ ଲିଙ୍ଗରେ ହିଁ ଶୋଷି ହୋଇ ଯାଉଥିଲା । ଏମିତି ସେଇ କାଳିଗାଈଟି ପ୍ରତିଦିନ ନଦୀ ପାର୍ ହୋଇ ସେଇ ଲିଙ୍ଗ ପାଖକୁ ଆସି ନିଜ ପହ୍ନାରୁ କ୍ଷୀର ଝରାଉଥିଲା ।

## ବକ୍ର ମନ୍ଦିର : ମତ ଓ ମନ୍ତବ୍ୟ



ଏହି ଶୈବପୀଠରେ ବାବା ବିମଳେଶ୍ୱର ହେଉଛନ୍ତି ଆରାଧ୍ୟ ଦେବତା । ମାତା ଭୈରବୀଙ୍କ ସହ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ମଧ୍ୟ ପୂଜା କରାଯାଏ । ମନ୍ଦିର ଘାଟରେ ରହିଥିବା କୁଡୋ ମାଛକୁ ମନ୍ଦିର ପରମ୍ପରା ଅନୁସାରେ ପୂଜା କରାଯାଏ । ପର୍ଯ୍ୟଟନ ବିଭାଗ ଏହି ମନ୍ଦିର ପ୍ରତି ଦୃଷ୍ଟି ଦେଲେ ମନ୍ଦିରକୁ ଆସୁଥିବା ପର୍ଯ୍ୟଟକମାନେ ସୁବିଧା ପାଇ ପାରନ୍ତେ ।

**ଦିଲ୍ଲୀପ ପୂଝାରୀ**
ମନ୍ଦିର ପୂଜକ, ହୁମା, ସମ୍ବଲପୁର



ହୁମା ମନ୍ଦିର ଭାରତର ଏକ ଅନନ୍ୟ ଶୈବ ପୀଠ । ଏହି ମନ୍ଦିରଟି ଇତିହାସର ଏକ ଶ୍ରେଷ୍ଠ ନିଦର୍ଶନ । ଏହାର ପ୍ରାକୃତିକ ଦୃଶ୍ୟ ଲୋଭନୀୟ । ଏଠାରେ ଥିବା କୁଡୋମାଛ ଅନ୍ୟ ଏକ ଆକର୍ଷଣ । ମୁଁ ଯେବେ ବି ହୁମା ଯାଇଛି କୁଡୋମାଛଙ୍କୁ ଲଡ୍ଡୁ ଖୁଆଇବାର ସୁଯୋଗ ହାତଛଡା କରି ନାହିଁ । ତେବେ ଏହି ପର୍ଯ୍ୟଟନ ସ୍ଥଳୀର ବିକାଶ ଜରୁରୀ ।

**ସନ୍ତୋଷିନୀ ସେଠ**
ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, କଟକ



ଏହି ମନ୍ଦିରଟି ତାର ବକ୍ରତା ଦୃଷ୍ଟିରୁ କେବଳ ଭାରତ ନୁହେଁ ବିଶ୍ୱପ୍ରସିଦ୍ଧ । ମନ୍ଦିର ଘାଟସ୍ଥିତ ଈଷତ୍ ରଙ୍ଗର କୁଡୋମାଛ ଯାତ୍ରୀମାନଙ୍କର ପ୍ରମୁଖ ଆକର୍ଷଣ ହୋଇଥିବା ବେଳେ ଅଂଚଳବାସୀ ଏହାକୁ ବିଷ୍ଣୁଙ୍କର ଆଦ୍ୟାବତାର ସ୍ୱରୂପ ପୂଜା ମଧ୍ୟ କରନ୍ତି । ଏ ଦୃଷ୍ଟିରୁ ଏହି ପୀଠଟି ଶୈବ ଓ ବୈଷ୍ଣବ ସମନ୍ୱୟ ପୀଠ ଅଟେ । କିନ୍ତୁ ଏଠାରେ ରହିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା ନାହିଁ ।

**ରାଜ ନାରାୟଣ ହୋତା**
ଗ୍ରାମବାସୀ, ହୁମା, ସମ୍ବଲପୁର



ପ୍ରାୟ ୬୫ଡିଗ୍ରୀ କୋଣରେ ଢଳି ରହିଥିବା ଜଣାଯାଏ । ବର୍ତ୍ତମାନ ଏହି ମନ୍ଦିରଟି ବିଶ୍ୱ ପ୍ରସିଦ୍ଧ ବକ୍ର ମନ୍ଦିର ଭାବରେ ସର୍ବତ୍ର ବିଦିତ । ସବୁଠି ଏହି ମନ୍ଦିର ସଂପର୍କରେ ମଧ୍ୟ ଚର୍ଚ୍ଚା ହୋଇଛି । ଏହାକୁ ମଧ୍ୟ ଐତିହାସିକମାନେ ଇଟାଲିର ପିସା ନଗରୀସ୍ଥ ବକ୍ର ଲିନିଂ ଟାଓାର୍ ସ୍ତମ୍ଭ ସହିତ ତୁଳନା କରିଛନ୍ତି ।

ଏହି ମନ୍ଦିର କିପରି ଏବଂ କଣ ପାଇଁ ବକ୍ର ହେଲା ସେ ସଂପର୍କରେ ସଠିକ୍ ତଥ୍ୟ କେହି ବି ଆଜି ପର୍ଯ୍ୟନ୍ତ ଦେଇପାରି ନାହାନ୍ତି । ଇଂରେଜ୍ ଅମଳରେ ମଧ୍ୟ ଇଂରେଜମାନେ ମନ୍ଦିର ନିର୍ମାଣ ସଂପର୍କରେ କିଛି ବି ଜାଣି ପାରିନଥିଲେ । ବକ୍ର ହେବାର ରହସ୍ୟ ବାବଦରେ ମଧ୍ୟ କେହି କହିପାରି ନାହାନ୍ତି । ଏଠାରେ ମାଛ ଦେଖିବାକୁ ମିଳେ । ଏହି ମାଛମାନଙ୍କୁ କୁଡୋ ମାଛ କୁହାଯାଏ । ଏହି ମାଛ ମଚ୍ଛିନ୍ଦ୍ର ଘାଟରେ ଦେଖିବାକୁ ମିଳେ । ଏମିତି ଅସଂଖ୍ୟ ବିଭିନ୍ନ ପ୍ରକାର ମାଛ ଜଳ ଧାରରେ ସ୍ୱଚ୍ଛନ୍ଦରେ ବିଚରଣ କରନ୍ତି । ଏହି ମାଛ ମାନଙ୍କୁ ଦର୍ଶକମାନେ ମାରନ୍ତି ନାହିଁ କି ଧରନ୍ତି ନାହିଁ । ପର୍ଯ୍ୟଟକ ମାନଙ୍କ ମନକୁ ଏହି ମାଛମାନେ ମୋହି ନିଅନ୍ତି । ବରଂ ଖୁସିରେ ବିସ୍କୁଟ ଅଟା ଆଦି ଖାଦ୍ୟ ଦେଇଥାନ୍ତି । ହୁମାର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ଅତ୍ୟନ୍ତ ମନୋରମ । ପ୍ରତିବର୍ଷ ଏହି ମନ୍ଦିରରେ ଶିବରାତ୍ରୀ ପର୍ବ ମହାସମାରୋହରେ ପାଳିତ ହୋଇଥାଏ । ଶିବରାତ୍ରି ଦେଖିବା ପାଇଁ ଏହି ହୁମାର ବିମଳେଶ୍ୱର ମନ୍ଦିରକୁ ହଜାର ହଜାର ଦର୍ଶକ ସାରା ଓଡିଶାରୁ ଆସିଥାନ୍ତି । ରାତିସାରା ଉଜାଗର ରହି ନିଜର ମନସ୍କାମନା ପୂର୍ଣ୍ଣ କରି ନିଜ ନିଜ ଘରକୁ ଫେରିଯାଆନ୍ତି ।

## ବହି ବିଚାର



- ପୁସ୍ତକର ନାମ: **ଉଦୟରାଗ**
- ସମ୍ପାଦକଙ୍କ ନାମ : **ସରୋଜ ବଳ**
- ପ୍ରକାଶକ ନାମ : **ଟାଇମ୍ ପାସ୍,** ଗ୍ରୀନ୍‌ଭିଲ୍ଲା, ଭୁବନେଶ୍ୱର
- ମୂଲ୍ୟ : **୧୧୫/-,** ପୃଷ୍ଠା : **୧୨୦**

'ଉଦୟରାଗ' ସଂକଳନଟି ହେଉଛି ବଛା ବାଛ କିଛି ପ୍ରତିଭାବାନ ତରୁଣ ଲେଖକ ଲେଖିକାଙ୍କ ଗଳ୍ପ ଓ କବିତାର ସମାହାର । ଏହାର ସମ୍ପାଦନା ନିର୍ବାହ କରିଥିବା ସରୋଜ ବଳଙ୍କ କହିବା ଅନୁସାରେ ସାହିତ୍ୟର ଅନ୍ୱେଷଣରୁ ମିଳିଥିବା ମୁକ୍ତାମାନଙ୍କୁ କିଛି କିଛି ପରଷି ଦେବାର ପ୍ରୟାସ କରିଛି 'ଟାଇମ୍ ପାସ୍' ଭଳି ସମ୍ଭ୍ରାନ୍ତ ପ୍ରକାଶନ ସଂସ୍ଥା । ଉଦୟରାଗର ଏ ପ୍ରଥମ ପର୍ବରେ ସ୍ଥାନିତ ଲେଖକଲେଖିକାମାନଙ୍କୁ ଏକ ବିଚାର ପଦ୍ଧତି ମାଧ୍ୟମରେ ଚୟନ କରାଯାଇଛି । ସମୁଦାୟ କବିତା ୨୧ ଏବଂ ଗଳ୍ପ ୯ଟି ଚୟନିତ ହୋଇଛି । ମୋକ୍ଷ ପ୍ରାପ୍ତିର ପ୍ରତ୍ୟାଶା ପ୍ରତ୍ୟେକଟି ପ୍ରାଣୀ ଭିତରେ ଥାଏ । ଏ ପୁସ୍ତକର ଶେଷତମ ଲେଖାଟିର ଶୀର୍ଷକ 'ମୋକ୍ଷ' । ଏହାର ସ୍ରଷ୍ଟା ହେଲେ ସ୍ମୃତିପ୍ରଭା ସାହୁ । ହୀରାକୁଦ ନଦୀବନ୍ଧ ଯୋଜନାରେ ଭୂମିହରା ହୋଇଥିବା ଅମୀୟ ବାବୁ କେମିତି ନଦୀର ପାଣିରେ ଭାସିଯାଇ ମୋକ୍ଷ ପାଇଛନ୍ତି, ସେକଥାକୁ ଗାଳ୍ପିକା ସ୍ମୃତିପ୍ରଭା ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି । ଠିକ୍ ସେମିତି 'ଉଦୟରାଗ' ପୁସ୍ତକଟି ପାଠକଙ୍କ ଦ୍ୱାରା ଆଦର ଲାଭ କରିପାରିଲେ ଏକ ନିଆରା ସ୍ୱପ୍ନରସଫଳତା ପ୍ରାପ୍ତି ଘଟିବ ବୋଲି ଆଶା କରିହେବ । ଏ ପୁସ୍ତକଟିରେ ଅନ୍ନପୂର୍ଣ୍ଣା ଦାସ, ଆଦ୍ୟାଶା ପ୍ରିୟଦର୍ଶନୀ, ଆଲୋକରଂଜନ ଷଡ଼ଙ୍ଗୀ, ଆଶିଷ କୁମାର ମିଶ୍ର, ଦିପୁନ୍ ପ୍ରାଣ, ଦିଲ୍ଲୀପ କୁମାର ସରାପ, ପରମବୀର ଚକ୍ର, ବଳବନ୍ତ ସାହୁ, ମନୋଜ କୁମାର ବେହେରା, ମାଧବାନନ୍ଦ ପାତ୍ର, ଲିଜାଲିନ ବିଶ୍ୱାଳ, ଶୁଭକାନ୍ତ ଦାଶ, ଶୁଭଲକ୍ଷ୍ମୀ ଦାସ (ବିଶ୍ୱାଳ), ଶୁଭଶ୍ରୀ ତନିମା ନାୟକ, ଶୁଭ୍ରାଂଶୁ ବିଶ୍ୱାଳ, ସୁବ୍ରତ କୁମାର ସେନାପତି, ସୁମିତ ପଣ୍ଡା, ସୌମ୍ୟରଂଜନକ୍ଷେତୀ, ସୌରଭ କୁମାର ପଣ୍ଡା, ସ୍ମୃତି ରଂଜନ ସେଠୀଙ୍କ କବିତା ଓ କବିତା ସମ୍ପର୍କିତ ନିଜସ୍ୱ ମତ ପ୍ରକାଶ ପାଇଥିବା ବେଳେ ଗପ ବିଭାଗରେ ଅଛନ୍ତି ଅଁଶ୍ଳ କୁମାର ପଣ୍ଡା, ଆଶୁତୋଷ ଆଚାର୍ଯ୍ୟ, ପ୍ରଜ୍ଞା ପାରମିତା ରଥ, ବିଭାବତୀ ଦାଶ, ବିଶ୍ୱନାଥ ସାହୁ, ଯୋଗେଶ୍ୱର ପଣ୍ଡା, ରଂଜନ କୁମାର ପାତ୍ର, ସୌରଭ ରଂଜନ ମହାପାତ୍ର ଓ ସ୍ମୃତିପ୍ରଭା ସାହୁ । ମୁଖ୍ୟକଥା ହେଲା, ପ୍ରତ୍ୟେକଙ୍କ ଲେଖାରେ ଏକ ନିଜସ୍ୱ ଭାବଭୂମି ରହିଛି । ଯଦିଓ ଧାରା ଓ ଶୈଳୀରେ କେହି କେହି ନିଜକୁ ସଂପୂର୍ଣ୍ଣ ଫୁଟେଇ ପାରିନାହାନ୍ତି, କିନ୍ତୁ ଭାବ ଓ ଅଭିବ୍ୟକ୍ତିରେ ବେଶ୍ ପ୍ରାଞ୍ଜଳ ସମସ୍ତେ । ସମସ୍ତଙ୍କୁ ଅଭିନନ୍ଦନ

# ଦୀନବନ୍ଧୁଙ୍କ ଚିତ୍ରଶିଳ୍ପ

ବେଶ୍ ବୈଚିତ୍ର୍ୟମୟ ଜୀବନର ବର୍ଣ୍ଣବିଭା । ଆଜନ୍ମ ମୃତ୍ୟୁ ଏ ପ୍ରଲମ୍ବିତ ଜୀବନ ବିବିଧରୂପା । ଶୈଶବ, କୈଶୋର, ଯୌବନ ଏବଂ ବାର୍ଦ୍ଧକ୍ୟ ଆଦି ଚାରୋଟି ପର୍ଯ୍ୟାୟ ଦେଇ ଗତିଶୀଳ ମନୁଷ୍ୟ ଜୀବନ କେତେ ସୁଖ-ଦୁଃଖ, ହସ-କାନ୍ଦ, ଉତ୍‌ଥାନ-ପତନ, ଜୟ-ପରାଜୟ, ପ୍ରେମ-ପ୍ରତାରଣା, ଆନନ୍ଦ-ବିଷାଦର ଖେଳାଭୂଇଁ । କଳା ତଥା ସୃଜନପ୍ରାଣ ବ୍ୟକ୍ତିସତ୍ତାଟିଏ ପରୋକ୍ଷ ଅବା ପ୍ରତ୍ୟକ୍ଷରେ ସେଇ ବିଭବଗୁଡ଼ିକୁ ଭୋଗିଥାଏ । ସମ୍ବେଦନଶୀଳ ଦରଦୀ ତଥା ମରମୀ ହୃଦୟରେ ତଜ୍ଜନିତ କ୍ରିୟା ପ୍ରତିକ୍ରିୟାକୁ ଭାବ ପ୍ରବଣତାରେ ପଖାଳି ସୃଜିଥାଏ ତା' ସୃଷ୍ଟି ସମ୍ଭାର । ସେ କାଗଜ ହେଉକି ଚିତ୍ର, କବିତା ହେଉ କି କାନ୍‌ଭାସ୍ ଗଳ୍ପ ହେଉ କି ନାଟକ କଳାର ବିଭିନ୍ନ ଦିଗରେ ନିଜର ରୁଚି ଜାହିର କରୁଥିବା ଏହି ଚିତ୍ରଶିଳ୍ପୀ ଦୀନବନ୍ଧୁ ସାହୁ ବୃତ୍ତିରେ ଜଣେ ଡାକ୍ତର, ପ୍ରବୃତ୍ତିରେ ଉତ୍ସର୍ଗୀକୃତ କବି । ଆନୁଷ୍ଠାନିକ ଭାବେ କୌଣସି ଚାରୁ ଓ କାରୁ ମହାବିଦ୍ୟାଳୟରୁ ଚିତ୍ରକଳା ଶିକ୍ଷା ଗ୍ରହଣ କରି ନଥିଲେ ହେଁ ପିଲାଟି ଦିନରୁ ନିଜସ୍ୱ ଆଗ୍ରହ ଓ ପ୍ରଚେଷ୍ଟାରେ ସେ ରାଜ୍ୟ ତଥା ଜାତୀୟ ସ୍ତରରେ ନିଜର ସ୍ଥିତି ଏବଂ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି ।

ଶିଳ୍ପୀଙ୍କ ମତରେ ଚିତ୍ରକଳା ହୃଦୟର ଆବେଗଭରା ଅନ୍ତରତମ ସଂଭ୍ରମ ଭାଷା, ଯାହା ରୂପରଙ୍ଗରେ ଜୀବନ୍ୟାସ ପାଇଥାଏ । ଶିଳ୍ପୀଟିଏ ନିଜ ନିଜର ଭାବାନୁଭବକୁ ରଙ୍ଗତୂଳୀ ମାଧ୍ୟମରେ ପ୍ରକାଶ କରିବା ଯେତେ ଆହ୍ଲାଦକ, ସେତେ ଆହ୍ୱାନମୟ । ମଣିଷ ଜୀବନର ବାସ୍ତବ ଅନୁଭବ ତଥା ସାଂପ୍ରତିକ ସମାଜର ଘଟଣାବଳୀ ଓ ବିବିଧ ଅସମାହିତ ସମସ୍ୟାଗୁଡ଼ିକ ଦୀନବନ୍ଧୁଙ୍କ ମୁଖ୍ୟ ବିଷୟବସ୍ତୁ । ଶିଳ୍ପୀଙ୍କ ଅଙ୍କିତ ସମସ୍ତ ଚିତ୍ର ଓ ଚରିତ୍ର ହସ କାନ୍ଦ, ପ୍ରେମ ପ୍ରଣୟ ବିରହ ବିଷାଦ, ଆନନ୍ଦ ଉଲ୍ଲାସ ଆଦି ବହୁବିଧ ରସରଙ୍ଗରେ ସ୍ନିଗ୍ଧସ୍ନାତା ।

୧୯୭୯ରେ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଗ୍ରାମରେ ଦୀନବନ୍ଧୁଙ୍କ ଜନ୍ମ । ବାପା ବାଲୁକେଶ୍ୱର ସାହୁ ଓ ମାଆ ସୁଲୋଚନା । ପିଲାଦିନରୁ ଏକ କଳାରୁଚି ସମ୍ପନ୍ନ ଶିକ୍ଷକ ପରିବାର ତଥା କଳାତ୍ମକ ଗ୍ରାମ୍ୟ ପରିବେଶରେ ଚଳି ଆସିଥିବା ଏହି ଚିତ୍ରଶିଳ୍ପୀଙ୍କ ମାଆ ଓ ବାପା ହେଉଛନ୍ତି ପ୍ରଥମ ପ୍ରେରଣା । ପରେପରେ ଡାକ୍ତରୀ ଶିକ୍ଷା ଗ୍ରହଣ ସମୟରେ ସ୍ୱର୍ଗତ ଚିତ୍ରଶିଳ୍ପୀ ଡକ୍ଟର ଦିନନାଥ ପାଠୀ, ବ୍ୟୋମକେଶ ମହାନ୍ତି, ଅସିତ୍ ମୁଖାର୍ଜୀ, ଡି.ଏନ୍.ରାଓ, ଶିବ ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ଦାସ, ବଳଦେବ ମହାରଥୀଙ୍କ ସାନ୍ନିଧ୍ୟ ମିଳେ ଓ ଚିତ୍ରକଳାରେ ମନୋନିବେଶ ।

ନଭେମ୍ବର ୨୦୧୮ରେ ରାଷ୍ଟ୍ରୀୟ ଲଳିତ କଳା ଏକାଡ଼େମୀ, ଭୁବନେଶ୍ୱର ଠାରେ ଶିଳ୍ପୀଙ୍କର ଏକ ଏକକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେବା ସହ ତାଙ୍କର ଅନେକ ଚିତ୍ରକୃତି କଲିକତା, ଧାନବାଦ, ହାଇଦ୍ରାବାଦ୍, ମନାଲି ଆଦି ସହରର ବିଭିନ୍ନ ପ୍ରସିଦ୍ଧ ଗ୍ୟାଲେରୀରେ ପ୍ରଦର୍ଶିତ । କେବଳ ରାଜ୍ୟସ୍ତରୀୟ ଲଳିତକଳା ଏକାଡ଼େମୀ କାହିଁକି, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରଦର୍ଶନୀ ଓ କର୍ମଶାଳାରେ ଅଂଶ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହୋଇଥିବା ଶିଳ୍ପୀ ଦୀନବନ୍ଧୁ ନିଜସ୍ୱ ପ୍ରଚେଷ୍ଟାରେ ଓଡ଼ିଶାର ବିଭିନ୍ନ ସହରରେ ଅଦ୍ୟାବଧି ପ୍ରାୟ ୧୩ଟି ଏକକ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ।

ଉଭୟ ପେସା ଓ ନିଶାରେ ସମନ୍ୱୟ ରକ୍ଷା ତଥା ଚିତ୍ରକଳାରେ ମନୋନିବେଶର ସମସ୍ତ ଶ୍ରେୟ ସେ ଦିଅନ୍ତି ପତ୍ନୀ ଚକ୍ଷୁ ବିଶେଷଜ୍ଞ ଡାକ୍ତର ନିବେଦିତା ଓ ପୁତ୍ର ଅମ୍ଳାନଙ୍କୁ । ବାସ୍ତବ ଜୀବନ ତଥା ଡାକ୍ତରୀ ଭଳି ଏକ ବ୍ୟସ୍ତ ବହୁଳ ପେସାରେ ଥାଇ ସୃଜନମନସ୍କ ରହିବା ଅତ୍ୟନ୍ତ କଷ୍ଟସାଧ୍ୟ ଏବଂ ଏହା କେବଳ ପାରିବାରିକ ସହଯୋଗ ତଥା ବିଭୁକୃପାରୁ ହିଁ ସମ୍ଭବ ବୋଲି କୁହନ୍ତି ଚିତ୍ରଶିଳ୍ପୀ ଦୀନବନ୍ଧୁ । ବର୍ତ୍ତମାନ ସେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଭବାନୀପାଟଣାରେ ଭେଷଜ ବିଶେଷଜ୍ଞ ରୂପେ କାର୍ଯ୍ୟରତ । କେବଳ ଚିତ୍ରକଳା ନୁହେଁ, ସେ କବିତା, ନାଟକ, ସଙ୍ଗୀତ, ବେହେଲା ବାଦନ ଏବଂ ବିବଧ ସ୍ୱରାନୁକରଣ (ମିମିକ୍ରି)ରେ ମଧ୍ୟ ଗଭୀର ରୁଚି ରଖନ୍ତି । ମଧୁଗନ୍ଧା, ଖଦ୍ୟୋତିକା ଅନାଭରଣ ଏବଂ ନୀଳନଈ ଶୀର୍ଷକ ୪ଚାରୋଟି କବିତା ପୁସ୍ତକର ସ୍ରଷ୍ଟା ସେ ।



ଶିଳ୍ପୀଙ୍କ ମତରେ 'ସାହିତ୍ୟ', 'ଚିତ୍ରକଳା', 'ନୃତ୍ୟ', 'ସଂଗୀତ' ଆଦି କଳାର ବିଭିନ୍ନ ମାଧ୍ୟମ ଓ ରୂପ । ଜଣେ ହୃଦୟର ସହିତ ଅତ୍ୟନ୍ତ ଆଗ୍ରହ ପୂର୍ବକ ଏକନିଷ୍ଠ ସାଧନା ଜାରି ରଖିଲେ ସଫଳତା ସୁନିଶ୍ଚିତ । ସମାଜ ସ୍ୱାର୍ଥପର ନୁହେଁ, ସମାଜ ଓ ପୃଥିବୀରେ ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ସୃଜନଶୀଳତାକୁ ଶ୍ରଦ୍ଧା ଓ ସମ୍ମାନର ସହ ଗ୍ରହଣ କରିଥାନ୍ତି । କଳା ହିଁ ମଣିଷ ଓ ସାମଗ୍ରିକ ସମାଜକୁ ପରିବର୍ତ୍ତନ କରିପାରିବ ।

## ଦୀନବନ୍ଧୁଙ୍କ କଳାକୃତି









# ବାରିପଦାର ବହିବଗିଚା

**ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପାଠାଗାରର ନାମ ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ । କିନ୍ତୁ ଏହା ଜୁବ୍‌ଲି ଲାଇବ୍ରେରୀ ଭାବେ ପରିଚିତ । ୧୨୦ ବର୍ଷର ପୁରୁଣା ଏହି ଲାଇବ୍ରେରୀ କୋଠାଟି ଓଡ଼ିଶାର ଐତିହ୍ୟ କହିଲେ ଚଳେ । ବାରିପଦା ସହରର କେନ୍ଦ୍ରସ୍ଥଳରେ ମୁଣ୍ଡ ଟେକି ଛିଡ଼ା ହୋଇଥିବା ଏହି ବହିର ବଗିଚାରେ ରହିଛି ମାଲମାଲ ଉପାଦେୟ ପୁସ୍ତକ-ପୁଷ୍ପ । ସଭିଙ୍କ ପାଇଁ ଖୋଲା ଏହି ସର୍ବପ୍ରାଚୀନ ଲାଇବ୍ରେରୀ ସମ୍ପର୍କରେ ଆମର ଏଇ ପ୍ରତିବେଦନ ।**



ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

ଜୁବ୍‌ଲି ଲାଇବ୍ରେରୀ କୋଠା

# ଜୁବଲି ଲାଇବ୍ରେରୀ


## ଅଜିତ ପାତ୍ର



ଫଟୋ ସୌଜନ୍ୟ : ଲେଖକ



ଲେଖକ ଅଜିତ ପାତ୍ର ▶

ଓଡ଼ିଶାର ସେସମୟର ରାଜାମାନଙ୍କ ଭିତରେ ଭଞ୍ଜବଂଶର ରାଜାମାନେ ଖୁବ୍ ମହାତ୍ୱାକାଂକ୍ଷୀ ଥିଲେ । ସେ ଭିତରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏକାଧାରରେ ଉଦାର, ମେଧାବୀ ଓ ଉଚ୍ଚାକାଂକ୍ଷୀ ଥିଲେ । ଓଡ଼ିଶା ପ୍ରତି ତାଙ୍କର ଅବଦାନ ଆଜି ସର୍ବବିଦିତ । ଏହି ସଂସ୍କୃତିସମ୍ପନ୍ନ ମହାରାଜା ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର, ପୁରୀଧାମର ଦକ୍ଷିଣ ଦୁଆର ନିର୍ମାଣ ଠାରୁ ଆରମ୍ଭ କରି, କଟକର ଶ୍ରୀରାମଚନ୍ଦ୍ର ଭବନ, ଯେଉଁଠି ଆଜି ମଧ୍ୟ ସବୁପ୍ରକାର ସାହିତ୍ୟସଂସ୍କୃତି ଉତ୍ସବ ଅନୁଷ୍ଠିତ ହୋଇଆସୁଅଛି, କଟକ ସରକାରୀ ମେଡ଼ିକାଲ କଲେଜ ଓ ହସ୍‌ପିଟାଲ୍ ମଧ୍ୟ ତାଙ୍କରି ଅବଦାନ ଏବଂ ଆହୁରି ଅନେକ କିଛି ।

ତାଙ୍କ ନିଜ ରାଜ୍ୟ ମୟୂରଭଞ୍ଜର ସଦର, ବାରିପଦାରେ ସ୍ଥାପିତ ମ୍ୟୁନିସିପାଲିଟି ୨୦୦୫ ମସିହାରେ ଶତ-ବର୍ଷର ମହାନ ଗୌରବ ମହୋତ୍ସବ ପାଳନ କରିସାରିଛି । ସେ ବ୍ରିଟିଶ ଓ ରେଳଗାଡ଼ିକୁ ଆଣି ମୟୂରଭଞ୍ଜର ବାଙ୍ଗିରିପୋଷୀ ଠାରୁ ରୁପ୍‌ସା ପର୍ଯ୍ୟନ୍ତ ଚଳାଇଥିଲେ । ବାରିପଦାରେ ସେ ସମୟରେ ମଧ୍ୟ ଜେନେରେଟର୍ ଓ ଉତ୍କୃଷ୍ଟ ତାମ୍ରର ବୈଦ୍ୟୁତିକ ତାର ଦ୍ୱାରା ସହରଟିରେ ବିଦ୍ୟୁତ୍ ସରବରାହ କରୁଥିଲା ତାଙ୍କରି ପ୍ରଚେଷ୍ଟାରେ । ଏମିତି ଏକ ପ୍ରଜା



ହିତାକାଂକ୍ଷୀ ମହାନ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ବିଭିନ୍ନ କ୍ଷେତ୍ରରେ ଅବଦାନଗୁଡ଼ିକ ଗଣନା କରିବା ସମ୍ଭବପର ନୁହେଁ । ଭଞ୍ଜବଂଶ ରାଜାମାନଙ୍କର ଓଡ଼ିଆ ସାହିତ୍ୟରେ ଯେଉଁ ଅବଦାନ ରହିଛି ତାହା ସାହିତ୍ୟ ଇତିହାସରେ ଜାଜ୍ୱଲ୍ୟମାନ । ଭଞ୍ଜ ସାହିତ୍ୟ, ଉପେନ୍ଦ୍ର ଭଞ୍ଜ ସାହିତ୍ୟ କୋଷ ଓ ଭଞ୍ଜରାଜାଙ୍କ ଦ୍ୱାରା ପ୍ରକାଶିତ 'ମନୋରମା' ଓ 'ଉତ୍କଳପ୍ରଭା' ପତ୍ରିକା ଦୁଇଟି ଓଡ଼ିଶାର ପତ୍ରିକା ଇତିହାସରେ ମାଇଲଖୁଣ୍ଟ ସଦୃଶ୍ୟ ।

ମୟୂରଭଂଜର ପାଠକମାନଙ୍କ କଥା ଚିନ୍ତା କରି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏକ ନାଗରିକ ପାଠାଗାରର ଆବଶ୍ୟକତାକୁ ଅନୁଭବ କରୁଥିଲେ । ବାରିପଦା ସହରର ମଧ୍ୟସ୍ଥଳୀରେ ଏବଂ ଠିକ୍ ମହାରାଜାଙ୍କ ରାଜପ୍ରାସାଦର ସମ୍ମୁଖ ଦିଗରେ ଏକ ନାଗରିକ ପାଠାଗାର ୧୮୯୮ ମସିହାରେ ନିର୍ମିତ କରିବା ପାଇଁ ଲଣ୍ଡନର ଆରକିଟେକ୍ଟ ଜେ. ଆରମୋଲଡ଼୍‌ଙ୍କୁ ଆମନ୍ତ୍ରଣ କରି ଆଣିଥିଲେ । ପ୍ରାୟ ହାରାହାରି ଦେଢ଼ ଏକର ଜାଗାରେ ଏହି ପାଠାଗାରଟି ନିର୍ମାଣ କରିବାକୁ ପ୍ରାୟ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା । ପାଚେରୀ ଘେରା ଏହି ଜାଗାଟି ପ୍ରାୟ ଲମ୍ୱ ଓ ପ୍ରସ୍ଥରେ ଦେଖିବାକୁ ସମାନ । ଏହି ଭବ୍ୟ ଓ ସୁଦୃଶ୍ୟ ଭବନଟିର ସୁଉଚ୍ଚ ମୁଖଶାଳା କାନ୍ଥର ଗାତ୍ରରେ ସେ ସମୟର ମାର୍ବଲ କାରୁକାର୍ଯ୍ୟ ଇଂରାଜୀ ଲିପିରେ ଲେଖାଅଛି QUEEN VICTORIA MEMORIAL INSTITUTE ଓ ଲେଖାଟିର ଉପରେ ଭିକ୍ଟୋରିଆଙ୍କର ପ୍ରତୀକ ଚିହ୍ନଟି ସୁଶୋଭିତ ହେଉଛି । ସେ ସମୟରେ ପାଠାଗାରଟିର ନାଆଁ ଥିଲା 'ଭିକ୍ଟୋରିଆ ଡାଇମଣ୍ଡ ଜୁବ୍‌ଲି ଲାଇବ୍ରେରୀ' । ପରେ ପୁଣି ମୟୂରଭଞ୍ଜ ଷ୍ଟେଟ୍ ଦେଶ-ମିଶ୍ରଣ ପରେ ଏହି ପାଠାଗାରର ନାଆଁ ରଖାଗଲା 'ଶ୍ରୀରାମଚନ୍ଦ୍ର ପାଠାଗାର' । କିନ୍ତୁ ଏବେ ବି ତାହା ରାଜ୍ୟବାସୀଙ୍କ ପାଖରେ 'ଜୁବ୍‌ଲୀ ଲାଇବ୍ରେରୀ' ନାମରେ ପରିଚିତ ହୋଇ ରହିଛି । ପାଠାଗାରର ସମ୍ମୁଖ ଭାଗର ଜାଗାଟିକୁ ପ୍ରାୟ ତ୍ରିଭୁଜାକାରର ଲୌହ ବାଡ଼ ଦ୍ୱାରା ବିଭକ୍ତ କରାଯାଇଛି । ଦୁଇ କଡ଼ରେ ପାଠାଗାରକୁ ଯିବା ପାଇଁ ଦୁଇ ଆଡ଼ୁ ଚଉଡ଼ା ଚଉଡ଼ା ତେରଛା ରାସ୍ତା ଓ ତ୍ରିଭୁଜାକାର ଭିତର ମଝି ବଡ଼ ଅଂଶଟିରେ କେତେବେଳେ କେତେବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ଏବଂ ପାଠାଗାର ଭିତରେ ଗୋଟିଏ ପ୍ରକୋଷ୍ଠ ରହିଛି ଯାହା ସଭାସମିତି ପାଇଁ ଉଦ୍ଦିଷ୍ଟ ରହିଛି । ସମ୍ମୁଖର ବଡ଼ ହଲ୍‌ଟିରେ ଏକ ବିଶାଳ ଆକାରର ଟେବୁଲ୍ ଓ ଚେୟାର୍ ରହିଛି ଗବେଷକ ଓ ପାଠକମାନେବସିକି



ସେ ସମୟର ବଙ୍ଗୀୟ ସାହିତ୍ୟ-ପାଠିକା ଚିତ୍ରା ରାୟ

ସେହିସବୁ ପୁସ୍ତକ ପଠନ ପାଇଁ । ଏଠାରେ ପଢ଼ିବା ପାଇଁ ବଡ଼ ହଲ୍‌ଟି ଛଡ଼ା ଆହୁରି ଦୁଇଟି ପ୍ରକୋଷ୍ଠ ମଧ୍ୟ ଅଛି, ଯେଉଁଠି ଥାକମାରି ସମକାଳୀନ ବହିପତ୍ର ଛଡ଼ା ବହୁତ ମୂଲ୍ୟବାନ ପୁସ୍ତକ ଓ ନଥିପତ୍ର ରହିଛି ପାଠକମାନଙ୍କ ପାଇଁ ।

କିନ୍ତୁ ସଂରକ୍ଷଣ ଦିଗଟି ଫାଙ୍କା । ଆଧୁନିକ ଜ୍ଞାନକୌଶଳ ଓ କର୍ମଚାରୀଙ୍କ ଅଭାବରୁ ଅବଶିଷ୍ଟ ବହିପତ୍ର ଅସୁରକ୍ଷିତ ଅବସ୍ଥାରେ କୀଟଦଂଶ । ବିପରୀତ ଜଳବାୟୁ କାରଣରୁ ସେସବୁ ନଷ୍ଟ ହେବାକୁ ବସିଛି । ଏହି ପାଠାଗାରର ଅନ୍ତିମ ଗ୍ରନ୍ଥପାଳ ହେଲେ ମହାଦେବ ଦାସ । କିନ୍ତୁ ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଓ ତାଙ୍କର ତେନ୍ତୁଳିଙ୍ଗା ବାସଭବନରୁ ଆସିବା ରାସ୍ତାରେ ନଦୀର ପୋଲ ଭାଙ୍ଗି ଯାଇଥିବା କାରଣରୁ ଆଉ ଆସି ପାରୁନାହାନ୍ତି ।




ଗ୍ରନ୍ଥପାଳଙ୍କ ସହିତ ଲେଖକ


ବର୍ତ୍ତମାନ ଲାଇବ୍ରେରୀର ଚୟନିତ ସେକ୍ରେଟାରୀ ଅଛନ୍ତି ବସନ୍ତ କୁମାର ମହାନ୍ତ । ସେ ପେସାରେ ଆଇନଜୀବୀ । ହେଲେ ସାହିତ୍ୟ ଓ ସଂସ୍କୃତିର ନିଶା ପ୍ରବଳ । ସେ ପ୍ରାୟ ସୋମବାର ଦିନ ଓ ଭାରତ ସରକାରଙ୍କ ଛୁଟି ଦିନ ବ୍ୟତୀତ ପ୍ରତିଦିନ ସଂଧ୍ୟା ସମୟରୁ ରାତି ସାତଟା କି ଆଠଟା ପର୍ଯ୍ୟନ୍ତ ପାଠାଗାରଟିକୁ ପାଠକଙ୍କ ଲାଗି ଖୋଲା ରଖୁଛନ୍ତି । ତାଙ୍କର ରେଜିଷ୍ଟ୍ରାର୍ ଅନୁଯାୟୀ ଏବେ ବି ଲାଇବ୍ରେରୀକୁ ପ୍ରତିମାସ ପ୍ରାୟ ଆଜୀବନ ସଦସ୍ୟ, ପାଠକ ଓ ଗବେଷକଙ୍କୁ ମିଶେଇ ଶହେରୁ ଉର୍ଦ୍ଧ୍ୱ ପାଠକ ଆସୁଛନ୍ତି । ଏଠାରେ ଏବେ ବହିର ସଂଖ୍ୟା କମି ପ୍ରାୟ ପନ୍ଦର ହଜାର ପୁସ୍ତକ ଅବଶିଷ୍ଟ ରହିଛି ।



ବହି ହ୍ରାସର କାରଣ ବୁଝାଇବାକୁ ଯାଇ ଲାଇବ୍ରେରୀର ସେକ୍ରେଟେରୀ ଓ ପରିଚାଳକ ବସନ୍ତ କୁମାର ମହାନ୍ତ କହନ୍ତି, "ଯେତେବେଳେ ମୟୂରଭଞ୍ଜ ଷ୍ଟେଟ୍‌ଟିକୁ ୧୬ ଅକ୍ଟୋବର ୧୯୪୮ ମସିହାରେ ଭାରତ ସରକାର ସହ ମିଶ୍ରଣ ଦଲିଲ୍‌ରେ ସାକ୍ଷର କଲେ ସେତେବେଳେ ଏତେ ପରିମାଣର ବହି ଥିଲା ଯେ ତନ୍ମଧ୍ୟରୁ ଜସ୍ଥାନାଭାବରୁ ଏବଂ ଉଚ୍ଚମାନର ପାଠକ ଓ ଛାତ୍ରମାନଙ୍କର ହିତ ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟରେ ବହୁ ସଂଖ୍ୟକ ବହି ରଖା ଯାଇଥିଲା । ତ ସେଠି ମଧ୍ୟ ବହୁ ଉପାଦେୟ ବହି ଓ ନଥିପତ୍ର ରହିଗଲା । ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ସଂଗୃହୀତ ନିଆରା ବିଶାଳ ଛାପାଖାନା (ପ୍ରେସ୍ ମେଶିନ୍)ଟି ମଧ୍ୟ ସେଇଠି ରହିଗଲା । ଆଜି ବି ଆପଣ 'ପ୍ରଜାତନ୍ତ୍ର'ର ପୁସ୍ତକାଳୟ ଓ 'ସମାଜ'ର ପୁସ୍ତକାଳୟ ଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ପୁସ୍ତକାଳୟରେ ଏଠାକାର ବହିଗୁଡ଼ିକୁ ଦେଖିବାକୁ ପାଇବେ । ଆଉ ବହୁ ପରିମାଣର ମୂଲ୍ୟବାନ ବହି କେତେବେଳେ କେତେବେଳେ ଉଚ୍ଚାଧିକାରୀ ତ କେତେବେଳେ ନିଜସ୍ୱ କାମରେ ଆସିବା ପାଇଁ ପାଠକଙ୍କ ଦ୍ୱାରା ଅପହୃତ ହୋଇଛି । ଏହା ପରିତାପର ବିଷୟ । ଏ ବିଷୟରେ ଅଧିକ ଗବେଷଣା ଓ ଅନୁସଂଧାନ ହୋଇ ପୁସ୍ତକଗୁଡ଼ିକୁ ପୁନରୁଦ୍ଧାର କରାଯିବା ଆବଶ୍ୟକ ।"

ତାଙ୍କର ଏହି ଉକ୍ତି ପ୍ରାୟ ସବୁ ପାଠାଗାର ପାଇଁ ଅତି ସତକଥା । ତାଙ୍କ ସହିତ ଆଳାପ ଆଲୋଚନା ଥିଲା ଉଷ୍ମତାପୂର୍ଣ୍ଣ ଓ ପୀଡ଼ନକ ।

ପାଠାଗାର ସନ୍ନିକଟ ଜଣେକା ବୟସ୍କା ସାହିତ୍ୟ-ପାଠିକା ଚିତ୍ରା ରାୟ ଲାଇବ୍ରେରୀ ବିଷୟରେ କହନ୍ତି, "ମୁଁ ଯେତେବେଳେ ବଙ୍ଗଭାଷୀ ଅଞ୍ଚଳରୁ ବୋହୂ ହୋଇ ଏହି ମୟୂରଭଞ୍ଜକୁ ଆସିଲି ମୋ ପାଇଁ ସେତେବେଳେ ଏଠାକାର ଭାଷା ଓ ଲିପି ସମ୍ପୂର୍ଣ୍ଣ ଅଜଣା ଥିଲା । ମତେ ପ୍ରଥମ ପ୍ରଥମ କେମିତି ନିଜକୁ ଅସହାୟ ଓ ଫାଙ୍କା ଫାଙ୍କା ଲାଗୁଥିଲା । କିନ୍ତୁ ଜୁବ୍‌ଲି ଲାଇବ୍ରେରୀ ମୋର ସେ ଦୁଃଖକଷ୍ଟକୁ ଭୁଲାଇ ଦେଇଥିଲା । କାରଣ ଲାଇବ୍ରେରୀରେ ଥିବା ପ୍ରଚୁର ବଙ୍ଗଳା ସାହିତ୍ୟିକଙ୍କ ବହି, ଯଥା: ଶରତଚନ୍ଦ୍ର, ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥଙ୍କ ଠାରୁ ଆରମ୍ଭ କରି ଅଜସ୍ର ବିଖ୍ୟାତ ସାହିତ୍ୟିକଙ୍କର ବହି ମତେ ପଢିବାର ସୁଯୋଗ ମିଳିଗଲା । ଆଉ ମୋ ସମୟତକ ସୁନ୍ଦର ଭାବେ କଟେଇବାକୁ ଖୁବ୍ ସହାୟତା କଲା ଏ ଲାଇବ୍ରେରୀର ବହିମାନ । ପରେପରେ ମୁଁ ଏହି ଲାଇବ୍ରେରୀକୁ ଯିବା ଆସିବା ବେଳେ ଏଠାରେ ରହିଥିବା ଅଜସ୍ର ବଙ୍ଗଭାଷୀଙ୍କ ସହ ମିଶିବାର ସୌଭାଗ୍ୟ ମିଳିଲା । ଏହି ଲାଇବ୍ରେରୀର ପାଠକଙ୍କ ଭିତରେ ବହୁ ସଂଖ୍ୟାକ ବଙ୍ଗଭାଷୀ ପାଠକ ଥିଲେ ଓ ନିୟମିତ ବହି ପଢ଼ିବା ପାଇଁ ନେଉଥିବା ଆମ ସମୟରେ ମୁଁ ଦେଖିଛି । ହେଲେ ଆଜି ମୁଁ ପଢ଼ାପଢ଼ିରୁ କେତେବେଳେ ଦୂରେଇ ଆସିଛି ନିଜେ ବି ଜାଣିପାରିନି ।"



ସତକଥା, ମୟୂରଭଞ୍ଜ ରାଜ୍ୟରେ ବହୁ ସଂଖ୍ୟକ ପଢ଼ାଲେଖା ସମ୍ପନ୍ନ ବିଶେଷ ବିଶେଷ ବଙ୍ଗାଳିମାନଙ୍କୁ ରାଜ୍ୟର ଉନ୍ନତି ପାଇଁ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ମିଳିଥିଲା । ସେହିସବୁ ସାହିତ୍ୟାନୁରାଗୀ ଓ ରୁଚିଶୀଳ ପାଠକଙ୍କ ପାଇଁ ବଙ୍ଗୀୟ ଭାଷାର ଅନେକ ବହି ଗଚ୍ଛିତ ଥିଲା ଲାଇବ୍ରେରୀରେ । ଆଜି ମଧ୍ୟ ଏଠି ଓଡ଼ିଆ, ଇଂରାଜୀ ସମେତ ବହୁସଂଖ୍ୟକ ବଙ୍ଗଳା ଭାଷାର ବହି ଅବଶିଷ୍ଟ ରହିଛି । ସେଦିନ ଲାଇବ୍ରେରୀ ବୁଲୁ ବୁଲୁ ଦେଖିଲି, ଜଣେ ବଙ୍ଗଭାଷୀ ପାଠିକା ମମତା ବୋଷଙ୍କୁ । ପରିଚୟ ହେଲା । ତାଙ୍କ ବାପା ଥିଲେ ତଦାନୀନ୍ତନ ଅଖଣ୍ଡ ଭାରତବର୍ଷର ଢାକା ନିବାସୀ ଶୈଳେନ୍ଦ୍ର ପ୍ରସାଦ ବୋଷ (ବୀରବଲ୍) । ତାଙ୍କୁ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ହରିହରପୁର ଗଡ଼ ଓ ଖିଚିଂ ଗଡ଼କୁ ପୁନରୁଦ୍ଧାର କରିବାକୁ ଆମନ୍ତ୍ରଣ କରି ଆଣିଥିଲେ । ତାଙ୍କରି ଝିଅ ହୋଉଛନ୍ତି ମମତା । ଅଳ୍ପ କେଇବର୍ଷ ତଳେ ସେ ନିଜ ଦେଶକୁ ଫେରି ଯିବା କାରଣରୁ ତାଙ୍କ ସ୍ୱାମୀ ସବୁଯାକ ବହି ଜୁବ୍‌ଲି ଲାଇବ୍ରେରୀକୁ ଦାନ କରି ଯାଇଛନ୍ତି । ତେବେ ଦୁଃଖର ବିଷୟ ଯେ, ପଞ୍ଜିକରଣ ପାଇଁ ବହିସବୁ ଏକ ବିଲାଳ ଟେବୁଲ୍‌ରେ ଅସହାୟ ଅବସ୍ଥାରେ ପଡ଼ି ରହିଛି ।

ଏବେ ଆଉ ପାଠକମାନେ ସମୟ ବାହାର କରି ଏଠାକୁ ଆସୁନାହାନ୍ତି ସାହିତ୍ୟ-ପୁସ୍ତକ କି ଅନ୍ୟ ଉପାଦେୟ ପୁସ୍ତକ ପଢ଼ିବାକୁ । ସେ ସମୟ ଥିଲା ପୃଥକ୍ । ଆମେ ଏବେ ସମୟ ପରିବର୍ତ୍ତିତ । ବହୁତ ଦୂରକୁ ପଳେଇ ଆସିଛୁ ଆମେ । ହୁଏତ ଆଉ ଏତେ ଶୀଘ୍ର ଫେରିବା ସମ୍ଭବ ନୁହେଁ । ସେଥିପାଇଁ ଆଜି ସମୟ ଆସି ଯାଇଛି ଶ୍ରୀରାମଚନ୍ଦ୍ର ପାଠାଗାର ବା ଜୁବ୍‌ଲି ଲାଇବ୍ରେରୀର ଅବଶିଷ୍ଟ ପ୍ରାଚୀନ, ଦୁଷ୍ପ୍ରାପ୍ୟ, ମୂଲ୍ୟବାନ ବହି-ପତ୍ର ଓ ନଥିପତ୍ରକୁ ଇ-ଲାଇବ୍ରେରୀରେ ରୂପାନ୍ତରଣ କରି ପୃଥିବୀର କୋଣକୋଣରେ ପହଞ୍ଚାଇବାର ସୁଯୋଗ ଯୋଗାଇ ଦେବାର । ଏହି କାର୍ଯ୍ୟକ୍ରମ ପାଇଁ ସରକାରୀ ସହାୟତାର ଆବଶ୍ୟକତା ରହିଛି ।

ଆଜି ଶ୍ରୀରାମଚନ୍ଦ୍ର ପାଠାଗାର ବା ଜୁବ୍‌ଲି ଲାଇବ୍ରେରୀ ଏକ ଦର୍ଶନୀୟ ସ୍ଥାନ ପାଲଟି ଗଲାଣି । କାଁ ଭାଁ ସିନେମା ସୁଟିଂର ସ୍ପଟ୍ ଭାବେ ନିଜର ଅସ୍ତିତ୍ୱ ଜାହିର୍ କରୁଛି ଯେ ମୁଁ ମରି ଯାଇନାହିଁ ଏବେ ବି ବଂଚିଛି ।

**ଶାସନ, ବାହାଡ଼ାଗୋଡ଼ା, ପୂର୍ବସିଂହଭୂମି, ଝାଡ଼ଖଣ୍ଡ**

ଭକ୍ତି-କବିତା

# ଜରି ଗୋଟେଇବା ଝିଅ କିଏ ?

ଗୋଟିଏ  କବିତା ଯେ ଗୋଟିଏ ପରିଚୟ ହୋଇପାରେ 'ଜରି ଗୋଟାଇବା ଝିଅ' କବିତା ଲେଖିବାର ଅନେକବର୍ଷ ପରେ ଜାଣୁଛି ଓ ଅନୁଭବ କରୁଛି । କବିଟିଏ ହେବାକୁ କେବେ ମୁଁ ଇଛା କରି ନଥିଲି । କିନ୍ତୁ ଗୋଟିଏ ସମ୍ବେଦନଶୀଳ ମୁହୂର୍ତ୍ତର ଛୁଆଁ ମୋତେ କବିଟିଏ କରି 'ଜରି ଗୋଟେଇବା ଝିଅ'କୁ ମୋ ଲେଖକ ଜୀବନର ସର୍ବଶ୍ରେଷ୍ଠ ସମ୍ପଦ କରିଦେଲା କେତେବେଳେ ଜାଣି ପାରିଲିନି । ସମଗ୍ର ରାଜ୍ୟରେ ମୋର ଦ୍ୱିତୀୟ ପରିଚୟ ହେଲା 'ଜରି ଗୋଟାଇବା ଝିଅ'ର ବାପା । ଏଇ କିଛି ବର୍ଷ ହେବ ଉତ୍ତର ଓଡ଼ିଶାର ସଂଖ୍ୟାଧିକ ମଞ୍ଚରେ ମୋର ବକ୍ତବ୍ୟ ପରେ ଶ୍ରୋତା ଓ ଦର୍ଶକମାନଙ୍କର ଅନୁରୋଧ ରହେ 'ଜରି ଗୋଟାଇବା ଝିଅ'ର କବିତାଟି ଆବୃତ୍ତି କରିବା ପାଇଁ । ୨୦୧୬ ମସିହାରେ ଓଡ଼ିଶା ବିଧାନସଭାର ମାନ୍ୟବର ଉପ ବାଚସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାରାଣ୍ଡିଙ୍କ ଆତ୍ମୀୟତାକୁ ଏଡ଼ାଇ ନପାରି ସେ ଛାତ୍ର ଥିବା ବାରିପଦା ଏମ୍.ପି.ସି. କଲେଜ୍‌ରେ ମୁଖ୍ୟବକ୍ତା ଭାବେ ଯୋଗ ଦେଲି । ମଞ୍ଚରେ ସେ ମୋତେ ଅନୁରୋଧ କଲେ 'ଜରି ଗୋଟାଇବା ଝିଅ'ର କବିତା ପଢିବା ପାଇଁ ଓ ପାଖରେ ବସିଥିବା ବାରିପଦାର ଉପନଗରପାଳ ଯୁବନେତା ଜିତେନ୍ଦ୍ର ମହାନ୍ତି ଅନୁରୋଧ କଲେ କବିତାଟି କାହିଁକି ଲେଖିଲେ କହିବା ପାଇଁ । ସେଇଠୁଁ ମୁଁ ଫେରିଲି କବିତା ପଛରେ ଥିବା ଅଭୁଲା ସମ୍ବେଦନଶୀଳ ମୁହୂର୍ତ୍ତ ପାଖକୁ । ପରେ ପରେ ଅନେକ ମଞ୍ଚରେ କବିତା ସହ କବିତା ପଛ ପାଖେ ଥିବା କାହାଣୀକୁ ବଖାଣି ଚାଲିଛି ମୁଁ । ଏବେ ପୁଣି ମାଡ଼ାମ ସୁବାସିନୀ ଜେନାଙ୍କ ସଂପାଦିତ 'ରେବତୀ' ପତ୍ରିକା ପକ୍ଷରୁ ସହଯୋଗୀ ସଂପାଦକ କବିବନ୍ଧୁ କୃଷ୍ଣ କୁମାର ମହାନ୍ତି ସେଇ 'ଜରି ଗୋଟାଇବା ଝିଅ' ପଛରେ ଥିବା କାହାଣୀକୁ ଲିପିବଦ୍ଧ କରିବା ପାଇଁ ଲେଖାଟିଏ ମାଗିଲେ । ବନ୍ଧୁ କୃଷ୍ଣବାବୁ 'ଜରି ଗୋଟାଇବା ଝିଅ'ର ଜନ୍ମ ଠାରୁ ମୋ ସହ ସମ୍ପର୍କିତ । ଏହି ବହିର ଜନ୍ମଦିନ ପାଳନ ପଛରେ ସେ ମଧ୍ୟ ମୋର ଏକ ଉତ୍ସାହ ଓ ପ୍ରେରଣା । କବିଟିଏ କବିତା ଲେଖେ ଓ କବିତାଟିଏ ବି କବିର ପରିଚୟ ହୋଇଯାଏ, ଏହା ମୋ ବ୍ୟତୀତ ଅନ୍ୟ କେହି ଅନୁଭବ କରିପାରିବ ନାହିଁ । ସେଦିନର ସେ ଜରି ଗୋଟାଇବା ଝିଅଟି ଆଜି ମୋ ପାଇଁ ଖୁବ୍ ଆପଣାର । ଖୁବ୍ ଆତ୍ମୀୟ । ସତେକି ମୋର ଲେଖକୀୟ ଜୀବନର ସବୁକିଛି । ବର୍ତ୍ତମାନର ଦର୍ପଣରେ ମୁଁ ଦେଖିପାରୁଛି ସେ ସୁନ୍ଦର ଅତୀତକୁ । ସେଦିନ ଥିଲା ୧୯୯୭ର ଡିସେମ୍ବର ୧୭ ତାରିଖର ଏକ ଶୀତୁଆ ସକାଳ । ସାରା ସହର ଘୋଡ଼ି ହୋଇଥିଲା କୁହୁଡ଼ିର ଚାଦର । ଉଇଁ ଆସୁଥିବା ସୂର୍ଯ୍ୟର ପ୍ରଥମ କିରଣ ସଂଗ୍ରାମ କରୁଥିଲା କୁହୁଡ଼ିର ଛାତି ଚିରି ମାଟିକୁ ଛୁଇଁବା ପାଇଁ । ପ୍ରତିଦିନ ସକାଳ ଭଳି ମୁଁ ସକାଳ ଚା' ପାଇଁ ଚାଲିଲି ଫନି ଦାଦାର ଚା' କେବିନ୍ ପାଖକୁ । ମୋର କର୍ମ ଓ ତପସ୍ୟାର ଭୂମି ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ



ଫଟୋ ପ୍ରଶାନ୍ତ ଦାସ

## ଜରି ଗୋଟେଇବା ଝିଅ

**ପ୍ରଶାନ୍ତ ଦାସ**

ମୁଁ ଜାଣି ନଥିଲି
ଝିଅଟିର ବାପା ହୋଇଯିବି ବୋଲି !

ଶୀତ ସକାଳର
କୁହୁଡ଼ି ପାଚେରୀ ଡେଇଁ
ଛୁଇଁଥିବା ଦୁଃଖ
ନିଃଶବ୍ଦ ନୀରବରେ
ପାଲଟିଲା ଆଖିତଳ ଲୁହ ।
ଅକ୍ଷର ଶବ୍ଦ ଭିତରେ
ଅଲରା କେଶ, ଛିଣ୍ଡା ଜାମା
ଅସନା ଦେହରେ ରଙ୍ଗ ମାରି
ଚିତ୍ର ଆଙ୍କୁ ଆଙ୍କୁ
ମୁଁ ହୋଇଗଲି ବାପା
ସେ ହୋଇଗଲା ଝିଅ ।

ସାଉଁଟା ଜରିରେ
ଜୀବନ ସ୍ୱପ୍ନ ଦେଖୁଥିବା ଶୈଶବକୁ
ହାତ ଧରି ନେଇ ପାରିଲିନି ପାଠଶାଳା
କୋଳରେ ବସାଇ ଖଡ଼ି ଧରାଇ
ଶିଖାଇ ପାରିଲିନି
ଅ ଆ ଠୁଁ ହ କ୍ଷ ଯାଏଁ ଫଳା ।।

ଭୋକିଲା ପେଟ ପାଇଁ
ଦେଇ ପାରିଲିନି ପାଉଁରୁଟି
ଏକୋଇଶ୍ ବର୍ଷ ତଳେ
ଆଖି ପିଛୁଳାକେ ହଜିଥିବା ଝିଅ ମୋର
ଏବେ କିଛି ଦୀର୍ଘଶ୍ୱାସ
ଆଉ କିଛି ଲୁହ ଲହୁ ସ୍ମୃତି ।


କେଉଁ ଏକ ଭଙ୍ଗା କୁଡ଼ିଆରେ
ପାଣି ଗଡ଼ା ଛପର ଛନ୍ଦିରେ
ଦେଖୁଥିବ ସୂର୍ଯ୍ୟ ଜହ୍ନ ତାରା
ଲଢୁଥିବ ଭୋକ ସହ, ଦୁଃଖ ସହ
ଅହରହ
ମେଲି ଦେଇ ସଂସାର ପସରା ।

ଭାଗ୍ୟ ଭବିଷ୍ୟତ ବନ୍ଧା ଥିବ
କେଉଁ ଏକ ମେହେନତି

ବ୍ୟାଙ୍କ୍‌ର ପରିସର । ସକାଳ ଠୁଁ ରାତିଯାଏଁ ସେହି ପରିସର ଭିତରେ ମୁଁ ମୋର ଜୀବନ ଜୀବିକାର ସ୍ୱପ୍ନ ଦେଖେ । ଠିକ୍ ବ୍ୟାଙ୍କ୍ ପାଚେରୀକୁ ଲାଗି ଫନି ଦାଦାର କାଠ କେବିନ୍ (ଗୁମୁଟି) । ସୁନ୍ଦର ଚା' କରନ୍ତି ଫନି ଦାଦା । ଭଙ୍ଗା ସିଲ୍‌ଭର ଡେକ୍‌ଚିରେ ରାତିରୁ ମରା ବାସି କ୍ଷୀରରେ ମୋ ପାଇଁ କଡ଼ା ଚା' କରନ୍ତି ଫନି ଦାଦା । ମୁଁ ସାଇକେଲ୍ ନେଇ ପହଞ୍ଚିଲି ଫନି ଦାଦାଙ୍କ ଦୋକାନରେ । ମୋର ସହକର୍ମୀ ଓ ସାନ ଭାଇ ଅଚ୍ୟୁତାନନ୍ଦ ପଲେଇ ମୋ ହାତରୁ ସାଇକେଲ୍ ନେଇଗଲା ପରେ ଫନି ଦାଦାର କାଠ କେବିନ ଉପରେ ଚା' ପାଇଁ ଗୋଡ଼ ଟେକି ବସିଗଲି ମୁଁ । ରାତିର ଡ୍ୟୁଟି ସାରି କିଛି ଗାଡ଼ି ଚାଳକ, ରିକ୍ସାବାଲା ଭାଇ ଓ କନେଷ୍ଟବଳ ବନ୍ଧୁମାନେ ଚା' ପାଇଁ ଅପେକ୍ଷାରେ ଥାଆନ୍ତି । ଏହି ସମୟରେ ସେଇ ଝିଅଟି ପହଞ୍ଚିଲା । ବୟସ ତେର କିମ୍ବା ଚଉଦ ହେବ । ପ୍ରଥମ ଯୌବନ ଝିଅଟିକୁ ସ୍ପର୍ଶ କରିଥାଏ । ମଥାର କେଶ ତାର ତାମ୍ର ବର୍ଣ୍ଣ ଓ ଅଲରା । ଦେହରେ ମଳିର ଆସ୍ତରଣ, କଣ୍ଟାଗାର ଭଳି ଗାର ପଡ଼ିଥାଏ ହାତ ଗୋଡ଼ରେ । ଯେଉଁ ଫ୍ରକ୍‌ଟି ସେ ପିନ୍ଧିଥାଏ ତାହା ଅତ୍ୟନ୍ତ ଅସନା ଓ ମଳିଭର୍ତ୍ତି । ପିଠିରେ ଥଳିଟିଏ ପକାଇ ସେ ସାଉଁଟୁଥାଏ ଜରି । ସେତେବେଳେ ବେଶି ଜରିର ପ୍ରଚଳନ ହେଉନଥିଲା । ତେଣୁ କେବେ କେବେ ଦୋକାନ ସାମ୍‌ନାରୁ ମିଳି ଯାଉଥିଲା । ଝିଅଟି ଫନି ଦାଦାର ଦୋକାନ ଆଗେ ଠିଆ ହୋଇଥାଏ । ଏହି ସମୟରେ ରିକ୍ସାବାଲା ଭାଇଟିଏ ଗୋଟିଏ ଦୁଇଟଙ୍କିଆ ପାଉଁରୁଟି କିଣି ସେଥିରେ ଲାଗିଥିବା ପତଳା ଜରିଟିକୁ ତଳେ ପକେଇଦେବା ବେଳେ ଝିଅଟି ନଇଁପଡ଼ି ସାଉଁଟି ନେଲା । ପିନ୍ଧିଥିବା ଫ୍ରକ୍‌ଟି ତାର ଏତେ ମଇଳା ଓ ଦୁର୍ବଳ ଥିଲା ଯେ ସେ ଜରିଧରି ଉଠିବା ବେଳକୁ ପେଟ ପାଖରୁ ଛାତି ପାଖ ପର୍ଯ୍ୟନ୍ତ ଚିରି ଫାଟିଗଲା । ଝିଅଟି ଲାଜରେ ସରମିଗଲା । କଣ କରିବ ସେ ଜାଣି ପାରିଲାନି । ତାର ମନର ଅବସ୍ଥାକୁ ବୁଝିପାରି ମୁଁ ଝିଅଟିକୁ କେବିନ୍ (ଗୁମୁଟି) ପଛପାଖ ଓ ବ୍ୟାଙ୍କ୍ ପାଚେରୀକୁ ଲାଗି ଠିଆ ହେବା ପାଇଁ କହିଲି । ଝିଅଟି କଥାମାନି ଗୁମୁଟି ପଛ ପାଖକୁ ଚାଲିଗଲା, ପାଖରେ ପଡ଼ିଥିବା ଫନିଦାଦାର ହାତପୋଛା ମଳିଆ ଖୋର୍‌ଧା ଗାମୁଛାଟିକୁ ନେଇ ଝିଅଟିକୁ ଦେଇ କହିଲି, ଏହାକୁ ଘୋଡ଼ି ତୁ ଘରକୁ ପଳେଇ ଯାଆ । ଝିଅଟି ତାହା ହିଁ କଲା । କିନ୍ତୁ ପାଖରେ ଠିଆ ହୋଇଥିବା କିଛି ଲୋକଙ୍କ ଆଖିକୁ ମୁଁ ପଢ଼ି ପାରୁଥିଲି । ସତେ ଯେମିତି ସେମାନେ ଝିଅଟିକୁ ମନ ଭରି ଦେଖିବାକୁ ଚାହୁଁଥିଲେ । ପାଖରେ ଠିଆ ହୋଇଥିବା ରାତି ଡ୍ୟୁଟି ସାରି କନେଷ୍ଟବଳ ଭାଇ ଜଣକ କହୁଥିଲେ- ଶଳା ! ଏମାନେ ଏମିତି । ଦିନରେ ଜରି ସାଉଁଟନ୍ତି ଓ ରାତିରେ ଯେତେସବୁ ଖରାପ କାମ କରନ୍ତି । ତାଙ୍କ କଥାରେ ମଧ୍ୟ ପାଖରେ ଠିଆ ହୋଇଥିବା କିଛି ମଣିଷ ସେମିତି ଖରାପ ଟିପ୍ପଣି ଦେବାରେ ଲାଗିଥାନ୍ତି । କାହିଁକି କେଜାଣି ଏହାକୁ ମୁଁ ଜମ୍ମା ସହିପାରିଲିନି । ଭାବିଲି: ଦୁଃଖୀ ମଣିଷ ଦୁଃଖକୁ ପରିହାସ ଓ ଥଟ୍ଟା କରୁଥିବା ଲୋକଙ୍କ ସଂଖ୍ୟା ଏହି ସମାଜରେ ଅଧିକ । କେତେକ ସ୍ୱଳ୍ପ ଲୋକ ଦୁଃଖୀଙ୍କ ଦୁଃଖରେ ସମବେଦନା ଜଣାଇପାରନ୍ତି । ଝିଅଟିର ବିକଳ ଓ ଉଦାସ ମୁହଁ ବାର ବାର ମୋ ଆଖି ଆଗକୁ ଆସିଲା । ଘରକୁ ଫେରି ତା ପାଇଁ କବିତାଟିଏ ଲେଖିଲି । ନାଁ ଦେଲି :। 'ଜରି ଗୋଟାଇବା ଝିଅ' । ଏମିତି ସହରରେ ଥିବା ଅବହେଳିତ ସାଧାରଣ ଦୁଃଖୀ ମଣିଷମାନଙ୍କୁ ଖୋଜି ତାଙ୍କ ଚରିତ୍ର ଓ ଜୀବନଧାରାକୁ ନେଇ କବିତା ଲେଖି ୧୯୯୮ ମାର୍ଚ୍ଚ ୨୯ ତାରିଖରେ 'ଜରି ଗୋଟାଇବା ଝିଅ'ର ପୁସ୍ତକ ଲୋକାର୍ପଣ ଉତ୍ସବ କଲି । ସେବେଠୁ ବିଗତ ଏକୋଇଶ୍ ବର୍ଷ ଧରି ପ୍ରତିବର୍ଷ ମୁଁ ମାର୍ଚ୍ଚରେ 'ଜରି ଗୋଟାଇବା ଝିଅ' ପୁସ୍ତକର ଜନ୍ମଦିନ ପାଳନ କରିଆସୁଛି । ମୋର ଏକମାତ୍ର ଝିଅ ପ୍ରୀତିକ୍ରିଷ୍ଟାର ଜନ୍ମଦିନ ମୁଁ ପାଳନ କରେ ନାହିଁ । ଜନ୍ମଦିନରେ ସାଧାରଣ ମଣିଷ, ବୁଦ୍ଧିଜୀବୀ, ସରକାରୀ ପଦାଧିକାରୀ, ବିଚାରପତି ଓ ଲେଖକ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ଜନ୍ମଦିନ ପାଳନ ହୁଏ । ଜନ୍ମଦିନ ପାଳନ ମାଧ୍ୟମରେ ସମାଜକୁ ଗୋଟିଏ ବାର୍ତ୍ତା ପ୍ରଦାନ କରାଯାଏ ଯେ: କ୍ଷମତା ଥିବା ଲୋକମାନେ ସାଧାରଣ ମଣିଷର ଦୁଃଖକୁ ଲାଘବ ନକରି କେବଳ ତାଙ୍କ ପ୍ରତି ସମ୍ବେଦନଶୀଳ ହୋଇଗଲେ ସେମାନଙ୍କର ଅବସ୍ଥା ପରିବର୍ତ୍ତନ ହୋଇଯିବ । କିନ୍ତୁ ସବୁଠୁ ଦୁଃଖ ସେହି ଝିଅଟିକୁ ଆଉ ଏ ସହରରେ ଆଜିଯାଏଁ ମୁଁ ଦେଖିନି । କୁଆଡ଼େ ଗଲା ସେ ? ଆପଣ ଦେଖିଛନ୍ତି ?

**ଜେଲରୋଡ଼, ବାଲେଶ୍ୱର,**
**ଫୋନ: ୯୯୩୭୯୩୨୫୭୦**






ଖଟିଖିଆ ମଣିଷର ହାତେ
ଜୁଝୁଥିବ ଏକା ଏକା
ଲୁହଲହୁ ପାଣି କରି ବଞ୍ଚିବାର ପାଇଁ
ଦୁଃଖ ଯନ୍ତ୍ରଣା ଅଭାବର ସାଥେ ।

ମୁଁ ଏମିତି ବାପା ଏକ
ତା ପାଇଁ ପିନ୍ଧୁଛି ମୁକୁଟ
ପ୍ରଶଂସାର ଗୋଲାପ ଗଳିରେ
ମହ ମହ ବାସ୍ନା ପିଇ
ଚାଲୁଅଛି ବାଟ ।

କେବେ କେବେ ନିରୋଳାରେ ନୀରବରେ
ଯନ୍ତ୍ରଣାର ଚଉହଦୀ ଡେଇଁ
ଝିଅ ମୋର ଆସି ମୋତେ ଛୁଏଁ ।
ମୋ ଦରଦୀ ଛାତି ତଳେ ନିଆଁ ଜଳେ
ଅବସାଦେ ମନ ମୋର
ଭାରି ହୋଇଯାଏ ।

ମୋ ଦରଦୀ ଆଖି ତଳେ
ଲୁହର ନଅର ତୋଳେ
ଅମାନିଆ ଟୋପା ଟୋପା ଲୁହ
ସେ ଲୁହରେ ଜଳୁଥାଏ
ଯନ୍ତ୍ରଣାର ଜଉଘରେ
ଏକୋଇଶ୍ ବର୍ଷ ତଳେ
ହଜିଥିବା ଝିଅ । ♥

## ରୁଦ୍ଧ

### ମୁକୁଳ୍ ମିଶ୍ର

ଅଧରାତିରେ ଉଠିଥିବା
ଅସମ୍ଭାଳ କାଶ
ଗୋଟିଏ କବିତାର
ପ୍ରଥମ ଧାଡ଼ି ହୋଇପାରେ
ଶେଷ ବି ।

ବାରମ୍ବାର କର ଲେଉଟାଉଥିବା
ଅନ୍ଧାର ଯେତେବେଳେ
ବାମ୍ ଭଳି ନେସି ହୋଇଯାଏ
ଛାତିରେ,
ଯେବେ ଶବ୍ଦକୁ ଲାଗି
ଶୋଇ ରହେ ଆଉ ଏକ
ଅଶନିଃଶ୍ୱାସୀ ଶବ୍ଦ
ସେତେବେଳେ,
ଗୋଟେ ଅଦ୍ଭୁତ ଗୀତର
ସୁର୍‌ରେ ଛନ୍ଦ ଭଳି
ଗୁନ୍ଥି ହୋଇଥାଏ ଏ ରୋଗ ।

ନିଜ ପାଇଁ ନିଜେ
ପଥି ତିଆରି ବେଳେ
ଅଦା ଗୋଲମରିଚ ଆଉ
ତୁଳସୀ ସହ ଅଳ୍ପ ଟିକେ
ଅଭିମାନ ବି ଫୁଟୁଥାଏ ।

ରୋଗ ଜାଣେନା
ଅନ୍ଧାରରେ ଆଶ୍ୱସ୍ତ ଯେଉଁ
ଆଖିମାନଙ୍କୁ

କଣ୍ଟା ଭଳି ଫୋଡ଼ିଦିଏ ଦିବାଲୋକ
ସେମାନଙ୍କୁ ସକାଳ ମନା ।

ଛାତିରେ ପଥର ଲଦିଦେଲା ପରେ
ଫୁଲ ସବୁ ଝଡ଼ିଯାଏ
ଆଉ ଘାସ ପରି
ବଢ଼ି ଚାଲିଥାଏ ପୀଡ଼ା ।

କମ୍ବଳ ଢାଙ୍କି ହୋଇ
ଶୋଇ ରହେ ଶବ୍ଦ ।
ସ୍ୱପ୍ନଟିଏ ଅପସରି ଗଲେ
କାହିଁକି ଯେ ଏଡ଼େ ଅସନା
ଲାଗେ ଏ ଅନିଦ୍ରା ଉତ୍ସବ ।

ହାତ ଦେଇ ଚାପି ରଖିଥିବା
କଳର ପାଣିସୁଅ ଭଳି
ରୁଦ୍ଧ ଧଇଁକାଶଟେ
ଛାତିଚିରି ବାହାରି ଆସିବା
କ୍ଷଣରେ ହିଁ
ସମ୍ପୂର୍ଣ୍ଣ ହୋଇଯାଏ
ଗୁଣ୍ଡଗୁଣ୍ଡ କୁନ୍ଥାଣର କବିତା ।

ଲାଗି ଶୋଇଥିବା ଶବ୍ଦ
ଘୁଞ୍ଚିଯାଇ ମୁହଁ ବିକୃତ କରେ
ଇଃ ! କି ରୋଗ !

ଯାଃ
ଟେଳାଏ ସୁଖର
ଲୋଭରେ ପଡ଼ି
ନିଃଶ୍ୱାସ ଫାଶରେ ଛଟପଟ
ଏବେ କବିତାର ପ୍ରତିଟି ଶବ୍ଦ । ♥

କ୍ଲବପଡ଼ା, ବଲାଙ୍ଗୀର



ମୁକୁଳ ମିଶ୍ର



ରଞ୍ଜିତା ପଣ୍ଡା

## ଜୀବନ ଜିନ୍ଦାବାଦ

### ରଞ୍ଜିତା ପଣ୍ଡା

ଜୀବନ ଝୁଣ୍ଟାଏ ମତେ
ସେ ହିଁ ପୁଣି ରୁଣ୍ଡ କରେ ସତ୍‌ସାହସ,
ଅଣ୍ଟାଭାଙ୍ଗି ଛିଡ଼ା କରାଏ ଓ ମଜାଦେଖେ
ପୁଣି ସାଙ୍ଗ ପରି କାନ୍ଧରେ ହାତଦିଏ
ସାଙ୍ଗର ମୁହଁରେ ପୁଣି ଅଲୌକିକ ହସ ।

ମୋ ଆଲୋକିତ ସାମ୍ରାଜ୍ୟକୁ
ଶହେଖଣ୍ଡ କରେ,
ଅଭିଯୋଗ କଲେ ବାକ୍‌ବିଣ୍ଡାରେ
ପରାଜିତ କରେ ମୋର ନିଶ୍ୱରପଣକୁ ।

କେବେ କେବେ ମୋ ପାପୁଲିରେ ଥୋଇଦିଏ
ଜହ୍ନରାଜ୍ୟର ମାଣିକ୍ୟ ସହ ମତାଣିଆ ମୋହ,
ତିଆରେ ମୋ ପାଇଁ ହୀରାର ଉଆସ
ଜୀବନ ହାତରେ ଅଭିଶିପ୍ତ ହୁଏ ମୁଁ ରାଜରାଣୀ
ପରମୁହୂର୍ତ୍ତରେ ଜୀବନ ଛିଡ଼ାହୁଏ ପ୍ରହସନ
ମୁଦ୍ରାରେ
ଛାଟିଦିଏ ମୋ ମୋତିମୟ ରାତିର ସ୍ୱପ୍ନରେ
ସମୁଦ୍ରେ ସରିକି ପାଣି... ।

ମୁଁ ଜହ୍ନର ଢୋକେ, ମରେ
ପୁଣି ଅମୃତର ସ୍ପର୍ଶ ଦେଇ ମତେ ବଂଚାଏ ଜୀବନ
ଛିଣ୍ଡି ଯାଇଥିବା ରୂପାପାଉଁଜିକୁ ଝଳେଇ ପିନ୍ଧାଏ
ଓ କୁହେ ନାଚ୍...ମୁଁ ନାଚେ ।
ସେ ମୃଦଙ୍ଗ ବଜାଏ
ତାକୁ ପୁଣି ଭଲପାଏ...ପ୍ରାଣିଧନ କରେ ।

ଜୀବନ ରୋମାଞ୍ଚ ଦିଏ
ସାକ୍ଷୀ ରହେ ନିଜେ ରୋମାଞ୍ଚିତ ମୁହୂର୍ତ୍ତମାନଙ୍କର
ସେ ପୁଣି ଖଞ୍ଜେ ଗୋଟେ ଦୁଃଖର ପ୍ରକ୍ରିୟା
ଯେଉଁ ପ୍ରକ୍ରିୟାର ଗରଳବୋଳା ଅଭିପ୍ରାୟରେ
ବାଷ୍ପୀଭୂତ ହେଉଥାଏ ଗରାରୁ ମିଠାପାଣି,
ନୀଳେଇ ଯାଉଥାଏ ହାଣ୍ଡିର ସଜଳହୁଣୀ
ତଥାପି ଜୀବନର ମୁହଁରୁ ଶୁଣୁଥାଏ ମୁଁ
ଜୀବନର କାହାଣୀ । ♥

ଆନନ୍ଦନଗର, ସୋନପୁର, ଫୋନ : ୯୯୩୭୯୩୨୯୭୮

# ଅଙ୍ଗୀକାର ଓ ଅବବୋଧରେ ଜୀବନ

## ସୌଭାଗ୍ୟବନ୍ତ ମହାରଣା



ଡ. ସୌଭାଗ୍ୟବନ୍ତ ମହାରଣା

ନଷ୍ଟ ସୂର୍ଯ୍ୟର ପାଉଁଶରୁ ସାଉଁଟି ଆଣିଛି
ସିଝି ଯାଇଥିବା ଉତ୍ତାପର ଆତୁରତା
ମୋ ଶୀତଳ ରକ୍ତର ଦେହରେ
ପୁଲକ ଭରି ଦେବାକୁ ମିଟିମିଟି ତାରାଫୁଲଙ୍କ
ଅଚିହ୍ନା ବାସ୍ନାରେ ଆୟୁଷ୍ମାନ୍ ହେବାକୁ ।

ପ୍ରାଚୀନ ସ୍ଥାପତ୍ୟ ପରି ଦିଶୁଥିବା
ମୋ ଦେହର କଙ୍କାଳ ବି କଥା କହେ
ଛଟପଟ ହେବାର ଦୃଶ୍ୟକୁ ବି ସରାଗରେ
ଆଖି ଉହାଡ଼ରେ ଲୁଚେଇ ଦିଏ
କାଳେ କିଏ ଦୁର୍ବଳତାର ସୁଯୋଗ ନେଇ
ରକ୍ତ, ମାଂସ, ସ୍ନାୟୁ ସହ ମିତ୍ରତାର ସତ୍ୟପାଠରେ
ଦସ୍ତଖତ ଦେବାକୁ ଆଗଭର ହେବେ ବୋଲି !

କ୍ଷିତି, ଅପ୍, ତେଜ, ମରୁତ୍, ବ୍ୟୋମର
ବନ୍ଦୀଶାଳାରେ ବନ୍ଧା
ମୋ ଅଥୟ ଦେହର କୋଣ ଅନୁକୋଣ,
ପ୍ରତିକୋଣର ଅନୁରାଗ ।
ଗ୍ରହରୁ ଗ୍ରହାନ୍ତରକୁ ବ୍ୟାପି ଯାଇଛି
ମୋ ଛାୟା ପୁରୁଷର ଅନ୍ତରଙ୍ଗ ଉଚ୍ଚାରଣ
ଆଖିର କ୍ଷୀଣ ପଲକ ଭିତରେ ସମାହିତ
ମୋ ଯୁଗ ଯୁଗର ଅପେକ୍ଷାର ଆଦିମ ବୃତ୍ତାନ୍ତ ।
ମୁଁ ନିଜେ ହିଁ ସମୟର ପ୍ରତିଦ୍ୱନ୍ଦ୍ୱୀ ସାଜିବାକୁ
କେହି ଜଣେ ଭିଆଣ କରିଛି

ମୋ ଜୟଯାତ୍ରାର ତୂର୍ଯ୍ୟନାଦର ସ୍ୱୀକାରୋକ୍ତି
ସଫଳତାର ଗୌରଚନ୍ଦ୍ରିକା ପାଇବାକୁ
ସଂଘର୍ଷର ଭିନ୍ନ ପ୍ରେକ୍ଷାପଟ୍ଟରେ ।

ପ୍ରତି ମୁହୂର୍ତ୍ତର ପ୍ରତିଘାତରେ ମୁ ସରିସରି ଆସୁଛି
ନିଜକୁ ନିଜ ଭିତରେ ଗଢ଼ିବାର ସ୍ୱପ୍ନରେ
ନିଜକୁ ନିଜ ଭିତରେ ଖୋଜିବାର ଏକ୍ଲାପଣରେ ।
ପ୍ରାଗୈତିହାସିକ ଅବବୋଧ ଓ ଉତ୍କଣ୍ଠାରେ
ମୋ ଚର୍ଚ୍ଚିତ ଦେହର ମହମବତୀକୁ ଜାଳି
ପ୍ରତିଟି ମୁହୂର୍ତ୍ତର ଆଲୋକିତ ଜ୍ୱାଳାରେ ମୁଁ
ମୋତେ ଘେରି ରହିଥିବା ଅଚିହ୍ନା ଅନ୍ଧାରକୁ
ଆଲିଙ୍ଗି ନେଉଛି ବଂଚିବାର ଦୃପ୍ତ ଅଙ୍ଗୀକାରରେ ।

ଭାରତୀ ଭବନ, ଶିବମ କଲୋନୀ, ଆୟକର
ଭବନ ପଛ, ସମ୍ବଲପୁର-୭୬୮୦୦୪
ଫୋନ :୯୪୩୭୪୫୭୭୩୬

---

# ତାଜ୍ ମହଲ୍

## ରତ୍ନମାଳା ସ୍ୱାଇଁ

ମୁଣ୍ଡରେ ମୁକୁଟ
ପିଚା ତଳେ ଚଉକି
ପୁଟୁଳିରେ ଧନ ନଥିଲେ ବି
ଗଢ଼ିହୁଏ ତାଜ୍‌ମହଲ୍ ।

ଖଣିରୁ ସରିଯାଉ
ସବୁତକ ପଥର
ଶିଳ୍ପୀମାନେ ନିଖୋଜ୍ ହୁଅନ୍ତୁ
ପୁଟୁଳି ନେଇଯାଉ ଖଣ୍ଟ
ଚଉକିର ଖୁରା ଭାଙ୍ଗିଯାଉ
ଈର୍ଷାର ଧକ୍କାରେ ।

ମାନୁଚି ମତେ ଜଣାନାଇଁ
ନିଆଁରେ ଚାଲିବାର କୌଶଳ
ଝାଳର ନଈରେ ଡଙ୍ଗା ନେଇ
ନିଖୋଜ୍ ହେବାର କଳାରେ
ମୁଁ ପୁରା ବେମାହିର୍ ।

ମୁଁ ତ ଖାଲି ଜାଣିଚି
କ୍ୟାଲେଣ୍ଡର୍ ତାରିଖରେ
ପାଦ ଥାପି ଥାପି
ଧରା ଦେଉନଥିବା ସ୍ୱପ୍ନକୁ
ଛୁଇଁବାର ଖେଳ ।

ଏ ଖେଳ ଖେଳି ଆସିଚି ବୋଲି ତ
ଆଖି ଖୋଲିଲେ
ସାମ୍ନାରେ ଛିଡ଼ା ହେଉଛି ତାଜ୍‌ମହଲ ।

ଛାତିରେ କେଉଁ ନିଭୃତ ଅଳିନ୍ଦରୁ
ଶାହାଜାହାନ୍ କେବେକେବେ
ଚିଠି ଲେଖେ ଅଦୃଶ୍ୟ ଅକ୍ଷରରେ
ମେସେଜ୍ ପଠାଏ ମୋବାଇଲ୍‌ରେ
ତାଜ୍‌ମହଲ୍ ଗଢ଼ା ସରିଲା ?

ତାଜୁବ୍ ହେଉଛନ୍ତି କି ଏ କଥା ଶୁଣି
ତାଜ୍‌ମହଲ ଗଢ଼ିବା
ଆଦୌ ଗୋଟେ ବିଚିତ୍ର କଥା ନୁହେଁ
ଖାଲି ଛାତି ଭିତରେ
ଶାହାଜାହାନ୍‌ଟିଏ ଥିଲେ ହେଲା ।

ଡ୍ରିମ୍‌ଜ୍ ଭିଲ୍ଲାସ୍, ୧୨- ଭି.ଆଇ.ପି. ଏରିଆ,
ନୟାପଲ୍ଲୀ, ଭୁବନେଶ୍ୱର-୧୫,
ଫୋନ: ୯୪୩୭୦୬୨୬୬୫



କବି ରତ୍ନମାଳା ସ୍ୱାଇଁ

# ଭରସା

## ବାସୁଦେବ ସୁନାନୀ

ତା' ଦେଇ
କିଛି ବି ହେଇ ପାରିଲାନି ।

କଂଚା ପରିବା ଉପରେ
ଶାଗୁଆ ରଂଗ ଛିଟି
ଲୋକଙ୍କ ଆଖିରେ ଭ୍ରମ ବୋଳି
ହାଟରେ ମାମଲାତ୍ ଗିରି ସହ ପରିବା ବିକିବା
ପ୍ରଧାନମନ୍ତ୍ରୀ ଓଗେର୍
ବଡ଼ ବଡ଼ ନେତାଙ୍କୁ ଅନୁକରଣ କରି
ଫଂପା ଶବ୍ଦ ବିକି ଗାଁ ଲୋକଙ୍କୁ
ଭୁଆଁ ବୁଲେଇ
ଟାଉଟର୍ ସାଜିବା

ଏପରିକି, ଉପରେ
ବଡ଼ ଧରଣର ସଂପର୍କଟିଏ ରଖି
ଭାରତର ପାର୍ଲାମେଣ୍ଟକୁ
ଉଠେଇ ନେଇ
ବିଦେଶରେ ନିଲାମ୍ କରିବା

ଏସବୁ
କିଛି ବି ହେଇ ପାରିଲାନି ।


ଏବେ ଦେଖ
ମେଟ୍ରୋ, ମଟର୍ ସାଇକେଲ୍
କାର୍ ବସ୍ ଚାଲୁଥିବା ରାଜଧାନୀର
ରାସ୍ତାକଡ଼ ନିମ୍ବ ଗଛ ତଳେ ବସିଛି

ପଂପ୍, ଭଲ୍‌ଟ୍ୟୁବ୍
ଫଟା ସାଇକେଲ୍ ଟାୟାର୍ ସମେତ
ପାନା ପେଚ୍‌କସ୍ ନେଇ
ସଂସାର ମେଲେଇ ଦେଇଛି ।

ଆରେ
ଆଜିକାଲି କ'ଣ
କେହି ସାଇକେଲ୍ ଚଢୁଛନ୍ତି ?

ନା
ରାଜରାସ୍ତାରେ ପଂପ୍‌ଚର୍ ହେଉଛି ?

ଶଳା !
ପାଗଳାକୁ ଦେଖ ! ପେଟକୁ ବାଜିମାରି
ବିଡ଼ି ଟାଣି ଟାଣି
ଡୁଗ୍ ଡୁଗ୍ ଦେଖୁଛି



ସାଇକେଲ୍ ମରାମତି ପାଇଁ ଜଗିଛି

କେବେ କାଳେ
ସରକର ପ୍ରଦୂଷଣ ମୁକ୍ତ ଭାରତ
ଘୋଷଣା କରିବେ,
ଲୋକେ ସାଇକେଲ୍ ହିଁ ଚଳେଇବେ ଯେ
ତଥାପି ଭରସା ରଖିଛି । ♥

**ଡେପୁଟି କମିଶନର୍, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାର, କୃଷି ଭବନ, ନୂଆଦିଲ୍ଲୀ-୧୧୦୦୦୧**
**ଫୋନ :୯୪୩୭୩୨୭୭୩୨**

# ଅଭିସାର

## ଦୁର୍ଗା ପ୍ରସାଦ ପଣ୍ଡା

ତୁ ଏମିତି ଆବୋରି ବସିଥା
ମୋର ଭଙ୍ଗାରୁଜା ଅସ୍ତିତ୍ୱକୁ

ସତେ ଯେପରି ତୁ କେଉଁ ଏକ ପ୍ରାଚୀନ ଦୁର୍ଗ
ଆଉ ମୁଁ ରକ୍ତାକ୍ତ ଇତିହାସର ଖଣ୍ଡେ ଚିରାଫର୍ଦ୍ଦ ।

ମୁଁ କିନ୍ତୁ ତୋ'ଠୁ ଟିକେ ଦୂରେଇ
ଠିଆ ହେଇଥାଏ କରଛଡ଼ା ହେଇ
ଜର୍ଜର ଦେହକୁ ମୋର
ଯାହିତାହି କରି ସାଉଁଟି ନେଇ ।



ମୋର ଭୟ କାଳେ ତୋ କାଉଁରି ଛୁଆଁରେ
ପୂର୍ଣ୍ଣତା ଲଭିଯିବ ଏ ଜୀବନ ।

ତୁ ବୋଧହୁଏ ଜାଣିନୁ
ଗୋଟାପଣେ ଭର୍ତ୍ତି ହେଇଯିବାକୁ
ଆଉ ଠିକ୍ ତା' ପରେପରେ ମୂର୍ତ୍ତି ହେଇଯିବାକୁ
ମୋର କାଳେ କାଳେ ଡର ।

ମୋର ଅର୍ଦ୍ଧେକ ପୂର୍ଣ୍ଣ
ଆଉ ଆର ଅର୍ଦ୍ଧେକ ଏମିତି ଶୂନ୍ୟ ହେଇ
ରହିଥାଉ ସବୁଦିନ ।

କେବଳ ତୋ'ର ଇ ଯୋଗ୍ୟ ହେବାକୁ
ଚାଲିଥାଉ ମୋର ସକଳ ଅସରନ୍ତି ଆୟୋଜନ ।

ଦୂରରେ ଦୂରରେ ଥାଇ ତୋତେ ଇ ନେଇ
ମୁଁ ଭାଙ୍ଗୁଥାଏ, ଗଢୁଥାଏ
ରଚୁଥାଏ କଳ୍ପନାର ଏକକ ଅଭିସାର ।

ଝଙ୍କାଳିଆ ଗଛ ନୁହେଁ, ଫଟା କାନ୍ଥ ଭିତରୁ
ପିକେଇଥିବା ଦୁଇ କେରା ପତ୍ରର
ସବୁଜ ଅହଙ୍କାର ହିଁ ତ ମୋର ଜୀବନ !

ତୋ'ରି ଦିଗକୁ ମୋର ଏ ଯାତ୍ରା
ଏମିତି ଜାରି ରହିଥାଉ ଜନ୍ମ ଜନ୍ମାନ୍ତର ।

ଅହରହ ତୋତେଇ ନୁରିନୁରି
ତୋତେଇ ଝୁରିଝୁରି ମରି
ବିତିଯାଉ ମୋର ବର୍ଷ ମାସ ଦିନ ।

ଜାଣେ, ମୁଁ ମୁଠାଏ ମଇଳା ପଙ୍କ
ଆଉ ତୁ ନହନହକା ପଦ୍ମନାଡ଼ ।

ତୋ ଅଥୟ ପ୍ରେମର ପାଣିତଳେ
ତୁ ଭିଡ଼ିଧରିଥା ମୋତେ
ଏମିତି ନିବିଡ଼ ଆଶ୍ଳେଷରେ,
ତୋର ଅଦୃଶ୍ୟ ଆଲିଙ୍ଗନରେ

ଏତେ ଜୋର୍‌ରେ ଯେ
ଯୋଡ଼ି ହେଇଯାଉ ମୋର
ଦେହର ସବୁତକ ଭଙ୍ଗାହାଡ଼ ! ♥

**ଏମଆର୍-୧୪, ଜଗନ୍ନାଥ କଲୋନୀ, ବୁଢ଼ାରଜା, ସମ୍ବଲପୁର-୪, ଫୋନ : ୮୩୨୭୭୭୭୫୮୧**

**କବି ଦୁର୍ଗା ପ୍ରସାଦ ପଣ୍ଡାଙ୍କ ଏ କବିତାଟି ଫେବୃଆରୀ ୨୦୧୯ ସଂଖ୍ୟା 'ରେବତୀ'ରେ ତ୍ରୁଟିପୂର୍ଣ୍ଣ ଭାବେ ମୁଦ୍ରିତ ହୋଇଥିବାରୁ ଦୁଃଖପ୍ରକାଶ ସହିତ ପାଠକମାନଙ୍କ ପାଇଁ ସମ୍ପୂର୍ଣ୍ଣ ସଂଶୋଧିତ କବିତାଟିକୁ ପୁନଃପ୍ରକାଶ କରୁଛୁ ।**

## ଖଗମାଷ୍ଟ୍ରେ

### ଉମା ଶଙ୍କର ପାଲ

ଖଗମାଷ୍ଟ୍ରେ ଚାଲିଗଲେ ।
ଆପଣ ଦେଖିଥିବେ ତାଙ୍କୁ
ଭୋଟର୍ ତାଲିକା
ଅବା ଜନଗଣନା ପାଇଁ
ଦୋଳମଣ୍ଡପରେ ଗଳଦ୍‌ଘର୍ମ ହୋଇ
ଫର୍ମ ଭରିବା ବେଳେ
ପତଳା ଲମ୍ବା ମଣିଷ
ସଫେଦ୍ ଧୋତି ପଞ୍ଜାବୀ ଭିତରେ
ସବୁବେଳେ ହସ ହସ ।

ମାଷ୍ଟ୍ରେ ଥିଲେ ଅଦିନିଆ ମାଘମାସ ଶୀତ
ତାଙ୍କ ମାଡ ଭୟରେ
କେମିତି ମୁଖସ୍ଥ ହୋଇ ଯାଉଥିଲା
ଗୁଣିତକ, ଗୁଣନିୟକ
କେତେ ପିଲା ପାଲଟିଥିଲେ
ଚଣ୍ଡାଶୋକରୁ ଧର୍ମାଶୋକ
ମାଷ୍ଟ୍ରେ ଥିଲେ ଚଳନ୍ତି ଘଡି
ମୁଣ୍ଡରେ ଆଦର୍ଶର ପଗଡି
ଆଖିରେ ଅନୁଶାସନ,
ହୃଦୟରେ ପ୍ରେମସୁଧା ବାରି ।

ମାଷ୍ଟ୍ରଙ୍କ ମାଡ ଭୟରେ
କେଉଁ ପିଲା ଥରେ ଚେତା ବୁଡିଗଲା ପରେ
ଅଭିଭାବକଙ୍କ ଅଭିଯୋଗରେ
ଆସିଲା ସରକାରୀ ନିର୍ଦ୍ଦେଶ
ମାଷ୍ଟ୍ରେ ଛାଡିଦେଲେ ବେତ ତ'
ସେଇଦିନୁ ସ୍କୁଲରୁ ଫେରାର୍ ଗଣିତ

ଚାଉଳ, ଡାଲି, ଅଣ୍ଡାର ହିସାବ ରଖୁ ରଖୁ
ମାଷ୍ଟ୍ରେ ଭୁଲିଗଲେ ଉଣେଇଶି କ'...

ବୈଶାଖ ମାସରେ ଦେଖା ହୋଇଥିଲେ
ପି.ଏମ୍.ଜି. ଛକରେ
ପେନ୍‌ସନ୍ ପେପର୍ ପାଇଁ ଆସିଥିଲେ ଭୁବନେଶ୍ୱର
ସେଇ ହସ, ସେଇ ରୂପ,
ଖାଲି ସମୟର ଛାପ ।

ମୋତେ ଦେଖି ମନେ ପକାଇଲେ ଅତୀତ
କହିଲେ, 'ତୁମ ବାପା ସେତେବେଳେ କହୁଥିଲେ
ମାଷ୍ଟ୍ରେ ! ତୁମକୁ ଲାଗିଲା ବସନ୍ତ'
ଆମର ଖାଲି ଆଖିଯୋଡିକ
ଏବେ ପିଲା ଖଣ୍ଡିକାଶ ଦେଲେ
ମା' ବାପାଙ୍କୁ ସନ୍ନିପାତ ।

ଏଇ କେଇ ମାସ ହେବ
ତାଙ୍କ ଘର ରାସ୍ତାରେ ଗଲାବେଳେ
ପିଣ୍ଡା ଖଟିଆ ଉପରୁ ଶୁଭୁଥିଲା
ମାଷ୍ଟ୍ରଙ୍କ ଖୁଁ ଖୁଁ କାଶ
ଆଲୋକ ବାଣ୍ଟି ବାଣ୍ଟି କ୍ଳାନ୍ତ କ୍ଷୀଣଦୀପ
ଏବେ ନିର୍ବାଣ ପାଇଁ ଅପେକ୍ଷାରତ ।

ଖଗମାଷ୍ଟ୍ରେ
ସମୟର ମନ୍ଦିର ବେଢ଼ାରେ
ଅନିର୍ବାଣ ମହାଦୀପ
ମୁଁ ସେଇ ଅଧମ ଅକ୍ଷମ ଅବୋଧ ବାଳକ
ବସନ୍ତ ମାହାଳିକ ॥

ଜାଗମରା, ଭୁବନେଶ୍ୱର
ଫୋନ: ୯୪୩୭୭୫୭୩୧୭



ଫଟୋ: ଉମା ଶଙ୍କର ପାଲ

## ତମ ମନ କାନ୍‌ଭାସ୍

### ନୀଳମାଧବ କର

ମୁଁ ଯଦି ଜାଣିଥାନ୍ତି, ତମ ମନ କାନ୍‌ଭାସ୍
ଉପରର ଚିତ୍ରସବୁ ଯେତେ ମୋ ପାଇଁ
ତମେ ଆଙ୍କିଥିଲ ପ୍ରଥମ ଦେଖାରେ

ଲିଭି ଲିଭି ଆସିଲାଣି, ଭିନ୍ନ ତୂଳି କଳାକାର
ତା' ଦେହରେ ନୂଆ ରଙ୍ଗ ବୋଳିଲେଣି
ଶରତର ସଫା ଆକାଶରେ ସୁନା ଜରି ମଖା
ଚିକ୍ ଚିକ୍ ବାଦଲର ଖଣ୍ଡ ପରି...

ମୁଁ କାହିଁକି ମାଗିଥାନ୍ତି ବର୍ଷା ତୋପେ !

ଓଲ୍‌ଭରହାମ୍ପଟନ, ଇଂଲଣ୍ଡ
nmadhab@yahoo.com



## ମିଛ ନିର୍ବାଣ

### ସୁଜିତ୍ କୁମାର ସତପଥି

ଦୁଃଖ ଯାହା ଗୋଟେ
ହସ ପରି
ମୋ ପାଇଁ
ସବୁଦିନ ଥାଏ ମୁହଁରେ

ଭାତ ମୁଠାଏରୁ
ବ୍ରହ୍ମାଣ୍ଡର ସୂତ୍ର
ଖୋଜିବା କଥା ଯାହା

ଚୁଲିରେ ନିଆଁ
ଧରେଇ ପାରିଲେ ଜୀବନ
ନ ହେଲେ
ମିଛ ନିର୍ବାଣ ।

ବାଗାଶ୍ରିତା, ସାଲେଭଟା, ବଲାଙ୍ଗୀର-୨୧
ଫୋନ:୯୫୫୬୭୧୧୨୭୨



ଫଟୋ: ସୁଜିତ୍ କୁମାର ସତପଥି

ଭ୍ରମଣ କାହାଣୀ

# ଗୁଜୁରାଟର
# ଜୈନ ମନ୍ଦିର


**ଲକ୍ଷ୍ମୀପ୍ରିୟା ଓଝା**

ଟାୱାର - ବି/୪୦୧, ଦି ଆଟ୍ଲାଣ୍ଟିକ୍, ଏସ୍ଆରପି
୯ର ବିପରୀତ, ମାକରପୁରା ରୋଡ୍, ବରୋଦା-
୩୯୦୦୧୦, ଗୁଜରାଟ୍
ଫୋନ୍ : ୯୪୨୬୫୧୨୯୬୧


ଫଟୋ ସୌଜନ୍ୟ : ଲେଖିକା


ଲେଖିକା ଲକ୍ଷ୍ମୀପ୍ରିୟା ଓଝା

ଅଫିସ୍‌ରୁ ଫେରି ଓଝା ବାବୁ କହିଲେ, "ପାଲିତାନା ଜୈନ ମନ୍ଦିର ଦେଖିବାକୁ ଯିବ ?" ମୁଁ ତ ବୁଲିବାରେ ମାଷ୍ଟ୍ର । କିଛି ନଭାବି କହିଲି, "ହଁ ଚାଲ ।" ଯଦିଓ ମୁଁ ଗୁଜୁରାଟରେ ରହେ ତଥାପି ପାଲିତାନା ନାଁ ଆଗରୁ ଶୁଣିନଥିଲି । ସ୍ୱାମୀ ସ୍ତ୍ରୀ ଆମ ଦି' ଜଣଙ୍କର ବୁଲିବା ହେଉଛି ସଉକ୍ । ମଉକା ମିଳିଲେ ଏମିତିକି ଦୁଇତିନିଦିନ ଛୁଟି ମିଳିଗଲେ ବି ବାହାରିଯାଉ କୁଆଡ଼େ ନା କୁଆଡ଼େ । ଏଥର ବି ଆରମ୍ଭ ହେଲା ଯାତ୍ରା । ଆବଶ୍ୟକୀୟ ଲୁଗାପଟା ଆଉ କିଛି ଦରକାରୀ ଜିନିଷ ପ୍ୟାକ୍ କରି ବରୋଦାରୁ ପାଲିତାନା ଯାଉଥିବା ବସ୍‌ରେ ବସି ପଡ଼ିଲୁ ଶନିବାର ସକାଳୁ ସକାଳୁ । ଆମ ସହ ଅଫିସ୍‌ର ଆଉ ଦୁଇଜଣ ବି ଥା'ନ୍ତି । ରାସ୍ତାରେ ଓଝା ବାବୁ କହିଲେ, "ବହୁତ ସିଢ଼ି ଅଛି । ଚଢ଼ି ପାରିବ ତ ?" ସବୁବେଳେ ମୋତେ ସେ ଏମିତି ଡରାନ୍ତି । ମୁଁ କହିଲି, "ହଁ ଚଢ଼ିବି ନା ।" ସ୍କୁଲ୍‌ରେ ପଢ଼ିଲାବେଳେ କେତେଥର କପିଳାସ ଯାଇଛି । ତିରୁପତିରେ ବି ତ ଚଢ଼ିଥିଲି । ଭଲ୍‌ଭୋ ବସ୍‌ର ଆରାମଦାୟକ ସିଟ୍ । ରାସ୍ତା କଡ଼ର ମନମୋହକ ଦୃଶ୍ୟ ଦେଖି ଦେଖି ପହଞ୍ଚିଲୁ ଦିନ ଦୁଇଟାରେ, ପାଲିତାନାରେ । ହୋଟେଲ୍‌ରେ ଫ୍ରେଶ୍ ହେଇ ବାହାରିଲୁ ମନ୍ଦିର ଅଭିମୁଖେ । ସେଠି ପହଁଚି ଜାଣିଲୁ ଏବେ ଯାଇ ଫେରି ହବନି । ଚାରି ହଜାର ପାହାଚ ଚଢ଼ିଲା ପରେ ଯାଇ ମନ୍ଦିର । ପୁଣି ସନ୍ଧ୍ୟା ପୂର୍ବରୁ ସେତିକି ସିଢ଼ି ଓହ୍ଲେଇ ଫେରିବାକୁ ପଡ଼ିବ । ତିନିଟାରେ ଯାଇ ଛଅଟାରେ ଫେରିବା ସମ୍ଭବ ନୁହେଁ । ତେଣୁ ପରଦିନ ସକାଳେ ଯିବାର ପ୍ଲାନ୍ କରି ଆଜି ପାଲିତାନା ସହର ବୁଲାଯାଉ ଭାବି ଫେରିଲୁ । ବିଶ୍ୱର ଦୁଇଟି ସହର ମଧ୍ୟରୁ ପ୍ରଥମ ଶାକାହାରୀ ସହର ପାଲିତାନା । ଏ ସହରରେ ମାଛ, ମାଂସ, ମଦ କିଛି ବି ମିଳେନି ।

ଗୁଜୁରାଟ୍‌ର ଅହମଦାବାଦ ସହର ଠାରୁ ଦୁଇ ଶହ କିଲୋମିଟର ଦୂରରେ ଭାବନଗର ଜିଲ୍ଲାରେ ପାଲିତାନା ସହର । ସହରୀ ଚାକଚକ୍ୟତା ଠୁ ଦୂରରେ ପାହାଡ଼ତଳି ସହର । ଅପେକ୍ଷାକୃତ ଛୋଟ ଓ ଶାନ୍ତ ସହରଟିଏ । ଯୁଆଡ଼େ ଦେଖିବ ଖାଲି ଧର୍ମଶାଳା ଆଉ ମନ୍ଦିର । ଅଧିକାଂଶ ଜୈନ ମନ୍ଦିର । ଖାଇବା ପିଇବା ମଧ୍ୟ ଶସ୍ତା । ପାଲିତାନା ସହରକୁ ପଶୁ ପଶୁ ଏକ ଭବ୍ୟ ମନ୍ଦିର ଦେଖିଲି । ତେଣୁ ସିଧା ସେଠିକ୍ ଯିବାର ପ୍ଲାନ ହେଲା । ମନ୍ଦିରର ଭବ୍ୟତା ଦେଖି ମୁଗ୍ଧ ହେଲି । ଏତେ ମନ୍ଦିର ଦେଖିଛି କିନ୍ତୁ ଏ ମନ୍ଦିରର ସୁନ୍ଦରତା ଭାଷାରେ ବର୍ଣ୍ଣନା କରିବା ସାଧ୍ୟ ବାହାରେ । ଯୁଆଡ଼େ ଦେଖିବ ଧଳା ଚାଦର ପରି ବିଛେଇ ହେଇଚି ମାର୍ବଲ୍‌ର ମନ୍ଦିର ସବୁ । କେହି ଜଣେ ଜୈନ ବ୍ୟବସାୟୀ ଏ ମନ୍ଦିର କରୁଛନ୍ତି । କାମ ଆହୁରି ଚାଲିଛି । ବୁଲାବୁଲି ଭିତରେ ସନ୍ଧ୍ୟା କେମିତି ହେଇଗଲା ଜଣା ପଡ଼ିଲାନି । ଅଗତ୍ୟା ଫେରିଲୁ ହୋଟେଲ୍‌କୁ ।

ହୋଟେଲ୍‌ରେ ପହଂଚିଲା ପରେ ଭାବି ହେଲି, ଏତେ ଗୁଡ଼ାଏ ସିଢ଼ି ଚଢ଼ି ପାରିବି ତ ? ଗୋଟାଏ ଫ୍ଲୋର୍‌ର ସିଢି ଚଢ଼ିବା ମୋ ପକ୍ଷେ ଆଜିକାଲି କଷ୍ଟ । ଚାରିହଜାରେ ସିଢ଼ି ଚଢ଼ି ପାରିବି ତ ? ସେଇ ଭୟରେ ରାତିରେ ନିଦ ବି ଆସୁନଥିଲା । ପୁଣି ଭାବିଲି



ଯୋଉଠି ନ ଚଢ଼ି ପାରିବି ସେଇଠୁ ଓହ୍ଲେଇବି, ଭୟ କଣ ପାଇଁ ! ଏୟା ଭାବି ଶୋଇପଡ଼ିଲି । ସକାଳୁ ସକାଳୁ ଗାଧୋଇପାଧୋଇ ବାହାରିଲୁ ମନ୍ଦିର ଅଭିମୁଖେ ।

ପାହାଡ଼ର ପାଦ ଦେଶରେ ଆନନ୍ଦ ଜୀ କଲ୍ୟାଣ ଜୀ ଟ୍ରଷ୍ଟ୍, ଯିଏ କି ମନ୍ଦିରର ରକ୍ଷଣାବେକ୍ଷଣ କରନ୍ତି । ଅନେକ ଲୋକ ସେଠି ପୂଜା ପାଠ କରୁଥିଲେ । କିଛି ଶାନ୍ତିରେ ଧ୍ୟାନମଗ୍ନ ଥିଲେ । ମନ୍ଦିରରୁ ଆସିଲା ପରେ ଏଠି ଲୋକ ଖାଇବା ପିଇବା କରନ୍ତି । ପାହାଡ଼ର ପାଦଦେଶରେ ଆଧୁନିକ ଶୈଳୀରେ ନିର୍ମିତ ସୋମଭଷାରନ ମନ୍ଦିର । ବୁଦ୍ଧଙ୍କ ଶୈଳୀରେ ଧଳା ମାର୍ବଲରେ ମହାବୀର ବସିଛନ୍ତି ପଦ୍ମାସନରେ । ସୁନାରୁପା ଏବଂ ମୂଲ୍ୟବାନ ପଥରରେ ସୁସଜ୍ଜିତ ମହାବୀର ଜୀବନ୍ତ ଲାଗୁଥା'ନ୍ତି । ସେଠି କିଛି ସମୟ ରହି ପାହାଡ଼ ଚଢ଼ିବାକୁ ଆରମ୍ଭ କଲା ବେଳକୁ ମନ୍ଦିର ସାମ୍ନାରେ ବସିଥିବା ଲୋକଟିଏ ଜୋତା ବାହାର କରି ଦଶ ଟଙ୍କାରେ ଗୋଟେ ବାଡ଼ି ନେଇ ଯିବାକୁ କହିଲା । ମନ୍ଦିରର ପ୍ରଥମ ପାହାଚରୁ ପବିତ୍ର ସ୍ଥାନ ଆରମ୍ଭ ହୁଏ । ତେଣୁ ଜୋତା ସେଇଠି ଛାଡ଼ି ଯାଆନ୍ତି । ଆମର କିନ୍ତୁ ସାହସ ହେଲାନି । ଅଗତ୍ୟା ମନ୍ଦିର ପାଖରେ ଜୋତା ଓହ୍ଲେଇବୁ ଭାବି ବାଡ଼ି ଖଣ୍ଡେ ଖଣ୍ଡେ ଦଶ ଟଙ୍କା ଭଡ଼ାରେ ନେଇ ପାହାଡ଼ ଚଢ଼ିବା ଆରମ୍ଭ କଲୁ । ଯୋଉମାନେ ନ ଚଢ଼ି ପାରବେ ଝୁଲାନୁମା ଶିକା ବା ଚୌକିରେ ବି ଯାଇ ପାରିବେ । ଆଞ୍ଚଳିକ ଭାଷାରେ ତାକୁ ଡୋଲ୍ କୁହନ୍ତି । ଗୋଟେ ଚୌକିରେ ଦି'ଟା ବାଉଁଶ ବନ୍ଧା ହୋଇଥାଏ । ଦି'ଜଣ ଲୋକ ତାକୁ କାନ୍ଧେଇ ନିଅନ୍ତି । ବସିଥିବା ଲୋକର ଓଜନ ଅନୁସାରେ ପଇସା ନିଅନ୍ତି । ଆମକୁ ଦେଖି ଦି'ଜଣ ଲୋକ ଆଗକୁ ଆସି କହିଲେ, "ଚାରି ହଜାର ସିଡ଼ି ଆପଣ ଚଢ଼ି ପାରବେନି ଆମେ ନେଇଯିବୁ । ଉଲରେ ଦର୍ଶନ କରାଇ ଆଣି ଏଠି ପହଁଞ୍ଚିଲା ପରେ ପଇସା ଦେବେ ।" ଆମେ ମନା କରି ଆଗକୁ ବଢ଼ିଲୁ । ଶହେ ଦି'ଶହ ତିନି ଶହ, ଚାରି ଶହ ସିଡ଼ି ବେଳକୁ ଦୂରରୁ ଦିଶିଲା ଗୋଟେ ମନ୍ଦିର । ଭାବିଲି ସମସ୍ତେ ମିଛ କହୁଥିଲେ, ଏଇ ତ ଆସିଗଲା ମନ୍ଦିର । ପାଖରେ ପହଞ୍ଚି ଜାଣିଲୁ ଜଣେ ବ୍ୟବସାୟୀ ବନାଉଥିବା ଏ ଏକ ଡେରାସର ବା ମନ୍ଦିର । ଯାହାର କାମ ଏବେବି ଚାଲିଛି । ମନ୍ଦିର ତ ବହୁତ ଦୂର । ଗୋଡ଼ ଜବାବ ଦେବା ଆରମ୍ଭ କରି ସାରିଥିଲା । କିନ୍ତୁ ଫେରିଯିବା ପାଇଁ ଜମା ଇଚ୍ଛା ନଥିଲା । ଡେରାସର ଉପରୁ ସକାଳ ସୂର୍ଯ୍ୟ କିରଣ ପାଲିତାନା ସହରକୁ ଢାଙ୍କି ସାରିଥିଲା । ସେ ମନମୋହକ ଦୃଶ୍ୟ ଭାଷାରେ ବର୍ଣ୍ଣନା କରି ହେବନି । ସେଠି କିଛି ସମୟ ବିତେଇ ବାହାରି ପଡ଼ିଲୁ ଆମ ଗନ୍ତବ୍ୟ ପଥରେ । ପ୍ରକୃତରେ ତଳୁ ଉପରଯାଁ କୋଉଠି ଖାଇବା, ପିଇବା ବା ଶୌଚାଳୟର ବ୍ୟବସ୍ଥା ନାହିଁ । ଜୈନ ମାନ୍ୟତା ଅନୁସାରେ ଏ ଜୀବନରୁ ନିର୍ବାଣ ପ୍ରାପ୍ତି ପାଇଁ ପ୍ରତ୍ୟେକ ଜୈନ ନିଜ ଜୀବନ କାଳରେ ଥରେ ଏ ମନ୍ଦିରକୁ ଆସନ୍ତି । ଏବଂ ବିନା ଖାଇପିଇ ଚାରି ହଜାରେ ସିଡ଼ି ଚଢ଼ି ଦର୍ଶନ କରନ୍ତି । ତଳକୁ ଫେରିଲା ପରେ ହିଁ କିଛି ଯାହା କିଛି ଖାଆନ୍ତି । ସେଥିଯୋଗୁଁ ବୋଧହୁଏ କୌଣସି ଜାଗାରେ ପାଣି ବୋତଲ ଚା' କି ଖାଇବା ପିଇବା କିଛି ବ୍ୟବସ୍ଥା ନାହିଁ । ଅବଶ୍ୟ ଖାଇବାର ଆବଶ୍ୟକତା ଆମକୁ ବି ପଡ଼ିଲାନି । କିନ୍ତୁ ହଁ ମଝିରେ ମଝିରେ ଆମେ ନେଇଥିବା ପାଣି ପିଉଥିଲୁ । ଗୋଟେ ଜାଗାରେ ବସିଛୁ ଦର୍ଶନ ସାରି ଫେରୁଥିବା ଜଣେ



ମହିଳା ଆମ ପାଖକୁ ଆସି କହିଲେ, କିଛି ଖାଇବାକୁ ବିସ୍କୁଟ୍ ଆଦି ଅଛି କି ? ମୁଁ ବ୍ୟାଗରୁ ବାହାର କରି ବିସ୍କୁଟ୍ ପ୍ୟାକେଟ୍ ବଢ଼େଇ ଦେଲି । ସେ ତନ୍ମଧ୍ୟରୁ ଚାରି ଖଣ୍ଡ ବିସ୍କୁଟ୍ ଖାଇ ପାଣି ପିଇ ଟିକେ ସୁସ୍ଥ ହେଲେ । ପରେ ଜାଣିବାକୁ ପାଇଲି ତାଙ୍କ ନାଁ ଲକ୍ଷ୍ମୀ । ସେ ବେଙ୍ଗଲୀ, କିନ୍ତୁ ଓଡ଼ିଆକୁ ବାହା ହେଇଛନ୍ତି ଏବଂ ତାଙ୍କ ସ୍ୱାମୀ ଭୁବନେଶ୍ୱର ଲଳିତ କଳା ଏକାଡ଼େମୀରେ କାମ କରନ୍ତି । ସେମାନେ ଓଡ଼ିଶାରୁ ଗ୍ରୁପ୍‌ରେ ଆସିଥିଲେ । ଏତେ ପାହାଚ ଜାଣି ସ୍ୱାମୀ ଚଢ଼ିଲେନି । ତଳେ ଅପେକ୍ଷା କରିଛନ୍ତି । ତାଙ୍କର କିନ୍ତୁ ମନ ହେଲାନି ଦର୍ଶନ ନକରି ଏମିତି ଫେରିଯିବାକୁ । ତେଣୁ ସେ ଚଢ଼ିଥିଲେ । ବିସ୍କୁଟ୍ ଖାଇ ସୁସ୍ଥ ହେଲା ପରେ 'ଓଡ଼ିଶା ଆସିଲେ ଆସିବ' କହି ଫୋନ୍ ନମ୍ବର ଦେଇ ସେ ଚାଲିଗଲେ । ସାଙ୍ଗରେ ବିସ୍କୁଟ୍ ଆଣିଥିବାରୁ ନିଜକୁ ଧନ୍ୟବାଦ ଦେଲି ମନେ ମନେ । ଅନ୍ୟ ତିନିଜଣ ମଧ୍ୟ ମୋର ଟିକେ ପ୍ରଶଂସା କଲେ । ପୁଣି ଚଢ଼ିଲୁ ଉପରକୁ । ଆହୁରି ହଜାରେ ପାହାଚ ବାକି ଥିଲା । ଅନେକ ଦୂରରୁ ଦେଖା ଯାଉଥିଲା କିଲ୍ଲା ପରି ସୁଉଚ୍ଚ ପାଚେରୀ ଭିତରୁ କିଛି ମନ୍ଦିର ।

ଲୋକମାନେ ବହୁ ଆଗରୁ ଚଢ଼ା ଆରମ୍ଭ କରିଥିଲେ ବୋଧେ । ତେଣୁ କିଛି କିଛି ଜାଗାରେ ଆମେ ଖାଲି ଚାରିଜଣ ଚାଲୁଥିଲୁ । ସେ ସମୟରେ କିଛି ପର୍ବ ନଥିଲା । ତେଣୁ ଭିଡ଼ ଅପେକ୍ଷାକୃତ କମ ଥିଲା । ପାହାଡ଼ ରାସ୍ତାରେ ଟିକେ ଡର ବି ଲାଗୁଥିଲା । ଯାହା ହେଉ ଉଠି ବସି ମନ୍ଦିର ପାଖରେ ପହଂଚିଲୁ । ପାଣି ସରି ଯାଇଥିଲା । ଟିକେ ଦମ୍ ନେଇ ମନ୍ଦିର ଭିତରେ ପ୍ରବେଶ କଲୁ । ମନ୍ଦିର ଭିତରେ ପ୍ରବେଶ କଲା ପରେ ନିଜ ଆଖିକୁ ବିଶ୍ୱାସ କରି ହେଲାନି । ଏତେ ଉପରେ ଏତେ ସୁନ୍ଦର ମନ୍ଦିର ! ସବୁ ପୁଣି ମାର୍ବଲ୍‌ର । ଯିବା ଆସିବା ପାଇଁ ସିଡ଼ି ଛଡ଼ା ଆଉ କିଛି ସୁବିଧା ନାହିଁ । ଏମିତିକି ମନ୍ଦିର ବନେଇବା ପାଇଁ ତାକୁ ମାର୍ବଲ କାନ୍ଧରେ ବୋହି ଆଣିବାକୁ ପଡ଼େ । ମନେ ପଡ଼ିଲା ସେତୁବନ୍ଧ ବାନ୍ଧିଲା ବେଳେ ଗୁଣ୍ଡୁଚି ମୂଷାର ସାହାଯ୍ୟ । ପଥର ଧରି ଚାରି ହଜାର ସିଡ଼ି ଚଢ଼ି ଆଣି ରଖି ପୁଣି ଚାରି ହଜାର ସିଡ଼ି ଓହ୍ଲେଇ ଆଉ ଗୋଟେ ପଥର ଆଣିବା ରଖିବା...ଏ ପ୍ରକ୍ରିୟା



ଜଣକର ବା ଗୋଟିଏ ସମୟ ସୀମା ମଧ୍ୟରେ ସମ୍ଭବ ନୁହେଁ । ସେତିକି ଭାବ ଭକ୍ତି ନିଷ୍ଠା ନଥିଲେ ଏପରି ଭବ୍ୟ ମନ୍ଦିର ସମୂହ ଗଢ଼ି ତୋଳିବା ଅସମ୍ଭବ ।



ଏଗାର ଶହ ଶତାବ୍ଦୀରୁ ପ୍ରାୟ ନଅଶହ ବର୍ଷ ଧରି ଏ ମନ୍ଦିର ସବୁ ତିଆରି ଚାଲିଛି । ଆଜିବି ତିଆରି ହେଉଛି । ପୃଥିବୀର ଏ ଗୋଟିଏ ସ୍ଥାନ ଯେଉଁଠି ଗୋଟେ ଜାଗାରେ ଏତେ ମନ୍ଦିର ଅଛି । ବିଶିଷ୍ଟ ଜୈନ ଧର୍ମାବଲମ୍ବୀ କୁମାରପଲ ସୋଳଙ୍କ ଏଠି ମନ୍ଦିର ତିଆରି କରିଥିଲେ । ତା ପରେ ଧନୀ ଜୈନ ବ୍ୟବସାୟୀମାନଙ୍କ ପ୍ରଚେଷ୍ଟାରେ ଏ ଭବ୍ୟ ମନ୍ଦିର ସମୂହ ଗଢ଼ି ଉଠିଛି । କୁହାଯାଏ ପୂର୍ବକାଳରେ ଦିନ ମଜୁରୀ ହିସାବରେ ନୁହେଁ କିଏ କେତେ ଖୋଦେଇ କରି ମାର୍ବଲ ଗୁଣ୍ଡ ଏକାଠି କରିପାରିଲା, ସେଇ ମାର୍ବଲ ଗୁଣ୍ଡ ମାପ ଅନୁସାରେ ପଇସା ମିଳୁଥିଲା । ତେଣୁ ମନ୍ଦିରର ଭବ୍ୟ କାରୁକାର୍ଯ୍ୟ ମନକୁ ବିମୋହିତ କରିଦିଏ । ମନ୍ଦିରର ଚାରିପଟେ କିଲାନୁମା ବିଶାଳ ପ୍ରାଚୀର । ଭିତରେ ୩ ଭାଗରେ ମନ୍ଦିର ପରିସର । ଗୋଟେ ପରିସରରୁ ଅନ୍ୟ ପରିସରକୁ ଯିବା ପାଇଁ ମଧ୍ୟ ଅନେକ ସିଡ଼ି ଚଢ଼ିବାକୁ ପଡ଼େ । ମଧ୍ୟ ଯୁଗୀୟ ୟୁରୋପୀୟ ଶୈଳୀରେ ଏହାର ଗଳିସବୁ । ମନ୍ଦିର ପାଖରେ ଗୋଲେଇ ଗୋଲେଇ ସିଡ଼ି ସବୁ ଅଛି । ତା ଉପରେ ଚଢ଼ି ଉପରେ ବାଲକୋନୀରୁ ମନ୍ଦିର ପରିସର ସ୍ପଷ୍ଟ ଦିଶେ ।

ପାହାଡ଼ର ପାଦଦେଶରୁ ମନ୍ଦିର ପରିସର ଭିତରେ ୮୬୬ ମନ୍ଦିର ଅଛି । କେତୋଟି ମୁଖ୍ୟ ମନ୍ଦିରକୁ ଛାଡ଼ି ଦେଲେ ବାକି ମନ୍ଦିର ଆପାତତଃ ଛୋଟ । ଜୈନଧର୍ମର ତୀର୍ଥଙ୍କର ମାନଙ୍କ ୨୭୦୦ ମୂର୍ତ୍ତି ମଧ୍ୟ ଅଛି । କୁହାଯାଏ ଜୈନ ଧର୍ମର ୨୪ ତୀର୍ଥଙ୍କରଙ୍କ ମଧ୍ୟରୁ ନେମିନାଥଙ୍କୁ ଛାଡ଼ି ବାକି ୨୩ଜଣ ତୀର୍ଥଙ୍କରଙ୍କ ପବିତ୍ର ପଦପାତରେ ଏ ଭୂମି ପବିତ୍ର ହେଇଥିଲା । ମୁଖ୍ୟ ମନ୍ଦିର ପ୍ରଥମ ତୀର୍ଥଙ୍କର ଆଦିନାଥ ବା ଋଷଭନାଥଙ୍କୁ ସମର୍ପିତ । ପ୍ରାୟ ମନ୍ଦିର ଶ୍ୱେତାମ୍ବର ମୂର୍ତ୍ତି ପୂଜନରେ ବିଶ୍ୱାସ କରୁଥିବା ସମ୍ପ୍ରଦାୟଙ୍କର । ଧଳା ରଙ୍ଗ ଶାନ୍ତି ଆଉ ଶୁଦ୍ଧତାର ପ୍ରତୀକ । ସମ୍ପୂର୍ଣ୍ଣ ମନ୍ଦିର ଧଳା ମାର୍ବଲରେ ତିଆରି । ଏମିତିକି ଛୋଟ ବଡ଼ ସମସ୍ତ ମୂର୍ତ୍ତି ମଧ୍ୟ ମାର୍ବଲର । ମୁଖ୍ୟ ମନ୍ଦିରରେ ଆଦିନାଥଙ୍କ ମୂର୍ତ୍ତି ଦେଖିଲେ ଲାଗିବ ସତରେ ଯେମିତି ଭଗବାନ ଜୀବନ୍ତ ବସିଛନ୍ତି । ମନ୍ଦିର ଭିତରେ ଏକ ଅପୂର୍ବ ଶାନ୍ତି ଅନୁଭୂତ ହୁଏ । କୁମାରପଲ, ବିମଲସାହା, ସାଂପ୍ରତିରାଜ, ଚଉମୁଖ


ମନ୍ଦିର ଆଦି ଅନ୍ୟତମ ମନ୍ଦିର । ଚଉମୁଖ ମନ୍ଦିରର ଭବ୍ୟତା ଅତୁଳନୀୟ । ଏ ମନ୍ଦିର ସବୁଦିଗରୁ ଖୋଲା । ଭଗବାନ ଆଦିନାଥଙ୍କ ମୂର୍ତ୍ତିର ଚାରିପଟକୁ ମୁହଁ ଅଛି । ତେଣୁ କୌଣସି ଦିଗରୁ ଭଗବାନଙ୍କ ଦର୍ଶନ ହେଇ ପାରିବ । ୧୬୧୮ରେ ଏହା ନିର୍ମିତ ହେଇଥିଲା । ଦିଗମ୍ବର ଧର୍ମାଲମ୍ବୀମାନଙ୍କର ମଧ୍ୟ ଗୋଟେ ମନ୍ଦିର ଅଛି । ୪୨ ଇଞ୍ଚ ସମ୍ପୂର୍ଣ୍ଣ ଧଳା ମାର୍ବଲ ଶାନ୍ତିନାଥଙ୍କ ମୂର୍ତ୍ତି ସହ ଭୀମ ଅର୍ଜୁନ ଯୁଧିଷ୍ଠିରଙ୍କ ମୂର୍ତ୍ତି ମଧ୍ୟ ଅଛି । ମନ୍ଦିର ପରିସରରେ ଅଶୋକ ବୃକ୍ଷ ଅଛି । ଯାହାର ପତ୍ର ଭଗବାନଙ୍କ ପ୍ରସାଦ ଭାବରେ ଲୋକେ ନେଇ ତାଙ୍କ ଆଲମାରୀରେ ରଖନ୍ତି । ତଳେ ପଡ଼ିଥିବା ପତ୍ରରୁ ଆମେ ମଧ୍ୟ ଗୋଟେ ଗୋଟେ ଆଣିଲୁ ।


ଜୈନଧର୍ମର ବିଶ୍ୱାସ ଅନୁସାରେ ଜୀବନ କାଳରେ ଥରେ ଏ ପବିତ୍ର ଭୂମିରେ ପାଦ ଦେଲେ ଏ ଜନ୍ମରୁ ମୁକ୍ତି ଲାଭ ହୁଏ । ତେଣୁ ପାହାଡ଼ ଚଢ଼ି ଦର୍ଶନ ସାରି ଓହ୍ଲେଇବା ଯାଏଁ ଖାଇବା ପିଇବା ମନା । ନିରବରେ ଭଗବାନଙ୍କୁ ଧ୍ୟାନ କରି ସିଡ଼ି ଚଢ଼ିବାକୁ ପଡ଼େ । ସେଥିପାଇଁ ଅନ୍ୟ ଦର୍ଶନୀୟ ସ୍ଥଳ ପରି ଖାଇବା ପିଇବାର ଷ୍ଟଲ୍ ପୂରା ପାହାଡ଼ରେ କୋଉଠି ବି ଦେଖିବାକୁ ମିଳେନି । ଲାଇଟ୍ ପାଣି କିଛିର ବ୍ୟବସ୍ଥା ନାହିଁ । ସନ୍ଧ୍ୟା ୬ଟାରେ ମନ୍ଦିର ଦ୍ୱାର ବନ୍ଦ ହୁଏ । ଏମିତିକି ପୂଜାରୀମାନଙ୍କୁ ମଧ୍ୟ ରହିବାକୁ ଅନୁମତି ନାହିଁ । ମାନ୍ୟତା ଅନୁସାରେ ରାତିରେ ଦେବତାମାନେ ସ୍ୱର୍ଗରୁ ଏଠିକି ଆସନ୍ତି । ମନ୍ଦିର ବାହାରେ ଥିବା କିଛି ଛୋଟ ଘରେ ଅଳ୍ପ କିଛି ସୁରକ୍ଷା କର୍ମୀ ରୁହନ୍ତି ଯେଉଁମାନେ ଦିନରେ ମନ୍ଦିରର ସୁରକ୍ଷା ଦାୟିତ୍ୱ ତୁଲାନ୍ତି । ବାକି ଆଉ କେହି ସେଠି ରୁହନ୍ତି ନାହିଁ ।

ପାହାଡ଼ର ନାମ ଶତ୍ରୁଞ୍ଜୟ । ମାନେ ନିଜ ଭିତର ଈର୍ଷା, ହିଂସା, କ୍ରୋଧକୁ ଜୟ କରିବା । ପ୍ରକୃତରେ ସେଠି ପହଁଚିଲା ପରେ ମନ ଭିତରେ ଅପୂର୍ବ ଶାନ୍ତି ଛଡ଼ା ଆଉ କିଛି ନଥିଲା । ଅନ୍ୟାନ୍ୟ ମନ୍ଦିର ପରି ନା ଏଠି ଫୁଲ, ଭୋଗ, ଚା-ପକୁଡ଼ି ଦୋସା ଆଦିର ବ୍ୟବସାୟିକ କେନ୍ଦ୍ର ଥିଲା, ନା ଢୋଲ ନାଗଡ଼ ଘଣ୍ଟଧ୍ୱନି ଥିଲା । ଏତେବଡ଼ ମନ୍ଦିର ପରିସରରେ ଏକ ଅପୂର୍ବ ନୀରବତା । ବାସ୍ ଭଗବାନଙ୍କୁ ଧ୍ୟାନ କର । ତାଙ୍କ ଚରଣ ତଳେ ନିଜକୁ ସମର୍ପି ଦେଇ ନୀରବ ପ୍ରାର୍ଥନା କର । ମନ ହେଉଥିଲା ରହିଯିବାକୁ ସେଇଠି । ହେଲେ ସନ୍ଧ୍ୟା ପୂର୍ବରୁ ଫେରିବାର ଅଛି । ରାତି ଯେ ଦେବତାମାନଙ୍କ ସମୟ । ଭାବିଲି ଏତେବଡ଼ ମନ୍ଦିର ପରିସର ବିନା ବିଜୁଳିରେ ରାତିରେ ପ୍ରକୃତି କୋଳରେ କେମିତି ହଜି ଯାଉଥିବ ।

ହିଙ୍ଗରାଜ ମାତା ଏହି ପର୍ବତର ମୁଖ୍ୟ ଦେବୀ । ବେଲୁଚିସ୍ଥାନ, କଚ୍ଛ, ସୌରାଷ୍ଟ୍ର, ସିନ୍ଧ୍ ହିନ୍ଦୁଙ୍କର ମୁଖ୍ୟ ଦେବୀ । ମନ୍ଦିରର ଅପରପକ୍ଷରେ ଅଙ୍ଗର ପିର ନାମକ ଏକ ମୁସଲମାନ ଶିରୀନ ମଧ୍ୟ ଅଛି । କୁହାଯାଏ ଚଉଦ ଶହ ଶତାବ୍ଦୀରେ ମୁସଲମାନ ଆକ୍ରମଣ ସମୟରେ ସେ ଏ ମନ୍ଦିରକୁ ରକ୍ଷା କରିଥିଲେ । ଆଜି ମଧ୍ୟ ଏକ ଜୈନ ସମ୍ପ୍ରଦାୟଙ୍କ ତରଫରୁ ଏହି ଶିରୀନରେ ଚାଦର ଚଢ଼ାଯାଏ ।

ଦର୍ଶନ ଆଉ ସେଠିକାର ସୁରକ୍ଷା ଦାୟିତ୍ୱରେ ଥିବା ସିକ୍ୟୁରିଟି ଗାର୍ଡ଼ଙ୍କ ସହ କିଛି ସମୟ କଥା ହେଲା ପରେ ଏବେ ଓହ୍ଲେଇବା ସମୟ । ପାଣି ସରି ଯାଇଥିଲା । ସେମାନଙ୍କ ଠୁ ମାଗି ଦୁଇ ବୋତଲ ପାଣି ନେଲୁ । ମନ୍ଦିର ସାମ୍ନାରେ ଥିବା କୁଣ୍ଡରେ ମୁହଁ ଧୋଇବାକୁ ଗଲୁ । କୁଣ୍ଡରେ ବର୍ଷା ଦିନେ ଜମା ହେଉଥିବା ବର୍ଷା ପାଣି ଏତେ ଅପରିଷ୍କାର ଥିଲା ଯେ ମୁହଁ ଧୋଇବାକୁ ବି ଇଚ୍ଛା ହେଲାନି । କିନ୍ତୁ ସେମାନେ ସେଇ ପାଣି ରୋଷେଇ ଗାଧୋଇବା ଆଦି ପାଇଁ ବ୍ୟବହାର କରୁଛନ୍ତି ବୋଲି କହିଲେ ଏବଂ ପାଣି ଭଲ, ଏ ପାଣିରେ କିଛି ରୋଗବ୍ୟାଧି ହେବନି ବୋଲି କହିଲେ ।





ପୁଣିଥରେ ମନ୍ଦିର ଆଡ଼କୁ ଅନେଇ ଫେରିବାର ଉପକ୍ରମ କଲୁ । ପ୍ରବଳ ଭୋକ । ସାଙ୍ଗରେ ନେଇଥିବା କିଛି କାଜୁ, ପେସ୍ତା, କିସ୍‌ମିସ୍ ଆଦି ଖାଇ ପାଣି ପିଇ ଓହ୍ଲେଇଲୁ ।

ପାଦ ବୋଲ ମାନୁନଥାଏ । ଏଣେତେଣେ ପଡୁଥାଏ । କିନ୍ତୁ ମନ୍ଦିରର ଭବ୍ୟତା ଏତେ ମନ୍ତ୍ରମୁଗ୍ଧ କରିଦେଇଥିଲା ଯେ ଓହ୍ଲେଇବା କଷ୍ଟ ଠୁ ମନ୍ଦିର ଛାଡ଼ି ଆସିବାର କଷ୍ଟ ବେଶୀ ବାଧୁଥିଲା । ପୁଣି ଆଉଥରେ ଆସିବୁ ମନେମନେ ଭାବି ଗୋଟିଏ ଗୋଟିଏ ସିଡ଼ି ଓହ୍ଲେଇ ଚାଲିଲୁ । ଏଥର ପାହାଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରି କରି ଫେରିଲୁ । ପାହାଡ଼ ଉପରୁ ପାଲିତାନା ସହର...ସତରେ ଏ ବିଶାଳ ପୃଥିବୀରେ ଆମ ଅସ୍ତିତ୍ୱ କୋଉଠି ? ବିଶାଳ ମରୁଭୂମିରେ ଗୋଟେ ବାଲିକଣା ସଦୃଶ୍ୟ । ଘରସବୁ ପିଲାବେଳେ ଦିଆସିଲି କାଠିରେ କରୁଥିବା ଘର ପରି ଛୋଟ ଛୋଟ ଦିଶୁଥିଲା । ଶତ୍ରୁଞ୍ଜ ନଦୀ ଚିତ୍ରଖାତାର ଡ୍ରଇଂ ପରି ଗଲ୍ଫ ଅଫ କାମ୍ବେ ଆଉ ଭାବନଗର ସହରକୁ ଦି'ଭାଗ କରି ବୋହି ଯାଉଥିବା ନୀଳ ଗାରଟିଏ ପରି ଲାଗୁଥିଲା ।

ଫେରିଲା ବେଳକୁ ଭାବୁଥିଲି, ଯଦି ଜାଣିଥାନ୍ତି ୩୭୫୦ ସିଡ଼ି ବୋଲି କଣ ଆସିଥାନ୍ତି ? ବୋଧହୁଏ ନା । ଆଉ ପୃଥିବୀର ସବୁଠୁ ବଡ଼ ମନ୍ଦିର ସମୂହ ଯେ ଭାରତରେ ଅଛି ଜାଣି ପାରିନଥାନ୍ତି କି ସ୍ୱର୍ଗସୁଖ ଲାଭ କରିପାରି ନଥାନ୍ତି । ଆସିଲି ଭଲ କଲି ।


କଥା-କାହାଣୀ- ୧
Dr Ranjan Mallik
ସଂପ୍ରୀତି




## ଇନ୍ଦୁଲତା ମହାନ୍ତି

୪୦୪, ଟାୱାର-୭, ୟୁନିଟେକ, ଦ ପାଲମ୍ସ୍,
ସାଉଥ୍ ସିଟି-୧, ସେକ୍ଟର-୪୧
ଗୁଡ଼ଗାଓଁ -୧୨୨୦୦୯
ଫୋନ-୦୮୮୦୦୫୩୨୧୫୧


ଶୁକ୍ରବାର ଦିନ ସ୍କୁଲ୍‌ରୁ ଫେରି ନାଜ୍‌ମା ହାତ-ମୁହଁ ଉଜୁକରି, ଓଢ଼ଣିରେ ମୁଣ୍ଡ ଘୋଡ଼ାଇ ତାର ପୂଜା ଆସନ ନେଇ, ପଶ୍ଚିମ ଦିଗକୁ ମୁହଁ କରି ଆଣ୍ଠୁମାଡ଼ି ବସି ପଡ଼ିଲା ଏବଂ ଦୁଇ ହାତରେ ପାପୁଲି ଏକାଠି ମେଲେଇ ଧରି ଦୁଆ ମାଗିଲା ।

ଦୁଆ କାହା ପାଖରୁ ଏବଂ କାହିଁକି ମଗାଯାଏ ବୋଲି ସେ ଜାଣିନଥିଲା । ଆବ୍‌ବୁ ଖାଲି ଏତିକି ଶିଖାଇଥିଲେ ଏବଂ ଏହା ପ୍ରତି ଶୁକ୍ରବାର ଦିନ ନିୟମିତ ଭାବରେ କରିବା ପାଇଁ ମା' ବରାବର ଚେତାଇ ଦେଉଥିଲେ ।

ନରେନ୍ଦ୍ର ମଧ୍ୟ ସ୍କୁଲ୍‌ରୁ ଫେରିଥିଲା । ଜଳଖିଆ ଖାଇ ସେ ଖେଳିବାକୁ ଯିବାକୁ ବାହାରୁଥିଲା । ଠାକୁର ଖଟୁଲୀ ପାଖେ ଧ୍ୟାନମଗ୍ନା ନାଜ୍‌ମା ଉପରେ ତାର ଆଖି ପଡ଼ିଗଲା । ଖେଳିବାକୁ ଯିବ କଣ, ତାକୁ ଏଇଠି ତ ଗୋଟେ ଖେଳ ମିଳିଗଲା ।

ନାଜ୍‌ମାର ନମାଜ୍ ସରି ଆସିଲା । ତାପରେ ସେ ସେମିତି ବସି ରହି କହିଲା, ଟିକିଏ ପାଟି ଖୋଲି ୟା ଆଲ୍‌ଲାହା, ବିସ୍‌ମିଲ୍‌ଲାହା... ।

ନରେନ୍ଦ୍ର ଏଇ ସମୟଟିକୁ ଅପେକ୍ଷା କରିଥିଲା । ନାଜ୍‌ମାର ମୁଣ୍ଡରୁ ଓଢ଼ଣି ଟାଣିନେଇ ସେ କହିଲା, ଜୟ, କାବା ବାବାଙ୍କର ଜୟ.... ।

ନାଜ୍‌ମା ବି ଚୁପ୍ ରହିବା ପରି ଝିଅ ନୁହେଁ । ନରେନ୍ଦ୍ରର ସ୍ୱର ଅନୁକରଣ କରି ସେ କହିଲା, ଜୟ ହାତୀମୁହାଁ ଗଣେଶ ବାବାଙ୍କର ଜୟ...

ନରେନ୍ଦ୍ର ତା ପିଠିରେ ବିଧାଟିଏ ଥୋଇ ଦେଲା, ତୁ ମୋ ଠାକୁରଙ୍କୁ ହାତୀମୁହାଁ କହିଲୁ ?

ନାଜ୍‌ମା ବି ତା ପିଠିରେ ବିଧା ବସାଇଥିବା ହାତଟିକୁ ଧରି ମୋଡ଼ିଦେଇ କହିଲା, ତୁ ବି ତ ମୋ ଠାକୁରଙ୍କୁ କାବାବାବା କହିଲୁ... ।

ରୋଷେଇ ଘରେ ଚା'ଜଳଖିଆର ବ୍ୟବସ୍ଥା କରୁଥିବା ଅହଲ୍ୟା କାନରେ ଖାଲି ପାଟି ତ ନୁହେଁ, କଥାଗୁଡ଼ା ବି ଶୁଣାଗଲା । ଯାହା କରୁଥିଲା ସେଇଠି, ସେମିତି ଭାବରେ ଛାଡ଼ି ଦେଇ ଆସି ଦୁଇ ହାତରେ ଦୁଇଜଣଙ୍କର ଗୋଟେ ଗୋଟେ କାନ ଧରି ଶୋଇବା ଘର ବାରଣ୍ଡାରେ ପଡ଼ିଥିବା ବେଞ୍ଚ୍‌ରେ ନେଇ ବସେଇଲା ଏବଂ ସେମାନଙ୍କୁ ଭସ୍ମ କରିଦେବା ଚାହାଣୀରେ ଚାହିଁ କହିଲା, ଠାକୁରଙ୍କୁ ନେଇ ଥଟ୍ଟା-ପରିହାସ କରିବ ନାହିଁ ବୋଲି ମୁଁ ତୁମ ଦୁଇଜଣଙ୍କୁ କେତେ ଥର ମନା ନ କରିଚି, ଏଁ ?

ନାଜ୍‌ମା ଓ ନରେନ୍ଦ୍ର ମୁହଁ ପୋତି ପକେଇଲେ । ଅହଲ୍ୟାର ସେଇ ଚାହାଣୀ ସେମାନଙ୍କ ମୁହଁ ଉପରେ ସେମିତି ଲାଖି ରହିଥିବାର ସେମାନେ ଅନୁଭବ କରି ପାରୁଥିଲେ ।

କିଛି ସମୟ ପରେ ଅହଲ୍ୟା ପଚାରିଲା, କିଏ ଆରମ୍ଭ କଲା ? ବଡ଼ ଦମ୍ଭର ସହିତ ମୁଣ୍ଡ ଟେକି ନାଜ୍‌ମା କହିଲା, ଭାଇ ।

ନରେନ୍ଦ୍ର ଆଉ ଟିକିଏ ଜାକିଜୁକି ହେଇ ବସିଲା । ମା' ରାଗିଗଲେ ଏଇ ନାମରେ ଡାକନ୍ତି । ଏଇକ୍ଷଣି ଗର୍ଜ୍ଜନ କରି ତା ଉପରେ ବର୍ଷିଯିବେ.... ।

କିନ୍ତୁ ତାର ଆଶଙ୍କାକୁ ଅମୂଳକ କରି ସ୍ୱରଟା କୋମଳ ଶୁଣାଗଲା । ସେଇ କୋମଳତାରେ ବାତ୍ସଲ୍ୟର ଆଦର ମିଶେଇ ଅହଲ୍ୟା କହିଲା, ମା ନାଜ୍, ବାପା ନାରୁ, ମନଦେଇ ଶୁଣ । ଠାକୁର ଅଲଗା ଅଲଗା ନୁହନ୍ତି ଯେ, ତୁ କହିବୁ ତୋ ଠାକୁର ହାତୀମୁହାଁ, ସେ କହିବ, ତୋ ଠାକୁର କାବା ବାବା...ଠାକୁର ହେଉଚନ୍ତି ଏକ୍, ଜଣେ । ତାଙ୍କର ଅନେକ ନାମ ଅଛି, ରୂପ ଅଛି । ଯାହା କାନକୁ ଯେଉଁ ନାମ ଭଲ ଶୁଣାଗଲା, ଯେଉଁ ରୂପ ଭଲ ଦିଶିଲା, ସେ ସେଇ ନାମରେ ଡାକିଲା, ସେଇ ରୂପକୁ ପୂଜିଲା । ଆରେ ମା ନାଜ୍, ତୋର ସ୍କୁଲ୍‌ରେ ଲେଖା ହୋଇଥିବା ନାମ ହେଉଛି ନାଜ୍‌ମା, ମୁଁ ତତେ ଡାକେ ନାଜ୍, ଆବ୍‌ବୁ ନାଜିଆ, ବାପା ନାଜି, ଆଉ ଏଇ ମାଙ୍କଡ଼ମୁହାଁ ତୋର ଭାଇ ବଡ଼ ଗେହ୍ଲାରେ ଡାକେ ନଜ୍‌ମୁନ୍ । କିନ୍ତୁ ତୁ ହେଉଚୁ ନାଜ୍‌ମା ।

ତାପରେ ନରେନ୍ଦ୍ରକୁ କହିଲା, ଶୁଣ୍ ବାବୁନାରୁ, ତୋର ନାମ ନରେନ୍ଦ୍ର ହେଲେ ବି ମୁଁ ଡାକୁଚି ନାରୁ, ବାପା ଡାକନ୍ତି ନରହରି, ଆଉ ଆବ୍‌ବୁ ନରିଆ... ।

ଇଏ ବି ସେମିତି ଗୋଟେ କଥା । ଠାକୁର ଏକ୍ । କିନ୍ତୁ ଯାହାକୁ ଯୋଉ ନାମ ଭଲ ଲାଗିଲା, ସେ ସେଇ ନାମରେ ଡାକିଲା । ତାଙ୍କର ରୂପ କେହି କେବେ ଦେଖିନଥିଲେ ବି, ଯାହାକୁ ଯୋଉ ରୂପ ସବୁଠୁ ବେଶୀ ଭଲ ଲାଗେ, ଠାକୁରଙ୍କୁ ସେଇ ରୂପରେ ପୂଜା କରେ ।

ଏଥର ବୁଝି ପାରିଲ ତ ? ନାଜ୍‌ମା ଓ ନରେନ୍ଦ୍ର ମୁଣ୍ଡ ହଲାଇ ଜଣାଇ ଦେଲେ ଯେ, ସେମାନେ ବୁଝି ପାରିଚନ୍ତି ।

### କାହାଣୀ ପଛର କାହାଣୀ

**କେତେ ମାସ ତଳେ ଖବର କାଗଜରୁ ଗୋଟିଏ ସମ୍ବାଦ ପଢ଼ିଥିଲି । ଗୁଜୁରାଟରେ କୌଣସି ଏକ ସହରରେ ଦୁଇଟି ଭିନ୍ନ ସମ୍ପ୍ରଦାୟର ଦୁଇ ଜଣଙ୍କ ମଧ୍ୟରେ ବନ୍ଧୁ ଭାବ ଗଢ଼ି ଉଠିଥିଲା । ମୁସଲମାନ ବନ୍ଧୁର ଦେହାନ୍ତ ପରେ ହିନ୍ଦୁ ବନ୍ଧୁଟି ବନ୍ଧୁର ଶିଶୁକନ୍ୟାକୁ ନେଇ ଝିଅ ପରି ପାଳିଥିଲେ । କିନ୍ତୁ ଝିଅଟିର ଜ୍ଞାନ ହେବା ପରେ ସେ ମୁସଲମାନ ବୋଲି ତାକୁ ଜଣେଇ ଦେଇଥିଲେ । ଝିଅଟି ବଡ଼ ହେବାରୁ ତାର ବିବାହ ପାଇଁ ମୁସଲମାନ ପାତ୍ରଟିଏ ପାଇଥିଲେ ମଧ୍ୟ । କିନ୍ତୁ ବିବାହ ପୂର୍ବରୁ ଝିଅଟି ଅଡ଼ି ବସିଲା, ବିବାହର ପ୍ରାଥମିକ ଅନୁଷ୍ଠାନ ସ୍ୱରୂପ ଘରେ ଆଗ ଗଣେଷ ପୂଜା ହେବ । ତାହା ହୋଇଥିଲା ମଧ୍ୟ । ଏହି ଖବରଟିକୁ ହିଁ ମୁଁ ଗଳ୍ପର ରୂପ ଦେଇଛି ।**

ଇନ୍ଦୁଲତା ମହାନ୍ତି

ଅହଲ୍ୟା ଏକଥା ଯେତେବେଳେ କହିଲା, ନାଜ୍‌ମାକୁ ସେତେବେଳେ ଦଶବର୍ଷ ଏବଂ ନରେନ୍ଦ୍ରକୁ ବାର । ସେମାନଙ୍କର ସେଇ ବୟସ ବେଳୁ ଏଇ କଥାଟି ମନରେ ଘର ବାନ୍ଧି ରହିଗଲା ।

ଅବୋଧ ବୟସର ଶିଶୁମାନେ ଠାକୁର କଣ ଜାଣନ୍ତି ନାହିଁ, ଦେବତା କଣ ବୁଝନ୍ତି ନାହିଁ । ସେତେବେଳେ ସେମାନେ ନିଜେ ହିଁ ତ ଠାକୁର । କିନ୍ତୁ ବୟସ ବଢ଼ିବା ସହିତ, ନିଜ ଚାରିପାଖର ଜଗତର ଏକ ଅଂଶ ସେମାନେ ହୋଇ ଯାଆନ୍ତି, ନିଜର ଦେବତ୍ୱ ଭୁଲି ଯାଆନ୍ତି ।

ଆଉ, ଠାକୁରଙ୍କ  ଅସ୍ତିତ୍ୱ ଭୁଲି ନଯିବା ପାଇଁ ଏଇ ବୟସରେ ତାଙ୍କୁ ସେ ବିଷୟରେ ଶିକ୍ଷା ଦିଆଯାଏ । ନରେନ୍ଦ୍ର ପାଇଁ କିଛି ଅସୁବିଧା ନଥିଲା । ତାକୁ ଶିକ୍ଷା ଦେବାର ଦରକାର ନଥିଲା । ମା, ବାପାଙ୍କ ଆଚରଣ ଏବଂ ବ୍ୟବହାର ଦେଖି ଦେଖି ସେ ତ ସେଇ ଛାଞ୍ଚରେ ପଡ଼ିଯିବ ।

ଅସୁବିଧା ହେଲା ନାଜ୍‌ମାକୁ ନେଇ । କାରଣ, ନାଜ୍‌ମା ତାଙ୍କ ଜନ୍ମ କଲା ଝିଅ ତ ନୁହେଁ, ତାଙ୍କ ସମ୍ପ୍ରଦାୟର ମଧ୍ୟ ନୁହେଁ ।

ଦ୍ୱିତୀୟ ସନ୍ତାନକୁ ଜନ୍ମ ଦେଇ ନପାରି ସାଲ୍‌ମା ଯେତେବେଳେ ଦେହ ଛାଡ଼ି ଚାଲିଗଲା, ପ୍ରଥମ ସନ୍ତାନଟିକୁ ସେତେବେଳେ ମାତ୍ର ଦୁଇବର୍ଷ ।

ମନ୍‌ସୁର୍ ମୁଣ୍ଡରେ ହାତ ଦେଇ ବସିଗଲେ । ପାଖଆଖରେ ସେମିତି କେହି ନିକଟ ଆତ୍ମୀୟ ନାହାନ୍ତି ଯେ, ଛୋଟ ଛୁଆଟିର ଦେଖାଶୁଣା କରିପାରିବେ । ନିଜେ କଣ ବା କରି ପାରିବେ ? ଘର ତ ସାଲ୍‌ମା ସମ୍ଭାଳୁଥିଲା । ସେ ବିଷୟରେ ସେ ପୂରାପୂରି ଅଜ୍ଞ । ଏବେ ଘର ସମ୍ଭାଳିବେ ନା ଛୁଆକୁ ସମ୍ଭାଳିବେ ନା ଚାକିରି ସମ୍ଭାଳିବେ ? ସାଲ୍‌ମା ଏଇ ସମୟରେ ଏମିତି ଭାବରେ ଛାଡ଼ିଦେଇ ଚାଲିଗଲେ ।

ଅନ୍ଧାରରେ ବାଟବଣା ହୋଇଯିବା ପରି ଅନୁଭବ କରୁଥିବା ବେଳେ ଆଲୁଅ ଟିକେ ଦେଖାଇ ଦେଲେ ସଦାନନ୍ଦ ବାବୁ, ତାଙ୍କର ପଡ଼ୋଶୀ ଏବଂ ସହକର୍ମୀ । ସେ କହିଲେ, ମନ୍‌ସୁର ଭାଇ, ତୁମ ସମାଜର ଲୋକଙ୍କୁ ଡକାହକା କରି ଏବେ ଦଫ୍‌ନେଇବାର ବ୍ୟବସ୍ଥା କର । ଝିଅ ଦାୟିତ୍ୱ ଅହଲ୍ୟା ହାତରେ ଛାଡ଼ିଦିଅ । ଅହଲ୍ୟା କହିଲା, ହଁ, ଭାଇଜାନ୍ ! ଝିଅକୁ ମୁଁ ନେଇ ଯାଉଚି । ଆଜିଠାରୁ ସେ ମୋ ପାଖରେ ରହିବ। ତୁମେ ତା ବିଷୟରେ ନିଶ୍ଚିନ୍ତ ହୁଅ ।

ସେଇ ଅସହାୟ, ଦୁର୍ଯୋଗ ମୁହୂର୍ତ୍ତରେ ଅହଲ୍ୟା ଝିଅକୁ ଯୋଉ ନେଇ ଯାଇଥିଲା, କଥା ଦେଇଥିବା ଅନୁସାରେ ନିଜ ପାଖରେ ରଖିଲା ମଧ୍ୟ । ମନ୍‌ସୁର୍ ପ୍ରତିଦିନ ଝିଅକୁ ଟିକେ ଦେଖିବାକୁ ଯାଉଥିଲେ, ନରେନ୍ଦ୍ର ସହିତ ଖେଳିବା ପରି ତା ସାଙ୍ଗେ ଖେଳୁଥିଲେ । କିନ୍ତୁ ନିଜ ପାଖକୁ ନେବା କଥା କେବେ ବି ଉଠେଇ ନଥିଲେ ଏବଂ ସଦାନନ୍ଦ ବାବୁ ବା ଅହଲ୍ୟା ସେ ବିଷୟରେ କେବେ କିଛି କହି ନଥିଲେ ।

ଝିଅ ଧୀରେ ଧୀରେ ବଡ଼ ହେଉଥିଲା । ନରେନ୍ଦ୍ର ପାଖରୁ ଶୁଣି ସେ ସଦାନନ୍ଦଙ୍କୁ ବାପା ଏବଂ ଅହଲ୍ୟାକୁ ମା’ ବୋଲି ଡାକୁଥିଲା । ନରେନ୍ଦ୍ର ତାର ଭାଇ ଏବଂ ପ୍ରତିଦିନ ଆସି ତାକୁ ଟିକେ ଗେଲ କରିଦେଇ ଚାଲି ଯାଉଥିବା ଲୋକ ଜଣକ ଆବ୍‌ବୁ ବୋଲି ମା’ ଚିହ୍ନେଇ ଦେଇଥିଲା ।

ଏହା ହିଁ ଥିଲା ନାଜ୍‌ମାର ଦୁନିଆଁ । ତାକୁ ଯେତେବେଳେ ପାଞ୍ଚବର୍ଷ ହୋଇଗଲା, ଅହଲ୍ୟା କହିଲା ମନ୍‌ସୁରଙ୍କୁ, ଭାଇଜାନ୍! ମୁଁ ତାକୁ ପାଠ ପଢ଼େଇବି, ଭଲ ଗୋଟିଏ ଝିଅର ଆଦବ୍-କାଇଦା କେମିତି ହେବା କଥା, ଶିଖେଇବି । କିନ୍ତୁ ତାର ଧର୍ମ ବିଷୟରେ କିଛି ତ ଶିଖେଇ ପାରିବି ନାହିଁ! ଆଉ ସେ ଯଦି ସେ ବିଷୟରେ କିଛି ନ ଶିଖେ, ତାର ଭବିଷ୍ୟତ ଜୀବନରେ ଅସୁବିଧା ହେବ । ସାଲ୍‌ମା ଭଉଣୀ ବି ମୋ ଉପରେ ଅଭିମାନ କରିବ । ଆପଣ ତାକୁ ଧର୍ମ ସମ୍ବନ୍ଧୀୟ ଆଚରଣ, ତତ୍ତ୍ୱ କଥା ଟିକିଏ ଶିଖେଇ ଦିଅନ୍ତୁ... ।

ଏବଂ ନାଜ୍‌ମା ଆବ୍‌ବୁ ପାଖରୁ କୋରାନ୍-ଶରୀଫ୍ ବିଷୟରେ ଶୁଣିଲା, ନମାଜ୍ କରିବା, ଦୁଆ ମାଗିବା ବିଷୟରେ ଶିଖିଲା । ପାଞ୍ଚ ବର୍ଷର ଛୁଆ ଖଣ୍ଡକ ମା’ ପାଖରୁ ଦେଖି ଠାକୁର ପୂଜା କଲା, ସ୍କୁଲ୍‌ରେ ଆହେ ଦୟାମୟ ବିଶ୍ୱବିହାରୀ ପ୍ରାର୍ଥନା ଗାଇ, ପ୍ରତି ଶୁକ୍ରବାର ମା’ର ନିର୍ଦ୍ଦେଶରେ ଆବ୍‌ବୁ ପାଖରୁ ଶିଖିଥିବା ନମାଜ୍ କଲା ।

ସଦାନନ୍ଦ, ଅହଲ୍ୟା ଭାବୁଥିଲେ, ଯେମିତି ଚାଲୁଚି, ଚାଲୁଥାଉ । ସେ ବଡ଼ ହେଲେ ପର କଥା ପରେ ଦେଖାଯିବ। ମନ୍‌ସୁର୍ ଭାଇ ତ ଅଛନ୍ତି, ସେକଥା ସେ ବିଚାର କରିବେ ।

କିନ୍ତୁ ଏତେ ବଡ଼ ଗୋଟେ ଗୁରୁ ଦାୟିତ୍ୱକୁ ସେ ଏମିତି ଭାବରେ ଆଡ଼େଇ ଦେବେ ବୋଲି କିଏ ଭାବି ପାରିଥିଲା !





ଦିନେ ଭୋର୍ ସକାଳୁ ଦାଣ୍ଡ କବାଟ ଖୋଲିବା ବେଳକୁ ସଦାନନ୍ଦ ବାବୁ ଦୁଆରେ ଗୋଟିଏ ଲଫାପା ଥୁଆ ହୋଇଥିବାର ଦେଖିଲେ । କୌତୁହଳବଶତଃ ଉଠେଇ ନେଇ ସେ ଦେଖିଲେ ଲଫାପାର ମୁହଁ ଖୋଲା ଏବଂ ସେଥିରୁ ଚାରିଭାଙ୍ଗର ଖଣ୍ଡେ କାଗଜ ଖସି ପଡ଼ିଲା । ଉପରେ ତାଙ୍କର ନାମ ଲେଖା ହୋଇଥିଲା ।

ଚିଠି ଭିତରେ ଥିଲା ଗୋଟେ ଚାବି । ସଦାନନ୍ଦ ବାବୁ ଚିଠିଟି ପଢ଼ିଲେ । ସଂକ୍ଷିପ୍ତ ଚିଠି ।

ସଦାନନ୍ଦ ଭାଇ ! ସଲ୍‌ମା ଚାଲିଯିବା ପରେ ମୁଁ ହଜ୍ କରିବାକୁ ସ୍ଥିର କରିଥିଲି । ବର୍ତ୍ତମାନ ତାର ସୁଯୋଗ ମିଳିଲା । ମୁଁ ହୁଏତ ଆଉ ଫେରି ନପାରେ....

ନାଜ୍‌ମା ସହିତ ମୋର ସ୍ଥାବର-ଅସ୍ଥାବର ସମ୍ପତ୍ତି ଏବଂ ଅଫିସ୍‌ର ପ୍ରାପ୍ୟ ଆପଣଙ୍କ ହାତରେ ଦେଇଗଲି । ତାର ବିହିତ ବ୍ୟବସ୍ଥା କରି ଦେଇଛି ।

ନାଜ୍‌ମା ଆପଣଙ୍କର ଝିଅ । ଆପଣ ଓ ଭାବିଜୀ ଯାହା ଉଚିତ ମନେ କରିବେ, ତାକୁ ସେପରି ଭାବରେ ବଢ଼େଇବେ...

ନାଜ୍‌ମା ଜୀବନର ଗୋଟେ ଅଧ୍ୟାୟର ଅନ୍ତ ହୋଇଗଲା । ସେ ବିଚାରୀ କିନ୍ତୁ କିଛି ବୁଝିପାରି ନଥିଲା । ଅମ୍ମୀ ଜଣେ ତାର ଥିଲା ନିଶ୍ଚୟ, କିନ୍ତୁ ସେକଥା ତାର ମନେନଥିଲା । ଆବ୍ବୁ ବୋଲି ଯୋଉ ଜଣକ ଆସୁଥିଲେ, ତାଙ୍କର ଆସିବା ବି ବନ୍ଦ୍ ହୋଇଗଲା । ନାଜ୍‌ମା ଜୀବନରେ ତାର କିଛି ପ୍ରଭାବ ପଡ଼ି ନଥିଲା ଅବଶ୍ୟ । ତାର ତ ଗୋଟେ ଘର ଥିଲା, ସେଠି ବାପା ଥିଲେ, ମା' ଥିଲା, ଭାଇ ଥିଲା... ।

ସେଇ ବାଳୁତ ବୟସର ସମୟଟା ବିତିଯାଇ ନଥିଲେ, କିଛି ଚିନ୍ତା ତ ନଥିଲା । କିନ୍ତୁ ସମୟ କଣ କେବେ ବି, କାହା ପାଇଁ ହେଲେ ନ ବିତି ରହିଛି ? ସମୟ ବିତିଯିବା ସହିତ ନାଜ୍‌ମାକୁ ଶିଶୁରୁ କିଶୋରୀ, କିଶୋରୀରୁ ଯୁବତୀ ଅବସ୍ଥାରେ ପହଞ୍ଚାଇ ଦେଲା ।

ଏବଂ ତାର ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ଅହଲ୍ୟାର ଚିନ୍ତା ବି ବଢ଼ିଲା । ନାଜ୍‌ମାର ବାହା ହେବାର ବୟସ ହୋଇ ଯାଉଚି । ବାହା ତ କରେଇବେ ସିଏ, କିନ୍ତୁ ତା ଯୋଗ୍ୟ ପାତ୍ରଟିଏ ପାଇବେ କେମିତି ? ସେ କେଉଁ ସମ୍ପ୍ରଦାୟର ହେବ ?

ଅହଲ୍ୟା ଏବଂ ସଦାନନ୍ଦ କିଛି ଗୋଟାଏ ସମାଧାନ ପାଇପାରୁ ନଥିଲେ । ନାଜ୍‌ମା ବି ବଡ଼ ହେବାରେ ଲାଗିଥିଲା । ତାକୁ ବର୍ତ୍ତମାନ କୋଡ଼ିଏ ବର୍ଷ ହୋଇ ଯାଇଥିଲା ।

ନରେନ୍ଦ୍ର ସେଦିନ ଘରକୁ ଫେରିବା ବେଳେ ତା ସାଙ୍ଗରେ ଆଉ ଗୋଟିଏ ପିଲା ଥିଲା । ତାକୁ ବସିବା ଘରେ ବସେଇ ଡାକ ପକେଇଲା, ମା, ଆସେ । ତୋ ସାଙ୍ଗେ କିଏ ଦେଖା କରିବାକୁ ଆସିଚନ୍ତି ।

ସ୍ୱାମୀ, ଝିଅ, ପୁଅ ଖାଇବେ ବୋଲି ଅହଲ୍ୟା ରୋଷେଇ ଘରେ ଜଳଖିଆର ବ୍ୟବସ୍ଥା କରୁଥିଲା । ନାଜ୍‌ମା ବି ତାକୁ ସାହାଯ୍ୟ କରୁଥିଲା । ନରେନ୍ଦ୍ରର ଡାକରେ ସେ ବାହାରି ଆସୁଥିଲା, କିନ୍ତୁ କିଏ ଦେଖା କରିବାକୁ ଆସିଚନ୍ତି ଶୁଣି, ମୁଣ୍ଡ ବାଳରେ ହାତଟା ବୁଲେଇ ଆଣି ଓଢ଼ଣୀଟା ସଜାଡ଼ି ଦେଲା ।

ତାକୁ କିଏ ଦେଖା କରିବାକୁ ଚାହୁଁଚି ? ପୁଣି ନରେନ୍ଦ୍ର ସାଙ୍ଗରେ ଆସି ? ବସିବା ଘରେ ପହଞ୍ଚି ନରେନ୍ଦ୍ର ପାଖରେ ପିଲାଟିଏ ବସିଥିବାର ଦେଖିଲା । ନରେନ୍ଦ୍ର ଠୁ ଦୁଇ ଚାରିବର୍ଷ ବଡ଼ ହୋଇପାରେ । ସୁନ୍ଦର ସ୍ୱାସ୍ଥ୍ୟ । ଗଢ଼ଣ ବି ମଧ୍ୟମ ଧରଣର । ସ୍ୱାସ୍ଥ୍ୟ ସହିତ ଦେହର ଗଢ଼ଣ ଖାପ ଖାଉଥିଲା । ମୋଟାମୋଟି ସୁଶ୍ରୀ ଚେହେରା ଦେଖିଲେ ଭଲ ଲାଗିବ ।

କିନ୍ତୁ ସେ କିଏ ? ତାକୁ ତ ସେ କେବେ ଦେଖିଥିବା ପରି ମନେ ପଡୁନାହିଁ । ମନେ ପକେଇବା ପାଇଁ ସେ ତା ମୁହଁକୁ ଖୋଜିଲା ଆଖିରେ ଚାହିଁ ରହିଥିବା ବେଳେ ନରେନ୍ଦ୍ର କହିଲା, ହବିବ୍ ଭାଇ ! ଆମ ମା...

ପିଲାଟି ସାଙ୍ଗେ ସାଙ୍ଗେ ଉଠିପଡ଼ି ଅହଲ୍ୟାକୁ ଆଦାବ୍ ଜଣାଇ ଠିଆହୋଇ ରହିଲା । ଅହଲ୍ୟା ତାକୁ ବସିବାକୁ କହି ନିଜେ ବସିଲା ସାମ୍ନା ଚଉକିରେ ।

ସେଇଠୁ ନରେନ୍ଦ୍ର କହିଲା, ମା, ହବିବ୍ ଭାଇଙ୍କର ଆମ କଲେଜ୍ ପାଖେ ଗୋଟେ ବଡ଼ ଷ୍ଟେଶନାରୀ ଦୋକାନ ଅଛି । ମୋର ଯାହା ଦରକାର ମୁଁ ତାଙ୍କରି ଦୋକାନରୁ କିଣେ । ଚାରିବର୍ଷ ଆଗରୁ । ସେଇ ସୂତ୍ରରେ ତାଙ୍କ ସହିତ ମୋର ପରିଚୟ ।

ଅହଲ୍ୟା ବୁଝି ପାରୁନଥିଲା, ପୁଅର ଜଣେ ସାଙ୍ଗ ତା ସାଙ୍ଗେ ଦେଖା କରିବାକୁ ଆସିଚି କାହିଁକି ? ପୁଅକୁ ଏ ବିଷୟରେ କେମିତି ପଚାରିବ ବୋଲି ଭାବିପାରୁ ନଥିବା ବେଳେ ପୁଅ ହିଁ କହିଲା, ହବିବ୍ ଭାଇ, ତୁମେ ନିଜେ କହିବ ନା' ମୁଁ କହିବି ?

ହବିବ୍ ବୋଲି ପିଲାଟି କହିଲା, ନା, ନା, ତୁମେ କୁହ ।


ତାପରେ ନରେନ୍ଦ୍ର କହି ଚାଲିଲା । ଅହଲ୍ୟା ମୁଗ୍ଧ ହୋଇ ଶୁଣୁଥିଲା । କଥାରେ ଯାହା କହନ୍ତି- ଆଲ୍ଲା ଯାହାକୁ ଦିଅନ୍ତି ଛପର୍ ଫାଡ଼ି ଦିଅନ୍ତି । ସେ କଥା ସତ । ଅହଲ୍ୟା ତ ପ୍ରତ୍ୟକ୍ଷ କରୁଚି ।

ନରେନ୍ଦ୍ର ଆଗ ହବିବ୍ ବିଷୟରେ ବଖାଣିଲା- ରସୁଲପୁର ଗାଁରେ ତା ଘର । ପିଲାଦିନରୁ ମା ନାହାନ୍ତି । ବାପାଙ୍କର ଗୋଟିଏ ଦୋକାନ ଥିଲା ଏବଂ ଘର ସହିତ କିଛି ଜମି । ହାତ ଚାଷ କରୁଥିଲେ । ଦୋକାନରୁ ଯାହା ଆୟ ହୁଏ ଏବଂ ଚାଷ ଜମିରୁ ଧାନ, ରବି ଫସଲ ଯାହା ମିଳେ, ବାପ-ପୁଅଙ୍କର ଭଲରେ ଚଳିଯାଏ ।

ହବିବ୍‌ର ପାଠରେ ଆଗ୍ରହ ଦେଖି ତା ବାପା ବରାବର ସେ ଦିଗରେ ତାକୁ ଉତ୍ସାହ ଦେଉଥିଲେ । ସବୁ ପରୀକ୍ଷାରେ ଭଲ ଭାବରେ ପାସ୍ କରି କରି ବି.ଏସ୍.ସି ଫାଇନାଲ୍ ବର୍ଷରେ ବାପା ହଠାତ୍ ଚାଲିଗଲେ ଗୋଟେ ଦୁର୍ଘଟଣାରେ ।

ପରୀକ୍ଷାରେ ବସିବା ପିଲାକୁ ଆସି ଦୋକାନରେ ବସିବାକୁ ହେଲା । ଘର, ଜମି ଓ ଦୋକାନ ସମ୍ଭାଳିବାକୁ ହେଲା । ପାଠଟା ଶେଷ ହୋଇ ପାରିଲା ନାହିଁ ବୋଲି ମନରେ ଟିକେ ଅବସୋସ ରହିଗଲା, ବାସ୍ ସେତିକି ଖାଲି, କିନ୍ତୁ ଦୁଃଖ ନାହିଁ ସେଥିପାଇଁ ।

ନିଷ୍ଠାର ସହିତ କାମ କରି, ବାପାଙ୍କର ସେଇ ଦୋକାନକୁ ବଢ଼େଇ, ସେ ଗୋଟେ ବଡ଼



ଷ୍ଟେଶନାରୀ ଦୋକାନ ତ କରିଚନ୍ତି । ସହରର ଅନ୍ୟ ଜାଗାରେ ମଧ୍ୟ ତାଙ୍କର ଆଉ ଦୁଇଟି ଦୋକାନ ଅଛି ।

ହବିବ୍ ବିଷୟରେ ଏସବୁ କହିବା ପରେ ତାର ଆସିବାର ଉଦ୍ଦେଶ୍ୟ ବିଷୟରେ ନରେନ୍ଦ୍ର କହିଲା, ଆମ ନାଜ୍‌ମାକୁ ସେ ଦେଖି ନାହାନ୍ତି । ତା ବିଷୟରେ ଶୁଣିଚନ୍ତି । ବାହାରୁ ତ, ମୋ ପାଖରୁ ମଧ୍ୟ । ମୁରବୀସ୍ଥାନୀୟ କେହି ନଥିବାରୁ ନିଜ ପାଇଁ ନିଜେ ପ୍ରସ୍ତାବ ନେଇ ଆସିଚନ୍ତି– ନାଜ୍‌ମାକୁ ସେ ବାହାହେବାକୁ ଚାହାନ୍ତି...

ଖୋଜି ବୁଲୁଥିବା ଜିନିଷଟି ନିଜେ ନିଜେ ହାତ ପାଖରେ ପହଞ୍ଚି ଯାଉଥିବା ପରି ଅହଲ୍ୟାର ମନେ ହେଲା । ସେ ଉଠିଯାଇ ହବିବ୍‌ର ମୁଣ୍ଡ ଆଉଁସି ଦେଇ ଆଶୀର୍ବାଦ କରି କହିଲା, ମୁଁ ତ ବହୁତ ଖୁସି ହେଲି । ତେବେ, ତୁମ ବାପା ଫେରନ୍ତୁ, ତାଙ୍କ ସାଙ୍ଗେ ଟିକେ ପରାମର୍ଶ ତ କରିବି...

ତାପରେ ଡାକିଲେ, ଆରେ ମା ନାଜ୍‌ମା, ଜଳଖିଆ କରି ସାରିଲୁଣି କି ? ତା ସାଙ୍ଗେ ଚା' ଦୁଇ କପ୍ କରି ଆଣେ ତ, ଏଠି ଭାଇର ସାଙ୍ଗ ଆସିଚନ୍ତି...

ଅହଲ୍ୟା ହବିବ୍‌କୁ ତା ସମ୍ବନ୍ଧରେ କିଛି ପଚରାଉଚୁରା କରୁଥିବା ବେଳେ ନାଜ୍‌ମା ଚା' ଓ ଜଳଖିଆ ନେଇ ଆସିଲା । ଚା' ଟ୍ରେ ଟେବୁଲ୍ ଉପରେ ରଖିବା ପରେ ନରେନ୍ଦ୍ର ନାଜ୍‌ମାକୁ ନିଜ ପାଖରେ ବସେଇ ହବିବ ସହିତ ପରିଚୟ କରେଇ ଦେଲା– ଇଏ ହବିବ୍ ଭାଇ, ଆଉ ଇଏ ମୋ ସାନ ଭଉଣୀ ନାଜ୍‌ମା...

ଉଭୟଙ୍କ ଭିତରେ ନମସ୍କାରର ଆଦାନପ୍ରଦାନ ହେଲା । ଏଇ ସଂକ୍ଷିପ୍ତ ପରିଚୟରୁ ନାଜ୍‌ମା କଣ ବୁଝିଲା କେଜାଣି, ତା ମୁହଁରେ ଯୋଉ ପାଟଳ ଆଭା ଟିକେ ଉକୁଟି ଉଠିଲା, ନରେନ୍ଦ୍ରର ଆଖି ତାକୁ ଠିକ୍ ଧରି ପାରିଲା । ତାକୁ ଗୋଟେ ମଉକା ମିଳିଗଲା, ନାଜ୍‌ମାକୁ ଆଉ ଟିକିଏ ଚିଡ଼େଇବାକୁ...

ଯଥା ସମୟରେ ସଦାନନ୍ଦଙ୍କ କାନରେ କଥାଟା ପକେଇଲା ଅହଲ୍ୟା । ସ୍ତ୍ରୀଙ୍କ ପରି ସେ ବି ବଡ଼ ଗୋଟାଏ ଆଶ୍ୱସ୍ତି ଅନୁଭବ କଲେ । ନାଜ୍‌ମାକୁ ସେମାନେ ଝିଅ ପରି ପାଳି ନାହାନ୍ତି ଖାଲି, ବରାବର ତାକୁ ନିଜର ଝିଅ ଭାବରେ ଦେଖି ଆସିଚନ୍ତି...

କିନ୍ତୁ ଝିଅ ସବୁଦିନେ ତ ମା-ବାପାଙ୍କ ଘରେ ରହିବା ଉଚିତ ନୁହେଁ । ତାର ନିଜର ଗୋଟିଏ ଘର ସଂସାର ଦରକାର । ଘରଟିଏ ବାନ୍ଧିବା ପାଇଁ ସାଥୀଟିଏ ଦରକାର । ଏଇ ସାଥୀଟି ସେମାନେ କେଉଁଠୁ, କେମିତି ପାଇବେ ଯେ, ଝିଅଟିକୁ ତା ହାତରେ ଟେକିଦେବେ ? ଝିଅ ଜନ୍ମହେଲା ଗୋଟେ ସଂପ୍ରଦାୟରେ, ବଢ଼ିଲା ଆଉ ଗୋଟେ ସମ୍ପ୍ରଦାୟରେ, ତାଙ୍କ ଝିଅ ଭାବରେ । ଏରକମ୍ ପରିସ୍ଥିତିରେ କୋଉ ସମ୍ପ୍ରଦାୟର ପୁଅଟିଏ ପାଇବେ ତାଙ୍କ ଝିଅର ଜୀବନସାଥୀ କରିବାକୁ ? ନାଜ୍‌ମା ବଡ଼ ହେବା ସହିତ ସଦାନନ୍ଦ ଏବଂ ଅହଲ୍ୟାଙ୍କର ଏଇ ଚିନ୍ତାଟି ମଧ୍ୟ ବଢୁଥିଲା । ଏବେ ତାର ଇତି ହେବାରୁ ଉଭୟଙ୍କ ମୁଣ୍ଡରୁ ଭାରି ଗୋଟେ ବୋଝ ଓହ୍ଲେଇ ଯିବା ପରି ଲାଗୁଥିଲା ।

ନରେନ୍ଦ୍ର ମାର୍ଫତ୍ ନାଜ୍‌ମା କାନରେ ସବୁକଥା ପଡୁଥିଲା । ସଦାନନ୍ଦ ରସୁଲପୁର ମସ୍‌ଜିଦ୍‌ର ଇମାମ୍‌ଙ୍କ ସହିତ ପରାମର୍ଶ କରି ଆସିବା ପରେ ଅହଲ୍ୟା ନିଜେ ସବୁ କଥା କହିଲା ନାଜ୍‌ମାକୁ । ସେଇ ପ୍ରଥମ ଦିନର ଘଟଣାରୁ ଆଜି ପର୍ଯ୍ୟନ୍ତ....

ଏଇଠି, ଏତିକିବେଳେ ନାଜ୍‌ମା ଟିକେ ଅଡ଼ି ବସିଲା, ମା, ତତେ ମୋର କେବେ କିଛି ମାଗିବା ଦରକାର ହୋଇନାହିଁ । ମୋର ଯାହା ଦରକାର ଚାହିଁବା ପୂର୍ବରୁ ତୁ ଯୋଗେଇ ଦେଇଛୁ । ବର୍ତ୍ତମାନ ମୁଁ କିଛି ମାଗିବି । ତୁ ମନା କରିବୁ ନାହିଁ ବୋଲି ମୋର ଆଶା ଓ ବିଶ୍ୱାସ ।

ଅହଲ୍ୟା ଝିଅର ମନକଥା କିଛି କଳିପାରୁ ନଥିଲା । ଅବୁଝା ଚାହାଣୀରେ ତାକୁ ଚାହିଁ ରହିଲା ।

ନାଜ୍‌ମା ବି ତାଙ୍କ ମୁହଁରୁ କିଛି ପଢ଼ିବାର ଚେଷ୍ଟା କରୁଥିଲା । ଟିକିଏ ସମୟ ପରେ ମୁହଁ ତଳକୁ କରି କହିଲା, ବାହାଘର କିନ୍ତୁ ବେଦୀ ଉପରେ ବସି ହେବ । ବାପା ମତେ କନ୍ୟାଦାନ କରିବେ । ହବିବ୍ ଏ କଥାରେ ଯଦି ରାଜି ତ...

ହବିବ୍ କଥା ଉଠୁ ନାହିଁ ବର୍ତ୍ତମାନ । ସଦାନନ୍ଦ ପୁଣି ଗଲେ ଇମାମ୍‌ଙ୍କ ପାଖକୁ ପରାମର୍ଶ କରିବା ପାଇଁ । ସେ କହିଲେ, ଏ ପ୍ରସ୍ତାବରେ ଆମର କିଛି ଆପତ୍ତି ନାହିଁ । କିନ୍ତୁ ଆମେ ସମାଜରେ ମିଶିବାକୁ ହେଲେ ନାଜ୍‌ମାକୁ ନିକ୍‌ହା କରିବାକୁ ପଡ଼ିବ... ।

ନରେନ୍ଦ୍ର କାନରେ ଏକଥା ପଡ଼ିବାରୁ ସେ ଖୁସିରେ ନାଜ୍‌ମାକୁ ଟେକି ପକେଇ ଦୁଇ ଘେରା ବୁଲେଇ ପକେଇଲା– ତୁ ନାଜ୍‌ମା– ମୋର ପ୍ରକୃତ ଭଉଣୀର କାମ କଲୁ...ହବିବ୍ ଭାଇ ପିଠିରେ ବଡ଼ ଗୋଟେ ଶଳା ବିଧା ବସେଇବାକୁ, ସେ ଆମ ଘରକୁ ଆସିବା ଦିନରୁ ମୋ ହାତ ଖଲ୍‌ଖଲ୍ କରୁଥିଲା...

ନାଜ୍‌ମା କଥା ରହିଲା । ଇମାମ୍‌ଙ୍କର ପରାମର୍ଶ ମଧ୍ୟ । ପ୍ରଥମେ ବେଦୀରେ ବାହାଘର ହେଲା, ସଦାନନ୍ଦ କନ୍ୟାଦାନ କଲେ । ନରେନ୍ଦ୍ର ଶଳା ବିଧା ମାରି ତା ହାତର କଣ୍ଟୁ ମାରିଲା ଏବଂ ତାପରେ ନିକ୍‌ହା କାମ ହେଲା । ଇମାମ୍‌ଙ୍କ ଉପସ୍ଥିତିରେ ନାଜ୍‌ମା ଏଇ ନିକ୍‌ହାକୁ କବୁଲ୍ କଲା... ।

ଏତେ ଆନନ୍ଦ ପରେ ଚରମ ଦୁଃଖର ମୁହୂର୍ତ୍ତଟି ଆସିଗଲା । ବିଦାୟ ବେଳା । ଏତେଦିନ ଧରି ମୋ ଘର କହୁଥିବା ଘରକୁ ଛାଡ଼ିବାକୁ ହେବ, ମା-ବାପାଙ୍କୁ ଛାଡ଼ି ଯିବାକୁ ହେବ ।

ସେଇ ମୁହୂର୍ତ୍ତରେ ନାଜ୍‌ମା ଅହଲ୍ୟାକୁ କୁଣ୍ଢେଇ ପକେଇଲା– ମା, ମୁଁ ତତେ ଛାଡ଼ି କୁଆଡ଼େ ଯିବି ନାହିଁ... ।

ଅହଲ୍ୟା ଦେହରୁ ତାର ହାତ ଛଡ଼ଉ ଛଡ଼ଉ ନରେନ୍ଦ୍ର କହିଲା– ଚାଲ୍, ଚାଲ୍, ଏବେ କହୁଚୁ ଯିବୁ ନାହିଁ । ଆର ବର୍ଷ ଏତେବେଳକୁ ମା ଯଦି ଟିକେ ଆସିବା ପାଇଁ କହିବ, ତେବେ କହିବୁ– ଏବେ ତ ମୁଁ ଯାଇ ପାରିବି ନାହିଁ, ମା... ।

କାନ୍ଦୁ କାନ୍ଦୁ ବି ହସି ପକେଇ ନାଜ୍‌ମା ନରେନ୍ଦ୍ରର ହାତ ମୋଡ଼ି ଦେଲା– ବଦ୍‌ମାସ ଭାଇ ।



# ପୁଣ୍ୟର ନଦୀ ତୀରେ...

Dr Ranjan Mallik

## ମହାଶ୍ୱେତା ସାହୁ

**ଅଧ୍ୟାପିକା, ଓଡ଼ିଆ ବିଭାଗ, ସୁଶୀଳାବତୀ କନିଷ୍ଠ ସରକାରୀ ମହିଳା ମହାବିଦ୍ୟାଳୟ ସେକ୍ଟର-୪, ରାଉରକେଲା**




ଲେଖିକା ମହାଶ୍ୱେତା ସାହୁ

'ନାଭି ଉପରୁ ଆସ୍ତେ କରି ଶାଢ଼ୀଟା କାଢ଼ି ତା ଉପରେ ଗାଢ଼ ମିଠା ଚୁମ୍ବନ ଦେଲା ବେଳକୁ ଗୋଟେ ଉତ୍ତପ୍ତ ଆଗ୍ରହ ବସାବାନ୍ଧି ସାରିଥିଲା ସୁନନ୍ଦାର ଦେହ ଓ ମନରେ । ସେ ଆହୁରି ନିବିଡ଼ ଭାବେ ଜଡ଼େଇ ଧରିଲା ଅନୁରାଗକୁ ନିଜ ଛାତି ଉପରେ ।

ତାର ଲମ୍ବାମୁକୁଳା ବାଳତକ ଥିଲା ତକିଆ ଉପରେ ସାପ ଶୋଇଲା ପରି ଘାଇଲା ହୋଇ । ଗାଢ଼ କମଳା ରଙ୍ଗର ଶାଢ଼ୀଟା ବିଛେଇ ହୋଇ ପଡ଼ିଥିଲା ନଦୀର ସ୍ରୋତ ଭଳି ଖଟର ଦାଢ଼ରେ । କାନରେ ଥିବା ରଙ୍ଗ ବେରଙ୍ଗୀ ପଥର ବସା ପେଣ୍ଡିଫୁଲ ସାମାନ୍ୟ ଝୁଲି ପଡ଼ିଥିଲା କାନର ଫଳି ତଳକୁ । ବେକର ସୁନା ସରୁ ବଲ୍‌ବସା ଚେନ୍‌ଟି ବେକତଳକୁ ଖସି ପଡ଼ିଥିଲା ବେକକୁ ଚିପି ଧରିଲା ପରି ।

ଓଠଟି ତଥାପି ଉତ୍ତପ୍ତ ଆବେଗ ଜନିତ ଉଦ୍‌ବେଗରେ ନାକପୁଡ଼ାରୁ ଗରମ ନିଶ୍ୱାସର ଆମନ୍ତ୍ରଣ ତଥାପି ଅସ୍ଥିର ଭାବରେ ଆତଯାତ କରୁଥିଲା । ସେ ଉଠି ପଡ଼ିଲା ଚଟ୍‌କରି । ଶେଯରେ ବସିଲା ସଜାଡ଼ି ନେଇ ତାର ଶାଢ଼ି ।

ସେଇ ବେଳେ ସୁନନ୍ଦାର କାନପାଖରେ ସେ ଫିସ୍ ଫିସ୍ କରି କହିଲା- "ତୁମେ ସତରେ ଖୁବ୍ ସୁନ୍ଦର । ଖୁବ୍ ଭଲ... । ଦୁନିଆର ସବୁଠାରୁ ସୁନ୍ଦର ତୁମର ହସ । ଆଜିଯାଏ ଦେଖିଥିବା ଆଖି ଭିତରେ ତୁମ ଆଖି ଦୁନିଆର ସବୁଠାରୁ ଆକର୍ଷଣୀୟ । ପ୍ରଥମ ଦେଖାରୁ ହିଁ ତୁମ ଆଖି ପ୍ରେମରେ ପଡ଼ିଗଲି ମୁଁ । ମୁଁ ତୁମର ଦାସ ହୋଇଗଲି ସବୁଦିନ ପାଇଁ !"

ପ୍ରଥମକରି ତାକୁ କେହି କହୁଥିଲା ତାର ଆଖି ସୁନ୍ଦର । ତାର ଆଖିରୁ କିଏ ଭଲପାଏ ବୋଲି । ସାମାନ୍ୟ ଫିକା ହସଟେ ହସିଥିଲା ସୁନନ୍ଦା । ନିଜ ଭିତରେ ବସାବାନ୍ଧି ଆସୁଥିବା ଭଙ୍ଗାଟିକୁ ନିଜ ଭିତରେ ସୀମିତ କରିବାର ଅପଚେଷ୍ଟା କରିବା ସାଧନାରେ ସିଦ୍ଧହସ୍ତା ଥିଲା ସେ । ସେ ଗରାଖର ମନର ଅବସ୍ଥାକୁ ଅନାଇ ନିଜକୁ ପ୍ରସ୍ତୁତ ସଦା କରୁଥାଏ ।

ଅନୁରାଗ ଅନେଇଥିଲା ଆକାଶକୁ । ଦୂରନ୍ତ ଦିଶୁଥିବା ଝରକା ସେପାଖର ଦୁନିଆକୁ । ଯୂପକାଠି ପରି ଲମ୍ବି ଯାଇଛି ଦି'ଦିଗକୁ ରାସ୍ତା, ମଝି ରାସ୍ତାକୁ ଆଡ଼ କରି । କେତେ ଶୂନ୍‌ଶାନ୍ ସବୁ । ନୀରବ ଜୀବନ ପରି ରାସ୍ତାର କୋଳାହଳ ଦିଶୁନି ଏଠି ।

ତ୍ରସ୍ତ, ବ୍ୟାକୁଳ, ଛଟପଟ ଅନୁଭବ ସବୁ ଯେମିତି ସୀମିତ ହୋଇଯାଉଛି କାହାର ଉଷ୍ମ ଅନାଗ୍ରହ ଆଗରେ । କାହାର ନିବିଡ଼ ପ୍ରେମ ଧୋଇ ଦେଉଛି ନିଜର ସତ୍ତାକୁ ଆଜି । ଲୋକଟା ତା ନାଁ ମଧ୍ୟ ପଚାରିନାହିଁ ଏଯାବତ୍ । ଖାଲି ଦେଖୁଛି ତୃଷାର୍ତ୍ତ ନେତ୍ରରେ ତାର ଆଖିକୁ । ଲଜ୍ଜାହୀନ କାମୁକୀ ଦୃଷ୍ଟି ନାହିଁ ବରଂ ଗୋଟେ କୌତୁହଳୀ କୁନିପିଲାର ଜିଜ୍ଞାସା ନେଇ ।

କାହାର ଅସ୍ତିତ୍ୱ ତୁମ ଅସ୍ତିତ୍ୱକୁ ଶୂନ୍ୟକରି ଦେଉଛି ଅନେକ ବାଗରେ । ଅନେକ ଭାବରେ । ତାକୁ ଖୁବ୍ ଭଲ ଲାଗିଲା କଥା ପଦକ । ସେ ତାର ଦୁଇ ହାତରେ ତାର କାନ ମୁଣ୍ଡକୁ ଜାବୁଡ଼ି ଧରିଲା ଆଉ ମିଠା ଚୁମା ଦେଲା ତାର ଦୁଇ ଆଖିର ପତା ଉପରେ । ଚୁମ୍ବନ ଓ ପ୍ରାର୍ଥନା ଏକା ଅନୁଭବ ପରି ପଡାଥାଏ ମୁଦ୍ରା ଏଇତ ଅନୁଭବଟେ ମାତ୍ର । ମା' ପରି ସ୍ନେହପଣରେ ଓଦା କରିଦେଲା ତାକୁ । ତାର ଆଖିରେ ଏଥର ଥିଲା ଦୁଇଧାର ଲୁହ ।

ଗୋଟେ ତୀବ୍ର ଉଦ୍‌ବେଗ ତାକୁ ଥରାଇ ଦେଲା । ସେ ଭୁଲିଗଲା ତାର ଚାରିପାଖକୁ, ନିଜକୁ... । ତାର କାନମୂଳରେ ଅନୁରାଗ ଆଉଥରେ ମୁହଁ ଘସି କହିଲା ମୁଁ ପୂଜା କରିବାକୁ ଚାହେଁ ତୁମର ଆତ୍ମାକୁ ଆଜି ଠାରୁ ଯାବତ୍‌ଜୀବନ !

- କିଏ ଏ ? କ'ଣ ତାର ପରିଚୟ ? କ'ଣ ତା'ର ଉଦ୍ଦେଶ୍ୟ ! ସାମାନ୍ୟ ଡର ଲାଗିଲା ତାକୁ । ଦୁଇପାଦ ପଛକୁ ଘୁଞ୍ଚି ଯାଇ ବସିଲା ସୋଫା ଉପରେ ।

ଅନୁରାଗ ହସୁଛି ! "ଆରେ ଡରନା, ମୁଁ ନା ତାନ୍ତ୍ରିକ, ନା ପୂଜକ । ମୁଁ ତୁମର ପ୍ରେମିକ ମାତ୍ର... ।

## କାହାଣୀ ପଛର କାହାଣୀ

ପ୍ରେମ ଏକ ମହାର୍ଘ ଅନୁଭବ । ସେ ଅନୁଭବ ଚିରକାଳ ଚିର ଈପ୍‌ସିତ ସଭିଙ୍କ ପାଇଁ । ପ୍ରେମ କରାଯାଏନି, ହୋଇଯାଏ । ପ୍ରେମରେ ଏଇ ଅନୁଭବ ଆଗରେ ନା ଲିଙ୍ଗ, ନା ବୟସ, ନା ରୂପ ନା କାରଣ କିଛି ମଧ୍ୟ ଫରକ ପଡ଼େନା । ସେ ଅନୁଭବ ମଣିଷକୁ ଓଦା କରେ, ଜଳେଇ ଦିଏ, ଭସାଇ ଦିଏ । ମଣିଷ ଗୋଟେ ଶୂନ୍ୟ କାଗଜ ଡଙ୍ଗା ପରି ଅଥଳ ଜଳରେ ଭାସି ଭାସି ଯାଏ । ଏହି ଗଳ୍ପ ଲେଖିବା ବେଳକୁ ଆମ ସମାଜର ତୃତୀୟ ଲିଙ୍ଗ- ଯାହାକୁ ଆମେ ହିଜଡ଼ା ବୋଲି କହିଥାଉ ସେମାନଙ୍କ ଜୀବନ ପ୍ରତି ଭିନ୍ନ ଦୃଷ୍ଟି ଭଙ୍ଗୀଟିଏ ଆସିଥିଲା । ଯେଉଁମାନେ ଜୀବନରେ ପ୍ରେମ, ସନ୍ତାନ, ସଂସାର ପରି ସାଧାରଣ ସାଂସାରିକ ସୁଖ ଠାରୁ ବଞ୍ଚିତ ହୁଅନ୍ତି । ସେମାନଙ୍କ ଜୀବନରେ କ'ଣ ପ୍ରେମ ଲୋଡ଼ା ନଥାଏ ? ତାଙ୍କୁ କ'ଣ କେହି ପ୍ରେମ କରିନପାରେ ? କରା ଯାଇପାରେ ! ପ୍ରେମ ଏ ସମସ୍ତ ଅବୟବ ଠାରୁ ଉର୍ଦ୍ଧ୍ୱରେ । ପ୍ରେମର ମହତ୍ତ୍ୱ ପ୍ରକାଶ ଏହି ଗଳ୍ପ ଲେଖିବାର ମୂଳଭୂମି । ପ୍ରେମ ହୋଇପାରେ ଦେହ ହୀନ ଭାବେ । ପ୍ରେମ ହୋଇପାରେ କାହାର ଓଠରେ ଧାରେ ହସ ଦେଖିବାର ଆଗ୍ରହ ଭାବେ । ପ୍ରେମ ହୋଇପାରେ ରାସ୍ତାକଡ଼ରେ ଠିଆହୋଇ ଦୁଇମୁଠା ଖାଦ୍ୟ ପାଇଁ ଦେହ ବିକ୍ରି କରୁଥିବା ସେଇ ଅବହେଳିତ ତୃତୀୟ ବର୍ଗର ଗୋଟେ ମଣିଷ ପାଇଁ । ସେଇ ଅନୁଭବକୁ ନେଇ ଏଇ ଗଳ୍ପର ମୂଳଦୁଆ । କେହି ଜଣେ ଅନ୍ୟ ଜଣଙ୍କ ମୁହଁକୁ ଅନାଇ ଯଦି ଗଢ଼ିପାରେ ତା ମନର ଭାଷା । ବିନା ଶବ୍ଦରେ ଯଦି ବିନା ଦ୍ୱିଧାରେ ବାଣ୍ଟିପାରେ ସୁଖ ଓ ଦୁଃଖକୁ ସେଇ ତ ପ୍ରେମ ! ପ୍ରେମ ଚିର ପବିତ୍ର, ଅନୁପମ, ଚିରକାଳ ଦୁର୍ଲଭ । ଯାହାକୁ ପାଇବାକୁ ଦେବେ । ନରରୂପେ ବାରବାର ଜନ୍ମ ନିଅନ୍ତି ।

ଜାଣିନି କାହିଁକି ତୁମେ ମତେ ଏତେ ଭଲଲାଗିଲ ! କାହିଁକି ଆପଣାର ମନେ ହେଲ ତାହା ମଧ୍ୟ ଜାଣିନାହିଁ ।”

ସାମାନ୍ୟ ଚକିତ ହେଲା । ଅସ୍ତିତ୍ୱ ଓ ପରିଚୟ ଦୁନିଆ ବାହାରୁ କିଏ ଏ ? ଯେ ତାକୁ କ୍ରମଶଃ ଛାଇ ଆଲୁଅର ଖେଳ ଭିତରକୁ ଟାଣି ନେଉଥିଲା । ତାକୁ କ୍ରମଶଃ ଗୋଟେ ଆନନ୍ଦ ଖୋଜିବାକୁ ପ୍ରେରଣା ଦେଉଥିଲା ।

ଅପରାହ୍ନର ନିରବତା ତାକୁ ଖାଇ ଗୋଡ଼ାଏ । ସେ ଡରେ ଅପରାହ୍ନକୁ । ସବୁ ଆଡ଼ର ଶୂନ୍‌ଶାନ୍ ନିରବତା ତାକୁ ଯେମିତି ଠେଲି ଦିଏ ଅତଳ ଗର୍ଭ ଭିତରକୁ । ସେମିତି ଶାନ୍ତ କୋଳାହଳ ପୂର୍ଣ୍ଣ ହୋଇଯାଉଛି... । ତାର ଚାରିପାଖ ଯେମିତି ଶବ୍ଦମୟ ହୋଇଯାଉଛି । ଦୂରର କାନ୍ଦ ସବୁ ଜୋର୍ ଜୋର୍ ହୋଇ ଶୁଭାଯାଉଛି ।

ଟିକକ ଆଗରୁ ଦେଖା ଏ ଅଚିହ୍ନା ମଣିଷଟା ହଠାତ୍ ଯେମିତି ଲାଗୁଛି ବର୍ଷ ବର୍ଷ ଧରି ଚିହ୍ନା ତାର । ତା ପାଖରେ ନିଜର ବୟସ, ଲିଙ୍ଗ, ସମୟ, ପରିଚୟ ସବୁ ଯେମିତି ହଜିଯାଉଛି ତାର ଅସ୍ତିତ୍ୱ ପାଖରେ ।

ମନେ ନାହିଁ ବାପା କିଏ ମା’ କିଏ? ମନେ ନାହିଁ ଜୀବନରେ ସେ କେବେ କାହା ଠାରୁ ପ୍ରେମ ପାଇଛି କି ନାହିଁ ? ସ୍ନେହ ପାଇଛି କି ନାହିଁ ? ବେଶୀ ଭାଗ ଘୃଣାର ଦୃଷ୍ଟି । ପ୍ରଶ୍ନିଳ ଆଖି, ପ୍ରଶ୍ନିଳ ଦୃଷ୍ଟିରେ ପ୍ରଶ୍ନ । ଅଜବ ସେ ଦୃଷ୍ଟି ।ହାତରେ ପୁଳାଏ ଚୁଡ଼ି ପିନ୍ଧି ସେ ଦୁଇ ପାପୁଲି ବାଡ଼େଇଲା ବେଳେ କେହି ତାକୁ ସ୍ନେହରେ ଦେଖିନାହିଁ । ରାସ୍ତାକଡ଼ରେ ଠିଆ ହୋଇ ମୂଲଚହଲ କଲାବେଳେ ଜମା ସେ ଦେଖେନି କାହା ଆଗରେ ପ୍ରେମର ଆସକ୍ତି ବରଂ ଥାଏ ସଂଭୋଗଜନିତ ଇସାରା, ଯାହାକୁ ସେ ବର୍ଷ ବର୍ଷ ଧରି ଖୋଜିଛି ପୁରୁଷ ଛାତି ଓ ଆଖିରେ ଗୋଟେ ନାରୀର ଅସ୍ତିତ୍ୱରେ ପ୍ରେମ !

ପ୍ରଥମକରି ଆଜି ଏ ନିରୀହ ନିରବତା ଶୂନ୍‌ଶାନ୍‌ରେ ଖାଇ ଗୋଡ଼ାଇଲା ପରାଏ ଥିଲା କଥାପଦକ !

ଶୂନ୍‌ଶାନ୍ ସଡ଼କରୁ ଧୂଳି ଉଡ଼ାଇ ଧାଉଁଥିବା ଗାଡ଼ି ଭିତରୁ ଗୋଟେ ଗାଡ଼ି ଅଟକିଥିଲା ତା ଆଗରେ । ତାର ମୂଲଚାଲ କରିଥିଲା । ସାଙ୍ଗରେ ବସାଇଥିଲା । କିନ୍ତୁ ଗାଡ଼ିକୁ ହୋଟେଲ୍‌ର ରୁମ୍‌କୁ ନନେଇ, ଯାଇଥିଲା ତଳ ରେଷ୍ଟୁରାଣ୍ଟକୁ ।

ପଚାରିଥିଲା ଖାଇବାକୁ କ’ଣ ଭଲ ପାଅ ?

ତାଚ୍ଛଲ୍ୟ ହସଟେ ହସିଥିଲା ସେ । କିଏ ପଚାରେ ? କ’ଣ ତାର ମୂଲ୍ୟ ? ତାର ଇଚ୍ଛାମାନଙ୍କର ମଧ୍ୟ, ଏଇ ମୁହୂର୍ତ୍ତର.... ?

ଆଉଥରେ ଦୋହରାଇଥିଲା ପ୍ରଶ୍ନଟି...

– କ’ଣ ଖାଇବାକୁ ଭଲପାଅ ?

– ଗୋଷ୍ଟ ବିରିଆନି... ଗୋଷ୍ଟ ବିରିଆନି...

ଦୋହରାଉଥିଲା କଥାକୁ ନିଜର କାନଫୁଲକୁ ଆଙ୍ଗୁଠିରେ ଦୋହଲାଇଲା ବେଳେ ।

– ଆଉ ?

– କଲିଜା ଫ୍ରାଏ...

– ଆଉ କିଛି ?

– ପନିର୍ ଟିକ୍କା, ପ୍ରନ୍ କରି...

– ହଉ ବସ କହି ଟାଣି ଦେଇଥିଲା ଆଗ ଚେୟାର୍‌ଟିକୁ । ସେ ପୁରା ବସିଥିଲା ତା ଆଗରେ । ପ୍ରଥମ କରି କେହି ତାକୁ ଏତେବଡ଼ ହୋଟେଲ୍‌କୁ ଆଣିଥିଲା ଖୁଏଇବାକୁ । ସେ ହସିଲା ତାଚ୍ଛଲ୍ୟ ହସ ଆଉଥରେ । ଲୋକଟା ତାକୁ ବଳି ଚଢ଼ାଇବା ପୂର୍ବରୁ ଫୁଲମାଳ ପିନ୍ଧାଉଛି... ।

ଭୟ, ଘୃଣା, ପ୍ରେମ, ରାଗ, ଅଭିମାନ, ଆତ୍ମସମ୍ମାନ ଆଦି ଯେମିତି ଶବ୍ଦଗୁଡ଼ାକ ସୀମିତ ତାର ଜୀବନ ପୃଷ୍ଠାରେ । ପେଟର ଭୋକ, ଜିଇଁବାର ଆଗ୍ରହ ଆଗରେ ବାକି ସବୁପାଇଁ ଯେମିତି ସୀମିତ ସ୍ଥାନ ।

ସେ ଅନ୍ୟମାନଙ୍କ ଠାରୁ ଅଧିକ ଷ୍ଟାଇଲିଶ୍ ଲାଗେ । ଲାଗେ ଦେଶୀ ଝିଅ । ନିଜକୁ ଖୁବ୍ ସଜାଏ ସେ, ଯେମିତି କେଉଁଠି ଟିକେ ମଧ୍ୟ ଧରାନପଡ଼େ ଅନ୍ୟମାନଙ୍କ ଆଗରେ ।

ବଞ୍ଚିବାର ଲୋଭ ମଣିଷ ଭିତରେ ଯେମିତି ଗୋଟେ ସହଜାତ ପ୍ରବୃତ୍ତି । କେତେ ଆସକ୍ତି ମଣିଷର ସେ ନାରୀ, ପୁରୁଷ, ଛୋଟା, କୁଜା, କେମ୍ପା ଅବା ମୃତ୍ୟୁକୁ ଅପେକ୍ଷା କରୁଥିବା ମଣିଷଟେ ମଧ୍ୟ ହେଉ । ଦୁନିଆରେ ବଞ୍ଚି ରହିବାର ମୋହ ପ୍ରଚଣ୍ଡ । ସେ ଜିଇଁନେବାକୁ ଚାହେଁ ଅମାପ ସୁଖକୁ ଦୁଃଖକୁ ତାର ଚର୍ମଚକ୍ଷୁରେ । ବଞ୍ଚିଛି ଏଇ ସତ୍ୟ । ଏଇ ନିରାଟ ସତ୍ୟ ଆଗରେ ବାକି ସବୁ ମିଛ । ଆଉ ସେ ମଧ୍ୟ



ଏଇଥିରୁ ବାଦ୍ କେମିତି ହେବ ? ସେ ବି ତ ମଣିଷଟେ । ନିଜ ଶାଢ଼ିକୁ ସଜାଡ଼ି ନେଲା । ଅପେକ୍ଷାକୃତ ଭାବେ ଅଧିକ ଉଚ୍ଚ ଦିଶିବା ପାଇଁ ପିନ୍ଧିଥିବା ଦମ୍‌ଦିଆ ବ୍ରା’କୁ ଆଉ ଟିକେ ଟାଣିନେଲା କାନ୍ଧପାଖରୁ । ପୁରୁଷର ଦୃଷ୍ଟି ଆଗେ ଯାଏ ସ୍ଥିର ବକ୍ଷକୁ, ତାପରେ ନିତମ୍ବ ଆଉ ସବାଶେଷରେ ଆଖିକୁ ।

ଜରିଲଗା ଶାଢ଼ିକୁ ସୁନ୍ଦର ଭାବରେ ସେ ପିନ୍‌ମାରି ପିନ୍ଧିଛି । ଶାଢ଼ି ପିନ୍ଧିବା ମଧ୍ୟ ଏକ କଳା । ଯାହା ଗୋଟେ ନାରୀକୁ ଅଧିକ ଆକର୍ଷଣୀୟା କରିଥାଏ । ନାରୀର ମୂଲ୍ୟ ସତରେ ଖଣ୍ଡେ ରୁଟି ଠାରୁ ମଧ୍ୟ ହୀନ, ପୁରୁଷ ପାଇଁ । କେବଳ ଶେଯ ଯାଏଁ ସୀମାବଦ୍ଧ ତାର ଚେତନା । ମନେମନେ ହସିଲା ସେ–

ପ୍ରକୃତରେ ଭୋଗ କରେ କିଏ ? ନାରୀ ନା ପୁରୁଷ ? ପୁରୁଷ ନାରୀକୁ ଭୋଗ କରେ ନା ନାରୀ ପୁରୁଷକୁ ? ବୀରଭୋଗ୍ୟା ବସୁନ୍ଧରା ! ପ୍ରକୃତରେ ଦେଖିବାକୁ ଗଲେ ନାରୀ ଭୋଗ କରେ ପୁରୁଷକୁ । ପୁରୁଷ ନିଜର ପୁରୁଷତ୍ୱକୁ ପ୍ରମାଣ କରିବାକୁ ଚାହେଁ । କେତେ ପୁରୁଷ ପ୍ରକୃତରେ ଛୁଏଁ ନାରୀର ଆତ୍ମାକୁ, ମନକୁ ? ଦେହକୁ ଛୁଇଁଲେ ସତରେ କ’ଣ ଜଣେ ଜଣଙ୍କୁ ଛୁଇଁପାରେ ?

ଭ୍ରମ ! କେବଳ ଭ୍ରମ ପୁରୁଷର । ଏହା ପୁରୁଷ ପ୍ରେମ, ଦେହର ଭ୍ରମ । ଦେହରେ ମନକୁ ଦାନ କରାଯାଇ ପାରେନା ବୋଲି ପୁରୁଷ ବରାବର ନିଜର ଅସ୍ତିତ୍ୱକୁ ଜାହିର୍ କରୁଥାଏ ।

ପୁରୁଷ ପାଇଁ ପ୍ରେମ ଓ ନାରୀ ପାଇଁ ପ୍ରେମ ପୃଥକ । ପୁରୁଷ ଦେହରେ ଜଣକ ପବିତ୍ର ଅପବିତ୍ର ପରୀକ୍ଷା ଦେଇ ସତୀଅସତୀର ସନ୍ଧାନରେ ଯୁଝୁଥିବା ନାରୀକୁ କିଏ ପଚାରେ କେତେଥର ! ମନରେ ଅସତୀର ପୃଷ୍ଠାରେ ଚାପି ହୋଇଯାଏ ସେ । ସେ ସତୀ କି ଅସତୀ ତାର ହିସାବ କାହିଁକି ଦିଏ ନାହିଁ । ନିଜକୁ ଆଉଥରେ ଉଦାର ଦୃଷ୍ଟିରେ ଠିଆ କଲା– ତାଙ୍କୁ ସେମିତି ପରୀକ୍ଷା ଦେବାକୁ ପଡ଼େନା କଦାପି । ତାଙ୍କ ପାଇଁ ଜିଇଁବାର ଭାବନା ପାଖରେ ସତୀ ଅସତୀ, ଦେହର ଦାହ ସବୁ ଅନାପେକ୍ଷିକ ।

ଅନାବନା ସୂତାର ଖିଅ ପରି ପ୍ରଶ୍ନ ଆସୁଥିଲା ଆକସ୍ମିକ ଭାବେ ଆଉ ତାକୁ ଗୁଡ଼ାଇ ତୁଡ଼ାଇ ଗୁଡ଼େଇ ଦେଉଥିଲା ତା ଭିତରେ । ସେ ଧୋଇ ହୋଇ ଯାଉଥିଲା ଏମିତ ପ୍ରଶ୍ନମାନଙ୍କ ଭିତରେ ।

କ’ଣ ସେ ନାରୀ ଥିଲା ? ନା ଘର, ନା ପରିବାର ନା ସନ୍ତକ– କିଛି ମଧ୍ୟ ଆସିବନି ଜୀବନରେ... କେବଳ ଜିଇଁଛ ମଲା ଯାଏ, ଏଇ ସତ୍ୟକୁ ନେଇ ବଞ୍ଚିବା ଓ ଏକା ଏକା ଚାଲିବା ଏକ ଚରମ ସତ୍ୟ ? ନିଜକୁ ନାରୀ ମନେକରିବା ଏକ ସତ୍ୟ ! ଏ ସତ୍ୟରୁ କଦାପି ନିଷ୍କୃତି ନାହିଁ ।

ଗୋଟେ କାଚ ଗ୍ଲାସ୍‌ରେ ପାଣି ଥୋଇଲା ଟେବୁଲ୍ ଉପରେ ୱେଟର୍ । ଭ୍ରୂକୁଞ୍ଚନ କଲା ପରି ଅନେଇଲା ଥରେ ତାକୁ, ଆଉଥରେ ସେ ଲୋକଟାକୁ ଯେ ତାକୁ ଏଠିକି ଆଣିଛି ।

ବିନା ଦ୍ୱିଧାରେ ସେ ପାଣି ପିଇଲା । ଲୋକଟା ଥିଲା ଅବିଚଳିତ, ଖୁବ୍ ସ୍ୱାଭାବିକ । ସେ ନିଜକୁ ଆସ୍ୱସ୍ତି ବୋଧ କଲା ।

- ଆରେ ସେଇଟା ପିଇବା ପାଇଁ ନୁହେଁ ।

- ଆଉ ? ?

- ମୁହଁ ଧୋଇବାକୁ....ହା...ହା...ହାଲ୍‌କା କରିବା ପାଇଁ ଏଇ ଛୋଟ ମଜାକ୍ ଖୁବ୍ ଆମୋଦଦାୟକ ଥିଲା ।

- କିଏ କହିଲା ?

- ମୁଁ କହୁଛି ?

- ଆଚ୍ଛା ! ଆଉ ଗୋଟେ କଥା ପଚାରିବି ଆଶା ଆମଠି ସତ କହିବ ?

- ହଁ !

- ଆଚ୍ଛା କାହିଁକି ଖାଇବାକୁ ଦେଉଚ ମ ?

- ମୁଁ ଦଉନି, ଖାଇବି ନିଜେ । ମୋତେ ବହୁତ ଭୋକ । ବହୁତ ବାଟରୁ ଆସିଛି । ତୁମ ଚଏସ୍‌ରେ ଖାଇବି । ମୁଁ ପ୍ରାୟ ଅନ୍ୟ ଚଏସ୍‌ରେ ଖାଏ ଖାଇବାର ମଜ୍ଜା ନେବା ପାଇଁ ।

- ହଁ କଉଠୁ ଆସିଛ ?

- ଢେଙ୍କାନାଳ ।

- ଏ ମା' ! ଏଠିକି ? ଏତେବାଟ... ? ଖାଲି.., ଅଧା ରହିଗଲା କଥା ।

- ହଁ ! କାଇଁ କେହି ଆସନ୍ତିନି ଏଠିକି ? ସବୁ କ'ଣ ତୁମର ଲୋକାଲ୍ ଗ୍ରାହକ ?

- ନାଇଁ, ବେଶୀ ଅନ୍ୟଆଡ଼ର...ଏମିତିକି ବମ୍ବେ, ଦିଲ୍ଲୀ, କଲିକତାରୁ ବି ଆସନ୍ତି । ମାତ୍ର ଢେର୍ ପଇସାବାଲା ।

- କାଇଁ ମୁଁ ଲାଗୁନି କି ପଇସାବାଲା ଭଳି ?

- ନାଇଁ, ତୁମେ ଭଲ ଲୋକ ପରି ଲାଗୁଛ ! ପ୍ରଥମ କରି ଆସିଲା ପରି ଲାଗୁଚ...ସତ ନା !

- ହଁ ! ନାଇଁ...ଆସେ ଅନେକ ଥର ମାତ୍ର ଏମିତି କାହା ସହ ଆସିନି । ଆସେ ଫେରେ ସାହସ କୁଳାଏ ନାହିଁ....

ଛେପ ଢୋକିଲା ଅପ୍ରସ୍ତୁତ ଭାବେ । ୱେଟର୍ ହାତରେ ଥିଲା ଛଣା ପାମ୍ପଡ଼, ତା ଉପରେ ପୁଳାଏ ଚୁନାଚୁନା କଟା ଟମାଟୋ କାକୁଡ଼ି ପିଆଜ । ମସଲା ପାମ୍ପଡ଼ ।

- କେତେ ସୁନ୍ଦର ଭାବରେ ସଜାଇଥାନ୍ତି ନା...ଲାଗେ ଅପୂର୍ବ । ସାଧାରଣ ଜିନିଷ ଗୁଡ଼ାକ...କହିଲା ସୁନନ୍ଦା ।

ଦୁହେଁ ଖାଇବାରେ ବ୍ୟସ୍ତ ରହିଲେ ନିରବରେ । ଖାଇଲେ ଗୋଷ୍ତ ବିରିଆନି..., ତାରିଫ୍ ମଧ୍ୟ କଲେ । କଲିଜା ଫ୍ରାଏ.... । ଓଃ ! ! କି ଟେଷ୍ଟି ! ଦୁହେଁ ଖାଦ୍ୟର ପ୍ରଶଂସା କଲେ ।

- ଆଉ କିଛି ଖାଇବ ? ଆଇସ୍‌କ୍ରିମ୍ ?

- ମସଲା କୋଲ୍‌ଡ୍ ଡ୍ରିଙ୍କ୍‌ସ୍‌ଟେ ମଗାଅ !

- ତା ତ ନିଶ୍ଚୟ । ତା ଛଡ଼ା ଆଉ କିଛି ମିଠା ?

- କାହିଁକି ?

- ସମ୍ପର୍କରେ ମିଠାପଣ ଆଉ ଚିରକାଳ...

ହସିଲା ତାସଲ୍ୟ ହସଟେ ସୁନନ୍ଦା । ନିର୍ଲଜ ହସ । କହିଲା, ଆମର ସମ୍ପର୍କ ସବୁବେଳେ ଖଟା ! ଥରେ ଖାଇଲା ପରେ ଆଉଥରେ ଖାଇବାର ଇଚ୍ଛା ନଥାଏ ! ସମ୍ପର୍କର ନାଁ ନାହିଁ...ଅନାଗ୍ରହ ଓ ଆଗ୍ରହର କଥା ମଧ୍ୟ ନାହିଁ ।

ଅତି ଦୟନୀୟ ଦିଶିଲା ଲୋକଟାର ମୁହଁ । ସୁନନ୍ଦା ତାର ମୁହଁକୁ ଅନୁଧ୍ୟାନ କରୁଥିଲା । କାନ୍ଦ କାନ୍ଦ ଦିଶିଲା । ଗୋଟେ ନିରୁତା ନିରୀହପଣର ହସରେ ଓଦା ହୋଇଗଲା ତାର ଆଖି ।

ଜୀବନରେ ପ୍ରଥମ ଏମିତି କେହି ତାକୁ ଆପ୍ୟାୟିତ କରୁଥିଲା ଏତେ ଶ୍ରଦ୍ଧା ଓ ସମ୍ମାନରେ । ଜାକି ହୋଇଗଲା ଲୁହ । ଯାହାକୁ ସେ ତାର ସମ୍ବଲପୁରୀ ରୁମାଲ୍‌ରେ ପୋଛି ପକାଇଲା ଅତି ଚତୁରତାର ସହ । ତାର ଦୁର୍ବଳତା ସେ ଦେଖାଇବାକୁ ଚାହେଁ ନାହିଁ ।

ବିଲ୍ ପେ' କରି ଆସିଲେ ଆଇସ୍‌କ୍ରିମ୍ କାଉଣ୍ଟରକୁ । ଖାଇଲେ କୁଲ୍‌ଫି ଦି'ଟା । ଏଥର ସେମାନେ ସେ ନୀଳରଙ୍ଗର ଆଲୁଅ ଭିତରୁ ବାହାରି ଆସିଲେ ରାସ୍ତାକୁ । ଗାଡ଼ିରେ ବସିଲେ ପାଖାପାଖି । ଗାଡ଼ି ଆଗେଇଗଲା ହୋଟେଲ୍ ଆଡ଼କୁ । ଗୋଟେ ନିର୍ଦ୍ଦିଷ୍ଟ କମରା, ଡବଲ୍ ବେଡ଼୍ର । ଧଳାନାଲି ଫୁଲପକା ଚଦର । କିଛି ଦରକାରୀ ଅଦରକାରୀ ମନେ ହେଉଥିବା ଆସବାବପତ୍ର । ଯାହା କେବେ ମଧ୍ୟ ଅଧେ ଗରାଖଙ୍କୁ ଆବଶ୍ୟକ ପଡ଼େନି ବିଛଣା ଛଡ଼ା ।

ଶୀତତାପ ନିୟନ୍ତ୍ରିତ ବଖରାର ମୁଲାଏମ୍ ଗଦି ଉପରକୁ ଆସିଲା ବେଳକୁ ସେ ଖୋଲି ଦେଲା ଶାଢ଼ିର ପିନ୍‌ଗୁଡ଼ାକ ଆଉ ଲୋଟେଇ ପଡ଼ିଲା ଶେଯରେ ଅପେକ୍ଷାକୃତ ଅଧିକ ଆକୃଷ୍ଟ କଲା ପରି ଭଙ୍ଗୀରେ ।

ଏମିତି କିଛି ମତୁଆଲା ଢଙ୍ଗରେ ଦେଖିବ ଗରାଖ ଆଉ ତାପରେ ଝାମ୍ପି ପଡ଼ିବ ଉପରକୁ । କହିବ ଏମିତି କର....ସେମିତି କର... ନା ଏମିତି କିଛି ମଧ୍ୟ ଘଟଣା ଘଟିଲା ନାହିଁ ।

ବରଂ ସେ ବାଲ୍‌କୋନିକୁ ଗଲା । ଆକାଶ ଆଡ଼କୁ ଅନେଇଲା ଓ ପୁଣି ଫେରି ଆସିଲା । ମଝିରେ ମଝିରେ ଦେଖୁଥିଲା ତାକୁ । ପୁଳାଏ ଚିନ୍ତା ସହ ବୁନ୍ଦା ବୁନ୍ଦା ଝାଳ କପାଳରେ ଝଟକି ଦିଶୁଥିଲା । ମାତ୍ର ଆଖିରେ ନଥିଲା କାମନାର ଆକାଂକ୍ଷା ନା ନିମନ୍ତ୍ରଣ । ବରଂ ଥିଲା ନିରୁତା ନିର୍ବାକ୍ ପ୍ରଶାନ୍ତି ଦୃଷ୍ଟି, ଯାହା ଧୋଇଦେବ ଅନ୍ୟର ଚେତନାକୁ, ପ୍ରାଣକୁ, ଆତ୍ମାକୁ !

ଏଥର ତା ପାଖକୁ ଆସି ବସିଲା ତା ଆଗରେ । ଅନେଇଲା ଅତି ବ୍ୟାକୁଳ ଦୃଷ୍ଟିରେ କେବଳ ତାର ଆଖିକୁ । ତାପରେ ଉଠିଯାଇ ବସିଲା ସୋଫା ଉପରେ । ଦେଖିଲା ଟିଭି ।

ସୁନନ୍ଦା ବିରକ୍ତ ହୋଇଗଲା । ଏମିତି ଗ୍ରାହକ ଗୁଡ଼ାକ ବେଶୀ ଭୟଙ୍କର ! ଯେ କିଛି କରିବାକୁ ଆଣି ମଧ୍ୟ ପ୍ରଥମ ପ୍ରେମ ପରି ବ୍ୟବହାର କରନ୍ତି । ବୁଝିବା ବଡ଼ କଷ୍ଟକର ହୋଇପଡ଼େ...

ସୁନନ୍ଦା ଶେଯରେ ପ୍ରତୀକ୍ଷାରେ ଗଡ଼ିଲା । ସେ ଗପିଲା ତାର ପିଲାଦିନର କଥା, ତାର ସ୍ୱପ୍ନପ୍ରବଣ ଆଖିର ବାତାୟନ ଡେଇଁ କେମିତି ଆଜି ସ୍ୱପ୍ନମାନେ ଧାବମାନ କରନ୍ତି ନିତି ରାତିଦିନ...ଇତ୍ୟାଦି ଇତ୍ୟାଦି ।

ସୁନନ୍ଦାର ନୀଳ ନିମନ୍ତ୍ରଣ କ୍ରମଶଃ ନିଦପ୍ରବଣ ଆଖିର ନିସ୍ତେଜପଣରେ ଅସ୍ତମିତ ସୂର୍ଯ୍ୟ ପରି ଝାଉଁଳି ପଡ଼ିଲା । ମେଯିତି ଅଚାନକ ପୁଳାଏ ବର୍ଷା ତୋଫାନ୍ ଡାଙ୍କି ପକାଏ ଆକାଶକୁ । ତାକୁ ଡାଙ୍କି ପକାଇଲା । ସେ ଜାଣିନାହିଁ କେତେବେଳେ ଶୋଇ ପଡ଼ିଛି... କେତେ ସମୟ ଶୋଇଛି...

ଗୋଟେ ପ୍ରଶାନ୍ତି ନିଦ । ପିଲାଦିନର କୁହୁକ ରାଇଜର ଗପକୁ ସେ ତାର ସ୍ୱପ୍ନ ବିଭୋର ଆଖିରେ ଦେଖିଲା । ଅନେକ ସ୍ୱପ୍ନ ଧଳାଘୋଡ଼ାରେ ବସି ସେ ଉଡୁଛି ଆକାଶରେ । ଆକାଶରେ ଅନେକ ଫୁଲ, ଅନେକ ରଙ୍ଗର ଗୁଡ଼ି । ଅନେକ ଡଙ୍ଗା, ପଶୁପକ୍ଷୀଙ୍କ ଉପରେ ମଣିଷମାନେ ସବୁ ଉଡୁଛନ୍ତି ଆକାଶରେ ।

ସ୍ୱପ୍ନ ବିଭୋର ଆଖିରେ ଏଥର ଥିଲା ସଦ୍ୟଫୁଟା ନୀଳକଇଁର ମନୋରମ ସତେଜତା । ସେ ଅଳସ ଭାଙ୍ଗିଲା । ନିଜ ଶାଢ଼ିକୁ କାନ୍ଧ ଉପରକୁ ନେଲା । ବେକ ଭାଙ୍ଗି ଅନେଇଲା । ପିଲାଟା ଟିଭି ପାଖରେ ଥିବା ସୋଫା ଉପରେ ବେକମୋଡ଼ା କୁକୁଡ଼ା ପରି ଘୁମେଇ ପଡ଼ିଛି । ତାକୁ ହସ ମାଡ଼ିଲା । ଜୀବନରେ ଏମିତି ପ୍ରଥମଥର ଭେଟିଛି ଗୋଟେ ଗରାଖକୁ । ଯେ ଶୋଇବା ପାଇଁ ନୁହେଁ, ଗପିବା ପାଇଁ ତାକୁ ଆଣିଛି ରାତିକର କେଇଘଣ୍ଟା ମୂଲଚାଲ୍ କରି ।

ହାତଘଣ୍ଟାକୁ ଚାହିଁଲା । ପ୍ରାୟ ରାତି ଏଗାର ପାର୍ କରି ଗଲାଣି । ରାଜରାସ୍ତାରେ ଆଲୁଅ ସବୁ ଜଳି ଉଠି ଚିକ୍ ଚକ୍ କରୁଛି । ସଦ୍ୟସ୍ନାତା ଝିଅର ମୁହଁ ପରି ସତେଜ ଦିଶୁଛି ରାତିର ଏ ରାସ୍ତା । କାଚ ଝରକା ପରଦା ଆଡ଼ କରି ସେ ପୁଣି ଫେରିଲା ଦର୍ପଣ ସାମ୍ନାକୁ । ନିଜ ଭ୍ୟାନିଟି ବ୍ୟାଗ୍‌ରୁ ଲିପ୍‌ଷ୍ଟିକ୍, ଫାଉଣ୍ଡେସନ୍ କାଢ଼ି ମୁହଁରେ ଓଠରେ ମାଖିନେଲା ହାଲ୍‌କା ଦିଶୁଥିବା ରଙ୍ଗକୁ ଢାଙ୍କିବାକୁ । ଓଠର ମ୍ଳାନ

ହୋଇ ପଡ଼ିଥିବା ରଙ୍ଗ ଆଉଥରେ ଗାଢ଼ ହୋଇ ସତେଜ ଦିଶିଲା । କମ୍ପ୍ୟାକ୍ଟ କାଢ଼ି ଗାଲ, ବେକ, କପାଳ ଆଦି ଉପରେ ତାର ତୁଳା ପ୍ୟାଡ୍‌ରେ ବୁଲାଇ ଆଣିଲା । ଗୋଟେ ଉଜ୍ଜ୍ୱଳତା ପୂର୍ବବତ୍ ଚକ୍‌ଚକ୍ କଲା । କଜ୍ଜ୍ୱଳଗାର ଟାଣି ଦେଲା ପେନସିଲ୍‌ରେ । ହାତର ଚୁଡ଼ିସବୁ ରୁଣୁଝୁଣୁ କରି ଉଠିଲା ।

ଡାକିବାକୁ ହାତ ବଢ଼ାଇବା ପୂର୍ବରୁ ପିଲାଟା ଉଠି ପଡ଼ିଲା ଧଡ଼ପଡ଼ କରି । ବିରକ୍ତ ଭାବରେ ଅନେଇଲା କି ଆଶ୍ଚର୍ଯ୍ୟରେ, ତାକୁ ସେ ଦେଖୁନଥିଲା । ଶାଢ଼ିର କ୍ଲିପ୍ ଲଗାଇବାରେ ବରଂ ବ୍ୟସ୍ତ ଥିଲା ।

- ଯିବା ?

- ଆଉ ! କିଛି କରିବାକୁ ମନ ଅଛି ? ରାତିର ଏ ମୁହୂର୍ତ୍ତ ବି ଶ୍ରେଷ୍ଠ ସମୟ...

- ନା !

- ନା ମାନେ ? ସମୟ ନା ତୁମେ ?

- କେଜାଣି ! ମୁଁ କେବେ କିଛି କରିବା ପାଇଁ ଆଣିନଥିଲି...

- ଆଉ ?

- ଜାଣିନି ! ଗଲା ଆଠମାସ ଧରି ମୁଁ ଭଲରେ ଦି'ଘଣ୍ଟା ଶୋଇନି ।

- କାହିଁକି ?

- ଜାଣିନି...

- ତୁମର ପରିବାର ଅଛି ? ପଚାରିଲା ସୁନନ୍ଦା ।

- ହଁ ।

- ପିଲାପିଲି ?

- ଝିଅ...ନା...ପୁଅ...ନା...ନା..କାନ୍ଦି ଉଠିଲା ପିଲାଙ୍କ ପରି ।

- କ'ଣ କିନ୍ନର ? ଉଦ୍‌ବେଗରେ ପଚାରିଥିବା ପ୍ରଶ୍ନଟିକୁ ପୁଣି ପ୍ରକୃତିସ୍ଥ ହେଲା ପରି ସ୍ଥିର ରହିଲା ।

- କେଜାଣି ! ମୁଁ ଆଠମାସ ହେଲା ପଶିନି ସେ ବଖରାକୁ । ପଶାଇ ଦେଇନି ମୋ ସ୍ତ୍ରୀ । ଅନାଇ ନାହିଁ ମୋ ମୁହଁକୁ । ମୋର କ'ଣ ଭୁଲ୍ ମୁଁ ନିଜେ ମଧ୍ୟ ଜାଣେନାହିଁ ।

- ଏଇଟା କାହାର ମଧ୍ୟ ଭୁଲ୍ ନୁହେଁ । ଈଶ୍ୱରଙ୍କ ଭୁଲ୍ । କହୁ କହୁ ଖସି ଆସୁଥିବା ଅନେକ ଶବ୍ଦ ସବୁ ପଛ ହୋଇ ରହିଗଲା ।

- ଚାଲ ! ଡେରି ହୋଇଗଲାଣି ଯିବା... ଛାଡ଼ିଦେବି ତୁମ ସ୍ଥାନରେ । ଯୋଉଠି କହିବ ।

- ଗୋଟେ ରାତି ରହିପାରିବି । ବିନା ପାରିଶ୍ରମିକରେ । ଚାହଁ କି ?

- ନା ! ମୁଁ ଫେରିଯିବାକୁ ଚାହେଁ ଘରକୁ । ପୁଣି କେବେ ଆସିବି... ।

- ଯିବା ତାହା ହେଲେ ?

- ହଁ ! ଦୁହେଁ ଉଠିଲେ । ଯିବାପୂର୍ବରୁ ଗୋଟେ କିଛି ଦେବାକୁ ଚାହେଁ ତୁମକୁ ।

- କ'ଣ ?

- ମିଠା ଚୁମ୍ବନ । ମାତ୍ର କେତୋଟି ଶ୍ରଦ୍ଧାର, ସ୍ନେହର, ପ୍ରେମର ।

- ସେ ଭାଗ୍ୟ ମୋର କାହିଁ ?

ପାଖକୁ ଲାଗି ଆସିଲା ଅନୁରାଗ । ତାର ହାତକୁ ଟିକେ ଆଗକୁ ଟାଣି ଆଣି ତା ମୁହଁକୁ ଟେକି ଧରିଲା । ଆଉ ଆଙ୍କିଲା କେଇଟି ଗାଢ଼ ମିଠା ଚୁମ୍ବନ ତାର କପାଳ ଓ ଗାଲରେ ।

ଗୋଟେ ଶାନ୍ତ ସ୍ନିଗ୍ଧ ଚୁମ୍ବନ । ସେଠି ଉତ୍ତେଜନା ତ ନଥିଲା, ପଶୁତ୍ୱ ବି ନଥିଲା । ଉଦ୍ଦୀପନା ଥିଲା ମାତ୍ର ନିଜକୁ ଜାହିର୍ କରିବାର ପ୍ରବଣତା ନଥିଲା । ସୁନନ୍ଦା ସାମାନ୍ୟ ଉତ୍ତେଜିତ ହେଲା ମାତ୍ର ଅନୁରାଗ ଥଣ୍ଡା ଥିଲା । ଆଉ ତାର କାନପାଖରେ ସେ ତାର ଓଠ ଲଗାଇ କହିଲା ଫିସ୍‌ଫିସ୍ କରି- ଆଇ ଲଭ୍ ୟୁ... ।

ସୁନନ୍ଦା ହସିଲା ସାମାନ୍ୟ । ପୁରୁଷ ସବୁ ସମାନ । ଏଇ ତିନୋଟି ଶବ୍ଦରେ ଧରାଶାୟୀ କରିବାକୁ ଚାହାନ୍ତି ସମସ୍ତଙ୍କୁ । କିନ୍ତୁ ତା'ପରି ଗୋଟେ ନାରୀକୁ ଧରାଶାୟୀ କରିପାରିବେ କି ?

ହୋଟେଲ୍ ରୁମ୍‌ରୁ ବାହାରି ଆସିଲେ ଏଥର ଦୁହେଁ । ମନେମନେ ହସିଲା ସୁନନ୍ଦା । ଏ ପର୍ଯ୍ୟନ୍ତ ଦୁହେଁ ଦୁହିଙ୍କୁ ଜାଣିନାହାନ୍ତି ଭଲ କରି । ନାଁ ମଧ୍ୟ ଜାଣନ୍ତି ନାହିଁ । ଅଥଚ ଗଲା ଚାରି ପାଞ୍ଚ ଘଣ୍ଟା ହେବ ଗୋଟିଏ ରୁମ୍‌ରେ ଥିଲେ । ପୁଣି ମନେ ବି ପଡ଼ିବ ନାହିଁ ଏ ଚେହେରା । ଆଉଥରେ ଦେଖା ହେବ କି ନାହିଁ ତା ମଧ୍ୟ ଜଣାନାହିଁ । ଏ ବୃତ୍ତିରେ ପ୍ରେମ କାହିଁ ? ଜୀବନ ଜିଇଁବା ଲାଗି ଜୀବନ ଏଠି ନିଇତି ଯୁଦ୍ଧ କରୁଥାଏ । ଭାବନାରୁ ଭାଙ୍ଗି ପ୍ରଶ୍ନ ଥିଲା...

- କଉଠି ଛାଡ଼ିବି ?

- ଖଣ୍ଡଗିରି ଛକ ପାଖରେ...କିନ୍ତୁ ତୋର ଉଧାରୀ ରହିଲା କେଇଘଣ୍ଟା ମୋ ଜୀବନର ।

ଅନୁରାଗ ହସିଲା ଗୋଟେ ନିର୍ମଳ ହସ । ହଲାଇଲା ହାତ ନିଜର ପ୍ରିୟଜନଙ୍କୁ ହାତ ହଲାଇଲା ପରି । ବିଦାୟ ନେବାବେଳେ ତା ଆଖିରେ ଲୁହ ଥିଲା । ସେ ଲୁହ ସୁନନ୍ଦାକୁ ବିଚଳିତ କରିଦେଲା ।

ଅବିଚଳିତ ଭାବେ ସେ ଅନେଇ ରହିଲା ଗାଡ଼ିଟା ରାସ୍ତାରେ ଅଦୃଶ୍ୟ ହେବାଯାଏଁ ।

ଏମିତି ଅନେକ ବାର ଆସିଛି ସେ ପିଲା । ମାସରେ ଥରେ ଦି'ଥର । ବିନା ପ୍ରଶ୍ନ । ବିନା ଅପେକ୍ଷାରେ ଠିକଣା ଖୋଜି ନିଏ ତାର । ତାକୁ ଆଣେ ଯାହା ମୂଲ୍ୟ କହିଲେ ମଧ୍ୟ । ଅନେକ ବାର ଜାଣି ଜାଣି ମୂଲ୍ୟ ଅଧିକ କହେ ସୁନନ୍ଦା ତାକୁ ଆଦତ୍ ନପଡୁ ବୋଲି । ମାତ୍ର ସେ ବିନା ଦ୍ୱିଧାରେ ବିନା ଅସମ୍ମତିରେ ଗ୍ରହଣ କରେ ତାକୁ ।

ଦୁହେଁ ଯାଆନ୍ତି ବିଭିନ୍ନ ହୋଟେଲ୍ । ଖାଆନ୍ତି ପେଟଭର୍ତ୍ତି ଖାଇବା ପରେ ବୁଲନ୍ତି ପାର୍କରେ । ଗପନ୍ତି ଘଣ୍ଟା ଘଣ୍ଟା । ତା ପାଇଁ ଆଣିଥିବା ପର୍ସରେ ଟଙ୍କା, ଚୁଡ଼ି, ବିନ୍ଦି, କାନଫୁଲ ପୁରାଇ ଉପହାର ଦିଏ । ତାର ପ୍ରିୟରଙ୍ଗର ଶାଢ଼ି, ପର୍‌ଫ୍ୟୁମ୍ ଦିଏ ତାକୁ । କେବେ କେବେ ଗଜରା ପିନ୍ଧାଇ ଦିଏ ତାର ଗଭାରେ । କିନ୍ତୁ ଥରେ ମଧ୍ୟ ତା ସହ ସଂଭୋଗ କରେ ନାହିଁ ।

ଦିନେ ତାକୁ ଚୁମା ଦେଉ ଦେଉ ତାର ହାତ ଜାବୁଡ଼ି ଧରି ପଚାରିଲା: ଜାଣୁ ମୁଁ ନାରୀ ନୁହେଁ ? କିନ୍ନର... ।

- ହଁ !

- ତଥାପି ବି ? ଆକାଶରୁ ଗଳି ପଡ଼ିଲା ପରି ଲାଗିଲା ସୁନନ୍ଦାକୁ ।

- ତଥାପି ?

- ହଁ ! କହିଲି ତ ଭଲପାଏ ବୋଲି । ଭଲ ପାଇବା ପାଇଁ ନା କିଛି ସୀମା ଥାଏ, ନା ରଂଗ ଥାଏ । ନା ବୟସ ନା ଲିଙ୍ଗ । ମୋର କୌଣସି ସ୍ୱାର୍ଥ ନାହିଁ ପ୍ରେମ ପାଇଁ । ମୁଁ ବିନା ସର୍ତ୍ତରେ, ବିନା ସ୍ୱାର୍ଥରେ ଭଲ ପାଇବାକୁ ଚାହେଁ । ବିନା ଆଶା ବିନା ଅପେକ୍ଷା ବିନା ପାଇବାର ଆଗ୍ରହ ନେଇ ତୁମେ ଖାଲି ମୋର ହୁଅ ! ଏଇ ବିଶ୍ୱାସ ମୋର ଅଛି ! ମୁଁ ଦିନେ ତୁମକୁ ଖାଲି ମୋର କରିପାରିବି । ସାରା ଦୁନିଆ ପାଇଁ ଯାହା ମିଛ ହୋଇପାରେ ତୁମ ପାଇଁ ମଧ୍ୟ ହୋଇପାରେ... ମାତ୍ର ଏଇଟା ସତ୍ୟ । କେବଳ ସତ୍ୟ ହୋଇ ରହୁ ତୁମ ପାଇଁ ।


- ପ୍ରେମର ଅନ୍ୟ ନାମ ଖୁସି । ତୁମ ଆଖିରେ ଖୁସି ଦେଖିଲେ ମୁଁ ତୃପ୍ତ ହୁଏ । ଝଲସି ଉଠେ ମୋର ପ୍ରାଣ । ଆଉ କିଛି ନୁହେଁ । ଏଇ ଖୁସି ଟିକକ ଦେଖିବା ପାଇଁ ମୁଁ ଦୌଡ଼ିଆସେ ବାରବାର । ତୁମ ଆଖିଛଡ଼ା ଅନ୍ୟ କିଛି ମଧ୍ୟ ଭଲକରି ଦେଖିନି । ସେ ଆଖି ଦି'ଟା ହିଁ ଦିଅ । ମୁଁ ତୁମ ପ୍ରେମରେ ପଡ଼ି ତୃପ୍ତ । କହିଲା ଅନୁରାଗ ।

ବାଣୀ ବିହାର ଛକ ଠାରୁ ସାମାନ୍ୟ ଦୂରରେ ସେ ଠିଆ ହୋଇଥିଲା । ଦେହରେ ଆଜି ଶାଢ଼ି ବଦଳରେ ଜିନ୍‌ସ୍ ଥିଲା । ପୁଅଟା ଆଖିରେ ପ୍ରତିଥର ବିଦାୟକାଳୀନ ଲୁହ ଥିଲା । ସୁନନ୍ଦା ଆଖି ଆଜି ଲୁହରେ ଅଭିଭୂତ ଥିଲା । ସେ ମାନେ କାଳେ କାଳେ ବିଶ୍ୱସ୍ତ ନିଜର ଶବ୍ଦ, ନିଜର ସଂପର୍କ, ନିଜର ଗ୍ରାମ ପାଖରେ ।

ଆଜି ସେ ନିଜକୁ ଖୁବ୍ ପୁଣ୍ୟବାନ ମନେକଲା । କେତେ ଲୋକଙ୍କ ଭାଗ୍ୟରେ ଜୁଟେ ପ୍ରକୃତରେ ପ୍ରେମ । ତା ପୁଣି ଏମିତି । ତା ପୁଣି ତା ଭଳି ଲୋକକୁ । ଅନ୍ଧାର ଦୁନିଆ ଚିରି ପୁଳାଏ ଆଲୋକ କିଏ ଯେମିତି ଟେକି ଦେଇଥିଲା ତା ଦୁଇ ପାପୁଲି ଭିତରେ । ତାର ଅନ୍ଧିଭୂତ ଲୁହ ଭିତରେ ସବୁକିଛି ଝାପ୍‌ସା ଦିଶୁଥିଲା ! ସହରର ଆଲୁଅ ଆଉ ତାର ଅସ୍ତିତ୍ୱର ଅନ୍ଧକାର ପାଖ ମଧ୍ୟ.... ।

# କଫିର କୁହୁକ





# କୋରାପୁଟ୍‌ର କଫିଚାଷ



ମୀନା ସ୍ୱାଇଁ

ଫଟୋ ସୌଜନ୍ୟ : ଲେଖିକା

କଫି : କୋରାପୁଟ୍ କୁହୁ । ତା ପାଇଁ ଆଣିଛି ନୂଆ ପରିଚୟ । ଏଠାରୁ ଉତ୍ପାଦିତ କଫିର ସ୍ୱାଦ ଓ ରଙ୍ଗ ଅଦ୍ୱିତୀୟ । କୋରାପୁଟ୍ କଫିର କୁହୁ ସାରା ବିଶ୍ୱରେ ଗୁଞ୍ଜରିତ । କଫି ପାଇଁ ଉତ୍ତମ ଜଳବାୟୁ ଥିବା ଏହି ଜିଲ୍ଲାରେ ଜୟପୁର ମହାରାଜା ୧୯୩୦ ମସିହାରେ ବିଚାଲକୋଟା ଠାରେ ଆରମ୍ଭ କରିଥିଲେ ପ୍ରଥମେ କଫିଚାଷ । ବର୍ତ୍ତମାନ ଏହାର ରପ୍ତାନୀ ସମଗ୍ର ଭାରତବର୍ଷ ତଥା ବିଦେଶକୁ ବ୍ୟାପ୍ତ । କୋରାପୁଟ କଫିର ବାସ୍ନାରେ ଏଥର 'ରେବତୀ'ର ପାଠକମାନେ ବିଭୋର ହେବେ ।

"ଛେଳି ଜଗୁଆଳୀ ପିଲାଟି ଆଶ୍ଚର୍ଯ୍ୟ ହେଲା । ଛେଳିଗୁଡ଼ିକ ଯେତେବେଳେ କେତେକ ନିର୍ଦ୍ଦିଷ୍ଟ ବୁଦାରୁ ଫଳ ଖାଉଥିଲେ, କିଛି ସମୟ ପରେ ଖୁବ୍ ଉତ୍‌ଫୁଲ୍ଲିତ ହୋଇ ଡିଆଁଡେଇଁ କରୁଥିଲେ । ସେହି ଫଳରୁ କିଛି ତୋଳିନେଲା ଛେଳି ଜଗୁଆଳୀଟି । ସନ୍ଧ୍ୟାରେ ନିଆଁ ପୋଉଁଥିବା କେତେକ ଗ୍ରାମବାସୀଙ୍କୁ ସେହି କଥା କହି ତୋଳିଥିବା ଫଳତକ ଦେଖାଇଲା । ଅବିଶ୍ୱାସ ତଥା ତାଚ୍ଛଲ୍ୟରେ କେହି ଜଣେ ଫିଙ୍ଗିଦେଲା ସେହି ଫଳଗୁଡ଼ିକୁ ନିଆଁ ଭିତରକୁ । ସୁନ୍ଦର, ଉତ୍ତେଜକ ମହକଟିଏ ନିଆଁର ଶିଖା ଭିତରୁ ବାହାରି ଆସିଲା ସମସ୍ତଙ୍କୁ ଚକିତ କରି । ତା'ପରେ କୌତୂହଳ ବଶତଃ କେହି ତାକୁ ଗରମ ପାଣିରେ ପକାନ୍ତେ ଜନ୍ମ ନେଲା କଫି ପାନୀୟ, ଏକ କୌତୂହଳରୁ, ଖାମଖିଆଲି ମନୋଭାବରୁ, ସୁଦୂର ଆଫ୍ରିକାର ଇଥିଓପିଆ ଦେଶର ଏକ ନିପଟ ମଫସଲ ଗାଁରେ ।"

ଏତିକି କହି ସୁନ୍ଦର ଏକ ହସ ହସିଲେ ଶ୍ରୀ ଅଜିତ୍ କୁମାର ରାଉତ, କୋରାପୁଟ୍ କଫିବୋର୍ଡ଼ର ବରିଷ୍ଠ ଅଧିକାରୀ । ସୁନ୍ଦରୀ ପତ୍ନୀଙ୍କ ହାତରୁ କଫି କପ୍‌ଟେ ମୋତେ ବଢ଼ାଇ ଅନ୍ୟ କପ୍‌ଟିରେ ଏକ ଚୁମୁକ୍ ଦେଉ ଦେଉ କହିଲେ, "ଏଭଳି ଜଙ୍ଗଲ ପରିବେଷ୍ଟିତ ନିକାଞ୍ଚନ ଜାଗାରେ, ସମାଜ ଠାରୁ ଦୂରରେ କଫିବୋର୍ଡ଼ର କ୍ୱାର୍ଟର ଭିତରେ ମୁଁ କେମିତି ଏତେ ବର୍ଷ ହେଲା ରହିପାରିଛି ଜାଣନ୍ତି ?"

ନିଜ ପତ୍ନୀଙ୍କ ଉପରକୁ ଏକ ସ୍ନେହଭରା ଦୃଷ୍ଟି ଫିଙ୍ଗି କହିଲେ, "ପ୍ରଥମତଃ ମୋର ପତ୍ନୀଙ୍କର ଅକୁଣ୍ଠ ସାହଚର୍ଯ୍ୟ, ଆଉ ଦ୍ୱିତୀୟତଃ ଏକ ସ୍ୱପ୍ନ । ପ୍ରକୃତିର କୋଳରେ, ପଶୁପକ୍ଷୀ ଓ ଉଦ୍ଭିଦଙ୍କ ଗହଣରେ ମନଲୋଭା ସମୟ ବିତେଇବାର ସ୍ୱପ୍ନ ?"

କ୍ୱାର୍ଟର ସମ୍ମୁଖସ୍ଥ ବଗିଚାରେ ସିମେଣ୍ଟ୍ ଛାତ ତଳେ ଚେୟାର୍‌ରେ ବସି କଫି ବଗିଚା ଆଡ଼େ ଦୃଷ୍ଟି ନିକ୍ଷେପ କରି ମୁଁ ପଚାରିଲି : "କେଉଁ ସ୍ୱପ୍ନ ?"

"ଅନେକ ବର୍ଷ ନିଜ ରାଜ୍ୟ ବାହାରେ କାମ କରିବା ଭିତରେ ଗୋଟିଏ ସ୍ୱପ୍ନ ମୋତେ ବାରମ୍ବାର ବିବ୍ରତ କରୁଥିଲା । ନିଜ ରାଜ୍ୟରେ ଆଦିବାସୀମାନଙ୍କ ପାଇଁ କିଛି କରିବାର ସ୍ୱପ୍ନ । କହିବାକୁ ଗଲେ ତାହାହିଁ ମୋତେ ଟାଣି ଆଣିଲା ଏଇଠିକି । ବାନ୍ଧି ପକାଇଲା ଏଇ ମାଟିରେ ।" ତାଙ୍କ ଆଖିରେ ଥିଲା ଆଖିଏ ବିହ୍ୱଳତା ।

ବିହ୍ୱଳତା ହିଁ ତ ଯୁଗେ ଯୁଗେ କିଛି ଅନନ୍ୟ କରିବାକୁ ପ୍ରରୋଚିତ କରୁଥାଏ । ବିହ୍ୱଳତା ସୃଷ୍ଟି ହୁଏ ସେତେବେଳେ, ଯେତେବେଳେ ନିଜ ସ୍ୱାର୍ଥ ଠାରୁ ଉର୍ଦ୍ଧ୍ୱରେ ରହି କେହି ଚିନ୍ତା କରୁଥାଏ ।

କପରୁ କଫି ସରି ଯାଇଥିଲା । ସମ୍ମୁଖରୁ ମୋତେ ପ୍ରଲୁବ୍ଧ କରୁଥିଲା କଫି ବଗିଚା । ମନ ଅଥୟ । ସହସା ପାଦ ବଢ଼ାଇଲି । ମନ୍ଦିର ପ୍ରବେଶ ଦ୍ୱାରରେ ଘଣ୍ଟି ଶବ୍ଦ ଭଳି ଶହ ଶହ ଚଢ଼େଇଙ୍କର କିଚିରିମିଚିରି ଶବ୍ଦ, ବଗିଚା ଭିତରେ ଛାଇ-ଆଲୁଅର ଖେଳ, ଚତୁର୍ଦ୍ଦିଗର ସବୁଜିମା, କଫି ଗଛରେ ଧରିଥିବା ପେନ୍ଥା ପେନ୍ଥା ନାଲିଫଳ ସୃଷ୍ଟି କରୁଥିଲା ଏକ ଆଧାତ୍ମିକ ପରିବେଶ । ଚେତେଇ ଦେଉଥିଲା ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ଥିବା ସୂକ୍ଷ୍ମ ତଥା ସୁଦୃଢ଼ ସମ୍ପର୍କକୁ ।

କଫି ବଗିଚା ଭିତରେ କଫି ଓ ସିଲ୍‌ଭର୍ ଓକ୍ ଗଛର ସମାବେଶ, ସିଲ୍‌ଭର୍ ଓକ୍ ଗଛକୁ ଜାବୁଡ଼ି ଧରି ଉର୍ଦ୍ଧ୍ୱାରୋହଣ କରୁଥିବା ଗୋଲମରିଚ ଗଛ, ପାର୍ଶ୍ୱରେ



ପାହାଡ଼ ଓ ପାହାଡ଼ ଉପରିସ୍ଥ ଜଙ୍ଗଲ; ଧଳା କାଗଜ ଫର୍ଦ୍ଦରେ ଶବ୍ଦର କୋଣାର୍କ ସୃଷ୍ଟି କରିପାରେ, ରଙ୍ଗର ମାୟାଜାଲଟେ ତିଆରି କରି ଅନ୍ୟମନସ୍କ କରିପାରେ ଚିତ୍ରକରକୁ । ଏଭଳି ପରିବେଶ ଯେ କେବଳ କୋରାପୁଟ କଫିବୋର୍ଡ଼ରେ ହିଁ ଦେଖାଯାଏ, ତା' ନୁହେଁ । କୋରାପୁଟର ସମସ୍ତ କଫି ଫାର୍ମରେ ଏହି ଦୃଶ୍ୟଟି ଦୃଷ୍ଟିଗୋଚର ହୁଏ । ଏହା ଯେକୌଣସି ଏକ ପର୍ଯ୍ୟଟନ ସ୍ଥଳୀ ଭଳି ମନୋମୁଗ୍ଧକର, ଆକର୍ଷଣୀୟ ।

## ଓଡ଼ିଶାରେ କଫିଚାଷର ଆରମ୍ଭ

ଇଥିଓପିଆରେ ଜନ୍ମ ନେଇଥିବା କଫିଚାଷ, ତାର ମାଦକଗୁଣ ଯୋଗୁଁ, ପ୍ରାରମ୍ଭିକ ଅବସ୍ଥାରେ ଲୁଚାଛପାରେ ଚାଷ ହେଉଥିଲା । ଭାରତକୁ କଫିର ଆଗମନର କାହାଣୀ ବି ବେଶ୍ ରୋଚକ । କର୍ଣ୍ଣାଟକର ବାବା ବୁଦାନ ତାଙ୍କର ଇଥିଓପିଆ ଗସ୍ତ ସମୟରେ କଫି ପ୍ରତି ଆକର୍ଷିତ ହୋଇଥିଲେ । ନିଜ ପେଟ ଚାରିପଟେ କପଡ଼ା ଗୁଡ଼ାଇ ତା' ମଧ୍ୟରେ ସାତଟି କଫି ମଞ୍ଜି ଲୁଚେଇ ଭାରତକୁ ଆଣିଥିଲେ । କର୍ଣ୍ଣାଟକରେ ନିଜ ଆଶ୍ରମ ପଛପଟେ ସେହି ମଞ୍ଜି ଲଗାଇ କଫିଚାଷ ଆରମ୍ଭ କରିଥିଲେ । ପରବର୍ତ୍ତୀ କାଳରେ ଇଂରେଜ ଶାସନ ଅମଳରେ କଫିଚାଷ ପୁନର୍ବାର ବହୁଳ ମାତ୍ରାରେ ଆରମ୍ଭ ହୋଇଥିଲା ।

କୋରାପୁଟ୍ ଜିଲ୍ଲା ଏକଦା ଜୟପୁର ରାଜ୍ୟର ଅନ୍ତର୍ଗତ ଥିଲା । ୧୯୩୦ ମସିହାରେ ଜୟପୁରର ରାଜା ବିକ୍ରମ ଭଞ୍ଜଦେଓଙ୍କ ହାତ ଧରି କର୍ଣ୍ଣାଟକରୁ କଫି ଆସି ପ୍ରଥମେ ଓଡ଼ିଶାର କୋରାପୁଟ ମାଟିରେ ଚାଲି ଶିଖିବାକୁ ଆରମ୍ଭ କରିଥିଲା । ରାଜା ଜୟପୁର ନିକଟସ୍ଥ ବିଚଲକୋଟା ପର୍ବତରେ ପ୍ରଥମେ କଫିଚାଷ ଆରମ୍ଭ କରିଥିଲେ । ଏହାର ପ୍ରମାଣ ସ୍ୱରୂପ କିଛି କିଛି କଫି ବୁଦା ଏବେ ବି ସେହି ପର୍ବତରେ ବିଦ୍ୟମାନ ।

କୋରାପୁଟର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ପୋଡୁଚାଷ ଯୋଗୁଁ ଜଙ୍ଗଲ ଯେତେବେଳେ କ୍ଷୟିଷ୍ଣୁ ଅବସ୍ଥାରେ ଥିଲା, ପାହାଡ଼ରୁ ମୃତ୍ତିକା କ୍ଷୟ ହୋଇ ଉପତ୍ୟକାରେ ଜମିବାରେ ଲାଗିଥିଲା, ସେତେବେଳେ କୋରାପୁଟର ପାର୍ବତ୍ୟ ଅଞ୍ଚଳରେ ବ୍ୟାପକ ପରିମାଣର କଫିଚାଷର ପରିକଳ୍ପନା ସମୟୋପଯୋଗୀ ଓ ଚମତ୍କାର ପଦକ୍ଷେପ ଥିଲା । ସେମାନଙ୍କ ଭିତରେ ପୋଡୁଚାଷ ବନ୍ଦ କରିବା, ନୂତନ ଜଙ୍ଗଲ ସୃଷ୍ଟି କରିବା ମନୋବୃତ୍ତିଟିଏ ସୃଷ୍ଟି କରିବା ଯେତେବେଳେ ଏକ ଦୁରୂହ ବ୍ୟାପାର ଥିଲା, କଫିଚାଷ ଦ୍ୱାରା ସେହି ସମସ୍ୟାକୁ ସମାଧାନ କରିବା ଯୋଜନା ସମସ୍ତଙ୍କ ମନରେ ଏକ ଆଶାର କିରଣ ସୃଷ୍ଟି କଲା ।

କୋରାପୁଟରେ କଫିଚାଷ ଯୋଜନା କରିବାର ଅନ୍ୟ ଏକ ପ୍ରମୁଖ କାରଣ ଥିଲା, ଏହାର ଜଳବାୟୁ, ଭୌଗୋଳିକ ଅବସ୍ଥାନ, ତାପମାତ୍ରା ଓ ବୃଷ୍ଟିପାତ । କଫି ଆରବିକା ପାଇଁ ଉର୍ବର, ଜୈବିକ ପଦାର୍ଥରେ ଭରପୁର, ଉତ୍ତମ ଜଳ-ନିଷ୍କାସନ ହୋଇ ପାରୁଥିବା ଓ ସାମାନ୍ୟ ଅମ୍ଳୀୟ ମୃତ୍ତିକା ଆବଶ୍ୟକ । କୋରାପୁଟ ପାର୍ବତ୍ୟ ଅଞ୍ଚଳର ମୃତ୍ତିକାରେ ଏ ସମସ୍ତ ଗୁଣ ନିହିତ । ଛାୟା ପ୍ରଦାନକାରୀ ବୃକ୍ଷ ଥିବା ମଧ୍ୟମ ଧରଣର ଗଡ଼ାଣିଆ ଅଞ୍ଚଳ କଫିଚାଷ ପାଇଁ ଅନୁକୂଳ । ୨୫୦୦ ରୁ ୪୦୦୦ ଫୁଟ ଉଚ୍ଚତାରେ କଫିଚାଷ ଭଲ ଭାବରେ ହେଉଥିବା ବେଳେ କୋରାପୁଟ ୧୮୦୦ ଫୁଟ ରୁ ୪୨୦୦ ଫୁଟ ଉଚ୍ଚତାରେ ଅବସ୍ଥିତ । ବାର୍ଷିକ ବୃଷ୍ଟିପାତ ୧୬୦୦ ରୁ ୨୫୦୦ ମିଲି ମି. ଓ ଆଦ୍ରତା ୭୦ ରୁ ୮୦ ଶତକଡ଼ା କଫିଚାଷ ପାଇଁ ଆବଶ୍ୟକ ହେଉଥିବା ବେଳେ କୋରାପୁଟରେ ବୃଷ୍ଟିପାତର ପରିମାଣ ୧୨୦୦ ରୁ ୧୮୦୦ ମିଲିମି. ଓ ଆର୍ଦ୍ରତା ୩୦ ରୁ ୯୦ ଶତକଡ଼ା । କଫିଗଛରେ ଫୁଲ ଧରିବା ପାଇଁ ମାର୍ଚ୍ଚ-ଏପ୍ରିଲ ମାସରେ ୨୫ ରୁ ୪୦ ମିଲିମି. ବର୍ଷା ଓ ଫଳ ଟାଣ ହେବା ପାଇଁ ଏପ୍ରିଲ-ମେ ମାସରେ ୫୦ ରୁ ୭୫ ମିଲିମି. ବର୍ଷା ଆବଶ୍ୟକ ହୋଇଥାଏ, ଯାହାକି କୋରାପୁଟ ମାଟିରେ ପଡ଼ିଥାଏ ।

ଉପରୋକ୍ତ ସମସ୍ତ ଅନୁକୂଳ ଅବସ୍ଥା ଯୋଗୁଁ କୋରାପୁଟରେ କଫିଚାଷ



ପାଇଁ କେନ୍ଦ୍ରୀୟ କଫିବୋର୍ଡ଼, କୋରାପୁଟ ଉତ୍ସୁକତା ଦେଖାଇଥିଲା ।

## କଫିଚାଷର କଥା ଓ କାହାଣୀ

କଫିଚାଷ କରିବା ପୂର୍ବରୁ ଛାୟା ପ୍ରଦାନକାରୀ ଗଛ ସାଧାରଣତଃ ସିଲଭର୍ ଓକ୍ ଲଗାଯାଏ । ସେହି ଗଛଗୁଡ଼ିକ ତିନି ବର୍ଷର ହୋଇଗଲେ ପୂର୍ବରୁ ପ୍ରସ୍ତୁତ ହୋଇଥିବା କଫିଚାରା ଆଣି ତାର ଛାୟାରେ ରୋପଣ କରାଯାଏ । କଫି ଚାରା ପ୍ରସ୍ତୁତ କରିବା ପାଇଁ ଫେବୃଆରୀ ମାସରେ ତଳି ପକାଯାଏ । ପଇଁଚାଳିଶ୍ ଦିନ ପରେ ଛୋଟ ଛୋଟ ଚାରା ପଲିଥିନ ବ୍ୟାଗ୍‌କୁ ସ୍ଥାନାନ୍ତର କରାଯାଏ । ସେଥିରେ ଚାରାଗୁଡ଼ିକ ଚାରି ପାଞ୍ଚ ମାସର ହୋଇଗଲେ, ତାକୁ ନେଇ ସିଲଭର୍ ଓକ୍ ଗଛର ଛାୟାରେ ରୋପଣ କରାଯାଏ । କଫିଗଛ ତିନିବର୍ଷ ପରେ ଫୁଲଧାରଣ କରେ । କିନ୍ତୁ ପ୍ରଥମ ବର୍ଷ, ଫୁଲକୁ ଛିଣ୍ଡାଇ ଗର୍ଭଧାରଣ କରିବାକୁ ଦିଆଯାଏ ନାହିଁ । ଗଛକୁ ଅଧିକ ପରିପକ୍ୱ ହେବାକୁ ଦିଆଯାଏ । ଚାରିବର୍ଷର ହୋଇଗଲେ କଫିଗଛରେ ଫଳ ଧରେ । ଗୋଟିଏ ଗୋଟିଏ ଗଛରେ ପାଖାପାଖି ୬ କେ.ଜି. କଫିବିନ୍ ଧରେ । ଏପ୍ରିଲ୍ ମାସରେ ଯେତେବେଳେ ୨୫ ମି.ମି. ପ୍ରଥମ ବର୍ଷା ହୁଏ ତାର ସାତଦିନ ପରେ ଗଛରେ ଧଳା ରଙ୍ଗର ପେନ୍ଥା ପେନ୍ଥା ଫୁଲ ଲଦି ହୋଇଯାଏ । ଆଶ୍ରମର ତପସ୍ୱିନୀ ଭଳି ଏକ ନୈସର୍ଗିକ ସୌନ୍ଦର୍ଯ୍ୟରେ ମଣ୍ଡି ହୋଇଯାଏ କଫିଗଛ । ସେହି ସମୟରେ କଫି ବଗିଚାର ସୌନ୍ଦର୍ଯ୍ୟ ଅତୁଳନୀୟ । ଏହାର ଗୋଟିଏ ମାସ ପରେ ୩୦ ରୁ ୪୦ ମି.ମି. ବର୍ଷା, ଫଳକୁ ଡାଳ ସହ ଶକ୍ତ ଭାବେ ଯୋଡ଼ି ରଖେ । ଡିସେମ୍ବର ମାସ ଆଡ଼କୁ କଫି ବିନ୍ ପାଚିଯାଏ । ଲାଲ୍ ରଙ୍ଗର ଫଳର ଗହଣା ମଣ୍ଡି ହୋଇ କଫିଗଛ ଦିଶେ ନବବଧୂଟିଏ ଭଳି । ପାଚିଲା କଫିବିନ୍ ଗୁଡ଼ିକୁ ଫେବୃୟାରୀ ମାସରେ ତୋଳାଯାଏ । ତୋଳିବା ସାଙ୍ଗେ ସାଙ୍ଗେ ପଲ୍‌ପର୍ ଯନ୍ତ୍ରରେ ଫଳଗୁଡ଼ିକରୁ ଚୋପା ଅଲଗା କରି ଦିଆଯାଏ । ଏହାପରେ ଡ୍ରାଇଂ ୟାର୍ଡ଼ ବା ଶୁଖାଇବା ଲାଗି ଉଦ୍ଦିଷ୍ଟ ଅଗଣାରେ ଖେଳେଇ ଧଳାରଙ୍ଗର ମଞ୍ଜିଗୁଡ଼ିକୁ ନଅରୁ ଦଶଦିନ ଶୁଖେଇ ଦିଆଯାଏ । ଚୋପା ଛଡ଼ା ମଞ୍ଜିକୁ ଶୁଖାଯାଇ ଯେଉଁ କଫି ପ୍ରସ୍ତୁତ କରାଯାଏ, ତାକୁ ପାର୍ଚମେଣ୍ଟ କଫି କୁହାଯାଏ । ବେଳେବେଳେ ଚୋପାଥାଇ ଶୁଖାଯାଇ କଫି ପ୍ରସ୍ତୁତ କରାଯାଏ, ତାକୁ ଚେରି କଫି କୁହାଯାଏ । ଉଭୟ କଫିର ସ୍ୱାଦ ଓ ସୁଗନ୍ଧରେ କିଛିଟା ପାର୍ଥକ୍ୟ ରହେ । ଧଳାରଙ୍ଗର ମଞ୍ଜିକୁ ସାଧାରଣତଃ ବିକ୍ରୀ କରାଯାଇଥାଏ ବିଭିନ୍ନ କମ୍ପାନୀମାନଙ୍କୁ ଯେଉଁଠାରେ କି ଧଳା ଆବରଣକୁ ବାହାର କରି ଅଭ୍ୟନ୍ତରରେ ଥିବା ମଞ୍ଜିକୁ ରୋଷ୍ଟିଂ କରି, ଗ୍ରାଇଣ୍ଡର୍ ମେସିନ୍‌ରେ ଗ୍ରାଇଣ୍ଡ୍ କରି ପାଉଡ଼ର କଫି ପ୍ରସ୍ତୁତ କରାଯାଏ ।

କଫି ବଗିଚାର ପାର୍ଶ୍ୱରେ ବିଭିନ୍ନ ଫଳଗଛ, ଯଥା: କମଳା, ଆମ୍ବ, ପିଜୁଳି, ଜାମୁରୋଳ, ଜାମୁକୋଳି, କଦଳୀ, ପଣସ ଗଛ ରୋପଣ କରାଯାଇଥାଏ । ଗୋଲମରିଚ, ଡାଲ୍‌ଚିନି, ତେଜପତ୍ର ଆଦି ମସଲା ଗଛ ମଧ୍ୟ ଚାଷ କରାଯାଇଥାଏ । ସାଧାରଣତଃ କଫିଗଛକୁ ଛାୟାପ୍ରଦାନ କରିବା ପାଇଁ ଲଗା ଯାଇଥିବା



ସିଲଭର୍ ଓକ୍ ଗଛରେ ଗୋଲମରିଚ ଗଛ ମଡ଼ା ଯାଇଥାଏ । ଗୋଲମରିଚ ଗଛରୁ ଝୁଲି ଆସିଥିବା ଗୋଲମରିଚ ପେନ୍ଥାଗୁଡ଼ିକ ଦେଖଣାହାରୀଙ୍କ ମନରେ ବେଶ୍ କୌତୁହଳ ସୃଷ୍ଟି କରିଥାଏ ତଥା କଫି ବଗିଚାର ଅସଲ ସୌନ୍ଦର୍ଯ୍ୟର ଏକ କାରଣ ଭାବେ ଉଭା ହୋଇଥାଏ । କଫି ଫୁଲ ଧରିବା ଠାରୁ ଆରମ୍ଭ କରି ଅମଳ ହେବା ପର୍ଯ୍ୟନ୍ତ ନଅ ମାସ ସମୟ ଲାଗିଥାଏ ।

## କଫିଚାଷୀଙ୍କ ପାଇଁ ପ୍ରଶିକ୍ଷଣ

କୋରାପୁଟରେ ଥିବା କଫିବୋର୍ଡ଼ ସମସ୍ତ କଫିଚାଷୀଙ୍କୁ ବୈଷୟିକ ଜ୍ଞାନର ତାଲିମ ଦେଇଥାଏ । ବିଭିନ୍ନ ଗ୍ରାମକୁ ଯାଇ କଫିବୋର୍ଡ଼ ଅଧିକାରୀ ଓ କର୍ମଚାରୀ ମାନେ ଚାଷର ବିଭିନ୍ନ ସୋପାନକୁ ବୁଝାଇଥାନ୍ତି । ଏତଦ୍‌ବ୍ୟତୀତ ଆଗ୍ରହୀ ବ୍ୟକ୍ତିଙ୍କୁ (ଆଦିବାସୀ ତଥା ଅଣ ଆଦିବାସୀ) ପ୍ରଥମ ଚାଷର ତିରିଶ ଶତକଡ଼ା ପ୍ରୋତ୍ସାହନ ରାଶି ପ୍ରଦାନ କରିଥାନ୍ତି । କଫିଚାଷରେ ଲାଗୁଥିବା ବିଭିନ୍ନ ଉପକରଣକୁ ରିହାତି ଦରରେ ବିକ୍ରୀ କରିଥାନ୍ତି ।

କୋରାପୁଟ କଫିଚାଷରୁ ବାର୍ଷିକ ୬୫୦ ମେଟ୍ରିକ୍ ଟନ୍ କଫିମଞ୍ଜି ମିଳିଥାଏ । ସମସ୍ତ ମଞ୍ଜି ପ୍ରାୟତଃ ବିଦେଶକୁ ରପ୍ତାନୀ ହୋଇଥାଏ ଓ କିଛି କର୍ଣ୍ଣାଟକର ବିଭିନ୍ନ କମ୍ପାନୀକୁ । ଏଥିରୁ ୧୦-୧୩ କୋଟି ବୈଦେଶିକ ମୁଦ୍ରା ଆୟ ହୋଇଥାଏ । କୋରାପୁଟରେ ଉତ୍ପାଦନ ହେଉଥିବା କଫି ମଧ୍ୟରେ କଫି ଆରବିକା, କଫି କାବେରୀ, ନୀଳଗିରି ମୁଖ୍ୟତଃ ଆଦୃତ ।

କୋରାପୁଟରେ ବେସରକାରୀ ସ୍ତରରେ ୭୩୧ ହେକ୍ଟର, ସରକାରୀ ସ୍ତରରେ ତିନି ଶହ ସତୁରୀ ହେକ୍ଟର, ଆଦିବାସୀମାନଙ୍କ ଦ୍ୱାରା ୧୫୨୦ ହେକ୍ଟର ଏହିପରି ସମୁଦାୟ ୨୬୨୧ ହେକ୍ଟର ଜମିରେ କଫିଚାଷ ହେଉଛି ଏବଂ ଏଥିରେ ଯଥାକ୍ରମେ ୧୨୬ ଜଣ, ୯ ଜଣ ଓ ୩୧୯୮ ଜଣ ଏହିପରି ସମୁଦାୟ ୩୩୩୩ ଜଣ ବ୍ୟକ୍ତି ସଂଶ୍ଳିଷ୍ଟ ଅଛନ୍ତି ।

କୋରାପୁଟରେ କଫିଚାଷ ଉପଯୋଗୀ ୧,୪୫,୦୦୦ ହେକ୍ଟର ଜମି ରହିଛି । କିନ୍ତୁ ଅଦ୍ୟାବଧି ୩୯୬୮ ହେକ୍ଟର ଜମିରେ କଫିଚାଷ ହୋଇପାରିଛି ଯାହାକି ମାତ୍ର ତିନି ଶତକଡ଼ା । ଆହୁରି ୯୭ ଶତକଡ଼ା କଫିଚାଷ ଉପଯୋଗୀ ଜମିରେ କଫିଚାଷ କରିବାକୁ ସରକାରୀ ସ୍ତରରେ ଧାର୍ଯ୍ୟ କରାଯାଇଛି ।

## କେଲାର ଗାଁର ମହିଳା କଫିଚାଷୀଙ୍କ ସଂଘର୍ଷ ଓ ସଫଳତା

ଦୁଇଜଣ ନାରୀ କଫିଚାଷୀ, କୋରାପୁଟ ଭଳି ଅଞ୍ଚଳରେ ! ଖୁବ୍ ଉତ୍ସାହିତ କଲା ମୋତେ । କିଛି ମାତ୍ରାରେ ଆଶ୍ଚର୍ଯ୍ୟ ବି । ସେମାନଙ୍କୁ ଭେଟିବାର ଅଦମ୍ୟ ଆଗ୍ରହ ଟାଣି ନେଇଗଲା ମୋତେ ତାଙ୍କ ପାଖକୁ । କୁସୁମଗୁଡ଼ା ଗ୍ରାମ ପଞ୍ଚାୟତରେ କେଲାର ଗାଁ । କାକିରିଗୁମା ଯିବା ରାସ୍ତାରେ କୋରାପୁଟ ସଦର ମହକୁମା ଠାରୁ ତିରିଶ୍ କିମି ଦୂରରେ ସେମାନଙ୍କର କଫି ଫାର୍ମ ।

ମିସେସ୍ ନିର୍ମଳା ରେଡ୍‌ଡ଼ୀ । ସତୁରୀ ବର୍ଷ ବୟସରେ ବି ତାଙ୍କ ଭିତରେ କଫିଚାଷ ପାଇଁ ଥିବା ଅଦମ୍ୟ ଆଗ୍ରହ, ଉଦ୍ୟମ ଯେ କାହାକୁ ବି ବିସ୍ମିତ କରିବାକୁ ଯଥେଷ୍ଟ । ୧୯୯୮ ମସିହାରେ ତାଙ୍କ ସ୍ୱାମୀ ସ୍ୱର୍ଗତ ଟି. ଗୋବିନ୍ଦ ରେଡ୍‌ଡ଼ୀ ଯିଏକି ଓଡ଼ିଶା କୃଷି ଗବେଷଣା ବିଶ୍ୱ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ, କୋରାପୁଟରେ କଫିଚାଷ କରିବା ପାଇଁ ୫୪ ଏକର ଜାଗା କିଣିଥିଲେ । ଜାଗା କହିଲେ ଲଣ୍ଡା ପାହାଡ଼ । ଛାୟା ପ୍ରଦାନକାରୀ ସିଲଭର୍ ଓକ୍ ଗଛ ଲଗାଇ ଚାରିବର୍ଷ ପରେ କଫିଚାରା ରୋପଣ କରି ଆରମ୍ଭ କଲେ କଫିଚାଷ । କଫି ବଗିଚାର ପାର୍ଶ୍ୱମାନଙ୍କରେ ଡାଲଚିନି, ଗୋଲମରିଚ, କମଳା, କଦଳୀ, ଆମ୍ବ, ଜାମୁକୋଳି, ଜାମୁରୋଳ ଆଦି ଫଳ ଗଛ । ନିକଟରେ ପ୍ରବାହିତ ସରୁନାଳରୁ ମୋଟର ସାହାଯ୍ୟରେ ପାଣି ଉଠେଇ ବୁନ୍ଦା ଜଳସେଚନ ପ୍ରକ୍ରିୟା ମାଧ୍ୟମରେ ଗୋଲମରିଚ ଗଛକୁ ପାଣି ମଡ଼େଇବା ଓ ଆବଶ୍ୟକ ସମୟରେ ପାଇପ୍ ସାହାଯ୍ୟରେ କଫି ଗଛକୁ ପାଣି ମଡ଼େଇବା କାର୍ଯ୍ୟ ଆରମ୍ଭ କଲେ । ବର୍ତ୍ତମାନ ସବୁଜିମାରେ ଭରପୁର ସେହି ଲଣ୍ଡା ପାହାଡ଼ ଓ ତାଙ୍କର କଫି ଫାର୍ମ । କଫି ବଗିଚା ଭିତରେ ନିଜର ସୁଦୃଶ୍ୟ ଗୃହ, ସମ୍ମୁଖରେ କଫି ମଞ୍ଜି ଶୁଖାଇବା ଲାଗି ଡ୍ରାଇଂ ୟାର୍ଡ଼, ପାର୍ଶ୍ୱରେ ପଲ୍‌ପର୍ ମେସିନ୍ । ପ୍ରାୟ ପନ୍ଦର ଜଣ ସ୍ଥାନୀୟ ଆଦିବାସୀ ଓ ହରିଜନ ମହିଳା ବର୍ଷ ସାରା କାର୍ଯ୍ୟ କରନ୍ତି । କିନ୍ତୁ କଫିବିନ୍ ତୋଳା, ଗଛରେ ସାର ଦିଆ

▼କୋରାପୁଟର ଏକମାତ୍ର ମହିଳା କଫିଚାଷୀ ନିର୍ମଳା ଦେବୀ ଓ ତାଙ୍କ ଝିଅ ରାଜେଶ୍ୱରୀଙ୍କ ସହ ଲେଖିକା ମୀନା ସ୍ୱାଇଁ (ଡାହାଣ)






ମାସମାନଙ୍କରେ ପାଖାପାଖି ପଚାଶ ଜଣ ମହିଳା କାର୍ଯ୍ୟରତ ରହନ୍ତି । ରେଡ୍‌ଡ଼ୀ କଫି ଫାର୍ମରେ ପ୍ରବେଶ କଲାବେଳକୁ ତୋଳା ହୋଇଥିବା କଫିବିନ୍ ବସ୍ତାକୁ ମୁଣ୍ଡେଇ, କଫି ବଗିଚାରେ ଆସୁଥିବା ଆଦିବାସୀ ମହିଳାଙ୍କର ଗୋଟିଏ ଲମ୍ବା ଧାଡ଼ି ଗୋଟିଏ ଚିତ୍ରପଟର ଭ୍ରମ ସୃଷ୍ଟି କରୁଥିଲା । କିଛି ମହିଳା କଫି ମଞ୍ଜି ଶୁଖାଇବାରେ ବ୍ୟସ୍ତ ଥିଲେ ।

ମିସେସ୍ ନିର୍ମଳା ରେଡ୍‌ଡୀ ଓ ତାଙ୍କର କନ୍ୟା ସୁଶ୍ରୀ ରାଜେଶ୍ୱରୀ ରେଡ୍‌ଡୀଙ୍କ ଅଭ୍ୟର୍ଥନା ମୋତେ ଯେତିକି ଚକିତ କଲା, ସାକ୍ଷାତକାର ସମୟରେ କଫିଚାଷରେ ତାଙ୍କର ଅନୁଭୂତି ଗପିବାରେ ତାଙ୍କର ପ୍ରଗଲ୍‌ଭତା, ବିହ୍ୱଳତା ମୋତେ ସେତିକି ମନ୍ତ୍ରମୁଗ୍ଧ କଲା ।

ନିଜ ସ୍ୱାମୀଙ୍କ ମୃତ୍ୟୁ ପରେ ଭାଙ୍ଗି ନ ପଡ଼ି ଏକୁଟିଆ ଏତେ ବଡ଼ କଫିଫାର୍ମକୁ ଚଳେଇବା ଓ ସେଥିରେ କିଛି ନୂତନତ୍ୱ ଆଣିବା, ଅଧିକ ବିକଶିତ କରିବାରେ ତାଙ୍କର ସଂକଳ୍ପ ଓ ଉଦ୍ୟମ ବିସ୍ମିତ କଲା । ନାଳପାଣି ଯଥେଷ୍ଟ ହେଉନଥିବାରୁ ଗୋଟିଏ ବିରାଟ ବଡ଼ ଓସାରିଆ କୂଅ ଖୋଳି ମୋଟର ଦ୍ୱାରା ପାଣି ଉଠାଇବା, ଦୁଇ ଦୁଇଟି ପଲ୍‌ପର ମେସିନ୍ ଏକାଠି ଚଳେଇବା, ଆଗକୁ ରୋଷ୍ଟିଂ ଓ ଗ୍ରାଇଣ୍ଡିଂ ଯନ୍ତ୍ର ଆଣି କଫି ପାଉଡ଼ର ପ୍ରସ୍ତୁତ କରି ବିକ୍ରୀ କରିବାକୁ ଲକ୍ଷ୍ୟ ରଖିଥିବା ମିସେସ୍ ନିର୍ମଳା ରେଡ୍‌ଡ଼ୀ ଜଣେ ନାରୀ ହିସାବରେ ନିଶ୍ଚୟ ଏକ ଉଦାହରଣ ସମାଜ ପାଇଁ । ବର୍ଷକୁ ଦଶ ମେଟ୍ରିକ୍ ଟନ୍ କଫିବିନ୍, ତିନିଲକ୍ଷ ଟଙ୍କାର ଫଳ, ଚାରିଟନ୍ ଡାଲ୍‌ଚିନି, ଗୋଲମରିଚ ଆଦି ମସଲା ଉତ୍ପାଦନ କରି କର୍ଣ୍ଣାଟକର ଏକ କମ୍ପାନୀକୁ ପଠାନ୍ତି ।

"ଯେ କୌଣସି କାର୍ଯ୍ୟର ପ୍ରାରମ୍ଭରେ ଅନେକ ସମସ୍ୟା ସର୍ପ ହୋଇ ଗାତରୁ ମୁଣ୍ଡ ଟେକେ । ଫଁ ଫଁ ଶବ୍ଦ କରି ଡରାଏ । ନୁହେଁ କି ?" ପଚାରିଲି ।

"ନା, ମୁଁ ଡରି ଯାଇନି । ପ୍ରାରମ୍ଭିକ ଅବସ୍ଥାରେ ସ୍ଥାନୀୟ ଲୋକ କିଛିମାତ୍ରାରେ ଅସହଯୋଗ କରିଥିଲେ । ଏକଦା ସେମାନଙ୍କର ଗୋଚାରଣ ଭୂମି ରୂପେ ବ୍ୟବହୃତ ହେଉଥିବା ଜାଗାକୁ ମୁଁ କଫି ବଗିଚାରେ ପରିଣତ କରୁଥିବାରୁ ଓ ସେମାନଙ୍କର ନାଳପାଣିକୁ କଫିଚାଷ ପାଇଁ ବ୍ୟବହାର କରୁଥିବାରୁ ସେମାନଙ୍କର ଆକ୍ରୋଶର ଶିକାର ହୋଇଥିଲି । କୁଲି ମିଳିବାରେ ମୋତେ କଷ୍ଟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏବେ କିନ୍ତୁ ସେମାନେ ମୋ ନିଜର । ବହୁତ ଭଲପାନ୍ତି ଏହି କଫି ଫାର୍ମକୁ, ଆଉ ମୋତେ । ଖୁବ୍ ନିଷ୍ଠାର ସହ କାମ କରନ୍ତି ।" ଶ୍ରୀମତୀ ରେଡ୍‌ଡ଼ୀଙ୍କ ମୁହଁସାରା ବିଛାଡ଼ି ହୋଇ ପଡ଼ିଥିଲା ପ୍ରସନ୍ନତାର ଅସଂଖ୍ୟ ରେଣୁ ।

ମିସେସ୍ ରେଡ୍‌ଡ଼ୀଙ୍କର ବଡ଼ଝିଅ ରାଜେଶ୍ୱରୀ ରେଡ୍‌ଡ଼ୀ, ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱରର ଛାତ୍ରୀ । ଅଷ୍ଟ୍ରେଲିଆରେ ଏମ୍.ବି.ଏ. କରି କିଛି ବର୍ଷ ଅଷ୍ଟ୍ରେଲିଆ ଓ ହାଇଦ୍ରାବାଦରେ କାର୍ଯ୍ୟରତ ରହିବା ପରେ ବର୍ତ୍ତମାନ ଚାକିରୀ ଛାଡ଼ି ମା'ଙ୍କୁ କଫିଚାଷରେ ସହାୟତା କରୁଛନ୍ତି । ସ୍ୱର୍ଗତ ପିତା ଓ ମା'ଙ୍କର କାର୍ଯ୍ୟକୁ ଆଗକୁ ନେବାରେ ଦୃଢ଼ପ୍ରତିଜ୍ଞ ସେ ।

ବିଳାସପୂର୍ଣ୍ଣ ଆଧୁନିକ ଚାକଚକ୍ୟ ଜୀବନ, ମୋଟା ଅଙ୍କର ଦରମା, ଶୀତତାପ ନିୟନ୍ତ୍ରିତ କୋଠରୀ ଭିତରେ ଅଫିସ୍ କାମ, ଏହା ହିଁ ତ ବର୍ତ୍ତମାନର ଯୁବପିଢ଼ୀଙ୍କର ସ୍ୱପ୍ନ ଓ ଲକ୍ଷ୍ୟ । ସମସ୍ତେ ସେହି ଦିଗରେ ଧାବମାନ । ହେଲେ ରାଜେଶ୍ୱରୀ ରେଡ୍‌ଡ଼ୀ କିଛି ଭିନ୍ନ ଚିନ୍ତାଧାରା ପୋଷଣ କରନ୍ତି ।

"ବହୁତ ଅଧିକ ଦରମା ପାଉଥିଲି, ସତ । କିନ୍ତୁ ଏଭଳି ପ୍ରକୃତି କୋଳରେ ନିଜେ କିଛି କରିବାର ଆନନ୍ଦ ନିଆରା । ଚାକିରିରେ ମାନସିକ ଚାପ ଅନେକ । ଏଠି କିନ୍ତୁ ମାନସିକ ଶାନ୍ତି ପ୍ରଚୁର । ମୁଁ ବହୁତ ଖୁସୀ ଏଇ କଫିଚାଷରେ ।"

କଫିଚାଷ ଦ୍ୱାରା ଏହି ଅଭ୍ୟନ୍ତର ଅଞ୍ଚଳ 'ତୁଣିପାର୍' ଗ୍ରାମ ଆଖପାଖରେ ଗୋଟିଏ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛନ୍ତି କି ବୋଲି କଫିବିନ୍‌ରୁ ଚୋପା ଛଡ଼ାଇବା ପାଇଁ ଉଦ୍ଦିଷ୍ଟ ପଲ୍‌ପର୍ ଯନ୍ତ୍ର ପାଖକୁ ଯାଉ ଯାଉ ମୁଁ ପ୍ରଶ୍ନ କଲି ।

ସେଠାରେ ଦୁଇଜଣ ମହିଳା ପଲ୍‌ପର୍ ଭିତରକୁ ଜଳ ଓ ଲାଲ୍ ଲାଲ୍ କଫି ବିନ୍ ଠେଲିବା କାର୍ଯ୍ୟ କରୁଥିବା ବେଳେ ଚୋପାଛଡ଼ା ଧଳା କଫି ମଞ୍ଜିକୁ ପାଣିରୁ ଛାଣି ଅଲଗା ଅଲଗା ବାଉଁଶ ନିର୍ମିତ ପାତ୍ରରେ ରଖୁଥିଲେ ଆଉ ଚାରି ଜଣ ମହିଳା । ଯନ୍ତ୍ରଚାଳନା ଦାୟିତ୍ୱରେ ଥିଲେ ଅନ୍ୟ ଜଣେ ମହିଳା । ପାଣିରୁ ଛଣା ମଞ୍ଜିକୁ ଶୁଖେଇବାକୁ ନେଉଥିଲେ ଆଉ ଚାରିଜଣ ମହିଳା ।

"ପ୍ରାୟ ବର୍ଷସାରା ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରାଯାଇପାରେ । ଶ୍ରମିକ ସଂଖ୍ୟା ଅବଶ୍ୟ କମ୍ ବେଶୀ ହେଉଥାଏ । ଫଳ ତୋଳିବା ଓ ପ୍ରକ୍ରିୟାକରଣ ବେଳେ, ବର୍ଷା ଦିନେ ସାର ଦେବାବେଳେ, ଛେଦିକରଣ ବେଳେ ଅଧିକ ଶ୍ରମିକ ଲାଗିଥାଏ । ସ୍ଥାନୀୟ ଅଧିବାସୀଙ୍କର ପର୍ବପର୍ବାଣୀ ବେଳେ ଲୋକ ମିଳିବା କଷ୍ଟକର ହୋଇଥାଏ । କିନ୍ତୁ ପାଖାପାଖି କୌଣସି ନା କୌଣସି ଗାଁରୁ ମୁଁ ଶ୍ରମିକ ଯୋଗାଡ଼ କରିବାକୁ ସମର୍ଥ ହୁଏ ।" ହସି ହସି ମୋ ପ୍ରଶ୍ନର ଉତ୍ତର ଦେଲେ ରାଜେଶ୍ୱରୀ ।

ଦୁଇଟି କ୍ରମାଗତ ଫସଲ ମଧ୍ୟରେ କିଛି ଅବସର ସମୟ ମିଳିଥାଏ ? ମୋର ଏ ଜିଜ୍ଞାସାରେ ହସିଲେ ସେ ଓ ଯୋଡ଼ିଲେ, "ନା, ପ୍ରାୟ ମିଳିନଥାଏ, କଫି ଫୁଲ ଧରିବା ଠାରୁ ବିନ୍ ତୋଳା ପର୍ଯ୍ୟନ୍ତ ପ୍ରାୟ ନଅ ମାସ ସମୟ ଲାଗିଥାଏ । ସେ ମଧ୍ୟରେ ଗଛରେ ଦୁଇଥର ସାର ଦେବାକୁ ପଡ଼େ । ଗଛରେ ରୋଗ ପୋକ ଲାଗିଛି କି ନାହିଁ ନିୟମିତ ତଦାରଖ କରିବାକୁ ପଡ଼େ । ରୋଗ ପୋକ ଲାଗିଥିଲେ, ତାକୁ ଭାଙ୍ଗି କିମ୍ୱା ଓପାଡ଼ି ପୋଡ଼ିଦେବାକୁ ପଡ଼େ । ଗୋଲମରିଚ ଗଛରେ ତ ନିୟମିତ ବୁନ୍ଦା ଜଳସେଚନ ପ୍ରକ୍ରିୟାରେ ପାଣି ଦିଆ ହେଉଥାଏ । କଫି ଗଛରେ ବି ମଝିରେ ମଝିରେ ଜଳସେଚନ କରିବାକୁ ପଡ଼େ । କଫିବିନ୍ ପାଚି ଲାଲ୍ ଟୁକ୍ ଟୁକ୍ ହୋଇଗଲେ ସାଙ୍ଗେ ସାଙ୍ଗେ ତାକୁ ତୋଳି ଆଣିବାକୁ ପଡ଼େ । ଗୋଟିଏ ଗଛରେ ଏକାଥରକେ ସବୁ କଫିବିନ୍ ପାଚେ ନାହିଁ । ତେଣୁ ବାରମ୍ବାର ତୋଳିବାକୁ ପଡ଼ିଥାଏ । ପୂର୍ବାହ୍ନରେ କଫିବିନ୍ ତୋଳାଯାଏ ଓ ଅପରାହ୍ନରେ ସେସବୁରୁ ପଲ୍‌ପର୍ ଯନ୍ତ୍ର ସହାୟତାରେ ଚୋପା ଛଡ଼ାଇ ଶୁଖାଇ ଦିଆଯାଏ । ପ୍ରାୟ ଛଅଦିନ ପର୍ଯ୍ୟନ୍ତ ଶୁଖାଯାଏ ଡ୍ରାଇଂ ୟାର୍ଡ଼ରେ । ତାପରେ





ପ୍ୟାକିଂ କରି ଟ୍ରକ୍‌ରେ ପଠାଇ ଦିଆଯାଏ । କଫି ଅମଳ ସରିବା ପରେ ବି କାମ ସରେ ନାହିଁ । ଗଛର ମଲା ଡାଳ, ପତ୍ର ଆଦିକୁ ଭାଙ୍ଗି ଗଛକୁ ସୁତୁରା କରାଯାଏ । କଫିଗଛ ଉପରେ ଓ ମାଟି ଉପରେ ପଡ଼ିଥିବା ସିଲ୍‌ଭର ଓକ୍ ପତ୍ର ସବୁକୁ ଝାଡୁମାରି କଫି ଗଛ ମୂଳରେ ଜମାଇ ଦିଆଯାଏ ଫଳରେ ଏହା ମାଟିର ଆର୍ଦ୍ରତା ବଜାୟ ରଖିବାକୁ ସାହାଯ୍ୟ କରେ ।" ଛାତିରେ ହାତ ଛନ୍ଦି ଶୀତକୁ ପ୍ରତିହତ କରିବାର ଚେଷ୍ଟା କରୁଥିଲେ ରାଜେଶ୍ୱରୀ ରେଡ୍ଡୀ ।

ନିଜ କଫି ଫାର୍ମର ସ୍ୱହସ୍ତ ପ୍ରସ୍ତୁତ କଫି ପାଉଡ଼ରରେ କଫି ପାନୀୟ ତିଆରି କରି କପ୍‌ରେ ବଢ଼େଇଲା ବେଳକୁ ମୁଁ ଦେଖି ପାରୁଥିଲି ଶ୍ରୀମତୀ ନିର୍ମଳା ରେଡ୍‌ଡ଼ୀଙ୍କର ଆଖିର ଦୃପ୍ତ ତଥା ସ୍ନେହଭରା ଚାହାଣୀ । ନାରୀ ହିସାବରେ ମୋ ଭିତରେ କେଜାଣି କେଉଁ କୋଣରେ ଗର୍ବଟିଏ ଉଙ୍କି ମାରୁଥିଲା, ପ୍ରେରଣାର ସ୍ରୋତଟିଏ ମୋତେ ପ୍ଲାବିତ କରୁଥିଲା ।

## କଫିଚାଷର ବିକାଶ ଓ ପ୍ରସାରଣରେ କଫିବୋର୍ଡ଼ର ଭୂମିକା

ମୋ ମନରେ ଅସରନ୍ତି ଅନିସନ୍ଧିତ୍ସା । ବୋଧେ ପଢ଼ି ପାରିଲେ କୋରାପୁଟ କଫିବୋର୍ଡ଼ର ଅଧିକାରୀ ଅଜିତ୍ କୁମାର ରାଉତ । କହିବା ଆରମ୍ଭ କଲେ, "ଭୂମିକା ତ ବହୁତ କିଛି । କଫିଚାଷୀଙ୍କୁ ଉନ୍ନତ କିସମର କଫି ବିହନ ଯୋଗାଇବା, ଆବଶ୍ୟକୀୟ ବୈଷୟିକ ଜ୍ଞାନ ତାଲିମ୍ ଦେବା, କଫିର ଗୁଣବତ୍ତା ବଢ଼ାଇବା, କଫିଫାର୍ମକୁ ଅଧିକ ବିକଶିତ କରିବା, କଫି ମଞ୍ଜି ବିକ୍ରୀ କରିବା ପାଇଁ ବଜାରର ସୁବିଧା କରିବା, ଛାୟା ପ୍ରଦାନକାରୀ ଗଛ ଲଗାଇବାରେ ସହାୟତା କରିବା, ଆଦିବାସୀ କୃଷକଙ୍କୁ ଉପଯୋଗୀ ଜମି ଯୋଗାଇଦେବା, ଜୈବିକ କଫି ଲାଗି ଉତ୍ସାହିତ କରିବା, ପ୍ରାକୃତିକ ବିପତ୍ତିରେ କଫି ଫାର୍ମର କ୍ଷୟକ୍ଷତି ପାଇଁ ବୀମାକରଣ କରିବା ଲାଗି ପ୍ରୋତ୍ସାହିତ କରିବା; ଏହିସବୁ କାର୍ଯ୍ୟ କରିଥାଏ । କିଛି ପ୍ରତିବନ୍ଧକ କଫିଚାଷର ପ୍ରସାରଣରେ ?"

କଫି ଫାର୍ମର ସୌନ୍ଦର୍ଯ୍ୟରେ ଅଭିଭୂତ ମୁଁ ପଚାରିଲି: ପ୍ରତିବନ୍ଧକ ତ ସବୁ କାର୍ଯ୍ୟରେ ଥାଏ । ପ୍ରତିବନ୍ଧକକୁ ଅତିକ୍ରମ କରି କିଛି ହାସଲ କରିବାରେ ହିଁ ନିଆରା ଆନନ୍ଦ ମିଳିଥାଏ ଓ ଆତ୍ମବିଶ୍ୱାସଟିଏ ସୃଷ୍ଟି ହୋଇଥାଏ । ନୁହେଁ କି ?

"ଦୁଇ ଦଶନ୍ଧି ଧରି କାବେରୀ ପ୍ରଜାତିର କଫିଚାଷ ଲାଗି କଫିବୋର୍ଡ଼ ପ୍ରୋତ୍ସାହିତ କରିଥିଲା । କିନ୍ତୁ ବର୍ତ୍ତମାନ ଏହି ପ୍ରଜାତିଟି ଆଉ ଭଲ ଭାବେ ଅଷ୍ଟା ସଳଖି ପାରୁନାହିଁ । ପତ୍ର କଳଙ୍କି ରୋଗ ଦ୍ୱାରା ଆକ୍ରାନ୍ତ ହେଉଛି । ତେଣୁ ତା' ବଦଳରେ ଏସ୍-୯, ଏସ୍-୫ବି ଓ ଏସ୍-୫ଏ, ଚନ୍ଦ୍ରଗିରି ଆଦି ପ୍ରଜାତିର କଫିଗଛକୁ ପ୍ରୋତ୍ସାହିତ କରୁଛୁ । କିନ୍ତୁ ଯେଉଁଠାରେ କାବେରୀ ପ୍ରଜାତି ପ୍ରତି ଯଥେଷ୍ଟ ଯତ୍ନ ଓ ସତର୍କତା ଅବଲମ୍ବନ କରାଯାଇଛି, ସେଠାରେ ବେଶ୍ ଭଲ ଅମଳ ହୋଇଛି ।"

"ଆଉ ଗୋଟିଏ ଇଣ୍ଟେରେଷ୍ଟିଂ କଥା କ'ଣ ଜାଣନ୍ତି ?" ହସିଲେ ମଷ୍ଟର ରାଉତ । "ପ୍ରଥମ ସାତ / ଆଠ ବର୍ଷରେ କଫିଗଛ ଭଲ ଅମଳ ଦିଏ । ତା'ପରେ ହଠାତ୍ ୟୁ ଟର୍ନ ନିଏ । ଅର୍ଥାତ୍ ଦୁଇତିନି ବର୍ଷ ପାଇଁ ଅମଳ କମିଯାଏ । ତା'ପରେ ପୁଣି ସ୍ୱାଭାବିକ ଭାବେ ଚାଲେ ।"

"ବୋଧେ କଫିଚାଷୀଙ୍କର ବିଶ୍ୱସ୍ତତା ଓ ଧୈର୍ଯ୍ୟର ପରୀକ୍ଷା ନିଏ କଫିଗଛ ।" ଯୋଡ଼ିଲି ମୁଁ ।

କଫିଚାଷ ପାଇଁ ପ୍ରାରମ୍ଭିକ ଅବସ୍ଥାରେ ସତରେ ଧୈର୍ଯ୍ୟଟିଏ ଲୋଡ଼ା । ଛାୟା ପ୍ରଦାନକାରୀ ଗଛ ଲଗାଇ ତିନିବର୍ଷ ପରେ କଫିଗଛ ରୋପଣ କରି ଅମଳ କରିବା ପର୍ଯ୍ୟନ୍ତ ସାତବର୍ଷ ଅପେକ୍ଷା କରିବାକୁ କଫିଚାଷୀଟିଏ ପାଇଁ ମାନସିକ, ଭୌତିକ, ଆର୍ଥିକ ସମ୍ବଳ ନିହାତି ଆବଶ୍ୟକ ।

"ବୈଜ୍ଞାନିକ ପଦ୍ଧତିରେ ପ୍ରତିକୂଳ ଅବସ୍ଥାକୁ ଅନୁକୂଳ ବ୍ୟବସ୍ଥାରେ ପରିବର୍ତ୍ତିତ କରିହୁଏ ।" ଏ କଥା କହିବା ବେଳେ କୋରାପୁଟ କଫିଚାଷର ମୁଖ୍ୟ ପୁରୋଧା, ନାୟକ ପ୍ରଦୀପ କୁମାର ମହାନ୍ତିଙ୍କ ଆଖିରେ ଥିଲା ସହସ୍ର ସୂର୍ଯ୍ୟର ଉଜ୍ଜ୍ୱଳତା । ସମସ୍ତ ପ୍ରତିକୂଳ ପରିବେଶକୁ ଅତିକ୍ରମି ଯିବାର ଲଢୁଆ ମନୋଭାବ ।

ରତ୍ନଗିରିର ବିରୂପା ନଦୀକୂଳରେ ରଇପୁର ଗାଁର ପ୍ରଦୀପ କୁମାରଙ୍କୁ ଦିନେ ଏହି ଆଧୁନିକ ପ୍ରଣାଳୀର କଫିଚାଷ ମୋହଗ୍ରସ୍ତ କରିଥିଲା । ସେ ରେଭେନ୍‌ସା କଲେଜର ଉଦ୍ଭିଦ ବିଜ୍ଞାନର ଛାତ୍ର ଥିଲେ । କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ଧାନପୁରରେ କାର୍ଯ୍ୟରତ ଥିଲେ । କିଏ ଜାଣେ, କେତେବେଳେ କୋଉ ଜିନିଷ ଜୀବନର ଗତିପଥ ବଦଳାଇ ଦେବ । ଭିନ୍ନ ଏକ ରାସ୍ତାରେ ପ୍ରତୀକ୍ଷା କରୁଥାଏ ଏକ ସ୍ୱର୍ଣ୍ଣାଭ ଦିଗନ୍ତ ।

ସେଦିନ ଲାଇବ୍ରେରୀରେ ଯଦି ଏ.ଇ. ହାରାର୍‌ଙ୍କ ମର୍ଡ୍ଣ କଫି ପ୍ଲାଣ୍ଟେସନ୍ ବହି ତାଙ୍କ ହାତରେ ପଡ଼ି ନଥାନ୍ତା, ତେବେ ଆଫ୍ରିକାର କିଲିମାଞ୍ଜାରୋ ପର୍ବତରେ କରିଥିବା କଫିଚାଷ ତାଙ୍କ ମନରେ ଗଭୀର ରେଖାପାତ କରିନଥାନ୍ତା କି, ଦେଓମାଳି ପର୍ବତ କିଲିମାଞ୍ଜାରୋର ରୂପ ନେଇ ତାଙ୍କୁ ବାରମ୍ବାର ଆକର୍ଷି ନଥାନ୍ତା ! ୧୯୮୫ ମସିହାରେ ଖଣ୍ଡେ ପୁରୁଣା ମୋଟର ସାଇକେଲ୍ ଓ ମୃତ୍ତିକା ପରୀକ୍ଷଣ କିଟ୍ ଧରି ସେ ଘୂରି ବୁଲୁଥିଲେ କୋରାପୁଟରେ । ଖୋଜା ଚାଲିଥିଲା କଫିଚାଷ

▼କଫିର କୁହୁରେ ବିଭୋର୍ ବିଶିଷ୍ଟ କବି ଜୟନ୍ତ ମହାପାତ୍ର ଓ ରାଜେନ୍ଦ୍ର କିଶୋର ପଣ୍ଡା (ଡାହାଣ)



ପାଇଁ ଉପଯୋଗୀ ଜମି । ପି.ଏଚ୍.ଡ଼ି. ଅଧାରେ ଛାଡ଼ି କୋରାପୁଟରେ ପଚାଶ ବର୍ଷର ବୃଷ୍ଟିପାତ ଓ ଆର୍ଦ୍ରତାକୁ ବିଶ୍ଳେଷଣ କରି ଜାଣିପାରିଲେ ଦେଓମାଳିର ବୃଷ୍ଟି ଅନୁପାତ ଅଞ୍ଚଳ କଫିଚାଷ ପାଇଁ ସର୍ବୋତ୍କୃଷ୍ଟ । ନିକଟରେ ପ୍ରବହମାନ ଚିରସ୍ରୋତ କୋରାଣ୍ଡୀ ନଈ । ସେ ସମସ୍ତ ଅଞ୍ଚଳ ଯେମିତି ବାହୁ ପ୍ରସାରି ଆମନ୍ତ୍ରଣ କରୁଥିଲା ! ତାଙ୍କର ସ୍ୱପ୍ନର ରାଜ୍ୟ !

ତେବେ କୋରାପୁଟରେ କଫିଚାଷ ଲାଗି ଜମି ପାଇବାକୁ ଅନେକ କଷ୍ଟ ସହିବାକୁ ପଡ଼ିଥିବ ? ମୁଁ ପଚାରିବା ମାତ୍ରେ ଭାବନା ରାଜ୍ୟର କେଉଁ ଏକ ସଂଘର୍ଷମୟ ଅତୀତରୁ ଫେରି ଆସିଲେ ଶ୍ରୀ ମହାନ୍ତି । ହରାଇଥିବା ଓ ପାଇଥିବା ମୁହୂର୍ତ୍ତ, ସ୍ୱଚ୍ଛନ୍ଦତା, ଦାୟିତ୍ୱର ହିସାବନିକାଶ କରୁ କରୁ କହିଲେ, "ଅନେକ କଷ୍ଟ ସ୍ୱୀକାର ପରେ ଷାଠିଏ ଏକର ସବର୍ଣ୍ଣ ଜମି ପାଇପାରିଲି । କିନ୍ତୁ ମୋ ହାତରେ ଅର୍ଥ ନଥିଲା । କେବଳ ଅସରନ୍ତି ସ୍ୱପ୍ନ ଓ ପାଗଳାମୀକୁ ନେଇ କ'ଣ ଚାଷ କରି ହୁଏ ? ସେତିକି ଜମିକୁ କ୍ରୟ କରିବାକୁ ଋଣଭାରରେ ବୁଡ଼ିଗଲି । ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ସମସ୍ତଙ୍କ ପାଖରେ ହାତ ପାତିଥିଲି । ଯେହେତୁ କଫିଚାଷ ଉପରେ ମୋର କୌଣସି ଶିକ୍ଷାଗତ ଯୋଗ୍ୟତା ନଥିଲା, ବ୍ୟାଙ୍କ୍ ମଧ୍ୟ ଅର୍ଥ ଦେବାକୁ ଆଗଭର ହେଲା ନାହିଁ । ଆଶା ଓ ନିରାଶାର ଦୋଛକିରେ ଥିଲି ମୁଁ । କିନ୍ତୁ ପରିଶେଷରେ ପରିସ୍ଥିତି ହାର୍ ମାନିଥିଲା ।"

କଫିଚାଷ ଆରମ୍ଭ କରିବା ପୂର୍ବରୁ ଶ୍ରୀ ମହାନ୍ତି କର୍ଣ୍ଣାଟକ ଓ ତାମିଲନାଡୁର କଫିଚାଷ ପଦ୍ଧତି ଜାଣିବା ଲାଗି ପରିଦର୍ଶନ କରିଥିଲେ । ଦୀର୍ଘ ୩୪ ବର୍ଷ ଧରି କଫିଚାଷରେ ମନପ୍ରାଣ ଢାଳିଥିବା ଶ୍ରୀ ମହାନ୍ତି ଦେଓମାଳି ପର୍ବତର ଗୋଟିଏ ପାର୍ଶ୍ୱରେ ଥିବା ଶୁଣ୍ଠିପୁଟ, ନୂଆ ଗାଁ ଆଦି ଅନେକ ଗୁଡ଼ିଏ ଗାଁରେ 'କଫିବୁଢ଼ା' ନାଁରେ ବେଶ୍ ପରିଚିତ ।

କଫିଚାଷକୁ ଆଦରିଥିବାରୁ ମନରେ ଗ୍ଲାନି ଆସେ କି ବୋଲି ମୋ ପ୍ରଶ୍ନର ଉତ୍ତରରେ 'ନା'ହିଁ ଥିଲା ତାଙ୍କ ଦୃଢ଼ୋକ୍ତି । "ଏଥିରେ ମୋର କିଛି ବ୍ୟକ୍ତିଗତ କ୍ଷତି ହୋଇଛି । ପ୍ରାରମ୍ଭିକ ଅବସ୍ଥାରେ ଋଣଭାରରେ ଏତେ ବୁଡ଼ି ଯାଇଥିଲି ଯେ ଭୁଲିଗଲି ମୋର ଭାଇଭଉଣୀମାନଙ୍କର ବିବାହ କରେଇବା ଦାୟିତ୍ୱ । କେବଳ ବୈଜ୍ଞାନିକ ପଦ୍ଧତିରେ କଫିଚାଷ କରି ଏକ ଦୃଷ୍ଟାନ୍ତ ସୃଷ୍ଟି କରିବା ମୋର ଉଦ୍ଦେଶ୍ୟ ଥିଲା । ସଫଳତା ବି ପାଇଲି । ୧୯୯୪-୯୫ ମସିହା ବେଳକୁ ଉତ୍ପାଦନ ଶିଖର ଛୁଇଁଥିଲା ଓ କଫିମଞ୍ଜିର ଦରଦାମ୍ ହୁ ହୁ ବଢୁଥିଲା । ମୋ ହାତରେ

▼ 'ବ୍ରାଉନ୍‌ଭ୍ୟାଲି' କଫି ଫାର୍ମର ମୁଖ୍ୟ ସୁଜୟ ପ୍ରଧାନ 'ବ୍ରାଉନ କଫି ଓ ଗୋଲମରିଚ ଚାଷ' ପାଇଁ ପୁରସ୍କୃତ ହେଉଥିବା ଅବସରରେ କବିପତ୍ନୀ ପ୍ରୀତିଧାରା ସାମଲଙ୍କ ସହ






▲କୋରାପୁଟ କଫିଚାଷର ମୁଖ୍ୟ ନାୟକ ପ୍ରଦୀପ କୁମାର ମହାନ୍ତିଙ୍କ ସହିତ ଲେଖିକା ମୀନା ସ୍ୱାଇଁ

ସେତେବେଳେ ଅପର୍ଯ୍ୟାପ୍ତ ଅର୍ଥ, କିନ୍ତୁ ଭାଇଭଉଣୀଙ୍କୁ ବିବାହ କରେଇବା ବୟସ ଅତିକ୍ରାନ୍ତ ହୋଇ ସାରିଥିଲା ।" ବର୍ତ୍ତମାନ ତାଙ୍କ 'ଦେଓମାଳି ପ୍ଲାଣ୍ଟେସନ୍'ରେ ୧୪୬ ଜଣ ଶ୍ରମିକ ଜୀବିକା ନିର୍ବାହ କରୁଛନ୍ତି । ବାରଜଣ ସ୍ଥାୟୀ କର୍ମଚାରୀ ଅଛନ୍ତି । ଏହା କ'ଣ କମ୍ ଗର୍ବର କଥା !

ବାର୍ଷିକ ୭୦/୮୦ ଟନ୍ ଗ୍ରୀନ୍ କଫି ଓ ୨୦ ଟନ୍ ଗୋଲମରିଚ ସେ ଇଟାଲୀ, ଜର୍ମାନୀ ଆଦି ଦେଶକୁ ରପ୍ତାନୀ କରନ୍ତି । ୩-୪ ଟନ୍ ଅଙ୍ଗୁର, କମଳା, ପିଜୁଳି ଆଦି ପ୍ରଚୁର ଫଳ ଉତ୍ପାଦନ କରନ୍ତି । "କେବେ ଇଚ୍ଛା ହୋଇନି ନିଜ ବ୍ରାଣ୍ଡର କଫି ପାଉଡ଼ର ଉତ୍ପାଦନ ପାଇଁ ?" ପଚାରିଲି ମୁଁ ।

"ହଁ, ହୋଇଛି । ପରିଶ୍ରମ ଆମେ କରୁ, କିନ୍ତୁ ଅସଲ ଲାଭ ସେମାନେ ପାଆନ୍ତି, ଯେଉଁମାନେ ଗ୍ରୀନ୍ କଫିରୁ କଫି ପାଉଡ଼ର ତିଆରି କରି ବଜାରକୁ ଛାଡ଼ନ୍ତି । ମୋର ବୟସ ଅତିକ୍ରାନ୍ତ । ଯଦି କେହି ଉଦ୍ୟୋଗୀ, ଆଗ୍ରହୀ, ସଚ୍ଚୋଟ ବ୍ୟକ୍ତି ମୋତେ ମିଳନ୍ତେ, ମୁଁ ନିଜ ବ୍ରାଣ୍ଡର କଫି ପାଉଡ଼ର ତିଆରି କରିବା ପାଇଁ ନିଶ୍ଚୟ ମନ ବଳାନ୍ତି ।" ଆଖିରେ ଆଖିଏ ସ୍ୱପ୍ନ ନେଇ ଉତ୍ତର ଦେଲେ ଶ୍ରୀ ପ୍ରଦୀପ କୁମାର ମହାନ୍ତି ।

ସ୍ୱପ୍ନ ତ ଖୁବ୍ ଛୋଟ ବେଳୁ, ପ୍ରାୟତଃ ହାଫ୍ ପ୍ୟାଣ୍ଟ ପିନ୍ଧା ବୟସରୁ ଦେଖିଥିଲେ କୋରାପୁଟର କଫିଚାଷର ଏକ ପ୍ରମୁଖ ନାୟକ ଶ୍ରୀ ସୁଜୟ ପ୍ରଧାନ । ନବମ ଶ୍ରେଣୀରେ ପଢୁଥିବାବେଳେ ଟେଲିକମ୍ ବିଭାଗରେ ଚାକିରୀ କରୁଥିବା ବାପାଙ୍କ ସହ କୋରାପୁଟ ବୁଲି ଆସିଥିବା ବେଳେ ମାଛକୁଣ୍ଡ-ଜଲାପୁଟ ରାସ୍ତାରେ ପର୍ବତର ଢାଲୁ ଉପତ୍ୟକା ସାରା ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ହୋଇଥିବା କଫିଚାଷ ଖୁବ୍ ଉଲ୍ଲସିତ ତଥା ପ୍ରଭାବିତ କରିଥିଲା । କଫି ଫାର୍ମରେ ପରସ୍ତ ପରସ୍ତ ଶୁଖା ହୋଇଥିବା ଅଳେଇଚ ଚମତ୍କୃତ କରିଥିଲା ତାଙ୍କୁ । କଫିଚାଷୀଟିଏ ହେବାର ଇଚ୍ଛା ମଞ୍ଜିଟିଏ ପଡ଼ି ତାଙ୍କ ଅଜାଣତରେ ସୁପ୍ତ ଅବଧି କାଟୁଥିଲା, ଅଙ୍କୁରିତ ହେବାକୁ ଅପେକ୍ଷା କରି ବସିଥିଲା । ହୁଏତ ଲୋଡୁଥିଲା ଅନୁକୂଳ ପରିବେଶଟିଏ । ବାଣିଜ୍ୟ ବିଭାଗରେ ସ୍ନାତକ ଶ୍ରେଣୀରେ ପଢ଼ିଲା ବେଳେ ବି କଫି, ସିଲଭର ଓକ୍, ଗୋଲମରିଚ ଗଛର ସୁନ୍ଦର ସମାବେଶ ତାଙ୍କୁ ଖୁବ୍ ପରିମାଣରେ ଅନ୍ୟମନସ୍କ କରୁଥିଲା । Cost Accountant ପଢ଼ି ଦିଲ୍ଲୀରେ କାର୍ଯ୍ୟରତ ଥିବା ସମୟରେ ୧୯୯୩ ମସିହାରେ କୋରାପୁଟରେ ବାପା କିଣିଥିବା ଆଠ ଏକର ଲଣ୍ଡା ଜମି ତାଙ୍କୁ ବାରମ୍ବାର ପ୍ରରୋଚିତ କରିଥିଲା କଫିଚାଷ କରିବାକୁ । ସେହି ସମୟରେ କୋରାପୁଟର ଅଗ୍ରଣୀ କଫିଚାଷୀ ଦିଲ୍ଲୀପ କାନୁନ୍‌ଗୋ ତାଙ୍କୁ କହିଥିଲେ, "ମା'କୁ ନିଜେ ସେବା କରିବା ଓ ଚାକର ଦ୍ୱାରା ସେବା କରିବା ଭିତରେ ଅନେକ ପାର୍ଥକ୍ୟ ଥାଏ । ମାଟି ଆମର ମା' ।" ଏହି କଥା ସୁଜୟଙ୍କ ମନରେ ଗଭୀର ରେଖାପାତ କରିଥିଲା । Cost Accountant ଚାକିରୀ ଛାଡ଼ି ସେ ପହଞ୍ଚିଗଲେ କୋରାପୁଟରେ, କଫିଚାଷର ସ୍ରୋତରେ ନିଜକୁ ଭସାଇବା

ଲକ୍ଷ୍ୟରେ । ବନ୍ଧୁ ଭବାନୀ ଶଙ୍କର ଦାସଙ୍କ ସହଯୋଗର ହାତ ତାଙ୍କ ଉଦ୍ୟମରେ ଶକ୍ତି ସଞ୍ଚାର କଲା । ୧୯୯୪ ମସିହାରେ ଚାକିରୀରୁ ଇସ୍ତଫା ଦେଇ ଆରମ୍ଭ କଲେ କଫି ଚାଷ । ୨୦୦୦ ମସିହାରୁ କଫି ଉତ୍ପାଦନ, ୨୦୦୧ ମସିହାରୁ ଗୋଲମରିଚ ଉତ୍ପାଦନ ଆରମ୍ଭ କଲେ । ୨୦୦୧ ମସିହାରୁ ଋଣ ପରିଶୋଧ ଆରମ୍ଭ କରି ଆହୁରି ପଚାଶ ଏକର କଫିଚାଷ ଉପଯୋଗୀ ଜମି କ୍ରୟ କଲେ । ଟାଙ୍ଗରା, ଲଣ୍ଡା ପାହାଡ଼ ତାଙ୍କୁ ଧୈର୍ଯ୍ୟ ଚ୍ୟୁତ କରିପାରିନଥିଲା । ସେହି ପାହାଡ଼ ନିକଟରେ ବୋହି ଯାଉଥିବା ଚିରସ୍ରୋତା ମୁରାନ୍ ନଦୀର ସୁଶୀତଳ ଜଳ ଅବଗାହନ କରି ସଂପୂର୍ଣ୍ଣ ଧୂସର, ଟାଙ୍ଗରା ପାହାଡ଼ଟି ଧିରେ ଧିରେ କଫି ଗଛର ସବୁଜ ରଙ୍ଗର ଶାଢ଼ୀ ପିନ୍ଧି ସ୍ୱପ୍ନ ସୁନ୍ଦରୀ ପାଲଟି ଗଲା । ତା'ପ୍ରେମର ସ୍ମାରକୀ ସ୍ୱରୂପ ଢାଳିଦେଲା ବାଦାମୀ ରଙ୍ଗର କଫି ପାଉଡ଼ର । ବ୍ରାଉନ୍-ଗ୍ରୀନ୍-ବ୍ରାଉନ୍‌କୁ, ପ୍ରତିପାଦିତ କରି ହସି ଉଠିଲା 'ବ୍ରାଉନ୍ ଭ୍ୟାଲି କଫି ଫାର୍ମ ।

ସୁଜୟ ପ୍ରଧାନ କୋରାପୁଟର ପ୍ରଥମ ବ୍ୟକ୍ତି, ଯିଏକି ନିଜ କଫିଫାର୍ମର ଗ୍ରୀନ୍ କଫି ରାଜ୍ୟ ବାହାରକୁ ରପ୍ତାନୀ କରିବା ସହ ନିଜ ଫାର୍ମରେ କଫି ପାଉଡ଼ର ମଧ୍ୟ ପ୍ରସ୍ତୁତ କରି 'ବ୍ରାଉନ୍ ଭ୍ୟାଲି କଫି' ବ୍ରାଣ୍ଡ୍‌ରେ ସମଗ୍ର ଦେଶରେ ନିଜର ସ୍ଥିତି ସୁଦୃଢ଼ କରିସାରିଛନ୍ତି । ବ୍ରାଉନ୍ ଭ୍ୟାଲି କଫି ନିଜର ପତାକା ଲହରାଇ ପାରିଛି କଟକ, ଭୁବନେଶ୍ୱର, ବମ୍ବେ ଓ କୋରାପୁଟ ଠାରେ ଥିବା 'କୃତି କଫି ହାଉସ୍'ମାନଙ୍କରେ ।

ଶ୍ରୀପ୍ରଧାନ ସର୍ବାଧିକ କଫି ଉତ୍ପାଦନ କରି ୨୦୧୧ ମସିହାରେ ମହିନ୍ଦ୍ରା ଓ ଜୀ ନ୍ୟୁଜ୍ ତରଫରୁ ଶରଦ୍ ପାୱାରଙ୍କ ଠାରୁ କୃଷି ପ୍ରେରଣା ଆୱାର୍ଡ଼ ଗ୍ରହଣ କଲେ । ୨୦୧୮ ମସିହାରେ କୃଷିକ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ଓଟିଭି ସିଟିଜେନ୍ ଆୱାର୍ଡ଼ରେ ସମ୍ମାନିତ ହେଲେ । ଶ୍ରୀପ୍ରଧାନଙ୍କ ଫାର୍ମରେ ବର୍ତ୍ତମାନ ୫୦/୬୦ ଜଣ ଶ୍ରମିକ କାର୍ଯ୍ୟରତ । ବାର୍ଷିକ ଦଶ ଟନ୍ କଫି, ତିନି ଟନ୍ ଗୋଲମରିଚ ଉତ୍ପାଦିତ କରିଥାନ୍ତି ।

ଏତିକିରେ ସ୍ୱପ୍ନ ତାଙ୍କର ସରିନାହିଁ । ଶହେ ଏକର ଫଳବଗିଚା, ନିଜ କଫି ଫାର୍ମରେ ପର୍ଯ୍ୟଟକଙ୍କ ରହିବା ବ୍ୟବସ୍ଥା 'ଫାର୍ମ ଷ୍ଟେ' କରିବାକୁ ଯୋଜନା ରଖିଛନ୍ତି । ତାଙ୍କ କଫି ଫାର୍ମ ସାହିତ୍ୟାନୁରାଗୀମାନଙ୍କ ପାଇଁ ମଧ୍ୟ ଏକ ଆକାଂକ୍ଷିତ ସ୍ଥାନ । ବ୍ରାଉନ୍ ଭ୍ୟାଲି କଫି ଫାର୍ମରେ ୨୦୦୮ ମସିହାରେ ଯୁବକବିମାନଙ୍କୁ ନେଇ 'ଉଦୟରାଗ' କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ୨୦୧୮ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା 'ଗ୍ରାମାଲୋକ' କବି ସମ୍ମିଳନୀ ହୋଇଥିଲା । ଶ୍ରୀପ୍ରଧାନଙ୍କ ସହଧର୍ମିଣୀ କବି ପ୍ରୀତିଧାରା ସାମଲ କହନ୍ତି, "ବିଶିଷ୍ଟ ସାହିତ୍ୟିକ ଜୟନ୍ତ ମହାପାତ୍ର, ମନୋଜ୍ ଦାସ, ରମାକାନ୍ତ ରଥଙ୍କ ଠାରୁ ଆରମ୍ଭ କରି ଯୁବ ସାହିତ୍ୟିକ ପର୍ଯ୍ୟନ୍ତ ସମସ୍ତେ କଫି ବଗିଚାର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ନିଜର ରଚନାତ୍ମକ ପରିଧିକୁ ଋଦ୍ଧିମନ୍ତ କରିଛନ୍ତି ।"

କୋରାପୁଟରେ କଫିଚାଷ ପାଇଁ ପୂର୍ବତନ ଜିଲ୍ଲାପାଳ ଅନୁପମ ଶାହା ଅନେକ ଆଗ୍ରହ ଦେଖାଇଥିଲେ । ତାଙ୍କର ବଦଳି ପରେ ବର୍ତ୍ତମାନର ଜିଲ୍ଲାପାଳ ଶ୍ରୀ ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ମୃତ୍ତିକା ସଂରକ୍ଷଣ ବିଭାଗ, ବନ ବିଭାଗ, ଉଦ୍ୟାନ ବିଭାଗ ଓ କୋରାପୁଟ କଫି ବୋର୍ଡ଼କୁ ନେଇ କଫି ବିକାଶ ଟ୍ରଷ୍ଟ (କଫି ଡେଭେଲପ୍‌ମେଣ୍ଟ୍ ଟ୍ରଷ୍ଟ) ଗଠନ କରାଯାଇ କୋରାପୁଟରେ କଫି ଚାଷର ବିକାଶ ଓ ପ୍ରସାର ପାଇଁ ଅନେକ ଯୋଜନା ଓ ଅର୍ଥ ବରାଦ କରାଯାଇଛି । ଏହା ନିଶ୍ଚିତ ଭାବେ ଏକ ଶୁଭ ସୂଚନା । ପଡ଼ୋଶୀ ରାଜ୍ୟର ମାତ୍ର ଅଳ୍ପ କିଛି କ୍ଷେତ୍ର କଫିଚାଷ ଉପଯୋଗୀ ଥିବା ସ୍ଥଳେ ଆମ ରାଜ୍ୟର ପ୍ରଶସ୍ତ କ୍ଷେତ୍ର କଫିଚାଷ ଉପଯୋଗୀ । କିନ୍ତୁ ସରକାରୀ ସ୍ତରରେ ଆଖିଦୃଶିଆ ଉଦ୍ୟମ, ନିଷ୍ଠା ଓ ଆଗ୍ରହ ଅଭାବ ହେତୁ ସେମାନଙ୍କ ଠାରୁ କଫି ଉତ୍ପାଦନ କ୍ଷେତ୍ରରେ ଆମେ ଅନେକ ପଛୁଆ ।

ଅଦ୍ୟାବଧି ସରକାରୀ ଓ କମ୍ପାନୀ ଚାକିରୀ ଯୁବାପିଢ଼ୀଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ ହୋଇ ରହି ଆସିଛି । ଏହି ମନୋଭାବରେ ପରିବର୍ତ୍ତନ ଆସିଲେ କୃଷି ପ୍ରତି ଆଗ୍ରହ ସୃଷ୍ଟି ହେଲେ ହିଁ ଆମ ପାଇଁ ଖୋଲିଯିବ ଏକ ନୂତନ ଦିଗନ୍ତ ।

କଫିଚାଷ ସହ ଅନେକ ସମ୍ଭାବନା ଯୋଡ଼ି ହୋଇରହିଛି । ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ସହ, ପରିବେଶ ସୁରକ୍ଷା, ଜଙ୍ଗଲ ଅଭିବୃଦ୍ଧି, ମୃତ୍ତିକା ସଂରକ୍ଷଣ, ପର୍ଯ୍ୟଟନର ବିକାଶ ତତ୍‌ସହିତ ସାହିତ୍ୟ ଓ ସୌନ୍ଦର୍ଯ୍ୟ, ଏତେ ଗୁଡ଼ିଏ ସମ୍ଭାବନାକୁ ନେଇ ବୋଧହୁଏ କଫିଚାଷ ଏକମାତ୍ର ଚାଷ ଯିଏ କି ତାର କୁହୁକ ସ୍ପର୍ଶରେ ବଶୀଭୂତ କରିପାରିବ ସମଗ୍ର ବିଶ୍ୱକୁ ।

କୋରାପୁଟରୁ ଆରମ୍ଭ ହୋଇଥିବା କଫିର ମହକ ସହ କଫିଚାଷ ପ୍ରେମୀଙ୍କ ସ୍ୱପ୍ନ ଫେଣ୍ଟାଫେଣ୍ଟି ହୋଇ ପ୍ରଗତି ପଥରେ ଆଗେଇ ଚାଲିଛି, ଦିଗନ୍ତ ବିସ୍ତାରୀ ମହକଟିଏ ସୃଷ୍ଟି କରିସାରିଛି । ଅପେକ୍ଷା ତ କେବଳ କୋରାପୁଟ ଓ କୋରାପୁଟ କଫିକୁ ଭଲ ପାଉଥିବା ଅସରନ୍ତି ପଦଧ୍ୱନିକୁ ।

▼କୋରାପୁଟ କଫି ବଗିଚାରେ ଲେଖକଲେଖିକାଙ୍କ ସମାଗମ



# ପ୍ରବାସରେ ପ୍ରତିଭା



ପ୍ରତିଭା ରାୟ

କମଳା ଦାସ

ଲେଖିକା ପ୍ରବାସିନୀ ମହାକୁଡ଼

# କେରଳ
# କମଳା ଦାସ ଓ ପ୍ରତିଭା ରାୟ



**ପ୍ରବାସିନୀ ମହାକୁଡ଼**

ଫଟୋ ସୌଜନ୍ୟ : ରବୀନ୍ଦ୍ର ବିଶ୍ୱାଳ ଓ ଗୁଗୁଲ୍

କିଛିବର୍ଷ ତଳେ କେରଳ ଯାଇଥିଲି । ଇଏ ଥିଲା ମୋର ତୃତୀୟ ଥର ପାଇଁ କେରଳ ଯାତ୍ରା । ଆଗରୁ ଆଲେପେ ଓ ତ୍ରିଶୁର୍ ଯାଇଥିଲି । ଆଲେପେରେ ଭେଟିଥିଲି ପ୍ରଖ୍ୟାତ କବି ଓ ଲେଖିକା କମଳା ଦାସ ଓ ତାଙ୍କ ମାଆ ପ୍ରଥମ ସରସ୍ୱତୀ ପୁରସ୍କାର ବିଜୟିନୀ କବି ବାଲାମଣି ଅମ୍ମାଙ୍କୁ । ଭୁବନେଶ୍ୱରରୁ ହାଇଦ୍ରାବାଦ, ସେଇଠୁ ଚେନ୍ନାଇ । ତାପରେ ତ୍ରିବେଂଦ୍ରମ୍ । ଏୟାର୍‌ପୋର୍ଟରେ ପହଂଚି ଦେଖେ ତ ଭୀଷଣ ବର୍ଷା ହେଉଛି । ମୋତେ ନେବା ପାଇଁ ପ୍ରଫେସର୍ ମୁକୁନ୍ଦନ୍ ଓ ପ୍ରଫେସର୍ ଚନ୍ଦ୍ରମଣି ଅମ୍ମା ଆସିଥିଲେ । ତ୍ରିବେଂଦ୍ରମ ସହର ଅତି ସୁନ୍ଦର, ପରିଷ୍କାର ପରିଚ୍ଛନ୍ନ ସବୁଜିମାରେ ଭରା । ପାଖରେ ଆରବ ସାଗର । ଆମର ହେରିଟେଜ୍ ହୋଟେଲ 'ତ୍ରିବେଂଦ୍ରମ୍'ରେ ରହିବାର ବ୍ୟବସ୍ଥା ହେଇଥିଲା । ରୁମ୍‌ରେ ପହଂଚି ମୋବାଇଲ୍ ଅନ୍ କଲି । ସେପଟୁ ଢେଙ୍କାନାଳରୁ ସାନଭଉଣୀ ମିଲିର ଫୋନ୍: "ନାନି ! ପ୍ରତିଭା ରାୟ ଜ୍ଞାନପୀଠ ପାଇଲେ ।" ଶୁଣି ଖୁସି ହେଇଥିଲି । କାରଣ ୧୯୯୪ରେ ପ୍ରତିଭା ରାୟ ଓ ଅନ୍ୟମାନଙ୍କ ସହ ପ୍ରଥମଥର ପାଇଁ କେରଳ ଯାଇଥିଲି । ଫ୍ରେସ୍ ହେଇ ଡାଇନିଙ୍ଗ୍ ହଲ୍‌କୁ ଆସିଲି । କବି ଅରୁଣ କମଲ୍, ସୁବୋଧ୍ ସରକାର, ଦିନେଶ୍ ଶୁକ୍ଳା, ଅପର୍ଣ୍ଣା ଆଚାର୍ଯ୍ୟ ସମସ୍ତେ ସେଇଠି ଥିଲେ । ସେମାନଙ୍କୁ ଏକଥା କହିଲି । ମୋ ଭାଷା ପାଇଁ ମୁଁ ଗର୍ବ କରୁଥିଲି ନିଶ୍ଚିତ ଭାବରେ । ସମସ୍ତେ ମୋତେ ଅଭିନନ୍ଦନ ଜଣେଇଲେ । ଗପସପ କରୁ କରୁ ରାତି ଦଶଟା ବାଜି ଯାଇଥିଲା । ବର୍ଷା ଆହୁରି ଛାଡ଼ିନି । ରୁମ୍‌କୁ ଆସି ପ୍ରତିଭା ଅପାଙ୍କୁ ଫୋନ୍ ଲଗେଇଲି । ଲାଗିଲାନି । ଭାବିଲି ସକାଳେ କଥା ହେବି ।

ପରଦିନ ଥୋନାକଲ୍‌ରେ (ପ୍ରସିଦ୍ଧ ମାଲୟାଲମ୍ କବି କୁମାରନ୍ ଆସାନ୍‌ଙ୍କ ଜନ୍ମସ୍ଥାନ) କାର୍ଯ୍ୟକ୍ରମ ଥିଲା । ମୁଖ୍ୟ ଅତିଥି ରୂପେ କେରଳର ମୁଖ୍ୟମନ୍ତ୍ରୀ ଓମାନ୍ ଚଣ୍ଡୀ ଓ ସାଂସ୍କୃତିକ ମନ୍ତ୍ରୀ ସଭାପତି ଥିଲେ । ସେମାନଙ୍କ ସହ ଆମେ କବିମାନେ ଦୀପ ଜଳେଇଲୁ । ଅଭିଭାଷଣ ପରେ କବିମାନଙ୍କ ପରିଚୟ ଦିଆଗଲା । ଉପଢ଼ୌକନ ଦେଇ ସମ୍ମାନିତ କରାଗଲା । ପ୍ରତିଭା ରାୟ ଜ୍ଞାନପୀଠ ପାଇଥିବାରୁ ମୋତେ ଆଉଥରେ ସମ୍ବର୍ଦ୍ଧିତ କରାଗଲା । ତାଙ୍କ ସାହିତ୍ୟକୃତି ବିଷୟରେ ପ୍ରଫେସର୍ ଅଙ୍କମଣିଅମ୍ମା କିଛି ସମୟ କହିଲେ । ପ୍ରତିଭା ରାୟ କେରଳରେ ଖୁବ୍ ଲୋକପ୍ରିୟ । 'ମାତୃଭୂମି' ଖବର କାଗଜରେ ତାଙ୍କର 'ଯାଜ୍ଞସେନୀ' ଉପନ୍ୟାସ ଧାରାବାହିକ ଭାବେ ବାହାରୁଥିଲା ଓ ପ୍ରଚୁର ପାଠକୀୟ ଶ୍ରଦ୍ଧା ପାଇଥିଲା । ମୋ ପାଖରେ ପୂର୍ବତନ କେନ୍ଦ୍ର ରେଳମନ୍ତ୍ରୀ ରାଜଗୋପାଲନ୍ ବସିଥିଲେ । କହିଲେ, "ମୁଁ ପ୍ରତିଭା ରାୟଙ୍କର ଜଣେ ମୁଗ୍ଧ ପାଠକ । ତାଙ୍କର 'ଦ୍ରୌପଦୀ' ଉପନ୍ୟାସ ମୁଁ ପଢ଼ିଛି । ଚମତ୍କାର ଲେଖିଛନ୍ତି ।" ମୁଁ ହଁ କଲି । ଏଥର ସଭା ଆରମ୍ଭ ହେଲା । କୁମାରନ୍ ଆସାନ୍‌ଙ୍କ ବିଷୟରେ କୁହାଗଲା । ଏକ ଗରିବ ଦଳିତ ପରିବାରରୁ ଆସି ସିଏ ଏତେ ବଡ଼ ଲେଖକ, କବି ଓ ଦାର୍ଶନିକ ନିଜ ଚେଷ୍ଟାରୁ ହୋଇପାରିଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ସହ ତାଙ୍କର ସମ୍ପର୍କ ଥିଲା । ପ୍ରଥମେ ମହୀଶୂର ଓ ପରେ ଶାନ୍ତିନିକେତନ ଯାଇ ସେଠି ଶିକ୍ଷାଲାଭ କରିଥିଲେ । ନାରାୟଣ ଗୁରୁଙ୍କର ସିଏ ଶିଷ୍ୟ ଥିଲେ । ମାଲୟାଲମ୍ ଭାଷାକୁ ତାଙ୍କ ଦାନ ଅତୁଳନୀୟ । ଆସାନ୍ ନିଜେ ଜଣେ ଅନୁଷ୍ଠାନ । ଥୋନାକଲ୍‌ର ସେଇ ଚାଳଘର ଏବେ ବି ଅଛି ଯେଉଁଠି ଆସନ୍ ଜନ୍ମ ଗ୍ରହଣ କରିଥିଲେ । ସେଇଠି ବିରାଟ ଲାଇବ୍ରେରୀ ଅଛି । ସୁନ୍ଦର ଲନ୍ ଥାଇ ବଗିଚା ଅଛି ଆଉ ଅଛି ବିଶିଷ୍ଟ ସ୍ଥପତି ଖାନାଇଙ୍କ ଦ୍ୱାରା ନିର୍ମିତ ପ୍ରତୀକ୍ଷାରତ ଏକ ନାରୀର ବିଶାଳକାୟ ମୂର୍ତ୍ତି । ନ ଦେଖିଲେ ବିଶ୍ୱାସ କରି ହେବନି । କୁମାରନ୍ ଆସାନ୍‌ଙ୍କ କବିତାର ଏକ ଚରିତ୍ରକୁ ବି ସେଠି ସ୍ଥାପତ୍ୟରେ ଅମର କରି ଦିଆଯାଇଛି । ଜଣେ ବ୍ରାହ୍ମଣ କନ୍ୟା ଏକ ହରିଜନ ଯୁବକକୁ ଭଲ ପାଇ ବସିଛି ଏବଂ ଏଇ ପ୍ରେମର ପରିଣତିକୁ ଦର୍ଶାଯାଇଛି । ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଲେ । ଲଞ୍ଚ୍ ପରେ କବିତା ପାଠ ଥିଲା । ମୁଁ କବିତାକୁ ହୋଟେଲ୍‌ରେ ଛାଡ଼ି ଆସିଥିଲି । ମୋତେ ପୁଣିଥରେ



ହୋଟେଲ୍‌କୁ ଯିବାକୁ ପଡ଼ିଲା । ରାଜ ଗୋପାଳନ୍ ଆମ ସାଙ୍ଗରେ ଥିଲେ । ବାଟରେ କଥା ପ୍ରସଙ୍ଗରେ କମଳା ଦାସଙ୍କ କଥା ପଡ଼ିଲା । ଉଭୟ ଇଂରାଜୀ ଓ ମାଲୟାଲାମ୍‌ରେ ଲେଖୁଥିଲେ । ସିଏ କେତେ ଲୋକପ୍ରିୟ ଥିଲେ ଏ କଥାରୁ ଜଣାପଡ଼େ- ଗୋଟେ ସମୟରେ କେରଳର ଲୋକଙ୍କ ଘରକୁ ଏକ ନିର୍ଦ୍ଦିଷ୍ଟ ଖବର କାଗଜରେ ଚାରିଟି ଲେଖାଏଁ କପି ଆସୁଥିଲା । ଗୋଟେ ବାପାର ତ ଗୋଟେ ମାଆର ଆଉ ଗୋଟେ ପୁଅର ତ ଅନ୍ୟଟି ଅନ୍ୟମାନଙ୍କର । ଖାସ୍ କମଳା ଦାସଙ୍କ ଲେଖା ପଢ଼ିବା ପାଇଁ । ଅବିଶ୍ୱାସ ମନେ ହେଲେ ବି ସତ । ସମସ୍ତେ ତାଙ୍କ ଲେଖା ପଢ଼ିବେ ଅଥଚ କେହି ଅପେକ୍ଷା କରି ପାରିବେନି । ରାଜଗୋପାଳନ୍ କହିଥିଲେ – ଜାଣନ୍ତି ଶେଷ ଜୀବନରେ କମଳା ଦାସ ଏକୁଟିଆ ହେଇ ଯାଇଥିଲେ । ଇସ୍‌ଲାମ୍ ଧର୍ମ ଗ୍ରହଣ କରି ନେଇଥିଲେ ଏଇ ଆଶାରେ ଯେ ତାଙ୍କୁ ଭଲ ପାଉଥିବା ଏମ୍.ପି. ଜଣକ ପ୍ରତିଶ୍ରୁତି ଦେଇଥିଲେ ବାହା ହେବେ । ମାଧବୀ କୁଟୀ ଓ କମଳା ଦାସରୁ ସିଏ ହେଲେ କମଳା ସୁରୈୟା । କିନ୍ତୁ କଥାଟା ଅନ୍ୟ ପ୍ରକାରର ହେଇଗଲା । କେରଳରେ ଏହାର ଘୋର ବିରୋଧ କରାଗଲା ଓ ଏମ୍.ପି. ଜଣକ ତାଙ୍କୁ ବାହା ହେବାକୁ ମନା କରିଦେଲେ । କମଳା ସୁରୈୟାଙ୍କ ପରି ଲେଖିକା ଭିତରେ ଭିତରେ ଭାଙ୍ଗି ପଡ଼ିଲେ । ସିଏ ପୁଣି କମଳା ଦାସ ହେବାକୁ ଚାହିଁଲେ । ମାତ୍ର ସେତେବେଳକୁ ପରିସ୍ଥିତି ଭିନ୍ନ ହେଇ ସାରିଥିଲା । ତେଣୁ ହିନ୍ଦୁ ହେଇ ପାରିଲେନି । ଶେଷ ଜୀବନ ଏକା ଏକା କାଟିଲେ । କମଳା ଦାସ ଭାରି ସ୍ନେହୀ ମଣିଷ ଥିଲେ । ସମସାମୟିକ ଲେଖକଙ୍କୁ ସମ୍ମାନ ଦେଉଥିଲେ । ଅନ୍ୟକୁ ଶୁଣିବାରେ ତାଙ୍କର ଭାରି ଆନନ୍ଦ ଥିଲା ବୋଲି ଶୁଣିଲି । ତାଙ୍କର ଜଣେ ଭଉଣୀ ଡକ୍ଟର ସୁଲୋଚନା ଭଲ କବିତା ଲେଖୁଥିଲେ ବୋଲି ଗୋପାଳନ୍‌ଙ୍କ ପାଖରୁ ଶୁଣିଲି । ଅଭୂତପୂର୍ବ ଲୋକପ୍ରିୟ ଥିଲେ କମଳା ଦାସ । ତାଙ୍କୁ କବର ଦିଆ ଯାଇଥିବା ସ୍ଥାନରେ କିଛି ସମୟ ଗାଡ଼ି ରଖିଲୁ । ମୁଁ ଗାଡ଼ିରୁ ଓହ୍ଲେଇଲି ବି । ଅଭିମାନ ଥିଲା ନା ପ୍ରତିବାଦ ଆମ ପ୍ରଚଳିତ ସାମାଜିକ ବ୍ୟବସ୍ଥା ପ୍ରତି ? ଗୋଟେ କୋହଭରା ହୃଦୟ ନେଇ ଫେରିଲି ।

ଅପରାହ୍ନ ପାଞ୍ଚଟା । ଏବେ କବିତା ପଢ଼ିବାର ସମୟ । ମୁଁ କବିତା ପଢ଼ିବା ଅବସ୍ଥାରେ ନଥିଲି । ଉଦାସୀନତା ଭିତରେ କମଳା ଦାସଙ୍କ ମୁହଁ ଆଖି ଆଗରେ ନାଚୁଥିଲା । ମାଲୟାଲାମ୍‌ର ଅନ୍ୟତମ ପ୍ରସିଦ୍ଧ କବି ସୁଗତା କୁମାରୀ ଅସୁସ୍ଥତା ଯୋଗୁ ଆସିପାରି ନଥିଲେ । କିନ୍ତୁ ଅସୁସ୍ଥତା ସତ୍ତ୍ୱେ ଜ୍ଞାନପୀଠ ପୁରସ୍କାର ବିଜେତା ଓ.ଏନ୍.ଭି. କୁରୁପ୍ ଆସିଥିଲେ । ଏଇଠି କବି ସମ୍ମିଳନୀରେ ପ୍ରତିଭା ରାୟଙ୍କ ସାହିତ୍ୟ ଉପରେ ସମସ୍ତେ ଅଳ୍ପ ବହୁତ କହିଲେ । ଏମ୍.ଟି. ବାସୁଦେବନ୍ ନାୟାର 'ଯାଜ୍ଞସେନୀ'କୁ ମାଲୟାଲମ୍‌ରେ ଅନୁବାଦ କରିଥିଲେ ଓ ଏହା 'ମାତୃଭୂମି' ଖବରକାଗଜରେ ଧାରାବାହିକ ଭାବେ ବାହାରୁଥିଲା । ଏମ୍.ଟି. ପ୍ରତିଭା ରାୟଙ୍କୁ ଭଉଣୀ ବୋଲି ମାନନ୍ତି । ନିକଟରେ ପ୍ରତିଭା ରାୟଙ୍କ ଘରକୁ ଯାଇଥିଲି । ସେଇଦିନ ସିଏ କେରଳରୁ ଫେରିଥାଆନ୍ତି । ଅସୁସ୍ଥତା ଯୋଗୁ ଏମ୍.ଟି. ସାହିତ୍ୟ-ସଭାକୁ ଯାଇପାରି ନଥିଲେ । କେରଳ ସବୁ ପ୍ରମୁଖ ଖବରକାଗଜରେ ପ୍ରତିଭା ରାୟ ବଡ଼ ବଡ଼ ଫଟୋସବୁ ବାହାରିଥିଲା ଏମ୍.ଟି.ଙ୍କ ସହ ଆଉ ଲେଖା ହୋଇଥିଲା 'ଭାଇ ଘରକୁ ଭଉଣୀ ଆସିଛନ୍ତି' । କେରଳର ପାଠକ ଖୁବ୍ ସଚେତନ । ନିଜ ଭାଷା ପ୍ରତି ଗଭୀର ମମତା । ନିକଟରେ ତ ମାଲୟାଲମ୍ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଲା ।

ଆମେ ମାତ୍ର ଛଅଜଣ କବି ଥିଲୁ । କବିତା-ପାଠ ସରିଲା । ହୋଟେଲକୁ ଫେରୁଫେରୁ ରାତି ଆଠଟା । ବର୍ଷା ଯୋଗୁଁ ଆଉ କୁଆଡ଼େ ବାହାରି ପାରିଲୁନି । ପରଦିନ ସକାଳୁ କୋଭାଲମ୍ ବିଚ୍ ଓ କନ୍ୟାକୁମାରୀ ପାଇଁ ବାହାରିଲୁ । କୋଭାଲମ୍ ବିଚ୍ ଖୁବ୍ ସୁନ୍ଦର । ଆହୁରି ସୁନ୍ଦର ଦିଶୁଥିଲା ନିକଟରେ ଥିବା ବତୀଘର । ସେଠି କିଛି ସମୟ ରହି କନ୍ୟାକୁମାରୀ ଅଭିମୁଖେ ବାହାରିଲୁ । ଏଇଠି ଅଚାନକ ଦେଖା ହୋଇଥିଲା କବି, ଗାଳ୍ପିକ, ଔପନ୍ୟାସିକ ଅଜୟ ସ୍ୱାଇଁଙ୍କ ସହ ତାଙ୍କ ପରିବାର ସହ । ବହୁତ ଭଲ ଲାଗିଲା । କନ୍ୟାକୁମାରୀ, ବିବେକାନନ୍ଦ ରକ୍ ମେମୋରିଆଲ୍, ଆଖି ପାଉ ନଥିବା ଜଳରାଶିକୁ ଦେଖି ଫେରିଲୁ । ତ୍ରିବାଂଦ୍ରମରେ ପହଂଚିଲୁ ରାତି ଏଗାରଟାରେ । ପରଦିନ ସକାଳ ୭ଟାରେ ଫ୍ଲାଇଟ୍ । ଏତେ କ୍ଳାନ୍ତ ହୋଇ ଯାଇଥିଲି ଯେ ସକାଳ ପାଞ୍ଚଟାରେ ରିସେପ୍‌ସନିଷ୍ଟଙ୍କ ଫୋନ୍ ପାଇ ଉଠି ପଡ଼ିଲି । ଟ୍ୟାକ୍‌ସିରେ ଗଲାବେଳେ ଅନନ୍ତ ପଦ୍ମନାଭନ୍ ମନ୍ଦିର ହେଇ ଆସିଲି । ସକାଳୁ ଭାରି ଭଲ ଲାଗିଲା ।

ମୁଁ ଦେଖିଛି ଫ୍ଲାଇଟ୍‌ରେ ହେଉ ବା ଟ୍ରେନ୍‌ରେ ଅଧିକାଂଶ ଯାତ୍ରୀ ଲାପ୍‌ଟପ୍ ନହେଲେ ଇଂରାଜୀ ବହିଟିଏ ଧରି ବସିଥିବେ । ଓଡ଼ିଆ ବହି ପଢ଼ିଲେ ବୋଧେ ଲାଜ ମାଡ଼େ ! କିନ୍ତୁ ଏଥର ଏକ ବ୍ୟତିକ୍ରମ ଦେଖିଲି । ହାଇଦ୍ରାବାଦରେ ମୋ ପାଖ ସିଟ୍‌ରେ ବସିଥିବା ଭଦ୍ରମହିଳାଙ୍କ ହାତରେ 'ପ୍ରତିଭା ରାୟଙ୍କ କଥାକଳ୍ପ' ବହିଟି ଦେଖି ଭାରି ଭଲ ଲାଗିଲା । ମୁଁ ସାଇଡ୍ ସିଟ୍‌ରେ ବସିଥାଏ । ମଝିରେ ମଝିରେ ଷ୍ଟେଟ୍ ବ୍ୟାଙ୍କ୍‌ର ପ୍ରୋବେସନ୍‌ରୁ ଫେରୁଥିବା ଝିଅ ଜଣକ । ଯିଏ ବହିଟି ମାଗିନେଇ ଗପ ପଢ଼ିବାରେ ଲାଗିଗଲେ । ଭଦ୍ରମହିଳାଙ୍କ ସହ ଗପୁ ଗପୁ ଜାଣିଲି ସିଏ ବଙ୍ଗାଳୀ କିନ୍ତୁ ପ୍ରଚୁର ଓଡ଼ିଆ ବହି ବି ପଢ଼ନ୍ତି । ପ୍ରତିଭା ରାୟ ତାଙ୍କର ପ୍ରିୟ ଲେଖିକା । ସିଏ ବମ୍ବେରୁ ତାଙ୍କ ଘରୁର ଫେରୁଥାଆନ୍ତି । କହିଲେ, ପ୍ରତିଭା ରାୟଙ୍କ ଲେଖା ସମ୍ଭ୍ରାନ୍ତ ଭାଷା, ମାର୍ଜିତ ଓ ଉନ୍ନତ ରୁଚିମାନର । ତାଙ୍କ କଥା ଶୁଣୁଥିଲି ମନ୍ତ୍ରମୁଗ୍ଧ ଶ୍ରୋତାଟେ ପରି । ଭୁବନେଶ୍ୱର ଏୟାରପୋର୍ଟରେ ଓହ୍ଲାଇଲା ବେଳେ ମୋତେ କହିଲେ, "ପ୍ରତିଭା ରାୟଙ୍କ ସହ ଦେଖାହେଲେ କହିଦେବେ ତାଙ୍କର ପ୍ରିୟ ପାଠିକାଟିଏ ତାଙ୍କର ଓ ତାଙ୍କ ପରିବାରର ଶୁଭକାମନା କରୁଛି ।"

ପ୍ରତିଭା ରାୟଙ୍କ ଗଳ୍ପ, ଉପନ୍ୟାସର ପାଠକ-ପାଠିକା ସବୁ ସ୍ଥାନରେ ମିଳିବେ । ଟି.ଭି. କମ୍ପ୍ୟୁଟର ଯୁଗ ତାଙ୍କ ପାଠକ ସଂଖ୍ୟାକୁ କମ୍ କରି ପାରିନି । 'ଜ୍ଞାନପୀଠ' ସଂସ୍ଥାର ପ୍ରଥମ ମହିଳା ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ଗ୍ରହଣ କରି ନିଜ ପ୍ରତିଭାକୁ ଆଉଥରେ ପ୍ରତିଭାତ କରି ଦେଇଛନ୍ତ ସେ । ତାଙ୍କ ଲେଖନୀରୁ ଆହୁରି କାଳଜୟୀ ଲେଖାସବୁ ଆମ ଭାଷା-ସାହିତ୍ୟକୁ ସମୃଦ୍ଧ କରୁ ।





▲ ଚିତ୍ର : ସଂଜୟ କୁମାର ରାଉଳ

## ॥ ୪ ॥

# ବଗ ଓ କଙ୍କଡ଼ା କଥା



**ଡକ୍ଟର ବିବୁଧରଂଜନ**
ତଳମାଳି ସାହି, ପୁରୀ
ଫୋନ : ୯୯୩୭୬୪୯୮୯୪

ଗୋଟିଏ ଜଙ୍ଗଲରେ ଖୁବ୍ ବଡ଼ ଏକ ପୋଖରୀ ଥିଲା । ପୋଖରୀରେ ବହୁତ ମାଛ ଘର କରି ରହିଥିଲେ । ଗୋଟିଏ ବଗ ପ୍ରତିଦିନ ସେହି ପୋଖରୀକୁ ମାଛ ଖାଇବାକୁ ଆସୁଥିଲା । କିନ୍ତୁ ଯେହେତୁ ବଗଟି ବୁଢ଼ା ହୋଇ ଯାଇଥିଲା ତେଣୁ ସେ ମାଛ ସହଜରେ ଧରି ପାରୁ ନଥିଲା । ବିଚରା ପ୍ରାୟ ପ୍ରତିଦିନ ଭୋକରେ ରହୁଥିଲା । ଦିନକର କଥା । ବଗ ଭୋକରେ ଛଟପଟ ହୋଇ ପୋଖରୀ କୂଳରେ ବସି କାନ୍ଦୁଛି ଏତିକି ବେଳକୁ ସେଠାରେ ଆସି ଗୋଟିଏ କଙ୍କଡ଼ା ପହଞ୍ଚିଲା । କଙ୍କଡ଼ା ପଚାରିଲା – ମାମୁଁ, ଆଜି କଣ ତୁମେ ଭୋଜନ ନକରି ଆଖିରୁ ଲୁହ ଗଡ଼ଉଛ । କାରଣ କ'ଣ ? ବଗ କହିଲା – ମିତ୍ର, ତୁମେ ଠିକ୍ କହିଛ ମୁଁ ଆଉ ଆଜିକାଲି ମାଛ ଖାଉନାହିଁ । ମାଛ ଖାଇ ଖାଇ ମୋର ବିରକ୍ତି ଆସି ଗଲାଣି । ତେଣୁ ଆଜିକାଲି ମୁଁ ଅନଶନ କରୁଛି । ତେଣୁ ମୋ ପାଖ ଦେଇ ଚାଲି ଯାଉଥିବା ମାଛ ମାନଙ୍କୁ ମଧ୍ୟ ମୁଁ ଆଉ ଧରୁ ନାହିଁ । କଙ୍କଡ଼ା ପଚାରିଲା – ତା ଠିକ୍, କିନ୍ତୁ ତୁମର ଏ ବୈରାଗ୍ୟର କାରଣ କ'ଣ ?

ବଗ କହିଲା – ମିତ୍ର' କଥା କ'ଣ କି ମୁଁ ଏହି ପୋଖରୀରେ ଜନ୍ମ ହେଇଥିଲି । ମୋର ପିଲାବେଳ ଏହିଠାରେ କଟିଛି । ସାରା ଜୀବନ ମୁଁ ଏହିଠାରେ ରହିଛି । ପୋଖରୀରେ ରହୁଥିବା ସମସ୍ତ ପ୍ରାଣୀ ଏବଂ ଏହି ପୋଖରୀକୁ ମୁଁ ବହୁତ ଭଲପାଏ । କିନ୍ତୁ ମୁଁ ଶୁଣୁଛି ଜଣେ ଜ୍ୟୋତିଷ କୁଆଡ଼େ କହିଛନ୍ତି ଯେ ଆଗାମୀ



ବାରବର୍ଷ ଯାଏଁ ପୃଥିବୀ ପୃଷ୍ଠରେ ବର୍ଷା ହେବ ନାହିଁ । ଏ ପୋଖରୀରେ ଆଗରୁ ତ ବହୁତ କମ୍ ପାଣି ଅଛି । ସେଥିରେ ଯଦି ଆଦୌ ବର୍ଷା ନହୁଏ ତେବେ ତ ପୋଖରୀ ପୁରାପୁରି ଶୁଖି ଯିବ । ପୋଖରୀ ଶୁଖିଯିବା ସହ ଏ ପୋଖରୀ ଭିତରେ ଥିବା ମୋର ସମସ୍ତ ପିଲାବେଳର ସାଙ୍ଗସାଥୀ ମରିଯିବେ । ସେମାନଙ୍କ ମୃତ୍ୟୁର କଥା ଭାବିଭାବି ମୁଁ ଏପରି କାନ୍ଦୁଛି । ଆଉ ସେଇଥିପାଇଁ ଅନଶନରେ ବସିଛି । ଅନ୍ୟ ପୋଖରୀ ମାନଙ୍କରୁ ମଧ ସମସ୍ତ ମାଛ, ଜଳଚର ପ୍ରାଣୀ ସେମାନଙ୍କର ଛୋଟ ଛୋଟ ପୋଖରୀ ପରିତ୍ୟାଗ କରି ବଡ଼ ବଡ଼ ଜଳାଶୟକୁ ଚାଲି ଯିବାକୁ ଲାଗିଲେଣି । ମୋତେ କିନ୍ତୁ ଦୁଃଖ ଲାଗୁଛି ଏଇଥିପାଇଁ ଯେ – ଆମର ଏ ପୋଖରୀର ମାଛମାନେ ବଡ଼ ନିଶ୍ଚିନ୍ତରେ ବସିଛନ୍ତି । ସତେ ଯେପରି କିଛି ହେବାର ନାହିଁ । ସେଇମାନଙ୍କ ପାଇଁ ମୁଁ କାନ୍ଦୁଛି । ଏମାନଙ୍କର ବଂଶନାଶ ହୋଇଯିବ ଏକଥା ମୋତେ ବହୁତ କଷ୍ଟ ଦେଉଛି ।

କଙ୍କଡ଼ା ବଗ ମୁହଁରୁ ଏସବୁ ଶୁଣି ପୋଖରୀର ସବୁ ମାଛମାନଙ୍କୁ ଆଗାମୀ ବିପଦ ସମ୍ବନ୍ଧରେ ସୂଚନା ଦେଇଦେଲା । ସୂଚନା ପାଇ ପୋଖରୀର ସମସ୍ତ ଜଳଚର, ମାଛ, କଇଁଚ ବଗକୁ ଘେରି ଯାଇ ପଚାରିଲେ – ମାମୁଁ, ଏ ବିପଦରୁ ରକ୍ଷା ପାଇବା ପାଇଁ କଣ କିଛି ଉପାୟ ଅଛି ? ବଗ ଚଟାପଟ ଉତ୍ତର ଦେଲା – ଅଛି । ଉପାୟ ଅଛି । ଏଠାରୁ ବହୁତ ଦୂରରେ ଗୋଟେ ବଡ଼ ପୋଖରୀ ଅଛି । ସେଥିରେ ଏତେ ପାଣି ଅଛି ଯେ – ଯଦି ବାରବର୍ଷ କଣ ଚବିଷ ବର୍ଷ ଯାଏଁ ବର୍ଷା ନ ହୁଏ ତେବେବି ପାଣି ଶୁଖିବ ନାହିଁ । ତୁମେମାନେ ଯଦି କହିବ ମୁଁ ତୁମ ମାନଙ୍କୁ ଜଣଜଣ କରି ମୋ ପିଠିରେ ନାଉ କରି ନେଇଯିବି । ସେ ପୋଖରୀରେ ଛାଡ଼ି ଆସିବି । ବଗର କଥା ନସରୁଣୁ ସମସ୍ତ ମାଛ ମାନେ ବଗକୁ ଅନୁରୋଧ କରି କିଏ ଭାଇ, କିଏ ଦାଦା, କିଏ ମାମୁଁ କହି ପ୍ରଥମେ ନେଇଯିବାକୁ କହିଲେ ।

ବାଶ୍, ତା ପରଦିନ ଠାରୁ ବୁଢ଼ା ଦୁଷ୍ଟ ବଗ ତା ପିଠିରେ ମାଛ ମାନଙ୍କୁ ବୋହି ନେଇ ଦୂରରେ ଥିବା ଏକ ପଥର ଉପରେ ଓହ୍ଲାଇ ଦେଇ ସେମାନଙ୍କ ମୁଣ୍ଡକୁ ଛେଚି ଆନନ୍ଦରେ ଭୋଜନ କରି ପୋଖରୀ ପାଖକୁ ଫେରିଆସେ । ସେଇଦିନ ଠାରୁ ପ୍ରତ୍ୟେକ ଦିନ ମାଛ ଭୋଜନ କରି ବୁଢ଼ା ବଗ ଆନନ୍ଦରେ ଥାଏ । ଗୋଟିଏ ଦିନ କଙ୍କଡ଼ା କହିଲା – ମାମୁଁ, ଅନେକ ମାଛ ତ ଗଲେଣି ଭାରି । ମୋତେ ଏଥରକ ଦୟାକରି ସେହି ବଡ଼ ପୋଖରୀକୁ ନେଇ ଯାଅ । କଙ୍କଡ଼ା କଥା ଶୁଣି ବଗ ମନେ ମନେ ଭାବିଲା ସତରେ ସବୁଦିନ ସେଇ ମାଛ ଖାଇ ଖାଇ ପାଟି ମୋର ପିତା ହୋଇ ଗଲାଣି । ଆଜି ଏ କଙ୍କଡ଼ା ମାଂସ ଖାଇଲେ ବଡ଼ ମଜା ଲାଗିବ । ଏୟା ଭାବି ବଗ କଙ୍କଡ଼ାକୁ ତା ବେକ ପାଖରେ ବସାଇ ଆକାଶରେ ଉଡ଼ିବାକୁ ଲାଗିଲା । ଉପରୁ କଙ୍କଡ଼ାକୁ ଦେଖାଗଲା ଦୂରରେ ଏକ ପଥର ଉପରେ କୁଡ଼କୁଡ଼ ମାଛକଣ୍ଟା ମାନ ଗଦା ହୋଇଛି । କଙ୍କଡ଼ା ସଙ୍ଗେ ସଙ୍ଗେ ବୁଝି ପାରିଲା ବଗର ଚାଲାକି । ମନ କଥା ମନରେ ରଖି କଙ୍କଡ଼ା କହିଲା ମାମୁଁ ମୋତେ ପିଠିରେ ଏତେ ସମୟ ବସାଇ ତୁମେ ହାଲିଆ ହୋଇ ଯିବଣି । ଟିକେ ତଳକୁ ଖସ । ଘଡ଼ିଏ ବିଶ୍ରାମ ନେବା ।

ବଗ ଭାବିଲା ଏବେ କଙ୍କଡ଼ାକୁ ସତକଥା କହିଦେଲେ କ୍ଷତି କିଛି ହେବ ନାହିଁ । ଏୟା ଭାବି ବଗ କହିଲା କଙ୍କଡ଼ା ସାହେବ ଏବେ ବଡ଼ ପୋଖରୀରେ ଯାଇ ରହିବାର କଥା ପୁରାପୁରି ଭୁଲିଯାଅ । ସେ ବଡ଼ ପୋଖରୀ ରହିଛି ତୋ ମାମୁଁର ପେଟରେ । ତୋର ଶେଷ ମୁହୂର୍ତ୍ତ ଆସିଗଲା । ତୋତେ ଖାଇ ମୁଁ ମୋ ପାଟିର ଅରୁଚି ଛଡ଼େଇବି । ମୃତ୍ୟୁ ପୂର୍ବରୁ ଭଣଜା ତୁ ତୋ ଇଷ୍ଟ ଦେବତାଙ୍କୁ ସ୍ମରଣ କର । ଏତକ ଶୁଣି ଦେବା ମାତ୍ରକେ କଙ୍କଡ଼ା କାଳ ବିଳମ୍ବ ନକରି ଚଟାପଟ ତା ଆଗ ଦୁଇ ଷଣ୍ଢଆସି ଗୋଡ଼ରେ ବଗର ବେକକୁ ଜୋରରେ ଚାପି ଧରିଲା । ବିଚରା ବୁଢ଼ା ଦୁଷ୍ଟ ବଗ ଛଟପଟ ହୋଇ ମରିଗଲା ।


କଙ୍କଡ଼ା ମୃତ ବଗର କଟାମୁଣ୍ଡକୁ ଧରି ଧୀରେ ଧୀରେ ଆସି ତା ପୁରୁଣା ପୋଖରୀ ପାଖରେ ପହଞ୍ଚିଲା । କଙ୍କଡ଼ାକୁ ଫେରି ଆସିବାର ଦେଖି ପୋଖରୀରେ ଅପେକ୍ଷାରେ ବସିଥିବା ଅନ୍ୟ ମାଛମାନେ ପଚାରିଲେ କଥା କ'ଣ ? ମାମୁଁ କୁଆଡ଼େ ଗଲେ ? କଙ୍କଡ଼ା ସମସ୍ତ ବୃତ୍ତାନ୍ତ ଶୁଣାଇ ଦୁଷ୍ଟ ବଗର ମୁଣ୍ଡକୁ ଦେଖାଇ କହିଲା – ଭାଇମାନେ, ଏବେ ଆଉ ଚିନ୍ତା କରିବାର କିଛି ନାହିଁ । ଦୁଷ୍ଟ ବଗକୁ ମୁଁ ମାରି ଦେଇଛି । ଏଥରକ ତୁମେମାନେ ଏହି ପୋଖରୀରେ ଆନନ୍ଦରେ ରୁହ ।

ବିଲୁଆର କଥା ଶୁଣି କାଉ ବାପା ମା ପଚାରିଲେ – ବିଲୁଆ ନନା, ସେହି ଦୁଷ୍ଟ ବଗ ମଲାପରି ଆମର ଏ ଦୁଷ୍ଟ କଳାସାପକୁ କ'ଣ ମରାଯାଇ ପାରିବ ନାହିଁ ? ବିଲୁଆ କହିଲା – ରାତି ବହୁତ ହେଲାଣି । ଯାଅ ଶୋଇପଡ଼ । କାଲି ସକାଳୁ ଆସିଲେ ମୁଁ ତୁମକୁ ଏହି କଳାସାପ ଯିଏ ତୁମର ସବୁ ଛୁଆଙ୍କୁ ମାରି ଖାଇ ଦେଇଛି, ତାକୁ ମଧ ମାରି ଦେବାର ଉପାୟ ବତାଇ ଦେବି । କାଉ ବାପା ମା ନିଜ କୋରଡ଼ରେ ସକାଳ ହେବାକୁ ଅପେକ୍ଷା କଲେ ।

ମୋ ଗାଥା

# ଦର୍ଜିସାହିର ଦିଗ୍‌ବଳୟ





# ମୋ ବାପା : ଆଖିରେ ଚମକ ମନରେ ଉତ୍ସାହ

**ପ୍ରାଚୀତାରା**

ଫଟୋ ସୌଜନ୍ୟ : ଲେଖିକା

'ମୋ ବାପା' ବୋଲି କହିବା ମାତ୍ରେ ମନ ଉତ୍‌ଫୁଲ୍ଲିତ ହୋଇଉଠେ । ଆଖିରେ ଚମକ, ମନରେ ଉତ୍ସାହ ଓ ଜିଇଁବାର ନିଶା ତ୍ୱରାନ୍ୱିତ ହୋଇଉଠେ । ଜୀବନ ସମୁଦ୍ରରେ ଉବୁଟୁବୁ ହୋଇ ବଞ୍ଚିବା ପାଇଁ ରାହା ଖୋଜୁଥିବା ବେଳେ କୁନିକୁନି ମାଛମାନଙ୍କ ଖେଳ ଦେଖିବାର ଅପାସୋରା ଅନୁଭବକୁ ହାତଛଡ଼ା ନକରି ଆପଣେଇ ନେବାର ଏକ ଅଭିନବ ପ୍ରୟାସ 'ମୋ ବାପା' ହିଁ କରି ପାରନ୍ତି । ତେଲ, ଲୁଣର ଏ ସାଂସାରିକ ଜଞ୍ଜାଳ ଭିତରେ ଥାଇ ମଧ୍ୟ ବ୍ୟକ୍ତି-ବିଶ୍ୱର ଊର୍ଦ୍ଧ୍ୱରେ ନିଜର ସତ୍ତାକୁ ହଜେଇ ଦେବାର କ୍ଷମତା ବା ପ୍ରତିଭା ତାଙ୍କୁ ଅନନ୍ୟ କରି ଗଢ଼ି ତୋଳିଛି । 'ବାପା' କହିଲେ ଆମମାନଙ୍କ ପାଇଁ ଥିଲେ ହସଖୁସିର ଉତ୍ସ, ଅସରନ୍ତି ଜ୍ଞାନର ଭଣ୍ଡାର, ସହୃଦୟତା, ଭଲପାଇବା, ଶାନ୍ତି ଓ ଭାଇଚାରାର ଦିଗ୍‌ଦର୍ଶକ । 'ବାପା' ବୋଲି କେବେ ଠାରୁ ଡାକିଲି ମନେ ନାହିଁ । କିନ୍ତୁ ବାପା ଯେ ଏ ପୃଥିବୀର ମାୟା-ମୋହ ଛାଡ଼ି ଚାଲି ଯାଇଛନ୍ତି, ସେକଥା ମୋ ମନ କେବେ ହେଁ ସ୍ୱୀକାର କରିପାରୁ ନାହିଁ । ପୃଥିବୀକୁ, ମଣିଷକୁ, ସମାଜକୁ



ପ୍ରାଚୀତାରା



ସହିତ ଗୋଟେ ଥାଳିରେ ଖାଇବା ପାଇଁ ଆମେ ସବୁ ଭାଇ-ଭଉଣୀ ଇଚ୍ଛୁକ ହେଉ । ତେଣୁ ଛୁଟିଦିନରେ ମଧ୍ୟ ସାଙ୍ଗରେ ଖାଇବାକୁ ଭଲ ଲାଗେ । ଅନ୍ୟ ସାଙ୍ଗସାଥୀମାନେ ନିଜ ନିଜର ବାପାଙ୍କ ଠାରୁ ଭୟଭୀତ ହୋଇ ରହୁଥିବା ବେଳେ ଆମ ଘରେ ଠିକ୍ ଓଲଟା । ବାପା ଆସିଲେ ଘର ଭରପୂର୍ ମନେହୁଏ । ଆଉ କିଛି ଥାଉ କି ନଥାଉ, ଗୋଟେ ମନଖୋଲା ଗପ, ହସଖୁସି ଓ ଖାଇବା-ପିଇବା ହିଁ ଆମର ଆନନ୍ଦ । କଟକସ୍ଥିତ ଦର୍ଜିସାହି ବସାରେ ସବୁ ସ୍ମୃତି ଯୋଡ଼ି ହୋଇ ରହିଛି । ସମସ୍ତ ବନ୍ଧୁ-ବାନ୍ଧବ କଟକ ଆସିଲେ ଆମ ଘରେ ରହିକି ଯାଆନ୍ତି । ଏପରିକି ସେମାନେ ମଧ୍ୟ ବାପାଙ୍କର ଏପରି ଖୁସ୍‌ମିଜାଜ୍ ମନୋଭାବକୁ ମନେ



ଭଲ ପାଉଥିବା ମଣିଷ ଯେତେ ଅନ୍ତର୍ଜ୍ୱାଳା ହେଲେ ମଧ୍ୟ ପ୍ରକୃତ ସଂସାର, କବିତା ଆଦିକୁ ଛାଡ଼ି ତ କେବେ ହେଁ ଯାଇ ପାରେନା ।

ମୋ ଜୀବନରୁ ସିଦ୍ଧାର୍ଥ ନାମର ଶିଖା ଲିଭିଗଲା ପରେ, ଅନ୍ଧକାରରେ ଆଉଟୁ ପାଉଟୁ ହେଉଥିବା ସମୟରେ ବାପା ଯେଉଁ ସାନ୍ତ୍ୱନା ଦେଇଥିଲେ ତାକୁ ହିଁ ପାଥେୟ କରି ମୁଁ ଆଗେଇ ଚାଲିଛି । "ଧୈର୍ଯ୍ୟ ଧରି ରହିଥା । ତୁ ପାରିବୁ, ତୁ ନ ପାରିଲେ ଆଉ କିଏ ବା ପାରିବ !" ପ୍ରଥମକରି 'ଦି ନିଉ ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ଚାକିରି କରିବା ସମୟରେ ଅନେକେ ମତେ ଏହି ଚାକିରି ମୋ ପକ୍ଷେ କଷ୍ଟସାଧ୍ୟ ବୋଲି ଉପଦେଶ ଦେବା ସମୟରେ ବାପା ହିଁ କହିଥିଲେ : "ଥରେ କାମ ଆରମ୍ଭ କଲେ, ସବୁ ଠିକ୍ ହେଇଯିବ ।" ମତେ ଲାଗେ ବୀରାଙ୍ଗନା ସାଜିବାର ଏ ଶିକ୍ଷା ପିଲାଟି ବେଳୁ ହିଁ ପାଇଛି ମୁଁ । ଆଉ ଏ ଶିକ୍ଷା 'ମୋ ବାପା' ଛଡ଼ା ଆଉ କିଏ ଦେଇ ପାରିବେ ! ଜୀବନଯାତ୍ରାର ବନ୍ଧୁର ପଥରେ ସବୁ ବାଧାବିଘ୍ନକୁ କିପରି ଅତିକ୍ରାନ୍ତ କରିହୁଏ, ଆଉ ଏସବୁ ସତ୍ତ୍ୱେ ଜୀବନ ଯେ ଆନନ୍ଦମୟ ମନେ ହୋଇପାରେ, ତାହା ବି ମୁଁ ବାପାଙ୍କ ଠାରୁ ହିଁ ଶିଖିଛି ।

ସ୍କୁଲ୍‌ରେ ପଢୁଥିବା ସମୟରେ ବାପା ଅଫିସ୍‌ରୁ ଫେରିବା ପରେ ତାଙ୍କ

## ଅସ୍ଫୁଟ ବେଦନାର ଦିକ୍‌ଦିକ୍ ତାରା

ତୁମେ ଏବେ କେଉଁଠି ଅଛ ସମୁଦି ? ଦୀର୍ଘ ସାଢ଼େ ଚାରିଦଶକର ଆହ୍ଲାଦପଣ ତୁଟେଇ, ଉଚ୍ଚକିତ ହସର ଫୁଆରାକୁ ନିଷ୍କର୍ମ କରି କାହା କାନ୍ଧରେ ଲାଉ ହୋଇ ଚାଲିଗଲ କୁଆଡ଼େ ! 'ରସମୟ ବ୍ରହ୍ମାଣ୍ଡର ପୁଲକ'ରେ ତୁମ ଦେହରେ ସବୁବେଳେ ଲାଖି ରହିଥିଲା 'ଅସ୍ଥିର ରୋମାଞ୍ଚ' । ତୁମେ କହୁଥିଲ- "କବିତା ମଧ୍ୟେ ଶତବାର ଲଭିଛି ଜନମ ।" ତମର ଶେଷ କବିତା ତ ଏବେବି ଅସଂପୂର୍ଣ୍ଣ । ତମ ପାଇଁ କାବ୍ୟକର୍ମ ଥିଲା ଗୋଟାଏ ଧର୍ମାନୁଷ୍ଠାନ ବା ପବିତ୍ର କ୍ରିୟା । କେତେ ପୁଣ୍ୟ ଅର୍ଜିଗଲ ସତେ ! ତୁମ କବିତାର ପ୍ରତିଟି ଅକ୍ଷର କିଭଳି ପ୍ରାଣବନ୍ତ ଥିଲା, କିଭଳି ଥିଲା ତା'ର ମାଦକତା ! ଶବ୍ଦଗୁଡ଼ିକ ପାଲଟି ଯାଉଥିଲେ ଶକ୍ତି ସରସ୍ୱତୀ ଭଳି । ଦୁନିଆର ସବୁକିଛି ତୁମକୁ ଏତେ ଭଲ ଲାଗୁଥିଲା କେମିତି ? ବାଙ୍ଗରା ମଣିଷଟି ଟାଣ ଖରାରେ, କି ମାୟା ଶ୍ରାବଣରେ କେବେ ଥମି ଯାଇନି । ତମେ ଥିଲ 'ବାତୁଳ ଖରାର ବାଟୋଇ', ତମ ଶୂନ୍ୟ ଇଲାକାରେ 'ଜହ୍ନ ଥିଲା ଶୂନ୍ୟର କଣ୍ଢେଇ' । ତମେ ଥିଲ 'ରୋଗ ପ୍ରତି ଉଦାସୀନ' ମରଣ-ନିର୍ଭୟ ଏକ ରୋଗାକ୍ରାନ୍ତ ଶିଳ୍ପୀ । ଆଉ କେତେ ଆସ୍ଥା ରଖିଥିଲ ଯେ ତମର ଶିଳ୍ପ ଆଉ ଜଗନ୍ନାଥଙ୍କର ଅନୁକମ୍ପା ନରକରୁ ବୈକୁଣ୍ଠ ଯାଏ ବ୍ୟାପକ ତଫାତ୍‌କୁ କେବଳ ପୂର୍ଣ୍ଣ କରିପାରେ ବୋଲି । ଅଦ୍ଭୁତ ଖିଆଲ ଥିଲା ତୁମର, ଛାତିତଳ ଥିଲା ଖୋଲା, ସଫା, ଅଭିମାନ ନଥିଲା । ରାଗିବାଟା ବେଳେବେଳେ ପୁରୁଷପଣିଆ ହୁଏ, ଏ କଥା ଭୁଲି ଯାଇଥିଲ ସାରାଜୀବନ ।

'ଧର୍ମପଦର ଶେଷ ସଙ୍ଗୀତ'ରେ ତୁମେ ଯୁଗ୍ମ ସ୍ୱରରେ ଗାଇ ଉଠିଥିଲ-

"ଏ ଅଖଣ୍ଡ ସିନ୍ଧୁତଳେ ବିନ୍ଦୁଟିଏ ପରି ମୁଁ ମାତର
ହଜିଯିବି ସିନା, ବିରାଜିବି ତାହା ହୋଇ ଉଜ୍ଜ୍ୱଳାଇ
ସମୟର ଅସୀମ କପୋଳ ।"

ଆଉ ବି କହିଥିଲ, "ମୋତେ ଏକେଲା ପୋଡ଼ି ହେବାକୁ ଦିଅ
ମୋତେ ହେବାକୁ ଦିଅ
ତୁମମାନଙ୍କ ଆକାଶର
ଗୋଟିଏ ଗୋଟିଏ ଅସ୍ଫୁଟ ବେଦନାର
ଦିକ୍‌ଦିକ୍ ତାରା ।"

ହେ ଆମ ଅସ୍ଥିର ଅସ୍ଫୁଟ ବେଦନାର ଉର୍ଜ୍ଜ୍ୱସ୍ୱଳ ସ୍ୱର୍ଣ୍ଣାଭ । ସାରା ଆକାଶ ତମକୁ ପ୍ରତୀକ୍ଷା କରିଛି । ତମ କଥା ତମେ ରଖିଛି- "ମୁଁ ନରକର କୀଟ ହେବି ବରଂ ମୋର ଦିନ ଶେଷ ହେଉ ଶୀତଦିନେ ପିକା ଟାଣୁଟାଣୁ ।" ସେଇଆ ହେଲା । ଶୀତର କୋମଳ ସନ୍ଧ୍ୟାରେ ଆମ ହଳଦୀବସନ୍ତଟି ଉଡ଼ି ଚାଲିଗଲା, ଆଉ କହି କହି ଗଲା- "ତୁମେ ସବୁ ଏଇଠାରେ କାନ୍ଦୁଥାଅ, ମୁଁ ଫେରିବା ଯାଏଁ ।" ତମେ କ'ଣ ରାତିରେ ଫେରି ଆସିବ ବ୍ୟାକୁଳ ପ୍ରାଣରେ ସହସ୍ର ଘଣ୍ଟା ବଜେଇ ଏକ ଆଶ୍ଚର୍ଯ୍ୟ ବସନ୍ତ ପରି ? ବିଶ୍ୱାସ ହୁଏନାରେ ସନାତନ, କିଛି ନ ମିଳିବାର ରାତିସର୍ବସ୍ୱ, ପ୍ରୀତିସର୍ବସ୍ୱ କାବ୍ୟପୁରୁଷ ସମୁଦି ପ୍ରସନ୍ନ !

**ରାଜକିଶୋର ମିଶ୍ର**
ଆଇଆର୍‌ସି ଭିଲେଜ, ଭୁବନେଶ୍ୱର

## ପ୍ରସନ୍ନ ମିଶ୍ର ଥିଲେ ସ୍ୱାଭିମାନୀ କବି

ପ୍ରସନ୍ନବାବୁ ଥିଲେ ଜଣେ ପ୍ରଚଣ୍ଡ ସ୍ୱାଭିମାନୀ ସାହିତ୍ୟିକ । କୌଣସି ସାହିତ୍ୟିକ ଅନୁଗ୍ରହ ପାଇଁ ସେ କେଉଁଠି ବି ମୁଣ୍ଡ ନୁଆଁଇ ନାହାଁନ୍ତି । ଅବିରାମ ଲେଖନୀ ଚାଳନା କରି ସେ ସୃଷ୍ଟି କରିଛନ୍ତି କବିତା, ଗଳ୍ପ, ଉପନ୍ୟାସ, ନାଟକ, ଶିଶୁ ସାହିତ୍ୟ, ଗବେଷଣାତ୍ମକ ପ୍ରବନ୍ଧ ଇତ୍ୟାଦି । 'ଶିଶୁଲେଖା'ର ସମ୍ପାଦନା କରିବା ସମୟରେ ସେ ଏହି ପତ୍ରିକାକୁ ନୂତନ ଦିଗ ଦେଇଥିଲେ । କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ନିୟୋଜିତ ହୋଇ ସେ ଓଡ଼ିଆ ଲୋକସାହିତ୍ୟ ଉପରେ ଏକ ଗବେଷଣା ଗ୍ରନ୍ଥ ରଚନା କରିଥିଲେ । ତାଙ୍କର 'ଅସୁର' ଓ 'ବଡ଼ିପାଣିର ଦାନ୍ତ' ଭଳି ଉପନ୍ୟାସ ଓଡ଼ିଆ ସାହିତ୍ୟକୁ ଦେଇଥିଲା ନୂତନତାର ଆଭାସ । ତାଙ୍କର ପ୍ରତ୍ୟେକ କବିତା ସଂକଳନ ଗୋଟିଏ ଗୋଟିଏ ଅନବଦ୍ୟ ସୃଷ୍ଟି । 'ଟ୍ରକ୍ ଡାଲାରେ ସନାତନ' ଓ 'ମନିକାର ପ୍ରିୟ' କବିତା ପୁସ୍ତକ ଦ୍ୱୟ ତାଙ୍କୁ କାବ୍ୟିକ ସଫଳତାର ଶୀର୍ଷରେ ପହଞ୍ଚାଇ ଦେଇଥିଲା । ଏହା କେବଳ ଓଡ଼ିଆ ପାଠକ/ପାଠିକାଙ୍କ ଭିତରେ ବିପୁଳ ଜନପ୍ରିୟତା ଅର୍ଜନ କରିଥିଲା, ସେତିକି ନୁହେଁ, ପରବର୍ତ୍ତୀ ପିଢ଼ିର କବିମାନଙ୍କୁ ଏହି ଭାବଭୂମି ଉପରେ କବିତା ରଚନା ପାଇଁ ପ୍ରେରଣା ଯୋଗାଇଥିଲା ।

**କବି ଆଶୁତୋଷ ପରିଡ଼ା** , ପ୍ରତ୍ୟୟ, ୧୩୬୪-ଶାସ୍ତ୍ରୀ ନଗର, ଭୁବନେଶ୍ୱର

## ସେ ଥିଲେ ସିଦ୍ଧ ତପସ୍ୱୀ

ମାଟିର ମୋହ ଏଡ଼ି କୁଆଡ଼େ ହଜିଯିବାର ମଣିଷ ନୁହଁନ୍ତି କବି ପ୍ରସନ୍ନ କୁମାର ମିଶ୍ର । ତାଙ୍କର ବଲାଙ୍ଗୀର ରହଣିକାଳର ଆତ୍ମୀୟ ଅନ୍ତରଙ୍ଗ ଭାବାନୁଭବର ବର୍ଣ୍ଣାଢ଼୍ୟ ଗ୍ରାଫିକ୍ ଛବି କେତେ ବର୍ଣ୍ଣବିଭାବିମଣ୍ଡିତ ହେଇ ରହିଛି ତାଙ୍କର ଅନେକ କବିତାରେ । ପାଣିଗ୍ରାହୀ କଲୋନୀର ବସାଘର । ଝରକା ଦେଇ ବିରାଟ ସରୋବର, ପୃଷ୍ଠଭୂମିରେ ହାତୀମୁଣ୍ଡିଆ ପାହାଡ଼, ସାମ୍ନାରେ ବିରାଟ ରକ୍ତପଳାଶ ଶୋଭା ପ୍ରାନ୍ତର । ସେତେବେଳର ଭାବକଳ୍ପର ସମ୍ମୋହିତ ରଚନା 'ବସନ୍ତର ସ୍କେଚ୍' । ମୁଁ ତା'ର ହିନ୍ଦୀ କାବ୍ୟାନ୍ତରଣ କରିଥିଲି । ଭାବବିଦଗ୍ଧ ଭାଇ ପ୍ରୋ. ରାଜକିଶୋର ମିଶ୍ର  ତା'ର ଇଂରାଜୀ ରୂପାନ୍ତରକାର । ସେ କାଳ ଓ ଆମମାନଙ୍କ ସକାଶେ ବଲାଙ୍ଗୀରର ସମକାଳୀନ ସାରସ୍ୱତ ସୁବର୍ଣ୍ଣ ଯୁଗ । ଅବସ୍ଥାପିତ ସମସ୍ତେ ଓ ଭାବାମୋଦୀ ସର୍ଜନାପ୍ରେମୀ କତିପୟ ସାହିତ୍ୟପ୍ରେମୀ ଯୁବକ ସତରେ ଯେମିତି ଭାବସମ୍ବନ୍ଧୀୟ ଅଭିନ୍ନ ଏକ ପରିବାରର ସଦସ୍ୟ । ଯୁଗ୍ମ କବି ମେଳର ସର୍ଜନ 'ବିଫଳତା ସପକ୍ଷରେ' ତ ବିଶ୍ୱସାହିତ୍ୟରେ ଏକମାତ୍ର ଦୃଷ୍ଟାନ୍ତ । ପ୍ରସନ୍ନ ବାବୁଙ୍କର 'ମିଥ୍'ର ଗବେଷଣା ଉନ୍ମେଷଭୂମି ବଲାଙ୍ଗୀର । 'ଷଷ୍ଠ ମହଲାର ସ୍ତ୍ରୀଲୋକ' ହିନ୍ଦୀରେ କାବ୍ୟାନ୍ତରିତ ହୋଇ ସାରିଛି । ଭାବଭୋଳା ମନ ଅନନ୍ତ ଆକାଶରେ ଉଡ଼ି ବୁଲିବାକୁ ଅପ୍ରତିମ ବ୍ୟାପ୍ତିର ସମୀପତା ହେତୁ ଆତୁର, ଅତଳ ସାଗରରେ ବୁଡ଼ି ମୁକ୍ତାର ନିକଟତର ଲୋଭରେ ଅଧିର ସିନା ଦେହ ବେଳେବେଳେ ବାରଣ କରିବା ସ୍ୱାଭାବିକ । ଆତ୍ମାର ସିନା ବୟସ ନାହିଁ, ଲିଙ୍ଗ ନାହିଁ, ଦେହର ଆୟୁଷ୍କାଳ ତ ସୀମିତ, ନିର୍ଦ୍ଧାରିତ ।

ଚାନ୍ଦିନୀଚୌକ ଦର୍ଜୀସାହି ମହିମାମନ୍ଦିର ସାମ୍ନା ବସାଘରକୁ ଆସିବା ପରେ ପରେ ବିଷୁବ ଅବସରରେ ପ୍ରଜାତନ୍ତ୍ର ପରିସରରେ ସାରା ଓଡ଼ିଶାର ଭାବମୟ କୁମ୍ଭମେଳାରେ ମୋତେ ଓ ଶ୍ରୀମତୀଙ୍କୁ ଦେଖି ଦେଇ ବନ୍ୟାପ୍ଲୁତା ଉଚ୍ଛୁଳା ନଈ ପରି ଉଚ୍ଛଳ ହସରେ ଆମକୁ ସ୍ୱାଗତ କରି ପଚାରିବେ, "କେବେ ଆସିଲେ, କୋଉଠି ଅଛନ୍ତି ?" ଆଉ ଆମ ଠୁଁ ଉତ୍ତର ଶୁଣିଲା ଆଗରୁ କହିବେ, "ଏଇ ପାଖରେ ମୋ ବସା, ସେଠି ରହିବେ ନା ! କେତେ ଦୁଃଖ-ସୁଖ ହୋଇପାରନ୍ତା !" ଚାନ୍ଦିନୀଚୌକ ବସ୍‌ଷ୍ଟାଣ୍ଡରୁ ଧାପେ ବାଟ । ସେଇ ଅନୁସାରେ ଭଡ଼ା ବି ଅଧିକ ହୋଇଥିବ । ମାତ୍ର ଅତିଥି ଆସିବେ, ସେମାନେ ରହିବେ, ସତ୍କୃତ ହେବେ, ଭାବର ଆଦାନପ୍ରଦାନ ହେବ...ସେଇ ବିଚାରାତୁର ମଣିଷର ଅମିତ୍ର ଭୂମି ସୂଚ୍ୟଗ୍ରପ୍ରମାଣେ ବି ନଥିଲା । ଆମେମାନେ ଦୁଇ-ତିନିଥର ସେଇଠି ରହିଛୁ । ଉଭୟେ ଏକ ଯେମିତି ଅର୍ଦ୍ଧନାରୀଶ୍ୱର... ସେପରି ଉଚ୍ଛୁଳା ମନର ଆମ ସମୁଦୁଣୀ । ଏ ସମୁଦିସମୁଦୁଣୀ ସମ୍ବନ୍ଧକୁ ମୋର ବା ଭାଇ ରାଜ କିଶୋର ଔପଚାରିକତାରେ ଦୃଢ଼ କରିଦେଇପାରିଲୁ ନାହିଁ, ଆମର ସନ୍ତାନମାନଙ୍କର ବୟସ ଅମେଳ ହେତୁ । କିନ୍ତୁ ଯାହା ସତ୍ୟ ତାହା ହିଁ ହେଲା । ଭାଇ ସତ୍‌ସାରସ୍ୱତ ପୁରୁଷ ଗଣେଶ୍ୱର ମିଶ୍ରଙ୍କୁ ସମୁଦି ଭାବରେ ପାଇ । ସେହି ପ୍ରସ୍ତାବର ଶେଷସ୍ୱୀକୃତି ଗଣେଶ୍ୱରର ବାଣୀବିହାର ଆବାସରେ ମୁଁ ଓ ଶ୍ରୀମତୀ ପ୍ରସଙ୍ଗ କ୍ରମରେ ପ୍ରସନ୍ନବାବୁଙ୍କୁ ଜଣେଇ ଦେଇଥିଲୁ, ଫୋନରେ... ।

**ଶ୍ରୀନିବାସ ଉଦ୍‌ଗାତା**, ବଲାଙ୍ଗୀର

ପକାନ୍ତି ସବୁବେଳେ ।

ବାପାଙ୍କ କବି-ସତ୍ତା ସମ୍ପର୍କରେ କିଛି ବଖାଣିବାର ଆସ୍ପର୍ଦ୍ଧା କେବେ ହେଁ କରିବି ନାହିଁ । ବାପାଙ୍କ ପାଖକୁ ଆସୁଥିବା ଅନ୍ୟାନ୍ୟ ସାହିତ୍ୟିକମାନଙ୍କର କଥାବାର୍ତ୍ତା ସବୁ ଶୁଣିବାରେ ବେଶ୍ ଖୁସି ଲାଗୁଥିଲା । ପିଲାଟି ବେଳରୁ ହିଁ ଜୀବନାଦର୍ଶ ପ୍ରତି ମନ ଟାଣି ହୋଇ ଯାଉଥିଲା । ସାହିତ୍ୟ ଆଲୋଚନା ଭିତରେ ଭରି ରହିଥିବା ବ୍ୟକ୍ତି-ବିଶେଷ ଓ ଭବିଷ୍ୟତର ସୁଖ-ସମୃଦ୍ଧି ଭରା ସମାଜର ପରିକଳ୍ପନା ଶୁଣି ଶୁଣି ବଡ଼ ହୋଇଛି । କବିତା ତ ଅନେକେ ଲେଖନ୍ତି, କିନ୍ତୁ କବିତାର ମର୍ମକୁ କଣ୍ଠସ୍ୱର ଦେଇ ଶ୍ରୋତାକୁ ଉଦ୍‌ବୁଦ୍ଧ କରିବାର ଆବୃତ୍ତି-କଳା ମୁଁ ବାପାଙ୍କ ଠାରୁ ଶିଖିଛି । ସ୍କୁଲ୍‌ରେ ପଢୁଥିବା ବେଳେ ଅନେକ ଥର କବିତା ଆବୃତ୍ତି ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଛି । ବାପାଙ୍କ କବିତା 'କହେ ହିରୋସୀମା ପକାଅନା ବୋମା'...କବିତାକୁ କେତେଥର ଯେ ଆବୃତ୍ତି ନ କରିଛି, ତା'ର ହିସାବ ନାହିଁ । କେବଳ ସେତିକି ନୁହେଁ ବାପାଙ୍କ ରଚିତ ଶିଶୁ ନାଟକ 'ଆଉ ବୋମା ପଡ଼ିବନି', 'ଯେଉଁମାନେ ପ୍ରଧାନମନ୍ତ୍ରୀ ହେବେ' ଆଦି ନାଟକରେ ଉଭୟ  ମଞ୍ଚ ଓ ଦୂରଦର୍ଶନରେ ଅଭିନୟ ମଧ୍ୟ କରିଛି । ଏପରିକି ଶୈଳବାଳା ମହିଳା ମହାବିଦ୍ୟାଳୟରେ ପାଠ୍ୟରତ ସମୟରେ ବାପାଙ୍କ ନାଟକ 'ଗୋଟିଏ ଛଣମୂର୍ତ୍ତିକୁ ନେଇ'ରେ ଶ୍ରେଷ୍ଠ ନିର୍ଦ୍ଦେଶନା ଓ ଅଭିନୟ ପାଇଁ ପୁରସ୍କୃତ ହୋଇଥିଲା । ଅଭିନୟର କଳା ବାପାଙ୍କ ଠାରୁ ପାଇଛି । ନିଜେ ଲେଖିଥିବା ନାଟକକୁ ମଞ୍ଚସ୍ଥ କରିବାରେ ସେ ଖୁବ୍ ଆନନ୍ଦିତ ହେଉଥିଲେ ।

ଅସୁସ୍ଥତା ବଢ଼ିଯିବା ହେତୁ ଆପୋଲୋ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଥିବା ସମୟରେ ମଧ୍ୟ ବାପା ଜୀବନ ଜିଇଁବାର ଆଶା ହାରି ନଥଲେ । ପ୍ରଥମ ଥର ପାଇଁ ଯେତେବେଳେ ଆଇସିୟୁରୁ ରୁମ୍‌କୁ ଯିବାର ଅନୁମତି ଡାକ୍ତର ଦେଲେ, ଚା' କପ୍‌ରେ ମୁହଁ ଲଗାଇ ପିଇବାକୁ ଇଚ୍ଛା କରିଥିଲେ । କିଡ୍‌ନି କାମ କରୁନଥିବା ହେତୁ ଦିନେ ଛଡ଼ା ଦିନେ ଡାଇଲୋସିସ୍ ହେଉଥିଲା । କିନ୍ତୁ ପରେ ପୁଣି ଦେହ ଅଧିକ ଖରାପ ହେବା ଯୋଗୁ ଆଇସିୟୁରେ ଭର୍ତ୍ତି ହେଲେ । ଆଉ ଶରୀରର ଅସୁସ୍ଥତା ସହ ସଂଘର୍ଷ କରି ନପାରି ୨୦୧୪ ମସିହା ଫେବୃଆରୀ ମାସ ୧୩ ତାରିଖ ଦିନ ଏ ପୃଥିବୀରୁ ବିଦାୟ ନେଇଗଲେ ବାପା ।


ବାପା ଚାଲିଗଲା ପରେ ପ୍ରତିଦିନ ରାତିରେ ସେହି ରାସ୍ତା ଦେଇ ଅଫିସ୍‌ରୁ ଫେରିବା ସମୟରେ ଆପୋଲୋ ହସ୍‌ପିଟାଲ୍ ପାଖ ପହଞ୍ଚିଲା କ୍ଷଣି ହୃଦୟ ବିଦାରି କୋହ ଜକେଇ ଆସେ । "ବାପା, ତମେ ଏମିତି କେମିତି ଚାଲିଗଲ ? କେତେ କଥା ରହିଯାଇଛି ବାକି । କିଏ ମତେ ଉପଦେଶ, ଉତ୍ସାହ ଯୋଗାଇବ?" ଏକଥା ସବୁବେଳେ ମୋ ମନକୁ ଆସେ । ଜୀବନ ଚାଲିଛି ଆଉ ଚାଲୁ ରହିବ । କିନ୍ତୁ ବାପାଙ୍କ କବିତା, ନାଟକ, ତଥା ଉପନ୍ୟାସ ସବୁକୁ ନେଇ କିଛି କିଛି କାମ କରିବାର ଯେଉଁ ଇଚ୍ଛା ରହିଛି, ତାକୁ ସଂପୂର୍ଣ୍ଣ କରି ପାରିଲେ ବାପା ନିଶ୍ଚିତ ଖୁସି ହେବେ ।

ଭୁବନେଶ୍ୱର

ଫୋନ : ୮୨୮୦୧୬୬୩୫୯

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଫର୍ଦ୍ଦା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।



॥ ଭାଗ-୬ ॥

# ପୁଣି କାଳିଆ ଲେଉଟିଲା



**ନେତାଜୀ ଅଭିନନ୍ଦନ**

ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

କାଳିଆ ସବୁ ଦେଖୁଥିଲା,
ଖାଁ ଖାଁ ଓଡ଼ିଶା, ଖାଁ ଖାଁ ଜନଜୀବନ ।
ଶାସନ ଗାଦିରେ ବସୁଥିଲେ ଜଣଙ୍କ ପରେ ଜଣେ ଖାଁ ।
କେତେବେଳେ ଆଫ୍‌ଗାନ୍ ତ କେତେବେଳେ ମୋଗଲ୍ ।
ଜଣଙ୍କ ତରବାରିରେ ଆଉଜଣଙ୍କ ମୁଣ୍ଡ କଟୁଥିଲା ।

ରକ୍ତ ନଈରେ ବୁଡ଼ ପକଉଥିଲେ କ୍ଷମତା, ଅହଙ୍କାର ଓ ପ୍ରତିସ୍ପର୍ଦ୍ଧା । ବଂଗର ରାଜମହଲରେ ଆଫ୍‌ଗାନ୍ ସେନାପତି ଦାଉଦଙ୍କ ମୃତ୍ୟୁ ପରେ ମୋଗଲ ସେନାପତି ତୋଡ଼ରମଲ୍ଲ ତାଙ୍କ ମୁଣ୍ଡ କାଟି, ଉନ୍ମାଦଙ୍କ ଭଳି ନାଚି ଉଠିଥିଲେ । ଦାଉଦଙ୍କ କଟାମୁଣ୍ଡ ହାତରେ ଧରି ତୋଡ଼ରମଲ୍ଲଙ୍କ ଉନ୍ମାଦ ନୃତ୍ୟର ଦୃଶ୍ୟ ଇତିହାସରେ ଅନ୍ୟତ୍ର ଦେଖିବାକୁ ମିଳେନି । ଦାଉଦ୍‌ର କଟାମୁଣ୍ଡକୁ ଦିଲ୍ଲୀରେ ସମ୍ରାଟ୍ ଆକବରଙ୍କ ପାଖକୁ ପଠାଯାଇଥିଲା ଯୁଦ୍ଧର ସ୍ମାରକୀ ସ୍ୱରୂପ ।

ତୋଡ଼ରମଲ୍ଲଙ୍କ ଏ ଉଲ୍ଲାସ, ଏ ଉନ୍ମାଦନାର କାରଣ କ'ଣ ଥିଲା ?

କିଛି ଐତିହାସିକଙ୍କ ମତରେ, ତୋଡ଼ରମଲ୍ଲ କୁଆଡ଼େ ଓଡ଼ିଶାକୁ ନିଜ ରାଜ୍ୟ ବୋଲି ଭାବୁଥିଲେ । ଏଇଠି କଟିଥିଲା ତାଙ୍କ ଶୈଶବ ଓ କୈଶୋର । ଏଇଠୁ ସେ ଶିଖିଥିଲେ ଫରାସୀ ଭାଷା । ଓଡ଼ିଶା ସ୍ୱାର୍ଥରେ ସାମାନ୍ୟତମ ଆଞ୍ଚ ଆସିବାକୁ ସେ ବରଦାସ୍ତ କରିପାରୁନଥିଲେ ।

ତୋଡ଼ରମଲ୍ଲ ଓଡ଼ିଆ ହୋଇନଥିଲେ ମଧ, ଓଡ଼ିଶା ତାଙ୍କ ହୃଦୟରେ ଥିଲା । ସେ ଥିଲେ ଓଡ଼ିଶାର ପରମ ବଂଧୁ ଓ ହିତୈଷି ।

ଦାଉଦ୍‌କୁ ହତ୍ୟା କରି ବଂଗ-ଓଡ଼ିଶାରେ ଶାନ୍ତି ସ୍ଥାପନା କଲା ପରେ ଦିଲ୍ଲୀ ଫେରିଯାଇଥିଲେ ତୋଡ଼ରମଲ୍ଲ । ହେଲେ ଶାନ୍ତି ଥିଲା ଏକ ସୁଦୂର ପରାହତ ସ୍ୱପ୍ନ । ଦୂର ଆକାଶର ଜହ୍ନ ଭଳି ।

କେତେବେଳେ ଚକ୍‌ମକ୍ ହୋଇ ଝଲସି ଉଠୁଥିଲା ତ, କେତେବେଳେ କଳା ବାଦଲରେ ଢାଙ୍କି ହୋଇଯାଉଥିଲା ।

୧୫୭୬ରେ ମୋଗଲମାନଙ୍କ ଦ୍ୱାରା ଓଡ଼ିଶାର ଗଭର୍ଣ୍ଣର ରୂପେ ନିଯୁକ୍ତ କିୟା ଖାଁ ମାତ୍ର ତିନିବର୍ଷ ବସିଥିଲେ ଶାସନ ଗାଦିରେ । ଏଇ ତିନିବର୍ଷ ଯାକ ଆଫଗାନ୍‌ଙ୍କର ନିରନ୍ତର ବିଦ୍ରୋହର ମୁକାବିଲା କରି କରି ସେ ନାକେଦମ୍ ହୋଇଯାଇଥିଲେ ।

୧୫୭୯ରେ କିୟା ଖାଁଙ୍କୁ ହତ୍ୟା କରାଗଲା । କିୟା ଖାଁ ପରେ ମାସୁମ୍ ଖାଁ ଓଡ଼ିଶା ଗଭର୍ଣ୍ଣର ଭାବେ ନିଯୁକ୍ତ ହେଲେ ।

ଓଡ଼ିଶା ଏଣିକି ଆଉ ଏକ ସ୍ୱତନ୍ତ୍ର ବା ସ୍ୱାଧୀନ ସାମ୍ରାଜ୍ୟ ନଥିଲା । ମୋଗଲ ସାମ୍ରାଜ୍ୟ ଅନ୍ତର୍ଭୁକ୍ତ ବଂଗଳାର ଏକ ଉପ-ସୁବା ଭାବରେ ସୀମିତ ହୋଇ ରହିଯାଇଥିଲା ଓଡ଼ିଶାର ପରିଚୟ ।

ବଂଗଳାର ମୁସଲମାନ ଓ ବଂଗାଳୀ ଅମଲା, ଅଫିସର ଓ ସେନାପତିମାନେ ହେଲେ ଓଡ଼ିଶାର ହର୍ତ୍ତା-କର୍ତ୍ତା । ସେଇମାନଙ୍କ ହାତରେ ରହିଲା ଆମ ଶାସନର ଚାବିକାଠି । ମୋଗଲ ଦରବାରର ଭାଷା ପାର୍ସି ମଧ୍ୟ ହେଲା ଆମ ଶାସନ-ପ୍ରଶାସନର ଭାଷା । ଓଡ଼ିଆଏ ଖାସା ହଇରାଣ ହରକତ ହେଲେ । ହେଲେ, ଏଣିକି ଆଉ ଯୁ ନଥିଲା, ମୁଣ୍ଡପାତି ସବୁକିଛି ସହିନେବା ଛଡ଼ା ।

ଲାଞ୍ଛନା ଓ ଦୁର୍ଦ୍ଦଶାର ପର୍ବ ତ ଏଇ ମାତ୍ର ଆରମ୍ଭ ହୋଇଥିଲା !

ରକ୍ତ ନଈରେ ବୁଡ଼ ପକଉଥିଲେ କ୍ଷମତା, ଅହଙ୍କାର ଓ ପ୍ରତିସ୍ପର୍ଦ୍ଧା । ବଂଗର ରାଜମହଲରେ ଆଫ୍‌ଗାନ୍ ସେନାପତି ଦାଉଦଙ୍କ ମୃତ୍ୟୁ ପରେ ମୋଗଲ ସେନାପତି ତୋଡ଼ରମଲ୍ଲ ତାଙ୍କ ମୁଣ୍ଡ କାଟି, ଉନ୍ମାଦଙ୍କ ଭଳି ନାଚି ଉଠିଥିଲେ । ଦାଉଦଙ୍କ କଟାମୁଣ୍ଡ ହାତରେ ଧରି ତୋଡ଼ରମଲ୍ଲଙ୍କ ଉନ୍ମାଦ ନୃତ୍ୟର ଦୃଶ୍ୟ ଇତିହାସରେ ଅନ୍ୟତ୍ର ଦେଖିବାକୁ ମିଳେନି । ଦାଉଦ୍‌ର କଟାମୁଣ୍ଡକୁ ଦିଲ୍ଲୀରେ ସମ୍ରାଟ୍ ଆକବରଙ୍କ ପାଖକୁ ପଠାଯାଇଥିଲା ଯୁଦ୍ଧର ସ୍ମାରକୀ ସ୍ୱରୂପ ।



୧୫୮୨ରେ ତୋଡ଼ରମଲ୍ଲଙ୍କ ଦ୍ୱାରା ପ୍ରସ୍ତୁତ ଜମିଜମା ବନ୍ଦୋବସ୍ତ ଓଡ଼ିଶାରେ ପ୍ରଚଳିତ ହେଲା । ନୂଆ ବନ୍ଦୋବସ୍ତ ଅନୁଯାୟୀ ଓଡ଼ିଶାକୁ ପାଞ୍ଚଟି ସରକାରରେ ବିଭକ୍ତ କରାଗଲା - (୧) ଜଳେଶ୍ୱର, (୨) ଭଦ୍ରକ, (୩) କଟକ, (୪) କଳିଙ୍ଗ ଦଣ୍ଡପାଟ, (୫) ରାଜମହେନ୍ଦ୍ରୀ । ଶେଷ ଦୁଇଟି କେବଳ ନାଁକୁ ମାତ୍ର ମୋଗଲ ଶାସନରେ ଥିଲେ । କାରଣ ୧୫୭୧ରେ ଗୋଲକୁଣ୍ଡା ସୁଲତାନ ଇବ୍ରାହିମ୍ କୁତୁବ ଏହି ଦୁଇ ଅଂଚଳକୁ ନିଜ ରାଜ୍ୟରେ ମିଶେଇ ଦେଇଥିଲେ । ବସ୍ତୁତଃ ମୋଗଲ ଅଧୀନରେ ଓଡ଼ିଶାର ସୀମା ଦକ୍ଷିଣରେ ଚିଲିକା ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

ଯଦିଓ ଶାସନର ବର୍ଗୀକରଣ କରାଗଲା, ରାଜସ୍ୱ ଆଦାୟ ଓ ବ୍ୟବସ୍ଥାରେ କୌଣସି ପରିବର୍ତ୍ତନ ହୋଇନଥିଲା ।

ମୋଗଲମାନେ କେବଳ ଉପକୂଳର ଉର୍ବର ସମତଳ ଅଞ୍ଚଳକୁ ଶାସନ କରୁଥିଲେ ଏବଂ ସେଇଠୁ ରାଜସ୍ୱ ଆଦାୟ କରୁଥିଲେ । ମୋଗଲଙ୍କ ପ୍ରତ୍ୟକ୍ଷ ଶାସନାଧୀନ ଏଇ ଅଞ୍ଚଳକୁ କୁହାଯାଉଥିଲା ମୋଗଲବନ୍ଦି । ଗଜପତିଙ୍କ ଅମଳରୁ ରାଜ୍ୟ ଭୋଗ କରୁଥିବା ଗଡ଼ଜାତ ରାଜାଙ୍କ ଶାସନରେ ମୋଗଲମାନେ କୌଣସି ପ୍ରକାରେ ହସ୍ତକ୍ଷେପ କରିନଥିଲେ । ସେମାନେ ସ୍ୱାଧୀନ ଭାବରେ ଶାସନ କରୁଥିଲେ ।

ଏଇ ସମୟରେ ସତେ ଅବା ତାରାଟିଏ ଚିକ୍‌ମିକ୍ କରିଉଠିଲା ଆକାଶରେ ।

ଆଲୁଅ ମ୍ଳାନ ହେଲେ ବି, ଅନ୍ଧାର ହଟିଲା । କିଛି କିଛି ଦେଖାଗଲା ।

ଓଡ଼ିଆ ଅସ୍ମିତାର ପତ୍ର କଅଁଳିଲା, ତିନି ଓଡ଼ିଆ ବୀରଙ୍କ ଐକାନ୍ତିକ ପ୍ରଚେଷ୍ଟାରେ । ଏଇ ଓଡ଼ିଆ ବୀରମାନେ ଥିଲେ - ବାଘ ପାତ୍ର, ସରଣୀ ପାତ୍ର ଓ ଝାଡୁ ପରିଡ଼ା । ସୁଦକ୍ଷ ଖଣ୍ଡାୟତ ଯୋଦ୍ଧା ଓ ଅଶ୍ୱାରୋହୀ ।

ଏଇ ତିନିଜଣ ଆରମ୍ଭ କଲେ ଦୁଃସାହସିକ ଅଭିଯାନ ଖୋର୍ଦ୍ଧାରେ ସ୍ୱାଧୀନ ରାଜ୍ୟ ସ୍ଥାପନ ପାଇଁ ।

ଭାବି ଦେଖନ୍ତୁ ତ ।

ମାତ୍ର ତିନିଜଣ ! ସଂଖ୍ୟାରେ ତିନି ହେଲେ ମଧ, ସେମାନଙ୍କ ଉଚ୍ଛ୍ୱାସ ଓ ଉତ୍ସାହର ଅନ୍ତ ନଥିଲା, କାଳିଆ ପୁଣି ଶାସନକୁ ଫେରିବ, ତା' ନେତୃତ୍ୱରେ ନୂଆ ଗଜପତି ଖୋର୍ଦ୍ଧା ରାଜଗାଦିରେ ବସିବେ !

ଘୋଡ଼ା ଛୁଟିଲା ଚଉଦିଗ ।

ଖଣ୍ଡାୟତ ଗଡ଼ନାୟକ ଓ ଛୋଟ ଛୋଟ ସାମନ୍ତ ରାଜାମାନଙ୍କ ସହ ସଂପର୍କ କରାଗଲା । ଶେଷରେ ସହମତି ହେଲା ।

୧୫୭୧ରେ ଜନାର୍ଦ୍ଦନ ବିଦ୍ୟାଧରଙ୍କ ବଡ଼ପୁଅ ରମାଇ ରାଉତରାୟଙ୍କୁ ଓଡ଼ିଶାର ରାଜା ବୋଲି ଘୋଷଣା କରାଗଲା ।

"ତହି ଉତ୍ତାରୁ ଦକ୍ଷିଣ ଦିଗ ଖଣ୍ଡାଇତେ ରାମଚନ୍ଦ୍ର ରାଉତରାୟ ମହାପାତ୍ରଙ୍କୁ ରାଜା କଲେ । ସେ ତିନି ବର୍ଷ ପର୍ଯ୍ୟନ୍ତ ଗୋଟମାଗଡ଼ରେ ରହିଲେ । ସେଠାରେ ତାଙ୍କୁ ଜଣେ ଖଣ୍ଡାଇତ ମଲ୍ଲ ଖାଫରକୁ ଧରି ଦେବାର ଶୁଣି ସେ ଖଣ୍ଡାଇତକୁ ମାରି ଓଡ଼ିଶା ରାଜ୍ୟକୁ ପଳାଇଗଲେ । ତାକୁ ସେଠାରେ ତିନିଲୋକ ସେବା କରିଥିଲେ । କୋକଳ ବାପୁ ପାତ୍ର ଏ ଦାନ ପାତ୍ରର ଭାଇ ଅଟେ । ଘୋଡ଼ାଡ଼ିଆଁ ଝାଡୁ ପରିଡ଼ା ଓ ମଲ୍ଲୀ ପଡ଼ା ସରଣୀ ପାତ୍ର । ଏ ଉତ୍ତାରୁ ରାଜାଙ୍କ ଗହଣରେ ତେରଜଣ ସବାର ଥିଲେ ।" (ଚକଡ଼ା ପୋଥି - ପୃ. ୬)

ରମାଇ ରାମଚନ୍ଦ୍ର ଦେବ ନାମ ଧାରଣ କରି ଖୋର୍ଦ୍ଧା ଶାସନ ଗାଦିରେ ବସିଲେ । ଏ ଶାସନର ମୁଖ୍ୟ ଆଧାର ସ୍ତମ୍ଭ ଥିଲେ, ସେଇ ତିନି ମୁଖ୍ୟ ଉଦ୍ୟୋକ୍ତା ଯେଉଁମାନେ ଆରମ୍ଭ କରିଥିଲେ ଏ ଅଭିଯାନ - ବାପୁ ପାତ୍ର, ସରଣୀ ପାତ୍ର ଓ ଝାଡୁ ପରିଡ଼ା । ସେମାନଙ୍କ ସକ୍ରିୟ ସହାୟତା ଓ ଆଞ୍ଚଳିକ ଗଡ଼ନାୟକମାନଙ୍କର ସମର୍ଥନରେ ରାମଚନ୍ଦ୍ର ଦକ୍ଷିଣରେ ଚିଲିକା ହ୍ରଦର ଦକ୍ଷିଣ ସୀମା ଓ ପୁରୀର ତଟରେ ଥିବା ଚବିଶକୁଦ ଓ ଓଳାଧାର ଠାରୁ ଆରମ୍ଭ କରି ଉତ୍ତରରେ ଖୋର୍ଦ୍ଧା ଦାଣ୍ଡିମାଳର ଦାରୁଠେଙ୍ଗ ଗଡ଼ ଓ କୋଠ ଦେଶ ସୀମା ପର୍ଯ୍ୟନ୍ତ ବ୍ୟାପିଥିବା ବିସ୍ତୃତ ଅଂଚଳକୁ ନେଇ ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠା କଲେ ।

ସାମନ୍ତ ରାଜା ବୀର ବିକ୍ରମ ସିଂହ ରାମଚନ୍ଦ୍ରଙ୍କୁ ଖୋରଧାପଲ୍ଲୀ ନାମକ ଗାଁ ଦାନରେ ଦେଲେ । ଗାଁର ନୂଆ ନାଁ ଦିଆହେଲା 'ଜଗନ୍ନାଥ କଟକ', ଆଉ ସେଇଠି ବସିଲା ରାମଚନ୍ଦ୍ରଙ୍କର ନୂଆ ରାଜଧାନୀ ।

ଧୀରେ ଧୀରେ ରାଜ୍ୟର ସୀମା ବଢ଼ିଲା, ମାହାଲ ପରେ ମାହଲ ମିଶିଲେ ଖୋର୍ଦ୍ଧା ରାଜ୍ୟରେ । ୧୫୯୨ ସୁଦ୍ଧା ରାମଚନ୍ଦ୍ର ଦେବ ବାଣପୁର ରାଜ୍ୟର ଦକ୍ଷିଣ ସୀମାକୁ ଲାଗିଥିବା ଗଞ୍ଜାମର ଆଠଟି ମାହାଲ - ଘୁମୁସର, ଖଲିକୋଟ, କୋଦଳା, ଆଠଗଡ଼, ଚକିଟି, ମହୁରି, ସେରଗଡ଼, ପାଲୁର, ଟିକିଲି, ରଘୁନାଥପୁର- ଜମିଦାର ମାହାଲ ଗୁଡ଼ିକୁ ନିଜ ଅଧିକାରକୁ ଆଣି ଖୋର୍ଦ୍ଧା ରାଜ୍ୟରେ ମିଶେଇ ସାରିଥିଲେ ଏବଂ ସେଇ ସବୁ ମାହାଲର ଜମିଦାରମାନେ ମଧ ଖୋର୍ଦ୍ଧା ରାଜାଙ୍କର ଜଣେ ଜଣେ ସାମନ୍ତ ରାଜା ଭାବେ ମାନ୍ୟତା ପାଇଥିଲେ ।

## ଫେରିଲେ ଶ୍ରୀଜଗନ୍ନାଥ

୧୫୭୨ରେ ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠା ହେବା ପରେ ରାମଚନ୍ଦ୍ର ହୋଇଗଲେ ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ ।

ହେଲେ, ଏଇଟା ତ ଲକ୍ଷ୍ୟ ନଥିଲା ।

ଲକ୍ଷ୍ୟ ଥିଲା, ଶୂନ୍ୟ ରତ୍ନ ସିଂହାସନ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂର୍ଣ୍ଣ ମର୍ଯ୍ୟାଦାର ସହ ପୁଣିଥରେ ଅଧିଷ୍ଠିତ କରେଇବା ।

ସେଥିରେ ସବୁଠୁ ଅଧିକ ଉତ୍ସାହ ଓ ଉଦ୍ୟମ ଥିଲା ବାଘୁ ପାତ୍ରଙ୍କର ।

କୁଜଙ୍ଗ ଗଡ଼ରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବ୍ରହ୍ମ ଅଣାଗଲା । ରାଜଧାନୀ ଜଗନ୍ନାଥ କଟକରେ ବ୍ରାହ୍ମଣ ଓ ପଣ୍ଡିତମାନଙ୍କ ପରାମର୍ଶକ୍ରମେ ଶାସ୍ତ୍ରୀୟ ବିଧିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଦେବୀଙ୍କର ତିନିଗୋଟି ଦାରୁ ବିଗ୍ରହ ଗଢ଼ା ହେଲା । ହାନ୍ଦୋଳାରେ ବସି ବିଗ୍ରହମାନେ ଗଲେ ଖୋର୍ଦ୍ଧାରୁ ଶ୍ରୀକ୍ଷେତ୍ର ।



ପ୍ରଭୁଙ୍କୁ ପାଇ ପୁରି ଉଠିଲା ଶ୍ରୀମନ୍ଦିରର ରତ୍ନ ସିଂହାସନ । ହୁଳୁହୁଳି, ହରିବୋଲ, ହାଲ୍ଲୋଳରେ ପୁରୁଷୋତ୍ତମ ଉଠିଲା ପଡ଼ିଲା ।

ମହାପ୍ରଭୁ ବସିଲେ ରତ୍ନସିଂହାସନରେ । ଓଡ଼ିଆଙ୍କ ହୃଦୟରେ ପ୍ରାଣ ସଂଚାର ହେଲା । ସାତବର୍ଷ ପରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଦେଖି ଆନନ୍ଦରେ ଝୁମି ଉଠିଲେ ଓଡ଼ିଆଏ ।

ରାତାରାତି ରାମଚନ୍ଦ୍ର ଦେବ ପାଲଟିଗଲେ ଓଡ଼ିଆଙ୍କ ହୃଦୟେଶ୍ୱର । ସାରା ଓଡ଼ିଶାର ଗଜପତି ।

ମାଦଳା ପାଞ୍ଜି ମତେ ଚାରିମାସ ଯାଏଁ ପୁନଃ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥଙ୍କ ପାଖରେ ନିସଙ୍ଖୁଡ଼ି ଭୋଗ କରାଯାଉଥିଲା । ବ୍ରାହ୍ମଣ ପଣ୍ଡିତମାନଙ୍କ ସହ ପରାମର୍ଶ କରି ରାମଚନ୍ଦ୍ର ସଂଖୁଡ଼ି ଭୋଗ ବ୍ୟବସ୍ଥା କରାଇଲେ । ଖେଚୁଡ଼ି ଭୋଗ ଥିବା ମହାପ୍ରସାଦ କୁଡୁଆ ନିଜ କାଖରେ ଧରି ସମସ୍ତ ବ୍ରାହ୍ମଣ ପଣ୍ଡିତ ଓ ସେବକମାନଙ୍କ ସହ ବାଣ୍ଟି ଖାଇଲେ । ସମସ୍ତେ କୁଡୁଆରୁ ମହାପ୍ରସାଦ ନେଇ ଖାଇ ମୁଣ୍ଡରେ ହାତ ବୋଳିଲେ । ସେଇଦିନ ଠାରୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ସେବାରେ ଉଚ୍ଚ ନୀଚ ଜାତିର ଭେଦଭାବ ଆଉ ରହିଲାନି । ରାମଚନ୍ଦ୍ରଙ୍କ ସେବା ଓ ଭକ୍ତିରେ ଖୁସି ହୋଇ ବ୍ରାହ୍ମଣ ସାମନ୍ତମାନେ ତାଙ୍କୁ ଦ୍ୱିତୀ ଇନ୍ଦ୍ରଦ୍ୟୁମ୍ନ ଉପାଧିରେ ଭୂଷିତ କରିଥିଲେ ।

ଯଦିଓ ଓଡ଼ିଶା ନିଜର ସ୍ୱାଧୀନତା ଫେରି ପାଇନଥିଲା, ଖୋର୍ଦ୍ଧା ରାଜ୍ୟ ପ୍ରତିଷ୍ଠା ଏବଂ ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁନଃ ପ୍ରତିଷ୍ଠା ଓଡ଼ିଆମାନଙ୍କ ସୁପ୍ତ ସ୍ୱାଭିମାନ ଓ ଅସ୍ମିତାକୁ ପୁନର୍ଜୀବିତ କରିବାରେ ଯଥେଷ୍ଟ ସହାୟକ




ହୋଇଥିଲା । ଜଗନ୍ନାଥ ସଂସ୍କୃତିର ପୁନରୁଦ୍ଧାର ହେଲା, ମନ୍ଦିରରୁ ଜାତିପ୍ରଥା ହଟିଲା । କେବଳ ସେତିକି ନୁହେଁ, କଳାପାହାଡ଼ ଆକ୍ରମଣ ପରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିଦ୍ୱେଷକୁ ଦୂର କରି ସେମାନଙ୍କ ଭିତରେ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ପାଇଁ ରାମଚନ୍ଦ୍ର ମାଣିକଗଡ଼, ମୁକୁନ୍ଦ ପ୍ରସାଦ ଆଦି ଗଡ଼ରେ ମୁସଲମାନ ଯୋଦ୍ଧାମାନଙ୍କୁ ଦଳବେହେରା ଶାଢ଼ି ପ୍ରଦାନ କରିଥିଲେ ।

ରାମଚନ୍ଦ୍ରଙ୍କ ପୂର୍ବ ପିଢ଼ୀ ଭୋଇ ରାଜବଂଶର ପ୍ରତିଷ୍ଠାତା ଗୋବିନ୍ଦ ବିଦ୍ୟାଧର ଷଡ଼ଯନ୍ତ୍ର ଓ ବିଶ୍ୱାସଘାତକତା କରି ନିଜ ପାଇଁ, ବଂଶ ପାଇଁ ଏବଂ ଓଡ଼ିଶା ପାଇଁ କଳଙ୍କର ଯେଉଁ ଅଧ୍ୟାୟ ଲେଖିଥିଲେ, ରାମଚନ୍ଦ୍ର ଦେବ ନିଜର ଅସାମାନ୍ୟ କୃତି ଓ କୀର୍ତ୍ତି ବଳରେ ଅନେକାଂଶରେ ତାକୁ ପୋଛି ପାରିଥିଲେ ଏବଂ ଇତିହାସରେ ନିଜର ସ୍ଥାନ ସଂରକ୍ଷିତ କରିଥିଲେ ।

## ପୁଣି ଯୁଦ୍ଧର କଳାବାଦଲ

ମୋଗଲମାନେ ଖୋର୍ଦ୍ଧାରେ ରାମଚନ୍ଦ୍ରଙ୍କ ଶାସନକୁ ସ୍ୱୀକୃତି ଦେଇଥିଲେ ଏବଂ ତାଙ୍କ ପାଇଁ କୌଣସି ପ୍ରତିବନ୍ଧକ ସୃଷ୍ଟି କରିନଥିଲେ ।

ବରଂଚ ମୋଗଲମାନେ ରାମଚନ୍ଦ୍ରଙ୍କ ଶାସନରେ ଏକ ପ୍ରକାରେ ସନ୍ତୁଷ୍ଟ ଥିଲେ । ଏପରିକି ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ପୁନଃ ପ୍ରତିଷ୍ଠାପରେ ତୋଡ଼ରମଲ୍ଲ ଆସି ପ୍ରଭୁଙ୍କୁ ଦର୍ଶନ କରିଥିଲେ ।

ସବୁକିଛି ଠିକ୍ ଚାଲିଥିଲା । ହେଲେ, ଆଫଗାନ୍‌ମାନେ ପୁଣି ଏକାଠି ହେଲେ ଓ ମୋଗଲ ଶାସନ ବିରୋଧରେ ବିଦ୍ରୋହ ଡାକରା ଦେଲେ ।

ସର୍ଦ୍ଦାର କାତୁଲ ଖାଁ ଲୋହାନୀଙ୍କ ନେତୃତ୍ୱରେ ୧୫୮୩-୮୪ରେ ଆଫଗାନ୍‌ମାନେ ଯୁଦ୍ଧ ଡାକରା ଦେଲେ ।

ଓଡ଼ିଶାର ଗଭର୍ଣ୍ଣର ଥିବା ସର୍ଦ୍ଦାର ମାସୁମ୍ ଖାଁ ଆଫଗାନ୍ ବିଦ୍ରୋହୀଙ୍କ ସାଙ୍ଗ ମିଶିଗଲେ । କାତୁଲ ଖାଁ ରାମଚନ୍ଦ୍ର ଦେବଙ୍କୁ ପରାଜିତ କରି ପୁରୀ ଅଧିକାର କରିନେଲେ ।

ବିଦ୍ରୋହ ସଫଳ ହେଲାନି ।

ବଂଗର ମୋଗଲ ସୁବେଦାର ଶାହବାଜ ଖାଁ ୧୫୮୩ ନଭେମ୍ବର ମାସରେ ଜମନାଠାରେ ମାସୁମ୍ ଖାଁଙ୍କୁ ଓ ୧୫୮୪ ଜାନୁୟାରୀରେ ମୁଗଲମାରି ଯୁଦ୍ଧ କ୍ଷେତ୍ରରେ କାତୁଲ୍ ଖାଁଙ୍କୁ ପରାସ୍ତ କଲେ ।

ଶେଷରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେଲା । ଓଡ଼ିଶାରୁ ଷାଠିଏଟି ହାତୀ ନେଇ ଶାହାବାଜ ଖାଁ ଫେରିଗଲେ । କାତୁଲ୍ ଖାଁଙ୍କୁ ଓଡ଼ିଶାର ଶାସକ ଭାବରେ ସ୍ୱୀକୃତି ମିଳିଲା । ଭବିଷ୍ୟତରେ ସେ ବଂଗ ଆକ୍ରମଣ ନ କରିବାକୁ ପ୍ରତିଶ୍ରୁତି ଦେଲେ ।

ପୁଣି ଥରେ ଓଡ଼ିଶା ଆଫଗାନମାନଙ୍କ ହାତକୁ ଗଲା ।

ସମ୍ରାଟ୍ ଆକବର କିନ୍ତୁ ଏହି ସନ୍ଧି ଚୁକ୍ତିରେ ଆଦୌ ଖୁସି ନଥିଲେ ।

ସେ ଓଡ଼ିଶାକୁ ହରେଇବାକୁ ଚାହୁଁ ନଥିଲେ କି ଧର୍ମାନ୍ଧ ଆଫଗାନମାନଙ୍କ ହାତରେ ଓଡ଼ିଶାକୁ ଟେକିଦବାକୁ ଚାହୁଁ ନଥିଲେ ।

ଓଡ଼ିଶାକୁ ଆଫଗାନମାନଙ୍କ କବଳରୁ ରକ୍ଷା କରିବା ପାଇଁ ଆକବର ତାଙ୍କର ସବୁଠାରୁ ସୁଦକ୍ଷ ସେନାପତି ରାଜା ମାନସିଂହଙ୍କୁ ଓଡ଼ିଶା ପଠାଇଲେ ।

ସେ କଥା ଆଲୋଚନା ପୂର୍ବରୁ ଦଣ୍ଡେ ରହିଯିବା ।

ଟି'କେ ମନେ ପକେଇବା ବାଘୁ ପାତ୍ର, ସରଣୀ ପାତ୍ର ଓ ଝାଡୁ ପରିଡ଼ାଙ୍କୁ । ଯେଉଁମାନଙ୍କ ଅଦମ୍ୟ ସାହସ, ଆନ୍ତରିକ ଉଦ୍ୟମ ଓ ଜାତି ପ୍ରୀତି ଯୋଗୁଁ ହିଁ ଖୋର୍ଦ୍ଧାରେ ରାଜ୍ୟ ପ୍ରତିଷ୍ଠା ହେଲା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରକୁ ଫେରିପାରିଲେ ।

ଆମେ କେବେ ମନେ ପକେଇଛେ ତାଙ୍କୁ ? କୌଣସି ଇତିହାସକାର ତାଙ୍କ ବିଷୟରେ ଚର୍ଚ୍ଚା କରିଛନ୍ତି ?

ଏଇ ତ ଆମ ବିଡ଼ମ୍ବନା ! ଯେଉଁମାନେ ଆମକୁ ଗଢ଼ିଥାଆନ୍ତି, ସେଇମାନଙ୍କୁ ହିଁ ଆମେ ଛାଡ଼ିଦେଉ ଇତିହାସର ପାଦଟୀକା କରି !!

# ହସଖୁସିର ପରିବାର - ୪

**ହସଖୁସିର ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ । ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ । କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାନ୍ତି । ସେତେବେଳେ ସେମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟା ପାଇଁ ସମାଧାନର ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ବକ୍ତା ଓ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ସୁପରିଚିତ । ଜଣେ ଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂରାଜୀ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇଛି । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

## ଆପଣଙ୍କ ସମସ୍ୟା : ସମାଧାନର ସୂତ୍ର ଆମର

### ସମସ୍ୟା-୧

ମୋ ପୁଅର ପାଠପଢ଼ା ସରିଲାଣି । ସେ ମେକାନିକାଲ୍ ଇଞ୍ଜିନିୟରିଂରେ ଡିଗ୍ରୀ କରିଛି । ହେଲେ ଚାକିରି କରିବାକୁ ତାର ଜମ୍ମା ଇଚ୍ଛା ନାହିଁ । ଯେତେ ବୁଝାଇଲେ ବି ରାଜି ହେଉନାହିଁ । ବାଙ୍ଗାଲୋର୍‌ରେ ଚାକିରି କରିଥିଲା ହେଲେ ଦୁଇ ମାସରେ ଛାଡ଼ି ପଳାଇ ଆସିଲା । ପଚାରିବାରୁ କହିଲା ମୁଁ କାହା ଅଧିନରେ ରହିପାରିବି ନାହିଁ । ତା ସହିତ ସେଠାରେ ଏତେ ଖଟଣି ଏବଂ ନିଜର ବି ସ୍ୱାଧୀନତା ନାହିଁ । ସେ ନିଜେ କିଛି ବ୍ୟବସାୟ କରିବା ପାଇଁ ଚାହୁଁଛି । ହେଲେ କେଉଁ ବ୍ୟବସାୟ କରିବ ତାହା ଏ ପର୍ଯ୍ୟନ୍ତ ସ୍ଥିର କରି ପାରୁନାହିଁ । ତାକୁ ୨୭ ବର୍ଷ ହେଲାଣି । ଏତେ ଭଲ ପାଠ ପଢ଼ି ଭଲ ଛାତ୍ରଟିଏ ହୋଇ ମଧ୍ୟ ଚାକିରି ନକରି ଘରେ ବସିବା ଆମକୁ ଭାରି ବାଧୁଛି । ପଚାରିଲେ କହୁଛି ମୁଁ ଯାହା କିଛି କରିବି ଭାବିକି କରିବି । ତୁମେ ବ୍ୟସ୍ତ ହୁଅ ନାହିଁ । ତାକୁ କିଛି ବୁଝାଇଲେ ବି ବିରକ୍ତ ହେଉଛି । ସେ ତା ବାପାଙ୍କ କଥା ଆଦୌ ଶୁଣେ ନାହିଁ । କେବଳ ମୋ କଥା ଟିକେ ମାନେ । ଏବେ ମୋ କଥା ବି ମାନୁ ନାହିଁ । ଏବେ ସାମାନ୍ୟ କିଛି କଥା କହିଲେ ମଧ୍ୟ ରାଗି ଯାଉଛି । ମୋ ମୁଣ୍ଡରେ ଏବେ ସବୁବେଳେ ତା ଚିନ୍ତା ଲାଗି ରହୁଛି । କଣ କରିବି ଉପାୟ ବତାନ୍ତୁ ।

**ମମତା ମିଶ୍ର,** ଭଦ୍ରକ

### ସମାଧାନର ସୂତ୍ର

ଆପଣଙ୍କ ପୁଅ ଇଞ୍ଜିନିୟରିଂ ପାଠ ପଢିଛି । ନିଜସ୍ୱ ବୁଦ୍ଧି ଓ ବିବେକ ବଳରେ ବିଚାର କରି ସେ ସ୍ଥିର କରିଛି ଯେ ସେ ଚାକିରି କରିବ ନାହିଁ । ଯେଉଁ ଚାକିରି କରିଥିଲା ତାକୁ ଛାଡି ଦେଇଛି । କାହା ଅଧିନରେ ରହି ନିଜର ସ୍ୱାଧୀନତାକୁ ତ୍ୟାଗ କରିବାକୁ ଚାହୁଁନି । ବ୍ୟବସାୟ କରିବା ପାଇଁ ନିଷ୍ପତ୍ତି ନେଇଛି । ଏପରି ଏକ ସ୍ୱାଧୀନଚେତା ପୁଅର ମାଆ ହୋଇ ଆପଣ ଖୁସି ହେବା ପରିବର୍ତ୍ତେ କାହିଁକି ଚିନ୍ତିତ ହେଉଛନ୍ତି ! ବରଂ ଆପଣ ପୁଅର ନିଷ୍ପତ୍ତିକୁ ସମ୍ମାନ ଜଣାଇ ସେହି କାମରେ ଆଗେଇଯିବା ପାଇଁ ପୁଅକୁ ଉତ୍ସାହିତ କରିବା କଥା । ଆମର ଇଚ୍ଛାକୁ ବା ମତକୁ ଆମେ ପିଲାମାନଙ୍କ ଉପରେ ଲଦି ଦେବାଟା କେବେହେଲେ ଠିକ୍ ନୁହେଁ । କାରଣ ପ୍ରତ୍ୟେକ ବ୍ୟକ୍ତି ନିଜର ଆତ୍ମବିଶ୍ୱାସ ଓ ଅନ୍ତର୍ନିହିତ ପ୍ରତିଭା ଦ୍ୱାରା ନିଜ ଭବିଷ୍ୟତ ପାଇଁ ସଠିକ୍ ନିଷ୍ପତ୍ତି ନେଇଥାନ୍ତି । ଏଥିରେ ଆନନ୍ଦିତ ହେବା କଥା । ଏଣୁ ପୁଅର ନିଷ୍ପତ୍ତିରେ ଭାଙ୍ଗି ନ ପଡି ବରଂ ତାକୁ ସବୁପ୍ରକାର ସହଯୋଗ କରନ୍ତୁ । ଆଜିକାଲି ଚାକିରିର ଘୋର୍ ଅଭାବ । ଯେଉଁ ଚାକିରି ମିଳୁଛି ସେ ବି ଯୋଗ୍ୟତା ଅନୁଯାୟୀ ନୁହେଁ । ଏଣୁ ଶିକ୍ଷିତ ଯୁବକ ଯୁବତୀମାନେ ହତୋତ୍ସାହ ହୋଇ ଭାଙ୍ଗି ପଡୁଛନ୍ତି । ପ୍ରତିଭାବାନ ଛାତ୍ରମାନେ ଚାକିରି ନକରି ନିଜସ୍ୱ ବ୍ୟବସାୟ କରିବାର ଅନେକ ଉଦାହରଣ ରହିଛି । ଏଣୁ ଏକ ସକାରାତ୍ମକ ମନୋଭାବ ନେଇ ଆପଣ ପୁଅକୁ ଉତ୍ସାହିତ କରନ୍ତୁ । ଆପଣଙ୍କର ସହଯୋଗ ଓ ଆଶୀର୍ବାଦ ପାଇଲେ ସେ ନିଶ୍ଚିତ ଭାବେ ନିଜର ସ୍ୱପ୍ନକୁ ସାକାର କରିପାରିବ ।

### ସମସ୍ୟା-୨

ମୁଁ ଜଣେ ସରକାରୀ କର୍ମଚାରୀ ଥିଲି । ରାଜ୍ୟ ସରକାରଙ୍କ ଅଧିନରେ ଚାକିରି କରି ଗତ ଦୁଇବର୍ଷ ହେଲା ଅବସର ନେଇଛି । ଏକ ସଚ୍ଚୋଟ କର୍ମଚାରୀ ଭାବେ ମୋର ବି ଖ୍ୟାତି ଥିଲା । କିନ୍ତୁ ଅବସର ପରେ ଏ ପର୍ଯ୍ୟନ୍ତ ମୋର ପେନ୍‌ସନ୍ ମିଳିନି । ପେନ୍‌ସନ୍ ପାଇବା ପାଇଁ ମୁଁ ବାରମ୍ବାର ଦୌଡୁଥିଲେ ବି ଏ ପର୍ଯ୍ୟନ୍ତ ତାର ସମାଧାନ ହୋଇ ପାରିନାହିଁ । ଚାକିରିରେ ଥିଲା ବେଳେ ମୁଁ ଅନେକ ଅପ୍ରିୟ ସତକଥା କହି ହଇରାଣ ହୋଇଛ । ନିଜ ପାଇଁ ଅନେକ ଶତ୍ରୁ ମଧ୍ୟ ତିଆରି କରିଛି । ତେଣୁ କାହା ଠାରୁ ସହଯୋଗର ହାତ ପାଉନାହିଁ । କାହାକୁ

**ସମସ୍ୟା ପଠାଇବାର ଠିକଣା**

ଡ. ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସହଯୋଗୀ ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ଖୁସି କଲା ଭଳି କଥା କହିଥିଲେ ହୁଏତ ଆଜି ମୋର ପେନ୍‌ସନ୍ ମିଳିଥାନ୍ତା । ଚାକିରି କାଳରେ ଏକ ସଚ୍ଚୋଟ କର୍ମଚାରୀ ହିସାବରେ ମୁଁ ମୋର ଦାୟିତ୍ୱ ତୁଲାଇଛି । ମୋ କାମରେ ମୁଁ କେବେହେଲେ ଅବହେଳା କରିନାହିଁ କି ମୋ ଉପରେ କେହିକେବେ ଦୋଷାରୋପ କରିନାହାନ୍ତି । ମୋ ସ୍ତ୍ରୀ ମଧ୍ୟ ଶିକ୍ଷୟିତ୍ରୀ ହିସାବରେ ସରକାରୀ ସ୍କୁଲରେ ଚାକିରି କରୁଛନ୍ତି । ଦୁଇବର୍ଷ ପରେ ସେ ନିଜ ଚାକିରିରୁ ଅବସର ନେବେ । ବଡପୁଅ ବାହା ହୋଇନାହିଁ, କାରଣ ସେ ନିଜପାଇଁ ଏବେଯାଏ କିଛି ରୋଜଗାରର ବ୍ୟବସ୍ଥା କରିପାରିନି । ଝିଅ ପାଠପଢା ସାରି ଚାକିରି ଖୋଜୁଛି । ଅଧିକାଂଶ ସମୟ ମୁଁ ସାମାଜିକ ସେବା କାମରେ ବ୍ୟସ୍ତ ରୁହେ । ସେଥିପାଇଁ ଘରେ ମୋ ଉପରେ ସମସ୍ତେ ଅସନ୍ତୁଷ୍ଟ ହେଉଛନ୍ତି । ମୋ ପାଇଁ ଘରେ ଅଶାନ୍ତି ସୃଷ୍ଟି ହେଉଛି ବୋଲି ମୁଁ ଚିନ୍ତିତ । ଏହାର ସମାଧାନ କିପରି ହୋଇପାରିବ ?


**ଦେବପ୍ରସାଦ ପାଣିଗ୍ରାହୀ,** ନୀଳଗିରି, ବାଲେଶ୍ୱର

**ସମାଧାନର ସୂତ୍ର**

ଆପଣଙ୍କ ପରିବାରରେ ଆପଣ ହିଁ ମୁଖିଆ । ଏଣୁ ପରିବାରର ଭଲମନ୍ଦ ଦାୟିତ୍ୱ ଆପଣଙ୍କର । ଏହା ବହୁ ଖୁସିର କଥା ଯେ ଆପଣ ଜଣେ ସଚ୍ଚୋଟ କର୍ମଚାରୀ ଥିଲେ । ସତ୍ୟବାନ ଓ ନିଷ୍ଠାବାନ ହୋଇ ନିଜର ଦାୟୀତ୍ୱ ତୁଲାଉଥିଲେ। ହେଲେ ଆପଣ ଏ ପର୍ଯ୍ୟନ୍ତ ପେନସନ୍ ପାଇନାହାନ୍ତି । ଅର୍ଥାତ୍ ଦୁଇବର୍ଷ ହେଲା ଘର ଚଳାଇବା ପାଇଁ ଆପଣ କୌଣସି ଆର୍ଥିକ ସାହାଯ୍ୟ କରିନାହାନ୍ତି । ଆପଣଙ୍କ ସ୍ତ୍ରୀ ଚାକିରି କରୁଛନ୍ତି ବୋଲି କୌଣସିମତେ ପରିବାର ଚଳାଇ ନେଉଛନ୍ତି । ପୁଅଝିଅ ଦୁଇଜଣଯାକ ରୋଜଗାରକ୍ଷମ ହୋଇନାହାନ୍ତି । ପୁଅ ବେକାର, ଝିଅର ବାହାଘର ଦାୟିତ୍ୱ ବି ଆପଣଙ୍କ ଉପରେ ଅଛି । ଘରେ ଆପଣଙ୍କର ଏତେ ଦାୟିତ୍ୱ ଥାଇ ବି ଆପଣ ଯଦି ତାର ସମାଧାନ ପାଇଁ ସମୟ ନଦେବେ ତେବେ ଘରେ ଅଶାନ୍ତି ନିଶ୍ଚିତ ବଢିବ । ଆପଣଙ୍କର ସ୍ତ୍ରୀ ଚୁପ୍ ରହିଯାଇ ପାରନ୍ତି । କିନ୍ତୁ ପିଲାମାନେ ଦିନେ ନା ଦିନେ ଆପଣଙ୍କର ଦୋଷ କାଢିବେ । ବିଳମ୍ବ ନକରି ପେନ୍‌ସନ୍ ପାଇବାର ବାଟ ଖୋଜନ୍ତୁ । ତାପରେ ପୁଅ ପାଇଁ ଚାକିରି କିମ୍ବା ବ୍ୟବସାୟ କରିବା ପାଇଁ ଯାହା ଆବଶ୍ୟକ ତାହା ଯୋଗାଡ କରନ୍ତୁ । ଘରେ ବେକାର ବସିଲେ ତାର ବି ମାନସିକ ଅଶାନ୍ତି ସୃଷ୍ଟି ହେବ । ମନରେ ନକାରାତ୍ମକ ଭାବନା ଆସିବ । ଝିଅ ବାହାଘର ପ୍ରତି ଧ୍ୟାନ ଦିଅନ୍ତୁ । ଆପଣ ନିଜେ ନିଜ ତରଫରୁ ପରିବାରର ଦାୟିତ୍ୱ ନେଲେ ସମସ୍ତେ ଖୁସି ହେବେ । ଆପଣଙ୍କୁ ସମ୍ମାନ ଦେବେ । ଆପଣ ନିଜକୁ ଯେତେ ଭଲ ବୋଲି କହିଲେ ବି କେହି ବିଶ୍ୱାସ କରିବେ ନାହିଁ ଯଦି କାମରେ କରି ନ ଦେଖାଇବେ । ଏଣୁ ସମାଜସେବା ଛାଡି ଆଗ ଘର କଥା ବୁଝନ୍ତୁ, ସେଥିରେ ସମସ୍ତଙ୍କର ମଙ୍ଗଳ ହେବ ।

**ସମସ୍ୟା-୩**

ମୁଁ ବାପାମାଆଙ୍କର ଗୋଟିଏ ବୋଲି ଝିଅ । ପିଲାଦିନୁ ଅତି ଗେଲବସରରେ ବଢିଛି । ମୋ ବାପା ବ୍ୟବସାୟ କରନ୍ତି । ମାଆ ସରକାରୀ ଚାକିରିରେ ଅଛନ୍ତି । ମୁଁ ଭଲ ପାଠ ପଢେ । ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରିଥିଲି ।



ଫଟୋ : ପ୍ରଣତି ବେହେରା

କିନ୍ତୁ +୨ରେ ନାମ ଲେଖାଇଲା ପରେ ମୋର ବହୁତ ପରିବର୍ତ୍ତନ ଆସିଛି । ମୋର ପାଠପଢ଼ାରେ ଜମ୍ମା ମନ ଲାଗୁନି । ଯେତେ ପଢ଼ିଲେ ମଧ୍ୟ ମନେ ରହୁନି । ମୁଁ ଜାଣି ପାରୁଛି ଯେ ମୋର ସ୍ମରଣ ଶକ୍ତି କମିଯାଉଛି । ମୁଁ ବାଳିକା ବିଦ୍ୟାଳୟରେ ପଢ଼ୁଥିବାରୁ କେବେହେଲେ ପୁଅମାନଙ୍କ ସହିତ ମିଶିବାର ସୁଯୋଗ ପାଇନଥିଲି । କିନ୍ତୁ କଲେଜ୍‌ରେ ପାଠ ପଢ଼ିଲା ପରେ ସେଠାରେ ପୁଅମାନଙ୍କ ସହିତ ମିଶିବାର ସୁଯୋଗ ପାଇଲି । ମୋର ବହୁତ ପୁଅସାଙ୍ଗ ମଧ୍ୟ ହୋଇଗଲେ । ଏବେ ମୁଁ ଗୋଟିଏ ପୁଅକୁ ଭଲ ପାଉଛି । ହେଲେ କିଛିଦିନ ହେବ ଆମ ଭିତରେ କିଛି ଭୁଲ୍ ବୁଝାମଣା ସୃଷ୍ଟି ହୋଇଛି । ସେଥିପାଇଁ ସେ ଆଉ ମୋ ସହିତ ଭଲରେ କଥା ହେଉନି । ସେ ସବୁ କଥା ଭାବି ମୋର ବି ପାଠପଢ଼ାରେ ମନ ଲାଗୁନି । ପାଠପଢ଼ି ଜୀବନରେ ବଡ ଚାକିରି କରିବାର ସ୍ୱପ୍ନ ମୋର ମଧ୍ୟ ରହିଛି । ଏଣୁ ମୋର ସେ ପିଲା ସହିତ ସମସ୍ୟା କିପରି ସମାଧାନ ହେବ ଓ ମୋର ପାଠପଢ଼ାରେ ମନ ଲାଗିବ ତାର ଉପାୟ ବତାନ୍ତୁ । ମୁଁ ଆଗ୍ରହର ସହିତ ଅପେକ୍ଷା କରିଛି ।

**ରୀତା ପଣ୍ଡା,** ସମ୍ବଲପୁର

**ସମାଧାନର ସୂତ୍ର**

ଗୋଟିଏ ଝିଅ ବୋଲି ତୁମକୁ ବାପାମାଆ ଅତି ଗେଲବସରରେ ବଢ଼ାଇଛନ୍ତି । ସେଥିରୁ ଜଣାପଡୁଛି ଯେ ତୁମ ଉପରେ ସେମାନଙ୍କର ଯଥେଷ୍ଟ ଭରସା ରହିଛି । ତୁମେ ଭଲ ପଢୁଛ ବୋଲି ସେମାନଙ୍କର ବି ସ୍ୱପ୍ନ ଥିବ ଯେ ତୁମେ ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇ ବାହାରିବ । ଏହିପରି ଆଶା ନିଜ ପିଲାମାନଙ୍କ ଉପରେ ସବୁ ବାପାମାଆଙ୍କର ଥାଏ । ସେମାନେ ତୁମକୁ ଯଥେଷ୍ଟ ସ୍ୱାଧୀନତା ମଧ୍ୟ ଦେଇଛନ୍ତି । କିନ୍ତୁ ତୁମେ ଏସବୁର ଉଚିତ ବିନିଯୋଗ କରିନାହଁ । ତୁମେ କଲେଜରେ ପଢ଼ିଲା ପରେ ପାଠ ଉପରୁ ଧ୍ୟାନ କାଢ଼ି ପୁରୁଷ ବନ୍ଧୁଙ୍କୁ ଭଲ ପାଇବା ଉପରେ ଧ୍ୟାନ ଦେଲ । ସେଥିରେ ନିଶ୍ଚିତ ଭାବେ ତୁମର ପାଠପଢ଼ା ନଷ୍ଟ ହେଲା । ପଢ଼ାରେ ଏକାଗ୍ରତା ନରହିଲେ ପାଠ ମନେ ରହିବ ନାହିଁ । ତୁମେ ଯାହାକୁ ଭଲ ପାଉଛ ତା ସହିତ ବି ତୁମର ଭୁଲ ବୁଝାମଣା ସୃଷ୍ଟି ହୋଇ ଗଲାଣି । ସେଥିରେ ତୁମ ମନ ବିଚଳିତ ହେବା ସ୍ୱାଭାବିକ କଥା । ଏପରି ମାନସିକ ସ୍ଥିତିରେ ତୁମର ପାଠପଢ଼ାରେ ଆଦୌ ମନ ଲାଗିବ ନାହିଁ । ଦିନରାତି କେବଳ ତୁମେ ତୁମର ଭଲ ପାଇବା ବିଷୟରେ ଭାବିବ । ପରୀକ୍ଷାରେ ନିଶ୍ଚିତ ଖରାପ ହେବ । ସେଥିପାଇଁ ଘରେ ବି ଅଶାନ୍ତି ସୃଷ୍ଟି ହେବ । ତୁମ ଭଲପାଇବା କଥା ଘରଲୋକ ଜାଣିଲେ ଆହୁରି ଗଣ୍ଡଗୋଳ ସୃଷ୍ଟି ହେବ । ବାପାମାଆଙ୍କର ତୁମ ଉପରୁ ଭରସା ତୁଟି ଯିବ । ତୁମର ସବୁ କାମକୁ ସେ ସନ୍ଦେହ କରିବେ । ତୁମ ଜୀବନର ସବୁ ସ୍ୱପ୍ନ ଛାରଖାର ହୋଇଯିବ । ଏଣୁ ଏବେ କେବଳ ପାଠପଢ଼ାରେ ହିଁ ଧ୍ୟାନ ଦିଅ । କାହାକୁ ଭଲପାଇବାର ସମୟ ଏହା ନୁହେଁ । ଏଣୁ ଦୟାକରି ନିଜକୁ ସେ ସବୁ କାର୍ଯ୍ୟରୁ ଦୂରେଇ ରଖ । ଏକଥା ଯଦି ତୁମେ ନିଜେ ନ ବୁଝିବ ତୁମକୁ କେହି ବୁଝାଇ ପାରିବେ ନାହିଁ । ଅନେକ ଛାତ୍ରଛାତ୍ରୀ କଲେଜରେ ପଢ଼ିବା ପରେ ଏପରି ଅଯଥା କାମରେ ହଜିଯାଇ ନିଜର ଭବିଷ୍ୟତକୁ ନଷ୍ଟ କରୁଛନ୍ତି । ଏଣୁ ନିଜର ଭବିଷ୍ୟତ ଦାୟିତ୍ୱ ଏବେ ତୁମ ନିଜ ହାତରେ । ଯାହା ତୁମେ ଠିକ୍ ଭାବିବ କରିବ ।

**ସମସ୍ୟା-୪**

ମୁଁ ଏକ ଧନୀଘରର ଝିଅ । ମୋ ବାପାମାଆ ମତେ ବହୁତ ଗେଲବସରରେ ବଢ଼ାଇଛନ୍ତି । ବହୁତ ଯୌତୁକ ଦେଇ ବାହା କରାଇଛନ୍ତି । ମୋ ସ୍ୱାମୀ ମଧ୍ୟ ଜଣେ ଇଞ୍ଜିନିୟର । ଘରେ ମୋର ଶାଶୂ ଶ୍ୱଶୁର, ଗୋଟିଏ ନଣନ୍ଦ ଓ ଦିଅର ଅଛନ୍ତି । ସେମାନେ କେହି ବିବାହ କରି ନାହାନ୍ତି । ପାଠ ପଢୁଛନ୍ତି । ମୋ ସ୍ୱାମୀ ସବୁବେଳେ ତାଙ୍କ ମାଆଙ୍କ କଥା ଶୁଣନ୍ତି । ତାଙ୍କ ଦରମାରୁ ସବୁ ଟଙ୍କା ନିଜ ବାପାମାଆ ଓ ଭାଇଭଉଣୀଙ୍କ ପାଇଁ ଖର୍ଚ୍ଚ କରିଦିଅନ୍ତି । ଏପରିକି ମୋର କୌଣସି ଛୋଟ ଆବଶ୍ୟକତାଟିଏ ବି ପୂରଣ କରନ୍ତି ନାହିଁ । ଏ ବିଷୟରେ ମୁଁ କିଛି କହିଲେ ମୋ ଉପରେ ବିରକ୍ତ ହୁଅନ୍ତି । କୁହନ୍ତି ମୋ ବାପାମାଆ ମୋ ପାଇଁ ସବୁ କରିଛନ୍ତି । ମୋତେ ମଣିଷ କରିଛନ୍ତି । ତେଣୁ ମୋ ଦରମାରେ ସେମାନଙ୍କର



ଫଟୋ : ଉର୍ବଶୀ ଦାସ


ପ୍ରଥମ ଅଧିକାର । ଭାଇ ଭଉଣୀର ପାଠପଢ଼ା ଦାୟିତ୍ୱ ବି ମୋର । ଏସବୁ ଶୁଣି ବେଳେ ବେଳେ ମୋର ଚିନ୍ତାହୁଏ ମୋର ଭବିଷ୍ୟତ କଣ ହେବ । ସେଥିପାଇଁ ମୁଁ ସବୁବେଳେ ମାନସିକ ଅଶାନ୍ତିରେ ରହୁଛି । ବେଳେବେଳେ ଭାବୁଛି ବାପଘରକୁ ଚାଲିଯିବି । କିନ୍ତୁ ସେଠାରେ ଭାଇ ଭାଉଜ ରହୁଛନ୍ତି । ତେଣୁ ମୋର ଅଯଥା ଉପସ୍ଥିତି ଦ୍ୱାରା ସେଠି ବି ଅଶାନ୍ତି ସୃଷ୍ଟି ହେବ । ଏସବୁ ଭାବିଲା ବେଳକୁ ମତେ କିଛି ଉପାୟ ଦେଖା ଯାଉନି । ତେଣୁ ମତେ କିଛି ସମାଧାନର ବାଟ କୁହନ୍ତୁ ।

**ଶୁଭଶ୍ରୀ କର,** କୋରାପୁଟ

### ସମାଧାନର ସୂତ୍ର

ତୁମେ ଯେଉଁ ପାରିବାରିକ ସମସ୍ୟା ବିଷୟରେ ଲେଖିଛ, ତାହା ଅନେକ ମଧ୍ୟବିତ୍ତ ପରିବାରରେ ଏକ ସାଧାରଣ ଘଟଣା ହୋଇଯାଇଛି । ଏଣୁ ଏଥିରେ ଆଦୌ ବିଚଳିତ କିମ୍ବା ଚିନ୍ତାଗ୍ରସ୍ତ ହେବାର ଆବଶ୍ୟକତା ନାହିଁ । ଚିନ୍ତାଗ୍ରସ୍ତ ହେଲେ ଏ ସମସ୍ୟାର ସମାଧାନର ସୂତ୍ର ବାହାରି ପାରିବ ନାହିଁ । ବରଂ ଚିନ୍ତାରେ ଧୈର୍ଯ୍ୟହରା ହୋଇ ତୁମେ ଭୁଲ ନିଷ୍ପତ୍ତି ନେଇଯାଇପାର । ଏହା ଏପରି ଏକ ସମସ୍ୟା ଯାହାର ସମାଧାନ କେହି ବି କରିପାରିବେ ନାହିଁ । ତୁମର ଏହି ସମସ୍ୟା ସୃଷ୍ଟି ହୋଇଛି ତୁମ ସ୍ୱାମୀଙ୍କର ଚିନ୍ତାଧାରା ଯୋଗୁଁ । ସିଏ ଯାହା କରୁଛନ୍ତି ତାହା ନିହାତି ଭଲ କାମ ବୋଲି ସେ ଭାବୁଛନ୍ତି । ନିଜକୁ ଯୋଗ୍ୟ ପୁଅ ଭାବରେ ପ୍ରମାଣ କରିବା ପାଇଁ ଚେଷ୍ଟା କରୁଛନ୍ତି । ତୁମେ ସଠିକ୍ କଥା କହିଲା ବେଳକୁ ତୁମ ଉପରେ ବିରକ୍ତ ହେଉଛନ୍ତି । ସେ ବି ବୁଝିବା ଦରକାର ଯେ ସେ ତୁମକୁ ବିବାହ କରିଛନ୍ତି । ତାଙ୍କର ତୁମ ପ୍ରତି ବି କିଛି କର୍ତବ୍ୟ ରହିଛି । ତାଙ୍କୁ ବିବାହ କରିବା ପରେ ତୁମର ଭଲମନ୍ଦ ଦାୟିତ୍ୱ ଏବେ ତାଙ୍କର । ହେଲେ ଏପରି ସତ୍ୟକୁ ଜାଣି ବି ଖାଲି ତୁମ ସ୍ୱାମୀ ନୁହେଁ ଅନେକ ସ୍ୱାମୀମାନେ ତାଙ୍କ ସ୍ତ୍ରୀ ମାନଙ୍କୁ ଅବହେଳା କରୁଛନ୍ତି । ହାତ ଉଠାଇ ମାଡ ମାରୁଛନ୍ତି । ଏଣୁ ମହିଳା କମିଶନ କୋର୍ଟରେ ଅନେକ କେଶ୍ ଏବେ ବି ବିଚାରାଧିନ ହୋଇ ରହିଛି । ଅନେକ ସମୟରେ ଏହିପରି ଘଟଣାର ଅବସ୍ଥା ଏପରି ହୋଇଯାଏ ଯେ ସ୍ୱାମୀ ସ୍ତ୍ରୀ ପରସ୍ପର ଠାରୁ ଛାଡପତ୍ର ନେଇଥାନ୍ତି । ଅନେକ ସ୍ଥାନରେ ଯେଉଁଠି ସ୍ୱାମୀ ସ୍ତ୍ରୀ ଉଭୟ ଶିକ୍ଷିତ ଓ ତିକ୍ଷଣ ବୁଦ୍ଧି ସମ୍ପର୍ଣ୍ଣ ସେମାନେ ନିଜସ୍ୱ ଜ୍ଞାନ କୌଶଳ ପ୍ରୟୋଗ କରି ଶାନ୍ତିରେ ରୁହନ୍ତି । ତୁମେ ସବୁବେଳେ ମନେରଖ ଅବୁଝା ଲୋକକୁ ବୁଝାଇ ହେବନି । ବେଶୀ କହିଲେ ଅଯଥା ଝଗଡା ଓ ପାଟିତୁଣ୍ଡ ହେବ, ଘରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ । ତେଣୁ ତୁମେ ସେଥିପାଇଁ ଚିନ୍ତା କରନି କିମ୍ବା ତାଙ୍କୁ ବୁଝାଇ ବଦଳାଇବାକୁ ଚେଷ୍ଟା କରନି । ନିଜ ଭବିଷ୍ୟତର ଉନ୍ନତି ପାଇଁ ନିଜେ ନିଜର ବାଟ ଖୋଜିବାଟା ବୁଦ୍ଧିମାନର କାମ ହେବ । ତୁମ ପାଠ ଅନୁଯାୟୀ ତୁମେ ନିଜପାଇଁ କିଛି କାମ ଖୋଜ । ଚାକିରି କରି ନିଜେ ଖୁସିରେ ରହି ନିଜ ପାଇଁ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କର । କାମରେ ହଜିଗଲେ ସବୁ ମାନସିକ ଦୁଶ୍ଚିନ୍ତା ଦୂର ହୋଇଯିବ । ଏଭଳି ପରିସ୍ଥିତିରେ ନିଜ ମନରେ ଦମ୍ଭଧରି ସାହାସର ସହିତ ଆଗକୁ ପାଦ ବଢାଅ । ଚୁପ୍ ହୋଇ ବସିଲେ ମାନସିକ ଅଶାନ୍ତି ବଢିବ । ଭଗବାନଙ୍କ ଉପରେ ବିଶ୍ୱାସ ରଖି ନିଜ ଭିତରେ ଥିବା ପ୍ରତିଭାର ସଠିକ୍ ବିନିଯୋଗ କରିବା ପାଇଁ ରାସ୍ତା ଖୋଜ । ସବୁବେଳେ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିବା ପାଇଁ ଚେଷ୍ଟା କର । ସକାରାତ୍ମକ ଲୋକମାନଙ୍କ ସହିତ ମିଶି ନିଜ ମନର ଆବିଳତାକୁ ଦୂର କର । ତଥା ନିଜର ଆତ୍ମବିଶ୍ୱାସକୁ ବଢାଇବାକୁ ଚେଷ୍ଟା କର । ନିଜ ଉପରେ ବିଶ୍ୱାସ ଥିଲେ ସବୁ ଅନ୍ଧାର ଭିତରେ ବି ଆଲୋକର ସନ୍ଧାନ ପାଇ ପାରିବ । ତୁମ ସମସ୍ୟାର ସମାଧାନ ତୁମେ ନିଜେ କରିପାରିବ ।

ପ୍ରତ୍ୟେକ ପରିବାରରେ କିଛି ନା କିଛି ସମସ୍ୟା ରହିଛି । ପ୍ରତ୍ୟେକ ସମସ୍ୟାର ବି ସମାଧାନ ଅଛି । ଯଦି ଆପଣଙ୍କ ସମସ୍ୟାର ସମାଧାନ ଚାହାନ୍ତି ତେବେ ବିଶଦ ଭାବରେ ସମସ୍ୟା ଲେଖି ଆମକୁ ପଠାନ୍ତୁ । ପରବର୍ତୀ ସଂଖ୍ୟାରେ ଆମେ ତାର ସମାଧାନର ସୂତ୍ର ଜଣାଇବୁ ।
ଫୋନ କରନ୍ତୁ : ୯୪୩୭୦୧୧୦୨୨
ଇ-ମେଲ୍ : **rebati.rebati2018@gmail.com**




- ପୁସ୍ତକର ନାମ: **ନିଃଶବ୍ଦ ଝଣତ୍କାର**
- ଲେଖକଙ୍କ ନାମ : **ଯଶୋବନ୍ତ ସେଠୀ**
- ପ୍ରକାଶକଙ୍କ ନାମ : **ବିଜୟିନୀ ପବ୍ଲିକେଶନ୍ସ, କଟକ**
- ମୂଲ୍ୟ : **୧୨୦/-,** ପୃଷ୍ଠା : **୧୪୪**

ଆରକ୍ଷୀ ବିଭାଗର ସହକାରୀ କମିଶନର୍ ପଦବୀରେ ଥାଇ କବିତା ଓ ଗଳ୍ପ ରଚନାରେ ରୁଚି ରଖୁଥିବା ଜଣେ ସୃଜନଶୀଳ ସ୍ରଷ୍ଟା ହେଲେ ଯଶୋବନ୍ତ ସେଠୀ । ତାଙ୍କର ୨୦୧୮ ଶେଷରେ ପ୍ରକାଶିତ କବିତା ସଂକଳନ 'ନିଃଶବ୍ଦ ଝଣତ୍କାର' ଆମର ହସ୍ତଗତ ହୋଇଛି । 'ନିଃଶବ୍ଦ ଝଣତ୍କାର'ରେ ସର୍ବମୋଟ ୬୧ଗୋଟି କବିତା ସ୍ଥାନିତ ହୋଇଛି । କବିତାଗୁଡ଼ିକର ନିର୍ମାଣ କଳାରେ କବିଙ୍କର ଏକ ନିଜସ୍ୱ ବାସ୍ନା ଥିବା ପରି ମନେହୁଏ । ଏ ବାସ୍ନା ହେଉଛି ଅକୃତ୍ରିମତା । ଅର୍ଥାତ୍ ପ୍ରତ୍ୟେକଟି କବିତାର ଭାବଭୂମିରେ ସେ ଯେଉଁ ବାସ୍ତବତାର ଚିତ୍ର ତୋଳି ଧରିଛନ୍ତି, ସେଥିରେ ନାହିଁ ସାମାନ୍ୟତମ କୃତ୍ରିମତା । ଚାଲାକି ନାହିଁ । ବୁଲାଣି ନାହିଁ । ନିରବିତ ଯାତ୍ରା ପଥରେ ସେ ଯେମିତି ନିଃଶବ୍ଦ ଏକ ପଥଚାରୀ । ବାଘ ଶୋଇଥିବାର ଏକ ସାଧାରଣ ଚିତ୍ରକୁ କବି ଖୁବ୍ ସୁନ୍ଦର ଭାବେ ବର୍ଣ୍ଣନା କରି କିପରି ଅସାଧାରଣ କରି ତୋଳିଛନ୍ତି, ତାହା ଲକ୍ଷଣୀୟ । ମୂଳକଥା ହେଲା, କାବ୍ୟପ୍ରକାଶ ଓ କାବ୍ୟଗୁମ୍ଫନରେ କବି କୌଣସି ପ୍ରକାର ଚାତୁର୍ଯ୍ୟ ପ୍ରୟୋଗ ନକରି ସୁନ୍ଦା କବିତାଟିକୁ ଅର୍ଥାନ୍ୱିତ କରିପାରିଛନ୍ତି । ଏହା ହିଁ ଯଶୋବନ୍ତଙ୍କ କାବ୍ୟ-ସମ୍ପଦ । କିନ୍ତୁ ଆଗାମୀ ଦିନରେ କବିତା ନିର୍ମାଣ କ୍ଷେତ୍ରରେ ତାଙ୍କୁ ପ୍ରୟୋଗ କରିବାକୁ ପଡ଼ିବ ନାନାବିଧ କଳାକୌଶଳ । ସମକାଳ କବିତାର ଗତି ପ୍ରଗତି ସହିତ ସମତୁଲ ହୋଇ ଚାଲିବା ପାଇଁ କବିତାର ବର୍ଣ୍ଣନାରେ ସୀମିତତା ଏବଂ ଆଙ୍ଗିକକୁ ଆହୁରି ଶାଣିତ କରିବାର ଆବଶ୍ୟକତା ରହିଛି । ତେବେ ଏ ପୁସ୍ତକରେ ପ୍ରକାଶିତ ଅନେକ କବିତା ଭିତରେ ଥିବା ସମ୍ଭାବନା ହିଁ ଯଶୋବନ୍ତଙ୍କୁ ଆଗାମୀ ଦିନରେ ଜଣେ ଭଲ କବି ଭାବରେ ପରିଚୟ ଦେବ- ଏ ଆଶା କରାଯାଇପାରେ ।

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

**ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।**



# ଅଳ୍ପ ବୟସରେ ବିବାହ ଓ ମାତୃତ୍ୱ
# ଏକ ସାମାଜିକ ସମସ୍ୟା






**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭


ଫଟୋ ସୌଜନ୍ୟ : ଗୁଗୁଲ୍

ପୁରୁଷ ଭଳି ନାରୀର ମଧ ସନ୍ତାନ ଜନ୍ମକୁ ନିୟନ୍ତ୍ରଣ କରିବାର ମୌଳିକ ଅଧିକାର ରହିଛି । ସନ୍ତାନ ଜନ୍ମ ତଥା ପରିବାର ନିୟନ୍ତ୍ରଣର ଉଚ୍ଚତମ ପର୍ଯ୍ୟାୟରେ ପହଞ୍ଚିବାକୁ ହେଲେ ନାରୀର ଏ ବିଷୟରେ ସଂପୂର୍ଣ୍ଣ ଜ୍ଞାନ ରହିବା ଜରୁରୀ, ଏବଂ ସେ କେତେ ବ୍ୟବଧାନରେ କେତୋଟି ସନ୍ତାନ ଜନ୍ମ କରିବ, ସେ କଥାର ସିଦ୍ଧାନ୍ତ ମଧ ନାରୀଟିଏ ହିଁ କରିବା ଉଚିତ୍ । ସାରା ବିଶ୍ୱର ଜନସଂଖ୍ୟାର ଏକ ପଞ୍ଚମାଂଶ ହେଉଛନ୍ତି କିଶୋରୀ, ଭାରତରେ ୧୦ରୁ ୧୯ ବର୍ଷ ମଧ୍ୟରେ ପ୍ରାୟ ୧୯୦ ନିୟୁତ କିଶୋରୀ ବାସ କରନ୍ତି । ତନ୍ମଧ୍ୟରୁ ୨୦ବର୍ଷ ତଳକୁ ପ୍ରାୟ ଶତକଡ଼ା ୨୦ରୁ ୬୦ ଭାଗ ଗର୍ଭଧାରଣ ଓ ପ୍ରସବ ଅବାଂଛିତ ହୋଇଥାଏ । ଭାରତରେ ପ୍ରତିବର୍ଷ ୩୦ଲକ୍ଷ କିଶୋରୀ କନ୍ୟା ବିବାହ କରିଥାନ୍ତି ଏବଂ ତନ୍ମଧ୍ୟରୁ ଶତକଡ଼ା ୪୩ଭାଗ ମୃତ୍ୟୁ ଗର୍ଭଜନିତ ଓ ପ୍ରସବ ଜନିତ କାରଣରୁ ହୋଇଥାଏ ।

## ଅଳ୍ପବୟସରେ ମାତୃତ୍ୱର ସାମାଜିକ ଫଳାଫଳ

ଭାରତର ଚିରାଚରିତ ଦୃଶ୍ୟପଟରେ ଝିଅମାନଙ୍କର ଶୈଶବରୁ ଯୌବନର ପରିବର୍ତ୍ତନ ଖୁବ୍ ଶୀଘ୍ର ହୋଇଥାଏ । ଶତକଡ଼ା ୩୦ଭାଗ କିଶୋରୀକନ୍ୟା ବିଦାଳୟ ଶିକ୍ଷାରୁ ବଞ୍ଚିତ ହୋଇଥାନ୍ତି । ଆମ ଦେଶର ସାମାଜିକ ସ୍ତରରେ ଲିଙ୍ଗଭେଦର ପ୍ରାଧାନ୍ୟ ଯୋଗୁଁ କିଶୋରୀକନ୍ୟାର ଖାଦ୍ୟ, ପୋଷାକ, ସ୍ୱାସ୍ଥ୍ୟର ଯନ୍ ତଥା ବର୍ଦ୍ଧନଶୀଳତାରେ ଅନେକ ଅସୁବିଧା ଦେଖାଦେଇଥାଏ । ପ୍ରଥମ ଋତୁସ୍ରାବର ବୟସ ୧୬ ବର୍ଷରୁ ୧୦-୧୨ ବର୍ଷକୁ କମିଯିବା ତଥା କିଶୋର ଓ କିଶୋରୀ ମାନଙ୍କର ଅବାଧ ମିଳାମିଶା ତଥା ଘରେ ଓ ସ୍କୁଲରେ ଯୌନ ଶିକ୍ଷାର ଅଭାବ ଯୋଗୁଁ ଅଳ୍ପବୟସର ଝିଅଟି ଉପରେ ମାତୃତ୍ୱର ବୋଝ ଲଦି ଦିଆଯାଏ । ଏଥିରେ ଅଧିକାଂଶ କିଶୋରୀ କନ୍ୟା ମାନଙ୍କର ଗର୍ଭପାତ, ଅବୋଧ ଗର୍ଭଧାରଣ ଯୋଗୁଁ ବଳପୂର୍ବକ ବା' ଅନିଚ୍ଛାକୃତ ବିବାହ, ଅବାଂଛିତ ମାତୃତ୍ୱ, ତ୍ୟଯ୍ୟ ସନ୍ତାନ ଏବଂ ତଦ୍‌ଜନିତ ମାନସିକ ଦୁଃଶ୍ଚିନ୍ତା ବେଶୀ ଦେଖାଯାଏ । ଏହି ମାନସିକ ଅସନ୍ତୁଳନତା ଯୋଗୁଁ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ପାଖରେ ପରାମର୍ଶ କରିବାକୁ ଡ଼େରି କରିଦିଏ ଏବଂ ଗର୍ଭନଷ୍ଟ ପାଇଁ ମଧ ବିଳମ୍ବ କରିଦିଏ ।



## ଗର୍ଭନଷ୍ଟ

କିଶୋରୀ କନ୍ୟାମାନଙ୍କର ଅବୈଧ ଗର୍ଭଧାରଣ ହେଲେ, ସେମାନେ ଏମ୍.ଟି.ପି. ସେଣ୍ଟର୍‌କୁ ନଯାଇ ଗାଁ ଗହଳିରେ ଅଣତାଲିମ୍ ପ୍ରାପ୍ତ କ୍ୱାକ୍ ଠାରୁ ତୁଟୁକା ତୁଟୁକି ଚେରମୂଳି ଔଷଧ ଖାଇ ବିଷାକ୍ତ ଗର୍ଭପାତ ବା' ସେପ୍‌ଟିକ୍ ଆବୋର୍‌ସନ୍‌ର ଶିକାର ହୁଅନ୍ତି । ତା' ମଧ୍ୟରୁ ଅନେକେ ମୃତ୍ୟୁମୁଖରେ ପଡ଼ିଥାନ୍ତି ତ' ଆଉ କେତେକ ଆଜୀବନ ନିଜର ଜରାୟୁ ହରାଇଥାନ୍ତି । କେତେଜଣଙ୍କର ମଧ ବନ୍ଧ୍ୟାଦୋଷ, ବାରଂବାର ଗର୍ଭପାତ ଓ ଅପରିଣତ ପ୍ରସବ



ହୋଇଥାଏ ।

## ପ୍ରସବ ସମସ୍ୟା

ଏହି ସମୟରେ ଝିଅଟିର ନିଜ ଶରୀରର ବର୍ଦ୍ଧନ ପାଇଁ ସୁଷମ ଖାଦ୍ୟ ଦରକାର ହେଉଥିବାବେଳେ ଶିଶୁଟି ପାଇଁ ମଧ୍ୟ ପୁଷ୍ଟିକର ଖାଦ୍ୟ ଦରକାର ହୋଇଥାଏ । ତେଣୁ ଝିଅଟି ରକ୍ତହୀନତା ରୋଗ ଭୋଗିଥାଏ । ଏହାଛଡ଼ା ପ୍ରସବ ପୂର୍ବରୁ ରକ୍ତସ୍ରାବ, ଗର୍ଭାବସ୍ଥାରେ ଉଚ୍ଚରକ୍ତ ଚାପ ଓ ବାତ, ସଂକୁଚିତ ବସ୍ତିହାଡ଼ ପାଇଁ କଷ୍ଟସାଧ୍ୟ ପ୍ରସବ ଆଦି ହୋଇଥାଏ ଏବଂ ସିଜରିଆନ୍ ଅସ୍ତ୍ରୋପଚାର ହୋଇଥାଏ । ସେମାନଙ୍କର ଅପରିଣତ ଓ ଅଳ୍ପ ଓଜନର ଶିଶୁ ହୋଇଥାଏ । ତେଣୁ ଶିଶୁ ମୃତ୍ୟୁହାର ଅନେକାଂଶରେ ବଢ଼ିଯାଏ ।

## ଅଳ୍ପବୟସରେ ଗର୍ଭଧାରଣର ମାନସିକ ସମସ୍ୟା

ବିବାହିତା କିଶୋରୀ କନ୍ୟାଟିଏ ଗର୍ଭାବସ୍ଥା ଓ ପ୍ରସବକୁ ଆନନ୍ଦର ସହ ଗ୍ରହଣ କଲା ବେଳେ ଅବିବାହିତା ଝିଅଟିଏ ପାଇଁ ଏହା ମାନସିକ ଦୁଃଶ୍ଚିନ୍ତାର ବୋଝ ହୋଇଯାଏ, ସେ ଭାବପ୍ରବଣତାର ବିଭିନ୍ନ ପର୍ଯ୍ୟାୟ ଯଥା ଆନନ୍ଦ, କ୍ରୋଧ, ମାନସିକ ଅବସାଦ, ଓ ଅପରାଧ ବୋଧ ଦେଇ ଗତି କରିଥାଏ ।

## ଅଳ୍ପବୟସରେ ଗର୍ଭଧାରଣର ନିରାକରଣ

ଏଥିପାଇଁ ପରିବାରର ସମସ୍ତ ସଦସ୍ୟ ତଥା ସମାଜର ସବୁସ୍ତରରେ ସଚେତନତା ରହିବା ଉଚିତ । ସେଥିପାଇଁ ପରିବାର ନିୟନ୍ତ୍ରଣ, ପ୍ରଜନନ ସ୍ୱାସ୍ଥ୍ୟ ଏବଂ ଅବାଂଛିତ ଗର୍ଭଧାରଣ ବିଷୟରେ ସମସ୍ତଙ୍କର କିଛି ନା' କିଛି ଜ୍ଞାନରହିବା ଜରୁରୀ । ବିକାଶୋନ୍ମୁଖୀ ଦେଶମାନଙ୍କରେ ବିଶେଷକରି ଗାଁଗହଳିରେ ଝିଅମାନଙ୍କୁ ଖୁବ୍ ଶୀଘ୍ର ବିବାହ କରିଦିଆଯାଏ ଏବଂ ସେଥିରେ କନ୍ୟାପିତା କନ୍ୟାଦାୟରୁ ମୁକ୍ତ ହୋଇଯାନ୍ତି । ତେଣୁ ନିୟମ ଅନୁଯାୟୀ ଅଠର ବର୍ଷ ତଳକୁ ଝିଅକୁ ବିବାହ ଦେବା ଅନୁଚିତ ।



## ଗର୍ଭାବସ୍ଥାରେ ସତର୍କତା

ପ୍ରସୂତି ପରିଚର୍ଯ୍ୟାଗାରରେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କ ଦ୍ୱାରା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ରକ୍ତଚାପ ଆଦି ପରୀକ୍ଷା କରାଇନେବା ଉଚିତ୍ । ଏହାଛଡ଼ା ସୁଷମଖାଦ୍ୟ ଓ ଆଇରନ୍, କ୍ୟାଲସିୟମ୍ ଖାଇବା ପାଇଁ ପରାମର୍ଶ ଦେବା ଉଚିତ୍ ।

## ପ୍ରସବ ସମୟରେ ଏବଂ ତତ୍‌ପରବର୍ତ୍ତୀ ସମୟରେ ସତର୍କତା

ଅଳ୍ପବୟସର ଗର୍ଭବତୀ ନାରୀମାନଙ୍କର ପ୍ରସବ ସମୟରେ ଅନେକ ଜଟିଳତା ଦେଖାଦିଏ । ତେଣୁ ସେମାନେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ ମାନେ ଚିକିତ୍ସାଳୟରେ ସେମାନଙ୍କ ପ୍ରସବ କରାଇବା ଉଚିତ, ପ୍ରସବ ପରେ ପରେ ବେଶୀ ରକ୍ତକ୍ଷରଣ ଓ ସେପ୍‌ସିସ୍‌ର ଭୟ ଥାଏ । ତେଣୁ ସେସବୁକୁ ଏଡ଼ାଇବା ପାଇଁ ଉପଯୁକ୍ତ ପଦକ୍ଷେପମାନ ନେବା ଉଚିତ୍ । ଏହାଛଡ଼ା ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ ମା'ଟିକୁ ଉପଯୁକ୍ତ ଉପଦେଶ ଦେବା ଜରୁରୀ । ପ୍ରସବପରେ ପୁଣିଥରେ ଗର୍ଭଧାରଣ ନକରିବା ପାଇଁ ଝିଅଟିକୁ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବାକୁ ପ୍ରବର୍ତ୍ତାଇବା ଉଚିତ ।

ଅଳ୍ପବୟସର ମା'ମାନଙ୍କର ଆର୍ଥିକ ଓ ସାମାଜିକ ନିରାପତ୍ତା ନଥିବାରୁ ଏବଂ ଶିଶୁର ଲାଳନପାଳନ ବିଷୟରେ ସେମାନେ ଅଜ୍ଞ ଥିବାରୁ, ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ସେମାନେ ନେଇପାରନ୍ତି ନାହିଁ । ତେଣୁ ଶିଶୁମାନେ ଶାରୀରିକ ଓ ମାନସିକ ସ୍ତରରେ ଅବହେଳିତ ହୁଅନ୍ତି । ବେଳେବେଳେ ଅଳ୍ପବୟସରେ ଗର୍ଭଧାରଣର ଦୁଃଖ, ଅପମାନ, ସାମାଜିକ ନିନ୍ଦା ଓ କଳଂକ ତଥା ଆର୍ଥିକ ସଂକଟ ଏବଂ ଏକ ସଂପୂର୍ଣ୍ଣ ନୂତନ ଭୂମିକା ତାଙ୍କ ପାଇଁ ବିବାହ ବିଚ୍ଛେଦ ତଥା ଆତ୍ମହତ୍ୟା ଭଳି କଠୋର ପଦକ୍ଷେପ ନେବାକୁ ବାଧ୍ୟ କରିଥାଏ । ତେଣୁ କିଶୋରୀ କନ୍ୟାମାନଙ୍କର ପ୍ରଜନନକ୍ଷମ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ପିତା, ମାତା, ପରିବାର ବର୍ଗ, ଆତ୍ମୀୟସ୍ୱଜନ ତଥା ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞମାନେ ଏକ ସ୍ୱରରେ ସେମାନଙ୍କୁ ସୁରକ୍ଷାର ବଳୟ ଭିତରେ ସୁରକ୍ଷିତ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ୍ ।

# ପଶ୍ଚିମ ଭାରତର ଖାଦ୍ୟ



# ମରାଠୀ ଦୁଇଟି ବ୍ୟଞ୍ଜନ




ସ୍ନିଗ୍ଧା ତ୍ରିପାଠୀ

ଫଟୋ ସୌଜନ୍ୟ : ଲେଖିକା


## ପୁରନ୍ ପୋଲି



ମହାରାଷ୍ଟ୍ରର ପାରମ୍ପରିକ ଖାଦ୍ୟ ପୁରନ୍‌ପୋଲି । ଏହା ସାଧାରଣତଃ ଗଣେଷ ଚତୁର୍ଥୀ ଏବଂ ଦୀପାବଳିରେ ତିଆରି ହୋଇଥାଏ । ଏହାବ୍ୟତୀତ ଅନ୍ୟାନ୍ୟ ପାରମ୍ପରିକ ଓଷାବ୍ରତରେ ମଧ୍ୟ ଏଠାରେ ତିଆରି କରାଯାଏ । ଏହା ବହୁତ ସ୍ୱାଦିଷ୍ଟ ।

**ଆବଶ୍ୟକୀୟ ସାମଗ୍ରୀ:** ୨ କପ୍ ମଇଦା, ଅଳ୍ପ ଘିଅ, ଅଳ୍ପ ଲୁଣ, ଅଧା କପ୍ ଚଣାଡାଲି, ୬୫ ଗ୍ରାମ୍ ଗୁଡ଼, ୬୫ ଗ୍ରାମ୍ ଚିନି ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟିଏ ପାତ୍ରରେ ମଇଦା ନିଅନ୍ତୁ । ସେଥିରେ ୨ ଚାମଚ୍ ଘିଅ ପକାନ୍ତୁ । ଏହାପରେ ଚିମୁଟାଏ ଲୁଣ ପକାଇ ଭଲଭାବେ ମିଶାନ୍ତୁ । ଏହାପରେ ଅଳ୍ପ ଉଷୁମ୍ ପାଣିରେ ଚକୁଡ଼ାନ୍ତୁ । ଉତ୍ତମ ଭାବେ ଏହାକୁ ନରମ କରି ଚକୁଡ଼ି ସାରି ୨୦ରୁ ୨୫ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ଦିଅନ୍ତୁ ।

ଅନ୍ୟପଟେ ୨ଘଣ୍ଟା ପୂର୍ବରୁ ବତୁରା ହୋଇଥିବା ଚଣା ଡାଲିକୁ ପ୍ରେସର୍ କୁକର୍‌ରେ ବସାଇ ୨ଟି ସିଟି ପରେ ପ୍ରେସ୍‌ର କୁକୁର୍‌ରୁ କାଢ଼ି ଟିକେ ଥଣ୍ଡା ହେବାକୁ ଛାଡ଼ି ଦିଅନ୍ତୁ । ଥଣ୍ଡା ହୋଇଗଲେ ଗ୍ରାଇଣ୍ଡିଂ କରନ୍ତୁ । ଏହାପରେ ଗ୍ୟାସ୍‌ରେ ପ୍ୟାନ୍ ରଖି ଗ୍ରାଇଣ୍ଡିଂ କରିଥିବା ଚଣାଡାଲି ପକାନ୍ତୁ । ଗୁଡ଼ ପକାନ୍ତୁ । ତା'ପରେ ଚିନ୍ନିଧ୍ୟ ପକାନ୍ତୁ । ଏସବୁକୁ ଭଲଭାବେ ମିଶାନ୍ତୁ । ପରେ ପରେ ଗ୍ୟାସ୍ ବନ୍ଦ କରି ଥଣ୍ଡା ହେବାକୁ କିଛି ସମୟ ଛାଡ଼ି ଦିଅନ୍ତୁ ।

ଏବେ ଚକଟା ହୋଇଥିବା ମଇଦାରେ ଗୁଳା କରି ବେଲଣାପେଡ଼ି ଉପରେ ଟିକେ ଘିଅ ପକାନ୍ତୁ । ଏହାପରେ ପ୍ରସ୍ତୁତ ହୋଇଥିବା ଗୁଳାକୁ ବେଲି ଛୋଟ ରୁଟି ପ୍ରସ୍ତୁତ କରିବା ପରେ ଏହା ଭିତରେ ପ୍ରସ୍ତୁତ ହୋଇଥିବା ଚଣାଡାଲି ଷ୍ଟଫିଙ୍ଗ୍ ଦିଅନ୍ତୁ । ଏହାକୁ ବନ୍ଦ କରି ଉତ୍ତମ ଭାବେ ପତଳା କରି ଗୋଟେ ବଡ଼ ରୁଟିଟିଏ ପ୍ରସ୍ତୁତ କରନ୍ତୁ ।

ଗ୍ୟାସ୍ ଉପରେ ତାୱା ବସାଇ ସେହି ରୁଟିକୁ ପକାଇ, ଦୁଇ ପଟରେ ଘିଅ ଦେଇ ବ୍ରାଉନ୍ ହେବା ପର୍ଯ୍ୟନ୍ତ ସେକନ୍ତୁ । ଏହାପରେ ପ୍ଲେଟ୍‌କୁ କାଢ଼ି ଆଣନ୍ତୁ । ଏହାକୁ ମିଠା ଆମ୍ବ ଆଚାର କି ମିଠା ଲେମ୍ବୁ ଆଚାର ସହ ସକାଳ ଜଳଖିଆରେ ଖାଇ ପାରିବେ ।

ଆପଣ ଏହାକୁ ଏୟାର ଟାଇଟ୍ ଡବାରେ ୭ରୁ ୮ ଦନ ପର୍ଯ୍ୟନ୍ତ ମଧ୍ୟ ରଖି ଖାଇପାରିବେ ।

## ବାସୁନ୍ଦି



ବାସୁନ୍ଦି ସାଧାରଣତଃ ମହାରାଷ୍ଟ୍ର ଓ ଗୁଜୁରାଟରେ ତିଆରି ହୁଏ । ଖାଇବାକୁ ମଧ୍ୟ ସ୍ୱାଦିଷ୍ଟ ।

**ଆବଶ୍ୟକୀୟ ସାମଗ୍ରୀ:** ୪ କପ୍ କ୍ଷୀର, ୧/୩ କପ୍ ଚିନି, ୧ ଚାମଚ୍ ଆଲ୍‌ମଣ୍ଡ, ୨ ଚାମଚ କାଜୁ, ୬-୭ଟି ପିସ୍ତା, ୪ଟି ଗୁଜୁରାତି, ଚିମୁଟାଏ କେସର, ଚିମୁଟାଏ ନଟ୍‌ମେଗ୍ ପାଉଡ଼ର ।

**ପ୍ରସ୍ତୁତି ପ୍ରଣାଳୀ:** ବାସୁନ୍ଦି ତିଆରି କରିବା ପାଇଁ ସର୍ବପ୍ରଥମେ ଗୋଟିଏ ପାତ୍ରରେ କ୍ଷୀରକୁ ରଖି ଗ୍ୟାସ୍‌ରେ ଫୁଟାନ୍ତୁ । କାଜୁ, ଆଲ୍‌ମଣ୍ଡ ଓ ପିସ୍ତାକୁ ଛୋଟ ଛୋଟ ଖଣ୍ଡ କରନ୍ତୁ ଏବଂ ଗୁଜୁରାତିକୁ ଗ୍ରାଇଣ୍ଡିଂ କରନ୍ତୁ । କ୍ଷୀର ଭଲଭାବେ ଫୁଟିଲା ପରେ କାଜୁ, ଆଲ୍‌ମଣ୍ଡ, କେଶର, ନଟ୍‌ମେଗ୍ ପାଉଡ଼ରକୁ ପକାଇ ଗୋଳାନ୍ତୁ । କ୍ଷୀର ଭଲ ଭାବେ ଗାଢ଼ ହେବା ପର୍ଯ୍ୟନ୍ତ ଗୋଳାଉଥାନ୍ତୁ । ଏହାପରେ ଚିନି ଏବଂ ଗୁଜୁରାତି ଗୁଣ୍ଡକୁ ପକାଇ ଟିକେ ସମୟ ଫୁଟାନ୍ତୁ । ପରେ ଏହାକୁ ଗୋଟେ ପାତ୍ରରେ କାଢ଼ି ରଖନ୍ତୁ । ଏହାପରେ ପିସ୍ତାକୁ ବାସୁନ୍ଦି ଉପରେ ଦେଇ ସଜାନ୍ତୁ । ଏହାକୁ ୩ ଘଣ୍ଟା ଫ୍ରିଜ୍‌ରେ ରଖି ତା'ପରେ ଥଣ୍ଡା ଥଣ୍ଡା ଖାଇଲେ ଏହାର ସ୍ୱାଦ ଦ୍ୱିଗୁଣିତ ହୋଇଥାଏ । ଏହାକୁ ଫ୍ରିଜ୍‌ରେ ୩ଦିନ ପର୍ଯ୍ୟନ୍ତ ରଖି ଆମେ ଖାଇ ପାରିବା ।

ମୁଦ୍ରା

ଜ୍ଞାନପୀଠ ବିଜୟିନୀ ଏବଂ ଭାରତୀୟ ଜ୍ଞାନପୀଠ ଚୟନ ସମିତିର ପ୍ରଥମ ମହିଳା ଅଧ୍ୟକ୍ଷା, ପ୍ରଖ୍ୟାତ ଲେଖିକା **ପ୍ରତିଭା ରାୟ**

**ଉବର୍ତ୍ତ** ପାଇଁ ସ୍ୱତନ୍ତ୍ର ମୁଦ୍ରାରେ

ଫଟୋଗ୍ରାଫି : ଆଦିତ୍ୟ ରାଉତ

**ଶୁଭେଚ୍ଛା ସହ...**

ପ୍ରତିଭା ରାୟ



ଶେଷକଥା

# ସାହିତ୍ୟରେ ନାରୀ-ପୁରୁଷ ବିଚାରବୋଧ

ମୋର ଜଣେ ଲେଖକ ବନ୍ଧୁ ଥରେ ମୃଦୁ ପରିହାସ ଛଳରେ ଆରୋପ କଲେ ଯେ, ମୁଁ କୁଆଡ଼େ ନାରୀମାନଙ୍କ ଲେଖାକୁ ବେଶୀ ପଢୁଛି । ସେମାନଙ୍କୁ ବେଶୀ ଗୁରୁତ୍ୱ ଦେଉଛି । ସେମାନଙ୍କ ଲେଖାର ମୂଲ୍ୟାୟନ ଦିଗରେ ମୁଁ ମୋର ସମସ୍ତ ଶକ୍ତି ବିସର୍ଜନ କରୁଛି । ନାରୀମାନଙ୍କ ପ୍ରତି ଏପରି ଏକ ବିପରୀତ ବିଚାର ପୋଷଣ କରି ଲେଖକ ବନ୍ଧୁଜଣକ ନିଜକୁ ଯେ ପତିତ ସ୍ତରକୁ ଘେନିଗଲେ, ତାହାର ଅବବୋଧ ସୁଦ୍ଧା ତାଙ୍କ ପାଖରେ ନଥିବା ଜାଣି ମୁଁ କେବଳ ଉତ୍ତରରେ ସ୍ମିତ ହାସ୍ୟଟିଏ ତାଙ୍କ ଆଡ଼କୁ ଫିଙ୍ଗି କହିଲି, ମୋ ବିଚାରରେ ନର ଓ ନାରୀ ଭେଦ ପ୍ରଧାନତଃ ଶାରୀରିକ । ଅନ୍ୟ ସମସ୍ତ ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ କ୍ଷେତ୍ର ବିଶେଷରେ ଏହି ଭେଦ କେବଳ ନିରର୍ଥକ ନୁହେଁ, ଅଧିକନ୍ତୁ ବ୍ୟକ୍ତିମାନସର ନୀଚ ବିଚାରଧାରାର ପରିପ୍ରକାଶ ଛଡ଼ା ଆଉ କିଛି ହୋଇପାରେନା । ବନ୍ଧୁଙ୍କୁ ବୋଧେ ମୋ କଥା ପସନ୍ଦଯୋଗ୍ୟ ଲାଗିଲା ନାହିଁ । ନହେବା ସ୍ୱାଭାବିକ । କାରଣ ନାରୀ ପ୍ରତି ଏପରି ଏକ ଅସହିଷ୍ଣୁ ଭାବକୁ ନିଜ ଭିତରେ ପାଳିପୋଷି ବଡ଼ କରିଥିବା ବ୍ୟକ୍ତିସତ୍ତା ଏତେ ସଅଳ ବଦଳି ଯିବ ନାହିଁ । ସୁତରାଂ ମୁଁ ମତବିନିମୟରୁ ବିରତ ହେଲି ।




ସାହିତ୍ୟରେ ଲିଙ୍ଗଭେଦ କଥାଟି ଅପରିହାର୍ଯ୍ୟ କି ? ଏ ପ୍ରସଙ୍ଗରେ ହୁଏତ ଅନେକେ ମୋ ସହ ଏକମତ ହେବେ ଏବଂ ବାକିମାନେ ଅମତ ହେବେ । ଆମେ ଅନେକ ସମୟରେ ଲକ୍ଷ୍ୟ କରିଥିବା, ନାରୀମାନଙ୍କୁ ସାମାଜିକ ସ୍ତରରେ ଟିକିଏ ଆଗେଇଯିବା ଦେଖିଲେ କିଛି ବ୍ୟକ୍ତିବିଶେଷ ନିଜ ସହିତ ତୁଳନା କରି ନିଜେ ପଛରେ ପଡ଼ିଯିବା ଆଶଙ୍କାରେ ଏହାକୁ ବିରୋଧ କରନ୍ତି । ଏହାସହ ଜଡ଼ିତ ଥାଏ ପୁରୁଷତାନ୍ତ୍ରିକ ଅହଂ ବା 'ଇଗୋ' । ଏହି 'ଅହଂ'କୁ ଜାବୁଡ଼ି ଧରିଥିବା ଲୋକମାନେ ହିଁ ଉଚ୍ଚଶିକ୍ଷିତ ହୋଇ ସୁଦ୍ଧା ନିଜ ଭିତରେ ସାଇତିଥାନ୍ତି ଯାବତୀୟ ହୀନମଣ୍ୟତା । ଏମାନଙ୍କୁ ଆମେ ଅଭ୍ୟାସଗତ ପ୍ରତିବାଦୀ ବା ବିରୋଧୀ ବୋଲି ବିବେଚନା କରି ଉପେକ୍ଷା କରିଥାଉଁ ଶେଷରେ ।

ଆମେ ଦେଖିଥିବା, ଇଂରାଜିରେ 'actor' ବୋଲି ଯୋଉ ଶବ୍ଦଟି ବ୍ୟବହାର କରାଯାଏ, ତାହା 'act' କରୁଥିବା ଉଭୟ ନାରୀ ଓ ପୁରୁଷଙ୍କୁ ବୁଝାଇଥାଏ । ଏଠାରେ 'ବ୍ୟକ୍ତି' ଭାବରେ ବିବେଚନା କରାଯାଏ ପରଫର୍ମାନ୍ସ କରୁଥିବା ଉଭୟଙ୍କୁ । ଅର୍ଥାତ୍ ନାରୀ ବି ଏଠାରେ ଏକ ବ୍ୟକ୍ତି । ହେଲେ ଓଡ଼ିଆ ସାହିତ୍ୟରେ ନାରୀକୁ ଏବେ ବି 'ବସ୍ତୁ' ବା ସେଇପରି କିଛି ନିମ୍ନବର୍ଗ ଓ ଅଧିକାର ନଥିବା ଗୋଟେ 'ଜିନିଷ' ବୋଲି ଭାବନ୍ତି ଥୋକେ । ଆମର ତ ଲେଖାଯାଏ 'ନାରୀକବି' । ଏ ପୁଣି କେଉଁ ପ୍ରକାର ଭାଷା । କବି ତ କବି, ତହିଁରୁ ନାରୀକୁ ଅଲଗା ଭାବେ ଚିହ୍ନାଇବାର ଆବଶ୍ୟକତା ବା କ'ଣ ? କିଛି ତ ଆଉ ଟିକିଏ ଆଗକୁ ଯାଇ 'କବୀ' ବି ଲେଖନ୍ତି, 'କବୟିତ୍ରୀ' ବି ଲେଖନ୍ତି । ଏସବୁ ଶବ୍ଦ ଭାଷାକୋଷରେ ଥାଏ । ଥାଉ । କିନ୍ତୁ ଆମେ ତାକୁ ବ୍ୟବହାର କରୁଛେ କେଉଁ ପ୍ରକାର ମାନସିକତା ନେଇ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ ।

କହିବାର କଥା ହେଲା ସାହିତ୍ୟ ସଂରଚନାରେ ବ୍ରତୀ ଆମେ ସମସ୍ତେ କ'ଣ ଭାବି ପାରିବା ନାହିଁ, ଆମ ସହିତ ସମାନ ହୋଇ ନାରୀମାନେ ବି ଚାଲନ୍ତୁ ! ଚାଲିଲେ କଣ କ୍ଷତି ଘଟିବ ଆମର ! ସାହିତ୍ୟ ବିଷୟକ ଚୟନ ବେଳେ ଯଦି କୌଣସି ନାରୀ ଲେଖକ ସଂଖ୍ୟା ଦୃଷ୍ଟିରୁ ଆଗରେ ରହିଲେ, ତେବେ ଉଦାର ମନରେ ଆମେ କ'ଣ ସେମାନଙ୍କର ଏଇ ଅଗ୍ରଗତିକୁ ଗ୍ରହଣ କରି ନେଇ ପାରିବାନି ! ଆମ ଭିତରେ କ'ଣ ସେଇ 'ନାରୀ-ଭାବ'ଟି ନାହିଁ, ଯେଉଁ 'ନାରୀ-ଭାବ'ଟି ଆମେ ଆମ ଘରର ନାରୀମାନଙ୍କ କ୍ଷେତ୍ରରେ ରଖିଥାଉଁ । ଆମ ଘରେ ଆମ ଝିଅଟିଏ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ବାପା, ଭାଇ ହିସାବରେ ଆମେ ତ ଚିହିଁକି ଉଠୁନା କି ଯେଉଁ ବର୍ଷ ପରୀକ୍ଷାରେ ଝିଅମାନେ ଫଳାଫଳରେ ଆଗୁଆ ଥାଆନ୍ତି ଆମେ ପ୍ରଶ୍ନ କରୁନା । ସେମାନଙ୍କ ଦକ୍ଷତା, ସେମାନଙ୍କର । ସେଇ ଦକ୍ଷତା ଓ ଜ୍ଞାନବୁଦ୍ଧି ବଳରେ ସେମାନେ ଆଗରେ ରହିଲେ ତ ଆମେ କାହିଁକି ଚିକ୍ରାର କରୁ ? ସାହିତ୍ୟ କ୍ଷେତ୍ରରେ ହେଉ କି ଅନ୍ୟ ଯେକୌଣସି ସାମାଜିକ କ୍ଷେତ୍ରରେ ହେଉ, ନାରୀମାନଙ୍କୁ ସଂଖ୍ୟାଦୃଷ୍ଟିରୁ ଅଧିକ ଦେଖି ଅସହିଷ୍ଣୁ ଭାବ ପ୍ରକାଶ କରୁଥିବା ବ୍ୟକ୍ତିମାନେ କ'ଣ ଭୁଲି ଯାଆନ୍ତି, ନିଜ ନିଜ ଘରେ ଆମେ ବି ଝିଅର, ପତ୍ନୀର କି ମାଆର ବିଶେଷ ପାରଦର୍ଶିତା ଦେଖି ଖୁସି ହେଉ । ଅଥଚ ବାହାରେ ଅନ୍ୟ କୋଉଠି ଏ କଥାକୁ ଗ୍ରହଣ କରିବାକୁ କୁଣ୍ଠିତ । ଏ କି ପ୍ରକାର ବିଚାରବୋଧ ସତରେ !

ନାରୀମାନେ ଯଦି ସାହିତ୍ୟ କ୍ଷେତ୍ରରେ ଅଧିକ ସୃଜନକ୍ଷମ ହେଲେ, ଅଧିକ ସଂଖ୍ୟକ ଲେଖିଲେ, ଏଥିରେ ଆମେମାନେ ଘର ପରି ଉତ୍ସବ ମନେଇବା ଉଚିତ । କାରଣ ସାହିତ୍ୟ ବି ତ ଗୋଟେ ଘର । ଏ ସାହିତ୍ୟ ଘରେ କାହିଁକି ରହିବ ନାରୀ ବିଭେଦର ଗାର ! କାହିଁକି ଏପରି ଏକ ହୀନ ମନୋବୃତ୍ତିକୁ ଜାବୁଡ଼ି ଧରି ଆମେ ଲେଖକ ବୋଲାଇବା ? ସାହିତ୍ୟ କ୍ଷେତ୍ରରେ ଯେଉଁମାନେ ସଂଶ୍ଲିଷ୍ଟ, ଆସନ୍ତୁ ସମସ୍ତେ ନାରୀ ବିଦ୍ୱେଷ ମନୋଭାବ ତ୍ୟାଗ କରି ଗଢିବା ଏକ ଅଲଗା ପୃଥିବୀ : ନାରୀର ପୃଥିବୀ ।


श्रीhari·Inn
Live the life, the right way.
Luxurious Hospitality at a New Address
FACILITIES
• Travel Desk
• Multi Cuisine Family Restaurant
• 24 Hrs. Room Service Facilities
• Express Check in / Check out
• Wi-Fi Internet Connectivity
• All Major Cards Accepted
• Car Parking Facilities in front of Hotel
• Conference Hall to Accommodates 50 Pax
HOTEL & RESTAURANT
Station Road, Balasore, Mob : 9861036571, 7894544906
www.shreehariinn.com
facebook.com/shreehariinn

The **REBATI AMA MATIRA SWARA** • March 2019 Vol - 1 Issue - 6 • R.N.I. Title Code : ODIODI 07916 • Rs. 30
Total Page : 108




Associate editor : **Krushna Kumar Mohanty** Editor : **Subasini Jena**